Odia/ଓଡ଼ିଆ

सत्यमेव जयते

# ଜାତୀୟ ଶିକ୍ଷା ନୀତି 2020

ଶିକ୍ଷା ମନ୍ତ୍ରାଳୟ
ଭାରତ ସରକାର

| ଅଧ୍ୟାୟ | ବିଷୟବସ୍ତୁ | ପୃ.ସଂ. |
|---|---|---|
| | ଉପକ୍ରମ | 3 |
| | **ଭାଗ I : ବିଦ୍ୟାଳୟ ଶିକ୍ଷା** | |
| 1 | ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା : ଶିକ୍ଷାର ମୂଳଦୁଆ | 8 |
| 2 | ମୌଳିକ ସାକ୍ଷରତା ଏବଂ ସଂଖ୍ୟା ଜ୍ଞାନ: ଶିକ୍ଷଣ ପାଇଁ ଏକ ଜରୁରୀ ଓ ଆବଶ୍ୟକୀୟ ସର୍ତ୍ତ | 9 |
| 3 | ପାଠତ୍ୟାଗୀ ହାର ହ୍ରାସ  କରିବା ଏବଂ ଶିକ୍ଷାର ସମସ୍ତ ସ୍ତରରେ ସାର୍ବଜନୀନ ସୁଯୋଗ ସୁନିଶ୍ଚିତ କରିବା | 11 |
| 4 | ବିଦ୍ୟାଳୟରେ ପାଠ୍ୟକ୍ରମ ଏବଂ ଶିକ୍ଷାଦାନ : ଶିକ୍ଷଣ ଶାସ୍ତ୍ର ଶିକ୍ଷଣ ସାମଗ୍ରିକ, ସମନ୍ୱିତ, ଆନନ୍ଦଦାୟୀ ଏବଂ ଅଂଶଗ୍ରହଣାତ୍ମକ ହେବା ଆବଶ୍ୟକ | 13 |
| 5 | ଶିକ୍ଷକ | 24 |
| 6 | ସମତା ଏବଂ ଅନ୍ତର୍ନିବେଶୀ ଶିକ୍ଷା : ସମସ୍ତଙ୍କ ପାଇଁ ଶିକ୍ଷା | 29 |
| 7 | ବିଦ୍ୟାଳୟ ସଙ୍ଗମ / ଆଞ୍ଚଳିକ କେନ୍ଦ୍ର ମାଧ୍ୟମରେ କୁଶଳୀ ସମ୍ବଳ ଓ ପ୍ରଭାବୀ ଶାସନ | 34 |
| 8 | ବିଦ୍ୟାଳୟ ଶିକ୍ଷା ପାଇଁ ମାନକ ସ୍ଥାପନା ଓ ସ୍ୱୀକୃତି | 37 |
| | **ଭାଗ II : ଉଚ୍ଚ ଶିକ୍ଷା** | |
| 9 | ଗୁଣାତ୍ମକ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ : ଭାରତର ଉଚ୍ଚ ଶିକ୍ଷା ବ୍ୟବସ୍ଥା ପାଇଁ ଏକ ନୂତନ ଓ ଦୂରଦର୍ଶୀ ପୁରୋଦୃଷ୍ଟି | 40 |
| 10 | ଅନୁଷ୍ଠାନିକ ପୁନର୍ଗଠନ ଓ ଏକୀକରଣ | 42 |
| 11 | ଅଧିକ ସାମଗ୍ରିକ ଓ ବହୁ-ବିଷୟକ ଶିକ୍ଷା ଦିଗରେ | 45 |
| 12 | ଶିକ୍ଷାର୍ଥୀଙ୍କ ପାଇଁ ସର୍ବୋତ୍କୃଷ୍ଟ ଶିକ୍ଷଣ  ପରିବେଶ ଓ ସହାୟତା | 47 |
| 13 | ଅଭିପ୍ରେରିତ, ସକ୍ରିୟ ଓ ଦକ୍ଷ ଅଧ୍ୟାପକ | 50 |
| 14 | ଉଚ୍ଚ ଶିକ୍ଷାରେ ସମତା ଓ ଅନ୍ତର୍ନିବେଶ | 51 |
| 15 | ଶିକ୍ଷକ ଶିକ୍ଷା | 52 |
| 16 | ଧନ୍ଦାମୂଳକ ଶିକ୍ଷାର ପୁନର୍କଳ୍ପନା | 54 |
| 17 | ଏକ ନୂତନ ଜାତୀୟ ଗବେଷଣା ସଂସ୍ଥା ମାଧ୍ୟମରେ ସମସ୍ତ କ୍ଷେତ୍ରରେ ଗୁଣାତ୍ମକ ଶିକ୍ଷା ଗବେଷଣା | 56 |
| 18 | ଉଚ୍ଚ ଶିକ୍ଷାର ନିୟାମକ ବ୍ୟବସ୍ଥାରେ ପରିବର୍ତ୍ତନ | 58 |

| | | |
|---|---|---|
| 19 | ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକ ପାଇଁ ପ୍ରଭାବଶାଳୀ ପ୍ରଶାସନ ଓ ନେତୃତ୍ୱ | 61 |
| **ଭାଗ III : ଅନ୍ୟାନ୍ୟ ପ୍ରମୁଖ କ୍ଷେତ୍ରଗୁଡ଼ିକ** | | |
| 20 | ବୃତ୍ତିଗତ ଶିକ୍ଷା | 62 |
| 21 | ପ୍ରୌଢ଼ ଶିକ୍ଷା ଓ ଜୀବନବ୍ୟାପୀ ଶିକ୍ଷଣ | 63 |
| 22 | ଭାରତୀୟ ଭାଷା, କଳା ଓ ସଂସ୍କୃତିର ପ୍ରୋତ୍ସାହନ | 66 |
| 23 | ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଏବଂ ସମନ୍ୱିତୀକରଣ | 70 |
| 24 | ଅନଲାଇନ୍ ଏବଂ ଡିଜିଟାଲ ଶିକ୍ଷା : ପ୍ରଯୁକ୍ତିର ସମାନ ବ୍ୟବହାର ନିଶ୍ଚିତ କରିବା | 72 |
| **ଭାଗ IV : ଏହାକୁ ସମ୍ଭବ କରିବା** | | |
| 25 | କେନ୍ଦ୍ରୀୟ ଶିକ୍ଷା ପରାମର୍ଶଦାତା ବୋର୍ଡ଼ର ସୁଦୃଢ଼ୀକରଣ | 75 |
| 26 | ଆର୍ଥିକ ସହାୟତା : ସମସ୍ତଙ୍କ ପାଇଁ ସୁଲଭ ଓ ଗୁଣାତ୍ମକ ଶିକ୍ଷା | 75 |
| 27 | କାର୍ଯ୍ୟାନ୍ୱୟନ | 77 |
| | ସଂକ୍ଷିପ୍ତ ଶବ୍ଦଗୁଡ଼ିକର ତାଲିକା | 78 |

## ଉପକ୍ରମ

ଶିକ୍ଷା ହେଉଛି ପୂର୍ଣ୍ଣ ମାନବୀୟ କ୍ଷମତାପ୍ରାପ୍ତ କରିବା ପାଇଁ ଏକ ନ୍ୟାୟ ସଙ୍ଗତ ଓ ସମାନତାଯୁକ୍ତ ସମାଜର ବିକାଶ ତଥା ରାଷ୍ଟ୍ରୀୟ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ । ଗୁଣାତ୍ମକ ଶିକ୍ଷା ପାଇଁ ସାର୍ବଜନୀନ ସୁଯୋଗ ସୃଷ୍ଟି କରିବା ପାଇଁ ଭାରତ କ୍ରମାଗତ ପ୍ରଚେଷ୍ଟା ଜାରି ରଖିଛି ଏବଂ ଆର୍ଥିକ ବିକାଶ, ସାମାଜିକ ନ୍ୟାୟ ଓ ସମାନତା, ବୈଜ୍ଞାନିକ ପ୍ରଗତି, ଜାତୀୟ ସଂହତି ଓ ସାଂସ୍କୃତିକ ସଂରକ୍ଷଣ ସଂଦର୍ଭରେ ବିଶ୍ୱସ୍ତରରେ ନେତୃତ୍ୱ ନେଉଅଛି । ବ୍ୟକ୍ତିବିଶେଷ, ସମାଜ, ଦେଶ ଓ ବିଶ୍ୱର ମଙ୍ଗଳ ପାଇଁ ଆମ ଦେଶର ସମୃଦ୍ଧ ପ୍ରତିଭା ଏବଂ ସମ୍ବଳର ବିକାଶ ତଥା ସର୍ବୋଚ୍ଚୀକରଣ ପାଇଁ ସାର୍ବଜନୀନ ଉଚ୍ଚମାନର ଶିକ୍ଷା ହେଉଛି ସର୍ବୋତ୍ତମ ମାର୍ଗ । ଆଗାମୀ ଦଶନ୍ଧି ମଧ୍ୟରେ ଭାରତରେ ବିଶ୍ୱର ଯୁବପିଢ଼ୀଙ୍କ ସଂଖ୍ୟା ସର୍ବାଧିକ ହେବ ଏବଂ ସେମାନଙ୍କୁ ଉଚ୍ଚମାନର ଶୈକ୍ଷିକ ସୁଯୋଗ ଯୋଗାଇ ଦେବାର କ୍ଷମତା ଆମ ଦେଶର ଭବିଷ୍ୟତ ସ୍ଥିର କରିବ ।

2015 ରେ ଭାରତ ଦ୍ୱାରା ଗ୍ରହଣ କରାଯାଇଥିବା ନିରନ୍ତର ବିକାଶ ପାଇଁ 2030 କାର୍ଯ୍ୟସୂଚୀର ଲକ୍ଷ୍ୟ 4ରେ ପ୍ରତିଫଳିତ ହୋଇଥିବା ବିଶ୍ୱ ଶିକ୍ଷା ବିକାଶ କାର୍ଯ୍ୟସୂଚୀ-2030 ସୁଦ୍ଧା "ଅନ୍ତର୍ନିବେଶୀ ଏବଂ ସମାନତା ଭିତ୍ତିକ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିବା ଏବଂ ସମସ୍ତଙ୍କ ପାଇଁ ଜୀବନବ୍ୟାପୀ ଶିକ୍ଷା ସୁଯୋଗକୁ ପ୍ରୋତ୍ସାହିତ କରିବା  ପାଇଁ ଚେଷ୍ଟା କରୁଛି । ଏହିପରି ଏକ ସୁଉଚ୍ଚଲକ୍ଷ୍ୟ ଶିକ୍ଷଣକୁ ସମର୍ଥନ ଏବଂ ପ୍ରୋତ୍ସାହିତ କରିବା ପାଇଁ ସମସ୍ତ ଶିକ୍ଷା ବ୍ୟବସ୍ଥାକୁ ପୁନର୍ବିନ୍ୟାସ କରିବା ଆବଶ୍ୟକ, ଯଦ୍ୱାରା ସ୍ଥାୟୀ ବିକାଶ ପାଇଁ 2030ର କାର୍ଯ୍ୟସୂଚୀ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ଓ ଇପ୍ସିତ ଉଦ୍ଦେଶ୍ୟ ହାସଲ ହୋଇପାରିବ ।

ଜ୍ଞାନ ପରିଦୃଶ୍ୟରେ ବିଶ୍ୱରେ ଦ୍ରୁତ ପରିବର୍ତ୍ତନର ଯୁଗ ଚାଲୁରହିଛି । ବିଭିନ୍ନ ନାଟକୀୟ ବୈଜ୍ଞାନିକ ଏବଂ ବୈଷୟିକ ଜ୍ଞାନକୌଶଳ ଅଗ୍ରଗତି ସହିତ (ଯେପରିକି-ବଡ଼ ତଥ୍ୟର ବୃଦ୍ଧି, ମେସିନ ଶିକ୍ଷଣ ଏବଂ କୃତ୍ରିମ ବୁଦ୍ଧିମତାର ଉଦୟ) ବିଶ୍ୱବ୍ୟାପୀ ଅନେକ ଅଣକୁଶଳୀ ଚାକିରୀକୁ ମେସିନ ଦ୍ୱାରା ସଂପାଦନ କରାଯାଇପାରେ, ଯେତେବେଳେ ଗଣିତ, କମ୍ପ୍ୟୁଟର ବିଜ୍ଞାନ ଏବଂ ତଥ୍ୟ ବିଜ୍ଞାନ ସହିତ ଜଡ଼ିତ ଏକ କୁଶଳୀ କାର୍ଯ୍ୟବଳର ଆବଶ୍ୟକତା ରହିବ, ବିଶେଷ କରି ବିଜ୍ଞାନ, ସାମାଜିକ ବିଜ୍ଞାନ ଏବଂ ମାନବିକୀରେ ବହୁମୁଖୀ ଦକ୍ଷତା ବିଶିଷ୍ଟ ବ୍ୟକ୍ତିଙ୍କର ଅଧିକରୁ ଅଧିକ ଚାହିଦାର ବୃଦ୍ଧିହେବ । ଜଳବାୟୁରେ ପରିବର୍ତ୍ତନ, ପ୍ରଦୂଷଣ ବୃଦ୍ଧି ଏବଂ ପ୍ରାକୃତିକ ସମ୍ପଦ ହ୍ରାସ ସହିତ ଆମେ କିପରି ବିଶ୍ୱର ଶକ୍ତି, ଜଳ, ଖାଦ୍ୟ ଓ ପରିମଳର ଆବଶ୍ୟକତାକୁ ପୂରଣ କରିବୁ ସେଥିରେ ବଡ଼ ପରିବର୍ତ୍ତନ ହେବ, ଯଦ୍ୱାରା, ବିଶେଷତଃ ଜୀବବିଜ୍ଞାନ, ରସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ, କୃଷି, ଜଳବାୟୁ ବିଜ୍ଞାନ ଏବଂ ସାମାଜିକ ବିଜ୍ଞାନ କ୍ଷେତ୍ରରେ ନୂତନ କୁଶଳୀ ଶ୍ରମର ଆବଶ୍ୟକତା ପଡ଼ିବ । ସଂକ୍ରାମକ ରୋଗ ଓ ମହାମାରୀର ବଢୁଥିବା ଆବିର୍ଭାବ ମଧ୍ୟ ସଂକ୍ରାମକ ରୋଗ ପରିଚାଳନା ତଥା ଟୀକାର ବିକାଶରେ ସହଯୋଗୀ ଅନୁସନ୍ଧାନ ପାଇଁ ଆହ୍ୱାନ କରିବ ଏବଂ ସାମାଜିକ ସମସ୍ୟାଗୁଡ଼ିକ ବହୁବିଷୟକ ଶିକ୍ଷାର ଆବଶ୍ୟକତାକୁ ବଢ଼ାଇବ । ମାନବିକୀ ଏବଂ କଳା ପାଇଁ ଚାହିଦା ବଢ଼ିବ, କାରଣ ଭାରତ ଏକ ବିକଶିତ ରାଷ୍ଟ୍ର ଆଡ଼କୁ ଅଗ୍ରଗତି କରୁଛି ଓ ବିଶ୍ୱର ତିନୋଟି ବୃହତ୍ତମ ଅର୍ଥନୀତି ମଧ୍ୟରେ ସ୍ଥାନ ପାଇଛି ।

ପ୍ରକୃତରେ, ଦ୍ରୁତଗତିରେ ବଦଳୁଥିବା ନିଯୁକ୍ତି ପରିଦୃଶ୍ୟ ଏବଂ ବିଶ୍ୱ ପାରିସ୍ଥିତିକ ବ୍ୟବସ୍ଥାରେ ଏହା କେବଳ ଗୁରୁତ୍ୱପୂର୍ଣ୍ଣ ଯେ, ପିଲାମାନେ କେବଳ ଶିଖନ୍ତି ନାହିଁ ବରଂ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି କିପରି ଶିଖିବାକୁ ହୁଏ ତାହା ଶିଖିବା । ଶିକ୍ଷା ଏହିପରି, କମ୍ ବିଷୟବସ୍ତୁ ଆଡ଼କୁ ଗତି କରିବ ଏବଂ ଅଧିକ ଭାବେ କିପରି ଜଟିଳ ଚିନ୍ତନ କରିବାକୁ ହେବ ଓ ସମସ୍ୟା ସମାଧାନ କରାଯିବ, କିପରି ସୃଜନଶୀଳ ଏବଂ ବହୁମୁଖୀ ହୋଇପାରିବ, କିପରି ନୂଆନୂଆ ସାମଗ୍ରୀକୁ ନୂଆ ଢଙ୍ଗରେ ବଦଳା ଯାଇପାରିବ, ଅନୁକୂଳିତ କରାଯିବ ଓ ଅବଶୋଷିତ କରାଯିବ ତାହା ଶିଖିବାକୁ ଅଗ୍ରସର କରାଇବ । ଶିକ୍ଷାକୁ ଅଧିକ ଅଭିଜ୍ଞତାଭିତ୍ତିକ, ସାମଗ୍ରୀକ, ସମନ୍ୱିତ, ଅନୁସନ୍ଧାନ ପରିଚାଳିତ, ଆବିଷ୍କାର- ଆଧାରିତ, ଶିକ୍ଷାର୍ଥୀ-କେନ୍ଦ୍ରିକ, ଆଲୋଚନା-ଆଧାରିତ, ନମନୀୟ ଏବଂ ଅବଶ୍ୟ ଆନନ୍ଦଦାୟୀ କରିବା ପାଇଁ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାର ବିକାଶ ହେବା ଆବଶ୍ୟକ । ବିଜ୍ଞାନ ଓ ଗଣିତ ସହିତ ମୌଳିକ କଳା, ହସ୍ତଶିଳ୍ପ, ମାନବିକୀ, ଖେଳ, କ୍ରୀଡ଼ା ଓ ଫିଟ୍‌ନେସ, ଭାଷା ସମୂହ, ସାହିତ୍ୟ, ସଂସ୍କୃତି ଏବଂ ମୂଲ୍ୟବୋଧକୁ ପାଠ୍ୟକ୍ରମର ଅନ୍ତର୍ଭୁକ୍ତ କରାଯିବ । ଶିକ୍ଷାର୍ଥୀମାନଙ୍କର ସମସ୍ତ ଦିଗ ଏବଂ ସାମର୍ଥ୍ୟର ବିକାଶ ଓ ଶିକ୍ଷାକୁ ବ୍ୟବହାର ଉପଯୋଗୀ ଏବଂ ଶିକ୍ଷାର୍ଥୀମାନଙ୍କର ପୂର୍ଣ୍ଣତା ପ୍ରାପ୍ତିରେ ଏହି ବିଷୟଗୁଡ଼ିକ ଉପଯୋଗୀ ହେବ । ଶିକ୍ଷା ନିଶ୍ଚିତ ଭାବେ ଚରିତ୍ର ଗଠନ କରିବ, ଶିକ୍ଷାର୍ଥୀମାନଙ୍କୁ ନୈତିକ, ଯୁକ୍ତିଯୁକ୍ତ, ଦୟାଳୁ ଏବଂ ଯତ୍ନବାନ ହେବାରେ ସମର୍ଥ କରିବ, ସେହି ସମୟରେ ସେମାନଙ୍କୁ ଲାଭଜନକ ଓ ନିଯୁକ୍ତି ପାଇଁ ପ୍ରସ୍ତୁତ କରିବ ।

ଶିକ୍ଷଣ ଫଳାଫଳର ସାଂପ୍ରତିକ ସ୍ଥିତି ଏବଂ ଇପ୍ସିତ ଲକ୍ଷ୍ୟ ମଧ୍ୟରେ ଥିବା ବ୍ୟବଧାନକୁ ପ୍ରମୁଖ ସଂସ୍କାର ଆଣି ଦୂର କରିବାକୁ ହେବ, ଯାହା ପ୍ରାକ ଶୈଶବ ଯତ୍ନ ଓ ଶିକ୍ଷାରୁ ଆରମ୍ଭ କରି ଉଚ୍ଚ ଶିକ୍ଷା ବ୍ୟବସ୍ଥାରେ ଉଚ୍ଚମାନର ଗୁଣବତ୍ତା, ସମତା ଓ ଅଖଣ୍ଡତା ଆଣିପାରିବ।

2040 ସୁଦ୍ଧା ଭାରତ ପାଇଁ ଶିକ୍ଷା ବ୍ୟବସ୍ଥା ଏପରି ହେବା ଉଚିତ, ଯାହା ସାମାଜିକ କିମ୍ବା ଅର୍ଥନୈତିକ ପୃଷ୍ଠଭୂମି ନିର୍ବିଶେଷରେ ସମସ୍ତ ଶିକ୍ଷାର୍ଥୀଙ୍କ ପାଇଁ ଉଚ୍ଚମାନର ଗୁଣାତ୍ମକ ଶିକ୍ଷା ସହିତ ସମାନ ଶିକ୍ଷା ସୁଯୋଗ ସୃଷ୍ଟି କରିବ ଓ ଏହା ଅଦ୍ୱିତୀୟ ହେବ।

ଏହି ଜାତୀୟ ଶିକ୍ଷାନୀତି 2020 ହେଉଛି ଏକବିଂଶ ଶତାବ୍ଦୀର ପ୍ରଥମ ଶିକ୍ଷାନୀତି ଏବଂ ଆମ ଦେଶର କ୍ରମବର୍ଦ୍ଧିଷ୍ଣୁ ବିକାଶମୂଳକ ଆବଶ୍ୟକତାକୁ ସମାଧାନ କରିବାକୁ ଲକ୍ଷ୍ୟ ରଖିଛି। ଏହି ନୀତି ଭାରତର ପରମ୍ପରା ଓ ମୂଲ୍ୟବୋଧ ଉପରେ ନିର୍ଭର କରୁଥିବାବେଳେ SGD 4 ସହିତ ଏକବିଂଶ ଶତାବ୍ଦୀର ଶିକ୍ଷାର ଆକାଂକ୍ଷିତ ଲକ୍ଷ୍ୟ ସହିତ ସମତୁଲ ଏକ ନୂତନ ବ୍ୟବସ୍ଥା ପ୍ରଚଳନ ପାଇଁ ନିୟମାବଳୀ ଓ ପ୍ରଶାସନ ସହିତ ଶିକ୍ଷା ସଂରଚନାର ସମସ୍ତ ଦିଗଗୁଡ଼ିକର ସଂଶୋଧନ ଓ ପୁନଃନିର୍ମାଣ ପାଇଁ ପ୍ରସ୍ତାବ ଦେଇଛି। ଜାତୀୟ ଶିକ୍ଷାନୀତି ପ୍ରତ୍ୟେକ ବ୍ୟକ୍ତିର ସୃଜନଶୀଳ ସାମର୍ଥ୍ୟର ବିକାଶ ଉପରେ ବିଶେଷ ଗୁରୁତ୍ୱ ଦେଇଛି, ଶିକ୍ଷା ନୀତି ଏହି ସିଦ୍ଧାନ୍ତ ଉପରେ ଆଧାରିତ ଯେ, ଶିକ୍ଷା କେବଳ ଜ୍ଞାନଗତ କ୍ଷମତାର ବିକାଶ ନୁହେଁ – ସାକ୍ଷରତା ଏବଂ ସଂଖ୍ୟାଗତ ଦକ୍ଷତାର "ମୌଳିକ ସାମର୍ଥ୍ୟ" ଏବଂ ବିଶ୍ଳେଷଣାତ୍ମକ ଚିନ୍ତନ ଓ ସମସ୍ୟା ସମାଧାନ ଭଳି ଉଚ୍ଚ ସ୍ତରର ବୌଦ୍ଧିକ ସାମର୍ଥ୍ୟ-ବରଂ ସାମାଜିକ, ନୈତିକ ଏବଂ ଆବେଗିକ ଓ ସ୍ୱଭାବର ବିକାଶ ପାଇଁ ଉଦ୍ଦିଷ୍ଟ।

ପ୍ରାଚୀନ ଓ ଶାଶ୍ୱତ ଭାରତୀୟ ଜ୍ଞାନ ଏବଂ ଚିନ୍ତାଧାରାର ସମୃଦ୍ଧ ଐତିହ୍ୟ ଏହି ନୀତି ପାଇଁ ମାର୍ଗଦର୍ଶକ ଅଟେ। ଜ୍ଞାନ, ପ୍ରଜ୍ଞା ଏବଂ ସତ୍ୟର ଅନୁସନ୍ଧାନ କରିବା ସର୍ବଦା ଭାରତୀୟ ଚିନ୍ତାଧାରା ଏବଂ ଦର୍ଶନରେ ସର୍ବୋଚ୍ଚ ମାନବ ଲକ୍ଷ୍ୟ ଭାବରେ ବିବେଚନା କରାଯାଉଥିଲା। ପ୍ରାଚୀନ ଭାରତରେ ଶିକ୍ଷାର ଉଦ୍ଦେଶ୍ୟ କେବଳ ପୃଥିବୀରେ ଜୀବନ ଧାରଣର ପ୍ରସ୍ତୁତି ପାଇଁ କିମ୍ବା ବିଦ୍ୟାଳୟ ଶିକ୍ଷା ବାହାର ଜୀବନ ପାଇଁ ଜ୍ଞାନ ଆହରଣ ନୁହେଁ ବରଂ ନିଜର ପୂର୍ଣ୍ଣତା ପ୍ରାପ୍ତି ଓ ମୁକ୍ତି ପାଇଁ ଥିଲା। ପ୍ରାଚୀନ ଭାରତର ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନ, ଯେପରିକି-ତକ୍ଷଶୀଳା, ନାଳନ୍ଦା, ବିକ୍ରମଶିଳା, ବଲ୍ଲଭୀ, ବହୁମୁଖୀ ଶିକ୍ଷାଦାନ ଓ ଗବେଷଣାର ସର୍ବୋଚ୍ଚ ମାନ ସ୍ଥିର କରିଥିଲେ, ଯାହା ବିଭିନ୍ନ ପୃଷ୍ଠଭୂମି ଓ ଦେଶରୁ ବିଦ୍ୱାନ ଓ ଶିକ୍ଷାର୍ଥୀମାନଙ୍କୁ ଆମନ୍ତ୍ରଣ କରୁଥିଲା। ଭାରତୀୟ ଶିକ୍ଷା ପ୍ରଣାଳୀ ଅନ୍ୟମାନଙ୍କ ମଧ୍ୟରେ ଚରକ, ଶୁଶ୍ରୁତ, ଆର୍ଯ୍ୟଭଟ୍ଟ, ବରାହ ମିହିର, ଭାସ୍କରାଚାର୍ଯ୍ୟ, ବ୍ରହ୍ମଗୁପ୍ତ, ଚାଣକ୍ୟ, ଚକ୍ରପାଣୀ ଦତ୍ତ, ମାଧବ, ପାଣିନି, ପତଞ୍ଜଳୀ, ନାଗାର୍ଜୁନ, ଗୌତମ, ପିଙ୍ଗଳ, ଶଙ୍କରଦେବ, ମୈତ୍ରେୟୀ ଗାର୍ଗୀ ଓ ଥିରୁଭାଲୁଭର, ଯେଉଁମାନେ ଗଣିତ, ଜ୍ୟୋର୍ତିବିଜ୍ଞାନ, ଧାତବ ବିଦ୍ୟା, ଚିକିତ୍ସା ବିଜ୍ଞାନ ଏବଂ ଶଲ୍ୟଚିକିତ୍ସା, ସିଭିଲ ଇଞ୍ଜିନିୟରିଂ, ସ୍ଥାପତ୍ୟ, ଜାହାଜ ନିର୍ମାଣ ଏବଂ ନୌ-ଚାଳନା, ସୂକ୍ଷ୍ମକଳା, ଯୋଗ ଭଳି ବିଭିନ୍ନ କ୍ଷେତ୍ରରେ ବିଶ୍ୱ ଜ୍ଞାନ କ୍ଷେତ୍ରକୁ ଅବଦାନ ରଖୁଥିଲେ। ଭାରତୀୟ ସଂସ୍କୃତି ଏବଂ ଦର୍ଶନ ବିଶ୍ୱ ଉପରେ ଏକ ଶକ୍ତିଶାଳୀ ପ୍ରଭାବ ପକାଇଛି ବିଶ୍ୱ ଐତିହ୍ୟ ପ୍ରତି ଏହି ସମୃଦ୍ଧ ଐତିହ୍ୟକୁ କେବଳ ପରବର୍ତ୍ତୀ ପିଢ଼ି ଉତ୍ତରାଧିକାରୀମାନଙ୍କ ପାଇଁ ପୋଷଣ ଓ ସଂରକ୍ଷିତ କରାଯିବା ଉଚିତ ନୁହେଁ, ବରଂ ଆମର ଶିକ୍ଷା ବ୍ୟବସ୍ଥା ମାଧ୍ୟମରେ ଗବେଷଣା, ବିକାଶ ଏବଂ ନୂତନ ବ୍ୟବହାର କରାଯିବା ଆବଶ୍ୟକ।

ଶିକ୍ଷକ ନିଶ୍ଚିତ ଭାବେ ଶିକ୍ଷା ବ୍ୟବସ୍ଥାର ମୌଳିକ ସଂସ୍କାର କେନ୍ଦ୍ରରେ ରହିବା ଆବଶ୍ୟକ। ନୂତନ ଶିକ୍ଷାନୀତି ଆମ ସମାଜର ସବୁଠାରୁ ଅଧିକ ସମ୍ମାନିତ ତଥା ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଭାବରେ ସମସ୍ତ ସ୍ତରରେ ଶିକ୍ଷକମାନଙ୍କୁ ପୁନଃସ୍ଥାପିତ କରିବାରେ ସାହାଯ୍ୟ କରିବ, କାରଣ ସେମାନେ ପ୍ରକୃତରେ ଆମର ପରବର୍ତ୍ତୀ ପିଢ଼ିର ନାଗରିକମାନଙ୍କୁ ଗଠନ କରିଥାନ୍ତି। ଶିକ୍ଷକମାନଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କ କାର୍ଯ୍ୟକୁ ଯଥାସମ୍ଭବ ପ୍ରଭାବଶାଳୀ କରିବାରେ ସାହାଯ୍ୟ କରିବା ପାଇଁ ଏହା ନିଶ୍ଚିତ କରିବା ଆବଶ୍ୟକ। ନୂତନ ଶିକ୍ଷା ନୀତି ନିଶ୍ଚିତ ଭାବେ ସମସ୍ତ ସ୍ତରରେ ଶିକ୍ଷକ ବୃତ୍ତିରେ ଯୋଗଦେବା ପାଇଁ ଜୀବିକା, ସମ୍ମାନ, ଗାରିମା ଓ ସ୍ୱତନ୍ତ୍ରତା ସୁନିଶ୍ଚିତ କରିବା ସହିତ ଗୁଣାତ୍ମକ ନିୟନ୍ତ୍ରଣ ଏବଂ ଉତ୍ତର ଦାୟିତ୍ୱର ମୌଳିକ ପଦ୍ଧତିକୁ ମଧ୍ୟ ପ୍ରବର୍ତ୍ତନ କରିବାରେ ସାହାଯ୍ୟ କରିବ।

ନୂତନ ଶିକ୍ଷାନୀତି ସମସ୍ତ ଶିକ୍ଷାର୍ଥୀଙ୍କୁ ସେମାନଙ୍କ ବାସସ୍ଥାନ ନିର୍ବିଶେଷରେ ଏକ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ପ୍ରଦାନ କରିବ, ଯାହା ଐତିହାସିକ ଭାବରେ ବଞ୍ଚିତ ଏବଂ କମ୍ ପ୍ରତିନିଧିତ୍ୱ ଗୋଷ୍ଠୀ ଉପରେ ବିଶେଷ ଧ୍ୟାନ ଦେବ। ଶିକ୍ଷା ହେଉଛି ଏକ ସାମାଜିକ ସମତାର ଅସ୍ତ୍ର ଯାହା ଅର୍ଥନୈତିକ ଏବଂ ସାମାଜିକ ଗତିଶୀଳତା, ଅନ୍ତର୍ଭୁକ୍ତି ଏବଂ ସମାନତା ହାସଲ କରିବା ପାଇଁ ସର୍ବୋତ୍ତମ ସାଧନ। ଅନ୍ତର୍ନିହିତ ପ୍ରତିବନ୍ଧକ ସତ୍ତ୍ୱେ ଏଭଳି ଗୋଷ୍ଠୀର ସମସ୍ତ ଶିକ୍ଷାର୍ଥୀଙ୍କୁ ଶିକ୍ଷା ବ୍ୟବସ୍ଥାରେ ପ୍ରବେଶ ଏବଂ ଉତ୍କର୍ଷତା ପାଇଁ ବିଭିନ୍ନ ସୁଯୋଗ ପ୍ରଦାନ କରାଯିବାକୁ ନିଶ୍ଚିତ କରିବାକୁ ପଦକ୍ଷେପ ନେବା ଆବଶ୍ୟକ।

ଦେଶର ଆଞ୍ଚଳିକ ତଥା ବୈଶ୍ୱିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏବଂ ଏହାର ସମୃଦ୍ଧ ବିବିଧତା ଏବଂ ସଂସ୍କୃତି ପ୍ରତି ସମ୍ମାନ ଜଣାଇବା ଏବଂ ସମ୍ମାନର ସହିତ ଏହି ଉପାଦାନଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ଆବଶ୍ୟକ । ଭାରତ ଓ ଏହାର ବିବିଧ ସାମାଜିକ, ସାଂସ୍କୃତିକ ଏବଂ ବୈଷୟିକ ଆବଶ୍ୟକତା ବିଷୟରେ ଜ୍ଞାନ ସୃଷ୍ଟି କରିବା; ଏହାର ଅମୂଲ୍ୟ କଳା, ଭାଷା, ଜ୍ଞାନ ପରମ୍ପରା ଏବଂ ଭାରତର ଯୁବ ଗୋଷ୍ଠୀଙ୍କ ମଧ୍ୟରେ ଏହାର ଦୃଢ଼ ନୈତିକତା, ଜାତୀୟ ଗର୍ବ, ଆତ୍ମବିଶ୍ୱାସ, ଆତ୍ମଜ୍ଞାନ, ସହଯୋଗ ଓ ସଂହତି ଉଦ୍ଦେଶ୍ୟରେ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ ।

## ପୂର୍ବ ପ୍ରଚଳିତ ନୀତି

ଶିକ୍ଷା ସମ୍ବନ୍ଧୀୟ ପୂର୍ବ ନୀତିଗୁଡ଼ିକର କାର୍ଯ୍ୟାନ୍ୱୟନ ମୁଖ୍ୟତଃ ଶିକ୍ଷା ସୁଯୋଗ ସୃଷ୍ଟି ଓ ସମାନତା ଉପରେ ଧ୍ୟାନ ଦେଇଛି । ଜାତୀୟ ଶିକ୍ଷା ନୀତି 1986, 1992 ର ସଂଶୋଧିତ ନୀତିର ଅସମାପ୍ତ କାର୍ଯ୍ୟସୂଚୀକୁ ଏହି ନୀତିରେ ଉପଯୁକ୍ତ ଭାବେ ବ୍ୟବହାର କରାଯାଇଛି । ଶେଷ ଶିକ୍ଷା ନୀତି NPE 1986/92 ର ଏକ ପ୍ରମୁଖ ବିକାଶ ହେଉଛି ଶିଶୁମାନଙ୍କର ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଅଧିନିୟମ 2009, ଯାହାକି ସାର୍ବଜନୀନ ପ୍ରାରମ୍ଭିକ ଶିକ୍ଷା ହାସଲ ପାଇଁ ଆଇନଗତ ମୂଳଦୁଆ ପକାଇଛି ।

## ଏହି ଶିକ୍ଷାନୀତିର ଆଧାର ସିଦ୍ଧାନ୍ତ

ଶିକ୍ଷା ବ୍ୟବସ୍ଥାର ଉଦ୍ଦେଶ୍ୟ ହେଉଛି ଉତ୍ତମ ମଣିଷ ସୃଷ୍ଟି କରିବା ଯାହାଠାରୁ ଯୁକ୍ତିଯୁକ୍ତ ଚିନ୍ତାଧାରା ଏବଂ କାର୍ଯ୍ୟ କରିବାରେ ସମର୍ଥତା, ଦୟା ଓ ସମାନୁଭୂତି, ସାହସ ଓ ସ୍ଥିରତା, ବୈଜ୍ଞାନିକ ସ୍ୱଭାବ ଓ ସୃଜନଶୀଳ କଳ୍ପନା, ନୈତିକତା ଏବଂ ମୂଲ୍ୟବୋଧ ର ବିକାଶ ହୋଇଥାଏ । ଆମ ସମ୍ବିଧାନ ଦ୍ୱାରା ପରିକଳ୍ପନା କରାଯାଇଥିବା ଏକ ସମାନ, ଅନ୍ତର୍ଭୁକ୍ତି ଏବଂ ବହୁବିଧ ସମାଜ ଗଠନ ପାଇଁ ନିୟୋଜିତ, ଉତ୍ପାଦନ ଏବଂ ଯୋଗଦାନଶୀଳ ନାଗରିକମାନଙ୍କ ସୃଷ୍ଟି ପାଇଁ ଲକ୍ଷ୍ୟ ରଖିଛି ।

ଏକ ଉତ୍ତମ ଶିକ୍ଷାନୁଷ୍ଠାନ ହେଉଛି ତାହା ଯେଉଁଠି ପ୍ରତ୍ୟେକ ଶିକ୍ଷାର୍ଥୀ ନିଜକୁ ସ୍ୱାଗତଯୋଗ୍ୟ ଓ ଯତ୍ନବାନ ଅନୁଭବ କରନ୍ତି, ଯେଉଁଠାରେ ଏକ ନିରାପଦ ଓ ଉତ୍ସାହଜନକ ଶିକ୍ଷଣ ପରିବେଶ ଉପଲବ୍ଧ, ଯେଉଁଠାରେ ବିଭିନ୍ନ ପ୍ରକାରର ଶୈକ୍ଷିକ ଅଭିଜ୍ଞତା ପ୍ରଦାନ କରାଯାଇଥାଏ ଏବଂ ଯେଉଁଠାରେ ଉନ୍ନତ ଭୌତିକ ଭିତ୍ତିଭୂମି ଏବଂ ଶିକ୍ଷଣ ଉପଯୋଗୀ ଉପଯୁକ୍ତ ସମ୍ବଳ ସମସ୍ତ ଶିକ୍ଷାର୍ଥୀଙ୍କ ପାଇଁ ଉପଲବ୍ଧ ଥାଏ । ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ଏହି ଲକ୍ଷ୍ୟ ହାସଲ କରିବା ଜରୁରୀ । ତଥାପି, ସେହି ସମୟରେ, ଅନୁଷ୍ଠାନ ତଥା ଶିକ୍ଷାର ସମସ୍ତ ସ୍ତରରେ ନିରବିହୀନ ସଂହତି ଏବଂ ସମନ୍ୱୟ ରହିବା ଆବଶ୍ୟକ ।

ମୌଳିକ ନୀତିଗୁଡ଼ିକ ଯାହା ଉଭୟ ଶିକ୍ଷା ବ୍ୟବସ୍ଥା ଓ ଏହା ମଧ୍ୟରେ ଥିବା ପ୍ରତ୍ୟେକ ଶିକ୍ଷାନୁଷ୍ଠାନକୁ ବୃହତ ମାର୍ଗଦର୍ଶନ କରିବ ତାହା ହେଉଛି :

- ଉଭୟ ଶୈକ୍ଷିକ ଓ ଅଣଶୈକ୍ଷିକ କ୍ଷେତ୍ରରେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ସାମଗ୍ରୀକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଶିକ୍ଷକ ତଥା ପିତାମାତାଙ୍କୁ ସମ୍ବେଦନଶୀଳ କରି **ପ୍ରତ୍ୟେକ ଶିକ୍ଷାର୍ଥୀର ଅନନ୍ୟ ସାମର୍ଥ୍ୟକୁ ଚିହ୍ନିବା, ସ୍ୱୀକାର କରିବା ଓ ତା'କୁ ବୃଦ୍ଧି କରିବା ।**
- ତୃତୀୟ ଶ୍ରେଣୀ ସୁଦ୍ଧା ସମସ୍ତ ବିଦ୍ୟାଳୟ ଦ୍ୱାରା **ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ପ୍ରାପ୍ତ କରିବା ପାଇଁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବ ।**
- **ନମନୀୟତା,** ଯଦ୍ୱାରା ଶିକ୍ଷାର୍ଥୀମାନେ ସେମାନଙ୍କର ଶିକ୍ଷଣ ଗତି ଓ କାର୍ଯ୍ୟକ୍ରମ ବାଛିବେ ଏବଂ ସେମାନଙ୍କର ପ୍ରତିଭା ଓ ଆଗ୍ରହ ଅନୁଯାୟୀ ଜୀବନରେ ନିଜର ପଥ ବାଛିବା ପାଇଁ କ୍ଷମତା ରଖିବେ;
- କଳା ଓ ବିଜ୍ଞାନ ମଧ୍ୟରେ, ପାଠ୍ୟକ୍ରମ ଓ ଅତିରିକ୍ତ ପାଠ୍ୟକ୍ରମ କାର୍ଯ୍ୟ ମଧ୍ୟରେ, ଧନ୍ଦାମୂଳକ ଓ ଶୈକ୍ଷିକ ବିଭାଗ ମଧ୍ୟରେ କୌଣସି **ଦୃଢ଼ ପୃଥକତା ରହିବ ନାହିଁ,** ଯଦ୍ୱାରା ଶିକ୍ଷାର ବିଭିନ୍ନ କ୍ଷେତ୍ର ମଧ୍ୟରେ ଓ ତାଙ୍କ ମଧ୍ୟରେ ଥିବା କ୍ଷତିକାରକ ଅନୁକ୍ରମକୁ ଦୂର କରିବ;
- ସମସ୍ତ ଜ୍ଞାନ ମଧ୍ୟରେ ଏକତା ଏବଂ ଅଖଣ୍ଡତା ସୁନିଶ୍ଚିତ କରିବା ପାଇଁ ଏବଂ ବହୁମୁଖୀ ବିଶ୍ୱ ପାଇଁ ବିଜ୍ଞାନ, ସାମାଜିକ ବିଜ୍ଞାନ, କଳା, ମାନବିକୀ ଏବଂ କ୍ରୀଡ଼ା ମଧ୍ୟରେ **ବହୁବିଷୟକ ଶିକ୍ଷା** ଓ **ସାମଗ୍ରୀକ ଶିକ୍ଷାର** ବ୍ୟବସ୍ଥା;


- ପରୀକ୍ଷା-ପାଇଁ-ଶିଖିବା ଓ ଘୋଷି ଶିଖିବା ପରିବର୍ତ୍ତେ **ଧାରଣାର ବୋଧଗମ୍ୟତା ଉପରେ ଗୁରୁତ୍ୱ;**
- ଯୁକ୍ତିସଂଗତ ନିଷ୍ପତ୍ତି ନେବା ଏବଂ ନବୀକରଣକୁ ଉତ୍ସାହିତ କରିବା ପାଇଁ **ସୃଜନଶୀଳତା ଏବଂ ବିଶ୍ଳେଷଣାତ୍ମକ** ଚିନ୍ତନ ଉପରେ ଗୁରୁତ୍ୱ;
- ସମାନୁଭୂତି, ଅନ୍ୟମାନଙ୍କ ପ୍ରତି ସମ୍ମାନ, ପରିଚ୍ଛନ୍ନତା, ସୌଜନ୍ୟ, ଗଣତାନ୍ତ୍ରିକ ଭାବନା, ସେବା ମନୋଭାବ, ସର୍ବସାଧାରଣ ସଂପତ୍ତି ପ୍ରତି ସମ୍ମାନ, ବୈଜ୍ଞାନିକ ଚିନ୍ତାଧାରା, ସ୍ୱାଧୀନତା, ଦାୟିତ୍ୱବୋଧ, ବହୁତ୍ୱବାଦ, ସମାନତା ଏବଂ ନ୍ୟାୟ ପରି **ନୈତିକ ଏବଂ ମାନବିକ ତଥା ସାମ୍ବିଧାନିକ ମୂଲ୍ୟବୋଧ;**
- **ବହୁଭାଷୀତା** ଏବଂ ଶିକ୍ଷାଦାନ ଓ ଶିକ୍ଷଣରେ **ଭାଷାର ଶକ୍ତି** ପ୍ରୋତ୍ସାହିତ କରିବ;
- **ଜୀବନ କୌଶଳ,** ଯେପରି - ଭାବ ବିନିମୟ, ସହଯୋଗ, ଦଳଗତ କାର୍ଯ୍ୟ ଓ ସ୍ଥିରତା;
- ଆଜିର କୋଚିଂ ସଂସ୍କୃତିକୁ ଉତ୍ସାହିତ କରୁଥିବା ସମାପ୍ତିସୂଚକ ମୂଲ୍ୟାୟନ ଅପେକ୍ଷା ଶିକ୍ଷଣ ପାଇଁ **ନିୟମିତ ଗଠନମୂଳକ ମୂଲ୍ୟାୟନ ଉପରେ ଗୁରୁତ୍ୱ;**
- ଶିକ୍ଷାଦାନ ଓ ଶିକ୍ଷଣରେ **ପ୍ରଯୁକ୍ତି ବିଦ୍ୟାର ବହୁଳ ବ୍ୟବହାର,** ଭାଷା ପ୍ରତିବନ୍ଧକ ହଟାଇବା, ଦିବ୍ୟାଙ୍ଗ ଶିକ୍ଷାର୍ଥୀମାନଙ୍କ ପାଇଁ ସୁଯୋଗ ବୃଦ୍ଧି କରିବା ଏବଂ ଶିକ୍ଷାଗତ ଯୋଜନା ଓ ପରିଚାଳନା;
- **ବିବିଧତା ପ୍ରତି ସମ୍ମାନ ଏବଂ** ସମସ୍ତ ପାଠ୍ୟକ୍ରମ, ଶିକ୍ଷାଦାନ ପ୍ରକ୍ରିୟା ଏବଂ ନୀତିରେ **ସ୍ଥାନୀୟ ପ୍ରସଙ୍ଗ ପାଇଁ ସମ୍ମାନ,** ସର୍ବଦା ମନେରଖିବା ଉଚିତ ଯେ ଶିକ୍ଷା ଯୁଗ୍ମ ତାଲିକା ଭୁକ୍ତ ବିଷୟ ।
- ସମସ୍ତ ଶିକ୍ଷାଗତ ନିଷ୍ପତ୍ତିର ମୂଳଦୁଆ ଭାବେ **ପୂର୍ଣ୍ଣ ସମତା, ଏବଂ ଅନ୍ତର୍ଭୁକ୍ତି**କୁ ସୁନିଶ୍ଚିତ କରାଯିବ, ଯେପରି ସମସ୍ତ ଶିକ୍ଷାର୍ଥୀ ଶିକ୍ଷା ବ୍ୟବସ୍ଥାରେ ଅଗ୍ରଗତି କରିବାକୁ ସମର୍ଥ ହେବେ;
- ଆଦ୍ୟ-ଶୈଶବ ଯତ୍ନ ଏବଂ ଶିକ୍ଷାରୁ ଆରମ୍ଭ କରି ବିଦ୍ୟାଳୟ ଶିକ୍ଷା ଓ ଉଚ୍ଚ ଶିକ୍ଷା ପର୍ଯ୍ୟନ୍ତ **ସମସ୍ତ ସ୍ତରରେ ପାଠ୍ୟକ୍ରମ ମଧ୍ୟରେ ସମନ୍ୱୟ;**
- **ଶିକ୍ଷାଦାନ ପ୍ରକ୍ରିୟାର କେନ୍ଦ୍ର ଭାବରେ ଶିକ୍ଷକ ଏବଂ ଅଧ୍ୟାପକ** - ସେମାନଙ୍କର ନିଯୁକ୍ତି, ନିରନ୍ତର ବୃତ୍ତିଗତ ବିକାଶ, ସକାରାତ୍ମକ କାର୍ଯ୍ୟ ପରିବେଶ ଏବଂ ଚାକିରି ସର୍ତ୍ତାବଳୀ;
- ଅଡ଼ିଟ୍ ଏବଂ ସାର୍ବଜନୀନ ପ୍ରକାଶ ମାଧ୍ୟମରେ ଶିକ୍ଷା ବ୍ୟବସ୍ଥାର **ଅଖଣ୍ଡତା, ସ୍ୱଚ୍ଛତା ଓ ସମ୍ବଳ ଦକ୍ଷତାକୁ** ସୁନିଶ୍ଚିତ କରିବା ପାଇଁ ଏକ **"ହାଲୁକା କିନ୍ତୁ କଠିନ" ନିୟାମକ ଆଧାର ଯାହା ସ୍ୱାଧୀନତା, ଉତ୍ତମ ପ୍ରଶାସନ ଏବଂ ସଶକ୍ତିକରଣ** ମାଧ୍ୟମରେ ନୂତନତା ଏବଂ ଅସାଧାରଣ ଚିନ୍ତାଧାରାକୁ ଉତ୍ସାହିତ କରିବ;
- ଉଲ୍ଲେଖନୀୟ ଶିକ୍ଷା ଓ ବିକାଶ ନିମନ୍ତେ ଏକ ମୂଳ ଆବଶ୍ୟକତା ଭାବେ **ଉତ୍କୃଷ୍ଟ ଗବେଷଣା କାର୍ଯ୍ୟ;**
- ନିରନ୍ତର ଗବେଷଣା ଏବଂ ଶିକ୍ଷା ବିଶେଷଜ୍ଞଙ୍କ ଦ୍ୱାରା ନିୟମିତ ମୂଲ୍ୟାୟନ ଉପରେ ଆଧାରିତ ଅଗ୍ରଗତିର **ନିରନ୍ତର ସମୀକ୍ଷା;**
- ଭାରତରେ ଏକ ମୂଳତା ଏବଂ ଗର୍ବ, ଏବଂ ଏହାର ସମୃଦ୍ଧ, ବିବିଧ, ପ୍ରାଚୀନ ଏବଂ ଆଧୁନିକ ସଂସ୍କୃତି ଓ ଜ୍ଞାନପ୍ରଣାଳୀ ଏବଂ ପରମ୍ପରା;
- **ଶିକ୍ଷା ହେଉଛି ଏକ ଜନସେବା କାର୍ଯ୍ୟ;** ପ୍ରତ୍ୟେକ ଶିଶୁକୁ ଗୁଣାତ୍ମକ ଶିକ୍ଷା ସୁଯୋଗ ଦେବା ଏକ ମୌଳିକ ଅଧିକାର ଭାବେ ବିବେଚନା କରାଯିବା ଆବଶ୍ୟକ;
- **ଏକ ଶକ୍ତିଶାଳୀ ଉତ୍ସାହୀ ସାର୍ବଜନୀକ ବ୍ୟବସ୍ଥାରେ** ବିପୁଳ ପୁଞ୍ଜି ବିନିଯୋଗ ସହିତ ପ୍ରକୃତ ପରୋପକାରୀ ବ୍ୟକ୍ତିଗତ ଏବଂ ଗୋଷ୍ଠୀର ଅଂଶଗ୍ରହଣକୁ ଉତ୍ସାହିତ କରିବା ଓ ସୁଯୋଗ ସୃଷ୍ଟି କରିବା

## ଏହି ନୀତିର ପୁରୋଦୃଷ୍ଟି (Vision)

ଏହି ଜାତୀୟ ଶିକ୍ଷା ନୀତି ଭାରତୀୟ ଲୋକାଚାର ଉପରେ ଆଧାରିତ ଏକ ଶିକ୍ଷା ବ୍ୟବସ୍ଥାର ପରିକଳ୍ପନା କରିଛି, ଯାହା ଭାରତକୁ ରୂପାନ୍ତର କରିବାରେ ସିଧାସଳଖ ଅବଦାନ ଦେବ, ଅର୍ଥାତ ଏକ ସମାନତା ଓ ଉତ୍ସାହୀ ଜ୍ଞାନଭିତ୍ତିକ ସମାଜରେ ସମସ୍ତଙ୍କୁ ଉଚ୍ଚ ଗୁଣାତ୍ମକ ମାନର ଶିକ୍ଷା ପ୍ରଦାନ କରି ଭାରତକୁ ଜ୍ଞାନର ଏକ ବିଶ୍ୱ ଶକ୍ତିରେ ପରିଣତ କରିବ । ଏହି ନୀତିରେ ପରିକଳ୍ପନା କରାଯାଇଛି ଯେ, ଶିକ୍ଷାନୁଷ୍ଠାନର ପାଠ୍ୟକ୍ରମ ଏବଂ ଶିକ୍ଷାଦାନ ପ୍ରକ୍ରିୟା ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ମୌଳିକ କର୍ତ୍ତବ୍ୟ ଏବଂ ସାମ୍ବିଧାନିକ ମୂଲ୍ୟବୋଧ ପ୍ରତି ଗଭୀର ସମ୍ମାନର ଭାବନା, ନିଜ ଦେଶ ସହିତ ବନ୍ଧନ, ଏବଂ ପରିବର୍ତ୍ତିତ ଦୁନିଆରେ ବ୍ୟକ୍ତିର ଭୂମିକା ଓ ଦାୟିତ୍ୱ ସଂପର୍କରେ ସଚେତନ କରାଇବା । ଏହି ନୀତିର ଦୃଷ୍ଟିକୋଣ ହେଉଛି ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଭାରତୀୟ ହେବାର ଏକ ଗଭୀର ଗର୍ବଭାବ ସୃଷ୍ଟି କରିବା, କେବଳ ଚିନ୍ତାଧାରାରେ ନୁହେଁ ବରଂ ଆତ୍ମା, ବୁଦ୍ଧି ଏବଂ କାର୍ଯ୍ୟରେ ମଧ୍ୟ ଜ୍ଞାନ, କୌଶଳ, ମୂଲ୍ୟବୋଧ ଏବଂ ମନୋଭାବ ବିକାଶ କରାଇବା ଯାହା ଦାୟିତ୍ୱପୂର୍ଣ୍ଣ ପ୍ରତିବଦ୍ଧତାକୁ ସମର୍ଥନ କରେ । ମାନବିକ ଅଧିକାର, ସ୍ଥାୟୀ ବିକାଶ ଏବଂ ଜୀବନଯାପନ ଏବଂ ବିଶ୍ୱ ସନ୍ତୁଷ୍ଟି ଓ ସୁସ୍ଥତା, ଯଦ୍ୱାରା ଏକ ପ୍ରକୃତ ବିଶ୍ୱ ନାଗରିକତା ପ୍ରତିଫଳିତ ହୁଏ ।

# ଭାଗ I : ବିଦ୍ୟାଳୟ ଶିକ୍ଷା

ଏହି ନୀତିରେ ପରିକଳ୍ପନା କରାଯାଇଛି ଯେ, ବିଦ୍ୟାଳୟ ଶିକ୍ଷାରେ ବର୍ତ୍ତମାନର 10 + 2 ଢାଞ୍ଚାକୁ ପରିବର୍ତ୍ତନ କରାଯିବ । 3 - 18 ବର୍ଷ ମଧ୍ୟରେ ଥିବା 5+3+3+4 ର ଶୈକ୍ଷଣିକ ଓ ପାଠ୍ୟକ୍ରମର ଢାଞ୍ଚାକୁ ଲାଗୁ କରାଯିବ, ଯାହାକୁ ନିମ୍ନରେ ଚିତ୍ର ମାଧ୍ୟମରେ ଦର୍ଶାଯାଇଛି ଓ ଚତୁର୍ଥ ଅଧ୍ୟାୟରେ ବିଶଦ ଭାବରେ ବର୍ଣ୍ଣନା କରାଯାଇଛି ।



ବର୍ତ୍ତମାନ, 3 - 6 ବର୍ଷ ବୟସର ଶିଶୁମାନେ 10 + 2 ଢାଞ୍ଚାରେ ଅନ୍ତର୍ଭୁକ୍ତ ନୁହଁନ୍ତି କାରଣ 6 ବର୍ଷ ବୟସରେ ପ୍ରଥମ ଶ୍ରେଣୀ ଆରମ୍ଭ ହୋଇଥାଏ । ନୂତନ 5+3+3+4 ଢାଞ୍ଚାରେ 3 ବର୍ଷ ବୟସରୁ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା (Early Childhood Care and Education - ECCE) ର ଏକ ସୁଦୃଢ଼ ମୂଳଦୁଆକୁ ଅନ୍ତର୍ଭୁକ୍ତ କରାଯାଇଛି, ଯାହାର ଉଦ୍ଦେଶ୍ୟ ଉନ୍ନତ ସାମଗ୍ରିକ ଶିକ୍ଷା, ବିକାଶ ଓ କଲ୍ୟାଣକୁ ପ୍ରୋତ୍ସାହିତ କରିବ ।

## 1. ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା : ଶିକ୍ଷାର ମୂଳଦୁଆ

1.1 ଶିଶୁର ମସ୍ତିଷ୍କର 85% ରୁ ଅଧିକ ବିକାଶ 6 ବର୍ଷ ବୟସ ପୂର୍ବରୁ ହିଁ ଘଟିଥାଏ । ସୁସ୍ଥ ମସ୍ତିଷ୍କର ବିକାଶ ଏବଂ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବା ପାଇଁ ପ୍ରାରମ୍ଭିକ ବର୍ଷମାନଙ୍କରେ ମସ୍ତିଷ୍କର ଉପଯୁକ୍ତ ଯତ୍ନ ଓ ଉତ୍ସାହର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ । ବର୍ତ୍ତମାନ, କୋଟି କୋଟି ଛୋଟ ପିଲା ବିଶେଷକରି ସାମାଜିକ-ଅର୍ଥନୈତିକ ଅନଗ୍ରସର ପିଲାଙ୍କ ପାଇଁ ଗୁଣାତ୍ମକ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା (ECCE) ଉପଲବ୍ଧ ନାହିଁ । ଆଦ୍ୟଶୈଶବ ଯତ୍ନ ଓ ଶିକ୍ଷାରେ ଶକ୍ତିଶାଳୀ ବିନିବେଶ ସମସ୍ତ ଛୋଟ ପିଲାଙ୍କୁ ଏପରି ସୁଯୋଗ ଦେବାର ସାମର୍ଥ୍ୟ ରଖିଥାଏ, ଯେଉଁଥିରେ ସେମାନେ ଜୀବନସାରା ଶିକ୍ଷା ବ୍ୟବସ୍ଥାରେ ଅଂଶଗ୍ରହଣ ଓ ଉନ୍ନତି କରିବାକୁ ସକ୍ଷମ ହୋଇଥାନ୍ତି । ବାଲ୍ୟକାଳର ବିକାଶ, ଯତ୍ନ ଏବଂ ଶିକ୍ଷାର ଗୁଣାତ୍ମକତାର ସାର୍ବଜନୀନ ବ୍ୟବସ୍ଥା ଏହିପରି ଶୀଘ୍ର ସମ୍ଭବ ହେବା ଆବଶ୍ୟକ, ଯଦ୍ଵାରା ଏହା ସୁନିଶ୍ଚିତ କରାଯାଇ ପାରିବ ଯେ ପ୍ରତ୍ୟେକ ଶିକ୍ଷାର୍ଥୀ ପ୍ରଥମ ଶ୍ରେଣୀରେ ଯୋଗ ଦେବାକୁ ପ୍ରସ୍ତୁତ ଥିବେ ।

1.2 ଆଦର୍ଶ ECCE କାର୍ଯ୍ୟକ୍ରମ ନମନୀୟ, ବହୁମୁଖୀ, ବହୁସ୍ତରୀୟ, କ୍ରୀଡ଼ାଭିତ୍ତିକ, ଶିକ୍ଷଣକାର୍ଯ୍ୟ ଆଧାରିତ ଏବଂ ଅନୁସନ୍ଧାନ ଭିତ୍ତିକ ଶିକ୍ଷଣ, ବର୍ଣ୍ଣମାଳା, ଭାଷା, ସଂଖ୍ୟା, ଗଣନା, ରଙ୍ଗ, ଆକୃତି, ଘର ଭିତରେ ଓ ବାହାରେ ହେଉଥିବା ଖେଳ, ପହେଲୀ ଏବଂ ଯୁକ୍ତିଯୁକ୍ତ ଚିନ୍ତନ, ସମସ୍ୟା ସମାଧାନ, ଚିତ୍ରାଙ୍କନ ସହିତ ରଙ୍ଗ କରିବା ଏବଂ ଅନ୍ୟାନ୍ୟ ଦୃଶ୍ୟ କଳା, ଶିଳ୍ପ, ଅଭିନୟ, କଣ୍ଢେଇ ନାଚ, ସଙ୍ଗୀତ ଓ ଚଳପ୍ରଚଳକୁ ନେଇ ଗଠିତ । ଏଥିରେ ସାମାଜିକ ଦକ୍ଷତା, ସମ୍ବେଦନଶୀଳତା, ଉତ୍ତମ ଆଚରଣ, ସୌଜନ୍ୟତା, ନୈତିକତା, ବ୍ୟକ୍ତିଗତ ଏବଂ ସାର୍ବଜନୀନ ପରିଷ୍କାର ପରିଚ୍ଛନ୍ନତା, ଦଳଗତ କାର୍ଯ୍ୟ ଏବଂ ସହଯୋଗ ଉପରେ ଗୁରୁତ୍ୱକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଥାଏ । ECCE ର ସାମଗ୍ରିକ ଲକ୍ଷ୍ୟ ହେଉଛି, ବିଭିନ୍ନ କ୍ଷେତ୍ରରେ ଯଥା – ଶାରୀରିକ ଓ ମାଂସପେଶୀୟ ବିକାଶ, ସାଂସ୍କୃତିକ / କଳାତ୍ମକ ବିକାଶ, ଏବଂ ଭାବବିନିମୟ ଏବଂ ପ୍ରାରମ୍ଭିକ ଭାଷା, ସାକ୍ଷରତା ଏବଂ ସଂଖ୍ୟା ଜ୍ଞାନର ବିକାଶରେ ସର୍ବୋତ୍କୃଷ୍ଟ ଫଳାଫଳ ହାସଲ କରିବା ।

1.3 ଆଦ୍ୟ ଶୈଶବ ଯତ୍ନ ଓ 8 ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁମାନଙ୍କ ଶିକ୍ଷା ପାଇଁ ଏକ ଜାତୀୟ ପାଠ୍ୟକ୍ରମ ଓ ଶିକ୍ଷାଗତ ଆଧାର (National Curricular and Pedagogical Framework for Early Childhood Care and Education - NCPFECCE), NCERT ଦ୍ୱାରା ଦୁଇଟି ଭାଗରେ ପ୍ରସ୍ତୁତ କରାଯିବ ଅନ୍ୟ, ଯଥା– 0-3ବର୍ଷ ବୟସର ଶିଶୁଙ୍କ ପାଇଁ ଏକ ଉପଆଧାର ଏବଂ 3-8 ବର୍ଷ ବୟସର ଶିଶୁଙ୍କ ପାଇଁ ଅନ୍ୟ ଏକ ଉପଆଧାର, ଯାହା ଉପରୋକ୍ତ ନିର୍ଦ୍ଦେଶାବଳୀ, ECCE ଉପରେ ସର୍ବଶେଷ ଗବେଷଣା ଫଳାଫଳ ଓ ଜାତୀୟ ଓ ଆନ୍ତର୍ଜାତୀୟ ସର୍ବୋତ୍ତମ ଅଭ୍ୟାସକୁ ସମର୍ଥନ କରୁଥିବ ।

1.4 ସର୍ବୋତ୍ସାହନ ଲକ୍ଷ୍ୟ ହେଉଛି ସମଗ୍ର ଦେଶରେ ଉଚ୍ଚ-ଗୁଣାତ୍ମକ ମାନର ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷାକୁ ପର୍ଯ୍ୟାୟକ୍ରମେ ସାର୍ବଜନୀନ ସୁଯୋଗ ସୃଷ୍ଟି କରିବାକୁ ସୁନିଶ୍ଚିତ କରିବା । ବିଶେଷକରି ସାମାଜିକ-ଆର୍ଥିକ ଭାବେ ପଛୁଆ ଜିଲ୍ଲା ଓ ଅଞ୍ଚଳ ଉପରେ ବିଶେଷ ଧ୍ୟାନ ଓ ପ୍ରାଥମିକତା ଦିଆଯିବ । ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା (ECCE)କୁ ଆଦ୍ୟ-ଶୈଶବ ଶିକ୍ଷା ଅନୁଷ୍ଠାନଗୁଡ଼ିକର ଏକ ଉଲ୍ଲେଖନୀୟ ବିସ୍ତାରିତ ତଥା ସୁଦୃଢ଼ ବ୍ୟବସ୍ଥା ମାଧ୍ୟମରେ ପ୍ରଦାନ କରାଯିବ, ଯେଉଁଥିରେ (କ) ଏକାକୀ ଅବସ୍ଥିତ ଥିବା ଅଙ୍ଗନୱାଡ଼ି; (ଖ) ପ୍ରାଥମିକ ବିଦ୍ୟାଳୟ ସହିତ ସହ-ଅବସ୍ଥିତ ଅଙ୍ଗନୱାଡ଼ି; (ଗ) ବର୍ତ୍ତମାନର ପ୍ରାଥମିକ ବିଦ୍ୟାଳୟ ସହିତ ଅତି କମ୍‌ରେ 5 ରୁ 6 ବର୍ଷ ବୟସକୁ ଅନ୍ତର୍ଭୁକ୍ତ କରୁଥିବା ପ୍ରାକ-ପ୍ରାଥମିକ ବିଦ୍ୟାଳୟ / ବିଭାଗ; (ଘ) ଏକାକୀ ଅବସ୍ଥିତ ପ୍ରାକ- ବିଦ୍ୟାଳୟମାନ ଅନ୍ତର୍ଭୁକ୍ତ – ଯେଉଁଥିରେ ECCE ପାଠ୍ୟକ୍ରମ ଓ ଶିକ୍ଷାଦାନରେ ବିଶେଷ ଭାବେ ପ୍ରଶିକ୍ଷଣ ପ୍ରାପ୍ତ କର୍ମୀ / ଶିକ୍ଷକମାନେ ନିଯୁକ୍ତ ହେବେ ।

1.5 ECCE ସାର୍ବଜନୀନ ଉପଲବ୍ଧତା ପାଇଁ ଏକ ସମୃଦ୍ଧ ଶିକ୍ଷଣ ପରିବେଶ ସହିତ ଉଚ୍ଚ-ମାନର ଭିତ୍ତିଭୂମି, କ୍ରୀଡ଼ା ଉପକରଣ, ଏବଂ ସୁପରିକଳ୍ପିତ, ଶିଶୁ ଅନୁକୂଳ ଏବଂ ସୁନିର୍ମିତ କୋଠା ସହିତ ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରକୁ ସୁଦୃଢ଼ କରାଯିବ । ଅଙ୍ଗନୱାଡ଼ି କେନ୍ଦ୍ରର ପିଲାମାନେ କାର୍ଯ୍ୟକଳାପ ପରିପୂର୍ଣ୍ଣ କ୍ଷେତ୍ରଭ୍ରମଣ କରିବେ ଏବଂ ସେମାନଙ୍କର ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଓ ଶିକ୍ଷାର୍ଥୀଙ୍କୁ

ଭେଟିବେ; ଯଦ୍ୱାରା ଅଙ୍ଗନୱାଡ଼ି କେନ୍ଦ୍ରରୁ ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତର ସହଜ ହେବ । ଅଙ୍ଗନୱାଡ଼ିଗୁଡ଼ିକ ବିଦ୍ୟାଳୟ ସଙ୍ଗମ / ଆଞ୍ଚଳିକ କେନ୍ଦ୍ରରେ ସଂପୂର୍ଣ୍ଣ ଭାବରେ ଏକୀକୃତ ହେବ ଏବଂ ଅଙ୍ଗନୱାଡ଼ି ପିଲା, ଅଭିଭାବକ ଏବଂ ଶିକ୍ଷକମାନଙ୍କୁ ବିଦ୍ୟାଳୟ କାର୍ଯ୍ୟକ୍ରମରେ ଯୋଗଦେବାକୁ ଓ ଅଂଶଗ୍ରହଣ କରିବାକୁ ନିମନ୍ତ୍ରଣ କରାଯିବ । ସେହିପରି ବିଦ୍ୟାଳୟର ଶିକ୍ଷାର୍ଥୀ ଓ ଶିକ୍ଷକମାନେ ସ୍ଥାନୀୟ ଅଙ୍ଗନୱାଡ଼ିକୁ ପରିଦର୍ଶନରେ ଯାଇପାରିବେ ।

1.6 ଏହା ଧାର୍ଯ୍ୟ କରାଯାଇଛି ଯେ, 5 ବର୍ଷ ବୟସ ପୂର୍ବରୁ ପ୍ରତ୍ୟେକ ପିଲା ଏକ "ପ୍ରସ୍ତୁତ ଶ୍ରେଣୀ" କିମ୍ବା "ବାଳବାଟିକା" (ଅର୍ଥାତ, ପ୍ରଥମ ଶ୍ରେଣୀ ପୂର୍ବରୁ) ଯିବେ, ଯେଉଁଠି ଜଣେ ECCE ଯୋଗ୍ୟ ଶିକ୍ଷକ ଉପଲବ୍ଧ ଥିବେ ପ୍ରସ୍ତୁତି ଶ୍ରେଣୀର ଶିକ୍ଷଣ କ୍ରୀଡ଼ା-ଆଧାରିତ ହେବ, ଯାହାକି ଜ୍ଞାନଗତ, ଭାବଗତ ଏବଂ କ୍ରିୟାତ୍ମକ ଦକ୍ଷତାର ବିକାଶ ଏବଂ ପ୍ରାଥମିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ଉପରେ ବିଶେଷ ଧ୍ୟାନ ଦେବ । ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମକୁ ପ୍ରସ୍ତୁତି ଶ୍ରେଣୀକୁ ସଂପ୍ରସାରିତ କରାଯିବ । ଅଙ୍ଗନୱାଡ଼ି ବ୍ୟବସ୍ଥାରେ ଥିବା ସ୍ୱାସ୍ଥ୍ୟ ଯାଞ୍ଚ ଏବଂ ଅଭିବୃଦ୍ଧି ତଦାରଖ କାର୍ଯ୍ୟକ୍ରମ ପ୍ରାଥମିକ ବିଦ୍ୟାଳୟର ଶିକ୍ଷାର୍ଥୀ ତଥା ଅଙ୍ଗନୱାଡ଼ିର ପ୍ରସ୍ତୁତି ଶ୍ରେଣୀ ଶିକ୍ଷାର୍ଥୀଙ୍କ ପାଇଁ ମଧ୍ୟ ଉପଲବ୍ଧ ହେବ ।

1.7 ଅଙ୍ଗନୱାଡ଼ିରେ ଉଚ୍ଚ-ମାନର ECCE ଶିକ୍ଷକମାନଙ୍କର ପ୍ରାରମ୍ଭିକ କ୍ୟାଡ଼ର ପ୍ରସ୍ତୁତ କରିବା ପାଇଁ ବର୍ତ୍ତମାନର ଅଙ୍ଗନୱାଡ଼ି କର୍ମୀ / ଶିକ୍ଷକମାନେ NCERT ଦ୍ୱାରା ବିକଶିତ ପାଠ୍ୟକ୍ରମ / ଶୈକ୍ଷଣିକ ରୂପରେଖ ଅନୁଯାୟୀ ବ୍ୟବସ୍ଥିତ ପ୍ରୟାସ ମାଧ୍ୟମରେ ପ୍ରଶିକ୍ଷଣ ପ୍ରାପ୍ତ ହେବେ । 10 + 2 ଏବଂ ତଦୁର୍ଦ୍ଧ ଯୋଗ୍ୟତା ଥିବା ଅଙ୍ଗନୱାଡ଼ି କର୍ମୀ / ଶିକ୍ଷକଙ୍କୁ ECCE ରେ ଏକ ଛଅ-ମାସିଆ ପ୍ରମାଣ ପତ୍ର କାର୍ଯ୍ୟକ୍ରମ (Certificate Programme) ଦିଆଯିବ; ଏବଂ ନିମ୍ନ ଶିକ୍ଷାଗତ ଯୋଗ୍ୟତା ଥିବା ଲୋକଙ୍କୁ ଏକ ବର୍ଷିଆ ଡିପ୍ଲୋମା କାର୍ଯ୍ୟକ୍ରମ ଦିଆଯିବ, ଯାହାକି ପ୍ରାଥମିକ ସାକ୍ଷରତା, ସଂଖ୍ୟା ଜ୍ଞାନ ଏବଂ ECCE ର ଅନ୍ୟାନ୍ୟ ପ୍ରାସଙ୍ଗିକ ଦିଗକୁ ଅନ୍ତର୍ଭୁକ୍ତ କରିବ । ଏହି କାର୍ଯ୍ୟକ୍ରମଗୁଡ଼ିକ ଡିଜିଟାଲ / ଦୂରଶିକ୍ଷା ମାଧ୍ୟମରେ DTH ଚ୍ୟାନେଲ ଏବଂ ସ୍ମାର୍ଟଫୋନ ବ୍ୟବହାର କରି ଚଲାଯାଇପାରେ, ଯାହାକି ଶିକ୍ଷକମାନଙ୍କୁ ବର୍ତ୍ତମାନର କାର୍ଯ୍ୟରେ ସର୍ବନିମ୍ନ ବାଧା ସହିତ ECCE ଯୋଗ୍ୟତା ହାସଲ କରିବାରେ ସାହାଯ୍ୟ କରିବ । ଅଙ୍ଗନୱାଡ଼ି କର୍ମୀ / ଶିକ୍ଷକଙ୍କ ECCE ପ୍ରଶିକ୍ଷଣ, ବିଦ୍ୟାଳୟ ଶିକ୍ଷା ବିଭାଗର ଆଞ୍ଚଳିକ ସାଧନ କେନ୍ଦ୍ର (CRC) ଦ୍ୱାରା ପରାମର୍ଶ (mentoring) ଦିଆଯିବ, ଯାହା ଅତିକମ୍‌ରେ ଥରେ ମାସିକ ସମ୍ପର୍କ ଶ୍ରେଣୀ (monthly contact class) ଆୟୋଜନ କରିବେ ଓ ତା'ମାଧ୍ୟମରେ ଧାରାବାହିକ ମୂଲ୍ୟାୟନ କରାଯିବ । ଦୀର୍ଘ ମିଆଦିରେ, ରାଜ୍ୟ ସରକାରମାନେ ପର୍ଯ୍ୟାୟ-ଭିତ୍ତିକ, ବୃତ୍ତିଗତ ପ୍ରଶିକ୍ଷଣ, ପରାମର୍ଶ କାର୍ଯ୍ୟକ୍ରମ କ୍ୟାରିଅର ମ୍ୟାପିଂ ମାଧ୍ୟମରେ ECCE ପାଇଁ ବୃତ୍ତିଗତ ଯୋଗ୍ୟ ଶିକ୍ଷକ କ୍ୟାଡ଼ର ପ୍ରସ୍ତୁତ କରିବେ । ଏହି ଶିକ୍ଷକମାନଙ୍କର ପ୍ରାରମ୍ଭିକ ବୃତ୍ତିଗତ ପ୍ରସ୍ତୁତି ଓ ସେମାନଙ୍କର ନିରନ୍ତର ବୃତ୍ତିଗତ ବିକାଶ ପାଇଁ ଆବଶ୍ୟକ ସୁଯୋଗ ମଧ୍ୟ ସୃଷ୍ଟି କରାଯିବ ।

1.8 ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଥିବା ଆଶ୍ରମଶାଳାମାନଙ୍କରେ ଏବଂ ବିକଳ୍ପ ବିଦ୍ୟାଳୟର ସମସ୍ତ ପ୍ରକାରର ପର୍ଯ୍ୟାୟକ୍ରମେ ECCE ପ୍ରବର୍ତ୍ତିତ ହେବ । ଆଶ୍ରମଶାଳା ଓ ବିକଳ୍ପ ବିଦ୍ୟାଳୟରେ ECCE ର ସମନ୍ୱିତୀକରଣ ଏବଂ କାର୍ଯ୍ୟାନ୍ୱୟନ ପ୍ରକ୍ରିୟା ଉପରୋକ୍ତ ବର୍ଣ୍ଣନା ଅନୁଯାୟୀ ସମାନ ହେବ ।

1.9 ପ୍ରାକ୍-ପ୍ରାଥମିକ ବିଦ୍ୟାଳୟରୁ ପ୍ରାଥମିକ ବିଦ୍ୟାଳୟକୁ ଏହାର ନିରନ୍ତରତାକୁ ସୁନିଶ୍ଚିତ କରିବା ଏବଂ ଶିକ୍ଷାର ମୂଳ ଦିଗ ପ୍ରତି ଗୁରୁତ୍ୱ ଦେବା ପାଇଁ ECCE ର ପାଠ୍ୟକ୍ରମ ଓ ଶିକ୍ଷଣ କାର୍ଯ୍ୟକ୍ରମର ଦାୟିତ୍ୱ ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ (MHRD) ଅଧିନରେ ରହିବ । ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ପାଠ୍ୟକ୍ରମର ଯୋଜନା ଏବଂ କାର୍ଯ୍ୟାନ୍ୱୟନ ମିଳିତ ଭାବେ ମାନବ ସମ୍ବଳ ବିକାଶ (HRD) ମନ୍ତ୍ରାଳୟ, ମହିଳା ଓ ଶିଶୁ ବିକାଶ (WCD) ମନ୍ତ୍ରାଳୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ (HFW) ମନ୍ତ୍ରାଳୟ ଏବଂ ଆଦିବାସୀ ବ୍ୟାପାର ମନ୍ତ୍ରାଳୟ ଦ୍ୱାରା କରାଯିବ । ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷାର ସୁଗମ ସମନ୍ୱିତୀକରଣ ନିମନ୍ତେ ନିରନ୍ତର ମାର୍ଗଦର୍ଶନ ପାଇଁ ଏକ ସ୍ୱତନ୍ତ୍ର ମିଳିତ ଟାସ୍କ ଫୋର୍ସ ଗଠନ କରାଯିବ ।

## 2. ମୌଳିକ ସାକ୍ଷରତା ଏବଂ ସଂଖ୍ୟା ଜ୍ଞାନ: ଶିକ୍ଷଣ ପାଇଁ ଏକ ଜରୁରୀ ଓ ଆବଶ୍ୟକୀୟ ସର୍ତ୍ତ

2.1 ଭବିଷ୍ୟତର ସମସ୍ତ ବିଦ୍ୟାଳୟ ଶିକ୍ଷା ଏବଂ ଜୀବନବ୍ୟାପୀ ଶିକ୍ଷା ନିମନ୍ତେ ପଢ଼ିବା, ଲେଖିବା ଏବଂ ସଂଖ୍ୟା ସହିତ ମୌଳିକ କାର୍ଯ୍ୟ କରିବାର ସାମର୍ଥ୍ୟ ଏକ ଆବଶ୍ୟକୀୟ ଭିତ୍ତିଭୂମି ଓ ଅପରିହାର୍ଯ୍ୟ ସର୍ତ୍ତ ତଥାପି, ବିଭିନ୍ନ ସରକାରୀ ତଥା ଅଣ-ସରକାରୀ ସର୍ବେକ୍ଷଣରୁ ଜଣାପଡିଛି ଯେ ଆମେ ବର୍ତ୍ତମାନ ଏକ ଶିକ୍ଷଣ ସଙ୍କଟ ଦେଇ ଗତି କରୁଛୁ । ପ୍ରାରମ୍ଭିକ ବିଦ୍ୟାଳୟରେ ଶିକ୍ଷାର୍ଥୀମାନଙ୍କର

ଏକ ବୃହତ ଅଂଶ ଯାହା 5 କୋଟିରୁ ଅଧିକ, ଯେଉଁମାନେ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ହାସଲ କରିପାରି ନାହାନ୍ତି, ଅର୍ଥାତ ସେମାନଙ୍କଠାରେ ପଢିବାର କ୍ଷମତା ଓ ମୌଳିକ ପାଠ ବିଷୟବସ୍ତୁକୁ ବୁଝିବା ଏବଂ ଭାରତୀୟ ସଂଖ୍ୟାରେ ଯୋଗ ଓ ବିୟୋଗ କରିବାର ସାମର୍ଥ୍ୟ ହାସଲ କରିନଥିବାର ଆକଳନ କରାଯାଇଛି।

2.2 ସମସ୍ତ ଶିଶୁଙ୍କ ପାଇଁ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ହାସଲ କରିବା ଏକ ଜରୁରୀ ଜାତୀୟ ମିଶନ/ଲକ୍ଷ୍ୟ ହେବ ଏବଂ ଏଥିପାଇଁ ଅନେକ ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବା ସହ ସ୍ୱଳ୍ପ ସମୟ ମଧ୍ୟରେ ସ୍ପଷ୍ଟ ଲକ୍ଷ୍ୟ ହାସଲ କରାହେବ (ତୃତୀୟ ଶ୍ରେଣୀ ବେଳକୁ ପ୍ରତ୍ୟେକ ଶିକ୍ଷାର୍ଥୀ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ହାସଲ କରିବେ)। 2025 ସୁଦ୍ଧା ପ୍ରାଥମିକ ବିଦ୍ୟାଳୟରେ ସାର୍ବଜନୀନ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ହାସଲ କରିବା ଶିକ୍ଷା ବ୍ୟବସ୍ଥାର ସର୍ବୋଚ୍ଚ ପ୍ରାଥମିକତା ହେବ। ଯଦି ଏହି ମୌଳିକ ଶିକ୍ଷଣ ଆବଶ୍ୟକତା ପ୍ରାରମ୍ଭ ସ୍ତରରେ (ଯଥା- ପଢିବା, ଲେଖିବା ଓ ପାଟିଗଣିତ) ପ୍ରଥମେ ହାସଲ ହେବ। ଏଥିପାଇଁ ପ୍ରାଥମିକତା ଭିତ୍ତିରେ ଏହି ନୀତି ଆମର ଶିକ୍ଷାର୍ଥୀଙ୍କ ପାଇଁ ପ୍ରାସଙ୍ଗିକ ହେବ। ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ଦ୍ୱାରା ଜାତୀୟ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ମିଶନ 'ସ୍ଥାପିତ' ହେବ । ସେହି ଅନୁଯାୟୀ, ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ସାର୍ବଜନୀନ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ହାସଲ ପାଇଁ ସମସ୍ତ ରାଜ୍ୟ/ କେନ୍ଦ୍ରଶାସିତ ଅଞ୍ଚଳର ସରକାର ତୁରନ୍ତ ଏକ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବେ, ଯେଉଁଥିରେ 2025 ସୁଦ୍ଧା ହାସଲ ହେବାକୁ ଥିବା ପର୍ଯ୍ୟାୟ ଅନୁଯାୟୀ ଲକ୍ଷ୍ୟ ଓ ଉଦ୍ଦେଶ୍ୟଗୁଡ଼ିକୁ ଚିହ୍ନଟ କରାଯିବ ଓ ସେଗୁଡ଼ିକର ଅଗ୍ରଗତିକୁ ଅତିନିକଟରୁ ତଦାରଖ ଓ ଅନୁଧାବନ କରାଯିବ।

2.3 ପ୍ରଥମେ ଖାଲିଥିବା ଶିକ୍ଷକ ପଦବୀଗୁଡ଼ିକ ଯଥାଶୀଘ୍ର ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପୂରଣ ହେବ- ବିଶେଷକରି ଅନଗ୍ରସର ଅଞ୍ଚଳ ଓ ବୃହତ ଛାତ୍ର-ଶିକ୍ଷକ ଅନୁପାତ କିମ୍ବା ଉଚ୍ଚ ନିରକ୍ଷରତା ହାର ରହିଥିବା ଅଞ୍ଚଳରେ ପ୍ରାଥମିକତା ଦିଆଯିବ। ସ୍ଥାନୀୟ ଶିକ୍ଷକ କିମ୍ବା ସ୍ଥାନୀୟ ଭାଷା ସହିତ ପରିଚିତ ଥିବା ବ୍ୟକ୍ତିଙ୍କୁ ନିୟୋଜିତ କରିବା ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ। ପ୍ରତ୍ୟେକ ବିଦ୍ୟାଳୟରେ 30:1 ରୁ କମ୍ ଛାତ୍ର-ଶିକ୍ଷକ ଅନୁପାତକୁ ନିଶ୍ଚିତ କରାଯିବ। ଯେଉଁଠାରେ ଅଧିକ ସଂଖ୍ୟକ ସାମାଜିକ ଓ ଆର୍ଥିକ ଅନଗ୍ରସର ଶିକ୍ଷାର୍ଥୀ ଥିବେ, ସେଠାରେ ଛାତ୍ର-ଶିକ୍ଷକ ଅନୁପାତ 25:1 ରୁ କମ୍ ରହିବ। ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନରେ ଶିକ୍ଷାଦାନ କରିବା ପାଇଁ ଶିକ୍ଷକମାନଙ୍କର ବୃତ୍ତିଗତ ବିକାଶ ନିମନ୍ତେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବା ସହ ଉତ୍ସାହିତ କରାଯିବ ଓ ସହାୟତା ଦିଆଯିବ।

2.4 ପାଠ୍ୟକ୍ରମ ଦୃଷ୍ଟିକୋଣରୁ ମୌଳିକ ସାକ୍ଷରତା ଓ ସାଂଖ୍ୟକତା ଉପରେ ଅଧିକ ଗୁରୁତ୍ୱ ନିଆଯିବ। ବିଶେଷକରି ବିଦ୍ୟାଳୟ ପାଠ୍ୟକ୍ରମର ପ୍ରାରମ୍ଭ/ମୌଳିକ ଓ ମଧ୍ୟ ପର୍ଯ୍ୟାୟରେ ପଠନ, ଲିଖନ, କଥନ, ଗଣନ, ପାଟୀ ଗଣିତ ଓ ଗାଣିତିକ ଚିନ୍ତନ ଉପରେ ଧ୍ୟାନ ଦିଆଯିବ। ଏହା ସହିତ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ଶିକ୍ଷଣରେ ବ୍ୟକ୍ତିଗତ ଶିକ୍ଷଣକୁ ତଦାରଖ ଓ ଅନୁଧ୍ୟାନ କରିବା ପାଇଁ ଦୃଢ ଧାରାବାହିକ ଗଠନମୂଳକ ମୂଲ୍ୟାୟନ ବ୍ୟବସ୍ଥା ପ୍ରଚଳନ କରାଯିବ।

2.5 ସମ୍ପ୍ରତି ECCE ରେ ସାର୍ବଜନୀନ ପ୍ରବେଶ ସୁଯୋଗ ଅଭାବ ହେତୁ ବହୁ ସଂଖ୍ୟକ ପିଲା ପ୍ରଥମ ଶ୍ରେଣୀର ପ୍ରଥମ କିଛି ସପ୍ତାହ ମଧ୍ୟରେ ପଛରେ ପଡିଯାଉଛନ୍ତି। ଏହିପରି ସମସ୍ତ ଶିକ୍ଷାର୍ଥୀ ବିଦ୍ୟାଳୟ ପାଇଁ ପ୍ରସ୍ତୁତ ବୋଲି ନିଶ୍ଚିତ କରିବାକୁ ସମସ୍ତ ପ୍ରଥମଶ୍ରେଣୀ ଶିକ୍ଷାର୍ଥୀମାନଙ୍କ ନିମନ୍ତେ ଏକ ମଧ୍ୟବର୍ତ୍ତୀ ତିନି ମାସର କ୍ରୀଡ଼ା-ଆଧାରିତ "ବିଦ୍ୟାଳୟ ପ୍ରସ୍ତୁତି ପେଟିକା" ପ୍ରସ୍ତୁତ କରାଯିବ, ଯେଉଁଥିରେ ବର୍ଣ୍ଣମାଳା, ଧ୍ୱନି, ରଂଗ, ଆକୃତି ଓ ସଂଖ୍ୟା ଧାରଣାକୁ ନେଇ ଶିକ୍ଷଣକାର୍ଯ୍ୟ ଓ କାର୍ଯ୍ୟପୁସ୍ତିକା NCERT ଓ SCERT ପ୍ରସ୍ତୁତ କରିବେ। ଏଥିରେ ସହପାଠୀ ଓ ପିତାମାତାମାନଙ୍କର ସହାୟତାକୁ ନିଶ୍ଚିତ କରାଯିବ।

2.6 ଜାତୀୟ ସ୍ତରରେ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ଉପରେ ଉଚ୍ଚମାନର ସମ୍ବଳଗୁଡ଼ିକ (DIKSHA) ପୋର୍ଟାଲରେ ଉପଲବ୍ଧ ହେବ । ଶିକ୍ଷକମାନଙ୍କୁ ସାହାଯ୍ୟ କରିବା ଏବଂ ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ମଧ୍ୟରେ ରହିଥିବା ଯେକୌଣସି ଭାଷା ପ୍ରତିବନ୍ଧକକୁ ଦୂର କରିବାରେ ପ୍ରଯୁକ୍ତିବିଦ୍ୟା ହସ୍ତକ୍ଷେପ ସହାୟତା ନିଆଯିବ ଏବଂ ଏହାକୁ କାର୍ଯ୍ୟକାରୀ କରାଯିବ ।

2.7 ସାମ୍ପ୍ରତିକ ଶିକ୍ଷଣ ସଙ୍କଟର ବର୍ଦ୍ଧିତ ପରିମାଣ ହେତୁ ସାର୍ବଜନକ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ହାସଲ କରିବା ଲକ୍ଷ୍ୟରେ ଶିକ୍ଷକମାନଙ୍କୁ ସହାୟତା କରିବା ପାଇଁ ସମସ୍ତ ସାଧନ ଯୋଗ୍ୟ ପଦ୍ଧତି ଅନୁସନ୍ଧାନ କରାଯିବ । ସମଗ୍ର ବିଶ୍ୱ ଅଧ୍ୟୟନଗୁଡ଼ିକରୁ ଜଣାଯାଏ ଯେ ଜଣ-ଜଣକୁ ସହପାଠୀ ଶିକ୍ଷାଦାନ (Peer-tutoring) କେବଳ ଶିକ୍ଷାର୍ଥୀଙ୍କ ଶିଖିବା ପାଇଁ ନୁହେଁ ବରଂ ଶିକ୍ଷାଦାତାଙ୍କ ପାଇଁ ମଧ୍ୟ ଅତ୍ୟନ୍ତ 'ପ୍ରଭାବଶାଳୀ'। ଏହିପରି ପ୍ରଶିକ୍ଷଣପ୍ରାପ୍ତ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ଏବଂ ସୁରକ୍ଷା ଦିଗଗୁଡ଼ିକର ଯତ୍ନବାନ ହୋଇ ସହପାଠୀ

ପିଲାଙ୍କ ପାଇଁ ସହପାଠୀ ଶିକ୍ଷାଦାନକୁ ଏକ ସ୍ୱେଚ୍ଛାକୃତ ଓ ଆନନ୍ଦଦାୟକ କାର୍ଯ୍ୟକଳାପ ଭାବରେ ଗ୍ରହଣ କରାଯାଇପାରେ। ଅତିରିକ୍ତ ଭାବରେ ଉଭୟ ସ୍ଥାନୀୟ ସମ୍ପ୍ରଦାୟର ଓ ବାହାରର ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀମାନଙ୍କୁ ଏହି 'ଚାହତ' ମିଶନରେ ଅଂଶଗ୍ରହଣ କରିବା ପାଇଁ ଏହା ଅଧିକ ସହଜ ହେବ। ଗୋଷ୍ଠୀର ପ୍ରତ୍ୟେକ ସାକ୍ଷର ସଦସ୍ୟ, ଜଣେ ଶିକ୍ଷାର୍ଥୀ/ବ୍ୟକ୍ତି କିପରି ପଢ଼ିବେ ତାହା ଶିଖାଇବାର ପ୍ରତିଶ୍ରୁତି ନେଇପାରିଲେ, ଖୁବ ଶୀଘ୍ର ଏହା ଦେଶର ଦୃଶ୍ୟପଟ୍ଟକୁ ବଦଳାଇ ଦେବ। ଏହିପରି ସହପାଠୀ ଶିକ୍ଷାଦାନ ଓ ସ୍ୱେଚ୍ଛାସେବୀ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବାପାଇଁ ଶିକ୍ଷାର୍ଥୀମାନଙ୍କୁ ସମର୍ଥନ କରିବା ପାଇଁ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆରମ୍ଭ କରିବା ସହ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟମାନେ ଅଭିନବ ମଡ଼େଲ ପ୍ରତିଷ୍ଠା କରିବା ପାଇଁ ବିଚାର କରିପାରନ୍ତି ।

2.8 ସମସ୍ତ ସ୍ତରର ଶିକ୍ଷାର୍ଥୀମାନଙ୍କ ପାଇଁ ଉପଭୋଗ୍ୟ ଏବଂ ପ୍ରେରଣାଦାୟୀ ପୁସ୍ତକଗୁଡ଼ିକ ସମସ୍ତ ସ୍ଥାନୀୟ ଏବଂ ଭାରତୀୟ ଭାଷାରେ ଉଚ୍ଚ-ଗୁଣାତ୍ମକ ଅନୁବାଦମାଧ୍ୟମରେ (ଆବଶ୍ୟକତା ଅନୁଯାୟୀ ପ୍ରଯୁକ୍ତିବିଦ୍ୟା ସାହାଯ୍ୟରେ) ସମସ୍ତ ବିଦ୍ୟାଳୟ ଓ ସ୍ଥାନୀୟ ସର୍ବସାଧାରଣ ପାଠାଗାରରେ ବ୍ୟାପକଭାବେ ଉପଲବ୍ଧ ହେବ। ସାର୍ବ ଜନୀନ ଏବଂ ବେସରକାରୀ ପାଠାଗାରଗୁଡ଼ିକ ଦେଶରେ ପଢ଼ିବାର ସଂସ୍କୃତି ଗଠନ କରିବା ପାଇଁ ପ୍ରର୍ଯ୍ୟାପ୍ତ ବିସ୍ତାର କରାଯିବ। ପଢ଼ିବାର ଗୁରୁତ୍ୱକୁ ବୃଦ୍ଧି କରିବା ପାଇଁ ଜନସାଧାରଣ ଓ ବିଦ୍ୟାଳୟ ଡିଜିଟାଲ ଲାଇବ୍ରେରୀ/ ପାଠାଗାରଗୁଡ଼ିକ ମଧ୍ୟ ପ୍ରତିଷ୍ଠା କରାଯିବ । ଅଣ ବିଦ୍ୟାଳୟ ସମୟରେ ଗୋଷ୍ଠୀର ସୁବିଧା ପାଇଁ ଗ୍ରାମାଞ୍ଚଳରେ ବିଦ୍ୟାଳୟ ପାଠାଗାରଗୁଡ଼ିକ ସ୍ଥାପନ କରାଯିବ ଏବଂ ବ୍ୟାପକ ପଠନକୁ ସୁଗମ ତଥା ପ୍ରୋତ୍ସାହିତ କରିବା ପାଇଁ ପୁସ୍ତକ କ୍ଲବଗୁଡ଼ିକ ସର୍ବସାଧାରଣ/ ବିଦ୍ୟାଳୟ ଲାଇବ୍ରେରୀ ସହିତ ମିଶି କାର୍ଯ୍ୟ କରିପାରିବେ। ଏକ ପୁସ୍ତକ ପ୍ରୋତ୍ସାହନ ନୀତି (National Book Promotion Policy) ଏବଂ ଭୂଗୋଳ, ଭାଷା, ସ୍ତର ଓ ଶୈଳୀରେ ପୁସ୍ତକର ଉପଲବ୍ଧତା ନିଶ୍ଚିତ କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯିବ।

2.9 ପିଲାମାନେ ପୃଷ୍ଟିହୀନ କିମ୍ବା ଅସୁସ୍ଥ ଥିଲେ ଶିକ୍ଷାଗ୍ରହଣ କରିବାରେ ଅସମର୍ଥ ହୋଇଥାଆନ୍ତି। ତେଣୁ ସୁସ୍ଥ ଭୋଜନ ଏବଂ ବିଦ୍ୟାଳୟ ବ୍ୟବସ୍ଥାରେ ସୁ-ତାଲିମପ୍ରାପ୍ତ ସାମାଜିକ କର୍ମୀ,ପରାମର୍ଶଦାତା ଓ ଗୋଷ୍ଠୀର ସମ୍ପୃକ୍ତି ମାଧ୍ୟମରେ ପିଲାମାନଙ୍କର ପୋଷଣ ଓ ସ୍ୱାସ୍ଥ୍ୟ (ମାନସିକ, ସ୍ୱାସ୍ଥ୍ୟ ସମେତ) ଆବଶ୍ୟକତାକୁ ପୂରଣ କରାଯିବ। ଅଧିକନ୍ତୁ, ଗବେଷଣାରୁ ଜଣାପଡିଛି ଯେ ସକାଳର ପୃଷ୍ଟିକର ଜଳଖିଆ ପରେ ଜ୍ଞାନାଗତ ଆବଶ୍ୟକତା ଥିବା ବିଷୟଗୁଡ଼ିକର ଅଧ୍ୟୟନ ଅଧିକ ପ୍ରଭାବଶାଳୀ ହୋଇଥାଏ। ସେଥିପାଇଁ ଏହି ସମୟର ସଦୁପଯୋଗ କରାଯାଇପାରେ। ତେଣୁ ଏହି ସମୟରେ ମଧ୍ୟାହ୍ନ ଭୋଜନ ବ୍ୟତୀତ ସରଳ କିନ୍ତୁ ଶକ୍ତିପ୍ରଦାନକାରୀ ଜଳଖିଆ ପ୍ରଦାନ କରି ପିଲାମାନଙ୍କୁ ଏହାର ସୁଫଳ ଯୋଗାଇ ଦିଆଯାଇପାରେ । ପିଲାଙ୍କୁ ଯେଉଁ ସ୍ଥାନରେ ଗରମ ରନ୍ଧାଖାଦ୍ୟ ଯୋଗାଇବା ସମ୍ଭବ ନୁହେଁ, ସେଠାରେ ପିଲାଙ୍କୁ ସରଳ କିନ୍ତୁ ପୃଷ୍ଟିକର ଖାଦ୍ୟ ଯଥା- ଚିନାବାଦାମ୍ / ଚଣା ସହିତ ଗୁଡ଼ ଏବଂ/ କିମ୍ବା ସ୍ଥାନୀୟ ଫଳ ମଧ୍ୟ ଯୋଗାଇ ଦିଆଯାଇପାରେ। ସମସ୍ତ ସ୍କୁଲ୍ ପିଲାମାନଙ୍କର ନିୟମିତ ଭାବେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ, ବିଶେଷକରି 100% ଟୀକାକରଣ କରାଯିବ। ଏସବୁକୁ ନିରୀକ୍ଷଣ କରିବାପାଇଁ ସ୍ୱାସ୍ଥ୍ୟକାର୍ଡ ଜାରି କରାଯିବ।

## 3. ପାଠତ୍ୟାଗୀ ହାର ହ୍ରାସ କରିବା ଏବଂ ଶିକ୍ଷାର ସମସ୍ତ ସ୍ତରରେ ସାର୍ବଜନୀନ ସୁଯୋଗ ସୁନିଶ୍ଚିତ କରିବା

3.1 ସମସ୍ତ ପିଲାମାନେ ବିଦ୍ୟାଳୟରେ ନାମ ଲେଖାଉଛନ୍ତି ଏବଂ ପଢୁଛନ୍ତି ଏହା ନିଶ୍ଚିତ କରିବା ହେଉଛି ବିଦ୍ୟାଳୟ ବ୍ୟବସ୍ଥାର ଏକ ପ୍ରମୁଖ ଲକ୍ଷ୍ୟ । ସର୍ବ ଶିକ୍ଷା ଅଭିଯାନ (ବର୍ତ୍ତମାନ ସମଗ୍ର ଭାବେ ପରିଚିତ) ଓ ଶିକ୍ଷା ଅଧିକାର ଅଧିନିୟମ ଭଳି ପଦକ୍ଷେପ ମାଧ୍ୟମରେ ଭାରତ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ନିକଟତମ- ସାର୍ବଜନୀନ ନାମଲେଖା ହାସଲ କରିବାରେ ନିକଟ ଅତୀତରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ତଥାପି, ପରବର୍ତ୍ତୀ ଶ୍ରେଣୀଗୁଡ଼ିକର ତଥ୍ୟ ସୁଚାଇଥାଏ ଯେ, ବିଦ୍ୟାଳୟ ବ୍ୟବସ୍ଥାରେ ପିଲାମାନଙ୍କୁ ଧରି ରଖିବାରେ ଅନେକ ଗମ୍ଭୀର ସମସ୍ୟା ରହିଛି,ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପାଇଁ GER ୨0.୨ % ଥିବାବେଳେ ନବମ-ଦଶମ ଏବଂ ଏକାଦଶ-ଦ୍ୱାଦଶ ଶ୍ରେଣୀ ପାଇଁ ଏହା ଯଥାକ୍ରମେ 79.3% ଓ 56.5% ଥିଲା ଯାହା ସୂଚାଇଥାଏ ଯେ ନାମଲେଖାଇଥିବା ଶିକ୍ଷାର୍ଥୀଙ୍କ ମଧ୍ୟରୁ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପଞ୍ଚମ ଶ୍ରେଣୀ ପରେ ଏବଂ ବିଶେଷକରି ଅଷ୍ଟମ ଶ୍ରେଣୀ ପରେ ବିଦ୍ୟାଳୟ ଶିକ୍ଷା ଛାଡି ଦେଇଥାଆନ୍ତି । 2017-2018 ରେ NSSO ଦ୍ୱାରା 75ତମ ରାଉଣ୍ଡ ଘରୋଇ ସର୍ବେକ୍ଷଣ ଅନୁଯାୟୀ 6 ରୁ 17 ବର୍ଷ ବୟସର ବିଦ୍ୟାଳୟରୁ ବାହାରୁଥିବା ପିଲାମାନଙ୍କର ସଂଖ୍ୟା ହେଉଛି 3.22 କୋଟି। 2030 ସୁଦ୍ଧା ପ୍ରାକ-ବିଦ୍ୟାଳୟରୁ ମାଧ୍ୟମିକ ସ୍ତରରେ 100% ମୋଟ ନାମଲେଖା ଅନୁପାତ (GER) ହାସଲ କରିବା ଲକ୍ଷ୍ୟରେ ଏହି ପିଲାମାନଙ୍କୁ ଯଥାଶୀଘ୍ର ଶିକ୍ଷା ପରିସରକୁ ଫେରାଇଆଣିବା ଓ ଅଧିକ ଶିକ୍ଷାର୍ଥୀଙ୍କୁ ପାଠତ୍ୟାଗୀ ନ କରିବାକୁ ପ୍ରାଥମିକତା ହେବ। ସାର୍ବଜନୀନ ଶିକ୍ଷା ସୁଯୋଗ ସୁନିଶ୍ଚିତ କରିବା

ପାଇଁ ତଥା ଦେଶର ସମସ୍ତ ପିଲାଙ୍କୁ ଗୁଣାତ୍ମକ ସାମଗ୍ରିକ ଶିକ୍ଷା ଯୋଗାଇବା ପାଇଁ ଏକ ମିଳିତ ଜାତୀୟ ପ୍ରୟାସ କରାଯିବ, ଯେଉଁଥିରେ ପ୍ରାକ-ବିଦ୍ୟାଳୟରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ଓ ଧନ୍ଦାମୂଳକ ଶିକ୍ଷା ଅନ୍ତର୍ଭୁକ୍ତ ହେବ ।

3.2 ଏହି ପିଲାମାନଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବା ପାଇଁ ଓ ପରବାରର୍ତ୍ତୀ ସମୟରେ ଅନ୍ୟ ପିଲାମାନେ ଯେପରି ବିଦ୍ୟାଳୟ ଛାଡି ନ ଯିବେ ତାହା ରୋକିବା ପାଇଁ ସାମଗ୍ରିକ ଭାବେ ଦୁଇଟି ପଦକ୍ଷେପ ଅଛି, ପ୍ରଥମଟି ହେଉଛି, ପ୍ରଭାବଶାଳୀ ଏବଂ ପର୍ଯ୍ୟାପ୍ତ ଭିତ୍ତିଭୂମି ଯୋଗାଇବା, ଯଦ୍ୱାରା ସମସ୍ତ ଶିକ୍ଷାର୍ଥୀଙ୍କ ନିମନ୍ତେ ପ୍ରାକ୍-ପ୍ରାଥମିକ ବିଦ୍ୟାଳୟରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସ୍ତରରେ ନିରାପଦ ତଥା ଆନନ୍ଦମୟ ବିଦ୍ୟାଳୟ ଶିକ୍ଷା ଉପଲବ୍ଧ ହୋଇପାରିବ । ଦ୍ୱିତୀୟ ସ୍ତରରେ ନିୟମିତ ତାଲିମପ୍ରାପ୍ତ ଶିକ୍ଷକ ଯୋଗାଇବା ସହିତ କୌଣସି ବିଦ୍ୟଳୟ ଭିତ୍ତିଭୂମି ଅଭାବ ନ ହେବା ପାଇଁ ବିଶେଷ ଯତ୍ନ ନିଆଯିବ । ସରକାରୀ ବିଦ୍ୟାଳୟଗୁଡ଼ିକରେ ବିଶ୍ୱସନୀୟତା ପୁନଃ ସ୍ଥାପିତ କରାଯିବ ଏବଂ ବର୍ତ୍ତମାନ କାର୍ଯ୍ୟ କରୁଥିବା ବିଦ୍ୟାଳୟଗୁଡ଼ିକ ଉନ୍ନତ ତଥା ବ୍ୟାପକ କରାଯିବ, ଯେଉଁଠାରେ ବିଦ୍ୟାଳୟ ବିଦ୍ୟମାନ ନାହିଁ ସେହି ଅଞ୍ଚଳରେ ଅତିରିକ୍ତ ଗୁଣାତ୍ମକ ବିଦ୍ୟଳୟ ସ୍ଥାପନ କରାଯିବ ଏବଂ ନିରାପଦ ଓ ବ୍ୟବହାରିକ ପରିବହନ ବ୍ୟବସ୍ଥା ଏବଂ/ କିମ୍ବା ଛାତ୍ରାବାସ ଯୋଗାଇବା (ବିଶେଷକରି ବାଳିକା ମାନଙ୍କ ପାଇଁ) ଦ୍ୱାରା ଏହା ହାସଲ ହେବ, ଯଦ୍ୱାରା ସମସ୍ତ ପିଲା ଏକ ଗୁଣାତ୍ମକ ବିଦ୍ୟାଳୟରେ ପଢିବେ ଏବଂ ଉପଯୁକ୍ତ ସ୍ତରରେ ଶିଖିବାର ସୁଯୋଗ ପାଇବେ । ନାଗରିକ ସମାଜ ସହ ସହଯୋଗରେ ବିକଳ୍ପ ତଥା ଅଭିନବ ଶିକ୍ଷାକେନ୍ଦ୍ର ସ୍ଥାପନ କରାଯିବ, ଯଦ୍ୱାରା ସ୍ଥାନାନ୍ତରିତ ଶ୍ରମିକମାନଙ୍କ ପିଲାମାନେ ଓ ବିଭିନ୍ନ ପରିସ୍ଥିତିରୁ ବିଦ୍ୟାଳୟ ଛାଡୁଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତକୁ ଫେରାଇ ଅଣାଯିବ ।

3.3 ଦ୍ୱିତୀୟଟି ହେଉଛି, ବିଦ୍ୟାଳୟରେ ସାର୍ବଜନୀନ ଅଂଶଗ୍ରହଣ ହାସଲ କରିବା, ଶିକ୍ଷାର୍ଥୀମାନଙ୍କୁ ଓ ସେମାନଙ୍କ ଶିକ୍ଷଣସ୍ତରକୁ ଯତ୍ନର ସହ ଅନୁଧାବନ କରିବା, ନିଶ୍ଚିତ କରିବା ଯେ ସେମାନେ (କ) ବିଦ୍ୟାଳୟରେ ନାମ ଲେଖାଇଛନ୍ତି ଓ ବିଦ୍ୟାଳୟକୁ ଆସୁଛନ୍ତି ଏବଂ (ଖ) ଯଦି ସେମାନେ ପଛୁଆ ଅଛନ୍ତି କିମ୍ବା ବିଦ୍ୟାଳୟ ଛାଡିଛନ୍ତି, ତେବେ ବିଦ୍ୟାଳୟ ସହିତ ଯୋଡି ହେବା ଓ ବିଦ୍ୟାଳୟରେ ପୁନଃପ୍ରବେଶ କରିବା ପାଇଁ ଉପଯୁକ୍ତ ସୁଯୋଗ ଅଛି । ପ୍ରାରମ୍ଭ/ ମୌଳିକ ପର୍ଯ୍ୟାୟରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ସମାନ ଏବଂ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଉପଯୁକ୍ତ ସୁବିଧା ବ୍ୟବସ୍ଥା ସ୍ଥାପନ କରାଯିବ । ବିଦ୍ୟାଳୟ / ବିଦ୍ୟାଳୟ ସଙ୍ଗମ ସହିତ ସଂପୃକ୍ତ ପରାମର୍ଶଦାତା କିମ୍ବା ଉନ୍ନତ ତାଲିମପ୍ରାପ୍ତ ସାମାଜିକ କର୍ମୀ ଏବଂ ଶିକ୍ଷକମାନେ ନିରନ୍ତର ଭାବେ ଶିକ୍ଷାର୍ଥୀ ଏବଂ ସେମାନଙ୍କ ପିତାମାତାଙ୍କ ସହ କାର୍ଯ୍ୟ କରିବେ ଏବଂ ଗୋଷ୍ଠୀର ସଦସ୍ୟଙ୍କ ସହ ସଂପୃକ୍ତ ରହି ଏକତ୍ର କାର୍ଯ୍ୟ କରିବେ, ଯେପରି ସମସ୍ତ ବିଦ୍ୟାଳୟ ବୟସର ପିଲାମାନେ ବିଦ୍ୟାଳୟକୁ ନିୟମିତ ଭାବେ ଆସିବେ ଓ ଶିଖିବେ । ନାଗରିକ ସମାଜ ସଂଗଠନ/ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ବିଭାଗର ତାଲିମପ୍ରାପ୍ତ ତଥା ଯୋଗ୍ୟ ସାମାଜିକ କର୍ମୀ ତଥା ରାଜ୍ୟ ଓ ଜିଲ୍ଲା ସ୍ତରରେ ଭିନ୍ନକ୍ଷମଙ୍କ ସଶକ୍ତିକରଣ ନିମନ୍ତେ କାର୍ଯ୍ୟକରୁଥିବା ସରକାରୀ କାର୍ଯ୍ୟକର୍ତ୍ତା ମାନେ, ରାଜ୍ୟ / କେନ୍ଦ୍ରଶାସିତ ଓ ଅଞ୍ଚଳର ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ଅଭିନବ ପ୍ରଣାଳୀ ମାଧ୍ୟମରେ ବିଦ୍ୟାଳୟ ସହିତ ସଂଯୁକ୍ତ ହୋଇପାରିବେ ଓ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବାରେ ସହାୟତା କରିବେ ।

3.4 ଥରେ ଭିତ୍ତିଭୂମି ଏବଂ ଅଂଶଗ୍ରହଣ ହୋଇଗଲେ, ଶିକ୍ଷାର୍ଥୀମାନଙ୍କୁ ଅବଧାରଣ କରି ରଖିବାରେ ଗୁଣବତ୍ତା ପ୍ରମୁଖ ଭୂମିକା ଗ୍ରହଣ କରେ, ଯାହାଫଳରେ ସେମାନେ (ବିଶେଷ କରି ବାଳିକାଏବଂ ଅନ୍ୟାନ୍ୟ ସାମାଜିକ-ଅର୍ଥନୈତିକ ଅନଗ୍ରସର ବର୍ଗର ଶିକ୍ଷାର୍ଥୀ) ବିଦ୍ୟାଳୟରେ ପଢିବାକୁ ଆଗ୍ରହ ହରାଇବେ ନାହିଁ । ଉଚ୍ଚ ପାଠତ୍ୟାଗୀ ହାର ଥିବା ଅଞ୍ଚଳରେ ସ୍ଥାନୀୟ ଭାଷାରେ ଜ୍ଞାନ ଥିବା ଶିକ୍ଷକଙ୍କୁ ନିୟୋଜିତ କରିବା ଭଳି ଏକ ପ୍ରୋତ୍ସାହନ ପ୍ରଣାଳୀ ଆବଶ୍ୟକ ଏବଂ ଏହାକୁ ଅଧିକ ଆକର୍ଷକ ଓ ଉପଯୋଗୀ କରିବା ପାଇଁ ପାଠ୍ୟକ୍ରମକୁ ସଜାଡ଼ିବାକୁ ହେବ ।

3.5 ସାମାଜିକ-ଅର୍ଥନୈତିକ ଅନଗ୍ରସର ଗୋଷ୍ଠୀ (SEDCs)ଙ୍କ ଉପରେ ବିଶେଷ ଗୁରୁତ୍ୱ ସହ ସମସ୍ତ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣକୁ ସୁଗମ କରିବାପାଇଁ ଉଭୟ ଆନୁଷ୍ଠାନିକ ତଥା ଅଣଆନୁଷ୍ଠାନିକ ଶିକ୍ଷା ଧାରା ସହିତ ଏକାଧିକ ଉପାୟକୁ ସୁଗମ କରିବାପାଇଁ ବିଦ୍ୟାଳୟ ଶିକ୍ଷାର ପରିସର ବିସ୍ତାର କରାଯିବ, ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ ଶିକ୍ଷା ପ୍ରତିଷ୍ଠାନ (NIOS) ଓ ରାଜ୍ୟ ମୁକ୍ତ ଶିକ୍ଷା ସଂସ୍ଥା ଦ୍ୱାରା ପ୍ରଦାନ କରାଯାଉଥିବା ମୁକ୍ତ ଓ ଦୂର ଶିକ୍ଷା କାର୍ଯ୍ୟକ୍ରମ ସେମାନଙ୍କର ଶୈକ୍ଷିକ ଆବଶ୍ୟକତାକୁ ପୂରଣ କରିବ । ଯେଉଁ ଭାରତୀୟ ଯୁବଗୋଷ୍ଠୀ ପ୍ରକୃତ ବିଦ୍ୟାମାନ ବିଦ୍ୟାଳୟ ଯିବାକୁ ସମର୍ଥ ହେଉନଥିବେ, ସେମାନଙ୍କ ଶୈକ୍ଷିକ ଆବଶ୍ୟକତାକୁ ପୂରଣ କରିବାପାଇଁ ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ ଶିକ୍ଷା ପ୍ରତିଷ୍ଠାନ (NIOS) ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ଶିକ୍ଷା ସଂସ୍ଥା (SIOS) ଦ୍ୱାରା ପ୍ରଦାନ କରାଯାଉଥିବା ମୁକ୍ତ ଓ ଦୂର ଶିକ୍ଷା କାର୍ଯ୍ୟକ୍ରମକୁ ବିସ୍ତାର କରିବା ସହ ଦୃଢୀକରଣ କରାଯିବ । NIOS ଓ SIOS ବର୍ତ୍ତମାନର କାର୍ଯ୍ୟକ୍ରମ ସହିତ ନିମ୍ନଲିଖିତ

କାର୍ଯ୍ୟକ୍ରମଗୁଡ଼ିକ ପ୍ରଦାନ କରିବେ : A, B ଓ C ସ୍ତର ଯେଉଁଗୁଡ଼ିକ ଅନୁଷ୍ଠାନିକ ବିଦ୍ୟାଳୟ ବ୍ୟବସ୍ଥାର ତୃତୀୟ, ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ସହିତ ସମାନ; ମାଧ୍ୟମିକ ଶିକ୍ଷା କାର୍ଯ୍ୟକ୍ରମ ଯେଉଁଗୁଡ଼ିକ ଦଶମ ଓ ଦ୍ୱାଦଶ ଶ୍ରେଣୀ ସହ ସମାନ; ଧନ୍ଦାମୂଳକ ଶିକ୍ଷା ପାଠ୍ୟକ୍ରମ / କାର୍ଯ୍ୟକ୍ରମ; ଏବଂ ପୌଢ଼ ସାକ୍ଷରତା ଓ ଜୀବନ-ସମୃଦ୍ଧ କାର୍ଯ୍ୟକ୍ରମ । ରାଜ୍ୟଗୁଡ଼ିକୁ ନୂତନ SIOS ପ୍ରତିଷ୍ଠା କରି / ବିଦ୍ୟମାନ SIOS କୁ ସୁଦୃଢ କରି ଆଞ୍ଚଳିକ ଭାଷାରେ ଏହି କାର୍ଯ୍ୟକ୍ରମ ପ୍ରଦାନ କରିବାକୁ ଉତ୍ସାହିତ କରାଯିବ ।

3.6 ଉଭୟ ସରକାରୀ ତଥା ଅଣ-ସରକାରୀ, ପରୋପକାରୀ ସଂଗଠନ ଦ୍ୱାରା ନୂତନ ବିଦ୍ୟାଳୟ ସ୍ଥାପନକୁ ସହଜ କରିବା, ସଂସ୍କୃତି, ଭୌଗଳିକ ଏବଂ ଜନସଂଖ୍ୟା କାରଣରୁ ସ୍ଥାନୀୟ ପରିବର୍ତ୍ତନକୁ ଉତ୍ସାହିତ କରିବା ଓ ଶିକ୍ଷାର ବିକଳ୍ପ ମଡ଼େଲକୁ ଅନୁମତି ଦେବା ପାଇଁ ବିଦ୍ୟାଳୟଗୁଡ଼ିକର ଆବଶ୍ୟକତାରେ ପ୍ରତିବନ୍ଧକ ହ୍ରାସ କରାଯିବ । ଇନପୁଟ (INPUT) ଉପରେ କମ୍ ଗୁରୁତ୍ୱ ଦିଆଯାଇ ଇଚ୍ଛାକୃତ ଶିକ୍ଷଣ ଫଳାଫଳ ସମ୍ବନ୍ଧୀୟ ଆଉଟପୁଟ (OUTPUT) ଉପରେ ଅଧିକ ଗୁରୁତ୍ୱ ଦିଆଯିବ, ଇନ୍‌ପୁଟ୍ ଉପରେ ନିୟମାବଳୀକୁ କେତେକ କ୍ଷେତ୍ରରେ ସୀମିତ ରଖାଯିବ, ଯେଉଁଗୁଡ଼ିକ ଅଷ୍ଟମ ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି । ବିଦ୍ୟାଳୟଗୁଡ଼ିକ ପାଇଁ ଅନ୍ୟ ମଡ଼େଲଗୁଡ଼ିକୁ ପରୀକ୍ଷାମୂଳକଭାବେ ବ୍ୟବହାର କରାଯିବ, ଯେପରି ସର୍ବସାଧାରଣ – ପରୋପକାରୀ ସଂଗଠନ ସହଭାଗୀତା ।

3.7 ଗୋଷ୍ଠୀର ସଦସ୍ୟ ଏବଂ ପୁରାତନ ଶିକ୍ଷାର୍ଥୀମାନଙ୍କୁ ବିଦ୍ୟାଳୟରେ ଶିକ୍ଷଣ ଅଭିବୃଦ୍ଧି କାର୍ଯ୍ୟରେ ସ୍ୱେଚ୍ଛାକୃତ ଭାବେ ଅଂଶୀଦାର ହେବା ପାଇଁ ପ୍ରୟାସ କରାଯିବ : ଜଣକୁ ଜଣେ ଶିକ୍ଷାଦାନ (one-to-one tutoring); ସାକ୍ଷରତା ଶିକ୍ଷା ଏବଂ ଅତିରିକ୍ତ ସହାୟତା ଅଧିବେଶନର ଆୟୋଜନ; ପ୍ରଶିକ୍ଷକଙ୍କ ପାଇଁ ଶୈକ୍ଷିକ ସହାୟତା ଅଧିବେଶନର ଆୟୋଜନ; ପ୍ରଶିକ୍ଷକଙ୍କ ପାଇଁ ଶୈକ୍ଷିକ ସହାୟତା ଓ ମାର୍ଗଦର୍ଶନ; ଶିକ୍ଷାର୍ଥୀମାନଙ୍କ ପାଇଁ ବୃତ୍ତିମାର୍ଗଦର୍ଶନ ଏବଂ ପରାମର୍ଶ; ଇତ୍ୟାଦି । ଏହି ପରିପ୍ରେକ୍ଷୀରେ ସକ୍ରିୟ ତଥା ସୁସ୍ଥ ବରିଷ୍ଠ ନାଗରିକ, ବିଦ୍ୟାଳୟ ପୁରାତନ ଛାତ୍ର ଏବଂ ସ୍ଥାନୀୟ ଗୋଷ୍ଠୀର ସଦସ୍ୟଙ୍କ ସମର୍ଥନ ଉପଯୁକ୍ତ ଭାବରେ ହାସଲ କରାଯିବ । ଏହି ଉଦ୍ଦେଶ୍ୟରେ ସାକ୍ଷର ସ୍ୱେଚ୍ଛାସେବୀ, ଅବସରପ୍ରାପ୍ତ ବୈଜ୍ଞାନିକ / ସରକାରୀ / ଅର୍ଦ୍ଧ-ସରକାରୀ କର୍ମଚାରୀ, ପୂରାତନ ଛାତ୍ରଛାତ୍ରୀ ଏବଂ ଶିକ୍ଷାବିତଙ୍କ ତଥ୍ୟ ସଂଗ୍ରହ କରି ରଖାଯିବ ।

## 4. ବିଦ୍ୟାଳୟରେ ପାଠ୍ୟକ୍ରମ ଏବଂ ଶିକ୍ଷାଦାନ : ଶିକ୍ଷଣ ଶାସ୍ତ୍ର ଶିକ୍ଷଣ ସାମଗ୍ରିକ, ସମନ୍ୱିତ, ଆନନ୍ଦଦାୟୀ ଏବଂ ଅଂଶଗ୍ରହଣାତ୍ମକ ହେବା ଆବଶ୍ୟକ

### ବିଦ୍ୟାଳୟ ପାଠ୍ୟକ୍ରମ ଏବଂ ଶିକ୍ଷାଦାନ ଶିକ୍ଷଣ ଶାସ୍ତ୍ରକୁ ନୂତନ 5+3+3+4 ଢାଞ୍ଚାରେ ପୁନର୍ଗଠନ କରିବା

4.1 ବିଦ୍ୟାଳୟ ଶିକ୍ଷାର ପାଠ୍ୟକ୍ରମ ଏବଂ ଶିକ୍ଷାଦାନ ଶିକ୍ଷଣ ସଂଗଠନକୁ ପୁନଃଗଠିତ କରାଯିବ, କାରଣ 3-8, 8-11, 11-14 ଏବଂ 14-18 ବର୍ଷ ବୟସର ବିଭିନ୍ନ ପର୍ଯ୍ୟାୟର ଶିକ୍ଷାର୍ଥୀମାନଙ୍କର ବିକାଶର ଅଲଗା ଅଲଗା ଅବସ୍ଥା ଆଧାରରେ ସେମାନଙ୍କ ଆବଶ୍ୟକତା ଏବଂ ଆଗ୍ରହକୁ ଉଚିତ ଦୃଷ୍ଟି ଦିଆଯାଇପାରିବ । ଏଥିପାଇଁ ବିଦ୍ୟାଳୟ ଶିକ୍ଷାସ୍ତରର ପାଠ୍ୟକ୍ରମ ଶିକ୍ଷାଦାନ ଶିକ୍ଷଣ ସଂଗଠନ ଏବଂ ପାଠ୍ୟକ୍ରମ ରୂପରେଖ 5+3+3+4 ଢାଞ୍ଚାରେ ପରିଚାଳିତ ହେବ; ପ୍ରାରମ୍ଭ / ମୌଳିକ ପର୍ଯ୍ୟାୟ (ଦୁଇ ଭାଗରେ, ଅର୍ଥାତ୍ 3ବର୍ଷ ଅଙ୍ଗନୱାଡ଼ି / ପ୍ରାକ୍-ବିଦ୍ୟାଳୟ 2ବର୍ଷ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଉଭୟ ଭାଗକୁ ମିଶାଇ 3 ରୁ 8 ବର୍ଷ ବୟସର ଶିକ୍ଷାର୍ଥୀ), ପ୍ରସ୍ତୁତି ପର୍ଯ୍ୟାୟ (ତୃତୀୟ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ – 8 ରୁ 11 ବର୍ଷ ବୟସର ଶିକ୍ଷାର୍ଥୀ), ମଧ୍ୟ ପର୍ଯ୍ୟାୟ ଷଷ୍ଠ ରୁ ଅଷ୍ଟମ ଶ୍ରେଣୀ – 11 ରୁ 14 ବର୍ଷ ବୟସର ଶିକ୍ଷାର୍ଥୀ), ଏବଂ ମାଧ୍ୟମିକ ପର୍ଯ୍ୟାୟ (ଦୁଇଟି ଭାଗରେ ନବମରୁ ଦ୍ୱାଦଶ ଶ୍ରେଣୀ, ଅର୍ଥାତ୍ ପ୍ରଥମ ଭାଗରେ ନବମ ଓ ଦଶମ ଶ୍ରେଣୀ ଏବଂ ଦ୍ୱିତୀୟ ଭାଗରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ – 14 ରୁ 18 ବର୍ଷ ବୟସର ଶିକ୍ଷାର୍ଥୀଙ୍କୁ ଅନ୍ତର୍ଭୁକ୍ତ କରେ) ।

4.2 ଅନୁଚ୍ଛେଦ 1.2 ରେ ଉଲ୍ଲେଖ କରାଯାଇଥିବା ECCE ର ପାଠ୍ୟକ୍ରମ ଏବଂ ଶିକ୍ଷାଦାନ ଶିକ୍ଷଣ ଶାସ୍ତ୍ର ଆଧାରରେ ପ୍ରାରମ୍ଭ / ମୌଳିକ ପର୍ଯ୍ୟାୟ ପାଞ୍ଚ ବର୍ଷର ନମନୀୟ, ବହୁସ୍ତର, କ୍ରୀଡ଼ା / ଶିକ୍ଷଣକାର୍ଯ୍ୟ-ଭିତ୍ତିକ ଶିକ୍ଷଣକୁ ନେଇ ଗଠିତ ହେବ । ପ୍ରସ୍ତୁତି ପର୍ଯ୍ୟାୟ ତିନି ବର୍ଷ ଅବଧି ବିଶିଷ୍ଟ, ଯେଉଁଥିରେ ପ୍ରାରମ୍ଭ ପର୍ଯ୍ୟାୟରେ ସମ୍ପାଦିତ ହେଉଥିବା ଖେଳ ଆବିଷ୍କାର ଓ ଶିକ୍ଷଣ କାର୍ଯ୍ୟଭିତ୍ତିକ ଶ୍ରେଣୀଗୃହ ଶିକ୍ଷାର ଦିଗଗୁଡ଼ିକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯିବ । ଫଳରେ ପଠନ, ଲିଖନ କଥନ, ଶାରୀରିକ ଶିକ୍ଷା, କଳା, ଭାଷା, ବିଜ୍ଞାନ, ଏବଂ ଗଣିତ ସହିତ ସମସ୍ତ ବିଷୟଗୁଡ଼ିକ ମଧ୍ୟରେ ଏକ ଦୃଢ଼ ମୂଳଦୁଆ ସ୍ଥାପନ କରାଯାଇପାରିବ । ମଧ୍ୟମ ପର୍ଯ୍ୟାୟ ତିନି ବର୍ଷର ଶିକ୍ଷାକୁ ନେଇ ଗଠିତ ହେବ, ଯାହାକି ପ୍ରସ୍ତୁତି ପର୍ଯ୍ୟାୟର ଶିକ୍ଷାଦାନ ଶିକ୍ଷଣ ଶୈଳୀ ଏବଂ ପାଠ୍ୟକ୍ରମ ଉପରେ ନିର୍ମିତ ହେବ । ଏହି ସମୟରେ ବିଷୟ ଶିକ୍ଷକଙ୍କ

ଦ୍ୱାରା ବିଷୟର ଅମୂର୍ତ୍ତ ଧାରଣା ବିଷୟରେ ଆଲୋଚନା କରାଯିବ ଏଥିପାଇଁ ଶିକ୍ଷାର୍ଥୀମାନଙ୍କୁ ପ୍ରସ୍ତୁତ କରିବାକୁ ହେବ । ବିଜ୍ଞାନ, ଗଣିତ, କଳା, ସାମାଜିକ ବିଜ୍ଞାନ ଆଦି ବିଷୟ ମାଧ୍ୟମରେ ଏହି ପର୍ଯ୍ୟାୟ କରାଯିବ । ପ୍ରତ୍ୟେକ ବିଷୟରେ ଅନୁଭୂତିଭିତ୍ତିକ ଶିକ୍ଷଣ ଏବଂ ବିଭିନ୍ନ ବିଷୟ ମଧ୍ୟରେ ଥିବା ସମ୍ପର୍କକୁ ଅନୁସନ୍ଧାନ କରିବାକୁ ଉତ୍ସାହିତ କରାଯିବ । ମାଧ୍ୟମିକ ପର୍ଯ୍ୟାୟ ଚାରି ବର୍ଷର ବହୁ-ବିଷୟକ ଅଧ୍ୟୟନକୁ ନେଇ ଗଠିତ । ଏହି ସ୍ତର ମଧ୍ୟ ପର୍ଯ୍ୟାୟର ବିଷୟ-ଆଧାରିତ ପାଠ୍ୟକ୍ରମ ଓ ଶୈକ୍ଷଣିକ ଢାଞ୍ଚା ଉପରେ ନିର୍ମିତ ହେବ, କିନ୍ତୁ ଅଧିକ ଗଭୀରତା, ଚିନ୍ତନମୂଳକ, ଜୀବନ ଆକାଂକ୍ଷା ପ୍ରତି ଅଧିକ ଧ୍ୟାନ, ଏବଂ ବିଷୟଗୁଡ଼ିକର ନମନୀୟତା ଏବଂ ଶିକ୍ଷାର୍ଥୀମାନଙ୍କ ପସନ୍ଦ ଆଧାରିତ ହେବ । ବିଶେଷ ଭାବରେ, ଶିକ୍ଷାର୍ଥୀମାନେ ଦଶମ ଶ୍ରେଣୀ ପରେ ବିଦାୟ ନେବାର ବିକଳ୍ପ ପାଇବେ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଯଦି ଶିକ୍ଷାର୍ଥୀ ଇଚ୍ଛା କରେ ତେବେ ପୁନଃପ୍ରବେଶ କରି 11-12 ଶ୍ରେଣୀରେ ଉପଲବ୍ଧ ଅନ୍ୟ କୌଣସି ପାଠ୍ୟକ୍ରମର ବିକାଶ ଏବଂ ଶିକ୍ଷାଦାନ-ଶିକ୍ଷା କୌଶଳର ସୂଚନା ଦେବେ, କିନ୍ତୁ ଏଥିପାଇଁ ଭୌତିକ ଭିତ୍ତିଭୂମିରେ ସମାନ୍ତରାଳ ପରିବର୍ତ୍ତନ ଆବଶ୍ୟକ ହେବ ନାହିଁ ।

## ଶିକ୍ଷାର୍ଥୀମାନଙ୍କର ସାମଗ୍ରିକ ବିକାଶ

4.4 ସମସ୍ତ ପର୍ଯ୍ୟାୟରେ ପାଠ୍ୟକ୍ରମ ଏବଂ ଶୈକ୍ଷଣିକ ସଂସ୍କାରର ସାମଗ୍ରିକ କେନ୍ଦ୍ରବିନ୍ଦୁ ହେଉଛି ଶିକ୍ଷା ବ୍ୟବସ୍ଥାକୁ ପ୍ରଚଳିତ ଘୋଷା ପଦ୍ଧତି ସଂସ୍କୃତିରୁ ମୁକ୍ତ କରିବା ଓ ପ୍ରକୃତଭାବେ ପାଠକୁ ବୁଝିବା, କିପରି ଶିଖିବା ଦିଗରେ ଆଗକୁ ବଢ଼ିବା ସେ ସମ୍ପର୍କରେ ଅଧିକ ଗୁରୁତ୍ୱ ଦେବା । ଶିକ୍ଷାର ଉଦ୍ଦେଶ୍ୟ କେବଳ ଜ୍ଞାନଗତ ବିକାଶ ନୁହେଁ, ବରଂ ଚରିତ୍ର ଗଠନ ଏବଂ ଏକବିଂଶ ଶତାବ୍ଦୀର କୌଶଳ ସହିତ ସଜ୍ଜିତ ସାମଗ୍ରିକ ତଥା ସୁଦୃଢ଼ ବ୍ୟକ୍ତିବିଶେଷ ସୃଷ୍ଟି କରିବା । ପରିଶେଷରେ, ଜ୍ଞାନ ହେଉଛି ଏକ ଗଭୀର ସମ୍ପତ୍ତି ଏବଂ ଶିକ୍ଷା ଏହି ଜ୍ଞାନର ପରିପ୍ରକାଶ କରିବା ସହିତ ବ୍ୟକ୍ତିର ପ୍ରତିଭା ବିକାଶରେ ସାହାଯ୍ୟ କରେ । ଏହି ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ହାସଲ କରିବା ପାଇଁ ପାଠ୍ୟକ୍ରମ ଏବଂ ଶିକ୍ଷାଦାନ ଶିକ୍ଷଣର ସମସ୍ତ ଦିଗକୁ ପୁନଃପ୍ରୋତ୍ସାହନ କରାଯାଇ ପୁନଃନିର୍ମାଣ କରାଯିବ । ପ୍ରାକ୍-ବିଦ୍ୟାଳୟଠାରୁ ଆରମ୍ଭ କରି ଉଚ୍ଚ ଶିକ୍ଷା ପର୍ଯ୍ୟନ୍ତ ପ୍ରତ୍ୟେକ ପର୍ଯ୍ୟାୟରେ ସମନ୍ୱିକରଣ ଏବଂ ଅନ୍ତର୍ଭୁକ୍ତୀକରଣ ପାଇଁ ଡୋମେନଗୁଡ଼ିକ ମଧ୍ୟରେ ନିର୍ଦ୍ଦିଷ୍ଟ କୌଶଳ ଏବଂ ମୂଲ୍ୟବୋଧଗୁଡ଼ିକ ଚିହ୍ନଟ କରାଯିବ । ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟା ସହିତ ଜଡ଼ିତ ଏହି କୌଶଳ ଏବଂ ମୂଲ୍ୟବୋଧଗୁଡ଼ିକ ସୁନିଶ୍ଚିତ କରିବା ପାଇଁ ପାଠ୍ୟକ୍ରମ ରୂପରେଖ ଆଦ୍ୟ ଶୈଶବ ଶିକ୍ଷା ଏବଂ ବିଦ୍ୟାଳୟ ଶିକ୍ଷାରେ ସେଗୁଡ଼ିକର ବ୍ୟବହାର ପାଇଁ ଉଦ୍ଦିଷ୍ଟ ପ୍ରକ୍ରିୟାଗୁଡ଼ିକୁ ଅନ୍ତର୍ଭୁକ୍ତ କରିବ ।

## ଅତ୍ୟାବଶ୍ୟକ ଶିକ୍ଷଣ ଏବଂ ଗଭୀର ଚିନ୍ତନର ବୃଦ୍ଧି ପାଇଁ ବିଷୟବସ୍ତୁ ହ୍ରାସ

4.5 ଗଭୀର ଚିନ୍ତାଧାରା ଏବଂ ଅଧିକ ସାମଗ୍ରିକ, ଅନୁସନ୍ଧାନ-ଆଧାରିତ, ଆବିଷ୍କାର-ଆଧାରିତ, ଆଲୋଚନା-ଆଧାରିତ ଏବଂ ବିଶ୍ଳେଷଣ ଭିତ୍ତିକ ଶିକ୍ଷଣ ପାଇଁ ସ୍ଥାନ ସୃଷ୍ଟି କରିବା ପାଇଁ ପ୍ରତ୍ୟେକ ବିଷୟର ପାଠ୍ୟ ବିଷୟବସ୍ତୁକୁ ହ୍ରାସ କରାଯିବ । ପ୍ରତ୍ୟେକ ବିଷୟର ମୂଳ ଅତ୍ୟାବଶ୍ୟକୀୟ ଧାରଣାଗୁଡ଼ିକ ରହିବ । ବାଧ୍ୟତାମୂଳକ ବିଷୟବସ୍ତୁଗୁଡ଼ିକ ମୁଖ୍ୟ ପ୍ରତ୍ୟୟ, ଧାରଣା, ପ୍ରୟୋଗ ଏବଂ ସମସ୍ୟା ସମାଧାନ ଉପରେ ଦୃଷ୍ଟି ଦିଆଯିବ । ଶିକ୍ଷାଦାନ ଓ ଶିକ୍ଷଣକୁ ଅଧିକ ଆଲୋଚନାତ୍ମକ ଢଙ୍ଗରେ ପରିଚାଳିତ କରାଯିବ; ପ୍ରଶ୍ନ ପଚାରିବାକୁ ଉତ୍ସାହିତ କରାଯିବ ଏବଂ ଶିକ୍ଷାର୍ଥୀମାନଙ୍କର ଗଭୀର ଓ ଅନୁଭୂତିମୂଳକ ଶିକ୍ଷଣ ନିମନ୍ତେ ଶ୍ରେଣୀଗୃହ ଅଧିବେଶନଗୁଡ଼ିକ ନିୟମିତ ଭାବରେ ଅଧିକ ମଜାଳିଆ, ସୃଜନଶୀଳ, ସହଯୋଗୀ ଓ ଅନୁସନ୍ଧାନମୂଳକ ହେବ ।

## ଅଭିଜ୍ଞତାଭିତ୍ତିକ ଶିକ୍ଷଣ

4.6 ସମସ୍ତ ପର୍ଯ୍ୟାୟରେ ଅଭିଜ୍ଞତାଭିତ୍ତିକ ଶିକ୍ଷଣ ପ୍ରଣୟନ କରାଯିବ । ପ୍ରତ୍ୟେକ ବିଷୟ ମଧ୍ୟରେ ଓ ବିଭିନ୍ନ ବିଷୟ ମଧ୍ୟରେ ଥିବା ସମ୍ପର୍କକୁ ଖୋଜିବା ପାଇଁ କାର୍ଯ୍ୟଭିତ୍ତିକ ଶିକ୍ଷଣ, କଳା-ସମନ୍ୱିତ ଓ କ୍ରୀଡ଼ା-ସମନ୍ୱିତ ଶିକ୍ଷା, ଗଳ୍ପ-ଆଧାରିତ ଶିକ୍ଷାଦାନକୁ ମାନକ ଶୈକ୍ଷଣିକ ଶୈଳୀ ଭାବେ ବ୍ୟବହାର କରାଯିବ । ଶିକ୍ଷଣ ଫଳାଫଳ ହାସଲ କରିବାର ବ୍ୟବଧାନକୁ କମ୍ କରିବା ପାଇଁ ଶ୍ରେଣୀଗୃହ ଶିକ୍ଷାଦାନ ପ୍ରକ୍ରିୟା ଦକ୍ଷତାଭିତ୍ତିକ ଶିକ୍ଷା ଆଡ଼କୁ ଅଗ୍ରସର ହେବ । ମାନ ନିର୍ଦ୍ଧାରଣ (ମୂଲ୍ୟାୟନ) ସାଧନୀ (ଶିକ୍ଷଣ "ପାଇଁ", "ର", ଏବଂ "ଭାବେ" ମୂଲ୍ୟାୟନ Assessment "as", "of", and "for" learning) ମଧ୍ୟ ଗୋଟିଏ ଶ୍ରେଣୀର ପ୍ରତ୍ୟେକ ବିଷୟ ପାଇଁ ନିର୍ଦ୍ଦିଷ୍ଟ ଭାବରେ ଶିକ୍ଷଣ ଫଳାଫଳ, ସାମର୍ଥ୍ୟ ଏବଂ ଆଭିମୁଖ୍ୟ ସହିତ ସମ୍ପର୍କିତ ହେବ ।

4.7 କଳା-ସମନ୍ୱୟ ହେଉଛି ଏକ କ୍ରସ୍-ପାଠ୍ୟକ୍ରମ ଶୈକ୍ଷଣିକ ଦୃଷ୍ଟିକୋଣ, ଯେଉଁଥିରେ ବିଭିନ୍ନ ବିଷୟର ଧାରଣାକୁ ଶିଖିବା ପାଇଁ କଳା ଏବଂ ସଂସ୍କୃତିର ବିଭିନ୍ନ ଅଧାରକୁ ବ୍ୟବହାର କରାଯାଇଥାଏ । ଅଭିଜ୍ଞତାଭିତ୍ତିକ ଶିକ୍ଷଣର ଏକ ଅଂଶ ଭାବରେ, କଳା-ସମନ୍ୱୟ ଶିକ୍ଷା କେବଳ ଆନନ୍ଦଦାୟୀ ଶ୍ରେଣୀଗୃହ ସୃଷ୍ଟି ପାଇଁ ନୁହେଁ, ବରଂ ପ୍ରତ୍ୟେକ ସ୍ତରର ଶିକ୍ଷାଦାନ ଏବଂ ଶିକ୍ଷଣ ପ୍ରକ୍ରିୟାରେ ଭାରତୀୟ କଳା ଏବଂ ସଂସ୍କୃତିକୁ ସମନ୍ୱିତ କରି ଭାରତୀୟ ସଂସ୍କୃତି କୁ ଉଜ୍ଜୀବିତ କରିବା ପାଇଁ ଉଦ୍ଦିଷ୍ଟ । ଏହି କଳା-ସମନ୍ୱୟ ପନ୍ଥା ଶିକ୍ଷା ଏବଂ ସଂସ୍କୃତି ମଧ୍ୟରେ ସଂଯୋଗକୁ ଦୃଢ଼ କରିବ ।

4.8 କ୍ରୀଡ଼ା-ସମନ୍ୱୟ ହେଉଛି ଅନ୍ୟ ଏକ କ୍ରସ୍-ପାଠ୍ୟକ୍ରମ ଶୈକ୍ଷଣିକ ଦୃଷ୍ଟିକୋଣ, ଯାହା ଦେଶୀୟ କ୍ରୀଡ଼ା ଭଳି ଶାରୀରିକ କାର୍ଯ୍ୟକଳାପକୁ ବ୍ୟବହାର କରେ । ଏହା ଶିକ୍ଷାଗତ କାର୍ଯ୍ୟକଳାପରେ ସହଯୋଗ, ଆତ୍ମ-ପଦକ୍ଷେପ, ଆତ୍ମ-ନିର୍ଦ୍ଦେଶିତ, ଆତ୍ମ-ଅନୁଶାସନ, ଦଳଗତ କାର୍ଯ୍ୟ, ଦାୟିତ୍ୱ, ନାଗରିକତା ଭଳି ଦକ୍ଷତା ବିକାଶରେ ସାହାଯ୍ୟ କରେ । କ୍ରୀଡ଼ା-ସମନ୍ୱୟ କାର୍ଯ୍ୟ ଶ୍ରେଣୀ ବାହାରେ କରାଯିବ । ଫଳରେ ଶିକ୍ଷାର୍ଥୀମାନେ ସୁସ୍ଥତା (ଫିଟ୍‌ନେସ୍)କୁ ଏକ ଜୀବନବ୍ୟାପୀ ଦୃଷ୍ଟିକୋଣ ଭାବରେ ଗ୍ରହଣ କରିବେ ଏବଂ ଫିଟ୍ ଇଣ୍ଡିଆ ମୁଭମେଣ୍ଟରେ ଧାର୍ଯ୍ୟ ଫିଟନେସ୍ ସ୍ତର ସହିତ ସମ୍ପୃକ୍ତ ଜୀବନ କୌଶଳ ହାସଲ କରିବାରେ ସକ୍ଷମ ହେବେ । ଶିକ୍ଷା କ୍ଷେତ୍ରରେ କ୍ରୀଡ଼ାକୁ ସମନ୍ୱିତ କରିବାର ଆବଶ୍ୟକତାକୁ ଭଲ ଭାବରେ ହୃଦୟଙ୍ଗମ କରାଯାଇଛି, କାରଣ ଏହା ଶାରୀରିକ ଏବଂ ମାନସିକ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ସହିତ ଜ୍ଞାନଗତ ଦକ୍ଷତା ବୃଦ୍ଧି କରି ସାମଗ୍ରିକ ବିକାଶରେ ସହାୟକ ହୋଇଥାଏ ।

## ପାଠ୍ୟକ୍ରମ ମନୋନୟନ କରିବାରେ ନମନୀୟତା ଆଣି ଶିକ୍ଷାର୍ଥୀମାନଙ୍କୁ ସଶକ୍ତ କରିବା

4.9 ଶିକ୍ଷାର୍ଥୀମାନଙ୍କୁ ଅଧ୍ୟୟନ ପାଇଁ ବିଷୟଗୁଡ଼ିକୁ ମନୋନୟନ କରିବାରେ ଅଧିକ ନମନୀୟତା ଦିଆଯିବ, ବିଶେଷକରି ମାଧ୍ୟମିକ ବିଦ୍ୟାଳୟରେ – ଶାରୀରିକ ଶିକ୍ଷା, କଳା ଓ ହସ୍ତଶିଳ୍ପ ଏବଂ ବୈଷୟିକ ଜ୍ଞାନ କୌଶଳର ବିଷୟବସ୍ତୁକୁ ଅନ୍ତର୍ଭୁକ୍ତ କରିବା, ଯଦ୍ୱାରା ସେମାନେ ନିଜସ୍ୱ ଅଧ୍ୟୟନର ମାର୍ଗ ଏବଂ ଭବିଷ୍ୟତ ପାଇଁ ଯୋଜନା ପ୍ରସ୍ତୁତ କରିପାରିବେ । ସାମଗ୍ରି ବିକାଶ ସାଧନ ଏବଂ ବର୍ଷକୁ ବର୍ଷ ବିଷୟ ଓ ପାଠ୍ୟକ୍ରମର ଏକ ବିସ୍ତୃତ ମନୋନୟନ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷାର ନୂତନ ବୈଶିଷ୍ଟ୍ୟ ହେବ । ପାଠ୍ୟକ୍ରମ, 'ଅତିରିକ୍ତ ପାଠ୍ୟକ୍ରମ କିମ୍ବା "ସହ-ପାଠ୍ୟକ୍ରମ", 'କଳା', 'ମାନବିକୀ' ଏବଂ 'ବିଜ୍ଞାନ' ମଧ୍ୟରେ କିମ୍ବା 'ଧନ୍ଦାମୂଳକ' କିମ୍ବା 'ଶୈକ୍ଷିକ' (Academic) ବିଭାଗ ମଧ୍ୟରେ କୌଣସି ଦୃଢ଼ ପୃଥକୀକରଣ ରହିବ ନାହିଁ । ବିଜ୍ଞାନ, ମାନବିକୀ ଏବଂ ଗଣିତ ବ୍ୟତୀତ ଶାରୀରିକ ଶିକ୍ଷା, କଳା ଏବଂ ହସ୍ତଶିଳ୍ପ, ଏବଂ ଧନ୍ଦାମୂଳକ କୌଶଳ ପରି ବିଷୟଗୁଡ଼ିକ ସମସ୍ତ ବିଦ୍ୟାଳୟ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ହେବ । ପ୍ରତ୍ୟେକ ସ୍ତରରେ ଏଗୁଡ଼ିକୁ ଆନନ୍ଦଦାୟୀ ଏବଂ ନିରାପଦ ବିଷୟ ଭାବରେ ଗ୍ରହଣ କରାଯିବ ।

4.10 ବିଦ୍ୟାଳୟ ଶିକ୍ଷାର ଚାରୋଟି ପର୍ଯ୍ୟାୟ ମଧ୍ୟରୁ ପ୍ରତ୍ୟେକ, ବିଭିନ୍ନ ଅଞ୍ଚଳରେ ଯାହା ସମ୍ଭବ ସେହି ଅନୁଯାୟୀ, ଏକ ସେମିଷ୍ଟାର କିମ୍ବା ଅନ୍ୟ କୌଣସି ପ୍ରଣାଳୀ ଆଡ଼କୁ ଅଗ୍ରସର ହେବାକୁ ଚିନ୍ତା କରିପାରନ୍ତି ଯାହା ଛୋଟ ମଡ୍ୟୁଲ୍, କିମ୍ବା ବିକଳ୍ପ ଦିନରେ ଶିକ୍ଷା ଦିଆଯାଉଥିବା ପାଠ୍ୟକ୍ରମକୁ ଅନ୍ତର୍ଭୁକ୍ତ କରିବାକୁ ଅନୁମତି ଦେଇପାରେ । ଫଳରେ ଅଧିକ ବିଷୟ ସହିତ ଶିକ୍ଷାର୍ଥୀ ପରିଚିତ ହେବ ଯେଉଁଥି ପାଇଁ ଅଧିକ ନମନୀୟତା ରକ୍ଷା କରିବା ଆବଶ୍ୟକ । କଳା, ବିଜ୍ଞାନ, ମାନବିକୀ, ଭାଷା, କ୍ରୀଡ଼ା, ଏବଂ ଧନ୍ଦାମୂଳକ ବିଷୟଗୁଡ଼ିକ ସହିତ ଅଧିକ ନମନୀୟତା, ଏକ୍ସପୋଜର ଏବଂ ଏକ ବ୍ୟାପକ ପରିସରର ଉପଭୋଗର ଏହି ଲକ୍ଷ୍ୟ ହାସଲ କରିବାକୁ ରାଜ୍ୟମାନେ ଅଭିନବ ପଦ୍ଧତିକୁ ଆପଣେଇବେ ।

## ବହୁଭାଷୀତା ଏବଂ ଭାଷାର ଶକ୍ତି

4.11 ଛୋଟ ପିଲାମାନେ ନିଜ ଘର ଭାଷା / ମାତୃଭାଷାରେ ଅଣ-ଗୁରୁତ୍ୱପୂର୍ଣ୍ଣ ଧାରଣାଗୁଡ଼ିକୁ ଶୀଘ୍ର ଶିଖନ୍ତି ଏବଂ ବୁଝନ୍ତି । ଘରୋଇ ଭାଷା ସାଧାରଣତଃ ମାତୃଭାଷା କିମ୍ବା ସମାନ ଭାଷା ଯାହା ସ୍ଥାନୀୟ ସମ୍ପ୍ରଦାୟ ଦ୍ୱାରା କଥିତ । ଅବଶ୍ୟ, ବେଳେବେଳେ ବହୁଭାଷୀ ପରିବାରରେ, ଅନ୍ୟ ପରିବାର ସଦସ୍ୟଙ୍କ ଦ୍ୱାରା କଥିତ ଏକ ଘରୋଇ ଭାଷା ହୋଇପାରେ ଯାହା ବେଳେବେଳେ ମାତୃଭାଷା କିମ୍ବା ସ୍ଥାନୀୟ ଭାଷାଠାରୁ ଭିନ୍ନ ହୋଇପାରେ । ଯେଉଁଠାରେ ସମ୍ଭବ, ଅତି କମ୍‌ରେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ କିନ୍ତୁ ଉତ୍ତମ ହେବ ଯଦି ଅଷ୍ଟମ ଶ୍ରେଣୀ ଏବଂ ତା'ଠାରୁ ଅଧିକ ପର୍ଯ୍ୟନ୍ତ, ଘରୋଇ ଭାଷା / ମାତୃଭାଷା / ସ୍ଥାନୀୟ ଭାଷା / ଆଞ୍ଚଳିକ ଭାଷା ଶିକ୍ଷାଦାନର ମାଧ୍ୟମ ହେବ । ତା'ପରେ, ଯେଉଁଠାରେ ସମ୍ଭବ ଘର / ସ୍ଥାନୀୟ ଭାଷାକୁ ଏକ ଭାଷା ଭାବରେ ଶିକ୍ଷା ଦିଆଯିବ । ଏହାକୁ ଉଭୟ ସରକାରୀ ଏବଂ ବେସରକାରୀ ବିଦ୍ୟାଳୟଗୁଡ଼ିକ ଅନୁସରଣ କରିବେ । ଘରୋଇ ଭାଷା / ମାତୃଭାଷାରେ ବିଜ୍ଞାନ ସହିତ ଉଚ୍ଚମାନର ପାଠ୍ୟପୁସ୍ତକ

ଉପଲବ୍ଧ ହେବ । ଶିକ୍ଷାର୍ଥୀଙ୍କ ଦ୍ୱାରା କଥିତ ଭାଷା ଏବଂ ଶିକ୍ଷାଦାନର ମାଧ୍ୟମ ମଧ୍ୟରେ ଥିବା ସମସ୍ତ ବ୍ୟବଧାନକୁ ଦୂର କରିବା ପାଇଁ ଯଥାଶୀଘ୍ର ପ୍ରୟାସ କରାଯିବ । ଯେଉଁ କ୍ଷେତ୍ରରେ ଘରୋଇ ଭାଷା / ମାତୃଭାଷାରେ ପାଠ୍ୟପୁସ୍ତକ ଉପଲବ୍ଧ ନ ଥିବ, ସେଠାରେ ଶିକ୍ଷକ ଏବଂ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଆଲୋଚନାର ଭାଷା ସମ୍ଭବତଃ ଘରୋଇ ଭାଷା / ମାତୃଭାଷା ହେବ । ଯେଉଁ ଶିକ୍ଷାର୍ଥୀମାନଙ୍କ ଘରୋଇ ଭାଷା ଦାନର ମାଧ୍ୟମଠାରୁ ଭିନ୍ନ, ସେହିମାନଙ୍କ ପାଇଁ ଶିକ୍ଷକମାନେ ଦ୍ୱି-ଭାଷୀ ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀ ସହିତ ଦ୍ୱି-ଭାଷୀ ପଦ୍ଧତି ବ୍ୟବହାର କରିବେ । ସମସ୍ତ ଶିକ୍ଷାର୍ଥୀମାନଙ୍କୁ ସମସ୍ତ ଭାଷାରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯିବ; ଗୋଟିଏ ଭାଷାକୁ ଭଲ ଭାବରେ ଶିଖିବା ଏବଂ ଶିଖାଇବା ପାଇଁ ଏହା ଶିକ୍ଷାର ମାଧ୍ୟମ ହେବା ଆବଶ୍ୟକ ନାହିଁ ।

4.12 ଗବେଷଣାରୁ ସ୍ପଷ୍ଟ ଯେ, ପିଲାମାନେ 2 ରୁ 8 ବର୍ଷ ବୟସ ମଧ୍ୟରେ ଅତି ଶୀଘ୍ର ଭାଷା ଶିଖନ୍ତି ଏବଂ ବହୁଭାଷୀ ମାଧ୍ୟମରେ ଶିକ୍ଷାର୍ଥୀମାନେ ମହତ୍ୱପୂର୍ଣ୍ଣ ଜ୍ଞାନ କୌଶଳ ଲାଭ କରିଥାନ୍ତି । ପିଲାମାନେ ପ୍ରାରମ୍ଭ / ମୌଳିକ ପର୍ଯ୍ୟାୟ ଠାରୁ ଆରମ୍ଭ କରି ବିଭିନ୍ନ ଭାଷା ସହିତ ଶୀଘ୍ର ସମ୍ପର୍କିତ ହେବେ (କିନ୍ତୁ ମାତୃଭାଷା ଉପରେ ଏକ ବିଶେଷ ଗୁରୁତ୍ୱ ଦିଆଯିବ) । ସମସ୍ତ ଭାଷାକୁ ଏକ ଉପଭୋଗ୍ୟ ଏବଂ ଆଲୋଚନାତ୍ମକ ଶୈଳୀରେ ପଢ଼ାଯିବ । ପ୍ରାରମ୍ଭିକ ବର୍ଷରେ ମାତୃଭାଷାରେ ଶୀଘ୍ର ପଢ଼ିବା ଏବଂ ତୃତୀୟ ଶ୍ରେଣୀ ଓ ପରବର୍ତ୍ତୀ ସମୟରେ ପଢ଼ିବା ଏବଂ ଲେଖିବା ପାଇଁ ବିକଶିତ କୌଶଳ ସହିତ ଶିକ୍ଷା ଦିଆଯିବ । ବିଶେଷ କରି ଭାରତର ସମ୍ବିଧାନର ଅଷ୍ଟମ ସୂଚୀରେ ଉଲ୍ଲେଖ କରାଯାଇଥିବା ସମସ୍ତ ଭାଷା ପାଇଁ ଆଖପାଖର ସମସ୍ତ ଆଞ୍ଚଳିକ ଭାଷାରେ ବହୁ ସଂଖ୍ୟକ ଭାଷା ଶିକ୍ଷକଙ୍କୁ ବିନିଯୋଗ କରିବା ପାଇଁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ବିଶେଷ ପ୍ରୟାସ କରାଯିବ । ଭାରତର ବିଭିନ୍ନ ଅଞ୍ଚଳର ରାଜ୍ୟମାନେ ପରସ୍ପରଠାରୁ ବହୁ ସଂଖ୍ୟାରେ ଶିକ୍ଷକଙ୍କୁ ନେଇ ନିଯୁକ୍ତି କରିବା, ନିଜ ନିଜ ରାଜ୍ୟରେ ତ୍ରି-ଭାଷା ନିୟମକୁ ପ୍ରୟୋଗ କରିବା ଏବଂ ଦେଶରେ ଭାରତୀୟ ଭାଷା ଅଧ୍ୟୟନକୁ ଉତ୍ସାହିତ କରିବା ପାଇଁ ଦ୍ୱିପାକ୍ଷିକ ଚୁକ୍ତି କରିପାରନ୍ତି । ବିଭିନ୍ନ ଭାଷାର ଶିକ୍ଷାଦାନ-ଶିକ୍ଷଣ ଏବଂ ଭାଷା ଶିକ୍ଷାକୁ ଲୋକପ୍ରିୟ କରିବା ପାଇଁ ପ୍ରଯୁକ୍ତି ବିଦ୍ୟାର ବ୍ୟାପକ ବ୍ୟବହାର କରାଯିବ ।

4.13 ସାମ୍ବିଧାନିକ ବ୍ୟବସ୍ଥା, ବ୍ୟକ୍ତି, ଅଞ୍ଚଳ ଓ ସଂଘର ଆକାଂକ୍ଷା ଏବଂ ବହୁଭାଷୀତା ଓ ଜାତୀୟ ଏକତାକୁ ପ୍ରୋତ୍ସାହିତ କରିବା ସହିତ ତ୍ରି-ଭାଷା ନିୟମ କାର୍ଯ୍ୟକାରୀ ହେବ । ତଥାପି, ତ୍ରି-ଭାଷା ସୂତ୍ରରେ ଅଧିକ ନମନୀୟତା ରହିବ ଏବଂ କୌଣସି ରାଜ୍ୟ ଉପରେ କୌଣସି ଭାଷା ଲଦି ଦିଆଯିବ ନାହିଁ । ପିଲାମାନଙ୍କ ଦ୍ୱାରା ଶିଖାଯାଇଥିବା ତିନୋଟି ଭାଷାକୁ ରାଜ୍ୟ, ଅଞ୍ଚଳ ଓ ଶିକ୍ଷାର୍ଥୀମାନେ ନିଜେ ଚୟନ କରିପାରିବେ, ଏହି ତିନୋଟି ଭାଷା ମଧ୍ୟରୁ ଅତି କମ୍‌ରେ ଦୁଇଟି ଭାରତୀୟ ଭାଷା ରହିବ । ବିଶେଷ ଭାବରେ, ସେମାନେ ଅଧ୍ୟୟନ କରୁଥିବା ତିନୋଟି ଭାଷାରୁ ଗୋଟିଏ କିମ୍ବା ଅଧିକ ପରିବର୍ତ୍ତନ କରିବାକୁ ଚାହୁଁଥିବା ଶିକ୍ଷାର୍ଥୀମାନେ ଷଷ୍ଠ କିମ୍ବା ସପ୍ତମ ଶ୍ରେଣୀରେ ତାହା କରିପାରିବେ, ମାଧ୍ୟମିକ ସ୍ତର ଶେଷ ହେବା ବେଳକୁ ସେମାନେ ତିନୋଟି ଭାଷାରେ ମୌଳିକ ଦକ୍ଷତା ପ୍ରଦର୍ଶନ କରିବାକୁ ସକ୍ଷମ ହେବେ (ସାହିତ୍ୟରେ ଗୋଟିଏ ଭାରତୀୟ ଭାଷା ଅନ୍ତର୍ଭୁକ୍ତ କରି) ।

4.14 ବିଜ୍ଞାନ ଏବଂ ଗଣିତ ପାଇଁ ଗୁଣାତ୍ମକ ଦ୍ୱି-ଭାଷୀ ପାଠ୍ୟପୁସ୍ତକ ଏବଂ ଶିକ୍ଷାଦାନ-ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବାରେ ସମସ୍ତ ପ୍ରୟାସ କରାଯିବ, ଯଦ୍ୱାରା ଶିକ୍ଷାର୍ଥୀମାନେ ନିଜ ଘର ଭାଷା / ମାତୃଭାଷା ଏବଂ ଇଂରାଜୀରେ ଏହି ଦୁଇଟି ବିଷୟ ସମ୍ପର୍କରେ ଚିନ୍ତା ଏବଂ କଥା ହେବାରେ ସକ୍ଷମ ହେବେ ।

4.15 ବିଶ୍ୱର ଅନେକ ବିକଶିତ ଦେଶରେ ଏହା ଦେଖାଯାଇଛି ଯେ, ନିଜ ଭାଷା, ସଂସ୍କୃତି, ଏବଂ ପରମ୍ପରାରେ ଶିକ୍ଷିତ ହେବା କ୍ଷତିକାରକ ନୁହେଁ ବରଂ ଶିକ୍ଷାଗତ, ସାମାଜିକ ଏବଂ ବୈଷୟିକ ପ୍ରଗତି ପାଇଁ ଏହା ଅତ୍ୟନ୍ତ ଲାଭଦାୟକ । ଭାରତର ଭାଷାଗୁଡ଼ିକ ପୃଥିବୀର ସବୁଠାରୁ ସମୃଦ୍ଧ, ବିଜ୍ଞାନସମ୍ମତ, ସୁନ୍ଦର ଏବଂ ଅତ୍ୟନ୍ତ ପ୍ରାଞ୍ଜଳ ଭାଷା ମଧ୍ୟରେ ଅନ୍ୟତମ, ଯାହା ପ୍ରାଚୀନ ଓ ଆଧୁନିକ ସାହିତ୍ୟର (ଉଭୟ ଗଦ୍ୟ ଓ କବିତା) ବିଶାଳ ଭଣ୍ଡାର ଅଟେ । ଏହି ଭାଷାଗୁଡ଼ିକରେ ଲେଖା ଯାଇଥିବା ଚଳଚିତ୍ର, ସଙ୍ଗୀତ ଓ ସାହିତ୍ୟ ଭାରତର ରାଷ୍ଟ୍ରୀୟ ପରିଚୟ ଓ ସମ୍ପତ୍ତି । ସାଂସ୍କୃତିକ ତଥା ଜାତୀୟ ସଂହତି ପାଇଁ, ସମସ୍ତ ଯୁବ ଭାରତୀୟ ନିଜ ଦେଶର ଭାଷାର ବିଶାଳ ଓ ସମୃଦ୍ଧ ଭଣ୍ଡାର ଓ ସାହିତ୍ୟର ବିଶାଳ ସମ୍ପତ୍ତି ବିଷୟରେ ଅବଗତ ହେବା ଆବଶ୍ୟକ ।

4.16 ଦେଶର ପ୍ରତ୍ୟେକ ଶିକ୍ଷାର୍ଥୀ 'ଭାରତର ଭାଷା' ଉପରେ ଏକ ମଜାଦାର ପ୍ରକଳ୍ପ / କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବେ, ଯେପରି, ଷଷ୍ଠ ରୁ ଅଷ୍ଟମ ଶ୍ରେଣୀରେ, 'ଏକ ଭାରତ ଶ୍ରେଷ୍ଠ ଭାରତ' ପଦକ୍ଷେପ ଅନ୍ତର୍ଗତ । ଏହି ପ୍ରକଳ୍ପ କାର୍ଯ୍ୟ / କାର୍ଯ୍ୟକଳାପରେ,

ଶିକ୍ଷାର୍ଥୀମାନେ ଅଧିକାଂଶ ଭାରତୀୟ ଭାଷାର ଉଲ୍ଲେଖନୀୟ ଏକତା ବିଷୟରେ ଜାଣିବେ – ସାଧାରଣ ଧ୍ୱନି ଏବଂ ବିଜ୍ଞାନ ସମ୍ମତ ଭାବେ ବ୍ୟବହୃତ ବର୍ଣ୍ଣମାଳା ଏବଂ ଲିପି ସେଗୁଡ଼ିକର ସାଧାରଣ ବ୍ୟାକରଣଗତ ସଂରଚନା, ସେଗୁଡ଼ିକର ଉତ୍ପତ୍ତି ଏବଂ ସଂସ୍କୃତି ଏବଂ ଅନ୍ୟାନ୍ୟ ଶାସ୍ତ୍ରୀୟ ଭାଷାରୁ ଶବ୍ଦର ଉତ୍ସ, ଏବଂ ସେଗୁଡ଼ିକର ସମୃଦ୍ଧ ଆନ୍ତଃ ପ୍ରଭାବ ଏବଂ ପାର୍ଥକ୍ୟ । ସେମାନେ ମଧ୍ୟ ଜାଣିବେ କେଉଁ ଭୌଗଳିକ କ୍ଷେତ୍ରର ଅଧିବାସୀ କେଉଁ ଭାଷା କହୁଛନ୍ତି, ଆଦିବାସୀ ଭାଷାର ପ୍ରକୃତି ଏବଂ ଗଠନ ବିଷୟରେ ଅନୁଭବ କରିବେ ଏବଂ ଭାରତର ପ୍ରତ୍ୟେକ ପ୍ରମୁଖ ଭାଷାରେ ସାଧାରଣ ଭାବରେ କଥିତ ବାକ୍ୟାଂଶ ଏବଂ ବାକ୍ୟ କହିବା ଶିଖିବେ । ସମୃଦ୍ଧ ଏବଂ ଉନ୍ନତ ସାହିତ୍ୟ ବିଷୟରେ ମଧ୍ୟ ଟିକେ ଶିଖିବେ (ଆବଶ୍ୟକ ଅନୁଯାୟୀ ଉପଯୁକ୍ତ ଅନୁବାଦ ମାଧ୍ୟମରେ) । ଏହିପରି କାର୍ଯ୍ୟକଳାପରୁ ସେମାନଙ୍କୁ ଭାରତର ଏକତା ଏବଂ ସୁନ୍ଦର ସାଂସ୍କୃତିକ ଐତିହ୍ୟ ଏବଂ ଭାରତର ବିବିଧତା ବିଷୟରେ ଅନୁଭୂତି ମିଳିବ ଏବଂ ନିଜର ପୁରା ଜୀବନ ମଧ୍ୟରେ ଭାରତର ଅନ୍ୟାନ୍ୟ ଅଞ୍ଚଳର ଲୋକଙ୍କୁ ଭେଟିବା ସମୟରେ ସେମାନେ ସହଜ ଅନୁଭବ କରିବେ । ଏହି ପ୍ରକଳ୍ପକାର୍ଯ୍ୟ / କାର୍ଯ୍ୟକଳାପ ଆନନ୍ଦଦାୟକ ହେବ ଏବଂ ଏଥିରେ କୌଣସି ପ୍ରକାରର ମୂଲ୍ୟାୟନ କରାଯିବ ନାହିଁ ।

4.17 ସଂସ୍କୃତ, ଭାରତର ସମ୍ବିଧାନର ଅଷ୍ଟମ ଅନୁସୂଚିରେ ବର୍ଣ୍ଣିତ ଏକ ଗୁରୁତ୍ୱପୂର୍ଣ୍ଣ ଆଧୁନିକ ଭାଷା ହୋଇଥିଲେ ମଧ୍ୟ ଏହାର ଶାସ୍ତ୍ରୀୟ ସାହିତ୍ୟ ଏତେ ବିଶାଳ ଯେ ଯଦି ପୁରା ଲାଟିନ୍ ଏବଂ ଗ୍ରୀକ୍ ସାହିତ୍ୟକୁ ମିଶାଇ ତୁଳନା କରିବା ତେବେ ବି ଏହା ବହୁତ ଅଧିକ ହେବ । ସଂସ୍କୃତ ସାହିତ୍ୟରେ ଗଣିତ, ଦର୍ଶନ, ବ୍ୟାକରଣ, ସଙ୍ଗୀତ, ରାଜନୀତି, ଚିକିତ୍ସା, ସ୍ଥାପତ୍ୟ, ଧାତୁ, ନାଟକ, କବିତା, କାହାଣୀ ଏବଂ ଆହୁରି ଅନେକ କିଛି ଅଛି (ଯାହା 'ସଂସ୍କୃତ ଜ୍ଞାନ ପ୍ରଣାଳୀ' ଭାବରେ ଜଣାଶୁଣା) । ଏହିସବୁ ବିଭିନ୍ନ ଧର୍ମର ବ୍ୟକ୍ତି ବିଶେଷ ତଥା ଅଣ-ଧାର୍ମିକ ବ୍ୟକ୍ତିଙ୍କ ଦ୍ୱାରା ଲିଖିତ ଏବଂ ବିଭିନ୍ନ ବର୍ଗର ଲୋକ ଏବଂ ହଜାର ହଜାର ବର୍ଷ ଧରି ବିଭିନ୍ନ ସାମାଜିକ-ଅର୍ଥନୈତିକ ପୃଷ୍ଠଭୂମି ଦ୍ୱାରା ଲିଖିତ । ଏହିପରି ଭାବରେ ସଂସ୍କୃତକୁ ତ୍ରି-ଭାଷୀ ସୂତ୍ରର ଏକ ବିକଳ୍ପ ରୂପେ ବିଦ୍ୟାଳୟ ଏବଂ ଉଚ୍ଚ ଶିକ୍ଷାର ଶିକ୍ଷାର୍ଥୀମାନଙ୍କ ପାଇଁ ପ୍ରଦାନ କରାଯିବ । ଏହାକୁ ଏପରି ଭାବରେ ପଢ଼ାଯିବ ଯାହା କୌତୁହଳପ୍ରଦ, ଅନୁଭାବାତ୍ମକ ଏବଂ ସମକାଳୀନ ପ୍ରାସଙ୍ଗିକ ହୋଇଥିବ, ଏଥିରେ ସଂସ୍କୃତି ଜ୍ଞାନ ପ୍ରଣାଳୀର ବ୍ୟବହାର ହେଇଥିବ ଏବଂ ବିଶେଷକରି ଫୋନେଟିକ୍ସ ଏବଂ ଉଚ୍ଚାରଣ ମାଧ୍ୟମରେ ଶିକ୍ଷା ଦିଆଯିବ । ପ୍ରାରମ୍ଭ / ମୌଳିକ ଏବଂ ମଧ୍ୟ ବିଦ୍ୟାଳୟ ସ୍ତରରେ ସଂସ୍କୃତ ପାଠ୍ୟପୁସ୍ତକ ସରଳ ମାନକ ସଂସ୍କୃତ (SSS) ରେ ସଂସ୍କୃତ ମାଧ୍ୟମରେ ସଂସ୍କୃତ ଶିକ୍ଷା (STS) କରିବା ଏବଂ ଏହାର ଅଧ୍ୟୟନକୁ ପ୍ରକୃତରେ ଆନନ୍ଦଦାୟକ କରିବା ପାଇଁ ଲେଖାଯାଇପାରେ ।

4.18 ଭାରତରେ ମଧ୍ୟ ଶାସ୍ତ୍ରୀୟ ତାମିଲ, ତେଲୁଗୁ, କନ୍ନଡ଼, ମାଲାୟାଲମ୍, ଓଡ଼ିଆ ସମେତ ଅନ୍ୟ ଶାସ୍ତ୍ରୀୟ ଭାଷାରେ ଅତ୍ୟଧିକ ସମୃଦ୍ଧ ସାହିତ୍ୟ ରହିଛି । ଏହି ଶାସ୍ତ୍ରୀୟ ଭାଷାଗୁଡ଼ିକ ବ୍ୟତୀତ ପାଲି, ପାର୍ସୀ ଏବଂ ପ୍ରାକୃତ; ଏବଂ ସେମାନଙ୍କର ସାହିତ୍ୟକୁ ମଧ୍ୟ ଭବିଷ୍ୟତ ପିଢ଼ିର ଆନନ୍ଦ ଏବଂ ସମୃଦ୍ଧି ପାଇଁ ସଂରକ୍ଷିତ ହେବା ଆବଶ୍ୟକ । ଯେବେ ଭାରତ ଏକ ସଂପୂର୍ଣ୍ଣ ବିକଶିତ ଦେଶ ହୋଇଯିବ, ପରବର୍ତ୍ତୀ ପିଢ଼ି ଭାରତର ବ୍ୟାପକ ତଥା ସୁନ୍ଦର ଶାସ୍ତ୍ରୀୟ ସାହିତ୍ୟ ଦ୍ୱାରା ସମୃଦ୍ଧ ହେବାକୁ ଚାହିଁବେ । ସଂସ୍କୃତ ବ୍ୟତୀତ ଭାରତର ଅନ୍ୟ ଶାସ୍ତ୍ରୀୟ ଭାଷା ଓ ସାହିତ୍ୟ ଯେଉଁଥିରେ ତାମିଲ, ତେଲୁଗୁ, କନ୍ନଡ଼, ମଲାୟାଲମ୍, ଓଡ଼ିଆ, ପାଲି, ପାର୍ସି ଏବଂ ପ୍ରାକୃତ ଅନ୍ତର୍ଭୁକ୍ତ, ବିଦ୍ୟାଳୟରେ ଶିକ୍ଷାର୍ଥୀମାନଙ୍କ ପାଇଁ ବିକଳ୍ପ ରୂପରେ ସମ୍ଭବତଃ ଅନଲାଇନ ମଡ୍ୟୁଲ୍ ମାଧ୍ୟମରେ ଅନୁଭବାତ୍ମକ ଓ ଅଭିନବ ପନ୍ଥା ମାଧ୍ୟମରେ ଉପଲବ୍ଧ ହେବ, ଫଳରେ ଏହି ସବୁ ଭାଷା ଜୀବିତ ରହିବାକୁ ନିଶ୍ଚିତ କରାଯାଇପାରିବ । ସମୃଦ୍ଧ ମୌଖିକ ଏବଂ ଲିଖିତ ସାହିତ୍ୟ, ସାଂସ୍କୃତିକ ପରମ୍ପରା ଏବଂ ଜ୍ଞାନ ଥିବା ସମସ୍ତ ଭାରତୀୟ ଭାଷା ପାଇଁ ମଧ୍ୟ ସମାନ ପ୍ରୟାସ କରାଯିବ ।

4.19 ପିଲାମାନଙ୍କର ସମୃଦ୍ଧତା ଏବଂ ଏହି ସମୃଦ୍ଧ ଭାଷାଗୁଡ଼ିକର କଳାତ୍ମକ ସଂରକ୍ଷଣ ପାଇଁ ସରକାରୀ କିମ୍ବା ବେସରକାରୀ ବିଦ୍ୟାଳୟଗୁଡ଼ିକରେ ସମସ୍ତ ଶିକ୍ଷାର୍ଥୀ ଭାରତର ଯେ କୌଣସି ଏକ ଶାସ୍ତ୍ରୀୟ ଭାଷା ଏବଂ ତାହାର ଆନୁସଙ୍ଗିକ ସାହିତ୍ୟକୁ ଅତି କମ୍‌ରେ ଦୁଇ ବର୍ଷ ଶିଖିବାର ସୁଯୋଗ ପାଇବେ । ଷଷ୍ଠ ରୁ ଦ୍ୱାଦଶ ଶ୍ରେଣୀରେ ପ୍ରଯୁକ୍ତି ବିଦ୍ୟାକୁ ସମନ୍ୱିତ କରି ଅଭିଜ୍ଞତା ଏବଂ ଅଭିନବ ଉପାୟ ମାଧ୍ୟମରେ ଶିଖିବେ । ମଧ୍ୟ ପର୍ଯ୍ୟାୟରୁ ମାଧ୍ୟମିକ ପର୍ଯ୍ୟାୟ ଏବଂ ତା'ପରେ ମଧ୍ୟ ଏହି ଶାସ୍ତ୍ରୀୟ ଭାଷାଗୁଡ଼ିକ ଶିଖିବା ପାଇଁ ବିକଳ୍ପ ରହିବ ।

4.20 ଭାରତୀୟ ଭାଷା ଏବଂ ଇଂରାଜୀରେ ଉଚ୍ଚମାନର ଗୁଣାତ୍ମକ ବ୍ୟତୀତ, କୋରିଆନ୍, ଜାପାନିଜ୍, ଥାଇ, ଫରାସୀ, ଜର୍ମାନ, ସ୍ପେନିସ୍, ପର୍ତ୍ତୁଗୀଜ୍ ଏବଂ ଋଷିଆନ୍ ଭଳି ବିଦେଶୀ ଭାଷା ମଧ୍ୟ ମାଧ୍ୟମିକ ସ୍ତରରେ ପ୍ରଦାନ କରାଯିବ, ଫଳରେ ଶିକ୍ଷାର୍ଥୀମାନେ ବିଶ୍ୱ ସଂସ୍କୃତି ବିଷୟରେ ଜ୍ଞାନ ହାସଲ କରିପାରିବେ । ନିଜର ରୁଚି ଓ ଆକାଂକ୍ଷା ଅନୁସାରେ ବିଶ୍ୱ ସମ୍ବନ୍ଧୀୟ ଜ୍ଞାନକୁ ମଧ୍ୟ ବିଭିନ୍ନ ସ୍ଥାନ ପରିଭ୍ରମଣ କରି ବୃଦ୍ଧି କରିପାରିବେ ।

4.21 ଭାରତୀୟ ସାଙ୍କେତିକ ଭାଷା (Indian Sign Language - ISL)କୁ ସମଗ୍ର ଦେଶରେ ମାନକ କରାଯିବ ଓ ଶ୍ରବଣବାଧିତ ଶିକ୍ଷାର୍ଥୀମାନଙ୍କ ବ୍ୟବହାର ପାଇଁ ଜାତୀୟ ଓ ରାଜ୍ୟସ୍ତରରେ ପାଠ୍ୟକ୍ରମ ସାମଗ୍ରୀ ପ୍ରସ୍ତୁତ କରାଯିବ । ସ୍ଥାନୀୟ ସାଙ୍କେତିକ ଭାଷାଗୁଡ଼ିକୁ ସମ୍ମାନ ଦିଆଯାଇ ଯେଉଁଠାରେ ସମ୍ଭବ ଓ ପ୍ରାସଙ୍ଗିକ ସେଠାରେ ଶିକ୍ଷାଦାନ କରାଯିବ ।

## ଅତ୍ୟାବଶ୍ୟକ ବିଷୟ, କୌଶଳ ଓ କ୍ଷମତାଗୁଡ଼ିକର ପାଠ୍ୟକ୍ରମରେ ସମନ୍ୱିକରଣ

4.23 ଶିକ୍ଷାର୍ଥୀମାନଙ୍କୁ ବ୍ୟକ୍ତିଗତ ପାଠ୍ୟକ୍ରମ ଚୟନ କରିବାରେ ବହୁ ପରିମାଣର ନମନୀୟତା ମିଳିବା ଆବଶ୍ୟକ । ବର୍ତ୍ତମାନର ଦ୍ରୁତ ପରିବର୍ତ୍ତନଶୀଳ ଦୁନିଆରେ ଭଲ, ସଫଳ, ଅଭିନବ, ଅନୁକୂଳ ଏବଂ ଉତ୍ପାଦନକାରୀ ବ୍ୟକ୍ତିଟିଏ ହେବା ପାଇଁ କେତେକ ବିଷୟ, କୌଶଳ, ଏବଂ ଦକ୍ଷତା ଶିଖିବା ଆବଶ୍ୟକ । ଭାଷାଗୁଡ଼ିକରେ ପାରଦର୍ଶିତା ସହିତ, ଏହି କୌଶଳଗୁଡ଼ିକୁ ମଧ୍ୟ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବା ଉଚିତ୍ – ବୈଜ୍ଞାନିକ ସ୍ୱଭବ ଏବଂ ପ୍ରମାଣ-ଆଧାରିତ ଚିନ୍ତାଧାରା; ସୃଜନଶୀଳତା ଏବଂ ଅଭିନବତା; ସୌନ୍ଦର୍ଯ୍ୟ ଏବଂ କଳାର ଭାବନା; ମୌଖିକ ଏବଂ ଲିଖିତ ଯୋଗାଯୋଗ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିକର; ଶାରୀରିକ ଶିକ୍ଷା, ଫିଟନେସ୍, ସୁସ୍ଥତା ଏବଂ କ୍ରୀଡ଼ା; ସହଯୋଗ ଏବଂ ଦଳଗତ କାର୍ଯ୍ୟ; ସମସ୍ୟା ସମାଧାନ ଏବଂ ଯୁକ୍ତିଯୁକ୍ତ ଚିନ୍ତାଧାରା; ଧନ୍ଦାମୂଳକ କୌଶଳ, ଡିଜିଟାଲ୍ ସାକ୍ଷରତା; କୋଡ଼ିଂ ଏବଂ ହିସାବକରିବାର ଚିନ୍ତାଧାରା; ନୈତିକତା; ମାନବ ଏବଂ ସାମ୍ବିଧାନିକ ମୂଲ୍ୟବୋଧର ଜ୍ଞାନ ଏବଂ ଅଭ୍ୟାସ; ଲିଙ୍ଗ ସମ୍ବେଦନଶୀଳତା; ମୌଳିକ କର୍ତ୍ତବ୍ୟ; ନାଗରିକତା ଦକ୍ଷତା ଏବଂ ମୂଲ୍ୟବୋଧ; ଭାରତ ବିଷୟରେ ଜ୍ଞାନ; ଜଳ ଏବଂ ସମ୍ବଳ ସଂରକ୍ଷଣ, ପରିମଳ ଏବଂ ସ୍ୱଚ୍ଛତା ସହିତ ପରିବେଶ ସଚେତନତା; ଏବଂ ସାମ୍ପ୍ରତିକ ଘଟଣାବଳୀ ଏବଂ ସ୍ଥାନୀୟ ସମ୍ପ୍ରଦାୟ, ରାଜ୍ୟ, ଦେଶ ଏବଂ ବିଶ୍ୱ ସମ୍ମୁଖୀନ ହେଉଥିବା ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକର ଜ୍ଞାନ ।

4.24 ସମସ୍ତ ସ୍ତରର ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କୌଶଳର ବିକାଶ ପାଇଁ ଉପଯୁକ୍ତ ପର୍ଯ୍ୟାୟରେ ସମସାମୟିକ ବିଷୟଗୁଡ଼ିକର ପ୍ରବର୍ତ୍ତନ କରାଯିବ – ଯେପରି କୃତ୍ରିମ ବୁଦ୍ଧି, ଡିଜାଇନ୍ସ ଚିନ୍ତାଧାରା ସାମଗ୍ରିକ ସ୍ୱାସ୍ଥ୍ୟ ଜୈବିକ ଜୀବନ, ପରିବେଶ ଶିକ୍ଷା, ବିଶ୍ୱ ନାଗରିକତା ଶିକ୍ଷା (Global Citizenship Education-GCED) ଇତ୍ୟାଦି ।

4.25 ଏହା ସ୍ୱୀକୃତ ହୋଇଛି, ଯେ ଗଣିତ ଏବଂ ଗାଣିତିକ ଚିନ୍ତାଧାରା ଭାରତର ଭବିଷ୍ୟତ ପାଇଁ ତଥା ବହୁ ଆଗାମୀ କ୍ଷେତ୍ର ତଥା ବୃତ୍ତିରେ ଭାରତର ନେତୃତ୍ୱକାରୀ ଭୂମିକା ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ । ଏହି କ୍ଷେତ୍ରଗୁଡ଼ିକରେ କୃତ୍ରିମ ବୁଦ୍ଧି, ମେସିନ୍ ଲର୍ଣ୍ଣି ଏବଂ ଡାଟା ସାଇନ୍ସ ଇତ୍ୟାଦି ଅନ୍ତର୍ଭୁକ୍ତ ହେବା ପ୍ରାରମ୍ଭ ପର୍ଯ୍ୟାୟରୁ ଆରମ୍ଭ କରି ବିଦ୍ୟାଳୟ ଶିକ୍ଷାର ସମସ୍ତ ସ୍ତରରେ ଏହିପରି ଗଣିତ ଓ ଗଣନାଗତ ଚିନ୍ତାଧାରାକୁ ବିଭିନ୍ନ ପ୍ରକାର ଅଭିନବ ପ୍ରଣାଳୀ ମାଧ୍ୟମରେ ପହେଲୀ ଏବଂ ଖେଳର ନିୟମିତ ବ୍ୟବହାରକୁ ଅନ୍ତର୍ଭୁକ୍ତ କରି ଗାଣିତିକ ଚିନ୍ତାଧାରାକୁ ଅଧିକ ଉପଭୋଗ୍ୟ ଏବଂ ଆକର୍ଷଣୀୟ କରାଯିବ । ମଧ୍ୟ ପର୍ଯ୍ୟାୟରେ ଶିକ୍ଷାର୍ଥୀମାନେ କୋଡ଼ିଂ ସହିତ ଜଡ଼ିତ କାର୍ଯ୍ୟକଳାପଗୁଡ଼ିକ ସହିତ ପରିଚିତ ହେବେ ।

4.26 ପ୍ରତ୍ୟେକ ଶିକ୍ଷାର୍ଥୀ ଷଷ୍ଠ-ଅଷ୍ଟମ ଶ୍ରେଣୀ ମଧ୍ୟରେ ରାଜ୍ୟ ଓ ସ୍ଥାନୀୟ ସମ୍ପ୍ରଦାୟ ଦ୍ୱାରା ସ୍ଥିରୀକୃତ ଓ ସ୍ଥାନୀୟ କୁଶଳ ଆବଶ୍ୟକତା ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ଏକ ମଜାଳିଆ ପାଠ୍ୟକ୍ରମ (Fun Course) ଗ୍ରହଣ କରିବେ, ଯାହା ସର୍ବେକ୍ଷଣ ଏବଂ ଗୁରୁତ୍ୱପୂର୍ଣ୍ଣ ଧନ୍ଦାମୂଳକ କାରିଗରୀର ନମୂନା ସଂଗ୍ରହର ଅଭିଜ୍ଞତା ପ୍ରଦାନ କରିଥାଏ, ଯେପରିକି – କାଠ କାମ, ବୈଦ୍ୟୁତିକ କାର୍ଯ୍ୟ, ଧାତୁ କାର୍ଯ୍ୟ, ବଗିଚା, ମାଟି ରୁ ଜିନିଷ ପ୍ରସ୍ତୁତି ଇତ୍ୟାଦି । ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପାଇଁ ଏକ ଅଭ୍ୟାସ-ଆଧାରିତ ପାଠ୍ୟକ୍ରମ NCFSE 2020-21 ପ୍ରସ୍ତୁତ କରିବା ସମୟରେ NCERT ଦ୍ୱାରା ଉପଯୁକ୍ତ ଭାବରେ ପ୍ରସ୍ତୁତ କରାଯିବ । ଷଷ୍ଠରୁ ଅଷ୍ଟମ ଶ୍ରେଣୀର ପଢ଼ିବା ସମୟରେ ସମସ୍ତ ଶିକ୍ଷାର୍ଥୀ ଦଶ ଦିନର ବ୍ୟାଗରହିତ (Bagless) ଅବଧିରେ ଅଂଶଗ୍ରହଣ କରିବେ, ଯେଉଁଠାରେ ସେମାନେ ସ୍ଥାନୀୟ ଧନ୍ଦାମୂଳକ ବିଶେଷଜ୍ଞଙ୍କ ସହିତ ମିଶି କାର୍ଯ୍ୟ କରିବେ ଓ ଶିଖିବେ, ଯେପରିକି ବଢ଼େଇ, ବଗିଚା କାମ କରୁଥିବା ମାଳୀ, କୁମ୍ଭକାର, କଳାକାର ଇତ୍ୟାଦି । ଷଷ୍ଠ ରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାର୍ଥୀଙ୍କୁ ଧନ୍ଦାମୂଳକ ପାଠ୍ୟକ୍ରମ ମାଧ୍ୟମରେ ଛୁଟି ଦିନରେ ମଧ୍ୟ ଏହିସବୁ ଅଭିଜ୍ଞତା ଉପଲବ୍ଧ ହେବ । ଧନ୍ଦାମୂଳକ ପାଠ୍ୟକାମ ଅନଲାଇନ ମାଧ୍ୟମରେ ବି ଉପଲବ୍ଧ ହେବ । କଳା, କୁଇଜ୍, କ୍ରୀଡ଼ା ଏବଂ ଧନ୍ଦାମୂଳକ ହସ୍ତଶିଳ୍ପ ସହିତ ଜଡ଼ିତ ବିଭିନ୍ନ ପ୍ରକାରର ସମୃଦ୍ଧ କାର୍ଯ୍ୟକଳାପ ପାଇଁ ବର୍ଷସାରା ବ୍ୟାଗ ରହିତ ଦିନକୁ ଉତ୍ସାହିତ କରାଯିବ । ଐତିହାସିକ, ସାଂସ୍କୃତିକ ତଥା ପର୍ଯ୍ୟଟନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ / ସ୍ମାରକୀ ପରିଦର୍ଶନ, ସ୍ଥାନୀୟ କଳାକାର ଏବଂ କାରିଗରଙ୍କୁ ଭେଟିବା ଏବଂ ସେମାନଙ୍କ ଗ୍ରାମ / ତହସିଲ / ଜିଲ୍ଲା / ରାଜ୍ୟର ଉଚ୍ଚ ଶିକ୍ଷା ପ୍ରତିଷ୍ଠାନ ପରିଦର୍ଶନ ମାଧ୍ୟମରେ ଶିକ୍ଷାର୍ଥୀମାନଙ୍କୁ ବିଦ୍ୟାଳୟ ବାହାର

କାର୍ଯ୍ୟକଳାପରେ ବିଭିନ୍ନ ଅବଧିରେ ଅନୁଭୂତି ପ୍ରଦାନ କରାଯିବ ।

4.27 ଆଧୁନିକ ଭାରତ ଓ ଏହାର ଅବଦାନ, ସଫଳତା ଏବଂ ଆହ୍ୱାନ ପ୍ରତି ପ୍ରାଚୀନ ଭାରତର ଜ୍ଞାନ ଓ ଏହାର ଅବଦାନକୁ ଭାରତର ଜ୍ଞାନ (Knowledge of India) ରେ ଅନ୍ତର୍ଭୁକ୍ତ କରାଯିବ ଏବଂ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ଇତ୍ୟାଦି ସମ୍ବନ୍ଧରେ ଭାରତର ଭବିଷ୍ୟତର ଆକାଂକ୍ଷା ବିଷୟରେ ଏକ ସ୍ୱଷ୍ଟ ଚିନ୍ତାଧାରାକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯିବ । ଯେଉଁଠାରେ ପ୍ରାସଙ୍ଗିକ ହେବ ଏହି ଉପାଦାନଗୁଡ଼ିକୁ ବିଦ୍ୟାଳୟ ପାଠ୍ୟକ୍ରମରେ ଏକ ଉପଯୁକ୍ତ ଓ ବୈଜ୍ଞାନିକ ପଦ୍ଧତିରେ ସାମିଲ କରାଯିବ; ବିଶେଷକରି ଭାରତୀୟ ଜ୍ଞାନ ପ୍ରଣାଳୀ, ଆଦିବାସୀ ଜ୍ଞାନ ଏବଂ ସ୍ୱଦେଶୀ ତଥା ପାରମ୍ପାରିକ ଶିକ୍ଷଣ ପଦ୍ଧତିକୁ ସମେତ ଗଣିତ, ଜ୍ୟୋତିର୍ବିଜ୍ଞାନ, ଦର୍ଶନ, ଯୋଗ, ସ୍ଥାପତ୍ୟ, ଔଷଧ, କୃଷି, ଇଞ୍ଜିନିୟରିଂ, ଭାଷା ବିଜ୍ଞାନ, ସାହିତ୍ୟ, କ୍ରୀଡ଼ା, ଖେଳ, ପ୍ରଶାସନ, ରାଜ୍ୟ ବ୍ୟବସ୍ଥା, ସଂରକ୍ଷଣ ଆଦି ବିଷୟରେ ସାମିଲ କରାଯିବ । ଆଦିବାସୀମାନଙ୍କ ନିଜସ୍ୱ ଔଷଧୀୟ ଅଭ୍ୟାସ, ଜଙ୍ଗଲ ପରିଚାଳନା, ପାରମ୍ପାରିକ (ଜୈବିକ) ଫସଲ ଚାଷ, ପ୍ରାକୃତିକ ଚାଷ ଇତ୍ୟାଦିରେ ନିର୍ଦ୍ଦିଷ୍ଟ ପାଠ୍ୟକ୍ରମ ମଧ୍ୟ ଉପଲବ୍ଧ ହେବ । ମାଧ୍ୟମିକ ବିଦ୍ୟାଳୟର ଶିକ୍ଷାର୍ଥୀମାନଙ୍କ ପାଇଁ ଭାରତୀୟ ଜ୍ଞାନ ପ୍ରଣାଳୀ ଉପରେ ଏକ ଆକର୍ଷଣୀୟ ପାଠ୍ୟକ୍ରମ ମଧ୍ୟ ଉପଲବ୍ଧ ହେବ । ମଜାଳିଆ ଏବଂ ସ୍ୱଦେଶୀ ଖେଳ ମାଧ୍ୟମରେ ବିଭିନ୍ନ ବିଷୟ ଶିଖିବା ପାଇଁ ବିଦ୍ୟାଳୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇପାରେ । ବିଦ୍ୟାଳୟ ପାଠ୍ୟକ୍ରମରେ ବିଜ୍ଞାନ ଓ ଅନ୍ୟ କ୍ଷେତ୍ରରେ ପ୍ରାଚୀନ ତଥା ଆଧୁନିକ ଭାରତର ପ୍ରେରଣାଦାୟୀ ବ୍ୟକ୍ତିଙ୍କ ଉପରେ ଭିଡ଼ିଓ ଡକ୍ୟୁମେଣ୍ଟାରୀଗୁଡ଼ିକ ପ୍ରଦର୍ଶିତ ହେବ । ଶିକ୍ଷାର୍ଥୀମାନଙ୍କୁ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ବିଭିନ୍ନ ରାଜ୍ୟ ପରଦର୍ଶନ କରିବାକୁ ଉତ୍ସାହିତ କରାଯିବ ।

4.28 ଶିକ୍ଷାର୍ଥୀମାନଙ୍କୁ ଅଳ୍ପ ବୟସରେ 'ଯାହା ଠିକ୍ ତାହା କରିବା' ଉପରେ ଗୁରୁତ୍ୱ ଦିଆଯିବ ଏବଂ ସେମାନଙ୍କୁ ନୈତିକ ନିଷ୍ପତ୍ତି ନେବା ପାଇଁ ଏକ ଯୁକ୍ତିଯୁକ୍ତ ଢାଞ୍ଚା ଦିଆଯିବ । ପରବର୍ତ୍ତୀ ବର୍ଷଗୁଡ଼ିକରେ, ଏହା ପ୍ରତାରଣା, ହିଂସା, ଚୋରୀ, ଅପରାଧ, ସହନଶୀଳତା, ସମାନତା, ସହାନୁଭୂତି ଇତ୍ୟାଦି ବିଷୟବସ୍ତୁ ସହିତ ସମ୍ପ୍ରସାରିତ ହେବ, ଯାହା ଦ୍ୱାରା ଶିକ୍ଷାର୍ଥୀମାନେ ନିଜ ଜୀବନ ପରିଚାଳନାରେ ନୈତିକ ମୂଲ୍ୟବୋଧ ଗ୍ରହଣ କରିବା, ଏକାଧିକ ଦୃଷ୍ଟିକୋଣରୁ ଏକ ନୈତିକ ପ୍ରସଙ୍ଗ ବିଷୟରେ ଯୁକ୍ତି ରଖିବା ଏବଂ ସମସ୍ତ କାର୍ଯ୍ୟରେ ନୈତିକ ଅଭ୍ୟାସ ବ୍ୟବହାର କରିବା ପାଇଁ ସକ୍ଷମ ହେବେ । ଏହପରି ମୌଳିକ ନୈତିକ ଯୁକ୍ତି, ପାରମ୍ପାରିକ ଭାରତୀୟ ମୂଲ୍ୟବୋଧ ଏବଂ ସମସ୍ତ ମୌଳିକ ମାନବିକ ତଥା ସାମ୍ବିଧାନିକ ମୂଲ୍ୟବୋଧକୁ (ଯେପରି ସେବା, ଅହିଂସା, ସ୍ୱଚ୍ଛତା, ସତ୍ୟ, ନିଷ୍କାମ କର୍ମ, ଶାନ୍ତି, ବଳିଦାନ, ସହନଶୀଳତା, ବିବିଧତା, ବହୁବାଦ, ନୈତିକ ଆଚରଣ, ଲିଙ୍ଗ ସମ୍ବେଦନଶୀଳତା, ବୟସ୍କଙ୍କୁ ସମ୍ମାନ, ସମସ୍ତ ଲୋକଙ୍କୁ ଏବଂ ସେମାନଙ୍କର ଅନ୍ତର୍ନିହିତ ସାମର୍ଥ୍ୟକୁ ସମ୍ମାନ, ପରିବେଶ ପ୍ରତି ସମ୍ମାନ, ସହାୟକତା ପ୍ରଦାନ, ସୌଜନ୍ୟ, ଧୈର୍ଯ୍ୟ, କ୍ଷମା, ସମାନୁଭୂତି, କରୁଣା, ଦେଶପ୍ରେମ, ଗଣତାନ୍ତ୍ରିକ ଦୃଷ୍ଟିକୋଣ, ଅଖଣ୍ଡତା, ଦାୟିତ୍ୱବୋଧ, ନ୍ୟାୟ, ସ୍ୱାଧୀନତା, ସମାନତା ଏବଂ ଭାତୃତ୍ୱବୋଧ) ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ବିକଶିତ କରାଯିବ । ଶିକ୍ଷାର୍ଥୀମାନଙ୍କୁ ପଞ୍ଚତନ୍ତ୍ର ର ମୂଳ କାହାଣୀ, ଜାତକ, ହିତୋପଦେଶ ଏବଂ ଅନ୍ୟାନ୍ୟ ମଜାଳିଆ କାହାଣୀ ଏବଂ ଭାରତୀୟ ପରମ୍ପରାରୁ ପ୍ରେରଣାଦାୟକ କାହାଣୀକୁ ପଢ଼ିବାର ସୁଯୋଗ ଦିଆଯାଇ ଏବଂ ବିଶ୍ୱ ସାହିତ୍ୟ ଉପରେ ସେଗୁଡ଼ିକ ପ୍ରଭାବ ବିଷୟରେ ମଧ୍ୟ ଜାଣିବାର ସୁଯୋଗ ପାଇବେ । ଭାରତୀୟ ସମ୍ବିଧାନର ଗୁରୁତ୍ୱପୂର୍ଣ୍ଣ ଅଂଶକୁ ସମସ୍ତ ଶିକ୍ଷାର୍ଥୀଙ୍କ ପାଇଁ ଆବଶ୍ୟକ ପଢ଼ିବା ବୋଲି ବିବେଚନା କରାଯିବ । ସ୍ୱାସ୍ଥ୍ୟରେ ମୌଳିକ ପ୍ରଶିକ୍ଷଣ, ଯେପରିକି-ପ୍ରତିଷେଧକ ସ୍ୱାସ୍ଥ୍ୟ, ମାନସିକ ସ୍ୱାସ୍ଥ୍ୟ, ଉତ୍ତମ ପୋଷଣ, ବ୍ୟକ୍ତିଗତ ତଥା ସାର୍ବଜନୀନ ସ୍ୱଚ୍ଛତା ବିପର୍ଯ୍ୟୟ ମୁକାବିଲା ଏବଂ ପ୍ରାଥମିକ ଚିକିତ୍ସାକୁ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବ । ଏଥିସହିତ ମଦ୍ୟପାନ, ତମାଖୁ ଓ ଅନ୍ୟାନ୍ୟ ମାଦକ ପଦାର୍ଥର କ୍ଷତିକାରକ ପ୍ରଭାବର ବୈଜ୍ଞାନିକ ବ୍ୟାଖ୍ୟାକୁ ମଧ୍ୟ ପାଠ୍ୟକ୍ରମରେ ସାମିଲ କରାଯିବ ।

4.29 ପ୍ରାରମ୍ଭ/ମୌଳିକ ପର୍ଯ୍ୟାୟରୁ ଆରମ୍ଭ କରି ସବୁ ପର୍ଯ୍ୟାୟରେ ପାଠ୍ୟକ୍ରମ ଓ ଶିକ୍ଷଣ ବିଜ୍ଞାନକୁ ଭାରତୀୟ ଓ ସ୍ଥାନୀୟ ପ୍ରସଙ୍ଗକୁ ଦୃଷ୍ଟିରେ ରଖି ପୁନଃଗଠିତ କରାଯିବ । ଏଥିରେ ସଂସ୍କୃତି, ପରମ୍ପରା, ଐତିହ୍ୟ, ଭାଷା, ଦର୍ଶନ, ଭୌଗଳିକ, ପ୍ରାଚୀନ ଓ ସମସାମୟିକ ଜ୍ଞାନ, ସାମାଜିକ ଓ ବୈଜ୍ଞାନିକ ଆବଶ୍ୟକତା, ସ୍ୱଦେଶୀ ତଥା ପାରମ୍ପାରିକ ଶିକ୍ଷାର ଉପାୟ ଇତ୍ୟାଦି ସାମିଲ ହେବ, ଯେଉଁଥିରେ ଆମ ଶିକ୍ଷାର୍ଥୀମାନଙ୍କ ପାଇଁ ଶିକ୍ଷା ସର୍ବାଧିକ ସମ୍ବନ୍ଧୀୟ, ପ୍ରାସଙ୍ଗିକ, ଆକର୍ଷଣୀୟ ଏବଂ ପ୍ରଭାବଶାଳୀ ହେବ । ଯେତେଦୂର ସମ୍ଭବ ଭାରତୀୟ ଏବଂ ସ୍ଥାନୀୟ ଭୌଗଳିକ ପରିପ୍ରେକ୍ଷୀରେ କାହାଣୀ, କଳା, ଖେଳ, ଉଦାହରଣ, ସମସ୍ୟା ଇତ୍ୟାଦିକୁ ଚୟନ କରାଯିବ । ଶିକ୍ଷାକୁ ଏହିପରି ଆଧାର ମିଳିବା ଫଳରେ ନିଶ୍ଚିତ ରୂପରେ ଅମୂର୍ତ୍ତ ଚିନ୍ତନ, ନୂତନ ଚିନ୍ତାଧାରା ଓ ସୃଜନଶୀଳତା ବିକାଶ ହେବାର ସୁଯୋଗ ମିଳିବ ।

## ବିଦ୍ୟାଳୟ ଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମ ଆଧାର (National Curriculum Framework for School Education - NCFSE)

4.30 ବିଦ୍ୟାଳୟ ଶିକ୍ଷା ପାଇଁ ଏକ ନୂତନ ତଥା ବିସ୍ତୃତ ଜାତୀୟ ପାଠ୍ୟକ୍ରମ ଆଧାର, NCFSE- 2020-21 ଦସ୍ତାବିଜ NCERT ଦ୍ୱାରା ପ୍ରସ୍ତୁତ କରାଯିବ – ଏହି ଜାତୀୟ ଶିକ୍ଷା ନୀତି 2020 ର ନୀତି, ଅଗ୍ରଣୀ ପାଠ୍ୟକ୍ରମର ଆବଶ୍ୟକତା ଏବଂ ରାଜ୍ୟ ସରକାରଙ୍କ ସମେତ ସମସ୍ତ ଅଂଶୀଦାର ମନ୍ତ୍ରାଳୟ କେନ୍ଦ୍ର ସରକାରଙ୍କ ସଂଯୁକ୍ତ ବିଭାଗ ଏବଂ ଅନ୍ୟାନ୍ୟ ବିଶେଷଜ୍ଞ ସଂସ୍ଥାଙ୍କ ସହ ଆଲୋଚନା ପରେ ସମସ୍ତ ଆଞ୍ଚଳିକ ଭାଷାରେ ଏହା ଉପଲବ୍ଧ ହେବ । NCFSE ଦସ୍ତାବିଜ ଅଗ୍ରଣୀ ପାଠ୍ୟକ୍ରମକୁ ଧ୍ୟାନରେ ରଖି ପ୍ରତି 5-10 ବର୍ଷରେ ଥରେ ପୁନଃ ସମୀକ୍ଷା ଏବଂ ଅଦ୍ୟତନ କରାଯିବ ।

## ସ୍ଥାନୀୟ ବିଷୟବସ୍ତୁ ଏବଂ ସ୍ୱାଦ ସହିତ ଜାତୀୟ ପାଠ୍ୟପୁସ୍ତକ

4.31 ବିଦ୍ୟାଳୟ ପାଠ୍ୟକ୍ରମରେ ବିଷୟବସ୍ତୁର ହ୍ରାସ ଏବଂ ନମନୀୟତା –ଘୋଷି ଶିଖିବା ପରିବର୍ତ୍ତେ ଗଠନମୂଳକ ଶିକ୍ଷଣ ଉପରେ ହୋଇଥିବା ଗୁରୁତ୍ୱ ଆଧାରରେ ବିଦ୍ୟାଳୟ ପାଠ୍ୟପୁସ୍ତକରେ ମଧ୍ୟ ପରିବର୍ତ୍ତନ ହେବା ଆବଶ୍ୟକ । ସମସ୍ତ ପାଠ୍ୟପୁସ୍ତକର ଲକ୍ଷ୍ୟ ହେଉଛି, ଜାତୀୟ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଥିବା ଅତ୍ୟାବଶ୍ୟକ ମୂଳ ସାମଗ୍ରୀ (ଆଲୋଚନା, ବିଶ୍ଳେଷଣ, ଉଦାହରଣ, ଏବଂ ପ୍ରୟୋଗ ସହିତ) ଧାରଣ କରିବା; କିନ୍ତୁ ଏହା ସହିତ ସ୍ଥାନୀୟ ପ୍ରସଙ୍ଗ ଏବଂ ଆବଶ୍ୟକତା ଅନୁଯାୟୀ କୌଣସି ଇଚ୍ଛିତ ପ୍ରସଙ୍ଗ ଏବଂ ଅତିରିକ୍ତ ସାମଗ୍ରୀ ମଧ୍ୟ ରହିବ । ଯେଉଁଠାରେ ସମ୍ଭବ, ଶିକ୍ଷକମାନେ ମଧ୍ୟ ପାଠ୍ୟପୁସ୍ତକଗୁଡ଼ିକରେ ଅନେକ ବିକଳ୍ପ ପାଇବେ । ସେମାନଙ୍କ ପାଖରେ ପାଠ୍ୟପୁସ୍ତକଗୁଡ଼ିକର ଅନେକ ସେଟ ରହିବ, ଯେଉଁଥିରେ ଆବଶ୍ୟକୀୟ ଜାତୀୟ ଏବଂ ସ୍ଥାନୀୟ ସାମଗ୍ରୀ ରହିବ – ଯଦ୍ୱାରା ସେମାନେ ଶିକ୍ଷାର୍ଥୀଙ୍କ ଆବଶ୍ୟକତା ଅନୁସାରେ ଉପଯୁକ୍ତ ଉପାୟରେ ଶିକ୍ଷାଦାନ ଶିକ୍ଷଣ କାର୍ଯ୍ୟ ସମ୍ପାଦନ କରିପାରିବେ ।

4.32 ଶିକ୍ଷାର୍ଥୀମାନଙ୍କ ଉପରେ ତଥା ଶିକ୍ଷା ବ୍ୟବସ୍ଥାରେ ପାଠ୍ୟପୁସ୍ତକ ମୂଲ୍ୟର ଭାରକୁ ହ୍ରାସ କରିବା ପାଇଁ ଏହି ପ୍ରକାର ଗୁଣାତ୍ମକ ପାଠ୍ୟପୁସ୍ତକକୁ ସର୍ବନିମ୍ନ ସମ୍ଭାବ୍ୟ ମୂଲ୍ୟରେ (ଉତ୍ପାଦନ / ମୁଦ୍ରଣ ମୂଲ୍ୟରେ) ଯୋଗାଇ ଦିଆଯିବ । ଏହା SCERT ସହିତ ମିଳିତ ଭାବେ ହୋଇ NCERT ଦ୍ୱାରା ବିକଶିତ ଉଚ୍ଚମାନର ପାଠ୍ୟପୁସ୍ତକକୁ ବ୍ୟବହାର କରି କରାଯାଇପାରେ; ଅତିରିକ୍ତ ପାଠ୍ୟପୁସ୍ତକକୁ ସାର୍ବଜନୀନ ଜନସେବାକାରୀ ଭାଗୀଦାରୀ ଏବଂ ଜନସାଧାରଣଙ୍କ ଦ୍ୱାରା ପାଣ୍ଠି ପ୍ରଦାନ କରାଯାଇ ପାରିବ । ଯାହା ବିଶେଷଜ୍ଞମାନଙ୍କୁ ଉଚିତ ମୂଲ୍ୟରେ ଏପରି ଉଚ୍ଚମାନର ପାଠ୍ୟପୁସ୍ତକ ଲେଖିବା ପାଇଁ ପ୍ରୋତ୍ସାହିତ କରିଥାଏ । ରାଜ୍ୟଗୁଡ଼ିକ ନିଜସ୍ୱ ପାଠ୍ୟକ୍ରମ (ଯେତେଦୂର ସମ୍ଭବ NCERT ଦ୍ୱାରା ପ୍ରସ୍ତୁତ NCFSE ଉପରେ ଆଧାରିତ ହୋଇଥିବ) ଏବଂ ପାଠ୍ୟପୁସ୍ତକ (ଯେତେଦୂର ସମ୍ଭବ NCERT ପାଠ୍ୟପୁସ୍ତକ ଉପରେ ଆଧାରିତ ହୋଇଥିବ) ପ୍ରସ୍ତୁତ କରିବେ, ଯେଉଁଥିରେ ଆବଶ୍ୟକତା ଅନୁଯାୟୀ ରାଜ୍ୟ ସ୍ୱାଦ ଏବଂ ସାମଗ୍ରୀକୁ ଅନ୍ତର୍ଭୁକ୍ତ କରିବେ । ଏହା କରିବାବେଳେ, ଏହାକୁ ଦୃଷ୍ଟିରେ ରଖିବାକୁ ହେବ ଯେ, NCERT ପାଠ୍ୟକ୍ରମକୁ ଜାତୀୟ ଭାବେ ଗ୍ରହଣଯୋଗ୍ୟ ମାନଦଣ୍ଡ ଭାବରେ ଗ୍ରହଣ କରାଯିବ । ସମସ୍ତ ଆଞ୍ଚଳିକ ଭାଷାରେ ଏହିପରି ପାଠ୍ୟପୁସ୍ତକର ଉପଲବ୍ଧତା ଏକ ପ୍ରମୁଖ ପ୍ରାଥମିକତା ହେବ, ଯଦ୍ୱାରା ସମସ୍ତ ଶିକ୍ଷାର୍ଥୀ ଉଚ୍ଚମାନର ଶିକ୍ଷଣ ପାଇପାରିବେ । ବିଦ୍ୟାଳୟରେ ପାଠ୍ୟପୁସ୍ତକର ଠିକ୍ ସମୟରେ ଉପଲବ୍ଧତା ସୁନିଶ୍ଚିତ କରିବାକୁ ସମସ୍ତ ପ୍ରୟାସ କରାଯିବ । ପରିବେଶ ସଂରକ୍ଷଣ ଓ ବ୍ୟବସାୟିକ ବୋଝ କମ୍ କରିବା ପାଇଁ ସମସ୍ତ ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳଙ୍କ ପାଖରେ NCERT ଦ୍ୱାରା ପାଠ୍ୟପୁସ୍ତକର ଡାଉନ୍‌ଲୋଡ୍ ଏବଂ ମୁଦ୍ରଣ କରିବାର ସୁବିଧା ଉପଲବ୍ଧ ହେବ ।

4.33 ସ୍କୁଲ ବ୍ୟାଗ ଏବଂ ପାଠ୍ୟପୁସ୍ତକର ଓଜନକୁ ଉଲ୍ଲେଖନୀୟ ଭାବେ ହ୍ରାସ କରିବା ପାଇଁ NCERT, SCERT, ବିଦ୍ୟାଳୟ ଏବଂ ଶିକ୍ଷକମାନେ ପାଠ୍ୟକ୍ରମ ଏବଂ ଶିକ୍ଷଣରେ ଉପଯୁକ୍ତ ପରିବର୍ତ୍ତନ ମାଧ୍ୟମରେ ସମନ୍ୱିତ ପ୍ରୟାସ କରିବେ ।

## ଶିକ୍ଷାର୍ଥୀଙ୍କ ବିକାଶ ପାଇଁ ମୂଲ୍ୟାୟନରେ ବ୍ୟାପକ ପରିବର୍ତ୍ତନ

4.34 ଆମ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାରେ ସଂସ୍କୃତିରେ ମୂଲ୍ୟାୟନର ଲକ୍ଷ୍ୟ ହେଉଛି ସମାପ୍ତିସୂଚକରୁ ଗଠନମୂଳକ ମୂଲ୍ୟାୟନ ଆଡ଼କୁ ଅଗ୍ରସର ହେବା – ମୂଳତଃ ଘୋଷି ମନେ ରଖିବା କୌଶଳକୁ ପରୀକ୍ଷଣ କରିବା ଅପେକ୍ଷା ଯାହା ଅଧିକ ନିୟମିତ ଏବଂ ଗଠନମୂଳକ, ଅଧିକ ଦକ୍ଷତା–ଭିତ୍ତିକ, ଆମ ଶିକ୍ଷାର୍ଥୀମାନଙ୍କ ଶିକ୍ଷଣ ଏବଂ ବିକାଶକୁ ପ୍ରୋତ୍ସାହିତ କରେ ଏବଂ ଉଚ୍ଚତର କୌଶଳ,

ଯେପରି-ବିଶ୍ଳେଷଣ, ଗଭୀର ଚିନ୍ତନ, ଏବଂ ଧାରଣାଗତ ସ୍ୱଷ୍ଟତାକୁ ପରୀକ୍ଷଣ କରିବା । ମୂଲ୍ୟାୟନ ମୂଳ ଉଦ୍ଦେଶ୍ୟ ପ୍ରକୃତରେ ଶିକ୍ଷଣ ପାଇଁ ହେବା ଆବଶ୍ୟକ; ଯାହା ଉଭୟ ଶିକ୍ଷକ, ଶିକ୍ଷାର୍ଥୀ ଏବଂ ସମଗ୍ର ବିଦ୍ୟାଳୟ ବ୍ୟବସ୍ଥାକୁ ସାହାଯ୍ୟ କରିବ; ସମସ୍ତ ଶିକ୍ଷାର୍ଥୀଙ୍କ ପାଇଁ ଶିକ୍ଷଣ ଏବଂ ବିକାଶକୁ ଉଚ୍ଚ ସୋପାନରେ ପହଞ୍ଚାଇବ କ୍ରମାଗତ ଭାବରେ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାଗୁଡ଼ିକୁ ସଂଶୋଧନରେ ସାହାଯ୍ୟ କରିବ । ଶିକ୍ଷାର ସମସ୍ତ ସ୍ତରରେ ମୂଲ୍ୟାୟନ ପାଇଁ ଏହା ଏକ ଅନ୍ତଃଲଗ୍ନ ନୀତି ହେବ ।

4.35 ପ୍ରସ୍ତାବିତ ଜାତୀୟ ମୂଲ୍ୟାୟନ କେନ୍ଦ୍ର (National Assessment Centre) NCERT ଏବଂ SCERT ଙ୍କ ମାର୍ଗଦର୍ଶନର ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ବିଦ୍ୟାଳୟଭିତ୍ତିକ ମାନ ନିର୍ଦ୍ଧାରଣ ପାଇଁ ସମସ୍ତ ଶିକ୍ଷାର୍ଥୀଙ୍କର ପ୍ରଗତି କାର୍ଡ଼, ଯାହା ବିଦ୍ୟାଳୟଗୁଡ଼ିକ ଦ୍ୱାରା ଅଭିଭାବକମାନଙ୍କ ସହିତ ଯୋଗାଯୋଗ କରାଯାଏ, ସଂପୂର୍ଣ୍ଣ ରୂପେ ପୁନଃନିର୍ମାଣ କରାଯିବ । ପ୍ରଗତି କାର୍ଡ଼ ଏକ ସାମଗ୍ରିକ, 360 ଡିଗ୍ରୀ, ବହୁମୁଖୀ ବିବରଣୀ କାର୍ଡ଼ ଯେଉଁଥିରେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କର ଶିକ୍ଷା ପ୍ରଗତି ସହିତ ଜ୍ଞାନାତ୍ମକ, ଭାବାତ୍ମକ ଓ କ୍ରିୟାତ୍ମକ ଦିଗର ଅନନ୍ୟତା ବିସ୍ତୃତ ଭାବରେ ପ୍ରତିଫଳିତ ହୋଇଥାଏ । ଏଥିରେ ଶିକ୍ଷାର୍ଥୀର ଅଗ୍ରଗତିକୁ ମାପିବା ପାଇଁ ଶିକ୍ଷକଙ୍କ ମାନ ନିର୍ଦ୍ଧାରଣ ସହିତ ଶିକ୍ଷାର୍ଥୀଙ୍କ ସ୍ୱ-ମାନ ନିର୍ଦ୍ଧାରଣ, ସହପାଠୀଙ୍କ ଦ୍ୱାରା ମାନ ନିର୍ଦ୍ଧାରଣ, ପ୍ରକଳ୍ପ-ଭିତ୍ତିକ ଏବଂ ଅନୁସନ୍ଧାନ-ଭିତ୍ତିକ ଶିକ୍ଷଣ, କୁଇଜ୍, ଭୂମିକା ଅଭିନୟ, ଦଳଗତ କାର୍ଯ୍ୟ, ପୋର୍ଟଫୋଲିଓ ଇତ୍ୟାଦିରେ ଅନ୍ତର୍ଭୁକ୍ତ କରାଯିବ । ଏହି ସାମଗ୍ରିକ ପ୍ରଗତି କାର୍ଡ଼, ଘର ଏବଂ ବିଦ୍ୟାଳୟ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ସୃଷ୍ଟି କରିବା ପିତାମାତା-ଶିକ୍ଷକ ବୈଠକଗୁଡ଼ିକ ସହିତ ଶିକ୍ଷାର୍ଥୀମାନଙ୍କର ସାମଗ୍ରିକ ଶିକ୍ଷା ଏବଂ ବିକାଶରେ ପିତାମାତାଙ୍କୁ ସକ୍ରିୟ ଭାବରେ ଜଡ଼ିତ କରିବାରେ ଏହି କାର୍ଡ଼ ଭୂମିକା ଗ୍ରହଣ କରିବ। ଏହି ପ୍ରଗତି କାର୍ଡ଼ ଦ୍ୱାରା ଶିକ୍ଷକ ଓ ପିତାମାତାଙ୍କୁ ଶିକ୍ଷାର୍ଥୀଙ୍କ ବିଷୟରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥାଏ, ଯଦ୍ୱାରା ସେମାନେ ଶ୍ରେଣୀଗୃହରେ ଏବଂ ବାହାରେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ସହାୟତାପ୍ରଦାନ କରିପାରିବେ । ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ଶକ୍ତି, ଆଗ୍ରହର କ୍ଷେତ୍ର, ଆବଶ୍ୟକତା ବିଷୟରେ ମୂଲ୍ୟବାନ ସୂଚନା ପ୍ରଦାନ କରିବା ପାଇଁ ଏବଂ ଏହାଦ୍ୱାରା ସେମାନଙ୍କୁ ସର୍ବୋତ୍ତମ କ୍ୟାରିୟର ଚିହ୍ନଟ କରିବାରେ ସାହାଯ୍ୟ କରିବା ପାଇଁ ପିତାମାତା, ଶିକ୍ଷାର୍ଥୀ, ଏବଂ ଶିକ୍ଷକମାନଙ୍କ ପାଇଁ ଶିକ୍ଷା ତଥ୍ୟ ଏବଂ ପାରସ୍ପରିକ ପ୍ରଶ୍ନାବଳୀ ଆଧାରରେ ସେମାନଙ୍କ ଶିକ୍ଷାବର୍ଷ ମଧ୍ୟରେ ସେମାନଙ୍କର ଅଭିବୃଦ୍ଧିକୁ ଅନୁଧାବନ କରିବାରେ ସାହାଯ୍ୟ କରିବା ପାଇଁ ଶିକ୍ଷାର୍ଥୀମାନେ AI-ଆଧାରିତ ସଫ୍ଟୱେର ବିକଶିତ କରିପାରିବେ ଏବଂ ବ୍ୟବହାର କରିପାରିବେ ।

4.36 ବୋର୍ଡ଼ ପରୀକ୍ଷା ଏବଂ ପ୍ରବେଶିକା ପରୀକ୍ଷା ସମେତ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷାର ସାମ୍ପ୍ରତିକ ପ୍ରକୃତି-ଏବଂ ପରିଣାମ ସ୍ୱରୂପ ଆଜିର ଫଳାଫଳ କୋଚିଂ ସଂସ୍କୃତି ବିଶେଷକରି ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ବହୁ କ୍ଷତି କରୁଛି । ପ୍ରକୃତ ଶିକ୍ଷଣ ପାଇଁ ସମୟ ଦେବା ଅପେକ୍ଷା ଅତ୍ୟଧିକ ସମୟ ପରୀକ୍ଷା ପାଇଁ କୋଚିଂ ଓ ପ୍ରସ୍ତୁତିରେ ଯାଉଛି । ଭବିଷ୍ୟତର ଶିକ୍ଷା ବ୍ୟବସ୍ଥାରେ ନମନୀୟତା ଏବଂ ପସନ୍ଦକୁ ଅନୁମତି ଦେବା ପରିବର୍ତ୍ତେ, ଏହି ପରୀକ୍ଷାଗୁଡ଼ିକ ଶିକ୍ଷାର୍ଥୀମାନଙ୍କୁ ଗୋଟିଏ ବିଭାଗ / ବିଷୟରେ ଏକ ସଂକୀର୍ଣ୍ଣ ବସ୍ତୁ ଶିଖିବାକୁ ବାଧ କରିଥାଏ ।

4.37 ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପାଇଁ ବୋର୍ଡ଼ ପରୀକ୍ଷା ଜାରି ରହିବ, କୋଚିଂ କ୍ଲାସର ଆବଶ୍ୟକତାକୁ ଦୂର କରିବା ପାଇଁ ବୋର୍ଡ଼ ଓ ପ୍ରବେଶିକା ପ୍ରବେଶିକା ପରୀକ୍ଷାର ବର୍ତ୍ତମାନର ବ୍ୟବସ୍ଥାରେ ସଂସ୍କାର କରାଯିବ । ବର୍ତ୍ତମାନର ମୂଲ୍ୟାୟନ ବ୍ୟବସ୍ଥାର ଏହି କ୍ଷତିକାରକ ପ୍ରଭାବକୁ ବିଲୋପ କରିବା ପାଇଁ ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ବୋର୍ଡ଼ ପରୀକ୍ଷାକୁ ପୁନଃନିର୍ମାଣ କରାଯିବ; ଶିକ୍ଷାର୍ଥୀମାନେ ସେମାନଙ୍କର ବ୍ୟକ୍ତିଗତ ସ୍ୱାର୍ଥ ଉପରେ ନିର୍ଭର କରି ବୋର୍ଡ଼ ପରୀକ୍ଷା କରୁଥିବା ଅନେକ ବିଷୟ ବାଛିବାରେ ସକ୍ଷମ ହେବେ । ବୋର୍ଡ଼ ପରୀକ୍ଷାକୁ ମଧ୍ୟ ସହଜ କରାଯିବ, ଏହି ଅର୍ଥରେ ଯେ, ମାସ ମାସ ଧରି କୋଚିଂ ଏବଂ ଘୋଷିବା ପରିବର୍ତ୍ତେ; ମୁଖ୍ୟତଃ ମୌଳିକ ଦକ୍ଷତା / କ୍ଷମତାକୁ ପରୀକ୍ଷା କରିବେ; ଯେ କୌଣସି ଶିକ୍ଷାର୍ଥୀ ଯିଏକି ଏକ ବିଦ୍ୟାଳୟରେ ପଢୁଛି ଓ ମୌଳିକ ପ୍ରୟାସ କରୁଛି, ସେ ସହଜରେ ଅତିରିକ୍ତ ପ୍ରୟାସ ବିନା ବୋର୍ଡ଼ ପରୀକ୍ଷାରେ ପାସ୍ କରି ଭଲ ପ୍ରଦର୍ଶନ କରିପାରିବ । ବୋର୍ଡ଼ ପରୀକ୍ଷାର 'ହାଇ ଷ୍ଟେକ୍' ଦିଗକୁ ଆହୁରି ଦୂର କରିବା ପାଇଁ, ସମସ୍ତ ଶିକ୍ଷାର୍ଥୀଙ୍କୁ ଯେ କୌଣସି ଶିକ୍ଷାବର୍ଷ ମଧ୍ୟରେ ଦୁଇ ଥର ବୋର୍ଡ଼ ପରୀକ୍ଷା ଦେବାକୁ ଅନୁମତି ପ୍ରଦାନ କରାଯିବ, ଗୋଟିଏ ମୁଖ୍ୟ ପରୀକ୍ଷା ଏବଂ ଯଦି ଇଚ୍ଛା ହୁଏ ତେବେ ଉନ୍ନତି ପାଇଁ ଅନୁମତି ପ୍ରଦାନ କରାଯିବ ।

4.38 ଅଧିକ ନମନୀୟତା, ଶିକ୍ଷାର୍ଥୀଙ୍କ ପାଇଁ ଚୟନ ବ୍ୟବସ୍ଥା ଏବଂ ଶ୍ରେଷ୍ଠ-ଦୁଇଟି ପ୍ରୟାସର ମାନ ନିର୍ଦ୍ଧାରଣ ଯାହା ମୁଖ୍ୟତଃ ମୂଳ ଦକ୍ଷତାଗୁଡ଼ିକୁ ହିଁ ମାପନ କରିଥାଏ – ସମସ୍ତ ବୋର୍ଡ଼ ପରୀକ୍ଷାରେ ତୁରନ୍ତ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ରୂପରେ ଏଗୁଡ଼ିକୁ ଦେଖିବା ଆବଶ୍ୟକ । ଇତି ମଧ୍ୟରେ ବୋର୍ଡ଼ ନିଜ ବୋର୍ଡ଼ ପରୀକ୍ଷାଗୁଡ଼ିକ ପାଇଁ ଅନ୍ୟ ଉଚିତ ମଡ଼େଲଗୁଡ଼ିକ ମଧ୍ୟ ବିକଶିତ କରିପାରନ୍ତି ଫଳରେ କୋଚିଂ

ସଂସ୍କୃତି ଓ ପରୀକ୍ଷାର ଚାପକୁ କମ କରାଯାଇପାରେ । ଏହିପରି କେତେକ ସମ୍ଭାବନା ମଧ୍ୟରୁ ବାର୍ଷିକ / ସେମିଷ୍ଟାର / ମଡ୍ୟୁଲାର୍ ବୋର୍ଡ଼ ପରୀକ୍ଷାଗୁଡ଼ିକର ଏକ ବ୍ୟବସ୍ଥା ବିକଶିତ ହୋଇପାରେ – ଯେଉଁଥିରେ ବହୁତ କମ୍ ବିଷୟବସ୍ତୁ / ପାଠ ନେଇ ପରୀକ୍ଷା କରିବା ଏବଂ ବିଦ୍ୟାଳୟରେ ଅନୁରୂପ ପାଠ୍ୟକ୍ରମ ସାରିବା ପରେ ତୁରନ୍ତ ପରୀକ୍ଷା କରିବା – ଫଳରେ ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ପରୀକ୍ଷାର ଚାପକୁ ସୁଷମ ଭାବରେ ବଣ୍ଟନ କରାଯାଇପାରିବ ଓ ପ୍ରତ୍ୟେକ ପରୀକ୍ଷାରେ ଚାପ କମ୍ ରହିବ । ଗଣିତ ଠାରୁ ଆରମ୍ଭ କରି ସମସ୍ତ ବିଷୟ ଏବଂ ସମ୍ବନ୍ଧିତ ମାନ ନିର୍ଦ୍ଧାରଣ ଦୁଇଟି ସ୍ତରରେ ପ୍ରଦାନ କରାଯାଇପାରେ, ଗୋଟିଏ ହେଲା ନିଜ ଶ୍ରେଣୀ ସ୍ତର ଅନୁସାରେ, ଅନ୍ୟଟି ଉଚ୍ଚ ସ୍ତରର; ଏବଂ କେତେକ ବିଷୟରେ ବୋର୍ଡ଼ ପରୀକ୍ଷା ଦୁଇଟି ଭାଗରେ କରାଯାଇପାରେ – ଗୋଟିଏ ଭାଗରେ ବହୁ ବିକଳ୍ପ ପ୍ରଶ୍ନ ଓ ଅନ୍ୟଟିରେ ବର୍ଣ୍ଣନାତ୍ମକ ପ୍ରଶ୍ନ ।

4.39 ଉପରୋକ୍ତ ସମସ୍ତ ବିଷୟରେ, SCERT, ମୂଲ୍ୟାୟନ ବୋର୍ଡ଼ (Board of Assessment - BoAs) ପ୍ରସ୍ତାବିତ ନୂତନ ଜାତୀୟ ମାନ ନିର୍ଦ୍ଧାରଣ କେନ୍ଦ୍ର ଇତ୍ୟାଦି ପ୍ରମୁଖ ଅଂଶୀଦାରଙ୍କ ସହ ବିଚାରବିମର୍ଶ କରି NCERT ଦ୍ୱାରା ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରାଯିବ । NCFSE 2020-21 ସହିତ ସମାନ୍ତରାଳ କରି 2022-23 ଶିକ୍ଷା ବର୍ଷ ସୁଦ୍ଧା ମାନ ନିର୍ଦ୍ଧାରଣ ବ୍ୟବସ୍ଥାରେ ସୁଧାର ଅଣାଯିବ ଓ ଶିକ୍ଷକମାନେ ଏଥିପାଇଁ ପ୍ରସ୍ତୁତ ହୋଇ ରହିବେ ।

4.40 ବିଦ୍ୟାଳୟ ବର୍ଷ ସାରର ପ୍ରଗତି ଉପରେ ନଜର ରଖିବା ପାଇଁ ଏବଂ କେବଳ ଦଶମ ଓ ଦ୍ୱାଦଶ ଶ୍ରେଣୀର ଶେଷରେ ନୁହେଁ – ଶିକ୍ଷାର୍ଥୀ, ଅଭିଭାବକ, ଶିକ୍ଷକ, ପ୍ରଧାନଶିକ୍ଷକ, ଏବଂ ବିଦ୍ୟାଳୟ ବ୍ୟବସ୍ଥା ଓ ଶିକ୍ଷାଦାନ–ଶିକ୍ଷଣ ପ୍ରକ୍ରିୟାର ଉନ୍ନତି ଯୋଜନା କରିବାରେ ସମଗ୍ର ବିଦ୍ୟାଳୟ ବ୍ୟବସ୍ଥା – ସମସ୍ତ ଶିକ୍ଷାର୍ଥୀ ତୃତୀୟ, ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ବିଦ୍ୟାଳୟରେ ପରୀକ୍ଷା ଦେବେ ଯାହା ଉପଯୁକ୍ତ ପ୍ରାଧିକରଣଙ୍କ ଦ୍ୱାରା ଆୟୋଜିତ ହେବ । ଏହି ପରୀକ୍ଷାଗୁଡ଼ିକ ଘୋଷି ମନେ ରଖିବା ବଦଳରେ ମୌଳିକ ଶିକ୍ଷଣ ଫଳାଫଳଗୁଡ଼ିକର ଉପଲବ୍ଧି ପରୀକ୍ଷଣ କରିବେ, ଜାତୀୟ ଓ ସ୍ଥାନୀୟ ପାଠ୍ୟକ୍ରମରୁ ମୂଳ ଧାରଣା ଏବଂ ଜ୍ଞାନର ମାନ ନିର୍ଦ୍ଧାରଣ, ମାଧ୍ୟମରେ, ପ୍ରାସଙ୍ଗିକ ଉଚ୍ଚତର କୌଶଳର ଜୀବନ ପରିସ୍ଥିତିରେ ଜ୍ଞାନର ପ୍ରୟୋଗ ଉପରେ ଗୁରୁତ୍ୱ ଦିଆଯିବ । ବିଶେଷ କରି ତୃତୀୟ ଶ୍ରେଣୀ ପରୀକ୍ଷା ମୌଳିକ ସାକ୍ଷରତା, ସଂଖ୍ୟା ଜ୍ଞାନ ଏବଂ ଅନ୍ୟାନ୍ୟ ମୌଳିକ ଦକ୍ଷତା ଆଧାରରେ କରାଯିବ । ବିଦ୍ୟାଳୟ ପରୀକ୍ଷାର ଫଳାଫଳ କେବଳ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ବିକାଶମୂଳକ ଉଦ୍ଦେଶ୍ୟରେ ବ୍ୟବହୃତ ହେବ, ଯେଉଁଥିରେ ସେମାନଙ୍କର ସାମଗ୍ରିକ (ଶିକ୍ଷାର୍ଥୀର ନାମ ନ ନେଇ) ଶିକ୍ଷାର୍ଥୀ ଫଳାଫଳର ବିଦ୍ୟାଳୟମାନଙ୍କ ଦ୍ୱାରା ସାର୍ବଜନୀନ ପ୍ରକାଶ ଏବଂ ବିଦ୍ୟାଳୟ ବ୍ୟବସ୍ଥାର ନିରନ୍ତର ନିରୀକ୍ଷଣ ଏବଂ ଉନ୍ନତି ପାଇଁ ବ୍ୟବହାର କରାଯିବ ।

4.41 MHRD ଅଧୀନରେ ଏକ ମାନକ–ସେଟିଂ ସଂସ୍ଥା ଭବରେ ଏକ ଜାତୀୟ ମାନ ନିର୍ଦ୍ଧାରଣ କେନ୍ଦ୍ର (National Assessment Centre), PARAKH (Performance Assessment, Review and Analysis of Knowledge for Holistic Development) ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦିଆଯାଇଛି ଯାହା ଶିକ୍ଷାର୍ଥୀଙ୍କ ପାଇଁ ଆଦର୍ଶ, ମାନକ ଏବଂ ନିର୍ଦ୍ଦେଶାବଳୀ ସ୍ଥିର କରିବାର ମୌଳିକ ଉଦ୍ଦେଶ୍ୟ ପୂରଣ କରିବ । ଏହା ସହିତ ଭାରତର ସମସ୍ତ ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟ ବୋର୍ଡ଼ ପାଇଁ ମାନ ନିର୍ଦ୍ଧାରଣ ଏବଂ ରାଜ୍ୟ ଉପଲବ୍ଧି ସର୍ବେକ୍ଷଣ (State Achievement Survey-SAS)କୁ ମାର୍ଗଦର୍ଶନ କରିବା ଏବଂ ଜାତୀୟ ଉପଲବ୍ଧ ସର୍ବେକ୍ଷଣ (National Achievement Survey - NAS) କରିବା, ଦେଶରେ ଶିକ୍ଷଣ ଫଳାଫଳର ସଫଳତା ଉପରେ ନଜର ରଖିବା, ଏବଂ ବିଦ୍ୟାଳୟ ବୋର୍ଡ଼ଗୁଡ଼ିକୁ ସେମାନଙ୍କର ମାନ ନିର୍ଦ୍ଧାରଣ ପଦ୍ଧତିକୁ ପରିବର୍ତ୍ତନ କରିବାକୁ ଉତ୍ସାହିତ ଏବଂ ସାହାଯ୍ୟ କରିବା ଏହାର କାର୍ଯ୍ୟ ହେବ । ଏହି ନୀତିରେ ଉଲ୍ଲିଖିତ ଉଦ୍ଦେଶ୍ୟ ଆଧାରରେ ଏକବିଂଶ ଶତାବ୍ଦୀର କୌଶଳର ଆବଶ୍ୟକତା ପରିପୂରଣ ପାଇଁ ନିଜ ମାନ ନିର୍ଦ୍ଧାରଣ ପ୍ରଣାଳୀକୁ ବଦଳାଇବା ପାଇଁ ବିଦ୍ୟାଳୟ ବୋର୍ଡ଼ଗୁଡ଼ିକୁ ମଧ୍ୟ ପରାମର୍ଶ ଦେବା ଏହାର ଏକ ଉଦ୍ଦେଶ୍ୟ ହେବ । ଏହି କେନ୍ଦ୍ର ନୂତନ ମାନ ନିର୍ଦ୍ଧାରଣ ପ୍ରଣାଳୀ ଓ ଅଭିନବ ପନ୍ଥା ବିଷୟରେ ବିଦ୍ୟାଳୟ ବୋର୍ଡ଼କୁ ସହାୟତା ପ୍ରଦାନ କରିବ, ବିଦ୍ୟାଳୟ ବୋର୍ଡ଼ଗୁଡ଼ିକ ମଧ୍ୟରେ ସହଯୋଗକୁ ପ୍ରୋତ୍ସାହିତ କରିବ । ବିଦ୍ୟାଳୟ ବୋର୍ଡ଼ ମଧ୍ୟରେ ସର୍ବୋତ୍ତମ ଅଭ୍ୟାସକୁ ବାଣ୍ଟିବା ଏବଂ ସମସ୍ତ ବିଦ୍ୟାଳୟ ବୋର୍ଡ଼ରେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଶୈକ୍ଷିକ ମାନରେ ସମାନତା ନିଶ୍ଚିତ କରିବା ପାଇଁ ଏହା ଏକ ଆୟୁଧ ହେବ ।

4.42 ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ପାଇଁ ନୀତି ସମାନ ହେବ । ଜାତୀୟ ପରୀକ୍ଷା ଏଜେନ୍ସି (National Testing Agency - NTA) ଏକ ଉଚ୍ଚ ମାନର ସାଧାରଣ ଅଭିକ୍ଷମତା ପରୀକ୍ଷଣ ପ୍ରଦାନ କରିବା ସହିତ ବିଜ୍ଞାନ, ମାନବିକୀ, ଭାଷା, କଳା,

ଏବଂ ଧନ୍ଦାମୂଳକ ବିଷୟଗୁଡ଼ିକରେ ପ୍ରତିବର୍ଷ ଅତି କମରେ ଦୁଇଥର ସାଧାରଣ ପରୀକ୍ଷା କରିବା ପାଇଁ କାର୍ଯ୍ୟ କରିବ । ଏହି ପରୀକ୍ଷାଗୁଡ଼ିକ ଧାରଣାର ବୋଧଗମ୍ୟତା ଏବଂ ଜ୍ଞାନ ପ୍ରୟୋଗ କରିବାର କ୍ଷମତାକୁ ମୂଲ୍ୟାୟନ କରିବ ଏବଂ ଏହି ପରୀକ୍ଷାଗୁଡ଼ିକ ପାଇଁ କୋଚିଂ ନେବା ଆବଶ୍ୟକତାକୁ ଦୂର କରିବାକୁ ଲକ୍ଷ୍ୟ ରଖିବା ଶିକ୍ଷାର୍ଥୀମାନେ ପରୀକ୍ଷା ଦେବା ପାଇଁ ବିଷୟଗୁଡ଼ିକ ବାଛିବାରେ ସକ୍ଷମ ହେବେ ଏବଂ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ବ୍ୟକ୍ତିଗତ ବିଷୟ ପୋର୍ଟଫୋଲିଓ ଦେଖିପାରିବେ ଏବଂ ବ୍ୟକ୍ତିଗତ ଆଗ୍ରହ ଏବଂ ପ୍ରତିଭା ଉପରେ ଆଧାର କରି ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ କାର୍ଯ୍ୟକ୍ରମରେ ସ୍ୱୀକୃତି ଦେବେ । ସ୍ନାତକୋତ୍ତର ଏବଂ ସ୍ନାତକ ସ୍ତରରେ ନାମ ଲେଖା ଏବଂ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକରେ ଫେଲୋସିପ୍ ପାଇଁ ପ୍ରବେଶିକା ପରୀକ୍ଷା କରିବା ପାଇଁ NTA ଏକ ପ୍ରାଥମିକ, ବିଶେଷଜ୍ଞ, ସ୍ୱୟଂଶାସିତ ପରୀକ୍ଷା ସଂଗଠନ ଭାବରେ କାର୍ଯ୍ୟ କରିବ । NTA ପରୀକ୍ଷା ସେବାର ଉଚ୍ଚମାନ, ପରିସର, ଏବଂ ନମନୀୟତା ଅଧିକାଂଶ ବିଶ୍ୱବିଦ୍ୟାଳୟକୁ ଏହି ସାଧାରଣ ପ୍ରବେଶିକା ପରୀକ୍ଷା ବ୍ୟବହାର କରିବାରେ ସକ୍ଷମ କରିବ – ପ୍ରତ୍ୟେକ ନିଜର ନିଜସ୍ୱ ପ୍ରବେଶିକା ପରୀକ୍ଷା କରିବାର ଆବଶ୍ୟକତା ରହିବ ନାହିଁ, ଯଦ୍ୱାରା ଶିକ୍ଷାର୍ଥୀ, ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ସମଗ୍ର ଶିକ୍ଷା ବ୍ୟବସ୍ଥାର ବୋଝ ବ୍ୟାପକ ଭାବେ ହ୍ରାସ ପାଇବ । ଏହି ନିର୍ଣ୍ଣୟ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଉପରେ ଛାଡ଼ି ଦିଆଯିବ କି ସେମାନେ ନାମଲେଖା ପାଇଁ NTA ର ମୂଲ୍ୟାୟନ ବ୍ୟବହାର କରିବେ କି ନାହିଁ ।

### ବିଶେଷ ପ୍ରତିଭା ଥିବା ମେଧାବୀ ଶିକ୍ଷାର୍ଥୀମାନଙ୍କ ପାଇଁ ସହାୟତା

4.43 ପ୍ରତ୍ୟେକ ଶିକ୍ଷାର୍ଥୀ ପାଖରେ ଅନ୍ତର୍ନିହିତ ପ୍ରତିଭା ରହିଛି, ଯାହା ଆବିଷ୍କାର, ପୋଷଣ, ଆଗକୁ ବଢ଼ାଇବା ଓ ଏହାକୁ ପୋଷଣ ବିକଶିତ ହେବା ଆବଶ୍ୟକ । ଏହି ପ୍ରତିଭାଗୁଡ଼ିକ ବିଭିନ୍ନ ଆଗ୍ରହ, ସ୍ୱାଭାବ, ଏବଂ ସାମର୍ଥ୍ୟ ରୂପେ ନିଜକୁ ପ୍ରକାଶ କରିପାରେ । ଯେଉଁ ଶିକ୍ଷାର୍ଥୀମାନେ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ବିଶେଷ ଭାବରେ ଦୃଢ଼ ଆଗ୍ରହ ଏବଂ ଦକ୍ଷତା ପ୍ରଦର୍ଶନ କରନ୍ତି ସେମାନଙ୍କୁ ସାଧାରଣ ବିଦ୍ୟାଳୟ ପାଠ୍ୟକ୍ରମ ବାହାରେ ସେହି କ୍ଷେତ୍ର ଅନୁସରଣ କରିବାକୁ ଉତ୍ସାହିତ ହେବା ଆବଶ୍ୟକ । ଶିକ୍ଷକ ଶିକ୍ଷାରେ ଏହିପରି ଶିକ୍ଷାର୍ଥୀଙ୍କ ପ୍ରତିଭା ଏବଂ ରୁଚିଗୁଡ଼ିକୁ ସ୍ୱୀକୃତି ଓ ପ୍ରୋତ୍ସାହନ ଦେବା ପାଇଁ ପଦ୍ଧତି ସାମିଲ ହେବ । NCERT ଏବଂ NCTE ପ୍ରତିଭାଶାଳୀ ଶିକ୍ଷାର୍ଥୀମାନଙ୍କର ଶିକ୍ଷା ପାଇଁ ନିର୍ଦ୍ଦେଶାବଳୀ ବିକଶିତ କରିବେ । B.Ed. କାର୍ଯ୍ୟକ୍ରମରେ ମଧ୍ୟ ପ୍ରତିଭାଶାଳୀ ଶିକ୍ଷାର୍ଥୀମାନଙ୍କର ଶିକ୍ଷାରେ ଏକ ବିଶେଷତା ପ୍ରଦାନ କରିପାରେ ।

4.44 ଶିକ୍ଷକମାନେ ଶ୍ରେଣୀଗୃହରେ ଏକକ ଆଗ୍ରହ ଏବଂ / କିମ୍ବା ପ୍ରତିଭା ଥିବା ଶିକ୍ଷାର୍ଥୀମାନଙ୍କୁ ଅତିରିକ୍ତ ସମୃଦ୍ଧ ସାମଗ୍ରୀ ଓ ମାର୍ଗଦର୍ଶନ ଏବଂ ପ୍ରୋତ୍ସାହନ ପ୍ରଦାନ କରି ଉତ୍ସାହିତ କରିବା ଲକ୍ଷ୍ୟ ରଖିବେ । ବିଷୟ-କେନ୍ଦ୍ରିତ ଏବଂ ପ୍ରକଳ୍ପ ଆଧାରିତ କ୍ଲବ ଓ ସର୍କଲଗୁଡ଼ିକୁ ବିଦ୍ୟାଳୟ, ବିଦ୍ୟାଳୟ ସଙ୍ଗମ, ଜିଲ୍ଲା ଏବଂ ଅନ୍ୟାନ୍ୟ ସ୍ତରରେ ଉତ୍ସାହିତ ଓ ସମର୍ଥନ କରାଯିବ । ଉଦାହରଣ ସ୍ୱରୂପ – ବିଜ୍ଞାନ କେନ୍ଦ୍ର, ଗଣିତ କେନ୍ଦ୍ର, ସଙ୍ଗୀତ ଏବଂ ନୃତ୍ୟ ପ୍ରଦର୍ଶନ କେନ୍ଦ୍ର, ଚେସ କେନ୍ଦ୍ର, କବିତା କେନ୍ଦ୍ର, ଭାଷା କେନ୍ଦ୍ର, ଡ୍ରାମା କେନ୍ଦ୍ର, ବିତର୍କ କେନ୍ଦ୍ର, କ୍ରୀଡ଼ା କେନ୍ଦ୍ର, ଇକୋ-କ୍ଲବ, ସ୍ୱାସ୍ଥ୍ୟ ଏବଂ କଲ୍ୟାଣ କ୍ଲବ / ଯୋଗ କ୍ଲବ ଇତ୍ୟାଦି ଏଥିରେ ଅନ୍ତର୍ଭୁକ୍ତ । ଏହି ପରିପ୍ରେକ୍ଷୀରେ ବିଭିନ୍ନ ବିଷୟରେ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷାର୍ଥୀମାନଙ୍କ ପାଇଁ ଉଚ୍ଚ ମାନର ଜାତୀୟ ଆବାସିକ ଗ୍ରୀଷ୍ମ କାର୍ଯ୍ୟକ୍ରମକୁ ମଧ୍ୟ ପ୍ରୋତ୍ସାହିତ କରାଯିବ, ଯେଉଁଥିରେ ସାମାଜିକ ଆର୍ଥିକ ଭାବେ ପଛୁଆ ବର୍ଗ ସମେତ ଦେଶର ସର୍ବୋତ୍ତମ ଶିକ୍ଷାର୍ଥୀ ଏବଂ ଶିକ୍ଷକମାନଙ୍କୁ ଆକର୍ଷିତ କରିବା ପାଇଁ ଏକ ଉତ୍କର୍ଷ ପ୍ରଣାଳୀରେ ସମସ୍ତଙ୍କ ପାଇଁ ସମାନ ବ୍ୟବସ୍ଥା ରହିବ ।

4.45 ସମଗ୍ର ଦେଶରେ ବିଭିନ୍ନ ବିଷୟରେ ଅଲିମ୍ପିଆଡ୍ ଏବଂ ପ୍ରତିଯୋଗିତା ଅନୁଷ୍ଠିତ ହେବ, ବିଦ୍ୟାଳୟରୁ ସ୍ଥାନୀୟ, ରାଜ୍ୟ ଓ ଜାତୀୟ ସ୍ତରରେ ସ୍ୱଚ୍ଛ ସମନ୍ୱୟ ଏବଂ ପ୍ରଗତି ସହିତ ସମସ୍ତ ଶିକ୍ଷାର୍ଥୀ ଯେଉଁ ସ୍ତରରେ ଯୋଗ୍ୟତା ଅର୍ଜନ କରିପାରିବେ ସେଥିପାଇଁ ନିଶ୍ଚିତ କରିବେ । ବ୍ୟାପକ ଅଂଶଗ୍ରହଣ ନିଶ୍ଚିତ କରିବାକୁ ଗ୍ରାମାଞ୍ଚଳରେ ଏବଂ ଆଞ୍ଚଳିକ ଭାଷାରେ ଏହାକୁ ଉପଲବ୍ଧ କରାଇବାକୁ ଚେଷ୍ଟା କରାଯିବ । ସରକାରୀ ଏବଂ ବେସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକ, IITs ଏବଂ NITs ଟି ପରି ପ୍ରଧାନ ଅନୁଷ୍ଠାନଗୁଡ଼ିକ, ଜାତୀୟ ଏବଂ ଆନ୍ତର୍ଜାତୀୟ ଅଲିମ୍ପିଆଡ଼ ଯୋଗ୍ୟତାଭିତ୍ତିକ ଫଳାଫଳ ଏବଂ ଅନ୍ୟାନ୍ୟ ସ୍ନାତକୋତ୍ତର କାର୍ଯ୍ୟକ୍ରମରେ ନାମଲେଖା ପାଇଁ ମାନଦଣ୍ଡର ଏକ ଅଂଶ ଭାବରେ ବ୍ୟବହାର କରିବାକୁ ଉତ୍ସାହିତ ହେବେ ।

4.46 ଯେତେବେଳେ ସମସ୍ତଙ୍କ ଘରେ କିମ୍ବା ବିଦ୍ୟାଳୟରେ ଇଣ୍ଟରନେଟ୍ ସଂଯୁକ୍ତ ସ୍ମାର୍ଟ ଫୋନ୍ କିମ୍ବା ଟ୍ୟାବଲେଟ୍ ଉପଲବ୍ଧ ହେବେ, ସେତେବେଳେ ଅନଲାଇନ ଆପ ମାଧ୍ୟମରେ କୁଇଜ୍, ପ୍ରତିଯୋଗିତା, ମୂଲ୍ୟାୟନ, ସମୃଦ୍ଧ ସାମଗ୍ରୀ ପ୍ରସ୍ତୁତ କରାଯିବ ।

ଉପରୋକ୍ତ ସମସ୍ତ ପଦକ୍ଷେପକୁ ଆଗକୁ ନେବା ପାଇଁ ଅନଲାଇନ ଗୋଷ୍ଠୀ କାର୍ଯ୍ୟ କରିବେ । ଶିକ୍ଷାର୍ଥୀମାନେ ଦଳଗତ ଭାବେ ଏହି କାର୍ଯ୍ୟଗୁଡ଼ିକୁ ପିତାମାତା ଏବଂ ଶିକ୍ଷକଙ୍କ ଉପଯୁକ୍ତ ତତ୍ତ୍ୱାବଧାନରେ ସମ୍ପାଦନ କରିବେ । ବିଦ୍ୟାଳୟଗୁଡ଼ିକ ସ୍ମାର୍ଟ ଶ୍ରେଣୀଗୃହର ବିକାଶ କରିବେ, ପର୍ଯ୍ୟାୟକ୍ରମେ ଡିଜିଟାଲ୍ ମାଧ୍ୟମରେ ଶିକ୍ଷାଦାନ କରିବେ । ଫଳରେ ଅନଲାଇନ୍ ସମ୍ବଳ ଓ ସହଯୋଗିତା ଦ୍ୱାରା ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟା ସମୃଦ୍ଧ ହୋଇପାରିବ ।

## 5. ଶିକ୍ଷକ

5.1 ବାସ୍ତବରେ ଶିକ୍ଷକ, ଶିକ୍ଷାର୍ଥୀଙ୍କର ଭବିଷ୍ୟତ ନିର୍ଦ୍ଧାରଣ କରନ୍ତି ଓ ଏହା ସହିତ ଦେଶର ଭବିଷ୍ୟତ ମଧ୍ୟ ନିର୍ଦ୍ଧାରଣ କରନ୍ତି । ଶିକ୍ଷକଙ୍କର ଏପରି ମହତ କାର୍ଯ୍ୟ ପାଇଁ ଭାରତୀୟ ସାମଜରେ ଶିକ୍ଷକ ଏକ ସମ୍ମାନୀୟ ବ୍ୟକ୍ତି ଅଟନ୍ତି । କେବଳ ଜଣେ ବହୁତ ଭଲ ଓ ବହୁତ ଜ୍ଞାନଲାଭ କରିଥିବା ବ୍ୟକ୍ତି ହିଁ ଶିକ୍ଷକ ହୋଇଥାନ୍ତି । ସାମଜରୁ ଦତ୍ତ ଶିକ୍ଷକ ଶିକ୍ଷାର୍ଥୀଙ୍କୁ ସେମାନଙ୍କର ଜ୍ଞାନ, କୌଶଳ, ନୈତିକତାକୁ ହସ୍ତାନ୍ତର କରିବା ଆବଶ୍ୟକ ଅଟେ । ଶିକ୍ଷକ ଶିକ୍ଷା, ନିଯୁକ୍ତି, ନିୟୋଜନ, କାର୍ଯ୍ୟ କରିବାର ପରିସ୍ଥିତି ଓ ଶିକ୍ଷକ ସଶକ୍ତିକରଣ ଯେଉଁ ସ୍ଥାନରେ ରହିବା କଥା ସେହିଠାରେ ନାହିଁ । ସର୍ବୋତ୍କୃଷ୍ଟଙ୍କୁ ଶିକ୍ଷକତା ବୃତ୍ତି ପାଇଁ ଆକୃଷ୍ଟ କରିବା ପାଇଁ ଶିକ୍ଷକଙ୍କ ସମ୍ମାନ ଓ ଶିକ୍ଷକତା ବୃତ୍ତି ପାଇଁ ସର୍ବୋଚ୍ଚ ସ୍ଥାନ ପ୍ରତ୍ୟାର୍ପଣ କରିବା, ଶିଶୁ ଓ ଦେଶର ଉନ୍ନତ ଭବିଷ୍ୟତକୁ ସଞ୍ଜୀବିତ କରିବା ପାଇଁ ଶିକ୍ଷକ ପ୍ରେରଣା ଓ ସଶକ୍ତିକରଣ ଅପରିହାର୍ଯ୍ୟ ଅଟେ ।

### ନିଯୁକ୍ତି ଓ ନିୟୋଜନ

5.2 ଅତ୍ୟନ୍ତ ଉତ୍ତମ ଶିକ୍ଷାର୍ଥୀମାନଙ୍କର ବିଶେଷତଃ ଗ୍ରାମାଞ୍ଚଳରୁ, ଶିକ୍ଷକ ବୃତ୍ତିରେ ପ୍ରବେଶକୁ ସୁନିଶ୍ଚିତ କରିବା ପାଇଁ ୪ ବର୍ଷୀୟ ସମ୍ମିଳିତ ବି. ଇଡି ପାଠ୍ୟକ୍ରମରେ ମେଧାବୃତ୍ତି ପ୍ରାରମ୍ଭ କରାଯିବ । ଗ୍ରାମାଞ୍ଚଳରେ ସ୍ୱତନ୍ତ୍ର ମେଧାବୃତ୍ତର ପ୍ରାରମ୍ଭ କରାଯିବ, ଏଥି ସହିତ ସଫଳତା ପୂର୍ବକ ବି.ଇଡି ପାଠ୍ୟକ୍ରମ ଶେଷ ପରେ ନିଜ ଅଞ୍ଚଳରେ ଅନୁଗ୍ରହ ସୂଚକ ନିଯୁକ୍ତି ମଧ୍ୟ ଅର୍ନ୍ତଭୁକ୍ତ ହେବ । ଏହି ମେଧାବୃତ୍ତି ଆଞ୍ଚଳିକ ଶିକ୍ଷାର୍ଥୀ ବିଶେଷତଃ ଛାତ୍ରୀଙ୍କୁ ଆଞ୍ଚଳିକ ସ୍ତରରେ କର୍ମ ନିଯୁକ୍ତିର ସୁଯୋଗ ପ୍ରଦାନ କରିବ । ଯାହା ଦ୍ୱାରା ଏହି ଶିକ୍ଷାର୍ଥୀମାନେ ଆଞ୍ଚଳିକ ଭାଷା କହିପାରୁଥିବା ଉଚ୍ଚ ଶିକ୍ଷିତ ଶିକ୍ଷକ ଭାବେ ନିଜ ଅଞ୍ଚଳର ଆଦର୍ଶ ରୂପେ କାର୍ଯ୍ୟ ସମ୍ପାଦନ କରିବେ । ବିଶେଷତଃ ବର୍ତ୍ତମାନ ପରିସ୍ଥିତିରେ ଉତ୍କୃଷ୍ଟ ମାନର କମ୍ ସଂଖ୍ୟକ ଶିକ୍ଷକ ଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ଅଞ୍ଚଳରେ ଶିକ୍ଷକତା ବୃତ୍ତିକୁ ଗ୍ରହଣ କରିବା ପାଇଁ ଶିକ୍ଷକଙ୍କୁ ପ୍ରୋତ୍ସାହନ ପ୍ରଦାନ କରାଯିବ । ଗ୍ରାମାଞ୍ଚଳରେ ଶିକ୍ଷକତା ପାଇଁ ବିଦ୍ୟାଳୟ ନିକଟରେ ଅଥବା ବିଦ୍ୟାଳୟ ପରିସରରେ ଗୃହ ଯୋଗାଇ ଦିଆଯିବ ଅଥବା ଗୃହ ବାବଦଭତ୍ତାରେ ବୃଦ୍ଧି କରିବା ବ୍ୟବସ୍ଥା ଏକ ମୁଖ୍ୟ ପ୍ରୋତ୍ସାହନ ହେବ ।

5.3 ଅତିମାତ୍ରାର ଶିକ୍ଷକ ବଦଳି ଭଳି କ୍ଷତିକାରକ ପ୍ରଥା ବନ୍ଦ କରାଯିବ । ଯଦ୍ୱାରା ଶିକ୍ଷାର୍ଥୀମାନେ ସେମାନଙ୍କର ଆଦର୍ଶ ଶିକ୍ଷକ ଓ ଶିକ୍ଷଣ ପରିବେଶ ସହ କ୍ରମାଗତ ଜଡ଼ିତ ରହି କାର୍ଯ୍ୟ କରିବେ । ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସରକାରଙ୍କ ବ୍ୟବସ୍ଥିତ ପ୍ରକ୍ରିୟା ମାଧ୍ୟମରେ ବିଶେଷ ପରିସ୍ଥିତିରେ ବଦଳି କରାଯିବ । ଏଥି ସହିତ ବଦଳିରେ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ପାଇଁ କମ୍ପ୍ୟୁଟରରେ ଅନଲାଇନ୍ ମାଧ୍ୟମରେ ବଦଳି କରାଯିବ ।

5.4 ବିଷୟ ଭିତ୍ତିକ ଓ ଶିକ୍ଷଣଶାସ୍ତ୍ର ସମ୍ବନ୍ଧୀୟ ପରୀକ୍ଷାରେ ପ୍ରସଙ୍ଗିକତା ମନୋନିବେଶ ନିମନ୍ତେ ଶିକ୍ଷକଯୋଗ୍ୟତା ପରୀକ୍ଷଣ (Teacher Eligibility Test-TET)କୁ ସମୃଦ୍ଧ କରାଯିବ । ଏହା ଶିକ୍ଷାର ସମସ୍ତ ସ୍ତର (ପ୍ରାରମ୍ଭିକ, ମାଧ୍ୟମ, ଉଚ୍ଚ, ମାଧ୍ୟମିକ)କୁ ବ୍ୟାପ୍ତ ହେବ । ବିଷୟ ଭିତ୍ତିକ ଶିକ୍ଷକ ନିଯୁକ୍ତି ନିମନ୍ତେ ସେହି ବିଷୟରେ TET ଓ NTA ପରୀକ୍ଷାର ମୂଲ୍ୟାଙ୍କକୁ ଗୁରୁତ୍ୱ ଦିଆଯିବ । ବିଦ୍ୟାଳୟରେ ଶିକ୍ଷକ ଚୟନ ପାଇଁ ଶିକ୍ଷକଙ୍କ ମଧ୍ୟରେ ଶିକ୍ଷକତା ପାଇଁ ଥିବା ପ୍ରେରଣା ଓ ଉତ୍ସାହକୁ ପରିମାପନ ପାଇଁ ଶ୍ରେଣୀ ପ୍ରଦର୍ଶନ ଓ ସାକ୍ଷାତକାର ପ୍ରମୁଖ ହେବ । ଆଞ୍ଚଳିକ ଭାଷାରେ ଶିକ୍ଷାଦାନ ପାଇଁ ଆବଶ୍ୟକ ହେଉଥିବା ନିପୁଣତା ଓ ତୃପ୍ତତାକୁ ଆକଳନ କରିବା ପାଇଁ ଏହି ସାକ୍ଷାତକାରକୁ ବ୍ୟବହାର କରାଯିବ, ଯାହା ଦ୍ୱାରା ବିଦ୍ୟାଳୟରେ ଅତି କମ୍ ରେ ଜଣେ ଶିକ୍ଷକ ଥିବେ ଯିଏ କି ଶିକ୍ଷାର୍ଥୀଙ୍କ ସହ ତାଙ୍କ ଆଞ୍ଚଳିକ ଭାଷାରେ ତଥା ଘରେ ବ୍ୟବହୃତ ଭାଷାରେ ଭାବ ବିନିମୟ କରିପାରିବେ । ଘରୋଇ ବିଦ୍ୟାଳୟରେ ମଧ୍ୟ ଶିକ୍ଷକ ମାନଙ୍କର ଏହିଭଳି ସମାନ ଭାବରେ TET ଓ ଶ୍ରେଣୀ ପ୍ରଦର୍ଶନ ଓ ସାକ୍ଷାତକାର ନିୟମ ଅନୁଯାୟୀ ଯୋଗ୍ୟତା ବିବେଚନା ହେବ ଓ ସେମାନଙ୍କର ମଧ୍ୟ ଆଞ୍ଚଳିକ ଭାଷାରେ ଜ୍ଞାନ ଥିବ ।

5.5 ବିଶେଷତଃ କଳା, ଶାରୀରିକ ଶିକ୍ଷା, କର୍ମାନୁଭିତ୍ତିକ ଶିକ୍ଷା ଏବଂ ଭାଷାରେ ବିଷୟଭିତ୍ତିକ ଶିକ୍ଷକଙ୍କୁ ସୁନିଶ୍ଚିତ କରିବା ପାଇଁ ଅଧିକ ସଂଖ୍ୟକ ନିଯୁକ୍ତି ଦିଆଯିବ ତଥା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସରକାରଙ୍କ ଦ୍ୱାରା ଗୃହିତ ବିଦ୍ୟାଳୟ ସମୂହଗୁଡ଼ିକରେ ଶିକ୍ଷକ ବିନିମୟ ମଧ୍ୟ କରାଯିବ।

5.6 ବିଦ୍ୟାଳୟ ତଥା ବିଦ୍ୟାଳୟ ସମୂହ ଆଞ୍ଚଳିକ ସ୍ତରରେ ଥିବା ବିଶିଷ୍ଟ ତଥା ଦକ୍ଷ ବ୍ୟକ୍ତିଙ୍କୁ ସାମୟିକ ନିଯୁକ୍ତି ପାଇଁ ପ୍ରେରଣା ଯୋଗାଇ ଦିଆଯିବ ଯେପରିକି ବିଭିନ୍ନ ବିଷୟ ତଥା ପାରମ୍ପରିକ ଆଞ୍ଚଳିକ ଚିତ୍ର, ହସ୍ତଶିଳ୍ପ, ଉଦ୍‌ଯୋଗୀ କର୍ମ, କୃଷି ଓ ଅନ୍ୟାନ୍ୟ ବିଷୟ ସମୂହ ଯେଉଁଥିରେ ପାରଙ୍ଗମତା ବିଧେୟ, ଯାହା ଶିକ୍ଷାର୍ଥୀଙ୍କୁ ସହାୟତା ଦେବା ସହ ଆଞ୍ଚଳିକ ଜ୍ଞାନ ଓ ବୃତ୍ତିକୁ ସଂରକ୍ଷଣ ଓ ସଂପ୍ରସାରଣରେ ସାହାଯ୍ୟ କରିବ।

5.7 ଆଗାମୀ ଦ୍ୱିଦଶନ୍ଧି ପାଇଁ ଆବଶ୍ୟକ ଥିବା ବିଷୟଭିତ୍ତିକ ଶିକ୍ଷକଙ୍କ ଆକଳନ ପାଇଁ ପ୍ରତ୍ୟେକ ରାଜ୍ୟ, ପ୍ରଯୁକ୍ତି ଭିତ୍ତିକ ସାମଗ୍ରିକ ଶିକ୍ଷକ ନିଯୁକ୍ତି ଯୋଜନାର ପୂର୍ବାନୁମାନ କାର୍ଯ୍ୟ କରିବେ। ଉପରେ ବର୍ଣ୍ଣିତ ପଦକ୍ଷେପଗୁଡିକ ସମୟର ଆବଶ୍ୟକତା ଅନୁସାରେ ନିଯୁକ୍ତି ଓ ନିୟୋଜନରେ ପରିମାପନ କରି ନିମ୍ନରେ ବର୍ଣ୍ଣନା କରାଯାଇଥିବା ବୃତ୍ତି ପରିଚାଳନା ଓ ଅଗ୍ରଗତି ପାଇଁ ଉପଯୁକ୍ତ ପ୍ରୋତ୍ସାହନ ସହ ସୁଯୋଗ୍ୟ ଶିକ୍ଷକଙ୍କ ଦ୍ୱାରା ଖାଲିଥିବା ପଦବୀ ତଥା ଆଞ୍ଚଳିକ ଶିକ୍ଷକ ପଦବୀ ପୂରଣ କରାଯିବ। ଏହା ସହିତ ପ୍ରସ୍ତାବିତ କାର୍ଯ୍ୟ ପାଇଁ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ ଓ ସୁଯୋଗ ସମ୍ମିଳିତ ହେବ।

## କାର୍ଯ୍ୟ ପରିବେଶ ଓ ସଂସ୍କୃତି

5.8 ବିଦ୍ୟାଳୟ କାର୍ଯ୍ୟ ପରିବେଶ ଓ ସଂସ୍କୃତିର ଆବଶ୍ୟକୀୟ ପରିବର୍ତ୍ତନର ପ୍ରାଥମିକ ଲକ୍ଷ୍ୟ ଫଳପ୍ରଦକାର୍ଯ୍ୟ ସମ୍ପାଦନ ପାଇଁ ଶିକ୍ଷକଙ୍କ ଦକ୍ଷତାର ଅଭିବୃଦ୍ଧି କରିବା ଓ ସେମାନଙ୍କୁ ଶିକ୍ଷକ, ଶିକ୍ଷଣ, ଅଭିଭାବକ ଓ ବିଦ୍ୟାଳୟ ମୁଖ୍ୟ ଓ ଏକ ଲକ୍ଷ୍ୟ ଥିବା ଅନ୍ୟାନ୍ୟ ସହକର୍ମୀ ଓ ସମସ୍ତ ବ୍ୟକ୍ତି ବିଶେଷ ସମ୍ମିଳିତ, ସଜ୍ଜୀବିତ ଓ ଦାୟିତ୍ୱ ସମ୍ପନ୍ନ ଗୋଷ୍ଠୀର ଏକ ଅଂଶ ରୂପେ ସୁନିଶ୍ଚିତ କରିବା ଏବଂ ଆମର ଶିକ୍ଷାର୍ଥୀଙ୍କର ଶିକ୍ଷଣକୁ ସୁନିଶ୍ଚିତ କରିବା।

5.9 ବିଦ୍ୟାଳୟରେ ରୁଚିସମ୍ପନ୍ନ ଓ ଆନନ୍ଦଦାୟୀ କାର୍ଯ୍ୟ ପରିବେଶକୁ ସୁନିଶ୍ଚିତ କରିବା ଏହି ଦିଗର ମୁଖ୍ୟ ଆବଶ୍ୟକତା। ପର୍ଯ୍ୟାପ୍ତ ଓ ସୁରକ୍ଷିତ ସଂସ୍ଥା, ଗଠନ ସମୂହ ଯେଉଁଥିରେ କାର୍ଯ୍ୟକ୍ଷମ ଶୌଚାଳୟ, ବିଶୁଦ୍ଧ ପାନୀୟ ଜଳ, ସଫା ଓ ଆକର୍ଷଣୀୟ ସ୍ଥାନ, ବିଜୁଳି ବ୍ୟବସ୍ଥା, କମ୍ପ୍ୟୁଟର ଉପକରଣ, ଇଣ୍ଟରନେଟ୍, ପାଠାଗାର ଏବଂ କ୍ରୀଡ଼ା ଓ ଚିତ୍ତ ବିନୋଦନ ସମ୍ବଳ ଅନ୍ତର୍ଭୁକ୍ତ ଅଟେ, ଏ ସମସ୍ତ ଉପାଦାନ ବିଦ୍ୟାଳୟରେ ଯୋଗଇ ଦିଆଯିବ ଯାହା ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀ ତଥା ସମସ୍ତ ଲିଙ୍ଗର ଶିକ୍ଷାର୍ଥୀ, ଭିନ୍ନକ୍ଷମ ଶିକ୍ଷାର୍ଥୀମାନଙ୍କ ଦ୍ୱାରା ସୁରକ୍ଷିତ, ସମ୍ମିଳିତ ଏବଂ ଫଳପ୍ରଦଶିକ୍ଷଣ ପରିବେଶରେ ଶିକ୍ଷାଗ୍ରହଣ ଏବଂ ବିଦ୍ୟାଳୟରେ ସେମାନଙ୍କର ତୃପ୍ତି ଓ ଶିକ୍ଷଣ ଶିକ୍ଷାଦାନ ପ୍ରତି ଉତ୍ସାହକୁ ସୁନିଶ୍ଚିତ କରିବ। ଏହିସବୁ ଆବଶ୍ୟକତାଗୁଡ଼ିକ ପ୍ରତି ଶିକ୍ଷକମାନଙ୍କର ସମ୍ବେଦନତାକୁ ସୁନିଶ୍ଚିତ କରିବା ପାଇଁ ଶିକ୍ଷକଙ୍କୁ ବିଦ୍ୟାଳୟ କାର୍ଯ୍ୟ, ପରିସର ସମ୍ପର୍କିତ ସୁରକ୍ଷା, ସ୍ୱାସ୍ଥ୍ୟ ଓ ପରିବେଶ ସମ୍ପର୍କିତ ସେବା କାଳୀନ ତାଲିମ ଦିଆଯିବ।

5.10 ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସରକାର କୌଣସି ମତେ ବିଦ୍ୟାଳୟର ସୁବିଧା, ସୁଯୋଗ, ବିଦ୍ୟାଳୟର ସୁପରିଚାଳନା, ସମ୍ବଳର ବିନିମୟ ଏବଂ ଗୋଷ୍ଠୀର ଗୃହ ଉପଲବ୍ଧିକୁ କମ୍ ନ କରି ସେମାନଙ୍କ ମଧ୍ୟରେ ସମ୍ପର୍କ, ବିଦ୍ୟାଳୟଗୁଡ଼ିକୁ ସୁସଂଗତ କରିବା ପାଇଁ ନୂତନ ପଦ୍ଧତି ଗ୍ରହଣ କରିବେ। ବିଦ୍ୟାଳୟ ସମୂହ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା, ଶିକ୍ଷକଙ୍କ ଗୋଷ୍ଠୀକୁ ସଜ୍ଜୀବିତ କରିବାରେ ବହୁ ସମୟ ପର୍ଯ୍ୟନ୍ତ କାର୍ଯ୍ୟ କରିବ। ଅନ୍ୟ ବିଦ୍ୟାଳୟର ଶିକ୍ଷକଙ୍କୁ ସାମୟିକ ଭାବରେ ନିୟୋଜନ କରିବା ଫଳରେ ବିଦ୍ୟାଳୟଗୁଡ଼ିକ ମଧ୍ୟରେ ସ୍ୱୟଂକ୍ରିୟ ଭାବରେ ସୁସମ୍ପର୍କ ସ୍ଥାପନ ହେବ, ଏହା ମଧ୍ୟ ସୁଦକ୍ଷ ବିଷୟ ଭିତ୍ତିକ ଶିକ୍ଷକ ବିନିମୟ, ଶିକ୍ଷକଙ୍କ ଜ୍ଞାନକୁ ସଜ୍ଜୀବିତ କରିବାକୁ ସୁନିଶ୍ଚିତ କରିବ। ବିଦ୍ୟାଳୟ ସୁସଂଗତ କରିବା ଦ୍ୱାରା ଛୋଟ ବିଦ୍ୟାଳୟ ଶିକ୍ଷକମାନେ ଆଉ ନିଜକୁ ପୃଥକ ମନେ କରିବେ ନାହିଁ, ସେମାନେ ମଧ୍ୟ ଏକ ବଡ଼ ବିଦ୍ୟାଳୟ ସମୂହର ଅଙ୍ଗ ଭାବରେ ଜଡ଼ିତ ହେବେ, ନିଜ ମଧ୍ୟରେ ଭଲ କାର୍ଯ୍ୟକୁ ବିନିମୟ କରିବେ ଓ ଏକତ୍ର ହୋଇ ସମସ୍ତ କାର୍ଯ୍ୟ କରି, ସମସ୍ତ ଶିକ୍ଷାର୍ଥୀ ଶିକ୍ଷଣ ଉପଲବ୍ଧି କରୁଛନ୍ତି ତାହା ସୁନିଶ୍ଚିତ କରିବେ। ବିଦ୍ୟାଳୟ ସମୂହ, ଶିକ୍ଷକଙ୍କୁ ଅନ୍ୟାନ୍ୟ ସହାୟତା ପ୍ରଦାନ ଓ ଫଳପ୍ରଦଶିକ୍ଷଣ ପରିବେଶ ସୃଷ୍ଟି କରିବା ପାଇଁ, ଉପଦେଷ୍ଟା, ତାଲିମପ୍ରାପ୍ତ ସମାଜସେବା, ଯାନ୍ତ୍ରିକ ବିଦ୍ୟା ସମ୍ପନ୍ନ ଓ ପ୍ରତିପାଳନ କର୍ମଚାରୀ ଇତ୍ୟାଦିଙ୍କୁ ମଧ୍ୟ ବିନିମୟ କରିପାରିବେ।

5.11 ଶିକ୍ଷକ, ବିଦ୍ୟାଳୟ/ ବିଦ୍ୟାଳୟ ସମୂହ ପରିଚାଳନା କମିଟିର ସଦସ୍ୟ ଭାବରେ ଅଭିଭାବକ ଓ ବିଦ୍ୟାଳୟ ସହ ସମ୍ପୃକ୍ତ ଅନ୍ୟାନ୍ୟ ଆଞ୍ଚଳିକ ବ୍ୟକ୍ତିଙ୍କ ସହ ମିଶି ବିଦ୍ୟାଳୟ ଓ ବିଦ୍ୟାଳୟ ସମୂହ ପରିଚାଳନାରେ ବହୁଳ ମାତ୍ରାରେ ଅଂଶଗ୍ରହଣ କରିବେ।

5.12 ସାଂପ୍ରତିକ ପରିସ୍ଥିତିରେ ଶିକ୍ଷକଙ୍କୁ ବହୁ ସମୟ ଅଣ ଶିକ୍ଷାଦାନ କାର୍ଯ୍ୟରେ ଅତିବାହିତ କରିବାରୁ ନିବାରଣ କରିବା ପାଇଁ ଶିକ୍ଷକ କେବଳ ଶିକ୍ଷାଦାନ ବ୍ୟତୀତ ଅନ୍ୟାନ୍ୟ କୌଣସି କାର୍ଯ୍ୟ କରିବେ ନାହିଁ, ବିଶେଷତଃ ସାପେକ୍ଷ ପ୍ରଶାସନିକ କାର୍ଯ୍ୟ ସୀମାଚୀନ ସମୟ ବ୍ୟତିରେକ ମଧ୍ୟାହ୍ନ ଭୋଜନ ସମ୍ପର୍କିତ କାର୍ଯ୍ୟରେ ଯୋଗଦାନ କରିବେ ନାହିଁ, ଯଦ୍ୱାରା ସେମାନେ ସମ୍ପୂର୍ଣ୍ଣ ଭାବରେ କେବଳ ସେମାନଙ୍କର ଶିକ୍ଷଣ ଓ ଶିକ୍ଷାଦାନ କାର୍ଯ୍ୟରେ ଧ୍ୟାନ କେନ୍ଦ୍ରିତ କରିପାରିବେ।

5.13 ବିଦ୍ୟାଳୟଗୁଡ଼ିକରେ ସକରାତ୍ମକ ଶିକ୍ଷଣ ପରିବେଶକୁ ସୁନିଶ୍ଚିତ କରିବା ପାଇଁ ବିଦ୍ୟାଳୟ ମୁଖ୍ୟ ଓ ଶିକ୍ଷକ ନିର୍ଦ୍ଦିଷ୍ଟ ଭାବରେ ସେମାନଙ୍କ ବିଦ୍ୟାଳୟରେ ଏକ ଅନ୍ତର୍ନିବେଶୀ ଓ ଦାୟିତ୍ୱସମ୍ପନ୍ନ ସଂସ୍କୃତିର ବିକାଶ କରିବାର ଦାୟିତ୍ୱ ବହନ କରିବେ।

5.14 ଶିକ୍ଷକଙ୍କୁ ଶିକ୍ଷାଶାସ୍ତ୍ର ସମ୍ପର୍କିତ କାର୍ଯ୍ୟ ଚୟନ କରିବାର ସ୍ୱତନ୍ତ୍ରତା ଦିଆଯିବ, ଯଦ୍ୱାରା ସେମାନେ ଶ୍ରେଣୀରେ ଶିକ୍ଷାର୍ଥୀମାନଙ୍କ ପାଇଁ ଅଧିକ ଫଳପ୍ରଦ ହେଉଥିବା ପଦ୍ଧତିରେ ଶିକ୍ଷାଦାନ କରିପାରିବେ। ଶିକ୍ଷକ ସାମାଜିକ ଓ ଆବେଗିକ ଶିକ୍ଷଣ ପ୍ରତି ମଧ୍ୟ ଦୃଷ୍ଟିପାତ କରିବେ, ଯାହା ଶିକ୍ଷାର୍ଥୀଙ୍କର ସର୍ବାଙ୍ଗୀନ ବିକାଶର ଏକ ସମ୍ବେଦନାତ୍ମକ ଅଂଶବିଶେଷ ଅଟେ। ନିଜ ଶ୍ରେଣୀରେ ଶିକ୍ଷଣ ଫଳାଫଳ ସମୃଦ୍ଧିକରଣ ପାଇଁ ନୂତନ ପ୍ରଣାଳୀ ପ୍ରୟୋଗ କରିଥିବା ଶିକ୍ଷକଙ୍କୁ ପୁରସ୍କୃତ କରାଯିବ।

## ନିରନ୍ତର ବୃତ୍ତିଗତ ବିକାଶ

5.15 ଶିକ୍ଷକଙ୍କୁ ସେମାନଙ୍କର ଆତ୍ମୋନ୍ନତି ଓ ନିଜର ବୃତ୍ତି ସଂକ୍ରାନ୍ତୀୟ ନୂତନତ୍ୱ ଓ ଉନ୍ନତିମୂଳକ ଯୋଜନା ବିଷୟରେ ଜ୍ଞାନଲାଭ କରିବା ପାଇଁ ନିରନ୍ତର ସୁଯୋଗ ପ୍ରଦାନ କରାଯିବ। ଏଗୁଡ଼ିକୁ ବିଭିନ୍ନ ସ୍ତର ତଥା ଆଞ୍ଚଳିକ, ଜିଲ୍ଲା ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ କର୍ମଶାଳା ମାଧ୍ୟମ ସହିତ ଅନଲାଇନ ଶିକ୍ଷକ ପେଟିକା ମାଧ୍ୟମରେ ମଧ୍ୟ ଯୋଗଇ ଦିଆଯିବ। ଏପରି ସୁଯୋଗ (ଅନଲାଇନ ସୁଯୋଗର) ବିକାଶ କରାଯିବ ଯେଉଁଠାରେ ଶିକ୍ଷକ ନିଜର ଧାରଣା ଓ ଭଲ କାର୍ଯ୍ୟଗୁଡ଼ିକ ବିନିମୟ କରିପାରିବେ। ପ୍ରତ୍ୟେକ ଶିକ୍ଷକ ସ୍ୱଇଚ୍ଛାରେ ବର୍ଷକୁ ଅନ୍ୟୁନ୍ୟ 50 ଘଣ୍ଟା ନିରନ୍ତର ବୃତ୍ତିଗତ ବିକାଶ ସୁଯୋଗରେ ଅଂଶଗ୍ରହଣ କରିବା ପ୍ରସ୍ତାବିତ ଅଛି। ବୃତ୍ତିଗତ ବିକାଶର ସୁଯୋଗ ନିର୍ଦ୍ଦିଷ୍ଟତଃ ପ୍ରକ୍ରିୟାବଦ୍ଧ ଭାବରେ ପ୍ରାରମ୍ଭିକ ଭାଷା, ଗଣିତ, ଗଠନମୂଳକ ଓ ପ୍ରୟୋଜନାତ୍ମକ ଶିକ୍ଷଣ ଫଳାଫଳର ଆକଳନ, ଦକ୍ଷତା ଭିତ୍ତିକ ଶିକ୍ଷଣ ସମ୍ବନ୍ଧୀୟ ଶିକ୍ଷା ଶାସ୍ତ୍ର ଓ ଅନ୍ୟାନ୍ୟ ସମ୍ପୃକ୍ତ ଶିକ୍ଷା ଶାସ୍ତ୍ର ତଥା ଅନୁଭୂତିମୂଳକ ଶିକ୍ଷା, କଳା ଓ କ୍ରୀଡ଼ା ସମ୍ମିଳିତ ଶିକ୍ଷା, ଗଳ୍ପ କଥନ ପ୍ରଣାଳୀ ଇତ୍ୟାଦିକୁ ପରିବ୍ୟାପ୍ତ ହେବ ।

5.16 ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ବିଦ୍ୟାଳୟ ସମୂହର ମୁଖ୍ୟ ମଧ୍ୟ ସେହିଭଳି ଭାବରେ ନେତୃତ୍ୱ/ ପରିଚାଳନା କର୍ମଶାଳା ଏବଂ ଅନଲାଇନ୍ ବିକାଶ ସୁଯୋଗ ଓ ନିରନ୍ତର ଉନ୍ନତି ନିମିତ୍ତ ପ୍ଲାଟଫର୍ମ ମାଧ୍ୟମରେ ନିଜର ନେତୃତ୍ୱ ଓ ପରିଚାଳନା କୌଶଳର ଅଗ୍ରଗତି ପାଇଁ ସୁଯୋଗ ପାଇବେ। ଯାହାଦ୍ୱାରା ସେମାନେ ମଧ୍ୟ ନିଜ ମଧ୍ୟରେ କରିଥିବା ଭଲ କାର୍ଯ୍ୟଗୁଡ଼ିକର ବିନିମୟ କରି ପାରିବେ। ଏହି ମୁଖ୍ୟମାନେ ମଧ୍ୟ ବର୍ଷକୁ 50ଘଣ୍ଟା ବା ତଦୁର୍ଦ୍ଧ ନିରନ୍ତର ବୃତ୍ତିଗତ ବିକାଶ କାର୍ଯ୍ୟରେ ଅଂଶଗ୍ରହଣ କରିବାର ପ୍ରସ୍ତାବ ଅଛି, ଯାହା ନେତୃତ୍ୱ ଓ ପରିଚାଳନା ସହିତ ଦକ୍ଷତାଭିତ୍ତିକ ଶିକ୍ଷା ଓ ଶକ୍ଷାଶାସ୍ତ୍ର ଭିତ୍ତିକ ଯୋଜନା ପ୍ରସ୍ତୁତି, ଶିକ୍ଷାଶାସ୍ତ୍ର ଯୋଜନାର କାର୍ଯ୍ୟକାରିତା ଆଦି ଗୁରୁତ୍ୱପୂର୍ଣ୍ଣ ବିଷୟ ଓ ଶିକ୍ଷଣଶାସ୍ତ୍ରକୁ ପରିବ୍ୟାପ୍ତ ହେବ ।

## ବୃତ୍ତିଗତ ପରିଚାଳନା ଓ ଅଗ୍ରଗତି

5.17 ଶିକ୍ଷକମାନଙ୍କୁ ଭଲକାମ କରିବା ନିମନ୍ତେ ପ୍ରେରଣା ଯୋଗାଇବା ପାଇଁ ଉନ୍ନତମାନର କାମ କରୁଥିବା ଶିକ୍ଷକମାନଙ୍କୁ ପୁରସ୍କୃତ କରାଯିବ ଓ ପଦୋନ୍ନତି ଦିଆଯିବ ଓ ବେତନ ବୃଦ୍ଧି କରାଯିବ। ସେଥିପାଇଁ ଏକାଧିକ ଶ୍ରେଣୀର ଶିକ୍ଷକ ସ୍ତରରେ ଏକ ଉପଯୁକ୍ତ ମେଧା ଭିତ୍ତିକ ସତ୍ୱାଧିକାର, ପଦୋନ୍ନତି, ବେତନ ବ୍ୟବସ୍ଥା କ୍ରିୟାଶୀଳ ହେବ, ଯାହା ଉତ୍କୃଷ୍ଟ ଶିକ୍ଷକଙ୍କୁ ପୁରସ୍କୃତ ଓ ପ୍ରୋତ୍ସାହିତ କରିବ। କୃତି

ଆକଳନ ପାଇଁ ସେହି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସରକାର ବିଭିନ୍ନ ମାନଦଣ୍ଡ କାର୍ଯ୍ୟକାରୀ କରିବେ, ଯାହା ସହକର୍ମୀଙ୍କ ଦ୍ୱାରା ସମୀକ୍ଷା, ଉପସ୍ଥାପନ, ପ୍ରତିଶ୍ରୁତିବଦ୍ଧତା, ନିରନ୍ତର ବୃତ୍ତିଗତ ବିକାଶରେ ଉପଯୋଗ ସମୟ ଓ ଅନ୍ୟାନ୍ୟ ଧରଣର ବିଦ୍ୟାଳୟ ଓ ସମାଜ ପ୍ରତି ସେବା ଓ ଶିକ୍ଷକଙ୍କ ନିମିତ୍ତ 5.20 ଅନୁଚ୍ଛେଦର  ଦିଆଯାଇଥିବା ଜାତୀୟ ବୃତ୍ତିଗତ ମାନଦଣ୍ଡ ଉପରେ ଆଧାରିତ ହେବ। ଏହି ନୀତିରେ ବୃତ୍ତି ଅର୍ନ୍ତଗତ ସତ୍ୱାଧିକାର କହିଲେ, ଉପଯୁକ୍ତ ମାନରେ କୃତି ଆକଳନ ପରେ ସ୍ଥାୟୀ ନିଯୁକ୍ତିର ନିଶ୍ଚିତତାକୁ ବୁଝାଯିବ ଯେତେବେଳେ କି ସତ୍ୱାଧିକାର ପୂର୍ବକୃତି କହିଲେ ସ୍ଥାୟୀ ନିଯୁକ୍ତି ପୂର୍ବ ପରୀକ୍ଷଣ ସମୟକୁ ବୁଝାଯିବ।

5.18 ଏତଦ୍‌ବ୍ୟତୀତ, ଶିକ୍ଷକ ବୃତ୍ତିଗତ ଅଭିବୃଦ୍ଧି (ସତ୍ୱାଧିକାର, ପଦୋନ୍ନତି, ବେତନ ବୃଦ୍ଧି ଇତ୍ୟାଦି କ୍ଷେତ୍ରରେ) ସମୟରେ କେବଳ ଏକମାତ୍ର ବିଦ୍ୟାଳୟ ସ୍ତରରେ (ପ୍ରାରମ୍ଭିକ, ପ୍ରାଥମିକ, ମାଧ୍ୟମିକ) କରାଯିବ ଏହା ସୁନିଶ୍ଚିତ କରାଯିବ ଏବଂ ବୃତ୍ତିଗତ ଅଭିବୃଦ୍ଧି ପାଇଁ ନିମ୍ନ ସ୍ତରରୁ ଉଚ୍ଚସ୍ତରକୁ ବା ବିପରିତାର୍ଥେ ଯିବା ପାଇଁ କୌଣସି ପ୍ରୋତ୍ସାହନ ରହିବ ନାହିଁ (ଯଦିଓ ଶିକ୍ଷକମାନେ ସ୍ୱଇଚ୍ଛାରେ ଓ ଯୋଗ୍ୟତା ଅନୁସାରେ କୌଣସି ସ୍ତର ମଧ୍ୟରେ ବୃତ୍ତିଗତ ଅଭିବୃଦ୍ଧି କରିପାରିବେ। ଏଥିରୁ ଏହା ଉପନୀତ ହେବ ଯେ ବିଦ୍ୟାଳୟର ସମସ୍ତ ସ୍ତରରେ ଉନ୍ନତ ଯୋଗ୍ୟତା ଥିବା ଶିକ୍ଷକଙ୍କର ଆବଶ୍ୟକତା ରହିବ ଏବଂ କୌଣସି ସ୍ତରଠାରୁ ଅଧିକ ପ୍ରଧାନ ବିବେଚିତ ହେବ ନାହିଁ ।

5.19 ଶିକ୍ଷକଙ୍କର ମେଧାଯୁକ୍ତ ଉତ୍ତୋରତ୍ତର ଅଭିବୃଦ୍ଧି ସର୍ବୋତ୍ତମ ହେବ। ସୁଦକ୍ଷ ଶିକ୍ଷକଙ୍କର ବିଦ୍ୟାଳୟ, ବିଦ୍ୟାଳୟ ସମୂହ, BRCs, CRCs, BIET, DIET ଏବଂ ଅନ୍ୟାନ୍ୟ ଉପଯୋଗୀ ସରକାରୀ ବିଭାଗରେ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ନିର୍ବାହ ପାଇଁ ସମୟାନୁସାରେ ନେତୃତ୍ୱ ଓ ପରିଚାଳନା କୌଶଳ ପ୍ରଦର୍ଶନ ସଂକ୍ରାନ୍ତୀୟ ତାଲିମ ଦିଆଯିବ।

## ଶିକ୍ଷକଙ୍କ ବୃତ୍ତିଗତ ମାନ

5.20 ଶିକ୍ଷକଙ୍କ ନିମନ୍ତେ ଏକ ଜାତୀୟ ବୃତ୍ତିଗତ ମାନର (NPST) ମାର୍ଗଦର୍ଶୀ 2022 ମଧ୍ୟରେ ପ୍ରସ୍ତୁତ କରାଯିବ। ଏହା ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ, ବୃତ୍ତିଗତ ମାନ ନିର୍ଦ୍ଧାରଣ ସଂସ୍ଥା ନାମକ ନୂତନ କମିଟି ( PSSB) ଦ୍ୱାରା କରାଯିବ  ଯାହା ସାଧାରଣ ଶିକ୍ଷା ପରିଷଦର ଆନୁକୁଲ୍ୟରେ, NCERT, SCERT  ବିଭିନ୍ନ ଆଞ୍ଚଳିକ ସ୍ତରର ଶିକ୍ଷକ, ଶିକ୍ଷକ ପ୍ରସ୍ତୁତିକାରୀ ଓ ବିକାଶକାରୀ ସୁଖ୍ୟାତ ପ୍ରତିଷ୍ଠାନ, ବୃତ୍ତିଭିତ୍ତିକ ଶିକ୍ଷାର ସୁଦକ୍ଷ ସଦସ୍ୟ ଏବଂ ଉଚ୍ଚ ଶିକ୍ଷା ଅନୁଷ୍ଠାନର ମିଳିତ ସହମତିରେ ପ୍ରସ୍ତୁତ କରାଯିବ। ଏହି ସୂଚକାଙ୍କ ବିଭିନ୍ନ ସ୍ତର ଓ ବିଭିନ୍ନ ବର୍ଗର ଶିକ୍ଷକଙ୍କ କର୍ତ୍ତବ୍ୟ ଓ ସେଥିପାଇଁ ଆବଶ୍ୟକ ଥିବା ଦକ୍ଷତାକୁ ପରିବ୍ୟାପ୍ତ ହେବ। ଏହା ପ୍ରତ୍ୟେକ ସ୍ତରରେ ବୃତ୍ତିଗତ ମାନ ନିରୂପଣ ପାଇଁ ସୂଚକ ପ୍ରସ୍ତୁତ କରିବ, ଯାହା ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ କାର୍ଯ୍ୟକାରୀ ହେବ। NPST ନିଯୁକ୍ତି / ସେବା ପୂର୍ବ ଶିକ୍ଷକ ଶିକ୍ଷାର ଯୋଜନା ପ୍ରସ୍ତୁତ କରିବ। ତତ୍ପରେ ରାଜ୍ୟଗୁଡ଼ିକ ଏହାକୁ ଗ୍ରହଣ କରିପାରିବେ ଏବଂ ଶିକ୍ଷକ ପରିଚାଳନାର ସତ୍ୱାଧିକାର, ବୃତ୍ତିଗତ ଅଭିବୃଦ୍ଧି କାର୍ଯ୍ୟ, ବେତନ ବୃଦ୍ଧି, ପଦୋନ୍ନତି ଏବଂ ଅନ୍ୟାନ୍ୟ ପ୍ରୋତ୍ସାହନ ଆଦି ଦିଗଗୁଡ଼ିକ ସ୍ଥିର କରିବେ। ପଦୋନ୍ନତି ଓ ବେତନ ବୃଦ୍ଧି, ସତ୍ୱାଧିକାର ସମୟ / ସ୍ଥାୟୀ ନିଯୁକ୍ତି ଅବଧି ବା ବରିଷ୍ଠତା ଆଧାରରେ ନ ହୋଇ କେବଳ ଏହି ମାନ ନିରୂପଣ ଆଧାରରେ କରାଯିବ। ଏହି ବୃତ୍ତିଗତ ସୂଚକାଙ୍କ 2030ରେ ସମୀକ୍ଷା ଓ ସଂଶୋଧନ କରାଯିବ ଏବଂ ଏହା ପରେ ପ୍ରତି ଦଶବର୍ଷରେ ସଠିକ୍ ପ୍ରୟୋଗାତ୍ମକ ସମୀକ୍ଷା ଓ ଫଳାଫଳ ଅନୁସାରେ କରାଯିବ।

## ସ୍ୱତନ୍ତ୍ର ପ୍ରଶିକ୍ଷକ

5.21 ବିଦ୍ୟାଳୟ ଶିକ୍ଷାରେ ଅତିରିକ୍ତ ସ୍ୱତନ୍ତ୍ର ପ୍ରଶିକ୍ଷକଙ୍କର ଆବଶ୍ୟକତା ଅତି ପ୍ରୟୋଜନୀୟ। ଉଦାହରଣ ସ୍ୱରୂପ ମଧ୍ୟମା ଓ ମାଧ୍ୟମିକ ଶିକ୍ଷା ସ୍ତରରେ ଭିନ୍ନକ୍ଷମ / ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କୁ ବିଷୟ ଶିକ୍ଷାଦାନ ଓ ଶିକ୍ଷଣ ବାଧିତ ଶିକ୍ଷାର୍ଥୀଙ୍କୁ ଶିକ୍ଷାଦାନ ନିମିତ୍ତ ବିଶେଷଜ୍ଞଙ୍କର ଆବଶ୍ୟକତା ରହିଛି। ସେହି ଶିକ୍ଷକ କେବଳ ଯେ ବିଷୟ ଶିକ୍ଷାଦାନ ପାଇଁ ଓ ବିଷୟ ଭିତ୍ତିକ ଶିକ୍ଷାର ଲକ୍ଷ୍ୟକୁ ବୋଧଗମ୍ୟ କରିବା ଆବଶ୍ୟକ ତାହା ନୁହେଁ ବରଂ ଶିକ୍ଷାର୍ଥୀମାନଙ୍କ ସ୍ୱତନ୍ତ୍ର ଆବଶ୍ୟକତାକୁ ମଧ୍ୟ ବୁଝିବା ଆବଶ୍ୟକ ଅଟେ। ସେଥିପାଇଁ ସେବା ପୂର୍ବ ଓ ସେବା କାଳୀନ ଶିକ୍ଷକଶିକ୍ଷାରେ ଏହି ଦିଗଗୁଡ଼ିକୁ ବିଷୟ ଓ ସାଧାରଣ ଶିକ୍ଷକଙ୍କ ପାଇଁ ଦ୍ୱିତୀୟ ସବିଶେଷ ଜ୍ଞାନ ଭାବରେ ସଂଗଠନ କରାଯିବ। ଏଗୁଡ଼ିକୁ ସ୍ୱୀକୃତି ପ୍ରାପ୍ତ ବିଷୟ ଭାବରେ ସେବା ପୂର୍ବରୁ ବା ସେବ କାଳୀନ, ସମ୍ପୂର୍ଣ୍ଣ ସମୟ ବା ସ୍ୱଳ୍ପ ସମୟ ବିଶିଷ୍ଟ ମିଶ୍ରିତ ବିଷୟ ଭାବରେ ବିଭିନ୍ନ ବିଭାଗୀୟ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ପ୍ରଦାନ କରାଯିବ। ପର୍ଯ୍ୟାପ୍ତ ମାତ୍ରାରେ ଦକ୍ଷ ବିଷୟ ଶିକ୍ଷାଦାନ ପରିଚାଳନା କରିପାରୁଥିବା ସୁଯୋଗ୍ୟ ସ୍ୱତନ୍ତ୍ର ପ୍ରଶିକ୍ଷକଙ୍କର ସୁଲଭତାକୁ ସୁନିଶ୍ଚିତ କରିବା ପାଇଁ NCTE ପାଠ୍ୟକ୍ରମ

ଓ RCI ପାଠ୍ୟକ୍ରମ ମଧ୍ୟରେ ଏକ ଦୃଢ ସଂଯୋଗ ସ୍ଥାପିତ କରାଯିବ।

## ଶିକ୍ଷକ ଶିକ୍ଷା ପନ୍ଥା

5.22 ଉନ୍ନତମାନର ବିଷୟ ଓ ଶିକ୍ଷାଶାସ୍ତ୍ର ସମ୍ପର୍କିତ ତାଲିମକୁ ବୈଧ କରିବା ପାଇଁ ଶିକ୍ଷକ ଶିକ୍ଷାକୁ, ବହୁ ବିଭାଗ ବିଶିଷ୍ଟ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକୁ 2030 ସୁଧା କ୍ରମଶଃ ସ୍ଥାନାନ୍ତରିତ କରାଯିବ। ଯେହେତୁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକ ବହୁବିଭାଗ ବିଶିଷ୍ଟ ହେବ ତେଣୁ ସେମାନେ ମଧ୍ୟ ବି.ଇଡି, ଏମ୍.ଇଡି ଓ ଡକ୍ଟରେଟ ଡିଗ୍ରୀ ଦେବାଭଳି ଉନ୍ନତମାନର ଶିକ୍ଷାବିଭାଗ ପ୍ରସ୍ତୁତ କରିବା ପାଇଁ ଲକ୍ଷ୍ୟ ରଖିବେ।

5.23 2030 ସୁଦ୍ଧା ଶିକ୍ଷାଦାନ ପାଇଁ ନ୍ୟୁନତମ ଶୈକ୍ଷିକ ଯୋଗ୍ୟତା 4 ବର୍ଷୀୟ ସମ୍ମିଳିତ ବି.ଇଡି ଡିଗ୍ରୀ ଯାହା ପ୍ରଯୁଜ୍ୟ ବିଷୟଭିତ୍ତିକ ଜ୍ଞାନ ଶିକ୍ଷା ଦେବ ଓ ଏଥିରେ ଆଞ୍ଚଳିକ ବିଦ୍ୟାଳୟରେ ଶିକ୍ଷକ ଶିକ୍ଷାଦାନ କରୁଥିବା ଶିକ୍ଷାର୍ଥୀ ପାଇଁ ସୁସଂଗତ ପ୍ରାୟୋଗିକ ତାଲିମ୍ ଅନ୍ତର୍ଭୁକ୍ତ ଅଟେ। ଦୁଇବର୍ଷୀୟ ବି.ଇଡି ମଧ୍ୟ ସେହି 4 ବର୍ଷୀୟ ସମନ୍ୱିତ ବି.ଇଡି ପାଠ୍ୟକ୍ରମ ପ୍ରଦାନ କରୁଥିବା ବହୁବିଭାଗ ବିଶିଷ୍ଟ ଅନୁଷ୍ଠାନଗୁଡ଼ିକ ପ୍ରଦାନ କରିବେ ଏବଂ ଏହା ଅନ୍ୟ ବିଷୟରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ଶିକ୍ଷାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ହେବ। ଏହି ବି.ଇଡ଼ି ପାଠ୍ୟକ୍ରମ ପ୍ରୟୋଜନାନୁଯାୟୀ ଏକ ବର୍ଷୀୟ ହୋଇପାରେ ଏବଂ ଏହା ସେହିମାନଙ୍କୁ ପ୍ରଦାନ କରାଯିବ ଯେଉଁମାନେ 4 ବର୍ଷୀୟ ବି.ଇଡ଼ି ପାଠ୍ୟକ୍ରମ ସମ୍ପୂର୍ଣ୍ଣ କରିଥିବେ ଅଥବା କୌଣସି ଏକ ସ୍ୱତନ୍ତ୍ର ବିଷୟରେ ସ୍ନାତକୋତ୍ତର ସମାପ୍ତ କରିଥିବେ ଏବଂ ସେହି ସ୍ୱତନ୍ତ୍ର ବିଷୟରେ ଶିକ୍ଷକତା କରିବା ପାଇଁ ଇଚ୍ଛା ପ୍ରକାଶ କରୁଥିବେ। ଏ ସମସ୍ତ ବି.ଇଡ଼ି ପାଠ୍ୟକ୍ରମ ପ୍ରଦାନ କରୁଥିବା ସ୍ୱୀକୃତି ପ୍ରାପ୍ତ ବହୁ ବିଭାଗ ବିଶିଷ୍ଟ ଉଚ୍ଚ ଶିକ୍ଷା ଅନୁଷ୍ଠାନମାନେ ପ୍ରଦାନ କରିପାରିବେ। ଶ୍ରେଣୀକକ୍ଷରେ 4 ବର୍ଷୀୟ ସମନ୍ୱିତ ବି.ଇଡ଼ି ପାଠ୍ୟ ପ୍ରଦାନ କରୁଥିବା ଓ ODL ସ୍ୱୀକୃତି ଥିବା ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ବ୍ଲେଣ୍ଡେଡ଼ / ମିଶ୍ରିତ ଶିକ୍ଷଣ ବା ODL ପନ୍ଥା ମାଧ୍ୟମରେ ସୁଦୂର ଓ ସହଜରେ ପହଞ୍ଚିପାରୁ ନଥିବା ଅଞ୍ଚଳଗୁଡ଼ିକର ଶିକ୍ଷାର୍ଥୀଙ୍କୁ ଉନ୍ନତତର ବି.ଇଡ଼ି ପାଠ୍ୟ ପ୍ରଦାନ କରିପାରିବେ। ଏହା ସହିତ ଯେଉଁ ଶିକ୍ଷକ ସେବାରେ ଥାଇ ନିଜର ଯୋଗ୍ୟତା ବୃଦ୍ଧି ପାଇଁ ଇଚ୍ଛୁକ ଥିବେ, ସେମାନଙ୍କୁ ମଧ୍ୟ ପ୍ରାୟୋଗିକ ତାଲିମ ଓ ଶିକ୍ଷାର୍ଥୀଙ୍କୁ ଶିକ୍ଷାଦାନ ସମ୍ପର୍କିତ ଉପାଂଶର ବ୍ୟବସ୍ଥା ନିମିତ୍ତ ଉପଯୁକ୍ତ ଉପଦେଷ୍ଟାଙ୍କର ବ୍ୟବସ୍ଥା କରି ଏହି ପାଠ୍ୟକ୍ରମ ପ୍ରଦାନ କରାଯାଇପାରିବ।

5.24 ସମସ୍ତ ବି.ଇଡି ପାଠ୍ୟକ୍ରମ ସମୟାନୁସାରେ ନିର୍ଦ୍ଧାରିତ ତାଲିମ ସହିତ ପ୍ରାରମ୍ଭିକ ଭାଷା ଓ ଗଣିତ, ବହୁଶ୍ରେଣୀ ଶିକ୍ଷାଦାନ ଓ ମୁଲ୍ୟାୟନ, ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କ ଶିକ୍ଷାଦାନ, ସ୍ୱତନ୍ତ୍ର ଆଗ୍ରହ ଓ ଦକ୍ଷତା ଥିବା ଶିକ୍ଷାର୍ଥୀଙ୍କ ନିମନ୍ତେ ଶିକ୍ଷାଦାନ, ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଏବଂ ଶିକ୍ଷାର୍ଥୀକୈନ୍ଦ୍ରିକ ସହଭାଗୀ ଶିକ୍ଷଣ ଅନ୍ତର୍ଭୁକ୍ତ ନୂତନ ଶିକ୍ଷଣଶାସ୍ତ୍ର ପଦ୍ଧତି ଉପରେ ଆଧାରିତ ହେବ। ସମସ୍ତ ବି.ଇଡି ପାଠ୍ୟକ୍ରମ ଆଞ୍ଚଳିକ ବିଦ୍ୟାଳୟରେ ଶ୍ରେଣୀ ଶିକ୍ଷାଦାନ ବିଶିଷ୍ଟ ବଳିଷ୍ଠ ପ୍ରୟୋଗାତ୍ମକ ତାଲିମ ଅନ୍ତର୍ଭୁକ୍ତ କରିବ । ସମସ୍ତ ବି.ଇଡି ପାଠ୍ୟକ୍ରମରେ କୌଣସି ଏକ ବିଷୟ ଶିକ୍ଷାଦାନ ସମୟରେ ବା କୌଣସି ଶିକ୍ଷଣ କାର୍ଯ୍ୟ କରିବା ବେଳେ ଭାରତୀୟ ସମ୍ବିଧାନର ମୌଳିକ କର୍ତ୍ତବ୍ୟ (Article 51 A) ସହିତ ଅନ୍ୟାନ୍ୟ ସାମ୍ବିଧାନିକ ବ୍ୟବସ୍ଥାର ଅଭ୍ୟାସ / କର୍ଯ୍ୟକାରିତାକୁ ଗୁରୁତ୍ୱ ପ୍ରଦାନ କରାଯିବ। ଏହା ପ୍ରୟୋଜନାନୁଯାୟୀ ପରିବେଶ ସଚେତନତା ଓ ଏହାର ସଂରକ୍ଷଣ ଓ କ୍ରମାଗତ ବିକାଶ ପ୍ରତି ସମ୍ବେଦନତାକୁ ମଧ୍ୟ ସମ୍ମନ୍ୱିତ କରିବ, ଯାହାଦ୍ୱାରା ପରିବେଶ ଶିକ୍ଷା ବିଦ୍ୟାଳୟ ଶିକ୍ଷାର ଏକ ଅନ୍ତର୍ନିହିତ / ଅବିଚ୍ଛିନ୍ନ ଭାଗ ହେବ।

5.25 ସୁଦକ୍ଷ ସ୍ଥାନୀୟ ବ୍ୟକ୍ତିଙ୍କୁ ବିଦ୍ୟାଳୟ ଓ ବିଦ୍ୟାଳୟ ସମୂହରେ ଶିକ୍ଷାଦାନ ପାଇଁ ସାମୟିକ ଭାବରେ ନିଯୁକ୍ତି ଦିଆଯିବା ନିମନ୍ତେ ଆଞ୍ଚଳିକ ବୃତ୍ତି ଜ୍ଞାନ ଓ କୌଶଳ ଯଥା ଲୋକ କଳା, ସଂଗୀତ, କୃଷି, ବାଣିଜ୍ୟ, କ୍ରୀଡ଼ା, କାଠକାର୍ଯ୍ୟ ଓ ଅନ୍ୟାନ୍ୟ ବୃତ୍ତିଗତ ହସ୍ତଶିଳ୍ପର ପ୍ରସାର ଉଦ୍ଦେଶ୍ୟରେ କମ୍ ଅବଧି ବିଶିଷ୍ଟ ସ୍ୱତନ୍ତ୍ର ଆଞ୍ଚଳିକ ଶିକ୍ଷକ କାର୍ଯ୍ୟକ୍ରମ, BIETs, DIETs ଓ ବିଦ୍ୟାଳୟ ସମୂହରେ ମଧ୍ୟ ସହଜରେ ଉପଲବ୍ଧ ହେବ।

5.26 ଯେଉଁ ଶିକ୍ଷକ ଇଚ୍ଛାନୁସାରେ ଶିକ୍ଷାଦାନର ସ୍ୱତନ୍ତ୍ର ବିଶେଷ ଦିଗକୁ ପରିବର୍ତ୍ତନ କରିବାକୁ ଚାହୁଁଥିବେ ଯେପରି ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କ ନିମନ୍ତେ ଶିକ୍ଷାଦାନ ବା ବିଦ୍ୟାଳୟ ବ୍ୟବସ୍ଥାରେ ନେତୃତ୍ୱ ଓ ପରିଚାଳନା ପଦବୀ ବା ଗୋଟିଏ ସ୍ତରରୁ ଅନ୍ୟ ଏକ ସ୍ତରକୁ ପ୍ରାଥମିକ, ମଧ୍ୟମ, ମାଧ୍ୟମିକ ସ୍ତର ମଧ୍ୟରେ, ସେମାନଙ୍କ ପାଇଁ ବହୁ ବିଭାଗ ବିଶିଷ୍ଟ ମହାବିଦ୍ୟାଳୟରେ ବି.ଇଡ଼ି ପରେ ସ୍ୱୀକୃତିସୂଚକ ପାଠ୍ୟ ମଧ୍ୟ ବହୁଳଭାବରେ ଉପଲବ୍ଧ ହେବ।

5.27 ଗୋଟିଏ ବିଷୟ ଶିକ୍ଷାଦାନ ପାଇଁ ବିଭିନ୍ନ ଆନ୍ତର୍ଜାତିକ ଶିକ୍ଷାଶାସ୍ତ୍ର ସମ୍ବନ୍ଧୀୟ ପନ୍ଥା ରହିଛି, ତାହାକୁ ସ୍ୱୀକୃତି ଦିଆଯାଇଛି। ବିଭିନ୍ନ ବିଷୟ ଶିକ୍ଷାଦାନ ପାଇଁ ଥିବା ଆନ୍ତର୍ଜାତୀୟ ଶିକ୍ଷାଶାସ୍ତ୍ର ସମ୍ବନ୍ଧୀୟ ପନ୍ଥାଗୁଡ଼ିକୁ NCERT ଅନୁସନ୍ଧାନ, ଗବେଷଣା, ଲିପିବଦ୍ଧ ଓ ସଙ୍କଳନ କରିବ ଏବଂ ସେଗୁଡ଼ିକ ମଧ୍ୟରୁ କେଉଁ ସବୁ ପନ୍ଥାଗୁଡ଼ିକ ଭାରତୀୟ ଶିକ୍ଷାଶାସ୍ତ୍ରରେ ଶିକ୍ଷଣୀୟ ଓ ଅନ୍ତର୍ଗ୍ରହଣ କରି ହେବ ତାହା ନ୍ୟସ୍ତ କରିବ।

5.28 ଜାତୀୟ ଶିକ୍ଷାନୀତି 2020 କୁ ଆଧାର କରି NCTE, NCERT ର ପରାମର୍ଶ ଅନୁଯାୟୀ 2021 ସୁଦ୍ଧା ଶିକ୍ଷକ ଶିକ୍ଷା ନିମିତ୍ତ ଏକ ନୂତନ ଓ ସାମଗ୍ରିକ ଜାତୀୟ ପାଠ୍ୟକ୍ରମ ଆଧାର ପ୍ରସ୍ତୁତ କରାଯିବ। ଏହି ଆଧାର, ଏହା ସହିତ ସମ୍ପୃକ୍ତ ସମସ୍ତ କର୍ମକର୍ତ୍ତା ତଥା ରାଜ୍ୟ ସରକାର, କେନ୍ଦ୍ର ସରକାରଙ୍କ ଉଦ୍ଦିଷ୍ଟ ମନ୍ତ୍ରୀ ବିଭାଗ ଏବଂ ବିଭିନ୍ନ ସୁଦକ୍ଷ ବ୍ୟକ୍ତି ବିଶେଷଙ୍କ ସହ ଆଲୋଚନା ପରେ ପ୍ରସ୍ତୁତ କରାଯିବ ଏବଂ ଏହା ସମସ୍ତ ଆଞ୍ଚଳିକ ଭାଷାରେ ଉପଲବ୍ଧ ହେବ। NCFTE 2021 ଶିକ୍ଷକ ଶିକ୍ଷା ପାଠ୍ୟକ୍ରମରେ ବୃତ୍ତି ସମ୍ବନ୍ଧୀୟ ଶିକ୍ଷାର ଆବଶ୍ୟକତାକୁ ଗୁରୁତ୍ୱ ପ୍ରଦାନ କରାଯିବ। ଏହା ପରେ NCF ରେ ସଂଶୋଧନର ଆବଶ୍ୟକତା ସହ ଶିକ୍ଷକ ଶିକ୍ଷାରେ ଦୃଷ୍ଟିଗୋଚର ହେଉଥିବା ଆବଶ୍ୟକତାକୁ ଦର୍ଶାଇ, NCFTE କୁ ପ୍ରତି 5-10 ବର୍ଷରେ ଥରେ ପୁନର୍ଗଠନ / ସଂଶୋଧନ କରାଯିବ।

5.29 ଶେଷରେ, ଶିକ୍ଷକ ଶିକ୍ଷା ବ୍ୟବସ୍ଥାର ଅକ୍ଷୁର୍ଣ୍ଣତାକୁ / ସାଧୁତାକୁ ସମ୍ପୂର୍ଣ୍ଣ ଭାବରେ ପୁନରୁଦ୍ଧାର/ପ୍ରତ୍ୟର୍ପଣ କରିବା ନିମନ୍ତେ ଦେଶରେ କାର୍ଯ୍ୟରତ ନିମ୍ନମାନର ସରକାରୀ ଅନୁଦାନ ବିହୀନ ଶିକ୍ଷକ ଶିକ୍ଷା ଅନୁଷ୍ଠାନଗୁଡ଼ିକ (TETs) ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ଆବଶ୍ୟକ ପଡ଼ିଲେ ସେଗୁଡ଼ିକୁ ବନ୍ଦ କରାଯିବା ମଧ୍ୟ ଅନ୍ତର୍ଭୁକ୍ତ ଅଟେ।

## 6. ସମତା ଏବଂ ଅନ୍ତର୍ନିବେଶୀ ଶିକ୍ଷା : ସମସ୍ତଙ୍କ ପାଇଁ ଶିକ୍ଷା

6.1 ସାମାଜିକ ନ୍ୟାୟ ଏବଂ ସମାନତା ହାସଲ ପାଇଁ ଶିକ୍ଷା ହେଉଛି ଏକମାତ୍ର ସର୍ବଶ୍ରେଷ୍ଠ ସାଧନୀ। ସମତା ଏବଂ ଅନ୍ତର୍ନିବେଶୀ ଶିକ୍ଷା କେବଳ ନିଜ ଭିତରେ ଏକ ଆବଶ୍ୟକୀୟ ଲକ୍ଷ୍ୟ ନୁହେଁ, ଏହା ମଧ୍ୟ ସମତା ଏବଂ ଅନ୍ତର୍ନିବେଶୀ ସମାଜ ହାସଲ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯେଉଁଥିରେ ପ୍ରତ୍ୟେକ ନାଗରିକ ଦେଶ ପାଇଁ ସ୍ୱପ୍ନ ଦେଖିବା, ଦେଶକୁ ସମୃଦ୍ଧ କରିବା ଏବଂ ରାଷ୍ଟ୍ର ପାଇଁ ଯୋଗଦାନ କରିବାର ସୁଯୋଗ ରହିଛି । ଭାରତ ବର୍ଷର ଶିକ୍ଷା ବ୍ୟବସ୍ଥା ନିଶ୍ଚିତ ଭାବରେ ଶିଶୁମାନଙ୍କୁ ଲାଭାନ୍ୱିତ କରିବା ପାଇଁ ଲକ୍ଷ୍ୟ ରଖିବ, ଯାହା ଦ୍ୱାରା ଜନ୍ମ କିମ୍ବା ପୃଷ୍ଠଭୂମି କାରଣରୁ କୌଣସି ଶିଶୁ ଶିଖିବା ଏବଂ ପ୍ରଗତି କରିବାର ସୁଯୋଗ ହରାଇବ ନାହିଁ। ଏହି ନୀତି ଦୃଢ଼ତାର ସହିତ ପ୍ରମାଣିତ କରେ ଯେ, ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ପ୍ରବେଶ, ଅଂଶଗ୍ରହଣ ଏବଂ ଶିକ୍ଷଣ ଫଳାଫଳଗୁଡ଼ିକରେ ସାମାଜିକ ବର୍ଗର ବ୍ୟବଧାନକୁ ଦୂର କରିବା ସମସ୍ତ ଶିକ୍ଷା କ୍ଷେତ୍ରରେ ହେଉଥିବା ବିକାଶ କାର୍ଯ୍ୟକ୍ରମର ଏକ ପ୍ରମୁଖ ଲକ୍ଷ୍ୟ ମଧ୍ୟରୁ ଗୋଟିଏ ଲକ୍ଷ୍ୟ ହୋଇ ରହିବ । ଏହି ଅଧ୍ୟାୟକୁ ଅଧ୍ୟାୟ 14ରେ ଉଚ୍ଚ ଶିକ୍ଷାରେ ସମତା ଏବଂ ଅନ୍ତର୍ନିବେଶୀର ଅନୁରୂପ ପ୍ରସଙ୍ଗ ସହିତ ମିଳିତ ଭାବେ ଆଲୋଚନା କରାଯାଇପାରେ।

6.2 ଯେତେବେଳେ ଭାରତୀୟ ଶିକ୍ଷା ବ୍ୟବସ୍ଥା ଏବଂ ପରବର୍ତ୍ତୀ ସରକାରୀ ନୀତିଗୁଡ଼ିକ ବିଦ୍ୟାଳୟ ଶିକ୍ଷାର ସମସ୍ତ ସ୍ତରରେ ଲିଙ୍ଗ ଏବଂ ସାମାଜିକ ବର୍ଗର ବ୍ୟବଧାନ ହ୍ରାସ କରିବାରେ ନିରନ୍ତର ପ୍ରଗତି କରିଚାଲିଛି, କିନ୍ତୁ ଏପର୍ଯ୍ୟନ୍ତ ମାଧ୍ୟମିକ ସ୍ତରରେ ବିଶେଷକରି ସାମାଜିକ-ଅର୍ଥନୈତିକ ଅନଗ୍ରସର ଗୋଷ୍ଠୀ କ୍ଷେତ୍ରରେ ବୃହତ ପାର୍ଥକ୍ୟ ରହିଛି ବୋଲି ଐତିହାସିକ ଭାବରେ ଶିକ୍ଷା କ୍ଷେତ୍ରରେ ଉପସ୍ଥାପିତ ହୋଇଛି । ଲିଙ୍ଗ-ପରିଚୟ (ବିଶେଷକରି ମହିଳା ଏବଂ ତୃତୀୟଲିଙ୍ଗୀ ବ୍ୟକ୍ତିବିଶେଷ), ସାମାଜିକ-ସାଂସ୍କୃତିକ ପରିଚୟ (ଯେପରିକି-ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗ, ଏବଂ ସଂଖ୍ୟାଲଘୁ), ଭୌଗଳିକ ପରିଚୟ (ଗ୍ରାମ, ଛୋଟ ସହର, ଏବଂ ଆକାଂକ୍ଷୀ ଜିଲ୍ଲା), ଅକ୍ଷମତା (ବିଶେଷକରି ଶିକ୍ଷଣ ଅକ୍ଷମତା), ଏବଂ ସାମାଜିକ-ଅର୍ଥନୈତିକ ଅବସ୍ଥା (ଯେପରିକି- ସ୍ଥାନାନ୍ତରିତ ଗୋଷ୍ଠୀ, ସ୍ୱଳ୍ପ ଆୟକାରୀ ପରିବାର, ଅସୁରକ୍ଷିତ ଅବସ୍ଥାରେ ଥିବା ଶିଶୁ, ଅସହାୟ ପରିବେଶରେ ବାସ କରୁଥିବା ଶିଶୁ ଚାଲାଣର ଶିକାର ହୋଇଥିବା ଶିଶୁ, ଶିଶୁ ଶ୍ରମିକ, ଅନାଥ ଶିଶୁ ସମେତ ଯେଉଁମାନେ ସହରରେ ଭିକ ମାଗୁଛନ୍ତି ଏବଂ ସହରାଞ୍ଚଳର ଗରିବ ପିଲା)କୁ ଆଧାର କରି ସମାଜିକ-ଅର୍ଥନୈତିକ ଅନଗ୍ରସର ଗୋଷ୍ଠୀ (Socio-Economically Disadvantaged Groups-SEDGs)କୁ ବ୍ୟାପକ ଭାବେ ଶ୍ରେଣୀଭୁକ୍ତ କରାଯାଇପାରେ । ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀରେ ସାମଗ୍ରିକ ନାମଲେଖା କ୍ରମାଗତ ଭାବରେ ହ୍ରାସ ପାଉଥିବାବେଳେ ଏହି ସାମାଜିକ-ଅର୍ଥନୈତିକ ଅନଗ୍ରସର ଗୋଷ୍ଠୀଗୁଡ଼ିକ ମଧ୍ୟରୁ ଅନେକଙ୍କ କ୍ଷେତ୍ରରେ ନାମଲେଖା ହ୍ରାସ ଅଧିକ ସ୍ପଷ୍ଟ ଭାବରେ ଜଣାଯାଉଛି । ଏହି ଗୋଷ୍ଠୀଗୁଡ଼ିକ ମଧ୍ୟରେ

ବାଳିକାମାନଙ୍କ କ୍ଷେତ୍ରରେ ଏହି ହ୍ରାସର ପରିମାଣ ଅଧିକ ଏବଂ ଏହି ଅବନତି ପ୍ରାୟତଃ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଅଧିକ ସୁସ୍ପଷ୍ଟ । ସାମାଜିକ-ସାଂସ୍କୃତିକ ପରିଚୟ ମଧ୍ୟରେ ଆସୁଥିବା ଏହି ସାମାଜିକ-ଅର୍ଥନୈତିକ ଅନଗ୍ରସର ଗୋଷ୍ଠୀ (SEDG)ଗୁଡ଼ିକର ସ୍ଥିତିର ଏକ ସଂକ୍ଷିପ୍ତ ସମୀକ୍ଷା ନିମ୍ନଲିଖିତ ଉପବିଭାଗରେ ଦିଆଯାଇଅଛି ।

6.2.1 U-DISE 2016-17 ତଥ୍ୟ ଅନୁଯାୟୀ, ପ୍ରାଥମିକ ସ୍ତରରେ ପ୍ରାୟ 19.6% ଶିକ୍ଷାର୍ଥୀ ଅନୁସୂଚିତ ଜାତିର, କିନ୍ତୁ ଏହି ଭାଗ ଉଚ୍ଚ ମାଧ୍ୟମିକ ସ୍ତରରେ 17.3% କୁ ହ୍ରାସ ପାଇଛି । ନାମଲେଖାରେ ଏହି ହ୍ରାସ ଅନୁସୂଚିତ ଜନଜାତି ଶିକ୍ଷାର୍ଥୀଙ୍କ ପାଇଁ (10.6% ରୁ 6.8%) ଏବଂ ଭିନ୍ନକ୍ଷମ ଶିଶୁ (1.1% ରୁ 0.25%) ପାଇଁ ଅଧିକ ଗୁରୁତର ଅଟେ । ଏହିପରି ପ୍ରତ୍ୟେକ ବର୍ଗରେ, ବାଳିକାମାନଙ୍କ କ୍ଷେତ୍ରରେ ଏହି ନାମଲେଖା ହାର ଆହୁରି ଅଧିକ ହ୍ରାସ ହୋଇଛି । ଉଚ୍ଚ ଶିକ୍ଷାରେ ନାମଲେଖାରେ ହ୍ରାସ ଆହୁରି ଅଧିକ ଅଟେ ।

6.2.2 ଗୁଣାତ୍ମକ ବିଦ୍ୟାଳୟର ଅଭାବ, ସାମାଜିକ ରୀତିନୀତି ଓ ଅଭ୍ୟାସ, ଦାରିଦ୍ର୍ୟ ଏବଂ ଭାଷା ସହିତ ବହୁବିଧ କାରଣ ଅନୁସୂଚିତ ଜାତିର ଶିଶୁମାନଙ୍କ ନାମଲେଖା ଏବଂ ଅବଧାରଣ ହାର ଉପରେ କ୍ଷତିକାରକ ପ୍ରଭାବ ପକାଇଛି । ଏଣୁ ଅନୁସୂଚିତ ଜାତିର ଶିଶୁମାନଙ୍କର ପ୍ରବେଶ, ଅଂଶଗ୍ରହଣ, ଏବଂ ଶିକ୍ଷଣ ଫଳାଫଳଗୁଡ଼ିକରେ ଥିବା ବ୍ୟବଧାନ ଦୂର କରିବା ହେଉଛି ବିଦ୍ୟାଳୟର ପ୍ରମୁଖ ଲକ୍ଷ୍ୟ । ଏଥିସହିତ ଅନ୍ୟାନ୍ୟ ପଛୁଆ ବର୍ଗଗୁଡ଼ିକୁ (OBCs), ଯେଉଁମାନେ ଐତିହାସିକ ଭାବରେ ସାମାଜିକ ଓ ଶିକ୍ଷାଗତ ଦୃଷ୍ଟିରୁ ପଛୁଆ ଭାବେ ଚିହ୍ନଟ ହୋଇଛନ୍ତି, ସେମାନଙ୍କୁ ମଧ୍ୟ ବିଶେଷ ଧ୍ୟାନ ଦେବା ଆବଶ୍ୟକ ।

6.2.3 ଆଦିବାସୀ ସଂପ୍ରଦାୟ ଓ ଅନୁସୂଚିତ ଜନଜାତିର ପିଲାମାନେ ବିଭିନ୍ନ ଐତିହାସିକ ଏବଂ ଭୌଗଳିକ କାରଣ ହେତୁ ଏକାଧିକ ସ୍ତରରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଆଦିବାସୀ ସମ୍ପ୍ରଦାୟର ପିଲାମାନେ ବିଦ୍ୟାଳୟ ଶିକ୍ଷାକୁ ଉଭୟ ସାଂସ୍କୃତିକ ଏବଂ ଶିକ୍ଷାଗତ ଦୃଷ୍ଟିକୋଣରୁ ଅପ୍ରାସଙ୍ଗିକ ଏବଂ ବିଦେଶୀ ମନେକରନ୍ତି । ଆଦିବାସୀ ସମ୍ପ୍ରଦାୟର ପିଲାମାନଙ୍କର ଉନ୍ନତି ପାଇଁ ବର୍ତ୍ତମାନ ଅନେକ କାର୍ଯ୍ୟକ୍ରମ ଜାରି ରହିଥିବା ବେଳେ ସେହି କାର୍ଯ୍ୟକ୍ରମଗୁଡ଼ିକରୁ ଲାଭ ପାଇବାକୁ ନିଶ୍ଚିତ କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ପ୍ରସ୍ତୁତ କରାଯିବା ଆବଶ୍ୟକ ।

6.2.4 ବିଦ୍ୟାଳୟ ଏବଂ ଉଚ୍ଚ ଶିକ୍ଷାରେ ସଂଖ୍ୟାଲଘୁମାନଙ୍କର ପ୍ରତିନିଧିତ୍ୱ ମଧ୍ୟ ଅପେକ୍ଷାକୃତ କମ୍ ଅଟେ । ଏହି ନୀତି ସମସ୍ତ ସଂଖ୍ୟାଲଘୁ ସମ୍ପ୍ରଦାୟର ପିଲାମାନଙ୍କର ବିଶେଷକରି ଶିକ୍ଷାଗତ ଦୃଷ୍ଟିରୁ କମ୍ ପ୍ରତିନିଧିତ୍ୱ କରୁଥିବା ସଂପ୍ରଦାୟଗୁଡ଼ିକର ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ହସ୍ତକ୍ଷେପର ଗୁରୁତ୍ୱକୁ ସ୍ୱୀକାର କରେ ।

6.2.5 ଏହି ନୀତି ସ୍ୱତନ୍ତ୍ର ଆବଶ୍ୟକତା ବିଶିଷ୍ଟ ପିଲା (Children With Special Needs - CWSN) କିମ୍ବା ଦିବ୍ୟାଙ୍ଗ ପିଲାମାନଙ୍କୁ ଅନ୍ୟ ପିଲାମାନଙ୍କ ପରି ଗୁଣାତ୍ମକ ଶିକ୍ଷା ଗ୍ରହଣ କରିବାକୁ ସମାନ ସୁଯୋଗ ପ୍ରଦାନ କରିବା ପାଇଁ ଏକ ଦକ୍ଷ ବ୍ୟବସ୍ଥା ସୃଷ୍ଟି କରିବାର ଗୁରୁତ୍ୱକୁ ସ୍ୱୀକାର କରେ ।

6.2.6 ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ସାମାଜିକ ବର୍ଗର ବ୍ୟବଧାନକୁ ହ୍ରାସ କରିବା ଉପରେ ଧ୍ୟାନ ଦେବା ପାଇଁ ନିମ୍ନଲିଖିତ ଉପ-ବିଭାଗର ସୂଚୀତ କାରାଯାଇଥିବା ପରି ଏକ ପୃଥକ ପଦ୍ଧତି / ରଣନୀତି ପ୍ରସ୍ତୁତ କରାଯିବ ।

6.3 ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା (ECCE), ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ, ବିଦ୍ୟାଳୟରେ ପ୍ରବେଶ, ନାମଲେଖା ଏବଂ ଉପସ୍ଥାନ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଏବଂ ସୁପାରିଶ ଯାହା ପ୍ରଥମରୁ ତୃତୀୟ ଅଧ୍ୟାୟରେ ସେଗୁଡ଼ିକ କମ୍ ପ୍ରତିନିଧିତ୍ୱ ଏବଂ ସାମାଜିକ ଓ ଆର୍ଥିକ ଅନଗ୍ରସର ଗୋଷ୍ଠୀ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରାସଙ୍ଗିକ ଅଟେ । ତେଣୁ ସାମାଜିକ-ଅର୍ଥନୈତିକ ଅନଗ୍ରସର ଗୋଷ୍ଠୀ (SEDG) ପ୍ରସଙ୍ଗରେ, ପ୍ରଥମରୁ ତୃତୀୟ ଅଧ୍ୟାୟରେ ସୁପାରିଶ କରାଯାଇ ପଦକ୍ଷେପଗୁଡ଼ିକୁ ଦୃଢ଼ତା ଓ ସନ୍ତୁଳନର ସହ ପ୍ରୟୋଗ କରାଯିବ ।

6.4 ଏତଦ୍ ବ୍ୟତୀତ, ବିଭିନ୍ନ ସଫଳ ନୀତି ଏବଂ ଯୋଜନା, ଯେପରିକି ଛାତ୍ରବୃତ୍ତି, ପିତାମାତାଙ୍କୁ ସେମାନଙ୍କ ପିଲାମାନଙ୍କୁ ବିଦ୍ୟାଳୟକୁ ପଠାଇବା ପାଇଁ ଉତ୍ସାହିତ କରିବା ପଇଁ ସର୍ତ୍ତମୂଳକ ନଗଦ ଟଙ୍କା ହସ୍ତାନ୍ତର, ପରିବହନ ପାଇଁ ସାଇକେଲ ଯୋଗାଇବା ଇତ୍ୟାଦି, ଯେଉଁଗୁଡ଼ିକ କେତେକ କ୍ଷେତ୍ରରେ ଶିକ୍ଷା ବ୍ୟବସ୍ଥାରେ ସାମାଜିକ-ଅର୍ଥନୈତିକ ଅନଗ୍ରସର ଗୋଷ୍ଠୀ (SEDG) ର ଅଂଶଗ୍ରହଣକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିଛି । ଏହି ସଫଳ ନୀତି ଏବଂ ଯୋଜନାଗୁଡ଼ିକୁ ସମଗ୍ର ଦେଶରେ ଉଲ୍ଲେଖନୀୟ ଭାବେ

ସୁଦୃଢ଼ କରାଯିବା ଆବଶ୍ୟକ ।

6.5 ନିର୍ଦ୍ଦିଷ୍ଟ ସାମାଜିକ-ଅର୍ଥନୈତିକ ଅନଗ୍ରସର ଗୋଷ୍ଠୀ (SEDG) ପାଇଁ କେଉଁ ପଦକ୍ଷେପଗୁଡ଼ିକ ବିଶେଷ ପ୍ରଭାବଶାଳୀ ସେଗୁଡ଼ିକୁ ଗବେଷଣା ଦ୍ୱାରା ନିର୍ଦ୍ଧାରଣ କରି ଧ୍ୟାନରେ ରଖିବା ଜରୁରୀ । ଉଦାହରଣ ସ୍ୱରୂପ, ସାଇକେଲ ଯୋଗାଇବା ଏବଂ ସାଇକେଲ ଚଳାଇ ବିଦ୍ୟାଳୟରେ ପହଞ୍ଚିବା ଛାତ୍ରୀମାନଙ୍କ ଅଂଶଗ୍ରହଣ ବୃଦ୍ଧି କରିବାରେ ବିଶେଷ ଶକ୍ତିଶାଳୀ ପଦ୍ଧତି ଭାବେ ଦେଖାଯାଇଛି । ଏପରିକି କମ୍ ଦୂରତାରୁ ଆସୁଥିବା ଛାତ୍ରୀଙ୍କ ପାଇଁ ମଧ୍ୟ ସେମାନଙ୍କର ସୁରକ୍ଷା ଓ ଆରାମ କାରଣୁ ପିତାମାତାଙ୍କ ସନ୍ତୁଷ୍ଟି ଯୋଗୁ ଏହା ବିଶେଷ ଫଳପ୍ରଦ ଉପାୟ । କେତେକ ଭିନ୍ନକ୍ଷମ ପିଲାମାନଙ୍କ କ୍ଷେତ୍ରରେ ଗୋଟିଏ ପିଲା ପାଇଁ ଗୋଟିଏ ଶିକ୍ଷକ, ସହପାଠୀଙ୍କ ଦ୍ୱାରା ଶିକ୍ଷାଦାନ, ମୁକ୍ତ ବିଦ୍ୟାଳୟ, ଉପଯୁକ୍ତ ଭିତ୍ତିଭୂମି ଏବଂ ଉପଯୁକ୍ତ ବୈଷୟିକ ହସ୍ତକ୍ଷେପ ବିଦ୍ୟାଳୟରେ ସୁବିଧା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ବିଶେଷ ପ୍ରଭାବଶାଳୀ ହୋଇପାରେ । ଗୁଣାତ୍ମକ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା (ECCE) ପ୍ରଦାନ କରୁଥିବା ବିଦ୍ୟାଳୟଗୁଡ଼ିକ, ଆର୍ଥିକ ଅନଗ୍ରସର ଦୃଷ୍ଟିରୁ ଅସ୍ୱାଭାବିକ ପରିବାରରୁ ଆସୁଥିବା ପିଲାମାନଙ୍କ ପାଇଁ ବିଶେଷ ଲାଭଦାୟକ । ଏହି ସମୟରେ, ଏହା ମଧ୍ୟ ଦେଖାଯାଇଛି ଯେ ସହରୀ ଗରିବ ଅଞ୍ଚଳରେ ଶିକ୍ଷାର୍ଥୀ, ଅଭିଭାବକ, ବିଦ୍ୟାଳୟ ଏବଂ ଶିକ୍ଷକଙ୍କ ସହ ଘନିଷ୍ଠ ଭାବରେ କାର୍ଯ୍ୟ କରୁଥିବା ପରାମର୍ଶଦାତା କିମ୍ବା ତାଲିମପ୍ରାପ୍ତ ସାମାଜିକ କର୍ମୀଙ୍କ ନିଯୁକ୍ତି ବିଦ୍ୟାଳୟରେ ଉପସ୍ଥାନ ବଢ଼ାଇବା ଓ ଶିକ୍ଷଣ ଫଳାଫଳରେ ଉନ୍ନତି ଆଣିବାରେ ବିଶେଷଭାବେ ପ୍ରଭାବଶାଳୀ ।

6.6 ତଥ୍ୟ ଦର୍ଶାଉଛି ଯେ, କେତେକ ଭୌଗଳିକ କ୍ଷେତ୍ରରେ ସାମାଜିକ-ଅର୍ଥନୈତିକ ଅନଗ୍ରସର ଗୋଷ୍ଠୀ (SEDG) ଯଥେଷ୍ଟ ବଡ଼ ଅନୁପାତରେ ଅଛନ୍ତି । ଏହା ବ୍ୟତୀତ ଆଉ କେତେକ ଭୌଗଳିକ ଅବସ୍ଥାନ ଅଛି ଯାହା ଆକାଂକ୍ଷୀ ଜିଲ୍ଲା ଭାବରେ ଚିହ୍ନିତ ହୋଇଛି ଏବଂ ସେମାନଙ୍କର ଶିକ୍ଷାଗତ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ବିଶେଷ ହସ୍ତକ୍ଷେପର ଆବଶ୍ୟକତା ରହିଛି । ତେଣୁ ଏହା ସୁପାରିଶ କରାଯାଏ ଯେ ଦେଶର ଯେଉଁ ଅଞ୍ଚଳରେ ବହୁ ସଂଖ୍ୟକ ଶୈକ୍ଷିକ ଅନଗ୍ରସର ଗୋଷ୍ଠୀ ଅଛନ୍ତି ସେହି ଅଞ୍ଚଳଗୁଡ଼ିକୁ ସ୍ୱତନ୍ତ୍ର ଶିକ୍ଷା କ୍ଷେତ୍ର (Special Educational Zones- SEZs) ଭାବେ ଘୋଷିତ ହେବା ଉଚିତ୍ ଯେଉଁଠାରେ ଶିକ୍ଷା ଦୃଷ୍ଟିପଟରେ ପରିବର୍ତ୍ତନ ଆଣିବା ପାଇଁ ସମସ୍ତ ଯୋଜନା ଏବଂ ନୀତି ଅତିରିକ୍ତ ସମନ୍ୱିତ ପ୍ରୟାସ ମାଧ୍ୟମରେ କାର୍ଯ୍ୟକାରୀ ହେବା ଆବଶ୍ୟକ ।

6.7 ଏହା ଉଲ୍ଲେଖ କରାଯିବା ଉଚିତ ଯେ, ସମସ୍ତ ଅଳ୍ପ ପ୍ରତିନିଧିତ୍ୱ ଦଳରେ ମହିଳାମାନଙ୍କ ସଂଖ୍ୟା ପ୍ରାୟ ଅର୍ଦ୍ଧେକ । ଦୁର୍ଭାଗ୍ୟବଶତଃ, ଅନ୍ୟମାନଙ୍କ ତୁଳନାରେ ସାମାଜିକ-ଅର୍ଥନୈତିକ ଅନଗ୍ରସର ଗୋଷ୍ଠୀ (SEDGs) ର ମହିଳାମାନଙ୍କୁ ପୃଥକୀକରଣ ଏବଂ ଅସମାନତାର ସାମ୍ନା କରିବାକୁ ପଡ଼ିଥାଏ । ଏହି ନୀତି, ମହିଳାମାନଙ୍କୁ ସମାଜରେ ଏକ ସ୍ୱତନ୍ତ୍ର ଅଂଶୀଦାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଅତିରିକ୍ତ ଭାବେ ସ୍ୱୀକାର କରୁଛି; ତେଣୁ ବାଳିକାମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା କେବଳ ବର୍ତ୍ତମାନରେ ନୁହେଁ ବରଂ ଭବିଷ୍ୟତ ପିଢ଼ି ମଧ୍ୟରେ ମଧ୍ୟ ଏହି ସାମାଜିକ-ଅର୍ଥନୈତିକ ଅନଗ୍ରସର ସହ ଗୋଷ୍ଠୀଙ୍କ ପାଇଁ ଶିକ୍ଷା ସ୍ତର ବୃଦ୍ଧି କରିବାର ସର୍ବୋତ୍ତମ ଉପାୟ । ତେଣୁ, ସାମାଜିକ-ଅର୍ଥନୈତିକ ଅନଗ୍ରସର ଗୋଷ୍ଠୀର ଶିକ୍ଷାର୍ଥୀମାନଙ୍କର ଉନ୍ନତି ପାଇଁ ପ୍ରସ୍ତୁତ ନୀତି ଏବଂ ଯୋଜନା, ଏହି ଗୋଷ୍ଠୀର ବାଳିକାମାନଙ୍କ ସ୍ୱାର୍ଥ ଉପରେ ବିଶେଷ ଧ୍ୟାନ ଦେବା ପାଇଁ ଏହି ନୀତିରେ ସୁପାରିଶ କରାଯାଇଛି ।

6.8 ଏଥିସହ ଭାରତ ସରକାର ସମସ୍ତ ବାଳିକା ତଥା ତୃତୀୟଲିଙ୍ଗୀ ଶିକ୍ଷାର୍ଥୀଙ୍କୁ ଗୁଣାତ୍ମକ ତଥା ସମାନ ଶିକ୍ଷା ପ୍ରଦାନ କରିବାରେ ଦେଶର ଦକ୍ଷତା ବିକାଶ ପାଇଁ ଏକ ଲିଙ୍ଗ ସଂଲଗ୍ନତା ପାଣ୍ଠି (Gender Inclusion Fund) ଗଠନ କରିବେ । କେନ୍ଦ୍ର ସରକାର ସ୍ଥିର କରିଥିବା ପ୍ରାଥମିକତାକୁ କାର୍ଯ୍ୟକାରୀ କରିବା ପାଇଁ ଏହି ପାଣ୍ଠି ରାଜ୍ୟମାନଙ୍କୁ ଉପଲବ୍ଧ ହେବ, ଯାହା ମହିଳା ଏବଂ ତୃତୀୟଲିଙ୍ଗୀ ପିଲାମାନଙ୍କୁ ଶିକ୍ଷା ଲାଭ କରିବାରେ ସହାୟତା କରିବ (ଯେପରିକି- ପରିମଳ ବ୍ୟବସ୍ଥା ଏବଂ ଶୌଚାଳୟ, ସାଇକେଲ, ସର୍ତ୍ତମୂଳକ ନଗଦ ଟଙ୍କା ସ୍ଥାନାନ୍ତର ଇତ୍ୟାଦି), ଏହି ପାଣ୍ଠି ରାଜ୍ୟଗୁଡ଼ିକୁ ପ୍ରଭାବଶାଳୀ ଏବଂ ସମ୍ପ୍ରଦାୟଭିତ୍ତିକ କାର୍ଯ୍ୟକ୍ରମଗୁଡ଼ିକୁ ପ୍ରଭାବଶାଳୀ କରିବାକୁ ଏବଂ ସୋମନଙ୍କୁ ଏକ ଉଚ୍ଚ ସ୍ତରକୁ ନେବାକୁ ସକ୍ଷମ କରିବ ଯାହା ମହିଳା ଏବଂ ତୃତୀୟଲିଙ୍ଗୀ ପିଲାମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିବା ଦିଗରେ ପ୍ରତିବନ୍ଧକଗୁଡ଼ିକର ସମାଧାନ କରିବ । ଅନ୍ୟାନ୍ୟ ସାମାଜିକ-ଅର୍ଥନୈତିକ ଅନଗ୍ରସର ଗୋଷ୍ଠୀ (SEDGs)ର ଶିକ୍ଷା ସହ ଜଡ଼ିତ ସମାନ ସମସ୍ୟାର ସମାଧାନ କରିବା ପାଇଁ 'ଅନ୍ତର୍ଭୁକ୍ତିକରଣ ପାଣ୍ଠି'ର ବ୍ୟବସ୍ଥା କରାଯିବ । ସାରାଂଶରେ, ଲିଙ୍ଗଗତ କିମ୍ବା ଅନ୍ୟାନ୍ୟ ସାମାଜିକ-ଅର୍ଥନୈତିକ ଅନଗ୍ରସର ଗୋଷ୍ଠୀର ପିଲାମାନଙ୍କ ପାଇଁ ଶିକ୍ଷା (ଧନ୍ଦାମୂଳକ ଶିକ୍ଷାକୁ ଅନ୍ତର୍ଭୁକ୍ତ କରି) କ୍ଷେତ୍ରରେ ବିଶେଷ ଅସମାନତାକୁ ଦୂରକରିବାକୁ ଏହି ନୀତି ଲକ୍ଷ୍ୟ ରଖିଛି ।

6.9 ଯେଉଁ ସ୍ଥାନରେ ଶିକ୍ଷାର୍ଥୀମାନଙ୍କୁ ଏବଂ ବିଶେଷକରି ସାମାଜିକ-ଅର୍ଥନୈତିକ ଅନଗ୍ରସର ଶିକ୍ଷାର୍ଥୀମାନଙ୍କୁ ବହୁ ଦୂରରୁ ବିଦ୍ୟାଳୟକୁ ଆସିବାକୁ ପଡ଼ିପାରେ, ସେଠାରେ ସମସ୍ତ ଶିଶୁ ଏବଂ ମୁଖ୍ୟତଃ ବାଳିକାମାନଙ୍କ ସୁରକ୍ଷା ପାଇଁ ଉପଯୁକ୍ତ ବ୍ୟବସ୍ଥା ସହିତ ଜବାହର ନବୋଦୟ ବିଦ୍ୟାଳୟର ମାନକ ସହିତ ମେଳଖାଉଥିବା ରହିବା ସୁବିଧାର ବ୍ୟବସ୍ଥା କରାଯିବ । ଏଥି ସହିତ, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟଗୁଡ଼ିକୁ ସୁଦୃଢ଼ କରାଯିବ ଏବଂ ଏହି ବିଦ୍ୟାଳୟରେ (ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ) ସାମାଜିକ ପଛୁଆ ବର୍ଗର ବାଳିକାମାନଙ୍କ ଶିକ୍ଷାରେ ଅଂଶଗ୍ରହଣ ପାଇଁ ଏହି ଗୁଣାତ୍ମକ ବିଦ୍ୟାଳୟଗୁଡ଼ିକୁ ବିସ୍ତାର ଓ ସୁଦୃଢ଼ କରାଯିବ । ଦେଶର ପ୍ରତ୍ୟେକ ଅଞ୍ଚଳରେ, ବିଶେଷକରି ଆକାଂକ୍ଷୀ ଜିଲ୍ଲା, ସ୍ୱତନ୍ତ୍ର ଶିକ୍ଷା କ୍ଷେତ୍ର ଏବଂ ଅନ୍ୟାନ୍ୟ ପଛୁଆ ଅଞ୍ଚଳରେ ଉଚ୍ଚମାନର ଶିକ୍ଷା ସୁଯୋଗ ଯୋଗାଇବା ପାଇଁ ଅତିରିକ୍ତ ଜବାହର କେନ୍ଦ୍ରୀୟ ନବୋଦୟ ବିଦ୍ୟାଳୟ ଏବଂ ପଛୁଆ ବିଦ୍ୟାଳୟ ଖୋଲାହେବ । କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ଦେଶର ଅନ୍ୟାନ୍ୟ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ବିଶେଷକରି ପଛୁଆ ଅଞ୍ଚଳରେ ଥିବା ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଅନ୍ତତଃପକ୍ଷେ ଏକ ବର୍ଷର ଆଦ୍ୟ ଶୈଶବ ଯତ୍ନ ଶିକ୍ଷା ପ୍ରଦାନ କରୁଥିବା ପ୍ରାକ୍-ବିଦ୍ୟାଳୟ ବିଭାଗକୁ ସାମିଲ କରାଯିବ ।

6.10 ଭିନ୍ନକ୍ଷମ ପିଲାମାନଙ୍କୁ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା (ECCE)ରେ ଅନ୍ତର୍ଭୁକ୍ତ କରିବା ଏବଂ ସମାନ ଅଂଶଗ୍ରହଣକୁ ନିଶ୍ଚିତ କରିବା ଏବଂ ବିଦ୍ୟାଳୟ ବ୍ୟବସ୍ଥାକୁ ସର୍ବୋଚ୍ଚ ପ୍ରାଥମିକତା ସର୍ବୋଚ୍ଚ ପ୍ରାଥମିକତା ଦିଆଯିବ । ପ୍ରାରମ୍ଭ ପର୍ଯ୍ୟାୟରୁ ଉଚ୍ଚ ଶିକ୍ଷା ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟ ପ୍ରକ୍ରିୟାରେ ଭିନ୍ନକ୍ଷମ ପିଲାମାନେ, ସଂପୂର୍ଣ୍ଣ ଅଂଶଗ୍ରହଣ କରିବାକୁ ସମର୍ଥ ହେବେ । ଅଧିକାର ଅଧିନିୟମ 2016 (Rights of Persons with Disabilities Act - RPWD Act 2016) ଅନୁସାରେ ଅନ୍ତର୍ନିବେଶୀ ଶିକ୍ଷା ହେଉଛି " ଏପରି ଏକ ଶିକ୍ଷା ବ୍ୟବସ୍ଥା ଯେଉଁଠାରେ ସମସ୍ତ ପିଲା (ଅକ୍ଷମତା ଥିବା ଓ ନଥିବା) ଅକ୍ଷମ ବ୍ୟକ୍ତିଙ୍କ ଏକାଠି ଶିକ୍ଷାଲାଭ କରନ୍ତି ଏବଂ ଶିକ୍ଷାଲାଭ କରନ୍ତି ଏବଂ ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟାରେ ବିଭିନ୍ନ ପ୍ରକାରର ଶିକ୍ଷାର୍ଥୀଙ୍କ ଶିକ୍ଷଣ ଆବଶ୍ୟକତା ପୂରଣ ହୋଇଥାଏ । ଏହି ନୀତି ଅକ୍ଷମ ବ୍ୟକ୍ତିଙ୍କ ଅଧିକାର ଅଧିନିୟମ 2016 ର ସମସ୍ତ ବ୍ୟବସ୍ଥା ସହିତ ସମ୍ପୂର୍ଣ୍ଣ ଅନୁରୂପ ଏବଂ ବିଦ୍ୟାଳୟ ଶିକ୍ଷା ସମ୍ବନ୍ଧରେ ପ୍ରସ୍ତାବିତ ସମସ୍ତ ସୁପାରିଶକୁ ସମର୍ଥନ କରେ । ତହା ସହିତ ଜାତୀୟ ପାଠ୍ୟକ୍ରମ ଆଧାର ପ୍ରସ୍ତୁତ କରିବା ସମୟରେ NCERT, ସମସ୍ତ ଭିନ୍ନକ୍ଷମଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ରାଷ୍ଟ୍ରୀୟ ଅନୁଷ୍ଠାନ (DEPwD)ଙ୍କ ସହିତ ପରାମର୍ଶ କରିବ ।

6.11 ବିଦ୍ୟାଳୟ / ବିଦ୍ୟାଳୟ ସଙ୍ଗମର ଭିନ୍ନକ୍ଷମ ପିଲାମାନଙ୍କର ଅନ୍ତର୍ଭୁକ୍ତିକରଣ, ସମସ୍ତ ପ୍ରକାର ଅକ୍ଷମତାରେ ତାଲିମ ପ୍ରାପ୍ତ ସ୍ୱତନ୍ତ୍ର ପ୍ରଶିକ୍ଷକ ନିଯୁକ୍ତି ଓ ଆବଶ୍ୟକ ସ୍ଥଳେ ସମ୍ବଳ କେନ୍ଦ୍ର (ଗୁରୁତର କିମ୍ବା ଏକାଧିକ ଅକ୍ଷମତା ଥିବା ପିଲାଙ୍କ ପାଇଁ) ପ୍ରତିଷ୍ଠା ନିମନ୍ତେ ବିଦ୍ୟାଳୟ / ବିଦ୍ୟାଳୟ ସଙ୍ଗମକୁ ସମ୍ବଳ ପ୍ରଦାନ କରାଯିବ । RPWD Act ଅନୁଯାୟୀ ସମସ୍ତ ଭିନ୍ନକ୍ଷମ ପିଲାମାନଙ୍କ ପାଇଁ ପ୍ରତିବନ୍ଧକ ଯୁକ୍ତ ପ୍ରବେଶର ବ୍ୟବସ୍ଥା କରାଯିବ । ବିଭିନ୍ନ ପ୍ରକାରର ଭିନ୍ନକ୍ଷମ ପିଲାଙ୍କର ଭିନ୍ନ ଭିନ୍ନ ଆବଶ୍ୟକତା ରହିଛି । ବିଦ୍ୟାଳୟ ଏବଂ ବିଦ୍ୟାଳୟ ସଙ୍ଗମ ସମସ୍ତ ଭିନ୍ନକ୍ଷମ ପିଲାମାନଙ୍କୁ ସେମାନଙ୍କର ଆବଶ୍ୟକତା ଅନୁଯାୟୀ ସହାୟତା ଯୋଗାଇଦେବେ ଏବଂ କାର୍ଯ୍ୟ କରିବେ, ଯେପରି ଶ୍ରେଣୀଗୃହରେ ସେମାନଙ୍କର ସମ୍ପୂର୍ଣ୍ଣ ଅଂଶଗ୍ରହଣ ଓ ଅନ୍ତର୍ଭୁକ୍ତି ହୋଇପାରିବ । ବିଶେଷ କରି ସହାୟକ ଉପକରଣ, ଉପଯୁକ୍ତ ଓ ପ୍ରଯୁକ୍ତି-ଆଧାରିତ ସାଧନୀ, ଏବଂ ପର୍ଯ୍ୟାପ୍ତ ଭାଷା-ଉପଯୋଗୀ ଶିକ୍ଷାଦାନ-ଶିକ୍ଷଣ ସାମଗ୍ରୀ (ଯେପରି-ପାଠ୍ୟପୁସ୍ତକକୁ ବ୍ରେଲ ଓ ବଡ଼ ଛପାଫର୍ଦ୍ଦ ରୂପରେ) ଉପଲବ୍ଧ କରାଯିବ । ଏଗୁଡ଼ିକ ଭିନ୍ନକ୍ଷମ ପିଲାକୁ ଶ୍ରେଣୀଗୃହରେ ଅଧିକ ସହଜରେ ଅନ୍ତର୍ଭୁକ୍ତି କରିବା ସହ ଶିକ୍ଷକ ଓ ତାର ସହପାଠୀଙ୍କ ସହିତ ସଂଯୁକ୍ତ ହୋଇ ରହିବାରେ ସହାୟକ ହେବ । ଏହା କଳା, କ୍ରୀଡ଼ା ଓ ଧନ୍ଦାମୂଳକ ଶିକ୍ଷା ସମେତ ସମସ୍ତ ବିଦ୍ୟାଳୟ କାର୍ଯ୍ୟକଳାପରେ ଲାଗୁହେବ । ଭାରତୀୟ ସାଙ୍କେତକ ଭାଷା (Indian sign language) ଶିକ୍ଷା ଦେବା ଏବଂ ଭାରତୀୟ ସାଙ୍କେତିକ ଭାଷା ବ୍ୟବହାରକରି ଅନ୍ୟ ମୌଳିକ ବିଷୟ ଶିକ୍ଷା ଦେବା ପାଇଁ ଜାତୀୟ ମୁକ୍ତ ଶିକ୍ଷା ସଂସ୍ଥା (NIOS) ଉଚ୍ଚମାନର ପେଟିକା ପ୍ରସ୍ତୁତ କରିବ । ଭିନ୍ନକ୍ଷମ ପିଲାମାନଙ୍କର ସୁରକ୍ଷା ଓ ନିରାପତ୍ତା ଉପରେ ପର୍ଯ୍ୟାପ୍ତ ଧ୍ୟାନ ପ୍ରଦାନ କରାଯିବ ।

6.12 ଅକ୍ଷମତା ଅଧିକାର ଅଧିନିୟମ (RPWD Act) 2016 ଅନୁଯାୟୀ ସ୍ୱଳ୍ପ ଅକ୍ଷମତା ଥିବା ପିଲାଙ୍କ ପାଇଁ ନିୟମିତ କିମ୍ବା ସ୍ୱତନ୍ତ୍ର ବିଦ୍ୟାଳୟରେ ପଢ଼ିବା ପାଇଁ ବିକଳ୍ପ ଖୋଲା ରହିବ । ସ୍ୱତନ୍ତ୍ର ପ୍ରଶିକ୍ଷକଙ୍କ ସଂଯୋଗରେ ପ୍ରତିଷ୍ଠିତ ସାଧନ କେନ୍ଦ୍ରଗୁଡ଼ିକ ଗୁରୁତର କିମ୍ବା ଏକାଧିକ ଭିନ୍ନକ୍ଷମ ଶିକ୍ଷାର୍ଥୀମାନଙ୍କର ପୁନର୍ବାସ ଏବଂ ଶିକ୍ଷାଗତ ଆବଶ୍ୟକତାକୁ ସମର୍ଥନ କରିବେ ଏବଂ ସେମାନଙ୍କର ଆବଶ୍ୟକ ଅନୁଯାୟୀ ଉଚ୍ଚମାନର ଘରେ ଉପଲବ୍ଧ ବିଦ୍ୟାଳୟ ଶିକ୍ଷା ଏବଂ ଦକ୍ଷତା ହାସଲ କରିବାରେ ପିତାମାତା/ଅଭିଭାବକମାନଙ୍କୁ ସହାଯ୍ୟ କରିବେ । ଗୁରୁତର ଭିନ୍ନକ୍ଷମ ପିଲା ଓ ବିଦ୍ୟାଳୟରେ ପହଞ୍ଚିବାକୁ ଅସମର୍ଥ ପିଲାମାନଙ୍କ ପାଇଁ ବିକଳ୍ପ ଭାବେ ଗୃହରେ ଉପଲବ୍ଧ ଶିକ୍ଷା (home-based education) ଉପଲବ୍ଧ ହେବ । ଗୃହରେ ଉପଲବ୍ଧ ଶିକ୍ଷା ପିଲାମାନଙ୍କୁ ସାଧାରଣ ବ୍ୟବସ୍ଥାର ଅନ୍ୟ ପିଲାଙ୍କ ପରି

ସମାନ ଭାବରେ ବିବେଚନା କରାଯିବ । ସୁଯୋଗ ଏବଂ ସମତାର ନୀତିକୁ ଆଧାର କରି ଉପଲବ୍ଧ ଶିକ୍ଷାର ଦକ୍ଷତା ଏବଂ କାର୍ଯ୍ୟକାରିତା ଯାଞ୍ଚ ହେବ । ଅକ୍ଷମତା ଅଧିକାର ଅଧିନିୟମ (RPWD Act 2016)ର ଆଧାରରେ ଗୃହରେ ଉପଲବ୍ଧ ଶିକ୍ଷା ପାଇଁ ନିର୍ଦ୍ଦେଶାବଳୀ ଏବଂ ମାନକ ପ୍ରସ୍ତୁତି କରାଯିବ । ଯେହେତୁ ସମସ୍ତ ଭିନ୍ନକ୍ଷମ ପିଲାଙ୍କ ଶିକ୍ଷା ରାଜ୍ୟର ଦାୟିତ୍ୱ ତେଣୁ ଏହି ପିଲାମାନଙ୍କର ଶିକ୍ଷଣ ଆବଶ୍ୟକତାକୁ ସକ୍ରିୟ ଭାବରେ ସମର୍ଥନ କରିବା ଉଦ୍ଦେଶ୍ୟରେ ପିତାମାତା / ଯତ୍ନପ୍ରଦାନକାରୀଙ୍କୁ ସକ୍ରିୟ ସମର୍ଥନ ଦିଆଯିବ, ଯେପରି ସେମାନେ ପ୍ରଯୁକ୍ତି ବିଦ୍ୟା ବ୍ୟବହାର କରି ଶିକ୍ଷଣ ସାମଗ୍ରୀର ବ୍ୟାପକ ପ୍ରସାର କରିବେ ଓ ପିଲାମାନଙ୍କ ସହ ଭାବର ଆଦାନ ପ୍ରଦାନ କରିବେ ।

6.13 ଅଧିକାଂଶ ଶ୍ରେଣୀକକ୍ଷରେ ଏପରି କିଛି ପିଲା ଅଛନ୍ତି ଯେଉଁମାନଙ୍କର କିଛି ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତା ଅଛି, ସେହି ପିଲାମାନେ ନିରନ୍ତର ସହାୟତା ଆବଶ୍ୟକ କରନ୍ତି । ଗବେଷଣାରୁ ସ୍ପଷ୍ଟ ଯେ, ଏହି ପରିସ୍ଥିତିରେ ସହାୟତା ଯେତେ ଶୀଘ୍ର ଆରମ୍ଭ ହୁଏ, ଅଗ୍ରଗତିର ସମ୍ଭାବନା ସେତେ ଅଧିକ । ଏହିପରି ଶିକ୍ଷଣ ଅକ୍ଷମତାକୁ ଶୀଘ୍ର ଚିହ୍ନଟ କରିବା ଏବଂ ତାହାର ନିରାକରଣ ପାଇଁ ନିର୍ଦ୍ଦିଷ୍ଟ ଯୋଜନା କରିବାକୁ ଶିକ୍ଷକମାନଙ୍କୁ ସାହାଯ୍ୟ କରାଯିବା ଆବଶ୍ୟକ । ନିର୍ଦ୍ଦିଷ୍ଟ କାର୍ଯ୍ୟରେ ପ୍ରତ୍ୟେକ ଶିଶୁର ସାମର୍ଥ୍ୟ ବୃଦ୍ଧି ପାଇଁ ନମନୀୟ ପାଠ୍ୟକ୍ରମ ସହିତ ଉପଯୁକ୍ତ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର କରିବା ଯାହା ପିଲାମାନଙ୍କୁ ନିଜ ଗଚ୍ଛରେ କାର୍ଯ୍ୟ କରିବାକୁ ସ୍ୱାଧୀନତା ଦେବ ଏବଂ ଉପଯୁକ୍ତ ମୂଲ୍ୟାୟନ ଓ ପ୍ରମାଣପତ୍ର ପାଇବା ପାଇଁ ଏକ ପରିବେଶ ସୃଷ୍ଟି କରିବ । ପ୍ରସ୍ତାବିତ ନୂତନ ଜାତୀୟ ମାନ ନିର୍ଦ୍ଧାରଣ କେନ୍ଦ୍ର, PARAKH, ସମେତ ମୂଲ୍ୟାୟନ ଓ ପ୍ରମାଣପତ୍ର ପ୍ରଦାନ କରୁଥିବା ସଂସ୍ଥାଗୁଡ଼ିକ ଶିକ୍ଷା କ୍ଷେତ୍ରରେ ପ୍ରାରମ୍ଭ / ମୌଳିକ ପର୍ଯ୍ୟାୟଠାରୁ ଉଚ୍ଚ ଶିକ୍ଷା ପର୍ଯ୍ୟନ୍ତ (ପ୍ରବେଶିକା ପରୀକ୍ଷା ପାଇଁ ମଧ୍ୟ) ଏହିପରି ମୂଲ୍ୟାୟନ କରିବା ପାଇଁ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିବେ ଏବଂ ଉପଯୁକ୍ତ ସାଧନୀ ସୁପାରିଶ କରିବେ, ଯଦ୍ୱାରା ଶିକ୍ଷଣ ଅକ୍ଷମତା ଥିବା ସମସ୍ତ ଶିକ୍ଷାର୍ଥୀମାନଙ୍କ ପାଇଁ ସମାନ ସୁବିଧା ଏବଂ ସୁଯୋଗ ସୁନିଶ୍ଚିତ ହୋଇପାରିବ ।

6.14 ସ୍ୱତନ୍ତ୍ର ଅକ୍ଷମତା ଥିବା ପିଲାମାନଙ୍କୁ (ଶିକ୍ଷଣ ଅକ୍ଷମତାକୁ ଅନ୍ତର୍ଭୁକ୍ତ କରି) ଲିଙ୍ଗଗତ ସମ୍ବେଦନଶୀଳତା ଏବଂ ସ୍ଥିତିରେ ପରିବର୍ତ୍ତନ ଆଣିବା ଉଦ୍ଦେଶ୍ୟରେ ସମସ୍ତ ଅବହେଳିତ ଗୋଷ୍ଠୀ ପ୍ରତି ସମ୍ବେଦନଶୀଳତାର ସହିତ କିପରି ଶିକ୍ଷା ଦିଆଯିବ ସେ ସମ୍ବନ୍ଧରେ ସଚେତନତା ଏବଂ ଜ୍ଞାନ ସମସ୍ତ ପ୍ରକାରର ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମର ଏକ ଅଭିନ୍ନ ଅଙ୍ଗ ହେବ ।

6.15 ବିଦ୍ୟାଳୟଗୁଡ଼ିକର ବିକଳ୍ପ ରୂପଗୁଡ଼ିକୁ ସେମାନଙ୍କର ପରମ୍ପରା କିମ୍ବା ବିକଳ୍ପ ଶୈକ୍ଷିକ ଶୈଳୀକୁ ସଂରକ୍ଷଣ କରିବା ପାଇଁ ଉତ୍ସାହିତ କରାଯିବ । ଏହା ସହିତ, ଉଚ୍ଚ ଶିକ୍ଷାରେ ଏହି ବିଦ୍ୟାଳୟଗୁଡ଼ିକର ପିଲାମାନଙ୍କର କମ୍ ପ୍ରତିନିଧିତ୍ୱକୁ ହ୍ରାସକରିବା ପାଇଁ ଏବଂ ଶେଷରେ ଏହାକୁ ଦୂର କରିବା ପାଇଁ ସେମାନଙ୍କ ପାଠ୍ୟକ୍ରମରେ ନିର୍ଦ୍ଦିଷ୍ଟ ବିଷୟ ଏବଂ NCFSE ଦ୍ୱାରା ନିର୍ଦ୍ଦେଶିତ ଶିକ୍ଷଣ କ୍ଷେତ୍ରଗୁଡ଼ିକୁ ସମନ୍ୱିତ କରିବା ପାଇଁ ସେମାନଙ୍କୁ ସହାୟତା କରାଯିବ । ବିଶେଷ ଭାବରେ ବିଜ୍ଞାନ, ଗଣିତ, ସାମାଜିକ ପାଠ, ହିନ୍ଦୀ, ଇଂରାଜୀ, ରାଜ୍ୟ ଭାଷା କିମ୍ବା ବିଦ୍ୟାଳୟଗୁଡ଼ିକର ଆବଶ୍ୟକତା ଅନୁଯାୟୀ ଅନ୍ୟାନ୍ୟ ପ୍ରାସଙ୍ଗିକ ବିଷୟଗୁଡ଼ିକୁ ପାଠ୍ୟକ୍ରମରେ ସ୍ଥାନିତ କରାଇବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯିବ । ଏହାଦ୍ୱାରା ଏହି ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ପିଲାମାନେ ପିଲାମାନଙ୍କୁ ଶ୍ରେଣୀ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପାଇଁ ବ୍ୟାଖ୍ୟା କରାଯାଇଥିବା ଶିକ୍ଷଣ ଫଳାଫଳ ହାସଲ କରିବାରେ ସକ୍ଷମ କରିବ । ଅଧିକନ୍ତୁ, ଏହିପରି ବିଦ୍ୟାଳୟଗୁଡ଼ିକର ଶିକ୍ଷାର୍ଥୀମାନେ ରାଜ୍ୟ କିମ୍ବା ଅନ୍ୟାନ୍ୟ ବୋର୍ଡ଼ ପରୀକ୍ଷା ଏବଂ NTA ଦ୍ୱାରା ହେଉଥିବା ପରୀକ୍ଷା ଓ ମୁଲ୍ୟାୟନ ପ୍ରକ୍ରିୟାରେ ଉପସ୍ଥିତ ହେବାକୁ ଓ ଏହାଦ୍ୱାରା ଉଚ୍ଚ ଶିକ୍ଷା ଅନୁଷ୍ଠାନରେ ନାମ ଲେଖାଇବାକୁ ଉତ୍ସାହିତ ହେବ । ନୂତନ ଶିକ୍ଷାଗତ ଅଭ୍ୟାସର ଆଭିମୁଖ୍ୟ ସହିତ ଶିକ୍ଷକମାନଙ୍କର ବିଜ୍ଞାନ, ଗଣିତ, ଭାଷା ଏବଂ ସାମାଜିକ ପାଠର ଶିକ୍ଷଣ ଶିକ୍ଷତାର ବିକାଶ କରାଯିବ । ପାଠାଗାର ଓ ପରୀକ୍ଷାଗାରଗୁଡ଼ିକ ସୁଦୃଢ଼ ହେବ ଏବଂ ପର୍ଯ୍ୟାପ୍ତ ପୁସ୍ତକ, ପତ୍ରିକା ପଠନ ସାମଗ୍ରୀ ଏବଂ ଅନ୍ୟାନ୍ୟ ଶିକ୍ଷାଦାନ ସାମଗ୍ରୀ ଉପଲବ୍ଧ କରାଯିବ ।

6.16 ସାମାଜିକ-ଅର୍ଥନୈତିକ ଅନଗ୍ରସର ଗୋଷ୍ଠୀ (SEDGs) ମଧ୍ୟରେ ଏବଂ ଉପରୋକ୍ତ ସମସ୍ତ ନୀତି ସନ୍ଦର୍ଭରେ ଦିଆଯାଇଥିବା ବିନ୍ଦୁଗୁଡ଼ିକ ପରିପ୍ରେକ୍ଷୀରେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିର ଶିକ୍ଷାଗତ ବିକାଶରେ ଥିବା ପାର୍ଥକ୍ୟକୁ ହ୍ରାସ କରିବାକୁ ବିଶେଷ ଧ୍ୟାନ ଦିଆଯିବ । ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଅଂଶଗ୍ରହଣ ବୃଦ୍ଧି ପାଇଁ ପ୍ରୟାସର ଏକ ବିଶେଷ ଅଂଶ ଭାବରେ, ସମସ୍ତ ସାମାଜିକ-ଅର୍ଥନୈତିକ ଅନଗ୍ରସର ଗୋଷ୍ଠୀଗୁଡ଼ିକର ବିଶେଷ ଭାବରେ ମାଧ୍ୟମିକ ପର୍ଯ୍ୟାୟରେ ପ୍ରତିଭାବାନ ତଥା ମେଧାବୀ ଶିକ୍ଷାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ଛାତ୍ରାବାସ, ସଂଯୋଗୀ ପାଠ୍ୟକ୍ରମ, ଏବଂ ଶୁଳ୍କ ଛାଡ଼ ଓ ଛାତ୍ରବୃତ୍ତି ମାଧ୍ୟମରେ ଆର୍ଥିକ ସହାୟତା ପ୍ରଦାନ କରାଯାଇ ଉଚ୍ଚ ଶିକ୍ଷାରେ ସେମାନଙ୍କର ପ୍ରବେଶକୁ ସୁଗମ କରାଯିବ ।

6.17 ପ୍ରତିରକ୍ଷା ମନ୍ତ୍ରାଳୟର ଅଧିନରେ ରାଜ୍ୟ ସରକାର ଆଦିବାସୀ ପ୍ରାଧାନ୍ୟ ଅଞ୍ଚଳ ସହିତ ସମସ୍ତ ସ୍ଥାନରେ ଅବସ୍ଥିତ ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏନସିସି (NCC) ଶାଖା ଖୋଲିବାକୁ ଉତ୍ସାହିତ କରିପାରନ୍ତି । ଏହା ଶିକ୍ଷାର୍ଥୀମାନଙ୍କୁ ପ୍ରତିରକ୍ଷା ବାହିନୀରେ ଏକ ସଫଳ କ୍ୟାରିଅର ଗଢ଼ିବାରେ ସାହାଯ୍ୟ କରିବ ।

6.18 ସମସ୍ତ ଶିକ୍ଷାର୍ଥୀଙ୍କ ସଚେତନତା ପାଇଁ ଏବଂ ଯୋଗ୍ୟତା ଅନୁଯାୟୀ ଏହିପରି 'ଏକକ ଗବାକ୍ଷ ବ୍ୟବସ୍ଥା' (Single Window System) ସରଳୀକୃତ ଢଙ୍ଗରେ ଆବେଦନ କରିବାକୁ ନିଶ୍ଚିତ କରିବା ପାଇଁ ସାମାଜିକ-ଅର୍ଥନୈତିକ ଅନଗ୍ରସର ଗୋଷ୍ଠୀର ଶିକ୍ଷାର୍ଥୀମାନଙ୍କ ପାଇଁ ଉପଲବ୍ଧ ସମସ୍ତ ଛାତ୍ରବୃତ୍ତି ଏବଂ ଅନ୍ୟାନ୍ୟ ସୁଯୋଗ ଏବଂ ଯୋଜନାଗୁଡ଼ିକ ଯେ କୌଣସି ଗୋଟିଏ ସଂସ୍ଥା ଏବଂ ୱେବସାଇଟ୍ ଦ୍ୱାରା ସମନ୍ୱିତ ଏବଂ ଘୋଷଣା କରାଯିବ ।

6.19 ଉପରୋକ୍ତ ସମସ୍ତ ନୀତି ଏବଂ ପଦକ୍ଷେପଗୁଡ଼ିକ ସମସ୍ତ ସାମାଜିକ-ଅର୍ଥନୈତିକ ଅନଗ୍ରସର ଗୋଷ୍ଠୀ (SEDGs)ର ପୂର୍ଣ୍ଣ ଅନ୍ତର୍ଭୁକ୍ତି ଏବଂ ସମତା ହାସଲ କରିବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ - କିନ୍ତୁ ସେଗୁଡ଼ିକ ଯଥେଷ୍ଟ ନୁହନ୍ତି । ବିଦ୍ୟାଳୟ ସଂସ୍କୃତିର ପରିବର୍ତ୍ତନର ମଧ୍ୟ ଆବଶ୍ୟକତା ରହିଛି । ଶିକ୍ଷକ, ପ୍ରଧାନଶିକ୍ଷକ, ପ୍ରଶାସକ, ପରାମର୍ଶଦାତା, ଏବଂ ଶିକ୍ଷାର୍ଥୀଙ୍କ ସମସ୍ତ ଶିକ୍ଷାର୍ଥୀମାନଙ୍କର ଆବଶ୍ୟକତା, ସମେତ ବିଦ୍ୟାୟ ଶିକ୍ଷା ବ୍ୟବସ୍ଥାର ସମସ୍ତ ଅଂଶଗ୍ରହଣକାରୀମାନେ ଅନ୍ତର୍ଭୁକ୍ତିକରଣ ଏବଂ ସମାନତାର ଧାରଣା, ଏବଂ ସମସ୍ତ ବ୍ୟକ୍ତିବିଶେଷଙ୍କ ମାନ ସମ୍ମାନ ଏବଂ ଗୋପନୀୟତା ପ୍ରତି ସମ୍ବେଦନଶୀଳ ହେବେ । ଏପରି ଏକ ଶିକ୍ଷାଗତ ସଂସ୍କୃତି ଶିକ୍ଷାର୍ଥୀମାନଙ୍କୁ ସଶକ୍ତ ବ୍ୟକ୍ତି ହେବାରେ ସାହାଯ୍ୟ କରିବା ପାଇଁ ସର୍ବୋତ୍ତମ ମାର୍ଗ ପ୍ରଦାନ କରିବ, ଯାହା ପରବର୍ତ୍ତୀ ସମୟରେ ସମାଜକୁ ଏହାର ଅସୁରକ୍ଷିତ ନାଗରିକଙ୍କ ପାଇଁ ଦାୟୀ କାରଣଗୁଡ଼ିକର ରୂପାନ୍ତରଣ କରିବାକୁ ସକ୍ଷମ କରିବ । ଅନ୍ତର୍ଭୁକ୍ତିକରଣ ଏବଂ ସମତା ଶିକ୍ଷକ ଶିକ୍ଷାର ଏକ ପ୍ରମୁଖ ଦିଗ ହେବ (ଏବଂ ବିଦ୍ୟାଳୟରେ ସମସ୍ତ ନେତୃତ୍ୱ ପ୍ରଶାସନିକ ଏବଂ ଅନ୍ୟାନ୍ୟ ପଦବୀ ପାଇଁ ପ୍ରଶିକ୍ଷଣ); ସମସ୍ତ ଶିକ୍ଷାର୍ଥୀମାନଙ୍କ ପାଇଁ ଉତ୍କୃଷ୍ଟ ଆଦର୍ଶ ଆଣିବା ଉଦ୍ଦେଶ୍ୟରେ ସାମାଜିକ-ଅର୍ଥନୈତିକ ଅନଗ୍ରସର ଗୋଷ୍ଠୀ (SEDGs)ରୁ ଅଧିକ ଉଚ୍ଚ-ଗୁଣାତ୍ମକ ଶିକ୍ଷକ ଏବଂ ପ୍ରଧାନଶିକ୍ଷକଙ୍କୁ ନିଯୁକ୍ତି ଦେବା ପାଇଁ ପ୍ରୟାସ କରାଯିବ ।

6.20 ଶିକ୍ଷକ, ତାଲିମପ୍ରାପ୍ତ ସାମାଜିକ କର୍ମୀ ଏବଂ ପରାମର୍ଶଦାତାଙ୍କ ଦ୍ୱାରା ସ୍ଥାପିତ ହୋଇଥିବା ତଥା ଏକ ଅନ୍ତର୍ନିବେଶି ବିଦ୍ୟାଳୟ ପାଠ୍ୟକ୍ରମ ପାଇଁ ଅନୁରୂପ ପରିବର୍ତ୍ତନ ମାଧ୍ୟମରେ ଶିକ୍ଷାର୍ଥୀମାନେ ଏହି ନୂତନ ବିଦ୍ୟାଳୟ ସଂସ୍କୃତି ପ୍ରତି ସମ୍ବେଦନଶୀଳ ହେବେ । ବିଦ୍ୟାଳୟ ପାଠ୍ୟକ୍ରମରେ ମାନବ ମୂଲ୍ୟବୋଧ ଆଧାରିକ ସାମଗ୍ରୀ, ଯେପରିକି-ସମସ୍ତ ବ୍ୟକ୍ତିଙ୍କ ପ୍ରତି ସମ୍ମାନ, ସମାନୁଭୂତି, ସହନଶୀଳତା, ମାନବିକ ଅଧିକାର, ଲିଙ୍ଗଗତ ସମାନତା, ଅହିଂସା, ବିଶ୍ୱନାଗରିକତା, ଅନ୍ତର୍ନିବେଶୀ ଏବଂ ସମତା ଅନ୍ତର୍ଭୁକ୍ତ ହେବ । ବିବିଧତା ପ୍ରତି ସମ୍ମାନକୁ ସମ୍ବେଦନଶୀଳ କରିବା ଏବଂ ବିକଶିତ କରିବା ପାଇଁ ଏଥିରେ ବିଭିନ୍ନ ସଂସ୍କୃତି, ଧର୍ମ, ଭାଷା, ଲିଙ୍ଗ ପରିଚୟ ଇତ୍ୟାଦି ବିଷୟରେ ଅଧିକ ବିସ୍ତୃତ ଜ୍ଞାନ ଅନ୍ତର୍ଭୁକ୍ତ ହେବ । ବିଦ୍ୟାଳୟ ପାଠ୍ୟକ୍ରମରେ ଯେ କୌଣସି ପକ୍ଷପାତ ଏବଂ ପ୍ରତିବିଧକୁ ବାଦ ଦିଆଯିବ ଏବଂ ସମସ୍ତ ସମ୍ପ୍ରଦାୟ ପାଇଁ ପ୍ରାସଙ୍ଗିକ ଓ ସଂପର୍କିତ ଅଧିକ ସାମଗ୍ରୀ ଅନ୍ତର୍ଭୁକ୍ତ ହେବ ।

## 7. ବିଦ୍ୟାଳୟ ସଙ୍ଗମ / ଆଞ୍ଚଳିକ କେନ୍ଦ୍ର ମାଧ୍ୟମରେ କୁଶଳୀ ସମ୍ବଳ ଓ ପ୍ରଭାବୀ ଶାସନ

7.1 ବର୍ତ୍ତମାନ ସମଗ୍ର ଶିକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ସର୍ବଶିକ୍ଷା ଅଭିଯାନ (SSA) ଓ ଅନେକ ରାଜ୍ୟମାନଙ୍କର ନିଜସ୍ୱ ପ୍ରଚେଷ୍ଟା ଫଳରେ ପ୍ରତ୍ୟେକ ଅଞ୍ଚଳରେ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ହୋଇପାରିଛି, ଯାହା ପ୍ରାଥମିକ ବିଦ୍ୟାଳୟରେ ପ୍ରାୟତଃ ସାର୍ବଜନୀନ ପ୍ରବେଶକୁ ସୁନିଶ୍ଚିତ କରିବାରେ ସାହାଯ୍ୟ କରିଅଛି, ଏହା ମଧ୍ୟ ବହୁତ ଅତି କ୍ଷୁଦ୍ର ବିଦ୍ୟାଳୟ ସୃଷ୍ଟି କରିଅଛି । ୟୁ- ଡ଼ାଇସ୍ (U-DISE) 2016-17ର ତଥ୍ୟ ଅନୁସାରେ ଭାରତରେ ପ୍ରାୟତଃ 28% ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ 14.8% ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ 30ରୁ କମ୍ ଶିକ୍ଷାର୍ଥୀ ଅଛନ୍ତି । ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ବିଶିଷ୍ଟ ପ୍ରାରମ୍ଭିକ ବିଦ୍ୟାଳୟରେ ପ୍ରତ୍ୟେକ ଶ୍ରେଣୀରେ ହାରାହାରି 14 ଜଣ ଶିକ୍ଷାର୍ଥୀ ପଢୁଥିବା ବେଳେ, ଅନେକ ବିଦ୍ୟାଳୟରେ ଶିକ୍ଷାର୍ଥୀଙ୍କ ସଂଖ୍ୟା 6 ରୁ କମ୍ ଥିଲା । ବର୍ଷ 2016-17 ରେ 1,08,017 ଟି ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷକ ରହିଥିବାବେଳେ ତନ୍ମଧ୍ୟରୁ ଅଧିକାଂଶ (85743 ଟି)ପ୍ରଥମରୁ ପଞ୍ଚମ ଶ୍ରେଣୀ ବିଶିଷ୍ଟ ପ୍ରାଥମିକ ବିଦ୍ୟାଳୟ ଥିଲା ।

7.2 ଶିକ୍ଷକମାନଙ୍କୁ ଏକ ସମୟରେ ବହୁ ଶ୍ରେଣୀ ଓ ବହୁ ବିଷୟ ପଢାଇବାକୁ ପଡିଥାଏ; ସେଥିମଧ୍ୟରୁ କିଛି ବିଷୟରେ ଶିକ୍ଷକଙ୍କର କୌଣସି ପୂର୍ବ ପୃଷ୍ଠଭୂମି ନଥାଏ । ଏହି କମ୍ ସଂଖ୍ୟକ ଶିକ୍ଷାର୍ଥୀ ବିଶିଷ୍ଟ କ୍ଷୁଦ୍ର ବିଦ୍ୟାଳୟ ଯୋଗୁଁ ଶିକ୍ଷକଙ୍କ ନିୟୋଜନ ସହିତ ମହତ୍ତ୍ୱପୂର୍ଣ୍ଣ

ଭୌତିକ ସମ୍ବଳର ଉପଲବ୍ଧତା ପରିପ୍ରେକ୍ଷୀରେ ଉନ୍ନତ (ଭଲ) ବିଦ୍ୟାଳୟଗୁଡ଼ିକର ପରିଚାଳନା ନିମନ୍ତେ ଆର୍ଥିକ ଦିଗରୁ ଉତ୍କୃଷ୍ଟ ଓ ପରିଚାଳନା ଦିଗରୁ ଜଟିଳ ସମସ୍ୟା ସୃଷ୍ଟି କରିଥାଏ। ଏପରିକି ସଙ୍ଗୀତ, କଳା, କ୍ରୀଡା ପରି ପ୍ରମୁଖ ବିଷୟ ପ୍ରାୟତଃ ଶିଖାଯାଏନାହିଁ ଏବଂ ଭୌତିକ ସମ୍ବଳ, ଯେପରିକି– ପରୀକ୍ଷାଗାର ଓ କ୍ରୀଡା ଉପକରଣ ଏବଂ ପାଠାଗାର ବହି ଏହି ବିଦ୍ୟାଳୟଗୁଡ଼ିକରେ ଉପଲବ୍ଧ ହୋଇ ନଥାଏ।

7.3 ଛାତ୍ରସଂଖ୍ୟା କମ୍ ଥିବା ବିଦ୍ୟାଳୟଗୁଡ଼ିକର ନିଃସଙ୍ଗୀକରଣ ଶିକ୍ଷା ଓ ଶିକ୍ଷାଦାନ– ଶିକ୍ଷଣ ପ୍ରକ୍ରିୟା ଉପରେ ପ୍ରକ୍ରିୟା ଉପରେ ନକରାତ୍ମକ ପ୍ରଭାବ ପକାଇଥାଏ। ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀ, ଦଳରେ ବା ଗୋଷ୍ଠୀରେ ନିଜର କାର୍ଯ୍ୟକୁ ସର୍ବୋତ୍ତମ ଭାବେ କରିଥାନ୍ତି। କ୍ଷୁଦ୍ର ବିଦ୍ୟାଳୟଗୁଡ଼ିକ ମଧ୍ୟ ଶାସନ ଏବଂ ପରିଚାଳନା ପାଇଁ ସମସ୍ୟା ସୃଷ୍ଟି କରିଥାଆନ୍ତି। ଭୌଗୋଳିକ ଅବସ୍ଥିତି, ଶିକ୍ଷାସୁଯୋଗରେ ଅସୁବିଧା ଏବଂ ବହୁ ସଂଖ୍ୟକ ବିଦ୍ୟାଳୟ ଥିବାରୁ ସମସ୍ତ ବିଦ୍ୟାଳୟକୁ ସମାନ ଭାବରେ ପହଞ୍ଚିବା କଷ୍ଟକର ହୋଇଥାଏ। ବିଦ୍ୟାଳୟ ସଂଖ୍ୟା ବୃଦ୍ଧି କିମ୍ବା ସମଗ୍ର ଶିକ୍ଷା ଯୋଜନାର ଏକୀକୃତ ଢାଞ୍ଚା ସହିତ ପ୍ରଶାସନିକ ସଂରଚନା ସମତୁଲ ହୋଇନାହିଁ।

7.4 ଯଦିଓ ବିଦ୍ୟାଳୟଗୁଡ଼ିକର ଏକୀକରଣ ହେଉଛି ଏକ ବିକଳ୍ପ ପ୍ରାୟତଃ ଆଲୋଚନା କରାଯାଇଥାଏ, ମାତ୍ର ଏହାକୁ ଅତି ନ୍ୟାୟପୂର୍ଣ୍ଣ ସହିତ ଚିନ୍ତା କରାଯିବା ଉଚିତ୍ , ଯେପରି ଏହି ଶିକ୍ଷା ସୁଯୋଗ ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ଏହିପରି ପଦକ୍ଷେପଗୁଡ଼ିକ କେବଳ ସୀମିତ ସଂଖ୍ୟକ ବିଦ୍ୟାଳୟର ଏକୀକରଣରେ ପରିଣତ ହେବାର ସମ୍ଭାବନା ଅଛି ଏବଂ ବହୁସଂଖ୍ୟାରେ ଥିବା କ୍ଷୁଦ୍ର ବିଦ୍ୟାଳୟଗୁଡ଼ିକର ଢାଞ୍ଚାଗତ ସମସ୍ୟା ଓ ଆହ୍ୱାନର ସମାଧାନ କରିପାରିବ ନାହିଁ।

7.5 ଏହି ଆହ୍ୱାନଗୁଡ଼ିକର ସମାଧାନ ପାଇଁ ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କ ଦ୍ୱାରା 2025 ସୁଦ୍ଧା ବିଦ୍ୟାଳୟଗୁଡ଼ିକୁ ଗୋଷ୍ଠୀଭୁକ୍ତ କରିବା ବା ସେମାନଙ୍କ ସଂଖ୍ୟାକୁ ଯୁକ୍ତିଯୁକ୍ତ କରିବା ପାଇଁ ଅଭିନବ ପ୍ରଣାଳୀ ଗ୍ରହଣ କରାଯିବ। ଏହି ପ୍ରକାର ପଦକ୍ଷେପ ପଛର ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ବିଦ୍ୟଳୟରେ ଏହା ସୁନିଶ୍ଚିତ କରିବ ଯେ, (କ) କଳା, ସଙ୍ଗୀତ, ବିଜ୍ଞାନ, କ୍ରୀଡା, ଭାଷା, ଧନ୍ଦାମୂଳକ ବିଷୟ ଇତ୍ୟାଦି ସହିତ ସମସ୍ତ ବିଷୟ ଶିକ୍ଷା ପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ପରାମର୍ଶଦାତା/ ତାଲିମପ୍ରାପ୍ତ ସାମାଜିକ କର୍ମୀ ଏବଂ ଶିକ୍ଷକ (ଅଂଶୀଦାର ଅନ୍ୟଥା) ଅଛନ୍ତି (ଖ) ପର୍ଯ୍ୟାପ୍ତ ସମ୍ବଳ (ଭାଗୀଦାରୀ କିମ୍ବା ଅନ୍ୟଥା) ରହିବ, ଯେପରିକି – ପୁସ୍ତକାଳୟ, ବିଜ୍ଞାନଗାର, କମ୍ପ୍ୟୁଟର ଲ୍ୟାବ, ଖେଳ ପଡିଆ, ଖେଳ ଉପକରଣ ଇତ୍ୟାଦିର (ଗ) ଶିକ୍ଷକ, ଶିକ୍ଷାର୍ଥୀ ଓ ବିଦ୍ୟାଳୟ ମଧ୍ୟରେ ଥିବା ନିଃସଙ୍ଗୀକରଣକୁ ଦୂର କରିବା ପାଇଁ ଗୋଷ୍ଠି ଭାବନା ଜାଗ୍ରତ କରି ଉତ୍ତମ ବୁଝାବଣା ଦ୍ୱାରା ବୃତ୍ତିଗତ ବିକାଶ କାର୍ଯ୍ୟକ୍ରମ, ଶିକ୍ଷଣ–ଶିକ୍ଷାଦାନ ବିଷୟବସ୍ତୁର ଭାଗୀଦାରିତା, ମିଳିତ ଭାବରେ ବିଷୟକଭିତ୍ତିକ ସାମଗ୍ରୀର ପ୍ରସ୍ତୁତି, କଳା ଓ ବିଜ୍ଞାନର ପ୍ରଦର୍ଶନୀ ମେଳା,ପ୍ରଶ୍ନୋତ୍ତରୀ, ବିତର୍କ ଭଳି ବିଭିନ୍ନ କାର୍ଯ୍ୟକଳାପର ଆୟୋଜନ କରାଯିବ, (ଘ) ଦିବ୍ୟାଙ୍ଗ ପିଲାମାନଙ୍କ ଶିକ୍ଷା ପାଇଁ ବିଦ୍ୟାଳୟମାନଙ୍କ ମଧ୍ୟରେ ସହଯୋଗ ଓ ସର୍ମଥନ ରହିବ ଏବଂ (ଙ) ବିଦ୍ୟାଳୟ ବ୍ୟବସ୍ଥାର ଉନ୍ନତି ପାଇଁ କାର୍ଯ୍ୟ ଉନ୍ନୟନ ପ୍ରକ୍ରିୟାରେ ନିଷ୍ପତ୍ତିଗୁଡ଼ିକ ବିଦ୍ୟାଳୟର ଗୋଷ୍ଠୀ ସ୍ତରରେ ଛାଡି ଦିଆଯିବା ଉଚିତ୍, ଯେଉଁଠାରେ ପ୍ରଧାନ ଶିକ୍ଷକ, ଶିକ୍ଷକ ଏବଂ ଅନ୍ୟାନ୍ୟ ଅଂଶୀଦାର ମିଳିତ ଭାବେ ନିଷ୍ପତ୍ତି ନେବେ କାରଣ ସେମାନେ ମୁଖ୍ୟତଃ ସ୍ଥାନୀୟ ସ୍ତରରେ କାର୍ଯ୍ୟ କରିଥାଆନ୍ତି । ପ୍ରାରମ୍ଭ ସ୍ତରରୁ ଆରମ୍ଭ କରି ମାଧ୍ୟମିକ ସ୍ତର ପର୍ଯ୍ୟନ୍ତ ଗୋଷ୍ଠୀକୁ ଏକୀକୃତ ଅର୍ଦ୍ଧ– ସ୍ୱୟଂଶାସିତ ଏକକ ଭାବରେ ଦେଖାଯିବ।

7.6 ଉପରୋକ୍ତ କାର୍ଯ୍ୟଗୁଡ଼ିକ ପାଇଁ ଗୋଟିଏ ସମ୍ଭାବ୍ୟ ପ୍ରଣାଳୀ ହେଉଛି ବିଦ୍ୟାଳୟ ସଙ୍ଗମ ନାମକ ଏକ ଗୋଷ୍ଠୀଗତ ବ୍ୟବସ୍ଥାର ପ୍ରତିଷ୍ଠା କରିବା। ଗୋଟିଏ ବିଦ୍ୟାଳୟ ସଙ୍ଗମ, ଗୋଟିଏ ମାଧ୍ୟମିକ ବିଦ୍ୟାଳୟ ଏବଂ ଏହାର ପଡ଼ୋଶୀ ଅଞ୍ଚଳରେ 5 ରୁ 10 କିଲୋମିଟର ମଧ୍ୟରେ ଥିବା ବିଶେଷକରି ତଳ ଶ୍ରେଣୀ ଥିବା ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ରକୁ ନେଇ ଗଠିତ ହେବ । ଏହି ପରାମର୍ଶ ପ୍ରଥମେ ଶିକ୍ଷା ଆୟୋଗ (1964-66) ଦ୍ୱାରା କରାଯାଇଥିଲା କିନ୍ତୁ ଏହାକୁ କାର୍ଯ୍ୟକାରୀ ହୋଇନଥିଲା। ଏହି ଶିକ୍ଷାନୀତି ବିଦ୍ୟାଳୟ ସଙ୍ଗମ/ ଆଞ୍ଚଳିକ କେନ୍ଦ୍ର ଧାରଣାକୁ ପୂର୍ଣ୍ଣ ସମର୍ଥନ କରେ। ବିଦ୍ୟାଳୟ ସଙ୍ଗଠନ / ଆଞ୍ଚଳିକ କେନ୍ଦ୍ର କ୍ଲଷ୍ଟରର ଲକ୍ଷ୍ୟ ହେଉଛି ସମ୍ବଳର ଫଳପ୍ରଦ ପରିଚାଳନା ତଥା ଅଧିକ ପ୍ରଭାବଶାଳୀ କାର୍ଯ୍ୟ, ସମନ୍ୱୟ, ନେତୃତ୍ୱ, ପ୍ରଭାବୀ ଶାସନ ଏବଂ ବିଦ୍ୟାଳୟ ସଙ୍ଗମ ଅଧୀନସ୍ଥ ବିଦ୍ୟାଳୟଗୁଡ଼ିକରେ ସୁ–ପରିଚାଳନା କରିବା।

7.7 ବିଦ୍ୟାଳୟ ସଙ୍ଗମ/କ୍ଲଷ୍ଟରର ପ୍ରତିଷ୍ଠା ଫଳରେ ଅଧିନସ୍ଥ ବିଦ୍ୟାଳୟଗୁଡ଼ିକ ମଧ୍ୟରେ ସମ୍ବଳଗୁଡ଼ିକର ଆଦାନପ୍ରଦାନ ହୋଇପାରିବ, ଯଦ୍ୱାରା ଅନେକ ସୁଫଳ ମିଳିବ, ଯେପରି ଦିବ୍ୟାଙ୍ଗ ପିଲାମାନଙ୍କ ପାଇଁ ଉନ୍ନତମାନର ସହାୟତା, ଅଧିକ ପ୍ରସଙ୍ଗଭିତ୍ତିକ

କ୍ଲବ ଏବଂ ବିଦ୍ୟାଳୟମାନଙ୍କ ମଧ୍ୟରେ ପାଠ୍ୟ ଧନ୍ଦାମୂଳକ ବିଷୟ, ଶାରୀରିକ ଶିକ୍ଷା ଏବଂ ପାଠ୍ୟ ବିଷୟରେ ଶିକ୍ଷକମାନଙ୍କ ସହଯୋଗ ନିଆଯାଇପାରିବ, ସେଥିପାଇଁ ଶିକ୍ଷକମାନେ ବିଭିନ୍ନ ICT ସାଧନୀର ବ୍ୟବହାର କରି ଭରଚୁଆଲ ଶ୍ରେଣୀ ପରିଚାଳନା କରିପାରିବେ। ବିଦ୍ୟାଳୟ ସହିତ ସମ୍ପୃକ୍ତ ଥିବା ବ୍ୟକ୍ତି ଯେପରି; ସାମାଜିକ କର୍ମୀ ଓ ପରାମର୍ଶଦାତାଙ୍କ ସହଭାଗୀତା ଏବଂ ବିଦ୍ୟାଳୟ ସଙ୍ଗମ ପରିଚାଳନା କମିଟି (କେବଳ ବିଦ୍ୟାଳୟ ପରିଚାଳନା କମିଟି ନୁହେଁ) ସୁଦୃଢ ଶାସନନୀତି, ନିରୀକ୍ଷଣ, ତଦାରଖ, ଅଭିନବ ଉପାୟ ଏବଂ ସ୍ଥାନୀୟ ଅଂଶୀଦାରଙ୍କ ପଦକ୍ଷେପ ଛାତ୍ରଙ୍କ ପାଇଁ ଉତ୍କୃଷ୍ଟ ସମର୍ଥନ, ନାମଲେଖା, ଉପସ୍ଥାନ ଓ କାର୍ଯ୍ୟଦକ୍ଷତାର ଉପଲବ୍ଧତାକୁ ସୁଦୃଢ କରିହେବ। ବିଦ୍ୟାଳୟ ସଙ୍ଗମ ଅଞ୍ଚଳରେ ବିଦ୍ୟାଳୟର ମୁଖ୍ୟ, ଶିକ୍ଷକ, ଶିକ୍ଷାର୍ଥୀ, ସହାୟକ କର୍ମଚାରୀ, ଅଭିଭାବକ ଏବଂ ସ୍ଥାନୀୟ ଶିକ୍ଷାବିତମାନଙ୍କୁ ନେଇ ଏହପରି ଏକ ବୃହତ ଗୋଷ୍ଠୀ ଗଠନ କରିବା ବିଦ୍ୟାଳୟ ବ୍ୟବସ୍ଥାକୁ ସୁଦୃଢ ଏବଂ ସଶକ୍ତ କରିବ ଏବଂ ଏକ ଦକ୍ଷ ସମ୍ବଳର ଉତ୍ସ ସୃଷ୍ଟି ହୋଇପାରିବ ।

7.8 ବିଦ୍ୟାଳୟ ସଙ୍ଗମ/ ଆଞ୍ଚଳିକ କେନ୍ଦ୍ର ବ୍ୟବସ୍ଥା ଫଳରେ ବିଦ୍ୟାଳୟଗୁଡ଼ିକରେ ଶାସନନୀତି ଉନ୍ନତ ହେବ। ପ୍ରଥମେ, ବିଦ୍ୟାଳୟ ଶିକ୍ଷା ନିର୍ଦ୍ଦେଶାଳୟ (DSE) ବିଦ୍ୟାଳୟ ସଙ୍ଗମ / କ୍ଲଷ୍ଟରକୁ ପ୍ରାଧିକରଣ ପ୍ରଦାନ କରିବ, ଯାହା ଏକ ଅର୍ଦ୍ଧ- ସ୍ୱୟଂଶାସିତ ଏକକ ଭାବରେ କାର୍ଯ୍ୟ କରିବ। ଜିଲ୍ଲା ଶିକ୍ଷା ଅଧିକାରୀ (DEO) ଏବଂ ବ୍ଲକ ଶିକ୍ଷା ଅଧିକାରୀ (BEO) ପ୍ରତ୍ୟେକ ବିଦ୍ୟାଳୟ ସଙ୍ଗମ / କ୍ଲଷ୍ଟର ସହିତ ଏକକ ୟୁନିଟ୍ ଭାବରେ କାର୍ଯ୍ୟ କରିବେ ଏବଂ କାର୍ଯ୍ୟକୁ ସୁପରିଚାଳନା କରିବେ। ବିଦ୍ୟାଳୟ ଶିକ୍ଷା ନିର୍ଦ୍ଦେଶାଳୟ (DSE) ଦ୍ୱାରା ନିର୍ଦ୍ଧାରିତ କେତେକ କାର୍ଯ୍ୟକୁ ବିଦ୍ୟାଳୟ ସଙ୍ଗମ ସମ୍ପାଦନ କରିବେ ଏବଂ ଏହା ସହିତ ବିଦ୍ୟାଳୟ ସଙ୍ଗମ ମଧ୍ୟରେ ଥିବା ପ୍ରତ୍ୟେକ ବିଦ୍ୟାଳୟକୁ ସହାୟତା ଦେବ। ବିଦ୍ୟାଳୟ ଶିକ୍ଷା ନିର୍ଦ୍ଦେଶାଳୟ (DSE) ଦ୍ୱାରା ବିଦ୍ୟାଳୟ ସଙ୍ଗମ / କ୍ଲଷ୍ଟରକୁ ଯଥେଷ୍ଟ ସ୍ୱତନ୍ତ୍ରତା ପ୍ରଦାନ କରାଯିବ, ଯାହାଫଳରେ ସେମାନେ ଜାତୀୟ ପାଠ୍ୟକ୍ରମ ଆଧାର (NCF) ଏବଂ ରାଜ୍ୟ ପାଠ୍ୟକ୍ରମ ଆଧାର (SCF)କୁ ଅନୁକରଣ କରି ଅନ୍ତର୍ନିବେଶୀ ପ୍ରଦାନ କରିବା ଦିଗରେ ଅଭିନବ କାର୍ଯ୍ୟ କରିବେ। ଏହି ସଂଗଠନ ଅଧୀନରେ ବିଦ୍ୟାଳୟଗଡ଼ିକ ସଶକ୍ତ ହେବା ସହ ସ୍ୱାଧିନତା ଅନୁଭବ କରିବେ ଏବଂ ବିଦ୍ୟାଳୟ ସଙ୍ଗମକୁ ଅଧିକ ଅଭିନବ ଓ ଦାୟିତ୍ୱବାନ କରିବେ। DSE ସାମଗ୍ରିକ ସ୍ତରର କାର୍ଯ୍ୟକାରିତାକୁ ଉନ୍ନତ କରି ଲକ୍ଷ୍ୟ ହାସଲ ଉପରେ ଅଧିକ ଧ୍ୟାନ ଦେବାକୁ ସକ୍ଷମ ହେବ।

7.9 ଉଭୟ ଦୀର୍ଘକାଳୀନ ଏବଂ ସ୍ୱଳ୍ପମିଆଦି ଯୋଜନାକୁ ଆଧାର କରି କାର୍ଯ୍ୟ କରିବା ସଂସ୍କୃତିକୁ ପ୍ରୋତ୍ସାହନ ଦିଆଯିବ ଏବଂ ଏହି ଯୋଜନାଗୁଡ଼ିକ ବିଦ୍ୟାଳୟ ସଙ୍ଗମ / କ୍ଲଷ୍ଟର ଦ୍ୱାରା ପ୍ରସ୍ତୁତି କରାଯିବ। ବିଦ୍ୟାଳୟଗୁଡ଼ିକ SMC ସହାୟତାରେ ଯୋଜନା (SDP) ପ୍ରସ୍ତୁତ କରିବେ। ଏହି ଯୋଜନାଗୁଡ଼ିକ ଆଧାରରେ ବିଦ୍ୟାଳୟ ସଙ୍ଗମ/ କ୍ଲଷ୍ଟର ବିକାଶ ଯୋଜନା (SCDP) ପ୍ରସ୍ତୁତ କରାଯିବ। ବିଦ୍ୟାଳୟ ସଙ୍ଗମ ବିକାଶ ଯୋଜନା (SCDP) ରେ ଅନ୍ୟ ସମସ୍ତ ଅନୁଷ୍ଠାନର ଯୋଜନାକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯିବ, ଯେପରିକି- ଧନ୍ଦାମୂଳକ ଶିକ୍ଷା ଅନୁଷ୍ଠାନ ଏବଂ ବିଦ୍ୟାଳୟ ସଙ୍ଗମର ପ୍ରଧାନ ଶିକ୍ଷକ ଓ ଶିକ୍ଷକଙ୍କ ସହାୟତାରେ ଏହା ପ୍ରସ୍ତୁତ ହେବ ଏବଂ ଏହି ଯୋଜନା ସର୍ବସାଧାରଣରେ ଉପଲବ୍ଧ କରାଯିବ। ଏହି ଯୋଜନାଗୁଡ଼ିକରେ ମାନବ ସମ୍ବଳ, ଶିକ୍ଷଣ ସମ୍ବଳ, ଭୌତିକ ସମ୍ବଳ ଓ ବିଦ୍ୟାଳୟ ଭିତ୍ତିଭୂମି, ଉନ୍ନତିମୂଳକ କାର୍ଯ୍ୟ, ଆର୍ଥିକ ସମ୍ବଳ, ବିଦ୍ୟାଳୟର ସାଂସ୍କୃତିକ କାର୍ଯ୍ୟ ଶିକ୍ଷକ ବିକାଶ ଯୋଜନା ଏବଂ ଶିକ୍ଷଣ ଫଳାଫଳ ଆଦି ଅର୍ନ୍ତଭୁକ୍ତ ହେବ। ଏହା ବିଦ୍ୟାଳୟ ସଙ୍ଗମରେ ଶିକ୍ଷକ ଓ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହୀ ଶିକ୍ଷଣ ଗୋଷ୍ଠୀର ବିକାଶ ପାଇଁ ପ୍ରଚେଷ୍ଟାର ବିସ୍ତୃତ ବିବରଣୀ ଦେବେ । ବିଦ୍ୟାଳୟ ଶିକ୍ଷା ନିର୍ଦ୍ଦେଶାଳୟ (DSE) ସକ୍ଷମତା ବିଦ୍ୟାଳୟର ସମସ୍ତ ଅଂଶୀଦାରମାନଙ୍କ ମଧ୍ୟରେ ସହଯୋଗ ସ୍ଥାପନ କରିବାରେ ଦୀର୍ଘକାଳୀନ SDP ଓ SCDP ପ୍ରାଥମିକ କାର୍ଯ୍ୟପ୍ରଣାଳୀ ହେବ। SMC ଓ SCMC ବିଦ୍ୟାଳୟର କାର୍ଯ୍ୟକାରିତାର ତଦାରଖ ପାଇଁ SDP ଓ SCDP କୁ ବ୍ୟବହାର କରିବେ ଏବଂ ଯୋଜନାଗୁଡ଼ିକ କାର୍ଯ୍ୟକାରୀ ପାଇଁ ସହାୟତା ପ୍ରଦାନ କରିବେ। DSE ନିଜର ସମ୍ପୃକ୍ତ ଅଧିକାରୀ ଯଥା- BEOଙ୍କ ମାଧ୍ୟମରେ ପ୍ରତ୍ୟେକ ବିଦ୍ୟାଳୟ ସଙ୍ଗମର ସ୍ୱୀକୃତୀ / ଅନୁମୋଦନ ଦେବେ। ବିଦ୍ୟାଳୟ ସଙ୍ଗମ ଶୈକ୍ଷିକ ଫଳାଫଳକୁ ହାସଲ କରିବା ପାଇଁ ମଧ୍ୟ ଅନ୍ୟ ସମସ୍ତ ପ୍ରକାର ପ୍ରାସଙ୍ଗିକ ସହାୟତା ପ୍ରଦାନ କରିବ। ସମସ୍ତ ବିଦ୍ୟାଳୟର SDP ଓ SCDP ପ୍ରସ୍ତୁତି ପାଇଁ DSE ଓ SCERT ନିର୍ଦ୍ଦିଷ୍ଟ ମାନଦଣ୍ଡ (ଆର୍ଥିକ, କର୍ମଚାରୀ ସମ୍ବନ୍ଧୀୟ, ପ୍ରକ୍ରିୟାଭିତ୍ତିକ) ଓ ଏକ ଆଧାର ଉପଲବ୍ଧ କରାଇବେ, ଯେଉଁଗୁଡ଼ିକୁ ପର୍ଯ୍ୟାୟକ୍ରମେ ସଂଶୋଧିତ କରାଯାଇପାରେ।

7.10 ସରକାରୀ ଏବଂ ବେସରକାରୀ ବିଦ୍ୟାଳୟ ମଧ୍ୟରେ ସହଯୋଗ ଓ ସକରାତ୍ମକ ସମନ୍ୱୟକୁ ପ୍ରୋତ୍ସାହିତ କରିବା ପାଇଁ ସମଗ୍ର ଦେଶରେ ଗୋଟିଏ ଘରୋଇ ବିଦ୍ୟାଳୟ ସହିତ ଗୋଟିଏ ସରକାରୀ ବିଦ୍ୟାଳୟକୁ ଯୋଡ଼ାଯିବ, ଏହି ଯୋଡ଼ି-ବିଦ୍ୟାଳୟ ପରସ୍ପର ସହ ସାକ୍ଷାତ ଯୋଗାଯୋଗ କରିବେ, ପରସ୍ପରଠାରୁ ଶିଖିବେ ଏବଂ ଆବଶ୍ୟକ ସ୍ଥଳେ ନିଜ ମଧ୍ୟରେ ସମ୍ବଳଗୁଡ଼ିକ ଅଂଶୀଦାର କରିବେ।

ଉଭୟ ସରକାରୀ ଓ ବେସରକାରୀ ବିଦ୍ୟାଳୟର ଭଲ କାର୍ଯ୍ୟଗୁଡ଼ିକୁ ଲିପିବଦ୍ଧ କରି ବିବରଣୀ ପ୍ରସ୍ତୁତ କରାଯିବ ଓ ଏହାକୁ ଉପସ୍ଥାପନ କରାଯିବ, ସମ୍ଭବପର ହେଲେ ଏହାକୁ ଅନ୍ୟ ବିଦ୍ୟାଳୟରେ ପ୍ରୟୋଗ କରାଯିବ ।

7.11 ପ୍ରତ୍ୟେକ ରାଜ୍ୟକୁ ବିଦ୍ୟମାନ 'ବାଳ ଭବନ'କୁ ସଶକ୍ତ କରାଯିବା ପାଇଁ କିମ୍ବା ନୂତନ 'ବାଳ ଭବନ' ପ୍ରତିଷ୍ଠା ପାଇଁ ଉତ୍ସାହିତ କରାଯିବ, ଯେଉଁଠାକୁ ସବୁ ବୟସର ପିଲା ସପ୍ତାହକୁ ଥରେ କିମ୍ବା (ସପ୍ତାହରେ) ଅଧିକଥର ଆସିବେ। ଏହାକୁ ଏକ ସ୍ୱତନ୍ତ୍ର ଦିବାଧାୟୀ ବିଦ୍ୟାଳୟ ଭାବେ ବିବେଚନା କରାଯାଇପାରେ, ଯେଉଁଠାରେ କ୍ରୀଡ଼ା ସମ୍ବନ୍ଧୀୟ, କଳା ସମ୍ବନ୍ଧୀୟ ଓ ବୃତ୍ତି ସମ୍ବନ୍ଧୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବେ। ଯେଉଁଠାରେ ସମ୍ଭବ ସେଠାରେ 'ବାଳ ଭବନ'କୁ ବିଦ୍ୟାଳୟ ସଙ୍ଗମର ଏକ ଅଂଶ ଭାବେ ଅର୍ନ୍ତଭୁକ୍ତ କରାଯିବ।

7.12 ଗୋଟିଏ ବିଦ୍ୟାଳୟ ସମଗ୍ର ଗୋଷ୍ଠୀ ପାଇଁ ଏକ ଉତ୍ସବ ଓ ସମ୍ମାନର କେନ୍ଦ୍ରବିନ୍ଦୁ ହେବା ଉଚିତ୍। ଏକ ଅନୁଷ୍ଠାନ ହିସାବରେ ବିଦ୍ୟାଳୟର ସମ୍ମାନକୁ ପୁନଃ ଉଜ୍ଜୀବିତ କରାଯିବା ଉଚିତ୍ ଏବଂ ବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ଦିବସ ଯେପରିକି- ପ୍ରତିଷ୍ଠା ଦିବସର ପାଳନ ଗୋଷ୍ଠୀ ସହିତ କରାଯିବ ଏବଂ ଏହି ଦିନରେ ସମସ୍ତ ପ୍ରାକ୍ତନ ଶିକ୍ଷାର୍ଥୀଙ୍କ ତାଲିକା ପ୍ରଦଶିତ କରାଯାଇ ସେମାନଙ୍କୁ ସମ୍ମାନିତ କରାଯିବା ଉଚିତ୍। ଅଧିକନ୍ତୁ, ବିଦ୍ୟାଳୟର ଅବ୍ୟବହୃତ ଭିତ୍ତିଭୂମି / ସମ୍ବଳକୁ ଗୋଷ୍ଠୀର ସାମାଜିକ, ବୌଦ୍ଧିକ ଓ ସ୍ୱେଚ୍ଛାସେବୀ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ପାଇଁ ବ୍ୟବହାର କରାଯାଇପାରିବ ଏବଂ ବିଦ୍ୟାଳୟର ଅତିରିକ୍ତ ସମୟରେ ସାମାଜିକ ଏକତ୍ରୀକରଣକୁ ପ୍ରୋତ୍ସାହିତ କରିବେ, ଯାହାଦ୍ୱାରା ବିଦ୍ୟାଳୟ ଏକ "ସାମାଜିକ ଚେତନା କେନ୍ଦ୍ର" ଭାବରେ ବ୍ୟବହୃତ ହୋଇପାରିବ। ଏହାପରେ ଉଭୟ ସ୍ୱଳ୍ପ ମିଆଦି (ଏକ - ବର୍ଷିଆ) ଏବଂ ଦୀର୍ଘ କାଳୀନ (3-5 ବର୍ଷିଆ) SCDP ହାସଲ କରିବା ପାଇଁ ଆବଶ୍ୟକ ସମ୍ବଳ (ଆର୍ଥିକ, ମାନବ, ଭୌତିକ ଇତ୍ୟାଦି) ଯୋଗାଇବ।

## 8. ବିଦ୍ୟାଳୟ ଶିକ୍ଷା ପାଇଁ ମାନକ ସ୍ଥାପନା ଓ ସ୍ୱୀକୃତି

8.1 ବିଦ୍ୟାଳୟ ଶିକ୍ଷା ନିୟାମକ ବ୍ୟବସ୍ଥାର ଲକ୍ଷ୍ୟ ନିଶ୍ଚିତ ଭାବରେ ଶିକ୍ଷାଗତ ଫଳାଫଳକୁ ଉନ୍ନତ କରିବା; ଏହା ବିଦ୍ୟାଳୟଗୁଡ଼ିକ ଉପରେ ଅତ୍ୟଧିକ ପ୍ରତିବନ୍ଧକ ରଖିବା, ଅଭିନବ କାର୍ଯ୍ୟକଳାପକୁ ରୋକିବା, କିମ୍ବା ଶିକ୍ଷକ ଓ ପ୍ରଧାନଶିକ୍ଷକ ଓ ଶିକ୍ଷାର୍ଥୀମାନଙ୍କୁ ହତାଶ କରିବା ପାଇଁ ନୁହେଁ । ସର୍ବଶେଷରେ, ନିୟମଗୁଡ଼ିକ ବିଦ୍ୟାଳୟ ଓ ଶିକ୍ଷକମାନଙ୍କ ବିଶ୍ୱାସର ସହ ସଶକ୍ତ କରିବାକୁ ଲକ୍ଷ୍ୟ ରଖିବ । ସେମାନଙ୍କୁ ଉତ୍କର୍ଷତା ହାସଲ କରାଇବାକୁ ଚେଷ୍ଟା କରିବା ଏବଂ ସେମାନଙ୍କ ଶ୍ରେଷ୍ଠତ୍ୱର ପ୍ରଦର୍ଶନ କରିବାକୁ ସକ୍ଷମ କରିବା ସହିତ ଆର୍ଥିକ, ପଦ୍ଧତି ଓ ଶିକ୍ଷାଗତ ଫଳାଫଳକୁ ସଂପୂର୍ଣ୍ଣ ସାର୍ବଜନୀନ ପ୍ରକାଶ ଦ୍ୱାରା ବ୍ୟବସ୍ଥାର ଅଖଣ୍ଡତାକୁ ସୁନିଶ୍ଚିତ କରିବା।

8.2 ବର୍ତ୍ତମାନ, ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ଶାସନ ନିୟନ୍ତ୍ରଣ ଏବଂ ନିୟାମକର ସମସ୍ତ ମୁଖ୍ୟ କାର୍ଯ୍ୟ- ଯଥା : ସମସ୍ତଙ୍କ ପାଇଁ ଶିକ୍ଷା ବ୍ୟବସ୍ଥା, ଶିକ୍ଷା ଅନୁଷ୍ଠାନଗୁଡ଼ିକର ନିୟାମକ ଏବଂ ନୀତି ନିର୍ଦ୍ଧାରଣ- ଗୋଟିଏ ସଂସ୍ଥା ଦ୍ୱାରା ପରିଚାଳିତ ହେବ, ଯାହା ବିଦ୍ୟାଳୟ ଶିକ୍ଷା ବିଭାଗ କିମ୍ବା ଏହାର କୌଣସି ଶାଖା । ଏହାକୁ ନେଇ ସ୍ୱାର୍ଥର ବିବାଦ ଏବଂ କ୍ଷମତାର ଅତ୍ୟଧିକ କେନ୍ଦ୍ରୀକୃତ ଆଡ଼କୁ ଗତି କରିଥାଏ; ଏହା ମଧ୍ୟ ବିଦ୍ୟାଳୟ ବ୍ୟବସ୍ଥାର ଅପାରଗ ପରିଚାଳନା ସୃଷ୍ଟି କରିଥାଏ, କାରଣ ଗୁଣାତ୍ମକ ଶୈକ୍ଷିକ ବ୍ୟବସ୍ଥା ପାଇଁ ନିଆଯାଉଥିବା ସମସ୍ତ ପଦକ୍ଷେପ ଅନ୍ୟ କାରକ ବିଶେଷକରି ବିଦ୍ୟାଳୟ ଶିକ୍ଷା ବିଭାଗ ଦ୍ୱାରା ପ୍ରଣୀତ ନିୟମାବଳୀ ଓ କାର୍ଯ୍ୟକାରିତା ଦ୍ୱାରା ପ୍ରଭାବିତ ହୋଇଥାଏ।

8.3 ପ୍ରଚଳିତ ନିୟାମକ ବ୍ୟବସ୍ଥା ମଧ୍ୟ ଅନେକ ଲଭକାରୀ ବେସରକାରୀ ବିଦ୍ୟାଳୟ ଦ୍ୱାରା ବ୍ୟବସାୟୀକରଣ ଏବଂ ପିତାମାତାଙ୍କ ଆର୍ଥିକ ଶୋଷଣକୁ ରୋକିବାରେ ସଫଳ ହୋଇନାହିଁ, ତଥାପି ସେହି ସମୟରେ ଏହା ଅଜାଣତରେ ସର୍ବଜନୀନ ଉତ୍ସାହୀ ଘରୋଇ / ଜନସେବାକାରୀ ବିଦ୍ୟାଳୟଗୁଡ଼ିକୁ ନିରୁତ୍ସାହିତ କରେ । ସରକାରୀ ଏବଂ ବେସରକାରୀ ବିଦ୍ୟାଳୟଗୁଡ଼ିକ ପାଇଁ ନିୟାମକ ଆଭିମୁଖ୍ୟ ମଧ୍ୟରେ ବହୁତ ଅସମାନତା ରହିଆସିଛି, ଯଦିଓ ଉଭୟ ପ୍ରକାରର ବିଦ୍ୟାଳୟ ସମାନ ଲକ୍ଷ୍ୟ, ଯାହା ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ନିମନ୍ତେ କାର୍ଯ୍ୟ କରିଥାନ୍ତି।

8.4 ସାର୍ବଜନୀନ ଶିକ୍ଷା ବ୍ୟବସ୍ଥା ଏକ ଉତ୍ସାହୀ ଗଣତାନ୍ତ୍ରିକ ସମାଜର ମୂଳଦୁଆ ଅଟେ ଏବଂ ଦେଶ ପାଇଁ ସର୍ବୋଚ୍ଚ ସ୍ତରର ଶିକ୍ଷାଗତ ଫଳାଫଳ ହାସଲ କରିବା ପାଇଁ ଏହାକୁ ସଶକ୍ତ କରାଯିବା ଆବଶ୍ୟକ । ଏହା ସହିତ, ବେସରକାରୀ / ଜନସେବାକାରୀ ବିଦ୍ୟାଳୟ

କ୍ଷେତ୍ର ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ତଥା ଲାଭଜନକ ଭୂମିକା ଗ୍ରହଣ କରିବା ପାଇଁ ଉତ୍ସାହିତ ହେବା ସକ୍ଷମ ହେବା ଆବଶ୍ୟକ।

8.5 ରାଜ୍ୟ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା – ଏହି ବ୍ୟବସ୍ଥାର ଆଭ୍ୟନ୍ତରୀଣ ସ୍ୱାଧୀନ ଦାୟିତ୍ୱ ଏବଂ ଏହାର ନିୟମାବଳୀକୁ ଦୃଷ୍ଟିକୋଣ ସମ୍ବନ୍ଧରେ ଏହି ନୀତିର ପ୍ରମୁଖ ସିଦ୍ଧାନ୍ତ ନିମ୍ନ ପ୍ରକାରେ ଅଟେ :

କ) ଏହା ବିଦ୍ୟାଳୟ ବ୍ୟବସ୍ଥା ଏବଂ ଏହାର ପରିଚାଳନା ନିୟମ ଜଡ଼ିତ ହେବ ନାହିଁ, ସରକାରୀ ବିଦ୍ୟାଳୟଗୁଡ଼ିକ ଉନ୍ନତି ଉପରେ ଉପଯୁକ୍ତ ଧ୍ୟାନ ଦେବା ସୁନିଶ୍ଚିତ କରିବା ପାଇଁ ଏବଂ ସ୍ୱାର୍ଥର ବିବାଦକୁ ଦୂର କରିବା ପାଇଁ ଏହା କାର୍ଯ୍ୟ କରିବ ଓ ନିୟମାବଳୀ ପ୍ରଣୟନ କରିବ।

ଖ) ସମଗ୍ର ରାଜ୍ୟର ସରକାରୀ ବିଦ୍ୟାଳୟ ବ୍ୟବସ୍ଥା ପାଇଁ ଶିକ୍ଷାଗତ କାର୍ଯ୍ୟ ଏବଂ ସେବା ବ୍ୟବସ୍ଥା, ବିଦ୍ୟାଳୟ ଶିକ୍ଷା ନିର୍ଦ୍ଦେଶାଳୟ (ଏଥିରେ ଜିଲ୍ଲା ଶିକ୍ଷା ଅଧିକାରୀ (DEO) ଓ ବ୍ଲକ ଶିକ୍ଷା ଅଧିକାରୀ (BEO) କାର୍ଯ୍ୟାଳୟ ଅନ୍ତର୍ଭୁକ୍ତ) ଦ୍ୱାରା ପରିଚାଳିତ ହେବ। ଶିକ୍ଷାଗତ କାର୍ଯ୍ୟ ଏବଂ ବ୍ୟବସ୍ଥା ସମ୍ବନ୍ଧିତ ନୀତି ଲାଗୁ କରିବାକୁ ଓ କାର୍ଯ୍ୟକାରୀ କରିବାକୁ ଏହା ସ୍ୱାଧୀନ ଭାବରେ କାର୍ଯ୍ୟ କରିବ।

ଗ) ଅତ୍ୟାବଶ୍ୟକ ଗୁଣାତ୍ମକ ମାନର ଅନୁପାଳନକୁ ନିଶ୍ଚିତ କରିବା ପାଇଁ ପ୍ରାକ୍-ପ୍ରାଥମିକ ଶିକ୍ଷା ସମେତ ସମସ୍ତ ସ୍ତରର ଶିକ୍ଷା (ବେସରକାରୀ, ସରକାରୀ ଓ ଜନସେବାକାରୀ) ପାଇଁ ଏକ ପ୍ରଭାବଶାଳୀ ଗୁଣାତ୍ମକ ସ୍ୱ-ନିୟାମକ କିମ୍ବା ମାନ୍ୟତା ବ୍ୟବସ୍ଥା ପ୍ରତିଷ୍ଠା କରାଯିବ। ପ୍ରତ୍ୟେକ ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳ ଏକ ସ୍ୱାଧୀନ, ରାଜ୍ୟବ୍ୟାପୀ, ରାଜ୍ୟ ବିଦ୍ୟାଳୟମାନଙ୍କ ପ୍ରାଧିକରଣ (State School Student's Association-SSSA) ନାମକ ଏକ ସଂସ୍ଥା ପ୍ରତିଷ୍ଠା କରିବେ, ଯାହା ସମସ୍ତ ବିଦ୍ୟାଳୟ ନିର୍ଦ୍ଦିଷ୍ଟ ସର୍ବନିମ୍ନ ବୃତ୍ତିଗତ ଏବଂ ଗୁଣାତ୍ମକ ମାନକ ଅନୁସରଣ କରିବାକୁ ସୁନିଶ୍ଚିତ କରିବ। SSSA କେତେକ ମାନଦଣ୍ଡ (ଯଥା-ସୁରକ୍ଷା, ନିରାପତ୍ତା, ମୌଳିକ ଭିତ୍ତିଭୂମି, ବିଷୟ ଓ ଶ୍ରେଣୀ ଶିକ୍ଷକଙ୍କ ସଂଖ୍ୟା, ଆର୍ଥିକ ସମ୍ଭାବନା ଏବଂ ଶାସନର ସୁଦୃଢ଼ ପ୍ରକ୍ରିୟା) ଉପରେ ଆଧାର କରି ସର୍ବନିମ୍ନ ମାନକ ସେଟ ପ୍ରସ୍ତୁତ କରିବ, ଯାହାକୁ ସମସ୍ତ ବିଦ୍ୟାଳୟ ଅନୁସରଣ କରିବେ। ବିଭିନ୍ନ ଅଂଶୀଦାର ବିଶେଷକରି, ଶିକ୍ଷକ ଏବଂ ବିଦ୍ୟାଳୟଙ୍କ ପରାମର୍ଶକ୍ରମେ ଏହି ମାନଦଣ୍ଡ ପାଇଁ ରୂପରେଖ SCERT ପ୍ରସ୍ତୁତ କରିବ।

SSSA ଦ୍ୱାରା ନିର୍ଦ୍ଧାରିତ ସମସ୍ତ ମୌଳିକ ନିୟାମକ ସୂଚନାର ପାରଦର୍ଶୀ ସାର୍ବଜନୀନ ଆତ୍ମପ୍ରକାଶ, ସାଧାରଣ ତଦାରଖ ଏବଂ ଉତ୍ତର ଦାୟିତ୍ୱ ପାଇଁ ବହୁତ ଭାବରେ ବ୍ୟବହାର କରାଯିବ। ଯେଉଁ ସବୁ ଦିଗ ଉପରେ ଅଦ୍ୟତନ ଓ ଠିକ୍ ସୂଚନା ସ୍ୱୟଂପ୍ରକାଶ କରିବାକୁ ପଡ଼ିବ ଓ ବିଦ୍ୟାଳୟଗୁଡ଼ିକର ମାନକ ସେଟିଂ ପାଇଁ ବୈଶ୍ୱିକ ସର୍ବୋତ୍ତମ ଅଭ୍ୟାସ ଅନୁଯାୟୀ SSSA ଦ୍ୱାରା ପରିଚାଳିତ ଉପରୋକ୍ତ ସାର୍ବଜନୀନ ୱେବସାଇଟ୍‌ରେ ଏବଂ ବିଦ୍ୟାଳୟ ୱେବସାଇଟରେ ସମସ୍ତ ବିଦ୍ୟାଳୟ ଦ୍ୱାରା ରଖାଯିବା ଆବଶ୍ୟକ। ସାର୍ବଜନୀନ ଡୋମେନରେ ପ୍ରଦତ୍ତ ସୂଚନାରୁ ଅଂଶୀଦାର କିମ୍ବା ଅନ୍ୟମାନଙ୍କ ଠାରୁ କୌଣସି ଅଭିଯୋଗ କିମ୍ବା ଆପତ୍ତି ଆସିଲେ, ତାହା SSSA ଦ୍ୱାରା ବିଚାର କରାଯିବ। ନିୟମିତ ବ୍ୟବଧାନରେ ମୂଲ୍ୟବାନ ମତାମତ ନିଶ୍ଚିତ କରିବାକୁ ଅନଲାଇନରେ ମନୋନୀତ ଶିକ୍ଷାର୍ଥୀମାନଙ୍କୁ ମତାମତ ଦେବାକୁ ଅନୁରୋଧ କରାଯିବ। SSSA ର ସମସ୍ତ କାର୍ଯ୍ୟରେ ଦକ୍ଷତା ଓ ସ୍ୱଚ୍ଛତା ନିଶ୍ଚିତ କରିବାକୁ ପ୍ରଯୁକ୍ତି ବିଦ୍ୟାର ଉପଯୁକ୍ତ ବ୍ୟବହାର କରାଯିବ। ଏହା ବର୍ତ୍ତମାନ ପରିସ୍ଥିତିରେ ନିୟାମକ ଆଦେଶର ଭାରକୁ ଉଲ୍ଲେଖନୀୟ ଭାବେ ହ୍ରାସ କରିବ।

ଘ) ରାଜ୍ୟରେ ଶୈକ୍ଷିକ ମାନକ ଏବଂ ପାଠ୍ୟକ୍ରମ ସମେତ ଶୈକ୍ଷିକ ବିଷୟଗୁଡ଼ିକ SCERT ଦ୍ୱାରା ପରିଚାଳିତ ହେବ (NCERT ସହିତ ବ୍ୟାପକ ପରାମର୍ଶ ଓ ସହଯୋଗରେ), ଯାହାକୁ ଏକ ଅନୁଷ୍ଠାନ ଭାବରେ ପୁନଃବିନ୍ୟାସ କରାଯିବ। ସମସ୍ତ ଅଂଶୀଦାରଙ୍କ ସହ ବ୍ୟାପକ ପରାମର୍ଶ ମାଧ୍ୟମରେ SCERT, ଏକ ବିଦ୍ୟାଳୟ ଗୁଣବତ୍ତା ମୂଲ୍ୟାୟନ ଏବଂ ସ୍ୱୀକୃତି ରୂପରେଖ (School Quality Assessment and Accreditation Framework-SQAAF) ପ୍ରସ୍ତୁତ କରିବ। CRCs, BRCs ଏବଂ DIET ଗୁଡ଼ିକର ପୁନଃଜୀବୀକରଣ ପାଇଁ SCERT ଏକ 'ପରିବର୍ତ୍ତନ ପରିଚାଳନା ପ୍ରକ୍ରିୟା' (Change Management Process) କୁ ଆଗେଇ

ନେବ, ଯାହା ଏହି ଅନୁଷ୍ଠାନଗୁଡ଼ିକର କ୍ଷମତା ଓ କାର୍ଯ୍ୟ ସଂସ୍କୃତିକୁ ତିନି ବର୍ଷ ମଧ୍ୟରେ ପରିବର୍ତ୍ତନ କରିବ ଓ ସେମାନଙ୍କୁ ଉତ୍କର୍ଷତାର ଏକ ଉତ୍ସାହୀ ଅନୁଷ୍ଠାନରେ ବିକଶିତ କରିବ । ଏହି ସମୟରେ, ବିଦ୍ୟାଳୟ-ପରିତ୍ୟାଗ କରିବା ସମୟରେ ଶିକ୍ଷାର୍ଥୀମାନଙ୍କର ଦକ୍ଷତାର ମୂଲ୍ୟାୟନ ପ୍ରତ୍ୟେକ ରାଜ୍ୟରେ ମୂଲ୍ୟାୟନ / ପରୀକ୍ଷା ବୋର୍ଡ଼ ଦ୍ୱାରା ପରିଚାଳିତ ହେବ ଓ ପ୍ରମାଣ ପତ୍ର ଦିଆଯିବ ।

8.6 ସଂସ୍କୃତି, ଗଠନ ଏବଂ ବ୍ୟବସ୍ଥା ଯାହା ବିଦ୍ୟାଳୟ, ଅନୁଷ୍ଠାନ, ଶିକ୍ଷକ, ଶିକ୍ଷାଅଧିକାରୀ, ସଂପ୍ରଦାୟ (ଗୋଷ୍ଠୀ) ଏବଂ ଅନ୍ୟ ଅଂଶୀଦାରମାନଙ୍କୁ ସଶକ୍ତିକରଣ କରିଥାଏ ଓ ବିଦ୍ୟାଳୟକୁ ପର୍ଯ୍ୟାପ୍ତ ସମ୍ବଳ ଯୋଗାଇଥାଏ, ସେମାନେ ମଧ୍ୟ ଉତ୍ତରଦାୟିତ୍ୱ ଗ୍ରହଣ କରିବେ । ସର୍ବୋଚ୍ଚ ସ୍ତରରେ ଅଖଣ୍ଡତା, ପୂର୍ଣ୍ଣ ପ୍ରତିବଦ୍ଧତା ଏବଂ ଉଲ୍ଲେଖନୀୟ କାର୍ଯ୍ୟ ନୈତିକତା ସହିତ ସମ୍ପାଦନ କରିବାକୁ ଓ ସେମାନଙ୍କର ଭୂମିକା ନିର୍ବାହ କରିବାକୁ ଶିକ୍ଷା ବ୍ୟବସ୍ଥାର ପ୍ରତ୍ୟେକ ଅଂଶୀଦାର ଏବଂ ଅଂଶ ଗ୍ରହଣକାରୀ ଉତ୍ତରଦାୟୀ ହେବେ । ପ୍ରତ୍ୟେକଙ୍କ ଭୂମିକା ସ୍ପଷ୍ଟ ଭାବେ ବର୍ଣ୍ଣିତ ହେବ ଏବଂ ସେମାନଙ୍କର କାର୍ଯ୍ୟଦକ୍ଷତାକୁ ସେମାନଙ୍କ ଆଶାଆକାଂକ୍ଷା ଆଧାରରେ ମୂଲ୍ୟାୟନ କରାଯିବ । ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ବେଳେ ମୂଲ୍ୟାୟନ ପ୍ରଣାଳୀ ବସ୍ତୁନିଷ୍ଠ ଓ ବିକାଶୋନ୍ମୁଖୀ ହେବ । ଦକ୍ଷତାର ସଂପୂର୍ଣ୍ଣ ଧାରଣାକୁ ନିଶ୍ଚିତ କରିବା ପାଇଁ ଏଥିରେ ଏକାଧିକ ମତାମତ ଓ ମୂଲ୍ୟାୟନର ଉତ୍ସ ରହିବ (ଏବଂ କେବଳ ସରଳ ଭାବେ ସଂପୃକ୍ତ ହେବ ନାହିଁ; ଶିକ୍ଷାର୍ଥୀଙ୍କ ଶୈକ୍ଷିକ ଫଳାଫଳ ଭଳି ପରିମାଣରେ କୌଣସି କାରକର ହସ୍ତକ୍ଷେପ ଓ ଅବିଧ ପ୍ରଭାବ (extraneous influences) ଅଛି କି ନାହିଁ ତାହା ଏହି ମୂଲ୍ୟାୟନରୁ ଜଣା ପଡ଼ିବ । ଏହା ମଧ୍ୟ ସ୍ୱୀକାର୍ଯ୍ୟ, ଶିକ୍ଷା ବ୍ୟବସ୍ଥା ବିଶେଷ କରି ବିଦ୍ୟାଳୟ ସ୍ତରରେ ଶିକ୍ଷା ବ୍ୟବସ୍ଥା ଦଳଗତ କାର୍ଯ୍ୟ ଆବଶ୍ୟକ କରେ ପଦୋନ୍ନତ ସମସ୍ତ ବ୍ୟକ୍ତିଙ୍କ ସ୍ୱୀକୃତି ଏବଂ ଉତ୍ତର ଦାୟିତ୍ୱ ଏହିପରି କାର୍ଯ୍ୟଦକ୍ଷତା ପ୍ରଦର୍ଶନ ମୂଲ୍ୟାୟନ ଉପରେ ଆଧାରିତ ହେବ । ସମସ୍ତ ବିକାଶ, ପ୍ରଦର୍ଶନ, ଓ ଉତ୍ତରଦାୟୀତ୍ୱ ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟକର୍ତ୍ତାମାନେ ଦାୟୀହେବେ, ଯେଉଁ ବ୍ୟବସ୍ଥା ଉଚ୍ଚ ଅଖଣ୍ଡତା ସହିତ ଏବଂ ସୁ-ବ୍ୟବସ୍ଥିତ ଭାବରେ ସୋମନଙ୍କ ନିୟନ୍ତ୍ରଣ କାଳ ମଧ୍ୟରେ ଚାଲିଥାଏ ।

8.7 ସରକାରୀ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକ (କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ / ସାହାଯ୍ୟପ୍ରାପ୍ତ / ନିୟନ୍ତ୍ରିତ ବିଦ୍ୟାଳୟ ବ୍ୟତୀତ) ସମାନ ମାନଦଣ୍ଡ, ମାନବିନ୍ଦୁ ଏବଂ ପ୍ରକ୍ରିୟା ଉପରେ ମୂଲ୍ୟାୟନ କରାଯିବ ଏବଂ ସ୍ୱୀକୃତିପ୍ରାପ୍ତ ହେବ । ଅନଲାଇନ ଏବଂ ଅଫ୍‌ଲାଇନରେ ଜନସାଧାରଣଙ୍କ ମତବ୍ୟକ୍ତ ଏବଂ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯିବ, ଶିକ୍ଷାର ସାର୍ବଜନୀକ ପ୍ରକୃତି ସୁନିଶ୍ଚିତ ହେବ – ଯେତେବେଳେ ପିତାମାତା ଏବଂ ଗୋଷ୍ଠୀକୁ ଶିକ୍ଷାଦାନ ଶୁଳ୍କ (tuition fee) ବୃଦ୍ଧିରୁ ରକ୍ଷା କରିବେ । ଉଭୟ ସରକାରୀ ଓ ବେସରକାରୀ ବିଦ୍ୟାଳୟମାନଙ୍କର ତଥ୍ୟ ବିଦ୍ୟାଳୟ ଓ SSSA ୱେବସାଇଟରେ ସର୍ବସାଧାରଣଙ୍କ ପାଇଁ ପ୍ରକାଶ କରାଯିବ, ଯେପରି – ଶ୍ରେଣୀ ଗୃହ ସଂଖ୍ୟା, ଶିକ୍ଷାର୍ଥୀ ଓ ଶିକ୍ଷକ ସଂଖ୍ୟା, ପଢ଼ାଯାଉଥିବା ବିଷୟ, କୌଣସି ପ୍ରକାରର ଶୁଳ୍କ, ଏବଂ NAS ଓ SAS ଭଳି କୌଣସି ମାନକ ମୂଲ୍ୟାୟନ ରେ ସାମଗ୍ରୀକ ଶିକ୍ଷାର୍ଥୀ ଫଳାଫଳ (ଅତିକମ୍‌ରେ) ସୂଚନା ଅନ୍ତର୍ଭୁକ୍ତ ହେବ । କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ / ନିୟନ୍ତ୍ରିତ / ସହାୟତାପ୍ରାପ୍ତ ବିଦ୍ୟାଳୟଗୁଡ଼ିକ ପାଇଁ, MHRD ସହିତ ପରାମର୍ଶ କରି CBSE ଏକ ଢାଞ୍ଚା ପ୍ରସ୍ତୁତ କରିବ । ସମସ୍ତ ଶିକ୍ଷାନୁଷ୍ଠାନ ସମାନ ମାନଦଣ୍ଡରେ ଅଣ-ଲାଭକାରୀ ସଂସ୍ଥା ଭାବରେ ଅଡ଼ିଟ୍ ଏବଂ ପ୍ରକଟୀକରଣ କରାଯିବ । କୌଣସି ବଳକା ଯଦି ଥାଏ, ତେବେ ତାହାକୁ ଶିକ୍ଷା କ୍ଷେତ୍ରରେ ପୁନଃନିବେଶ କରାଯିବ ।

8.8 ଗତ ଦଶନ୍ଧିରୁ ପ୍ରାପ୍ତ ଅନୁଭୂତି ଓ ଶିକ୍ଷଣ ଆଧାରରେ ପ୍ରଗତିକୁ ସମର୍ଥ କରିବାକୁ ମାନବ ସ୍ଥିର କରିବା / ନିୟାମକ ଢାଞ୍ଚା ଓ ବିଦ୍ୟାଳୟ ନିୟମାବଳୀ, ସ୍ୱୀକୃତି ଏବଂ ପ୍ରଶାସନ ନିମନ୍ତେ ସୁଗମ ପ୍ରଣାଳୀର ସମୀକ୍ଷା କରାଯିବ । ଏହି ସମୀକ୍ଷାର ଲକ୍ଷ୍ୟ ହେବ ଯେ ସମସ୍ତ ଶିକ୍ଷାର୍ଥୀ, ବିଶେଷକରି ପଛୁଆ ଓ ଅନଗ୍ରସର ବର୍ଗର ଶିକ୍ଷାର୍ଥୀମାନେ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା (୩ ବର୍ଷ ବୟସରୁ ଅଧିକ) ରୁ ଆରମ୍ଭ କରି ଉଚ୍ଚ ମାଧ୍ୟମିକ ଶିକ୍ଷା (ଦ୍ୱାଦଶ ଶ୍ରେଣୀ) ପର୍ଯ୍ୟନ୍ତ ସାର୍ବଜନୀନ, ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ସୁଯୋଗ ଓ ଉଚ୍ଚ ଗୁଣାତ୍ମକ ଓ ସମତା ଯୁକ୍ତ ଶିକ୍ଷା ପାଇପାରିବେ । ବିଭିନ୍ନ କାର୍ଯ୍ୟକ୍ରମ (inputs) ଉପରେ ଅତ୍ୟଧିକ ଗୁରୁତ୍ୱ ଏବଂ ସେମାନଙ୍କର ଭୌତିକ ଓ ଭିତ୍ତିଭୂମି ସମ୍ବନ୍ଧୀୟ ବିଶେଷ ବିବରଣୀର ଯାନ୍ତ୍ରୀକ ପ୍ରକୃତିରେ ପରିବର୍ତ୍ତନ କରାଯିବ ଏବଂ ପ୍ରକୃତ ବାସ୍ତବତା ଠାରୁ ଅଧିକ ଆବଶ୍ୟକତାକୁ ଅଧିକ ଉତ୍ତରଦାୟୀ କରାଯିବ, ଯେପରିକି-ବିଦ୍ୟାଳୟର ଭୂମି ଓ ଶ୍ରେଣୀ କୋଠରିର ଆକାର, ସହରାଞ୍ଚଳରେ ଖେଳପଡ଼ିଆର ବ୍ୟବହାରିକତା ଇତ୍ୟାଦି । ଏହି ବୈଧାନିକ ଆଦେଶଗୁଡ଼ିକୁ ସମଯୋଜିତ କିମ୍ବା କୋହଳ କରାଯାଇପାରିବ, ପ୍ରତ୍ୟେକ ବିଦ୍ୟାଳୟ ପାଇଁ ସ୍ଥାନୀୟ ଆବଶ୍ୟକତା ଏବଂ ପ୍ରତିବନ୍ଧକ ଆଧାରରେ ନିଜସ୍ୱ ନିଷ୍ପତ୍ତି ନେବାକୁ ଉପଯୁକ୍ତ ସ୍ୱାଧୀନତା ଦିଆଯିବ, ଯାହା ସୁରକ୍ଷା, ନିରାପତ୍ତା ଏବଂ

ଏକ ମନୋରମ ଏବଂ ଫଳପ୍ରଦ ଶିକ୍ଷଣ ସ୍ଥାନ ସୁନିଶ୍ଚିତ କରିବ । ଶିକ୍ଷାଗତ ଫଳାଫଳ ଏବଂ ସମସ୍ତ ଆର୍ଥିକ, ଶୈକ୍ଷିକ ଏବଂ ପରିଚାଳନା ପ୍ରସଙ୍ଗଗୁଡ଼ିକର ସ୍ୱଚ୍ଛ ଆତ୍ମପ୍ରକାଶକୁ ଯଥେଷ୍ଟ ଗୁରୁତ୍ୱ ଦିଆଯିବ ଓ ବିଦ୍ୟାଳୟଗୁଡ଼ିକର ମୂଲ୍ୟାୟନରେ ଉପଯୁକ୍ତ ଭାବରେ ଅନ୍ତର୍ଭୁକ୍ତ କରାଯିବ । ଏହାଦ୍ୱାରା ସମସ୍ତ ଶିଶୁଙ୍କ ପାଇଁ ଅବୈତନିକ, ସମାନ ଏବଂ ଗୁଣାତ୍ମକ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ସୁନିଶ୍ଚିତ କରିବା ପାଇଁ ସ୍ଥାୟୀ ବିକାଶ ଲକ୍ଷ୍ୟ 4 (SDG 4) ହାସଲ କରିବା ଦିଗରେ ଭାରତର ପ୍ରଗତିରେ ଆହୁରି ଉନ୍ନତି ଆସିବ ।

8.9 ସାର୍ବଜନୀନ - ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ଉଦ୍ଦେଶ୍ୟ ହେଉଛି ସର୍ବୋଚ୍ଚମାନର ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା, ଯଦ୍ୱାରା ଏହା ବିଭିନ୍ନ ବର୍ଗର ପିତାମାତାଙ୍କ ପାଇଁ ସେମାନଙ୍କ ପିଲାମାନଙ୍କୁ ଶିକ୍ଷା ଦେବା ପାଇଁ ସବୁଠାରୁ ଆକର୍ଷଣୀୟ ବିକଳ୍ପ ହେବ ।

8.10 ଶିକ୍ଷା ବ୍ୟବସ୍ଥାର ପର୍ଯ୍ୟାୟକ୍ରମେ ସାମଗ୍ରୀକ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ, ଶିକ୍ଷାର୍ଥୀ ଶିକ୍ଷଣ ସ୍ତରର ଏକ ନମୁନା ଆଧାରିତ ଜାତୀୟ ଉପଲବ୍ଧି ସର୍ବେକ୍ଷଣ (NAS), ପ୍ରସ୍ତାବିତ ନୂତନ ଜାତୀୟ ମୂଲ୍ୟାୟନ କେନ୍ଦ୍ର, PARAKH ଦ୍ୱାରା NCERT ଭଳି ଅନ୍ୟାନ୍ୟ ସରକାରୀ ସଂସ୍ଥା ସହ ଉପଯୁକ୍ତ ସହଯୋଗରେ କରାଯିବ, ଯାହା ଏଥିରେ ମୂଲ୍ୟାୟନ ପ୍ରକ୍ରିୟା ଓ ତଥ୍ୟ ବିଶ୍ଳେଷଣ କରିବାରେ ସାହାଯ୍ୟ କରିପାରେ । ଏହି ମୂଲ୍ୟାୟନରେ ସରକାରୀ ତଥା ବେସରକାରୀ ବିଦ୍ୟାଳୟର ଶିକ୍ଷାର୍ଥୀନଙ୍କୁ ଅନ୍ତର୍ଭୁକ୍ତ କରାଯିବ । ରାଜ୍ୟଗୁଡ଼ିକୁ ନିଜସ୍ୱ ଜନଗଣନା-ଆଧାରିତ ରାଜ୍ୟ ମୂଲ୍ୟାୟନ ସର୍ବେକ୍ଷଣ (State Assessment Survey-SAS) କରିବାକୁ ଉତ୍ସାହିତ କରାଯିବ, ଯାହାର ଫଳାଫଳ କେବଳ ବିକାଶମୂଳକ ଉଦ୍ଦେଶ୍ୟରେ ବ୍ୟବହାର କରାଯିବ, ଛାତ୍ରଛାତ୍ରୀଙ୍କ ନାମ ନନେଇ ସାମଗ୍ରିକ ଭାବେ ଫଳାଫଳ ବିଦ୍ୟାଳୟଗୁଡ଼ିକ ଦ୍ୱାରା ସର୍ବସାଧାରଣଙ୍କ ନିକଟରେ ପ୍ରକାଶ ପାଇବ ଏବଂ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ନିରନ୍ତର ବିକାଶ ପାଇଁ ବ୍ୟବହାର କରାଯିବ । ଯେପର୍ଯ୍ୟନ୍ତ ପ୍ରସ୍ତାବିତ ନୂତନ ଜାତୀୟ ମୂଲ୍ୟାୟନ କେନ୍ଦ୍ର (PARAKH) କାର୍ଯ୍ୟକ୍ଷମ ନହୋଇଛି, NCERT ଜାତୀୟ ମୂଲ୍ୟାୟନ ସର୍ବେକ୍ଷଣ (NAS) କାର୍ଯ୍ୟ ଜାରି ରଖିପାରେ ।

8.11 ଶେଷରେ, ବିଦ୍ୟାଳୟରେ ନାମ ଲେଖାଇଥିବା ପିଲା ଓ କିଶୋରମାନଙ୍କୁ ଏହି ସଂପୂର୍ଣ୍ଣ ପ୍ରକ୍ରିୟାରେ ଭୁଲିଯିବା ଉଚିତ ନୁହେଁ; ସର୍ବଦା, ବିଦ୍ୟାଳୟ ବ୍ୟବସ୍ଥା ସେମାନଙ୍କ ପାଇଁ ହିଁ ପରିକଳ୍ପନା କରାଯାଇଛି । ସେମାନଙ୍କର ସୁରକ୍ଷା ଏବଂ ଅଧିକାର ପ୍ରତି ବିଶେଷ ଧ୍ୟାନ ଦିଆଯିବା ଆବଶ୍ୟକ; ବିଶେଷ କରି ବାଳିକାମାନଙ୍କ - ଏବଂ କିଶୋର କିଶୋରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ କଷ୍ଟଦାୟକ ସମସ୍ୟା-ଯେପରିକି, ଔଷଧର ଅପବ୍ୟବହାର ଏବଂ ହିଂସା ସମେତ ଭେଦଭାବ ତଥା ନିର୍ଯ୍ୟାତନା ସୂଚନା ଦେବା ସ୍ପଷ୍ଟ, ସୁରକ୍ଷିତ ଏବଂ ଦକ୍ଷ ବ୍ୟବସ୍ଥା ସହିତ ଏବଂ ଶିଶୁ ଓ କିଶୋରମାନଙ୍କର ଅଧିକାର କିମ୍ବା ନିରାପତ୍ତା ବିରୁଦ୍ଧରେ ଯେକୌଣସି ଉଲ୍ଲଙ୍ଘନ ଉପରେ ଉପଯୁକ୍ତ ପ୍ରକ୍ରିୟା ପାଇଁ ଏଭଳି ଏକ ବ୍ୟବସ୍ଥାର ବିକାଶ କରାଯିବ, ଯାହା ସମସ୍ତ ଶିକ୍ଷାର୍ଥୀଙ୍କ ପାଇଁ ପ୍ରଭାବଶାଳୀ, ସମୟୋପଯୋଗୀ ଓ ସମସ୍ତ ଶିକ୍ଷାର୍ଥୀଙ୍କୁ ଜଣାଥିବ ଓ ଏଗୁଡ଼ିକୁ ପ୍ରାଧାନ୍ୟ ଦିଆଯିବ ।

# ଭାଗ II : ଉଚ୍ଚ ଶିକ୍ଷା

## 9. ଗୁଣାତ୍ମକ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ : ଭାରତର ଉଚ୍ଚ ଶିକ୍ଷା ବ୍ୟବସ୍ଥା ପାଇଁ ଏକ ନୂତନ ଓ ଦୂରଦର୍ଶୀ ପୁରୋଦୃଷ୍ଟି

9.1 ସମାଜ ଓ ମାନବ ଜାତିର ବିକାଶକୁ ଆଗକୁ ନେବା ଓ ସମ୍ବିଧାନରେ ବର୍ଣ୍ଣିତ ଏକ ବିକଶିତ ଭାରତ ଗଠନରେ ଯାହା ଗଣତାନ୍ତ୍ରିକ, ନ୍ୟାୟପୂର୍ଣ୍ଣ, ସାମାଜିକ ସଚେତନ, ସଂସ୍କୃତି ତଥା ମାନବୀୟ ରାଷ୍ଟ୍ର ଗଠନରେ ଉଚ୍ଚ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଯେଉଁ ରାଷ୍ଟ୍ର ସମାନତା, ସ୍ୱାଧୀନତା, ଭାତୃତ୍ୱଭାବ ଓ ସମସ୍ତଙ୍କ ପାଇଁ ନ୍ୟାୟକୁ ବଜାୟ ରଖିଥାଏ । ଦେଶର ସ୍ଥାୟୀ ଜୀବନଜୀବିକା ତଥା ଦେଶର ଅର୍ଥନୈତିକ ବିକାଶରେ ଉଚ୍ଚଶିକ୍ଷା ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିଥାଏ । ଯେହେତୁ ଭାରତ ଏକ ଜ୍ଞାନ ଅର୍ଥବ୍ୟବସ୍ଥା ଓ ସମାଜ ହେବା ଦିଗରେ ଅଗ୍ରସର ହେଉଛି, ଅଧିକରୁ ଅଧିକ ଭାରତୀୟ ଯୁବପିଢ଼ୀ ଉଚ୍ଚଶିକ୍ଷା ପ୍ରତି ମହତାକାଂକ୍ଷୀ ହେବା ସ୍ୱାଭାବିକ ।

9.1.1 ଏକବିଂଶ ଶତାବ୍ଦୀର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଉତ୍ତମ, ଚିନ୍ତାଶୀଳ, ସର୍ବକୌଶଳସଂପନ୍ନ ତଥା ସୃଜନଶୀଳ ବ୍ୟକ୍ତି ବିକଶିତ କରିବା ଗୁଣାତ୍ମକ ଉଚ୍ଚ ଶିକ୍ଷାର ଲକ୍ଷ୍ୟ ହେବା ଉଚିତ । ଏହା ବ୍ୟକ୍ତିକୁ ନିଜର ପସନ୍ଦର କୌଣସି ଗୋଟିଏ ବା ଏକାଧିକ ବିଶେଷ ବିଷୟ (specialised) କୁ ପୁଙ୍ଖାନୁପୁଙ୍ଖ ଭାବେ ପଢ଼ିବାରେ ସମର୍ଥ କରାଇବ । ଏତଦ୍ ବ୍ୟତୀତ, ବିଭିନ୍ନ ବୃତ୍ତିଗତ, ବୈଷୟିକ ଓ ଧନ୍ଦାମୂଳକ

ବିଷୟବସ୍ତୁ ଅଧ୍ୟୟନ ମାଧ୍ୟମରେ ଚରିତ୍ର ଗଠନ, ନୈତିକ ଓ ସାମ୍ବିଧାନିକ ମୂଲ୍ୟବୋଧ, ବୌଦ୍ଧିକ ଜିଜ୍ଞାସା, ବୈଜ୍ଞାନିକ ମନୋବୃତ୍ତି, ସୃଜନଶୀଳତା, ସେବାଭାବନା ଏବଂ ବିଜ୍ଞାନ, ସାମାଜିକ ବିଜ୍ଞାନ, କଳା, ମାନବିକୀ ସମେତ ବିଭିନ୍ନ ବିଭାଗରେ ଏକବିଂଶ ଶତାବ୍ଦୀର ସାମର୍ଥ୍ୟ ବିକଶିତ କରିବା ମଧ୍ୟ ଉଚ୍ଚ ଶିକ୍ଷା ମାଧ୍ୟମରେ ସକ୍ଷମ ହୋଇପାରିବ । ଏକ ଗୁଣାତ୍ମକ ଉଚ୍ଚଶିକ୍ଷା, ବ୍ୟକ୍ତିକ ଉପଲବ୍ଧି ଓ ଜ୍ଞାନପ୍ରାପ୍ତି, ସଂଗଠନାତ୍ମକ ଗୋଷ୍ଠୀଭିତ୍ତିକ ସଂପୃକ୍ତି ଓ ସମାଜ ପ୍ରତି ସଫଳପ୍ରଦ ଅବଦାନ ଦେବାରେ ନିଶ୍ଚିତ କରିଥାଏ । ଏହା ଶିକ୍ଷାର୍ଥୀମାନଙ୍କୁ ଅଧିକ ଅର୍ଥପୂର୍ଣ୍ଣ କରିବା ସହ ସେମାନଙ୍କର କାର୍ଯ୍ୟ ଓ ଜୀବନରେ ସନ୍ତୁଷ୍ଟି ଆଣି ଅର୍ଥନୈତିକ ସ୍ୱାଧୀନ ହେବାରେ ପ୍ରସ୍ତୁତ କରିଥାଏ ।

9.1.2 ଜଣେ ସାମଗ୍ରୀକ ବିକଶିତ ବ୍ୟକ୍ତି ହେବା ପାଇଁ କେତେକ ସ୍ଥିରୀକୃତ କୌଶଳ ଏବଂ ମୂଲ୍ୟବୋଧକୁ ପ୍ରାକ-ପ୍ରାଥମିକ ଠୁ ଆରମ୍ଭ କରି ଉଚ୍ଚ ଶିକ୍ଷା ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରର ଶିକ୍ଷଣ ସହ ଅନ୍ତର୍ଭୁକ୍ତ କରାଯିବ ।

9.1.3 ସାମାଜିକ କ୍ଷେତ୍ରରେ ଉଚ୍ଚଶିକ୍ଷା ଏକ ବିଜ୍ଞ, ସାମାଜିକ ସଚେତନ, ଜ୍ଞାନଦୀପ୍ତ ଓ କୁଶଳୀ ସମାଜର ବିକାଶ କରିବ, ଯାହା ନିଜର ସମସ୍ୟାର ଏକ ମଜବୁତ୍ ସମାଧାନ ସ୍ଥିର କରି ତାହାକୁ କାର୍ଯ୍ୟକ୍ଷମ କରିପାରିବ । ଉଚ୍ଚ ଶିକ୍ଷା ନିଶ୍ଚିତ ରୂପେ ଜ୍ଞାନ ସର୍ଜନା ତଥା ନବାଚର ନିମନ୍ତେ ଏକ ଆଧାର ପ୍ରସ୍ତୁତ କରିବ, ଯାହା ଏକ ବିକଶିତ ଜାତୀୟ ଅର୍ଥନୀତିକୁ ସହଯୋଗ କରିବ । ତେଣୁ, ଗୁଣାତ୍ମକ ଉଚ୍ଚଶିକ୍ଷାର ଲକ୍ଷ୍ୟ କେବଳ ବ୍ୟକ୍ତି ନିମନ୍ତେ ରୋଜଗାର ସୁଯୋଗ ସୃଷ୍ଟି କରିବା ମଧ୍ୟରେ ସୀମିତ ନୁହେଁ, ବରଂ ତା' ଠାରୁ ବ୍ୟାପକ ଏକ ଚଳଚଞ୍ଚଳ, ସାମାଜିକ ସଂପୃକ୍ତ, ଗୋଷ୍ଠୀ ସହଯୋଗୀତା ତଥା ଆନନ୍ଦମୟ, ସଂସଜକ, ସଂସ୍କୃତିସମ୍ପନ୍ନ, ଉତ୍ପାଦନକ୍ଷମ, ଅଭିନବ, ପ୍ରଗତିଶୀଳ, ସମୃଦ୍ଧ ରାଷ୍ଟ୍ର ଗଠନରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ।

9.2 ପ୍ରଚଳିତ ସମୟରେ ଭାରତରେ ଉଚ୍ଚ ଶିକ୍ଷା ବ୍ୟବସ୍ଥା ସମ୍ମୁଖୀନ ହୋଇଥିବା କେତେକ ପ୍ରମୁଖ ସମସ୍ୟାକୁ ନିମ୍ନରେ ଉଲ୍ଲେଖ କରାଯାଇଛି :

- କ) ଗମ୍ଭୀରଭାବେ ଖଣ୍ଡବିଖଣ୍ଡିତ ଉଚ୍ଚ ଶିକ୍ଷା ପରିବେଶ;
- ଖ) ବୌଦ୍ଧିକ କୌଶଳ ଓ ଶିକ୍ଷଣ ଫଳାଫଳ ବିକାଶ ଉପରେ କମ୍ ଗୁରୁତ୍ୱ;
- ଗ) ଆରମ୍ଭରୁ ଅଧ୍ୟୟନ ବିଷୟଗୁଡ଼ିକ ମଧ୍ୟରେ କଠୋର ବିଭାଜନ ଏବଂ ଅଧ୍ୟୟନର ସଂକୀର୍ଣ୍ଣ ବିଷୟବସ୍ତୁ ପରିସର ସହ ଶିକ୍ଷାର୍ଥୀମାନଙ୍କ ପାଇଁ ସୁଯୋଗ;
- ଘ) ଅଳ୍ପ କେତେକ ଉଚ୍ଚ ଶିକ୍ଷା ଅନୁଷ୍ଠାନ (HEIs) ବିଶେଷ କରି, ସାମାଜିକ ଓ ଅର୍ଥନୈତିକ ପଛୁଆ ଅଞ୍ଚଳରେ ଆଞ୍ଚଳିକ ଭାଷାରେ ଶିକ୍ଷାଦାନ ନିମନ୍ତେ ସୀମିତ ସୁଯୋଗ;
- ଙ) ସୀମିତ ସଂଖ୍ୟକ ଶିକ୍ଷକ ଓ ଅସଂସ୍ଥାଗତ ସ୍ୱୟଂତା (ସ୍ୱତନ୍ତ୍ରତା);
- ଚ) ଯୋଗ୍ୟତା-ଆଧାରିତ ବୃତ୍ତି ପରିଚାଳନା ଏବଂ ଅଧ୍ୟାପକ ଓ ଅନୁଷ୍ଠାନର ମୁଖ୍ୟମାନଙ୍କର ପ୍ରଗତି ନିମନ୍ତେ ଅପର୍ଯ୍ୟାପ୍ତ କାର୍ଯ୍ୟକ୍ରମ;
- ଛ) ଅଧିକାଂଶ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଗବେଷଣା କାର୍ଯ୍ୟକୁ କମ୍ ଗୁରୁତ୍ୱ ଓ ସମସ୍ତ ବିଭାଗରେ ପ୍ରତିଯୋଗୀତାମୂଳକ ସହଯୋଗୀ ସମୀକ୍ଷାମୂଳକ ଗବେଷଣା ପାଇଁ ପାଣ୍ଠିର ଅଭାବ;
- ଜ) ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକରେ (HEIs) ଶାସନଗତ ପରିଚାଳନା ଓ ନେତୃତ୍ୱର ଅଭାବ;
- ଝ) ଏକ ଅପ୍ରଭାବୀ ନିୟାମକ ବ୍ୟବସ୍ଥା; ଓ
- ଞ) ସଂଖ୍ୟାଧିକ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟ, ଯଦ୍ୱାରା ନିମ୍ନମାନର ସ୍ନାତକ ଶିକ୍ଷା ।

9.3 ଏହି ନୀତିରେ ଏକ ସଂପୂର୍ଣ୍ଣ କାର୍ଯ୍ୟଶୀଳ ଉଚ୍ଚଶିକ୍ଷା ବ୍ୟବସ୍ଥାର ପରିକଳ୍ପନା କରାଯାଇଛି, ଯାହା ଉପରୋକ୍ତ ସମସ୍ୟାଗୁଡ଼ିକୁ ଦୂର କରିବା ସହ ଉଚ୍ଚ ଗୁଣବତ୍ତା, ସମତା ଓ ଅନ୍ତର୍ନିବେଶୀ ଉଚ୍ଚଶିକ୍ଷା ପ୍ରଦାନ କରିବା । ଏହି ନୀତିର ପୁରୋଦୃଷ୍ଟିରେ ପ୍ରଚଳିତ ବ୍ୟବସ୍ଥାରେ ନିମ୍ନଲିଖିତପ୍ରମୁଖ ପରିବର୍ତ୍ତନ ଅନ୍ତର୍ଭୁକ୍ତ :

- କ) ବ୍ୟାପକ, ବହୁ-ବିଷୟକ ଏକ ଉଚ୍ଚଶିକ୍ଷା ବ୍ୟବସ୍ଥା ଆଡ଼କୁ ଅଗ୍ରସର ହେବା, ଯେଉଁଥିରେ ପ୍ରତ୍ୟେକ ଜିଲ୍ଲାରେ ବା

ଜିଲ୍ଲା ପାଖରେ ଅନ୍ୟୁନ ଗୋଟିଏ ଲେଖାଏଁ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ସହିତ ଏବଂ ସାରା ଭାରତରେ ଅଧିକ ସଂଖ୍ୟକ ଉଚ୍ଚ ଶିକ୍ଷା ଅନୁଷ୍ଠାନ ଆଞ୍ଚଳିକ / ଭାରତୀୟ ଭାଷାକୁ ଶିକ୍ଷାଦାନ ମାଧ୍ୟମ ଭାବେ ବ୍ୟବହାର କରିବେ;

ଖ) ଅଧିକ ବହୁ-ବିଷୟକ ସ୍ନାତକ ଶିକ୍ଷା ଆଡ଼କୁ ଅଗ୍ରସର ହେବା;

ଗ) ଶିକ୍ଷକ ତଥା ସଂସ୍ଥାଗତ ସ୍ୱୟଂତା (ସ୍ୱତନ୍ତ୍ରତା)କୁ ପ୍ରାଧାନ୍ୟ ଦେବା;

ଘ) ଶିକ୍ଷାର୍ଥୀମାନଙ୍କର ଅଭିଜ୍ଞତାକୁ ବଢ଼ାଇବା ପାଇଁ ପାଠ୍ୟକ୍ରମ, ଶୈକ୍ଷଣିକ ରୂପରେଖ ଓ ସହାୟତା ବ୍ୟବସ୍ଥାକୁ ନୂଆରୂପ ଦେବା;

ଙ) ଶିକ୍ଷାଦାନ, ଗବେଷଣା ଓ ସେବା ଆଧାରିତ ଯୋଗ୍ୟତାଭିତ୍ତିକ ନିଯୁକ୍ତି ଓ ବୃତ୍ତିଗତ ପ୍ରଗତି ମାଧ୍ୟମରେ ଶିକ୍ଷକ ଓ ଅନୁଷ୍ଠାନର ନେତୃତ୍ୱ ଏବଂ କର୍ମନିଷ୍ଠତା ପ୍ରତି ବିଶ୍ୱାସ ପୁନଃସ୍ଥାପନ କରିବା;

ଚ) ଉତ୍କୃଷ୍ଟମାନର ସହଯୋଗୀ-ସମୀକ୍ଷାମୂଳକ ଗବେଷଣା ନିମନ୍ତେ ପାଣ୍ଠିର ବ୍ୟବସ୍ଥା କରିବା ଏବଂ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କୁ ଗବେଷଣାତ୍ମକ କାର୍ଯ୍ୟରେ ସକ୍ରିୟ କରିବା ନିମନ୍ତେ ରାଷ୍ଟ୍ରୀୟ ଗବେଷଣା ସଂସ୍ଥା ପ୍ରତିଷ୍ଠା କରିବା;

ଛ) ଶୈକ୍ଷିକ ଓ ପ୍ରଶାସନିକ ସ୍ୱତନ୍ତ୍ରତା ଥିବା ଯୋଗ୍ୟତାପ୍ରାପ୍ତ ସ୍ୱାଧୀନ ବୋର୍ଡ଼ ଦ୍ୱାରା ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକର ଶାସନଗତ ପରିଚାଳନା କରିବା;

ଜ) ଏକ ଏକକ ନିୟାମକ ଦ୍ୱାରା ଉଚ୍ଚ ଶିକ୍ଷା ପାଇଁ 'କଠିନ କିନ୍ତୁ ନମନୀୟ' ନିୟମ ପ୍ରଣୟନ କରିବା;

ଝ) ସମତା ଓ ଅନ୍ତର୍ଭୁକ୍ତିକରଣର ବୃଦ୍ଧି ନିମନ୍ତେ ଉତ୍କୃଷ୍ଟ ମାନର ଜନଶିକ୍ଷା ପାଇଁ ସୁଯୋଗ ସୃଷ୍ଟି, ଅବହେଳିତ ଓ ପଛୁଆ ବର୍ଗର ଶିକ୍ଷାର୍ଥୀଙ୍କ ନିମନ୍ତେ ବେସରକାରୀ / ଜନସେବାକାରୀ ବିଶ୍ୱବିଦ୍ୟାଳୟଙ୍କ ଦ୍ୱାରା ଛାତ୍ର ବୃତ୍ତି ବ୍ୟବସ୍ଥା, ଅନଲାଇନ୍ ଶିକ୍ଷା ଓ ମୁକ୍ତ ଦୂର ଶିକ୍ଷା (ODL); ଏବଂ ଭିନ୍ନକ୍ଷମ ଶିକ୍ଷାର୍ଥୀମାନଙ୍କ ପାଇଁ ସମସ୍ତ ଭିତ୍ତିଭୂମି ଓ ଶିକ୍ଷଣ ସାମଗ୍ରୀ ଉପଲବ୍ଧ କରିବା ପାଇଁ ସୁଯୋଗ ସୃଷ୍ଟି କରିବା।

## 10. ଅନୁଷ୍ଠାନିକ ପୁନର୍ଗଠନ ଓ ଏକୀକରଣ

10.1 ଉଚ୍ଚଶିକ୍ଷା ସମ୍ବନ୍ଧୀୟ ଏହି ନୀତିର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକର ବିଭାଜନକୁ ବନ୍ଦ କରି ବୃହତ ବହୁ-ବିଷୟକ ବିଶ୍ୱ ବିଦ୍ୟାଳୟ, ମହାବିଦ୍ୟାଳୟ, ଉଚ୍ଚ ଶିକ୍ଷା ଅନୁଷ୍ଠାନ, କ୍ଲଷ୍ଟର / ଜ୍ଞାନ କେନ୍ଦ୍ରରେ ପରିଣତ କରିବା, ଯାହାର ପ୍ରତ୍ୟେକଟିରେ 3000 କିମ୍ବା ଅଧିକ ଶିକ୍ଷାର୍ଥୀ ରହିବେ। ଏହା ବିଦ୍ୱାନ ଏବଂ ସାଥୀମାନଙ୍କର ଏକ ଉତ୍ସାହୀ ଗୋଷ୍ଠୀ ଗଠନ କରିବା ସହ କ୍ଷତିକାରକ ଢାଞ୍ଚା ଭାଙ୍ଗିବାରେ ସାହାଯ୍ୟ କରିବ, ଶିକ୍ଷାର୍ଥୀମାନଙ୍କୁ କଳା, ସୃଜନଶୀଳ ଏବଂ ବିଶ୍ଳେଷଣାତ୍ମକ ବିଷୟ ତଥା କ୍ରୀଡ଼ା ସହିତ ବିଭିନ୍ନ ବିଭାଗରେ ସୁଦୃଢ଼ ହେବାକୁ ସମର୍ଥ କରିବ। ଏତଦ୍ ବ୍ୟତୀତ, ଅର୍ନ୍ତବିଭାଗ ଗବେଷଣା ସହିତ ବିଭିନ୍ନ ବିଷୟରେ ସକ୍ରିୟ ଗବେଷଣା ଏହି ଗୋଷ୍ଠୀର ବିକାଶ କରିବା ସହିତ ଉଚ୍ଚ ଶିକ୍ଷାରେ ଉଭୟ ସାମଗ୍ରୀ ଓ ମାନବ ସମ୍ବଳ ଦକ୍ଷତା ବୃଦ୍ଧି କରିବାରେ ସାହାଯ୍ୟ କରିବ।

10.2 ବୃହତ ବହୁ-ବିଷୟକ ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚ ଶିକ୍ଷା ଅନୁଷ୍ଠାନ କ୍ଲଷ୍ଟରକୁ ଯିବା ଏହିପରି ଉଚ୍ଚଶିକ୍ଷାର ଗଠନ ସମ୍ବନ୍ଧରେ ଏହି ନୀତି ସର୍ବୋଚ୍ଚ ସୁପାରିଶ କରୁଛି। ପ୍ରାଚୀନ ଭାରତରେ ତକ୍ଷଶୀଳା, ନାଳନ୍ଦା, ବିଲ୍ଲଭୀ, ବିକ୍ରମଶୀଳା ବିଶ୍ୱବିଦ୍ୟାଳୟ, ଯେଉଁଥିରେ ଭାରତ ତଥା ବିଶ୍ୱର ହଜାର ହଜାର ଶିକ୍ଷାର୍ଥୀ ବହୁ-ବିଷୟକ ପରିବେଶରେ ଅଧ୍ୟୟନ କରୁଥିଲେ, ବହୁପ୍ରକାରର ସଫଳତା ପ୍ରଦର୍ଶନ କରୁଥିଲେ, ଯାହା ବୃହତ ବହୁ-ବିଷୟକ ଶୈକ୍ଷିକ ଓ ଗବେଷଣାତ୍ମକ ବିଶ୍ୱବିଦ୍ୟାଳୟ ଆଣିପାରିବ। ସୁଦୃଢ଼ ତଥା ଅଭିନବ ବ୍ୟକ୍ତି ସୃଷ୍ଟି କରିବା ପାଇଁ ଭାରତ ଏହି ମହାନ ଭାରତୀୟ ପରମ୍ପରାକୁ ତୁରନ୍ତ ଫେରାଇ ଆଣିବା ଆବଶ୍ୟକ, ଯାହା ଅନ୍ୟ ଦେଶମାନଙ୍କୁ ଶିକ୍ଷା ତଥା ଅର୍ଥନୈତିକ ଦୃଷ୍ଟିକୋଣରୁ ପରିବର୍ତ୍ତନ କରୁଛି।

10.3 ଉଚ୍ଚ ଶିକ୍ଷାର ଏହି ଦୃଷ୍ଟିକୋଣ ପାଇଁ ବିଶେଷ କରି ଉଚ୍ଚଶିକ୍ଷା ଅନୁଷ୍ଠାନ (HEIs), ବିଶ୍ୱବିଦ୍ୟାଳୟ କିମ୍ବା ଏକ ମହାବିଦ୍ୟାଳୟ,

ଗଠନ ପାଇଁ ନୂତନ ଧାରଣା / ବୁଝାମଣାର ଆବଶ୍ୟକ ହେବ । ଏକ ବିଶ୍ୱ ବିଦ୍ୟାଳୟର ଅର୍ଥ ହେଉଛି ଉଚ୍ଚ ଶିକ୍ଷାର ଏକ ବହୁ-ବିଷୟକ ଅନୁଷ୍ଠାନ ଯାହା ଉଚ୍ଚ ମାନର ଶିକ୍ଷାଦାନ, ଗବେଷଣା ଓ ଗୋଷ୍ଠୀ ସଂପର୍କ ସହିତ ସ୍ନାତକୋତ୍ତର ଏବଂ ସ୍ନାତକ ପାଠ୍ୟକ୍ରମ ପ୍ରଦାନ କରିଥାଏ । ଏହି ପ୍ରକାର ବିଶ୍ୱବିଦ୍ୟାଳୟର ପରିଭାଷା ଏପରି ଅନୁଷ୍ଠାନଗୁଡ଼ିକୁ ଅନୁମତି ଦେବ ଯାହା ଶିକ୍ଷାଦାନ ଓ ଗବେଷଣା ଉପରେ ସମାନ ଗୁରୁତ୍ୱ ଦେଉଥିବେ, ଏଗୁଡ଼ିକୁ ଗବେଷଣା ଭିତ୍ତିକ ବିଶ୍ୱବିଦ୍ୟାଳୟ ଭାବେ ଚିହ୍ନଟ କରାଯିବ । ଯେଉଁ ବିଶ୍ୱବିଦ୍ୟାଳୟଗୁଡ଼ିକ ଶିକ୍ଷାଦାନ ଉପରେ ଅଧିକ ଗୁରୁତ୍ୱ ଦେବେ, କିନ୍ତୁ ଗୁରୁତ୍ୱପୂର୍ଣ୍ଣ ଗବେଷଣା କରୁଥିବେ, ସେଗୁଡ଼ିକ ଶିକ୍ଷାଦାନ-ଭିତ୍ତିକ ବିଶ୍ୱବିଦ୍ୟାଳୟ ଭାବେ ଚିହ୍ନିତ ହେବେ । ଏହି ସମୟରେ ଏକ ସ୍ୱୟଂଶାସିତ ଡିଗ୍ରୀ ପ୍ରଦାନକାରୀ କଲେଜ ଉଚ୍ଚ ଶିକ୍ଷାର ଏକ ବୃହତ ବହୁ-ବିଷୟକ ଅନୁଷ୍ଠାନକୁ ସୂଚିତ କରେ, ଯାହା ସ୍ନାତକ ଡିଗ୍ରୀ ପ୍ରଦାନ କରେ ଏବଂ ମୁଖ୍ୟତଃ ସ୍ନାତକ ଶିକ୍ଷାଦାନ ଉପରେ ଧ୍ୟାନ ଦିଏ, ଯଦିଓ ଏହା କେବଳ ତାହା ପ୍ରତି ସୀମିତ ରହେ ନାହିଁ ଏବଂ ଏହା ସାଧାରଣତଃ ଏକ ସାଧାରଣ ବିଶ୍ୱବିଦ୍ୟାଳୟ ଅପେକ୍ଷା ଛୋଟ ।

10.4 ଶ୍ରେଣୀବଦ୍ଧ ମାନ୍ୟତାର ଏକ ପାରଦର୍ଶୀ ପ୍ରଣାଳୀ ମାଧ୍ୟମରେ ମହାବିଦ୍ୟାଳୟଗୁଡ଼ିକୁ ଗ୍ରେଡ଼ ଭିତ୍ତିକ ସ୍ୱତନ୍ତ୍ରତା ପ୍ରଦାନ ପାଇଁ ଏକ ପର୍ଯ୍ୟାୟ-ଭିତ୍ତିକ ବ୍ୟବସ୍ଥା ପ୍ରଚଳନ କରାଯିବ । ପ୍ରତ୍ୟେକ ସ୍ତରରେ ମାନ୍ୟତା ପାଇଁ ଆବଶ୍ୟକ ସର୍ବନିମ୍ନ ମାନଦଣ୍ଡ ହାସଲ କରିବାକୁ ମହାବିଦ୍ୟାଳୟଗୁଡ଼ିକୁ ଉତ୍ସାହିତ, ପରାମର୍ଶ, ସମର୍ଥନ ଏବଂ ପ୍ରୋତ୍ସାହନ ପ୍ରଦାନ କରାଯିବ । ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ, ଏହା ପରିକଳ୍ପନା କରାଯାଇଛି ଯେ, ପ୍ରତ୍ୟେକ କଲେଜ ଏକ ସ୍ୱୟଂଶାସିତ ଡିଗ୍ରୀ ପ୍ରଦାନକାରୀ କଲେଜ କିମ୍ବା କୌଣସି ବିଶ୍ୱବିଦ୍ୟାଳୟର ଏକ ସହାୟକ କଲେଜ ଭାବେ ପରିଗଣିତ ହେବ-ପରବର୍ତ୍ତୀ ସମୟରେ ଏହା ବିଶ୍ୱବିଦ୍ୟାଳୟର ଏକ ଅଂଶ ହେବ । ଉପଯୁକ୍ତ ମାନ୍ୟତା ସହିତ, ସ୍ୱୟଂଶାସିତ ଡିଗ୍ରୀ ପ୍ରଦାନକାରୀ କଲେଜଗୁଡ଼ିକ ନିଜକୁ ଗବେଷଣା-ଭିତ୍ତିକ ବିଶ୍ୱବିଦ୍ୟାଳୟ ବା ଶିକ୍ଷାଦାନ-ଭିତ୍ତିକ ବିଶ୍ୱବିଦ୍ୟାଳୟ ଭାବେ ବିକଶିତ କରାଇବେ ।

10.5 ଏହା ସ୍ପଷ୍ଟ ରୂପେ ଉଲ୍ଲେଖ କରାଯିବା ଉଚିତ ଯେ, ଏହି ତିନି ପ୍ରକାରର ସଂସ୍ଥା କୌଣସି ସ୍ୱାଭାବିକ ଉପାୟରେ ଏକ କଠୋର, ବହିଷ୍କରଣୀୟ ବର୍ଗୀକରଣ ନୁହେଁ, ବରଂ ଏକ ନିରନ୍ତରତା ଧାରାରେ ଥାଏ । ଯୋଜନା, କାର୍ଯ୍ୟ, ପ୍ରଭାବ ଆଧାରରେ ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକର ସ୍ୱାଧୀନତା ଏବଂ ଧୀରେଧୀରେ କ୍ରମଶଃ ଗୋଟିଏ ବର୍ଗରୁ ଅନ୍ୟ ବର୍ଗକୁ ଯିବାକୁ ସ୍ୱାଧୀନତା ରହିବ । ବିଭିନ୍ନ ବର୍ଗର ଅନୁଷ୍ଠାନଗୁଡ଼ିକ ପାଇଁ ସବୁଠାରୁ ଉଲ୍ଲେଖଯୋଗ୍ୟ ଚିହ୍ନ ହେଉଛି ସେମାନଙ୍କୁ ଲକ୍ଷ୍ୟ ଏବଂ କାର୍ଯ୍ୟ କେନ୍ଦ୍ରିତ କରିବା । ସମସ୍ତ ଉଚ୍ଚ ଶିକ୍ଷା ଅନୁଷ୍ଠାନମାନଙ୍କ ପାଇଁ ଭିନ୍ନ ଓ ପ୍ରାସଙ୍ଗିକ ମାନଦଣ୍ଡ ଆଧାରିତ ମାନ୍ୟତା ପ୍ରଣାଳୀର ବିକାଶ କରାଯିବ ଓ ତା'ର ଉପଯୋଗ କରାଯିବ । ତଥାପି, ଉଚ୍ଚମାନର ଶିକ୍ଷାର ଆଶା ଏବଂ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟା ସମସ୍ତ ଉଚ୍ଚ ଶିକ୍ଷା ଅନୁଷ୍ଠାନ ମଧ୍ୟରେ ସମାନ ହେବ ।

10.6 ଶିକ୍ଷାଦାନ ଏବଂ ଗବେଷଣା ବ୍ୟତୀତ ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିବ, ଯାହାକି ସେମାନେ ଉପଯୁକ୍ତ ସମ୍ବଳ ଯୋଗାଡ଼ କରି, ପ୍ରୋତ୍ସାହନ ଓ ସଂରଚନା ମାଧ୍ୟମରେ ସଂପାଦନ କରିବେ । ଏଗୁଡ଼ିକ ମଧ୍ୟରେ ସେମାନଙ୍କର ବିକାଶ, ଗୋଷ୍ଠୀକୁ ସହାୟତା ଓ ସେବାକାର୍ଯ୍ୟରେ ଅନ୍ୟ ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକୁ ସହାୟତା ଦେବା, ଅଭ୍ୟାସର ବିଭିନ୍ନ କ୍ଷେତ୍ରରେ ଯୋଗଦାନ, ଉଚ୍ଚ ଶିକ୍ଷା ବ୍ୟବସ୍ଥା ପାଇଁ ଅଧ୍ୟାପକଙ୍କ ବିକାଶ ଏବଂ ବିଦ୍ୟାଳୟ ଶିକ୍ଷାକୁ ସହାୟତା ଅନ୍ତର୍ଭୁକ୍ତ ।

10.7 2040 ମସିହା ସୁଦ୍ଧା ସମସ୍ତ ଉଚ୍ଚ ଶିକ୍ଷା ଅନୁଷ୍ଠାନ (HEIs), ବହୁ-ବିଷୟକ ଅନୁଷ୍ଠାନ ହେବାକୁ ଲକ୍ଷ୍ୟ ରଖିବେ ଏବଂ ଭିତ୍ତିଭୂମି ଓ ସମ୍ବଳର ଇଚ୍ଛାଧୀନ ବ୍ୟବହାର ତଥା ଏବଂ ବହୁ-ବିଷୟକୁ ସଂପ୍ରଦାୟ ସୃଷ୍ଟି ପାଇଁ ହଜାରରୁ ଅଧିକ ଶିକ୍ଷାର୍ଥୀଙ୍କ ନାମ ଲେଖା କରିବାକୁ ଲକ୍ଷ୍ୟ ରଖିବେ । ଯେହେତୁ ଏହି ପ୍ରକ୍ରିୟା ସମୟସାପେକ୍ଷ, ସମସ୍ତ ଉଚ୍ଚ ଶିକ୍ଷା ଅନୁଷ୍ଠାନ ପ୍ରଥମେ 2030 ସୁଦ୍ଧା ବହୁ-ବିଷୟକ ହେବାକୁ ଯୋଜନା କରିବେ, ଏବଂ ତା'ପରେ ଧୀରେଧୀରେ ଶିକ୍ଷାର୍ଥୀଙ୍କ ଇପ୍ସିତ ସ୍ତରକୁ ବୃଦ୍ଧି କରିବେ ।

10.8 ପୂର୍ଣ୍ଣ ଶିକ୍ଷା ସୁଯୋଗ, ସମତା ଓ ଅନ୍ତର୍ଭୁକ୍ତିକୁ ସୁନିଶ୍ଚିତ କରିବା ପାଇଁ ଅବାଞ୍ଛନୀୟ ଅଞ୍ଚଳରେ ଅଧିକ ଉଚ୍ଚ ଶିକ୍ଷା ଅନୁଷ୍ଠାନ ପ୍ରତିଷ୍ଠା କରାଯିବ ଓ ସେଗୁଡ଼ିକର ବିକାଶ କରାଯିବ । 2030 ସୁଦ୍ଧା ପ୍ରତ୍ୟେକ ଜିଲ୍ଲାରେ କିମ୍ବା ନିକଟରେ ଅତି କମ୍‌ରେ ଗୋଟିଏ ବୃହତ ବହୁ-ବିଷୟକ ଉଚ୍ଚ ଶିକ୍ଷା ଅନୁଷ୍ଠାନ ରହିବ । ଉଚ୍ଚ ଶିକ୍ଷାରେ ମୋଟ ନାମଲେଖା ଅନୁପାତକୁ (GER) 26.3% (2018) ରୁ 2035 ବେଳକୁ 50% ପର୍ଯ୍ୟନ୍ତ ବୃଦ୍ଧି କରିବା ଲକ୍ଷ୍ୟ ହେବ । ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଅନେକ ନୂଆ ଅନୁଷ୍ଠାନ ବିକଶିତ ହୋଇପାରେ, କିନ୍ତୁ କ୍ଷମତା ନିର୍ମାଣର ଏକ ବଡ଼ ଅଂଶ ପର୍ଯ୍ୟାପ୍ତ ଭାବେ ବିସ୍ତାର ଓ କାର୍ଯ୍ୟକରୁଥିବା ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକୁ ସୁଧାରିବା ପାଇଁ ହାସଲ କରାଯିବ ।

10.9 ଉଭୟ ସରକାରୀ ବେସରକାରୀ ଅନୁଷ୍ଠାନଗୁଡ଼ିକୁ ବିକଶିତ କରାଯିବ, କିନ୍ତୁ ବହୁ ସଂଖ୍ୟକ ଉଲ୍ଲେଖନୀୟ ସରକାରୀ ଅନୁଷ୍ଠାନର ବିକାଶ ଉପରେ ଦୃଢ଼ ଗୁରୁତ୍ୱ ଦିଆଯିବ । ସରକାରୀ ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକ ପାଇଁ ଜନସାଧାରଣଙ୍କ ପାଣ୍ଠିର ସହାୟତା ସ୍ତର ନିର୍ଣ୍ଣୟ କରିବା ପାଇଁ ଏକ ଯୁକ୍ତିଯୁକ୍ତ ଓ ପାରଦର୍ଶୀ ବ୍ୟବସ୍ଥା ରହିବ, ଏହି ବ୍ୟବସ୍ଥା ସମସ୍ତ ସାର୍ବଜନୀନ ଅନୁଷ୍ଠାନଗୁଡ଼ିକର ବୃଦ୍ଧି ଓ ବିକାଶ ପାଇଁ ଏକ ସମାନ ସୁଯୋଗ ଦେବ, ଏବଂ ସ୍ୱୀକୃତି ପ୍ରଣାଳୀର ସ୍ୱୀକୃତି ମାନଦଣ୍ଡରୁ ସ୍ୱଚ୍ଛ, ପୂର୍ବ ନିର୍ଦ୍ଧାରିତ ମାନଦଣ୍ଡ ଉପରେ ଆଧାରିତ ହେବ । ଏହି ନୀତି ଅନୁଯାୟୀ ସର୍ବୋଚ୍ଚ ଗୁଣାତ୍ମକ ଶିକ୍ଷା ପ୍ରଦାନ କରୁଥିବା ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକ ଦକ୍ଷତା ବୃଦ୍ଧିରେ ଉତ୍ସାହିତ ହେବେ ।

10.10 ଅନୁଷ୍ଠାନଗୁଡ଼ିକ ପାଖରେ ମୁକ୍ତ ଦୂର ଶିକ୍ଷା (ODL) ଓ ଅନ୍‌ଲାଇନ୍ କାର୍ଯ୍ୟକ୍ରମ ଚଳାଇବା ପାଇଁ ବିକଳ୍ପ ରହିବ, ଯଦି ସେମାନେ ଏହା ପ୍ରଦାନ କରିବାକୁ ସ୍ୱୀକୃତିପ୍ରାପ୍ତ ତେବେ ସେମାନଙ୍କର ପ୍ରସ୍ତାବକୁ ବୃଦ୍ଧି କରିବା, ସୁଯୋଗ ସୃଷ୍ଟିରେ ଉନ୍ନତି ଆଣିବା, ମୋଟ ନାମ ଲେଖା ଅନୁପାତ ବୃଦ୍ଧି କରିବା ଏବଂ ଜୀବନବ୍ୟାପୀ ଶିକ୍ଷା ପାଇଁ ସୁଯୋଗ ସୃଷ୍ଟି କରିବା (SDG-4) । ସମସ୍ତ ମୁକ୍ତ ଦୂର ଶିକ୍ଷା କାର୍ଯ୍ୟକ୍ରମ ଓ ସେମାନଙ୍କ ଉପାଦାନ ଯେକୌଣସି ଡିଗ୍ରୀ ବା ଡିପ୍ଲୋମା ପ୍ରଦାନ କରିଥାଏ ନିଶ୍ଚିତ ଭାବେ ମାନକ ଓ ଗୁଣବତ୍ତା ହେବ ଏବଂ ଉଚ୍ଚଶିକ୍ଷା ଅନୁଷ୍ଠାନ ଦ୍ୱାରା ସେମାନଙ୍କ ପରିସରରେ ପରିଚାଳିତ ସର୍ବୋଚ୍ଚ ଗୁଣାତ୍ମକ କାର୍ଯ୍ୟକ୍ରମ ସହ ସମକକ୍ଷ ହେବ । ମୁକ୍ତ ଦୂର ଶିକ୍ଷା କାର୍ଯ୍ୟକ୍ରମ ପାଇଁ ସ୍ୱୀକୃତିପ୍ରାପ୍ତ ଶୀର୍ଷ ଅନୁଷ୍ଠାନଗୁଡ଼ିକ ଉଚ୍ଚ ମାନର ଅନଲାଇନ୍ ପାଠ୍ୟକ୍ରମର ବିକାଶ ପାଇଁ ଉତ୍ସାହିତ ହେବେ ଓ ସମର୍ଥିତ ହେବେ । ଏପରି ଗୁଣାତ୍ମକ ଅନଲାଇନ ପାଠ୍ୟକ୍ରମଗୁଡ଼ିକ ଉଚ୍ଚ ଶିକ୍ଷା ଅନୁଷ୍ଠାନର ପାଠ୍ୟକ୍ରମରେ ଉପଯୁକ୍ତ ଭାବେ ସମନ୍ୱିତ ହେବେ ଓ ମିଶ୍ରିତ ଢଙ୍ଗ (blended mode) କୁ ପସନ୍ଦ କରାଯିବ ।

10.11 ଏକକ ବିଷୟ ପ୍ରଚଳନ କରୁଥିବା ଉଚ୍ଚ ଶିକ୍ଷା ଅନୁଷ୍ଠାନ (HEIs) କୁ ପର୍ଯ୍ୟାୟକ୍ରମେ ବନ୍ଦ କରିଦିଆଯିବ ଏବଂ ସମସ୍ତେ ଉଚ୍ଚମାନର ବହୁ-ବିଷୟକ ଶିକ୍ଷାଦାନ ଓ ଗବେଷଣାକୁ ସକ୍ଷମ ଓ ପ୍ରୋତ୍ସାହିତ କରିବା ପାଇଁ ସମସ୍ତ ଜୀବନ୍ତ ବହୁ-ବିଷୟକ ଉଚ୍ଚ ଶିକ୍ଷା ଅନୁଷ୍ଠାନ କ୍ଲଷ୍ଟରର ଅଂଶ ବିଶେଷ ହେବେ ବା ତାହା ହେବା ପାଇଁ ଆଗକୁ ବଢ଼ିବେ । ଏକାଧିକ ବିଷୟର ପ୍ରଚଳନ କରୁଥିବା ଉଚ୍ଚ ଶିକ୍ଷା ଅନୁଷ୍ଠାନ, ବିଶେଷକରି, ବିଭିନ୍ନ କ୍ଷେତ୍ରଗୁଡ଼ିକରେ ବିଭିନ୍ନ ବିଭାଗ ଯୋଗ କରିବେ, ଯାହାକି ସେମାନେ ବର୍ତ୍ତମାନ ସେବା ପ୍ରଦାନ କରୁଥିବା ଏକକ ଧାରାକୁ ମଧ୍ୟ ସୁଦୃଢ଼ କରିବ । ଉପଯୁକ୍ତ ମାନ୍ୟତା ହାସଲ ମାଧ୍ୟମରେ ସମସ୍ତ ଉଚ୍ଚ ଶିକ୍ଷା ଅନୁଷ୍ଠାନ କ୍ରମଶଃ ପୂର୍ଣ୍ଣ ସ୍ୱାଧୀନତା ଆଡ଼କୁ ଉଭୟ ଶୈକ୍ଷିକ ଏବଂ ପ୍ରଶାସନିକ କ୍ଷେତ୍ରରେ, ଗତି କରିବେ ଏବଂ ଏକ ଜୀବନ୍ତ ସଂସ୍କୃତି ଗଠନ କରିବାରେ ସକ୍ଷମ ହେବେ । ସରକାରୀ ଅନୁଷ୍ଠାନଗୁଡ଼ିକର ସ୍ୱତନ୍ତ୍ରତା ପର୍ଯ୍ୟାପ୍ତ ସାର୍ବଜନୀନ ଆର୍ଥିକ ସହାୟତା ଓ ସ୍ଥିରତା ଦ୍ୱାରା ସମର୍ଥିତ ହେବ । ଉଚ୍ଚ ମାନର ସମାନତା ଶିକ୍ଷା ପାଇଁ ସାର୍ବଜନୀନ ଦ୍ୱାରା ପ୍ରତିବଦ୍ଧ ଥିବା ଘରୋଇ ଅନୁଷ୍ଠାନଗୁଡ଼ିକୁ ଉତ୍ସାହିତ କରାଯିବ ।

10.12 ଏହି ନୀତି ଦ୍ୱାରା ପରିକଳ୍ପିତ ନୂତନ ନିୟାମକ ବ୍ୟବସ୍ଥା ନବୀକରଣ ପାଇଁ ସଶକ୍ତିକରଣ ଏବଂ ସ୍ୱତନ୍ତ୍ରତାର ଏକ ସାମଗ୍ରିକ ସଂସ୍କୃତିକୁ ପ୍ରୋତ୍ସାହିତ କରିବ, ଯେଉଁଥିରେ ପନ୍ଦର ବର୍ଷ ମଧ୍ୟରେ ଗ୍ରେଡ୍ ସ୍ୱାଧୀନତା ପ୍ରଣାଳୀ ମାଧ୍ୟମରେ "ଅନୁବନ୍ଧିତ ମହାବିଦ୍ୟାଳୟ" ବ୍ୟବସ୍ଥାକୁ ଏକ ଆହ୍ୱାନମୂଳକ ଢଙ୍ଗରେ କାର୍ଯ୍ୟକାରୀ କରାଯିବ । ବନ୍ଦ କରିଦିଆଯିବ । ପ୍ରତ୍ୟେକ କାର୍ଯ୍ୟରତ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟ ତାହା ସହ ଅନୁବନ୍ଧିତ ମହାବିଦ୍ୟାଳୟମାନଙ୍କର ମାର୍ଗଦର୍ଶନ ଓ ପରାମର୍ଶ ଦେବା ପାଇଁ ଦାୟୀ ରହିବେ, ଯଦ୍ୱାରା ସେମାନେ ନିଜର ସାମର୍ଥ୍ୟର ବିକାଶ କରିପାରିବେ ଏବଂ ଶୈକ୍ଷିକ ଓ ପାଠ୍ୟକ୍ରମ; ଶିକ୍ଷାଦାନ ଏବଂ ମୂଲ୍ୟାୟନ; ଶାସନ ସଂସ୍କାର; ଆର୍ଥିକ ଦୃଢ଼ତା; ଏବଂ ପ୍ରଶାସନିକ ଦକ୍ଷତା ପ୍ରସଙ୍ଗରେ ସର୍ବନିମ୍ନ ମାନଦଣ୍ଡ ହାସଲ କରିପାରିବେ । ସମ୍ପ୍ରତି ଏକ ବିଶ୍ୱବିଦ୍ୟାଳୟ ସହ ଜଡ଼ିତ ଥିବା ସମସ୍ତ ମହାବିଦ୍ୟାଳୟ ନିର୍ଦ୍ଧାରିତ ମାନ୍ୟତା ମାନଦଣ୍ଡକୁ ସୁରକ୍ଷିତ ରଖିବା ପାଇଁ ସମୟ ସହିତ ଆବଶ୍ୟକ ମାନଦଣ୍ଡ ହାସଲ କରିବେ ଏବଂ ଶେଷରେ ସ୍ୱୟଂଶାସିତ ଡିଗ୍ରୀ ପ୍ରଦାନକାରୀ ମହାବିଦ୍ୟାଳୟ ହେବେ । ଉପଯୁକ୍ତ ପରାମର୍ଶ ଏବଂ ସରକାରୀ ସହାୟତା ସହିତ ଏକ ମିଳିତ ଜାତୀୟ ପ୍ରୟାସ ମାଧ୍ୟମରେ ଏହା ହାସଲ ହୋଇପାରିବ ।

10.13 ସାମଗ୍ରିକ ଉଚ୍ଚ ଶିକ୍ଷା କ୍ଷେତ୍ରର ଲକ୍ଷ୍ୟ ହେଉଛି ଏକ ସମନ୍ୱିତ ଉଚ୍ଚ ଶିକ୍ଷା ବ୍ୟବସ୍ଥା, ଯେଉଁଥିରେ ବୃତ୍ତିଗତ ଓ ଧନ୍ଦାମୂଳକ ଶିକ୍ଷା ଅନ୍ତର୍ଭୁକ୍ତ । ଏହି ନୀତି ଏବଂ ଏହାର ଆଭିମୁଖ୍ୟ ସାମ୍ପ୍ରତିକ ସମସ୍ତ ବିଭାଗଗୁଡ଼ିକରେ ଥିବା ସମସ୍ତ ଉଚ୍ଚ ଶିକ୍ଷା ଅନୁଷ୍ଠାନ ପାଇଁ ସମାନ ଭାବରେ ପ୍ରଯୁଜ୍ୟ ହେବ, ଯାହା ଶେଷରେ ଉଚ୍ଚ ଶିକ୍ଷାର ଏକ ସଶକ୍ତ ସମନ୍ୱିତ ପରିସ୍ଥିତିକ ତନ୍ତ୍ର ରେ ଏକତ୍ରିତ ହେବ ।

10.14 ବିଶ୍ୱ ବ୍ୟାପୀ ବିଶ୍ୱବିଦ୍ୟାଳୟ ହେଉଛି ଉଚ୍ଚ ଶିକ୍ଷାର ଏକ ବହୁ-ବିଷୟକ ସଂସ୍ଥା ଯାହା ସ୍ନାତକ, ସ୍ନାତକୋତ୍ତର ଓ Ph.D.

ପାଠ୍ୟକ୍ରମ ପ୍ରଦାନ କରେ ଓ ଉଚ୍ଚ ଗୁଣାତ୍ମକ ମାନ ବିଶିଷ୍ଟ ଶିକ୍ଷଣ ଓ ଗବେଷଣାରେ ନିୟୋଜିତ ରହିଛି । ଦେଶରେ ଉଚ୍ଚ ଶିକ୍ଷା ଅନୁଷ୍ଠାନର ବର୍ତ୍ତମାନର ଜଟିଳ ନାମକରଣ, ଯେପରିକି "ବିବେଚିତ ବିଶ୍ୱବିଦ୍ୟାଳୟ", "ଅନୁବନ୍ଧିତ ବିଶ୍ୱବିଦ୍ୟାଳୟ", "ଏକାତ୍ମକ ବିଶ୍ୱବିଦ୍ୟାଳୟ" ନାମଗୁଡ଼ିକ ବଦଳାଯାଇ ସାଧାରଣ ମାନଦଣ୍ଡ ପୂରଣ କରୁଥିବା ଅନୁଷ୍ଠାନ କେବଳ "ବିଶ୍ୱବିଦ୍ୟାଳୟ" ନାମରେ ପରିଣତ ହେବ ।

## 11. ଅଧିକ ସାମଗ୍ରିକ ଓ ବହୁ-ବିଷୟକ ଶିକ୍ଷା ଦିଗରେ

11.1 ଭାରତରେ ସାମଗ୍ରିକ ଓ ବହୁ-ବିଷୟକ ଶିକ୍ଷଣର ଏକ ଲମ୍ବା ପ୍ରାଚୀନ ପରମ୍ପରା ରହିଛି । ବାଣଭଟ୍ଟଙ୍କ କାଦମ୍ବରୀ ଭଳି ପ୍ରାଚୀନ ଭାରତୀୟ ସାହିତ୍ୟ କାର୍ଯ୍ୟରେ ଉତ୍ତମ ଶିକ୍ଷାକୁ 64 କଳାର ଜ୍ଞାନ ଭାବରେ ବର୍ଣ୍ଣନା କରାଯାଇଛି, ଏହି 64 'କଳା' କେବଳ ଗୀତ ଓ ଚିତ୍ରକଳା ଭଳି ବିଷୟ ନୁହେଁ, ଅଧିକନ୍ତୁ ରସାୟନ ଶାସ୍ତ୍ର ଓ ଗଣିତ ଭଳି 'ବୈଜ୍ଞାନିକ କ୍ଷେତ୍ର', ବଢ଼େଇ କାମ ଓ ସିଲେଇ ଶିକ୍ଷା ଭଳି ଧନ୍ଦାମୂଳକ କ୍ଷେତ୍ର; ଭେଷଜ ଓ ଯାନ୍ତ୍ରିକ ଶିକ୍ଷା ଭଳି 'ବୃତ୍ତିଗତ କ୍ଷେତ୍ର'; ଏବଂ ଏହା ସହିତ ଯୋଗାଯୋଗ, ଆଲୋଚନା ଓ ବିତର୍କ ଭଳି 'ବ୍ୟବହାରିକ କୌଶଳ' (soft skill) ମଧ୍ୟ ସାମିଲ ଅଟେ । ଧନ୍ଦାମୂଳକ ବିଷୟ, ବୃତ୍ତିଗତ ବିଷୟ ଓ ବ୍ୟବହାରିକ କୌଶଳ ସମେତ 'କଳା' ଭାବେ ବିବେଚନା ଶାଖାକୁ କରାଯିବା ଉଚିତ୍, ଏହାର ସ୍ପଷ୍ଟ ଭାବେ ଭାରତୀୟର ଉତ୍ପତ୍ତି ରହିଛି । "ଅନେକ କଳାର ଜ୍ଞାନ"ର ଧାରଣା ବା ଆଧୁନିକ ଯୁଗରେ 'ଉଦାର କଳା' (କଳାର ଏକ ଉଦାର ଧାରଣା) କୁହାଯାଏ, ତାହା ଭାରତୀୟ ଶିକ୍ଷାକୁ ଫେରାଇ ଆଣିବା ଆବଶ୍ୟକ, କାରଣ ଏହା ଏକବିଂଶ ଶତାବ୍ଦୀ ପାଇଁ ଆବଶ୍ୟକ ହେଉଥିବା ଶିକ୍ଷାର ପ୍ରକୃତ ସ୍ୱରୂପ ।

11.2 ବିଜ୍ଞାନ, ପ୍ରଯୁକ୍ତି, ଯନ୍ତ୍ର ବିଦ୍ୟା (engineering) ଓ ଗଣିତ (STEM) ସହିତ ମାନବିକୀ ଓ କଳା ଶିକ୍ଷାକୁ ସମନ୍ୱିତ କରୁଥିବା ଶିକ୍ଷାଗତ ଦୃଷ୍ଟି କୋଣର ମୂଲ୍ୟାୟନ ନିରନ୍ତର ସକାରାତ୍ମକ ଶିକ୍ଷଣ ଫଳାଫଳ ଦେଖାଇଛି, ଜଟିଳ ଚିନ୍ତନ ଓ ଉଚ୍ଚତର ଚିନ୍ତନ ଓ ଉଚ୍ଚତର ଚିନ୍ତନ କ୍ଷମତା ବୃଦ୍ଧି, ସମସ୍ୟା ସମାଧାନର ସାମର୍ଥ, ଦଳଗତ କାର୍ଯ୍ୟ ଯେଗାଯୋଗ ଦକ୍ଷତା, ବିଭିନ୍ନ କ୍ଷେତ୍ରରେ ଶିଖିବାରେ ଗଭୀରତା ଓ ନିପୁଣତା, ସାମାଜିକ ଓ ନୈତିକ ସଚେତନତା ବୃଦ୍ଧି ଇତ୍ୟାଦି ସହିତ ସକାରାତ୍ମକ ଶିକ୍ଷଣ ଫଳାଫଳ ରହିଛି । ଏହା ଏକ ସାମଗ୍ରିକ ଓ ବହୁ-ବିଷୟକ ଶିକ୍ଷା ଦୃଷ୍ଟିକୋଣ ମାଧ୍ୟମରେ ଗବେଷଣାରେ ମଧ୍ୟ ଉନ୍ନତି ଏବଂ ବୃଦ୍ଧି କରାଯାଇଛି ।

11.3 ଏକ ସାମଗ୍ରିକ ଓ ବହୁ-ବିଷୟକ ଶିକ୍ଷାର ଉଦ୍ଦେଶ୍ୟ ହେଉଛି ମନୁଷ୍ୟର ସମସ୍ତ ପ୍ରକାର ଦକ୍ଷତା – ବୌଦ୍ଧିକ, ସୌନ୍ଦର୍ଯ୍ୟବୋଧ, ସାମାଜିକ, ଶାରୀରିକ, ଭାବାତ୍ମକ ତଥା ନୈତିକର ସମନ୍ୱିତ ବିକାଶ କରିବା । ଏପରି ଶିକ୍ଷା ଦ୍ୱାରା ଏକବିଂଶ ଶତାବ୍ଦୀର କଳା, ମାନବିକୀ, ଭାଷା, ବିଜ୍ଞାନ, ସାମାଜିକ ବିଜ୍ଞାନ, ବୃତ୍ତିଗତ, ବୈଷୟିକ ଓ ଧନ୍ଦାମୂଳକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସାମର୍ଥ୍ୟ ଥିବା ଭଲ ବ୍ୟକ୍ତି ଗଠନ କରିବାରେ ସାହାଯ୍ୟ ଏକ ବିଂଶ ଶତାବ୍ଦୀର ଦକ୍ଷତା, ସାମାଜିକ ସଂପୃକ୍ତିରେ ନୈତିକତା, କରିବା ଏହା ମଧ୍ୟ – ଯୋଗାଯୋଗ, ଆଲୋଚନା, ବିତର୍କ ଭଳି ବ୍ୟବହାରିକ କୌଶଳ ବିକାଶ କରିବ । ଏପରି ଏକ ସାମଗ୍ରିକ ଶିକ୍ଷା ଦୀର୍ଘକାଳୀନ ସମୟ ଅବଧିରେ ବୃତ୍ତିଗତ, ବୈଷୟିକ ଓ ଧନ୍ଦାମୂଳକ ସମେତ ସମସ୍ତ ସ୍ନାତକ କାର୍ଯ୍ୟକ୍ରମର ଦୃଷ୍ଟିଭଙ୍ଗୀ ହେବ ।

11.4 ଭାରତର ଅତୀତରେ ଏତେ ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଥିବା ଏକ ସାମଗ୍ରିକ ଓ ବହୁ-ବିଷୟକ ଶିକ୍ଷା ବାସ୍ତବରେ ଏକବିଂଶ ଶତାବ୍ଦୀ ଓ ଚତୁର୍ଥ ଶିଳ୍ପ ବିପ୍ଳବକୁ ଆଗେଇନେବା ପାଇଁ ଭାରତର ଶିକ୍ଷା ପାଇଁ ଆବଶ୍ୟକ । ଏପରିକି, IIT ଭଳି ବୈଷୟିକ ଅନୁଷ୍ଠାନଗୁଡ଼ିକ ମଧ୍ୟ କଳା ଓ ମାନବିକୀ ସହିତ ସାମଗ୍ରିକ ଓ ବହୁ-ବିଷୟକ ଶିକ୍ଷା ଆଡ଼କୁ ଗତିକରିବ । କଳା ଓ ମାନବିକୀ ଶିକ୍ଷାର୍ଥୀମାନେ ମଧ୍ୟ ବିଜ୍ଞାନ ପଢ଼ିବା ପାଇଁ ଲକ୍ଷ୍ୟ ରଖିବେ ଏବଂ ସମସ୍ତେ ଅଧିକ ଧନ୍ଦାମୂଳକ ଶିକ୍ଷା ଓ ବ୍ୟବହାରିକ କୌଶଳକୁ ସାମିଲ କରିବା ପାଇଁ ପ୍ରୟାସ କରିବେ ।

11.5 କଳ୍ପନାଶୀଳ ଓ ନମନୀୟ ପାଠ୍ୟକ୍ରମର ଢାଞ୍ଚା ଅଧ୍ୟୟନ ପାଇଁ ଶୃଙ୍ଖଳାର ସୃଜନଶୀଳ ସଂଯୋଜନାକୁ ସକ୍ଷମ କରିବ ଓ ଏହା ଏକାଧିକ ପ୍ରବେଶ ଓ ପ୍ରସ୍ଥାନର ପଏଣ୍ଟ ପ୍ରଦାନ କରିବ, ତେଣୁ ବର୍ତ୍ତମାନର ପ୍ରଚଳିତ ଦୃଢ଼ ଅନୁଶାସନାତ୍ମକ ସୀମାକୁ ଦୂର କରିବା ଏବଂ ଜୀବନବ୍ୟାପୀ ଶିକ୍ଷା ପାଇଁ ନୂତନ ସମ୍ଭାବନା ସୃଷ୍ଟି କରିବ । ବ୍ୟାପକ ବହୁ-ବିଷୟକ ବିଶ୍ୱବିଦ୍ୟାଳୟରେ ସ୍ନାତକ, ସ୍ନାତକୋତ୍ତର ଓ ଡକ୍ଟରାଲ ଶିକ୍ଷା, ଦୃଢ଼ ଗବେଷଣା ଆଧାରିତ ବିଶେଷତ୍ୱ ପ୍ରଦାନ କରିବା ସମୟରେ ଶିକ୍ଷା, ସରକାର ଓ ଶିଳ୍ପ ସହ ବହୁ-ବିଷୟକ କାର୍ଯ୍ୟ ପାଇଁ ସୁଯୋଗ ପ୍ରଦାନ କରିବ ।

11.6 ବୃହତ ବହୁ-ବିଷୟକ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଉଚ୍ଚମାନର ସାମଗ୍ରିକ ଓ ବହୁ-ବିଷୟକ ଶିକ୍ଷା ଦିଗରେ ପଦକ୍ଷେପକୁ ସୁବିଧା ପ୍ରଦାନ କରିବ । ନିର୍ଦ୍ଦିଷ୍ଟ ବିଷୟରେ ଅଧିକ ସ୍ୱତନ୍ତ୍ରତା ବ୍ୟତୀତ ଶିକ୍ଷାର୍ଥୀମାନଙ୍କୁ ପାଠ୍ୟକ୍ରମ ଚୟନରେ ସ୍ୱାଧୀନତା ସହିତ ନୂତନତ୍ୱ ଓ ରୋଚକ ବିଷୟର ବିକଳ୍ପ ଦିଆଯିବ । ପାଠ୍ୟକ୍ରମ ନିର୍ଦ୍ଧାରଣ କରିବାରେ ଶିକ୍ଷକ ଓ ସ୍ୱତନ୍ତ୍ରତା ବୃଦ୍ଧି ଦ୍ୱାରା ଏହାକୁ ପ୍ରୋତ୍ସାହିତ କରାଯିବ । ଭାବବିନିମୟ, ଆଲୋଚନା, ବିତର୍କ, ଗବେଷଣା ଏବଂ ଆନ୍ତଃ-ବିଷୟକ ଓ ଅନ୍ତଃ-ବିଷୟକ ଚିନ୍ତନ ଉପରେ ଶିକ୍ଷଣ ଶାସ୍ତ୍ର ବିଶେଷ ଗୁରୁତ୍ୱ ଦେବ ।

11.7 ଭାଷା, ସାହିତ୍ୟ, ସଙ୍ଗୀତ, ଦର୍ଶନ, ଭାରତ ବିଦ୍ୟା, କଳା, ନୃତ୍ୟ, ନାଟ୍ୟ କଳା, ଶିକ୍ଷା, ଗଣିତ, ପରିସଂଖ୍ୟାନ, ମୌଳିକ ଓ ପ୍ରୟୋଗାତ୍ମକ ବିଜ୍ଞାନ, ସମାଜ ବିଜ୍ଞାନ, ଅର୍ଥନୀତି, କ୍ରୀଡ଼ା, ଅନୁବାଦ ଓ ବ୍ୟାଖ୍ୟା ଓ ଏହିଭଳି ବିଷୟଗୁଡ଼ିକୁ ବହୁ-ବିଷୟକ ଭାରତୀୟ ଶିକ୍ଷା ଏବଂ ପରିବେଶ ପାଇଁ ଆବଶ୍ୟକ ଅନ୍ୟାନ୍ୟ ବିଷୟଗୁଡ଼ିକର ବିଭାଗ ପ୍ରତିଷ୍ଠା କରାଯିବ ଏବଂ ସମସ୍ତ ଉଚ୍ଚ ଶିକ୍ଷା ଅନୁଷ୍ଠାନରେ ସୁଦୃଢ଼ କରାଯିବ । ଏହି ବିଷୟଗୁଡ଼ିକରେ ସ୍ନାତକ କାର୍ଯ୍ୟକ୍ରମରେ କ୍ରେଡ଼ିଟ (Credit) ଦିଆଯିବ ଯଦି ଏହିଗୁଡ଼ିକ ଏହି ସବୁ ବିଭାଗ ଦ୍ୱାରା କରାଯାଏ କିମ୍ବା ମୁକ୍ତ ଦୂର ଶିକ୍ଷା (Open Distance Learning) ମାଧ୍ୟମରେ କରାଯିବ ଯେତେବେଳେ ଉଚ୍ଚ ଶିକ୍ଷା ଅନୁଷ୍ଠାନର ଶ୍ରେଣୀମାନଙ୍କରେ ଉପଲବ୍ଧ ନଥିବ ।

11.8 ଏପରି ଏକ ସାମଗ୍ରିକ ଓ ବହୁ-ବିଷୟକ ଶିକ୍ଷା ହାସଲ କରିବା ଦିଗରେ ସମସ୍ତ ଉଚ୍ଚ ଶିକ୍ଷା ଅନୁଷ୍ଠାନ (HEIs) ନମନୀୟ ଓ ଅଭିନବ ପାଠ୍ୟକ୍ରମରେ ଗୋଷ୍ଠୀ ସମ୍ପର୍କ ଓ ସେବା ପରିବେଶ ଶିକ୍ଷା ଓ ମୂଲ୍ୟ ଆଧାରିତ ଶିକ୍ଷା କ୍ଷେତ୍ରରେ କ୍ରେଡ଼ିଟ୍ ଆଧାରିତ ପାଠ୍ୟକ୍ରମ ଏବଂ ପ୍ରକଳ୍ପ ସାମିଲ ହେବ । ପରିବେଶ ଶିକ୍ଷାରେ ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ, ବର୍ଜ୍ୟବସ୍ତୁ ପରିଚାଳନା, ପରିମଳ, ଜୈବ ବିବିଧତା ପରିଚାଳନା, ଜଙ୍ଗଲ ଏବଂ ବନ୍ୟଜନ୍ତୁ ସଂରକ୍ଷଣ ଓ ନିରନ୍ତର ବିକାଶ ଓ ଜୀବନଧାରଣ ଭଳି କ୍ଷେତ୍ର ସାମିଲ ହେବ । ମୂଲ୍ୟ ଆଧାରିତ ଶିକ୍ଷାରେ ମାନବିକତା, ନୈତିକ, ସାମ୍ବିଧାନିକ ଏବଂ ସତ୍ୟ ର ସାର୍ବଜନୀନ ମାନବୀୟ ମୂଲ୍ୟବୋଧ (ସତ୍ୟ), ଧାର୍ମିକ ଆଚରଣ (ଧର୍ମ), ଶାନ୍ତି (ଶକ୍ତି), ପ୍ରେମ, ଅହିଂସା, ବୈଜ୍ଞାନିକ ସ୍ୱଭାବ, ନାଗରିକତା ମୂଲ୍ୟବୋଧ ଏବଂ ଜୀବନ କୌଶଳର ବିକାଶ ସାମିଲ ହେବ । ସେବା ସମ୍ବନ୍ଧିତ ପାଠ ଏବଂ ଗୋଷ୍ଠୀ ସେବା କାର୍ଯ୍ୟକ୍ରମରେ ଅଂଶଗ୍ରହଣକୁ ସାମଗ୍ରିକ ଶିକ୍ଷାର ଏକ ଅଭିନ୍ନ ଅଙ୍ଗ ଭାବେ ବିବେଚନା କରାଯିବ । ବିଶ୍ୱ କ୍ରମଶଃ ଅଧିକରୁ ଅଧିକ ପରସ୍ପର ମଧ୍ୟରେ ଯୋଡ଼ି ହେଉଥିବା ବେଳେ ସମସାମୟିକ ବୈଶ୍ୱିକ ଆହ୍ୱାନର ପ୍ରତିକ୍ରିୟା ବିଶ୍ୱ ନାଗରିକତା ଶିକ୍ଷା (Global Citizenship Education - GCE) ଶିକ୍ଷାର୍ଥୀମାନଙ୍କୁ ବିଶ୍ୱର ସମସ୍ୟା ସମ୍ପର୍କରେ ସଚେତନ ହେବା ଓ ବୁଝିବା ଅଧିକ ଶାନ୍ତିପୂର୍ଣ୍ଣ ସହନଶୀଳ, ଅନ୍ତର୍ଭୁକ୍ତୀ, ସୁରକ୍ଷିତ ଓ ସ୍ଥାୟୀ ସମାଜ ଗଠନର ସକ୍ରିୟ ପ୍ରବର୍ତ୍ତକ ହେବା ପାଇଁ ସଶକ୍ତ କରିବାକୁ ପ୍ରଦାନ କରାଯିବ । ଶେଷରେ ସାମଗ୍ରିକ ଶିକ୍ଷାର ଏକ ଅଂଶ ଭାବରେ ସମସ୍ତ ଉଚ୍ଚ ଶିକ୍ଷା ଅନୁଷ୍ଠାନ (HEI) ରେ ଶିକ୍ଷାର୍ଥୀମାନଙ୍କୁ ଆଞ୍ଚଳିକ ଶିଳ୍ପାନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନ, କଳାକାର ଶିଳ୍ପୀମାନଙ୍କ ସହ ଅଭ୍ୟାସ ପ୍ରଶିକ୍ଷଣ ପାଇଁ ସୁଯୋଗ ଯୋଗାଇ ଦିଆଯିବ, ଏହା ସହିତ ଅନୁଷ୍ଠାନର ଅଧ୍ୟାପକ / ଅଧ୍ୟାପିକା ଏବଂ ଗବେଷକଙ୍କ ସହିତ ସେମାନଙ୍କର ନିଜସ୍ୱ କିମ୍ବା ଅନ୍ୟାନ୍ୟ ଉଚ୍ଚ ଶିକ୍ଷା ଅନୁଷ୍ଠାନ / ଗବେଷଣା ପ୍ରତିଷ୍ଠାନଗୁଡ଼ିକରେ ଗବେଷଣାର ଅଭ୍ୟାସ ପାଇଁ ସୁଯୋଗ ଯୋଗାଇ ଦିଆଯିବ, ଯଦ୍ୱାରା ଶିକ୍ଷାର୍ଥୀ ତା'ର ଶିକ୍ଷଣର ବ୍ୟବହାରିକ ଦିଗ ସହିତ ଜଡ଼ିତ ହୋଇପାରିବେ ଏବଂ ଉତ୍ପାଦ ଦ୍ୱାରା ସେମାନଙ୍କର ନିଯୁକ୍ତି ସୁଯୋଗକୁ ବୃଦ୍ଧି କରିବେ ।

11.9 ସ୍ନାତକ ଡିଗ୍ରୀର ଅବଧି 3 କିମ୍ବା 4 ବର୍ଷର ହେବ, ଯେଉଁଥିରେ ଏହି ଅବଧି ମଧ୍ୟରେ ଏକାଧିକ ପ୍ରସ୍ଥାନ ବିକଳ୍ପ ସହିତ ଉପଯୁକ୍ତ ପ୍ରମାଣପତ୍ର ମିଳିବ - ଧନ୍ଦାମୂଳକ ଏବଂ ବୃତ୍ତିଗତ କ୍ଷେତ୍ର ସହିତ ଏକ ବିଷୟବସ୍ତୁ ବା କ୍ଷେତ୍ରରେ ଏକ ବର୍ଷ ପୂରଣ କରିବା ପରେ ପ୍ରମାଣପତ୍ର ମିଳିବ - ଧନ୍ଦାମୂଳକ ଏବଂ ବୃତ୍ତିଗତ କ୍ଷେତ୍ର ସହିତ ଏକ ବିଷୟବସ୍ତୁ ବା କ୍ଷେତ୍ରରେ ଏକ ବର୍ଷ ପୂରଣ କରିବା ପରେ ପ୍ରମାଣପତ୍ର କିମ୍ବା ଦୁଇ ବର୍ଷ ଅଧ୍ୟୟନ ପରେ ଏକ ଡିପ୍ଲୋମା କିମ୍ବା ତିନି ବର୍ଷର କାର୍ଯ୍ୟକ୍ରମ ପରେ ସ୍ନାତକ ଡିଗ୍ରୀ ଏବଂ ଚାରି ବର୍ଷର ବହୁ-ବିଷୟକ (ବହୁମୁଖୀ) ସ୍ନାତକ କାର୍ଯ୍ୟକ୍ରମ ଶିକ୍ଷାର୍ଥୀମାନଙ୍କ ପାଇଁ ପସନ୍ଦଯୋଗ୍ୟ ବିକଳ୍ପ ହେବ କାରଣ ଏହା ସେମାନଙ୍କର ପସନ୍ଦ ଅନୁଯାୟୀ ମୁଖ୍ୟ (major) ଓ ଗୌଣ (minor) ବିଷୟ ଉପରେ ଧ୍ୟାନ ଦେବା ସହିତ ସାମଗ୍ରିକ ଓ ବହୁ-ବିଷୟକ ଶିକ୍ଷାର ସମ୍ପୂର୍ଣ୍ଣ ପରିସରକୁ ଅନୁଭବ କରିବାର ସୁଯୋଗ ଦେଇଥାଏ । ଏକ ଶୈକ୍ଷିକ କୃତିତ୍ୱ ବ୍ୟାଙ୍କ (Academic Bank of Credit-ABC) ପ୍ରତିଷ୍ଠା ହେବ, ଯାହା ବିଭିନ୍ନ ସ୍ୱୀକୃତିପ୍ରାପ୍ତ ଉଚ୍ଚ ଶିକ୍ଷା ଅନୁଷ୍ଠାନରୁ ଅର୍ଜିତ କୃତିତ୍ୱ (credit) କୁ ଡିଜିଟାଲ ମାଧ୍ୟମରେ ଗଚ୍ଛିତ କରିବ, ଯଦ୍ୱାରା ଏକ ଉଚ୍ଚ ଶିକ୍ଷା ଅନୁଷ୍ଠାନରୁ ଅର୍ଜିତ ଡିଗ୍ରୀକୁ ଶୈକ୍ଷିକ କୃତିତ୍ୱ ଆଧାରରେ ପୁରସ୍କୃତ କରାଯାଇ ପାରିବ । ଉଚ୍ଚ ଶିକ୍ଷା ଅନୁଷ୍ଠାନ (HEI) ଦ୍ୱାରା ନିର୍ଦ୍ଧାରିତ ଅଧ୍ୟୟନର ମୁଖ୍ୟ କ୍ଷେତ୍ରରେ ଏକ କଠୋର ଗବେଷଣା ପ୍ରକଳ୍ପ ସମ୍ପୂର୍ଣ୍ଣ କରନ୍ତି ତେବେ ଚାରି-ବର୍ଷିକିଆ କାର୍ଯ୍ୟକ୍ରମ

ଗବେଷଣା ସହିତ ଡିଗ୍ରୀ ମଧ୍ୟ ସୃଷ୍ଟି କରିପାରେ ।

11.10 ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକ (HEIs) ଭିନ୍ନଭିନ୍ନ ଢାଞ୍ଚାରେ ସ୍ନାତକୋତ୍ତର କାର୍ଯ୍ୟକ୍ରମ ପ୍ରଦାନ କରିବା ପାଇଁ ନମନୀୟତା ରହିବ:

(କ) 3 ବର୍ଷର ସ୍ନାତକ କାର୍ଯ୍ୟକ୍ରମ ସଂପୂର୍ଣ୍ଣ କରିବା ଶିକ୍ଷାର୍ଥୀଙ୍କ ପାଇଁ 2 ବର୍ଷର ସ୍ନାତକୋତ୍ତର କାର୍ଯ୍ୟକ୍ରମ, ଯେଉଁଥିରେ 2ୟ ବର୍ଷ ସମ୍ପୂର୍ଣ୍ଣ ଭାବେ ଗବେଷଣା ପାଇଁ ଉଦ୍ଦିଷ୍ଟ ରହିବ;

(ଖ) ଗବେଷଣା ସହିତ 4 ବର୍ଷର ସ୍ନାତକ କାର୍ଯ୍ୟକ୍ରମ ସମାପ୍ତି କରିଥିବା ଶିକ୍ଷାର୍ଥୀଙ୍କ ପାଇଁ ଏକ ବର୍ଷର ସ୍ନାତକୋତ୍ତର କାର୍ଯ୍ୟକ୍ରମ ହୋଇପାରେ;

(ଗ) ଏକ ସମନ୍ୱିତ 5 ବର୍ଷର ସ୍ନାତକ / ସ୍ନାତକୋତ୍ତର କାର୍ଯ୍ୟକ୍ରମ ହୋଇପାରେ । Ph.D କରିବା ପାଇଁ ଗବେଷଣା ସହିତ ସ୍ନାତକୋତ୍ତର ଡିଗ୍ରୀ କିମ୍ବା 4 ବର୍ଷର ସ୍ନାତକ ଡିଗ୍ରୀ ଆବଶ୍ୟକ ଅଟେ । M.Phil କାର୍ଯ୍ୟକ୍ରମ ବନ୍ଦ କରାଯିବ ।

11.11 IITs, IIMs ଇତ୍ୟାଦି ଭଳି ସାମଗ୍ରିକ ତଥା ବହୁବିଷୟକ ବହୁ-ବିଷୟକ ଶିକ୍ଷା ପାଇଁ ମଡ଼େଲ ସାର୍ବଜନୀନ ବିଶ୍ୱବିଦ୍ୟାଳୟ (Multidisciplinary Education and Research University- MERUs) ପ୍ରତିଷ୍ଠା କରାଯିବ, ଏହାର ଲକ୍ଷ୍ୟ ଗୁଣାତ୍ମକ ଶିକ୍ଷାରେ ସର୍ବୋଚ୍ଚ ବିଶ୍ୱସ୍ତରୀୟ ମାନକ ହାସଲ କରିବା । ସେମାନେ ସମଗ୍ର ଭାରତରେ ବହୁ-ବିଷୟକ ଶିକ୍ଷା ପାଇଁ ସର୍ବୋଚ୍ଚ ମାନସ ସ୍ଥିର କରିବାରେ ମଧ୍ୟ ସାହାଯ୍ୟ କରିବେ ।

11.12 ଷ୍ଟାର୍ଟ ଅପ୍ ଇନ୍ କ୍ୟୁବେସନ୍ କେନ୍ଦ୍ର, ପ୍ରଯୁକ୍ତି ବିଦ୍ୟା ବିକାଶ କେନ୍ଦ୍ର, ଆଗଧାଡ଼ିର କ୍ଷେତ୍ରରେ ଗବେଷଣା କରୁଥିବା କେନ୍ଦ୍ର, ବୃହତ୍ ଶିଳ୍ପ ଶୈକ୍ଷିକ ସଂପୃକ୍ତି ଏବଂ ସାମାଜିକ ବିଜ୍ଞାନ ଓ ମାନବିକୀ ସମେତ ଅନ୍ତଃ-ବିଭାଗୀୟ ଗବେଷଣା ମାଧ୍ୟମରେ ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକ (HEIs) ଉପରେ ଅଭିନବ କାର୍ଯ୍ୟ ଧ୍ୟାନ ଦେବେ । ସଂକ୍ରାମକ ରୋଗ ଏବଂ ମହାମାରୀ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହା ଗୁରୁତ୍ୱପୂର୍ଣ୍ଣ ଯେ, ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକ (HEIs) ଏପିଡ଼େମୋଲୋଜି, ଭାଇରୋଲୋଜି, ଡାଇଗ୍ନୋଷ୍ଟିକ୍, ଯନ୍ତ୍ରପାତି, ଟୀକାକରଣ ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ କ୍ଷେତ୍ରରେ ଗବେଷଣା କରିବା ପାଇଁ ଆଗେଇ ଆସିବ । ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକ (HEIs) ଶିକ୍ଷାର୍ଥୀ ସମ୍ପ୍ରଦାୟ ମଧ୍ୟରେ ନବାଚରକୁ ପ୍ରୋତ୍ସାହିତ କରିବା ପାଇଁ ହସ୍ତଧାରଣ ବ୍ୟବସ୍ଥା (handholding) ଏବଂ ପ୍ରତିଯୋଗିତା ବିକଶିତ କରିବ । ରାଷ୍ଟ୍ରୀୟ ଗବେଷଣା ଅନୁଷ୍ଠାନ (National Research Foundation-NRF) ସମସ୍ତ ଉଚ୍ଚ ଶିକ୍ଷା ଅନୁଷ୍ଠାନରେ ଗବେଷଣା ଓ ନବାଚାର ସଂସ୍କୃତିର ବିକାଶ, ଗବେଷଣା ପ୍ରୟୋଗଶାଳା ଓ ଅନ୍ୟ ଗବେଷଣା ସଂସ୍ଥାକୁ ସକ୍ଷମ ଓ ସମର୍ଥନ କରିବା ପାଇଁ କାର୍ଯ୍ୟ କରିବ ।

## 12. ଶିକ୍ଷାର୍ଥୀଙ୍କ ପାଇଁ ସର୍ବୋତ୍କୃଷ୍ଟ ଶିକ୍ଷଣ ପରିବେଶ ଓ ସହାୟତା

12.1 ଫଳପ୍ରଦ ଶିକ୍ଷଣ ଏକ ବ୍ୟାପକ ଆଭିମୁଖ୍ୟ ଆବଶ୍ୟକ କରେ, ଯେଉଁଥିରେ ଉପଯୁକ୍ତ ପାଠ୍ୟକ୍ରମ, ଆକର୍ଷଣୀୟ ଶୈକ୍ଷଣିକ ପଦକ୍ଷେପ, ନିରନ୍ତର ଗଠନମୂଳକ ମୂଲ୍ୟାୟନ ଓ ଶିକ୍ଷାର୍ଥୀଙ୍କ ପାଇଁ ପର୍ଯ୍ୟାପ୍ତ ସହାୟତା ଅନ୍ତର୍ଭୁକ୍ତ । ପାଠ୍ୟକ୍ରମ ନିଶ୍ଚିତ ଭାବରେ ଆକର୍ଷଣୀୟ, ପ୍ରାସଙ୍ଗିକ ହେବା ଆବଶ୍ୟକ ଏବଂ ସବିଶେଷ ଜ୍ଞାନ ଆବଶ୍ୟକତା ଦୃଷ୍ଟିରେ ରଖି ଏବଂ ନିର୍ଦ୍ଦିଷ୍ଟ ଶିକ୍ଷଣ ଫଳାଫଳ ହାସଲ କରିବା ପାଇଁ ନିୟମିତ ଭାବେ ଅଦ୍ୟତନ ହେବା ଆବଶ୍ୟକ । ଶିକ୍ଷାର୍ଥୀମାନଙ୍କୁ ପାଠ୍ୟକ୍ରମ ସାମଗ୍ରୀକୁ ସଫଳତାର ସହ ପ୍ରଦାନ କରିବା ପାଇଁ ଉଚ୍ଚ-ଗୁଣାତ୍ମକ ଶୈକ୍ଷଣିକ ଉପାୟ ଆବଶ୍ୟକ; ଶିକ୍ଷଣର ଏହି ତରିକା ଶିକ୍ଷାର୍ଥୀମାନଙ୍କୁ ଦିଆଯାଇଥିବା ଶିକ୍ଷଣ ଅଭିଜ୍ଞତାକୁ ନିର୍ଦ୍ଧାରଣ କରିବା ସହ ଶିକ୍ଷଣ ଫଳାଫଳକୁ ସିଧାସଳଖ ପ୍ରଭାବିତ କରେ । ମୂଲ୍ୟାୟନ ପଦ୍ଧତିଗୁଡ଼ିକ ବିଜ୍ଞାନସମ୍ମତ ହେବା ଆବଶ୍ୟକ, କ୍ରମାଗତ ଭାବରେ ଶିକ୍ଷଣର ଉନ୍ନତି ଆଣିବା ପାଇଁ ଜ୍ଞାନର ପ୍ରୟୋଗକୁ ମାପିବା ପାଇଁ ପରିକଳ୍ପିତ । ଶେଷରେ ଏଭଳି କିଛି ଦକ୍ଷତା ଯାହା ଶିକ୍ଷାର୍ଥୀଙ୍କ ଭଲ ପାଇଁ ଆବଶ୍ୟକ ଅଟେ, ଯେଭଳି ଫିଟ୍‌ନେସ, ଉତ୍ତମ ସ୍ୱାସ୍ଥ୍ୟ, ମନୋ - ସାମାଜିକ ସୁସ୍ଥତା, ବଳିଷ୍ଠ ନୈତିକ ମୂଲ୍ୟବୋଧର ଆଧାର ଆଦିର ବିକାଶ ଉଚ୍ଚ ଗୁଣାତ୍ମକ ଶିକ୍ଷଣ ପାଇଁ ମହତ୍ତ୍ୱପୂର୍ଣ୍ଣ ଅଟେ ।

ଏହିପରି ପାଠ୍ୟକ୍ରମ, ଶିକ୍ଷଣ ଶାସ୍ତ୍ର, ନିରନ୍ତର ମୂଲ୍ୟାୟନ ଓ ଶିକ୍ଷାର୍ଥୀଙ୍କୁ ସହାୟତା ଗୁଣାତ୍ମକ ଶିକ୍ଷଣର ମୂଳଦୁଆ ଅଟେ । ଉପଯୁକ୍ତ ସମ୍ବଳ ଏବଂ ଭିତ୍ତିଭୂମି ଯୋଗାଇବା ସହିତ ଗୁଣାତ୍ମକ ପାଠାଗାର, ଶ୍ରେଣୀଗୃହ, ପରୀକ୍ଷାଗାର, ପ୍ରଯୁକ୍ତିବିଦ୍ୟା,କ୍ରୀଡା/ ମନୋରଞ୍ଜନ କ୍ଷେତ୍ର,

ଶିକ୍ଷାର୍ଥୀ ଆଲୋଚନା ପାଇଁ ସୁଯୋଗ, ଭୋଜନ ସ୍ଥାନସବୁ ଶିକ୍ଷଣ ପରିବେଶ ସହ ସଂପୃକ୍ତ ଏବଂ ସହାୟକ ହେଉଛି କି ନାହିଁ ନିଶ୍ଚିତ କରିବାକୁ ଅନେକ ପଦକ୍ଷେପ ଆବଶ୍ୟକ ହେବ ଓ ସମସ୍ତ ଶିକ୍ଷାର୍ଥୀଙ୍କୁ ସଫଳ ହେବାପାଇଁ ସମର୍ଥ କରାଇବ।

12.2 ପ୍ରଥମତଃ ଉଚ୍ଚ ଶିକ୍ଷାର ବ୍ୟାପକ ଢାଞ୍ଚାରେ ସୃଜନଶୀଳତାକୁ ସୁନିଶ୍ଚିତ କରିବା ପାଇଁ ଅନୁଷ୍ଠାନ ଓ ଅଧ୍ୟାପକମାନଙ୍କୁ ପାଠ୍ୟକ୍ରମ, ଶିକ୍ଷଣ ଶାସ୍ତ୍ର ଓ ମୂଲ୍ୟାୟନ ଇତ୍ୟାଦିରେ ଅଭିନବତା ପାଇଁ ସ୍ୱାଧୀନତା ପ୍ରଦାନ କରିବାକୁ ପଡ଼ିବ, ଯାହା ସମସ୍ତ ଅନୁଷ୍ଠାନ, କାର୍ଯ୍ୟକ୍ରମ, ସମସ୍ତ ମୁକ୍ତ ଦୂର-ଶିକ୍ଷା (ODL) ଅନଲାଇନ୍ ଓ ପାରମ୍ପରିକ ଶ୍ରେଣୀଗୃହ ଶିକ୍ଷଣରେ ସ୍ଥିରତା ସୁନିଶ୍ଚିତ କରିବ। ସେହି ଅନୁଯାୟୀ, ସମସ୍ତ ଶିକ୍ଷାର୍ଥୀଙ୍କ ପାଇଁ ଏକ ଉତ୍ସାହଜନକ ତଥା ଆକର୍ଷଣୀୟ ଶୈକ୍ଷିକ ଅଭିଜ୍ଞତା ନିଶ୍ଚିତ କରିବାକୁ ଅନୁଷ୍ଠାନ ଓ ଅଭିପ୍ରେରିତ ଅଧ୍ୟାପକଙ୍କ ଦ୍ୱାରା ପାଠ୍ୟକ୍ରମ ଓ ଶିକ୍ଷଣଶାସ୍ତ୍ର ନିର୍ଦ୍ଧାରଣ ହେବ ଏବଂ ପ୍ରତ୍ୟେକ କାର୍ଯ୍ୟକ୍ରମ ଲକ୍ଷ୍ୟକୁ ଆଗକୁ ବଢ଼ାଇବା ପାଇଁ ନିରନ୍ତର ଗଠନମୂଳକ ମୂଲ୍ୟାୟନ ବ୍ୟବହାର କରାଯିବ। ସମସ୍ତ ମୂଲ୍ୟାୟନ ପ୍ରଣାଳୀ ଉଚ୍ଚ ଶିକ୍ଷା ଅନୁଷ୍ଠାନ (HEI) ଙ୍କ ଦ୍ୱାରା ସ୍ଥିର ହେବ ଯାହା ଚୂଡ଼ାନ୍ତ ପ୍ରମାଣୀକରଣରେ ସାହାଯ୍ୟ କରିବ। ନମନୀୟତା ପାଇଁ ପସନ୍ଦ ନୂତନତା ଆଧାରିତ କ୍ରେଡିଟ ସିଷ୍ଟମ (Choice Based Credit System-CBCS) ସଂଶୋଧିତ ହେବ। ଉଚ୍ଚ ଶିକ୍ଷା ଅନୁଷ୍ଠାନ (HEI)ଗୁଡ଼ିକ ମାନଦଣ୍ଡ ଉଚ୍ଚ ସ୍ତରୀୟ ଆଧାରିତ ଗ୍ରେଡିଂ ସିଷ୍ଟମ ଆଡକୁ ଅଗ୍ରସର ହେବେ ଯାହା ପ୍ରତ୍ୟେକ କାର୍ଯ୍ୟକ୍ରମ ପାଇଁ ଶିକ୍ଷଣ ଲକ୍ଷ୍ୟ ଉପରେ ଆଧାର କରି ଶିକ୍ଷାର୍ଥୀଙ୍କ ଉପଲବ୍ଧିର ମୂଲ୍ୟାୟନ କରିବା ସହ ବ୍ୟବସ୍ଥାକୁ ସୁନ୍ଦର ଏବଂ ଫଳାଫଳକୁ ତୁଳନାତ୍ମକ କରିବ। ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକ ଉଚ୍ଚ ସ୍ତରୀୟ ପରୀକ୍ଷା ବ୍ୟବସ୍ଥାରୁ ଅଧିକ ନିରନ୍ତର ଓ ସାମଗ୍ରକ ମଲ୍ୟାୟନ ଆଡ଼କୁ ଅଗ୍ରସର ହେବେ।

12.3 ଦ୍ୱିତୀୟତଃ, ପ୍ରତ୍ୟେକ ଅନୁଷ୍ଠାନ ଏହାର ଶୈକ୍ଷିକ ଯୋଜନାଗୁଡ଼ିକୁ ପାଠ୍ୟକ୍ରମର ଉନ୍ନତିଠାରୁ ଆରମ୍ଭ କରି ଶ୍ରେଣୀଗୃହ କାର୍ଯ୍ୟର ଗୁଣାତ୍ମକ ପର୍ଯ୍ୟନ୍ତ – ଏହାର ବୃହତ ଆନୁଷ୍ଠାନିକ ବିକାଶ ଯୋଜନା (Institutional Development Plan - IDP) ରେ ସମନ୍ୱିତ କରିବେ। ପ୍ରତ୍ୟେକ ଅନୁଷ୍ଠାନ, ଶିକ୍ଷାର୍ଥୀମାନଙ୍କର ସାମଗ୍ରିକ ବିକାଶ ପାଇଁ ପ୍ରତିବଦ୍ଧ ହେବ ଏବଂ ଶ୍ରେଣୀଗୃହ ଭିତରେ ଓ ବାହାରେ ଆନୁଷ୍ଠାନିକ ଶୈକ୍ଷିକ ଆଲୋଚନା ତଥା ସାମାଜିକ କ୍ଷେତ୍ରରେ ବିଭିନ୍ନ ଶିକ୍ଷାର୍ଥୀ ଦଳକୁ ସହାୟତା କରିବା ପାଇଁ ଦୃଢ ଆଭ୍ୟନ୍ତରିଣ ପ୍ରଣାଳୀ ସୃଷ୍ଟି କରିବେ। ଅଧ୍ୟାପକମାନେ କେବଳ ଶିକ୍ଷକ ଭାବେ ନୁହେଁ, ପରାମର୍ଶଦାତା ଏବଂ ଗାଇଡ୍ ଭାବରେ ମଧ୍ୟ ଶିକ୍ଷାର୍ଥୀ ନିକଟକୁ ଯିବା ପାଇଁ ସକ୍ଷମ ହେବେ।

12.4 ତୃତୀୟତଃ, ସାମାଜିକ- ଅର୍ଥନୈତିକ ଅନଗ୍ରସର ପୃଷ୍ଠଭୂମିରୁ ଆସୁଥିବା ଶିକ୍ଷାର୍ଥୀମାନେ ଉଚ୍ଚ ଶିକ୍ଷାରେ ସଫଳତା ହାସଲ ପାଇଁ ଉତ୍ସାହ ଓ ସମର୍ଥନ ଆବଶ୍ୟକ କରନ୍ତି। ଏହାକୁ ଫଳପ୍ରଦଭାବରେ କାର୍ଯ୍ୟକାରୀ କରିବା ପାଇଁ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ ଉଚ୍ଚ ମାନର ସହାୟତା କେନ୍ଦ୍ର ଗଠନ କରିବା ସହ ପର୍ଯ୍ୟାପ୍ତ ଅର୍ଥ ଓ ଶୈକ୍ଷିକ ସମ୍ବଳ ଯୋଗାଇ ଦିଆଯିବ। ସମସ୍ତ ଶିକ୍ଷାର୍ଥୀଙ୍କ ପାଇଁ ବୃତ୍ତିଗତ ଶୈକ୍ଷିକ ଓ କ୍ୟାରିୟର ପରାମର୍ଶ କାର୍ଯ୍ୟକ୍ରମ ଉପଲବ୍ଧ ହେବା ସହିତ ଶାରୀରିକ, ମାନସିକ ଓ ଆବେଗିକ ସୁସ୍ଥତା ପାଇଁ ପରାମର୍ଶଦାତା ମଧ୍ୟ ଉପଲବ୍ଧ ହେବ।

12.5 ଚତୁର୍ଥତଃ ମୁକ୍ତଦୂର ଶିକ୍ଷା (ODL) ଅନଲାଇନ୍ ଶିକ୍ଷା ଆଦି ଗୁଣାତ୍ମକ ଉଚ୍ଚ ଶିକ୍ଷାର ସୁଯୋଗ ସୃଷ୍ଟି କରିବା ଓ ପ୍ରବେଶ ବୃଦ୍ଧି ଏକ ପ୍ରାକୃତିକ ପଥ ପ୍ରଦାନ କରେ। ଏହାର ସାମର୍ଥ୍ୟକୁ ପୂର୍ଣ୍ଣ ଭାବେ ଉପଯୋଗ କରିବା ପାଇଁ ମୁକ୍ତ ଦୂର ଶିକ୍ଷା (ODL) ସହିତ ମିଳିତ, ପ୍ରମାଣ – ଆଧାରିତ ପ୍ରୟାସ ମାଧ୍ୟମରେ ସଂପ୍ରସାରଣ ଦିଗରେ ନବୀକରଣ କରାଯିବା ସହିତ ନିର୍ଦ୍ଧାରିତ ସ୍ପଷ୍ଟ ମାନଦଣ୍ଡକୁ ପାଳନ କରିବ। ମୁକ୍ତ ଦୂର ଶିକ୍ଷା (ODL) ର କାର୍ଯ୍ୟକ୍ରମଗୁଡ଼ିକ, ଉପଲବ୍ଧ ଉଚ୍ଚ ମାନର ଶ୍ରେଣୀଗୃହ କାର୍ଯ୍ୟକ୍ରମ ସହିତ ସମକକ୍ଷ ହେବାକୁ ଲକ୍ଷ୍ୟ ରଖିବ। ମୁକ୍ତ ଦୂର ଶିକ୍ଷା (ODL) ର ପ୍ରଣାଳୀଗତ ବିକାଶ ମାନଦଣ୍ଡ, ମାନକ ଓ ନିୟମାବଳୀ ପ୍ରସ୍ତୁତ କରାଯିବ ଏବଂ ଗୁଣାତ୍ମକ (ODL) ପାଇଁ ଏକ ଆଧାର ପ୍ରସ୍ତୁତି କରାଯିବ, ଯାହା ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକ ପାଇଁ ସୁପାରିଶ କରାଯିବ।

12.6 ଶେଷରେ ସମସ୍ତ କାର୍ଯ୍ୟକ୍ରମ, ପାଠ୍ୟକ୍ରମ ପାଠ୍ୟଚର୍ଚ୍ଚା, ଶିକ୍ଷଣଶାସ୍ତ୍ର ସମେତ ଶ୍ରେଣୀଗୃହ ପାଠପଢ଼ା, ଅନ-ଲାଇନ୍ ମୁକ୍ତ ଦୂର ଶିକ୍ଷା (ODL) ଓ ଶିକ୍ଷାର୍ଥୀମାନଙ୍କୁ ସହାୟତା ଭଳି ସବୁ କାର୍ଯ୍ୟକ୍ରମର ଲକ୍ଷ୍ୟ ହେବ କି ଏହା ଗୁଣାତ୍ମକ ବିଶ୍ୱମାନକକୁ ହାସଲ କରିବ।

### ଆନ୍ତର୍ଜାତୀୟକରଣ

12.7 ଉପରୋକ୍ତ ବିଭିନ୍ନ ପଦକ୍ଷେପ ଭାରତର ବହୁ ସଂଖ୍ୟକ ପଢୁଥିବା ଆନ୍ତର୍ଜାତୀୟ ଶିକ୍ଷାର୍ଥୀଙ୍କୁ ମଧ୍ୟ ସାହାଯ୍ୟ କରିବ ଏବଂ ଭାରତର ଶିକ୍ଷାର୍ଥୀଙ୍କୁ ଅଧିକ ଗତିଶୀଳତା ଯୋଗାଇବ, ଯେଉଁମାନେ ପରିଦର୍ଶନ, ଅଧ୍ୟୟନ, କ୍ରେଡିଟ୍ – ସ୍ଥାନାନ୍ତର କିମ୍ବା ବିଦେଶରେ

ଥିବା ଆନୁଷ୍ଠାନିକଗୁଡ଼ିକରେ ଗବେଷଣା କରିବାକୁ ଇଚ୍ଛା ପ୍ରକାଶ କରିବେ। ଏହି ସବୁ ମଧ୍ୟ ଆନ୍ତର୍ଜାତୀୟ ଶିକ୍ଷାର୍ଥୀମାନଙ୍କ ପାଇଁ ଭାରତରେ ଉପଲବ୍ଧ ହେବ। ଇଣ୍ଡୋଲଜି, ଭାରତୀୟ ଭାଷା, AYUSH ଚିକିତ୍ସା ପଦ୍ଧତି, ଯୋଗ, କଳା, ସଙ୍ଗୀତ, ଇତିହାସ, ସଂସ୍କୃତି ଓ ଆଧୁନିକ ଭାରତ ଭଳି ବିଷୟରେ ପାଠ୍ୟକ୍ରମ ଓ କାର୍ଯ୍ୟକ୍ରମ, ବିଜ୍ଞାନ, ସାମାଜିକ ବିଜ୍ଞାନ ଓ ଏହା ବ୍ୟତୀତ ଆନ୍ତର୍ଜାତୀୟ ସ୍ତରରେ ପ୍ରଯୁଜ୍ୟ ପାଠ୍ୟକ୍ରମ, ସାମାଜିକ ଆବାସିକ/ ରହଣି ପାଇଁ ଅର୍ଥପୂର୍ଣ୍ଣ ସୁଯୋଗ, ଗୁଣାତ୍ମକ ଆବାସିକ ସୁବିଧା, କ୍ୟାମ୍ପସରେ ଶିଖିବା ପାଇଁ ସୁଯୋଗ ଆଦି ଆନ୍ତର୍ଜାତୀୟ ଗୁଣାତ୍ମକ ମାନର ଲକ୍ଷ୍ୟକୁ ହାସଲ  କରିବା ଦିଗରେ ଅଗ୍ରସର ହେବ। ଏହା ସହିତ ଅଧିକସଂଖ୍ୟକ ଆନ୍ତର୍ଜାତୀୟ ସ୍ତର ଶିକ୍ଷାର୍ଥୀଙ୍କ ଆକର୍ଷିତ କରିବା ପାଇଁ "ଦେଶରେ ଆନ୍ତର୍ଜାତିକରଣର" ଲକ୍ଷ୍ୟ ହାସଲ କରିବା ପାଇଁ ଉତ୍ସାହିତ କରାଯିବ।

12.8 ଭାରତ ଏକ ବିଶ୍ୱସ୍ତରୀୟ ଅଧ୍ୟୟନ ସ୍ଥଳ ଭାବରେ ସୁଲଭ ମୂଲ୍ୟରେ ଉଚ୍ଚ କୋଟୀର (Premium) ପ୍ରଦାନ କରିବ, ଯାହାଦ୍ୱାରା ବିଶ୍ୱଗୁରୁ ଭାବରେ ଏହାର ଭୂମିକା ଫେରାଇ ଆଣିବାରେ ସାହାଯ୍ୟ କରିବ। ବିଦେଶୀ ଛାତ୍ରଙ୍କୁ ଶିକ୍ଷା ଦେଉଥିବା ପ୍ରତ୍ୟେକ ଉଚ୍ଚ ଶିକ୍ଷା ଅନୁଷ୍ଠାନରେ ଏକ ଆନ୍ତର୍ଜାତୀୟ ଶିକ୍ଷାର୍ଥୀ କାର୍ଯ୍ୟାଳୟ ପ୍ରତିଷ୍ଠା କରାଯିବ ଓ ଏହା ମାଧ୍ୟମରେ ବିଦେଶରୁ ଆସୁଥିବା ଶିକ୍ଷାର୍ଥୀମାନଙ୍କୁ ସ୍ୱାଗତ କରିବା ସହ ସହାୟତା କରିବା ସମ୍ବନ୍ଧୀୟ ସମସ୍ତ ବିଷୟର ସମନ୍ୱୟ ରକ୍ଷା କରାଯିବ। ଉଚ୍ଚ ମାନର ବିଦେଶୀ ଅନୁଷ୍ଠାନ ସହିତ  ଗବେଷଣା / ଶିକ୍ଷାଦାନ ସହଯୋଗ ଓ ଅଧ୍ୟାପକ / ଶିକ୍ଷାର୍ଥୀ ବିନିମୟ ସୁବିଧା ହେବା ସହ ବିଦେଶୀ ଦେଶ ସହ ପାରସ୍ପରିକ ଲାଭଦାୟକ ବୁଝାମଣା ପତ୍ର (MOU) ଉଚ୍ଚ ପ୍ରଦର୍ଶନାକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଅନ୍ୟ ଦେଶରେ ନିଜର କ୍ୟାମ୍ପସ ସ୍ଥାପନ କରିବାକୁ ଉତ୍ସାହିତ କରାଯିବ ଓ  ସେହିଭଳି ବିଶ୍ୱର କେତେକ ବଛା ବଛା ବିଶ୍ୱବିଦ୍ୟାଳୟ ଯଥା ବିଶ୍ୱର ଶ୍ରେଷ୍ଠ 100 ବିଶ୍ୱବିଦ୍ୟାଳୟ ମଧ୍ୟରୁ ଯେଉଁମାନେ ଭାରତରେ ସେମାନଙ୍କର କ୍ୟାମ୍ପସ ଖୋଲିବାକୁ ଚାହିଁବେ ସେମାନଙ୍କୁ ସହାୟତା ଦିଆଯିବ। ଏ ପ୍ରକାର ପ୍ରବେଶକୁ ସୁଗମ କରୁଥିବା ଏକ ବୈଧାନିକ ଢାଞ୍ଚା ପ୍ରସ୍ତୁତ କରାଯିବ ଏବଂ ଏହିପରି ବିଶ୍ୱବିଦ୍ୟାଳୟଗୁଡ଼ିକୁ ଭାରତର ଅନ୍ୟ ସ୍ୱୟଂଶାସିତ ଅନୁଷ୍ଠାନଗୁଡ଼ିକ ନିୟାମକ, ଶାସନ, ନିୟମାବଳୀରେ କୋହଳ କରାଯିବ। ଅଧିକନ୍ତୁ ଭାରତୀୟ ଅନୁଷ୍ଠାନ ଓ ନିମ୍ନସ୍ତରୀୟ ଅନୁଷ୍ଠାନ ମଧ୍ୟରେ ଗବେଷଣା ସହଯୋଗ ଓ ଶିକ୍ଷାର୍ଥୀ ଆଦାନପ୍ରଦାନକୁ ବିଶେଷ ପ୍ରୟାସ ମାଧ୍ୟମରେ  ପ୍ରୋତ୍ସାହିତ କରାଯିବ। ବିଦେଶୀ ବିଶ୍ୱବିଦ୍ୟାଳୟରେ ହାସଲ କରିଥିବା କ୍ରେଡିଟଗୁଡ଼ିକୁ ଅନୁମତି ଦିଆଯିବ, ଯେଉଁଠାରେ ପ୍ରତ୍ୟେକ ଉଚ୍ଚ ଶିକ୍ଷା ଅନୁଷ୍ଠାନର ଆବଶ୍ୟକତା ଅନୁଯାୟୀ ଉପଯୁକ୍ତ ହୋଇଥିବ ଓ ଡିଗ୍ରୀ ପ୍ରଦାନ କଲାବେଳେ ଏହାକୁ ହିସାବକୁ ନିଆଯିବ।

### ଶିକ୍ଷାର୍ଥୀ କାର୍ଯ୍ୟକଳାପ ଓ ଅଂଶଗ୍ରହଣ

12.9 ଶିକ୍ଷାର୍ଥୀମାନେ ଶିକ୍ଷା ବ୍ୟବସ୍ଥାର ମୁଖ୍ୟ ଅଂଶୀଦାର ଅଟନ୍ତି। ଉଚ୍ଚମାନର ଶିକ୍ଷାଦାନ - ଶିକ୍ଷଣ ପ୍ରକ୍ରିୟା ପାଇଁ ଉତ୍ସାହୀ ଓ ଚଳଚଞ୍ଚଳ କ୍ୟାମ୍ପସ ଅତ୍ୟନ୍ତ ଜରୁରୀ। ଏହି ଉଦ୍ଦେଶ୍ୟରେ ଶିକ୍ଷାର୍ଥୀମାନଙ୍କୁ କ୍ରୀଡ଼ା, ସଂସ୍କୃତି/କଳା କ୍ଲବ, ଇକୋ କ୍ଲବ, କାର୍ଯ୍ୟକଳାପ କ୍ଲବ, ଗୋଷ୍ଠୀ ସେବା ପ୍ରକଳ୍ପ ଇତ୍ୟାଦିର ଅଂଶଗ୍ରହଣ ପାଇଁ ପର୍ଯ୍ୟାପ୍ତ ସୁଯୋଗ ଦିଆଯିବ। ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଚାପ ଓ ଆବେଗକୁ ନିୟନ୍ତ୍ରଣ କରିବା ପାଇଁ ପରାମର୍ଶ ପ୍ରଣାଳୀ ରହିବ। ଅଧିକନ୍ତୁ, ଗ୍ରାମାଞ୍ଚଳର ଶିକ୍ଷାର୍ଥୀମାନଙ୍କୁ ଆବଶ୍ୟକ ସହାୟତା ଯୋଗଇବା ସହିତ ଆବଶ୍ୟକ ଅନୁଯାୟୀ  ହଷ୍ଟେଲ ସୁବିଧା ବୃଦ୍ଧି କରିବା ପାଇଁ ଏକ ସୁବ୍ୟବସ୍ଥିତ ବ୍ୟବସ୍ଥା କରାଯିବ। ସମସ୍ତ ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକ ସେମାନଙ୍କ ଅନୁଷ୍ଠାନର ସମସ୍ତ ଶିକ୍ଷାର୍ଥୀଙ୍କ ପାଇଁ ଗୁଣାତ୍ମକ ଚିକିତ୍ସା ସୁବିଧା ନିଶ୍ଚିତ କରିବେ।

### ଶିକ୍ଷାର୍ଥୀଙ୍କ ପାଇଁ ଆର୍ଥିକ ସହାୟତା

12.10 ବିଭିନ୍ନ ପଦକ୍ଷେପ ମାଧ୍ୟମରେ ଶିକ୍ଷାର୍ଥୀମାନଙ୍କୁ ଆର୍ଥିକ ସହାୟତା ଉପଲବ୍ଧ କରାଯିବ। ଅନୁସୂଚିତ ଜାତି (SC), ଜନଜାତି (ST) ଅନ୍ୟାନ୍ୟ ପଛୁଆ ବର୍ଗ (OBC) ଏବଂ ଅନ୍ୟାନ୍ୟ ସାମାଜିକ ଅର୍ଥନୈତିକ ଅବହେଳିତ ବର୍ଗ (SEDGs) ର ଶିକ୍ଷାର୍ଥୀମାନଙ୍କ ଯୋଗ୍ୟତା ଉତ୍ସାହିତ କରିବା ପାଇଁ ପ୍ରୟାସ କରାଯିବ। ଛାତ୍ରବୃତ୍ତି ଗ୍ରହଣ କରୁଥିବା ଶିକ୍ଷାର୍ଥୀଙ୍କ ଅଗ୍ରଗତିକୁ ସମର୍ଥନ, ପୋଷଣ ଓ ବିସ୍ତାରକୁ ନଜର ରଖିବା ପାଇଁ ଜାତୀୟ ବୃତ୍ତି ପୋର୍ଟାଲକୁ ବିସ୍ତାର କରାଯିବ। ବେସରକାରୀ ଉଚ୍ଚ ଶିକ୍ଷା ଅନୁଷ୍ଠାନ ସେମାନଙ୍କ

ଶିକ୍ଷାର୍ଥୀମାନଙ୍କୁ ମାଗଣା ସହାୟତା ଓ ଛାତ୍ରବୃତ୍ତି ପ୍ରଦାନ କରିବାକୁ ଉତ୍ସାହିତ କରାଯିବ।

## 13. ଅଭିପ୍ରେରିତ, ସକ୍ରିୟ ଓ ଦକ୍ଷ ଅଧ୍ୟାପକ

13.1 ଅଧ୍ୟାପକ ନିଯୁକ୍ତି ଓ ସେମାନଙ୍କର ଗୁଣାତ୍ମକତା ହେଉଛି ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକର ସଫଳତାର ଗୁରୁତ୍ୱପୂର୍ଣ୍ଣ କାରକ। ଉଚ୍ଚ ଶିକ୍ଷାର ଲକ୍ଷ୍ୟ ହାସଲରେ ଅଧ୍ୟାପକମାନଙ୍କର ନିର୍ଣ୍ଣାୟକ ଭୂମିକାକୁ ଅସ୍ୱୀକାର କରାଯାଇ ନ ପାରେ, ତେଣୁ ବିଗତ କିଛି ବର୍ଷ ଧରି ନିଯୁକ୍ତି ଓ ବୃତ୍ତିଗତ ପ୍ରଗତିକୁ ସୁବ୍ୟବସ୍ଥିତ କରିବା ତଥା ଅଧ୍ୟାପକ ନିଯୁକ୍ତିରେ ବିଭିନ୍ନ ବର୍ଗର ବ୍ୟକ୍ତିମାନଙ୍କର ଯୁକ୍ତିସଂଗତ ପ୍ରତିନିଧିତ୍ୱକୁ ସୁନିଶ୍ଚିତ କରିବା ପାଇଁ ଅନେକ ପଦକ୍ଷେପ ଆରମ୍ଭ କରାଯାଇଛି। ସରକାରୀ ଅନୁଷ୍ଠାନଗୁଡ଼ିକରେ ସ୍ଥାୟୀ ଅଧ୍ୟାପକଙ୍କ ଅଭାବଜନିତ ଭରଣାକୁ ମଧ୍ୟ ଯଥେଷ୍ଟ ବୃଦ୍ଧି କରାଯାଉଛି। ଅଧ୍ୟାପକମାନଙ୍କୁ ବୃତ୍ତିଗତ ବିକାଶ ସୁଯୋଗ ଯୋଗାଇବା ଦିଗରେ ବିଭିନ୍ନ ପଦକ୍ଷେପ ନିଆଯାଉଛି। ତଥାପି, ଶୈକ୍ଷିକ ବୃତ୍ତିର ସ୍ଥିତିରେ ଏହିଭଳି ବିଭିନ୍ନ ଉନ୍ନତି ସତ୍ତ୍ୱେ ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକ (HEIs)ରେ ଶିକ୍ଷାଦାନ, ଗବେଷଣା ଓ ସେବା କ୍ଷେତ୍ରରେ ଅଧ୍ୟାପକମାନଙ୍କଠାରେ ଅଭିପ୍ରେରଣା ବାଞ୍ଛିତ ସ୍ତରଠାରୁ କମ୍ ଥିବା ଲକ୍ଷ୍ୟ କରାଯାଏ। ଅଧ୍ୟାପକମାନଙ୍କର ଅଭିପ୍ରେରଣା ସ୍ତର କମ୍ ହେବା ପଛରେ ଥିବା ବିଭିନ୍ନ କାରକଗୁଡ଼ିକୁ ସମାଧାନ କରାଯିବା ଆବଶ୍ୟକ, ପ୍ରତ୍ୟେକ ଅଧ୍ୟାପକ ଖୁସି, ଉତ୍ସାହୀ ହେବେ ଓ କାର୍ଯ୍ୟରେ ନିୟୋଜିତ ହେବେ ଏବଂ ତାଙ୍କ ଶିକ୍ଷାର୍ଥୀ, ଅନୁଷ୍ଠାନ ଏବଂ ବୃତ୍ତିରେ ପ୍ରଗତି ଆଣିବା ପାଇଁ ପ୍ରେରିତ ହେବେ। ଏଥିପାଇଁ, ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକ (HEIs)ରେ ଦକ୍ଷ, ଅଭିପ୍ରେରିତ, ସକ୍ଷମ ଅଧ୍ୟାପକମାନଙ୍କର ନିୟୋଜନକୁ ସୁନିଶ୍ଚିତ କରିବା ପାଇଁ ଏହି ଶିକ୍ଷା ନୀତି ନିମ୍ନ ପଦକ୍ଷେପଗୁଡ଼ିକୁ ସୁପାରିଶ କରୁଛି।

13.2 ସବୁଠାରୁ ମୌଳିକ ପଦକ୍ଷେପ ଭାବରେ ସମସ୍ତ ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକ (HEIs) ମୌଳିକ ଭିତ୍ତିଭୂମି ଓ ସୁବିଧାସୁଯୋଗ ଯୋଗାଇ ଦିଆଯିବ, ଯେଉଁଥିରେ ବିଶୁଦ୍ଧ ପାନୀୟ ଜଳ, ପରିଷ୍କାର ଓ ବ୍ୟବହାର ଉପଯୋଗୀ ଶୌଚାଳୟ, କଳାପଟା, କାର୍ଯ୍ୟାଳୟ, ଶିକ୍ଷଣ ଉପକରଣ, ପାଠାଗାର, ପରୀକ୍ଷାଗାର, ମନୋରମ ଶ୍ରେଣୀଗୃହ ଓ ପରିସର ଅନ୍ତର୍ଭୁକ୍ତ। ପ୍ରତ୍ୟେକ ଶ୍ରେଣୀ ଗୃହରେ ଅତ୍ୟାଧୁନିକ ଶୈକ୍ଷିକ ପ୍ରଯୁକ୍ତି ବିଦ୍ୟା ଉପଲବ୍ଧ ହେଉଥିବ, ଯାହା ଉନ୍ନତ ଶିକ୍ଷା ଅନୁଭୂତି ପ୍ରଦାନ ନିମନ୍ତେ ସମର୍ଥ ହେଉଥିବ।

13.3 ଶିକ୍ଷାଦାନ କାର୍ଯ୍ୟ ମଧ୍ୟ ଅତ୍ୟଧିକ ହେବ ନାହିଁ ଏବଂ ଶିକ୍ଷାର୍ଥୀ-ଶିକ୍ଷକ ଅନୁପାତ ମଧ୍ୟ ବହୁତ ଅଧିକ ହେବା ଉଚିତ ନୁହେଁ, ଯଦ୍ଵାରା ଶିକ୍ଷାଦାନ କାର୍ଯ୍ୟ ସୁଖଦ ହେବା ସହ ଶିକ୍ଷାର୍ଥୀମାନଙ୍କ ସହ ଭାବବିନିମୟ, ଗବେଷଣା କାର୍ଯ୍ୟ ଓ ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମ ପାଇଁ ପର୍ଯ୍ୟାପ୍ତ ସମୟ ମିଳିପାରିବ। ଅଧ୍ୟାପକମାନେ ଏକ ନିର୍ଦ୍ଦିଷ୍ଟ ଅନୁଷ୍ଠାନ ନିମନ୍ତେ ନିଯୁକ୍ତି ପାଇବେ ଓ ସାଧାରଣଭାବେ ଅନ୍ୟ ଅନୁଷ୍ଠାନମାନଙ୍କୁ ସ୍ଥାନାନ୍ତରିତ ହେବେ ନାହିଁ, ଯଦ୍ଵାରା ସେମାନେ ସେମାନଙ୍କର ଅନୁଷ୍ଠାନ ଓ ସଂପ୍ରଦାୟ ସହିତ ପ୍ରକୃତପକ୍ଷେ ନିୟୋଜିତ ଓ ସଂଯୁକ୍ତ ହେବେ ଓ ପ୍ରତିବଦ୍ଧ ଅନୁଭବ କରିବେ।

13.4 ଅଧ୍ୟାପକମାନଙ୍କୁ ପାଠ୍ୟପୁସ୍ତକ, ପଠନ ସାମଗ୍ରୀ ଚୟନ, ନ୍ୟସ୍ତକାର୍ଯ୍ୟ ଓ ମୂଲ୍ୟାୟନ ପଦ୍ଧତିକୁ ନିର୍ଦ୍ଦିଷ୍ଟ ଅନୁମୋଦିତ ଢାଞ୍ଚାରେ ଓ ନିଜସ୍ୱ ଶୈକ୍ଷିକ ଓ ଶୈକ୍ଷଣିକ କୌଶଳ ଡିଜାଇନ କରିବାକୁ ସ୍ୱାଧୀନତା ଦିଆଯିବ। ଅଭିନବ ଶିକ୍ଷାଦାନ, ଗବେଷଣା ଓ ସେବା କାର୍ଯ୍ୟ ପରିଚାଳନା ପାଇଁ ଅଧ୍ୟାପକମାନଙ୍କୁ ସଶକ୍ତ କରାଯିବ, ଯେପରି ସେମାନେ ନିଜ ପାଇଁ ଉଲ୍ଲେଖନୀୟ ତଥା ସୃଜନଶୀଳ କାର୍ଯ୍ୟ କରିବା ପାଇଁ ଜଣେ ପ୍ରକୃତ ପ୍ରେରଣାଦାତା ଭାବେ ବିବେଚିତ ହେବେ।

13.5 ଉପଯୁକ୍ତ ପୁରସ୍କାର, ପଦୋନ୍ନତି, ସ୍ୱୀକୃତି ଏବଂ ଆନୁଷ୍ଠାନିକ ନେତୃତ୍ୱକୁ ଅଗ୍ରସର କରାଇବା ଦ୍ଵାରା ଉତ୍କର୍ଷତାକୁ ଅଧିକ ପ୍ରୋତ୍ସାହିତ କରାଯିବ। ଏହି ସମୟରେ, ମୌଳିକ ମାନଦଣ୍ଡ ଅନୁଯାୟୀ କର୍ତ୍ତବ୍ୟ ନ କଲେ ଅଧ୍ୟାପକମାନଙ୍କୁ ଉତ୍ତରଦାୟୀ କରାଯିବ।

13.6 ଉତ୍କର୍ଷତା ହାସଲ ପାଇଁ କ୍ଷମତାପ୍ରାପ୍ତ ସ୍ୱୟଂଶାସିତ ଅନୁଷ୍ଠାନଗୁଡ଼ିକର ଦୃଷ୍ଟିକୋଣ (Vision)କୁ ଦୃଷ୍ଟିରେ ରଖି ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକ(HEIs) ଅଧ୍ୟାପକ ନିଯୁକ୍ତି ପାଇଁ ସ୍ୱାଧୀନ, ସ୍ୱଚ୍ଛ ପ୍ରକ୍ରିୟା ଏବଂ ମାନଦଣ୍ଡକୁ ସ୍ୱଷ୍ଟ ଭାବେ ବ୍ୟାଖ୍ୟା କରିବେ। ଯଦିଓ, ବର୍ତ୍ତମାନ ପ୍ରଚଳିତ ନିଯୁକ୍ତି ପ୍ରକ୍ରିୟା ଜାରି ରହିବ, କିନ୍ତୁ ଉତ୍କର୍ଷତାକୁ ସୁନିଶ୍ଚିତ କରିବା ପାଇଁ ଉପଯୁକ୍ତ ପରୀକ୍ଷା ପ୍ରବେକ୍ଷଣ ଅବଧି ସ୍ଥିର କରାଯିବ ଓ କାର୍ଯ୍ୟକାରୀ ହେବ। ଉଚ୍ଚ ପ୍ରଭାବ ଗବେଷଣା ଏବଂ ଯୋଗଦାନକୁ ଚିହ୍ନଟ କରିବା ପାଇଁ ଫାଷ୍ଟ-ଟ୍ରାକ୍ ପଦୋନ୍ନତି ବ୍ୟବସ୍ଥା ରହିବ। ଉପଯୁକ୍ତ କାର୍ଯ୍ୟଦକ୍ଷତା ମୂଲ୍ୟାୟନ ପାଇଁ ଏକାଧିକ ମାନଦଣ୍ଡର ଏକ ବ୍ୟବସ୍ଥାର ପ୍ରଚଳନ କରାଯିବ, ଯେଉଁଥିରେ ସହକର୍ମୀ ଓ ଶିକ୍ଷାର୍ଥୀଙ୍କ ଦ୍ଵାରା କାର୍ଯ୍ୟର ସମୀକ୍ଷା, ଶିକ୍ଷାଦାନରେ ନବାଚାର, ଗୁଣାତ୍ମକ ଓ ଉଚ୍ଚ ପ୍ରଭାବଯୁକ୍ତ ଗବେଷଣା, ବୃତ୍ତିଗତ ବିକାଶ କାର୍ଯ୍ୟାବଳୀ

ଓ ଅନୁଷ୍ଠାନର ବିକାଶ ପାଇଁ ଅନ୍ୟାନ୍ୟ କାର୍ଯ୍ୟକୁ ବିଚାରକୁ ନିଆଯିବ ଓ ତଦନୁଯାୟୀ ପ୍ରବେଶନ୍ ଅବଧି ପରେ ନିଶ୍ଚିତ ନିଯୁକ୍ତି, ପଦୋନ୍ନତି, ଦରମାବୃଦ୍ଧି ଓ ସ୍ୱୀକୃତି ଦିଆଯିବ । ପ୍ରତ୍ୟେକ ଉଚ୍ଚ ଶିକ୍ଷା ଅନୁଷ୍ଠାନ (HEI) ଏହା ପ୍ରସ୍ତୁତ କରିବେ ଓ ଅନୁଷ୍ଠାନ ବିକାଶ ଯୋଜନା (TDP) ରେ ଏହା ସ୍ପଷ୍ଟ ଭାବରେ ପ୍ରକାଶ ହେବ ।

13.7 ବର୍ତ୍ତମାନ ସମୟର ଆବଶ୍ୟକତା ହେଉଛି ଉଲ୍ଲେଖନୀୟ ଓ ଉତ୍ସାହୀ ଅନୁଷ୍ଠାନିକ ମୁଖ୍ୟଙ୍କ ଉପଲବ୍ଧତା ଯାହା ଉତ୍କର୍ଷତା ଓ ଅଭିନବତାର ବୀଜରୋପଣ କରେ । କୌଣସି ଅନୁଷ୍ଠାନ ଓ ଏହାର ଅଧ୍ୟାପକମାନଙ୍କ ସଫଳତା ପାଇଁ ଉଲ୍ଲେଖନୀୟ ଏବଂ ପ୍ରଭାବଶାଳୀ ଅନୁଷ୍ଠାନିକ ନେତୃତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଉଚ୍ଚ ଶୈକ୍ଷିକ ଏବଂ ସେବା ପ୍ରମାଣ ପତ୍ର ସହିତ ଉତ୍କୃଷ୍ଟ ଅଧ୍ୟାପକ ତଥା ପ୍ରଦର୍ଶନ ନେତୃତ୍ୱ ଏବଂ ପରିଚାଳନା ଦକ୍ଷତା ଶୀଘ୍ର ଚିହ୍ନଟ କରାଯିବ ଏବଂ ନେତୃତ୍ୱ ସ୍ଥିତିର ଏକ ସିଡ଼ି ମାଧ୍ୟମରେ ପ୍ରଶିକ୍ଷଣର ବ୍ୟବସ୍ଥା କରାଯିବ । ଅନୁଷ୍ଠାନର ମୁଖ୍ୟ ପଦବୀ ଖାଲି ରହିବ ନାହିଁ, ବରଂ ନେତୃତ୍ୱ ପରିବର୍ତ୍ତନ ସମୟର ଏକ ଅତିବ୍ୟାପି ସମୟ ଅବଧିରେ ଅନୁଷ୍ଠାନଗୁଡ଼ିକର ସୁଗମ ଚଳନ ନିଶ୍ଚିତ କରାଯିବା ପାଇଁ ଆବଶ୍ୟକ ମାନ ସ୍ଥିର କରାଯିବ । ଅନୁଷ୍ଠାନମାନଙ୍କର ମୁଖ୍ୟମାନେ ଉତ୍କର୍ଷର ଏକ ସଂସ୍କୃତି ସୃଷ୍ଟି କରିବାର ଲକ୍ଷ୍ୟ ରଖିବେ, ଯାହା ଅଧ୍ୟାପକ ତଥା ସମସ୍ତ ଉଚ୍ଚ ଶିକ୍ଷା ଅନୁଷ୍ଠାନମାନଙ୍କର ମୁଖ୍ୟଙ୍କ ଠାରୁ ଉଲ୍ଲେଖନୀୟ ତଥା ଅଭିନବ ଶିକ୍ଷାଦାନ, ଗବେଷଣା, ଅନୁଷ୍ଠାନିକ ସେବା ତଥା ଗୋଷ୍ଠୀ ପ୍ରସାରକୁ ପ୍ରେରିତ ଏବଂ ଉତ୍ସାହିତ କରିବ ।

## 14. ଉଚ୍ଚ ଶିକ୍ଷାରେ ସମତା ଓ ଅନ୍ତର୍ନିବେଶ

14.1 ଗୁଣାତ୍ମକ ଉଚ୍ଚ ଶିକ୍ଷାରେ ପ୍ରବେଶ ଅନେକ ସମ୍ଭାବନାର ପଥ ଖୋଲିଥାଏ, ଯାହା ଅସୁବିଧାରୁ ଉଭୟ ବ୍ୟକ୍ତି ଓ ଗୋଷ୍ଠୀକୁ ଉଠାଇଥାଏ ବା ମୁକ୍ତି କରିଥାଏ । ଏହି କାରଣରୁ ଗୁଣାତ୍ମକ ଉଚ୍ଚ ଶିକ୍ଷା ପ୍ରତ୍ୟେକ ବ୍ୟକ୍ତି ବିଶେଷ ପାଇଁ ଶିକ୍ଷା ସୁଯୋଗ ସୃଷ୍ଟି କରିବାକୁ ସର୍ବଶ୍ରେଷ୍ଠ ପ୍ରାଥମିକତା ଦେବା ଉଚିତ । ଏହି ନୀତିରେ ସମସ୍ତ ଶିକ୍ଷାର୍ଥୀଙ୍କୁ ଗୁଣାତ୍ମକ ଶିକ୍ଷା ଉପଲବ୍ଧତା ସୁନିଶ୍ଚିତ କରିବାକୁ ଗୁରୁତ୍ୱ ଦିଆଯାଇଛି ।

14.2 ଶିକ୍ଷା ବ୍ୟବସ୍ଥାରୁ SEDGs ଙ୍କୁ ପୃଥକୀକରଣ କରିବାର ଗତିଶୀଳତା ଏବଂ ଅନେକ କାରଣ ଉଭୟ ବିଦ୍ୟାଳୟ ଶିକ୍ଷା ଓ ଉଚ୍ଚ ଶିକ୍ଷାରେ ସାଧାରଣ ଅଟେ । ତେଣୁ ଉଭୟ ବିଦ୍ୟାଳୟ ଓ ଉଚ୍ଚ ଶିକ୍ଷା ରେ ସମତା ଓ ଅର୍ନ୍ତନିବେଶର ଦୃଷ୍ଟିକୋଣ ସାଧାରଣ ସମାନ ହେବା ଆବଶ୍ୟକ । ତେଣୁ ଉଚ୍ଚଶିକ୍ଷାରେ ସମତା ଓ ଅନ୍ତର୍ନିବେଶର ଲକ୍ଷ୍ୟ ପୂରଣ କରିବା ପାଇଁ ଆବଶ୍ୟକ ନୀତି ପଦକ୍ଷେପଗୁଡ଼ିକୁ ବିଦ୍ୟାଳୟ ଶିକ୍ଷାରେ ଥିବା ବ୍ୟକ୍ତି ବିଶେଷଙ୍କ ସହିତ ମିଳିତ ଭାବେ ଚିନ୍ତା ଓ ଆଲୋଚନା କରିବା ଆବଶ୍ୟକ ।

14.3 ପୃଥକୀକରଣର କେତେକ ଦିଗ ରହିଛି, ଯାହା ବିଶେଷ ଭାବେ ଉଚ୍ଚ ଶିକ୍ଷାରେ ଅଧିକ ଗୁରୁତର ଅଟେ । ଏଗୁଡ଼ିକ ନିର୍ଦ୍ଦିଷ୍ଟ ଭାବେ ସମାଧାନ କରାଯିବା ଆବଶ୍ୟକ, ଯେଉଁଥିରେ ଉଚ୍ଚ ଶିକ୍ଷା ପ୍ରାପ୍ତିର ଆର୍ଥିକ ସୁବିଧା ସୁଯୋଗ, ଉଚ୍ଚ ଶିକ୍ଷା ପ୍ରାପ୍ତିରେ ଆର୍ଥିକ ସୁଯୋଗ ଖର୍ଚ୍ଚ, ଆର୍ଥିକ ପ୍ରତିବନ୍ଧକ, ପ୍ରବେଶ ପ୍ରକ୍ରିୟା, ଭୌଗଳିକ ଏବଂ ଭାଷା ପ୍ରତିବନ୍ଧକ, ବିଭିନ୍ନ ଉଚ୍ଚ ଶିକ୍ଷାର କାର୍ଯ୍ୟକ୍ରମରେ, ରୋଜଗାର ସୁଯୋଗର ସୀମିତତା ଏବଂ ଉପଯୁକ୍ତ ଶିକ୍ଷାର୍ଥୀ ସହଯୋଗ ବ୍ୟବସ୍ଥାର ଅଭାବକୁ ଅନ୍ତର୍ଭୁକ୍ତ କରାଯାଇପାରେ ।

14.4 ଏହି ଉଦ୍ଦେଶ୍ୟ ହାସଲ ପାଇଁ ଉଚ୍ଚ ଶିକ୍ଷା କ୍ଷେତ୍ରରେ ନିର୍ଦ୍ଦିଷ୍ଟ ଅତିରିକ୍ତ ପଦକ୍ଷେପ ସମସ୍ତ ସରକାର ଓ ଉଚ୍ଚ ଶିକ୍ଷା ଅନୁଷ୍ଠାନ (HEIs) ଗ୍ରହଣ କରିବେ ।

**14.4.1 ସରକାରଙ୍କ ଦ୍ୱାରା ନେବାକୁ ଥିବା ପଦକ୍ଷେପ :**

- କ) SEDGs ର ଶିକ୍ଷା ନିମନ୍ତେ ଆବଶ୍ୟକୀୟ ସରକାରୀ ପାଣ୍ଠି ନିର୍ଦ୍ଧାରଣ କରିବା
- ଖ) SEDGs ପାଇଁ ଉଚ୍ଚ ମୋଟ ନାମ ଲେଖା ହାର (GER) ର ସ୍ପଷ୍ଟ ଲକ୍ଷ୍ୟ ସ୍ଥିର କରିବା
- ଗ) ଉଚ୍ଚ ଶିକ୍ଷା ବ୍ୟବସ୍ଥାରେ ପ୍ରବେଶ ପ୍ରକ୍ରିୟାରେ ଲିଙ୍ଗଗତ ବୈଷମ୍ୟତାକୁ ଦୂର କରିବା
- ଘ) ଆକାଂକ୍ଷୀ ଜିଲ୍ଲାମାନଙ୍କରେ ତଥା ସ୍ୱତନ୍ତ୍ର ଶିକ୍ଷା ଜୋନ୍‌ରେ SEDGs ନିମନ୍ତେ ଅଧିକ ଉଚ୍ଚ ଗୁଣାତ୍ମକ ମାନର ଉଚ୍ଚ ଶିକ୍ଷା ଅନୁଷ୍ଠାନ (HEIs) ପ୍ରତିଷ୍ଠା କରି ଶିକ୍ଷାର୍ଥୀଙ୍କର ପ୍ରବେଶ ବୃଦ୍ଧିକୁ ସୁନିଶ୍ଚିତ କରିବା
- ଙ) ଆଞ୍ଚଳିକ / ଭାରତୀୟ ଭାଷା ବା ଦ୍ୱି-ଭାଷିକ ମାଧ୍ୟମରେ ଶିକ୍ଷା ଦେବା ପାଇଁ ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକୁ (HEIs)

ବିକଶିତ କରିବା ଓ ସହାୟତା ଦେବା

ଚ) ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଉଚ୍ଚ ଶିକ୍ଷା ଅନୁଷ୍ଠାନରେ SEDGs ନିମନ୍ତେ ସ୍ୱତନ୍ତ୍ର ଆର୍ଥିକ ସହାୟତା ଏବଂ ଛାତ୍ରବୃତ୍ତି ପ୍ରଦାନ କରିବା

ଛ) ଉଚ୍ଚଶିକ୍ଷାର ବିଭିନ୍ନ ସୁବିଧା ସୁଯୋଗ ଏବଂ ଛାତ୍ରବୃତ୍ତି ସମ୍ବନ୍ଧୀୟ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରିବା

ଜ) ଉନ୍ନତତର ଅଂଶଗ୍ରହଣ ଏବଂ ଶିକ୍ଷଣ ଫଳାଫଳକୁ ସୁନିଶ୍ଚିତ କରିବା ନିମନ୍ତେ ପ୍ରଯୁକ୍ତିବିଦ୍ୟା ସାଧନର ବିକାଶ ଓ ସହଯୋଗ କରିବା

### 14.4.2 **ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ନିୟୋଜିତ କାର୍ଯ୍ୟକ୍ରମ**

କ) ଉଚ୍ଚ ଶିକ୍ଷା ଗ୍ରହଣ ନିମିତ୍ତ ଆବଶ୍ୟକ ଖର୍ଚ୍ଚ ଓ ଶୁଳ୍କ କୁ ହ୍ରାସ କରିବା

ଖ) ସାମାଜିକ – ଆର୍ଥିକ ଦୃଷ୍ଟିରୁ ପଛୁଆ ଶିକ୍ଷାର୍ଥୀଙ୍କ ନିମନ୍ତେ ସ୍ୱତନ୍ତ୍ର ଆର୍ଥିକ ସହାୟତା ଏବଂ ଛାତ୍ରବୃତ୍ତି ପ୍ରଦାନ କରିବା

ଗ) ଉଚ୍ଚ ଶିକ୍ଷାର ବିଭିନ୍ନ ସୁବିଧା ସୁଯୋଗ ଏବଂ ଛାତ୍ରବୃତ୍ତି ସମ୍ବନ୍ଧୀୟ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରିବା ।

ଘ) ପ୍ରବେଶ ପ୍ରକ୍ରିୟାକୁ ଅଧିକ ଅନ୍ତର୍ନିବେଶୀ କରିବା

ଙ) ପାଠ୍ୟକ୍ରମକୁ ଅଧିକ ଅନ୍ତର୍ନିବେଶୀ କରିବା

ଚ) ବିଭିନ୍ନ ଉଚ୍ଚ ଶିକ୍ଷା କାର୍ଯ୍ୟକ୍ରମରେ ନିଯୁକ୍ତି ସମ୍ଭାବନା ବୃଦ୍ଧି କରିବା

ଛ) ଭାରତୀୟ ଭାଷା ତଥା ଦ୍ୱି-ଭାଷିକ ମାଧ୍ୟମରେ ଶିକ୍ଷା ପ୍ରଦାନ ପାଇଁ ଅଧିକ ଡିଗ୍ରୀ ପାଠ୍ୟକ୍ରମର ବିକାଶ କରିବା

ଜ) ପ୍ରତ୍ୟେକ କୋଠା ଓ ସୁବିଧା ସୁଯୋଗକୁ ଚକାଲଗା ଚେୟାର (wheel chair) ସୁଗମ ଓ ଦିବ୍ୟାଙ୍ଗ ଅନୁକୂଳ କରିବାକୁ ନିଶ୍ଚିତ କରିବା

ଝ) ଅନଗ୍ରସର ପୃଷ୍ଠଭୂମିରୁ ଆସିଥିବା ଶିକ୍ଷାର୍ଥୀଙ୍କ ନିମନ୍ତେ ସଂଯୋଗୀ ପାଠ୍ୟକ୍ରମର ବିକାଶ କରିବା

ଞ) ଏପରି ସମସ୍ତ ଶିକ୍ଷାର୍ଥୀଙ୍କୁ ସାମାଜିକ-ଆବେଗିକ ଓ ଶୈକ୍ଷିକ ସହାୟତା ସହିତ ବିଭିନ୍ନ ପରାମର୍ଶଭିତ୍ତିକ କାର୍ଯ୍ୟକ୍ରମ ପ୍ରଦାନ କରିବା ସହ ଉପଯୁକ୍ତ ପରାମର୍ଶ ଯୋଗାଇ ଦେବା

ଟ) ଲିଙ୍ଗଗତ ସ୍ୱରୂପତା / ପରିଚୟ ସମ୍ପର୍କିତ ଘଟଣା ତଥା ଉଚ୍ଚ ଶିକ୍ଷା ବିଭାଗର କାର୍ଯ୍ୟକ୍ରମର ସମସ୍ତ ଦିଗରେ, ଏପରିକି ପାଠ୍ୟକ୍ରମ କ୍ଷେତ୍ରରେ ସମ୍ବେଦନଶୀଳ ଶିକ୍ଷକ / କର୍ମଚାରୀ, ଉପଯୁକ୍ତ ପରାମର୍ଶଦାତା ଓ ଶିକ୍ଷାର୍ଥୀମାନଙ୍କର ସମ୍ବେଦନଶୀଳତା ସୁନିଶ୍ଚିତ କରିବା

ଠ) ସମସ୍ତ ଉତ୍ପୀଡ଼ନ ବିରୋଧୀ ଓ ଭେଦଭାବ ସମ୍ପର୍କିତ ନିୟମକୁ କଠୋର ଭାବରେ ଲାଗୁ କରିବା

ଡ) ଅନୁଷ୍ଠାନିକ ବିକାଶ ଯୋଜନା ପ୍ରସ୍ତୁତ କରି ସେଥିରେ SEDGsଙ୍କର ଅଂଶଗ୍ରହଣ ବୃଦ୍ଧିକୁ ସୁନିଶ୍ଚିତ କରିବା ନିମନ୍ତେ ବିଶେଷ ଭାବରେ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା

## 15. ଶିକ୍ଷକ ଶିକ୍ଷା

15.1 ବିଦ୍ୟାଳୟ ଶିକ୍ଷକମାନଙ୍କର ଏକ ସମୂହ ସୃଷ୍ଟି କରିବାରେ ଶିକ୍ଷକ ଶିକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯାହା ପରବର୍ତ୍ତୀ ପିଢ଼ିକୁ ଗଠନ କରେ । ଶିକ୍ଷକ ପ୍ରସ୍ତୁତି ହେଉଛି ଏକ କାର୍ଯ୍ୟକଳାପ ଯାହା ବହୁ-ବିଷୟକ ଦୃଷ୍ଟିଭଙ୍ଗୀ ଏବଂ ଜ୍ଞାନ, ମନୋଭାବ ତଥା ମୂଲ୍ୟବୋଧର ଗଠନ, ସର୍ବୋତ୍ତମ ତତ୍ତ୍ୱାବଧାନରେ ମାର୍ଗଦର୍ଶକଙ୍କର ଅଭ୍ୟାସର ବିକାଶ ଆବଶ୍ୟକ କରେ । ଶିକ୍ଷକମାନେ ଆଦିବାସୀ ପରମ୍ପରା ସମେତ ଭାରତୀୟ ମୂଲ୍ୟବୋଧ, ଭାଷା, ଜ୍ଞାନ, ଲୋକାଚାର ଏବଂ ପରମ୍ପରା ଆଧାରିତ ହେବା ଆବଶ୍ୟକ, ଏଥିସହ ଶିକ୍ଷା ଓ ଶିକ୍ଷଣ ଶାସ୍ତ୍ରରେ ଅତ୍ୟାଧୁନିକ ଧାରଣାଗୁଡ଼ିକ ସହ ପାରଦର୍ଶୀ ହେବା ବିଧେୟ ।

15.2 ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଯୁକ୍ତ ଜଷ୍ଟିସ ଜେ.ଏସ୍. ବର୍ମା ଆୟୋଗ (2012)ଙ୍କ ମତରେ ଅଧିକାଂଶ– (ପ୍ରାୟ 10000 ରୁ ଅଧିକ ଏକାକୀ ଅବସ୍ଥିତ ଥିବା (stand-alone) ଶିକ୍ଷକ ଶିକ୍ଷା ଅନୁଷ୍ଠାନ (TEIs) ଗୁଣାତ୍ମକ ଶିକ୍ଷକ ଶିକ୍ଷା ପାଇଁ ଚେଷ୍ଟା କରୁନାହାନ୍ତି, ବରଂ ମୁଖ୍ୟତଃ ଡିଗ୍ରୀ ସାର୍ଟିଫିକେଟ୍‌କୁ ଏକ ମୂଲ୍ୟରେ ବିକ୍ରୀ କରୁଛନ୍ତି । ନିୟାମକ ପ୍ରୟାସ ଏ ପର୍ଯ୍ୟନ୍ତ ବ୍ୟବସ୍ଥାରେ ଥିବା ଅପବ୍ୟବହାରକୁ ରୋକିବାରେ ସକ୍ଷମ ହୋଇନାହିଁ, କିମ୍ବା ଗୁଣବତ୍ତା ପାଇଁ ମୌଳିକ ମାନଦଣ୍ଡ ମଧ୍ୟ ଲାଗୁ କରିନାହିଁ, ଏବଂ ବାସ୍ତବରେ ଏହି କ୍ଷେତ୍ରରେ ଉତ୍କର୍ଷ ଓ ନବାଚରର ଅଭିବୃଦ୍ଧି ରୋକିବାରେ ଏହାର ନକାରାତ୍ମକ ପ୍ରଭାବ, ପରିଲିକ୍ଷିତ ହୋଇଛି । ଶିକ୍ଷକ ଶିକ୍ଷା କ୍ଷେତ୍ର ଏବଂ ଏହାର ନିୟାମକ ପ୍ରଣାଳୀରେ ମୌଳିକ କାର୍ଯ୍ୟପନ୍ଥା ମାଧ୍ୟମରେ ପୁନର୍ଜୀବିତ କରିବାର ଜରୁରୀ ଆବଶ୍ୟକତା ରହିଛି ଯଦ୍ୱାରା ଉଚ୍ଚ ମାନର ଶିକ୍ଷକ ଶିକ୍ଷା ବ୍ୟବସ୍ଥାର ନିୟାମକ ଅଖଣ୍ଡତା, ବିଶ୍ୱସନୀୟତା, କାର୍ଯ୍ୟଦକ୍ଷତା ପୁନଃସ୍ଥାପିତ କରାଯାଇ ପାରିବ ।

15.3 ଶିକ୍ଷାଦାନ ବୃତ୍ତିର ଗୌରବକୁ ପୁନଃସ୍ଥାପିତ କରିବା ପଇଁ ଅଖଣ୍ଡତା ଓ ବିଶ୍ୱସନୀୟତର ସ୍ତରରେ ଉନ୍ନତି ଆଣିବା ପାଇଁ ନିୟାମକ ବ୍ୟବସ୍ଥାକୁ ସଶକ୍ତ କରାଯିବ, ଯଦ୍ୱାରା ନିମ୍ନମାନର ଓ ସ୍ୱାଭାବିକ ଭାବେ କାର୍ଯ୍ୟକାରିବାରେ ବିଫଳ ହୋଇଥିବା ଶିକ୍ଷକ ଶିକ୍ଷା ଅନୁଷ୍ଠାନଗୁଡ଼ିକ (TEIs) ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । କିନ୍ତୁ ଏକ ବର୍ଷ ପ୍ରତିକାରମୂଳକ ସମୟ ଦିଆଯିବା ପରେ ମୌଳିକ ଶିକ୍ଷାଗତ ମାନଦଣ୍ଡକୁ ପୂରଣ କରିନପାରିଲେ, ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । 2030 ମସିହା ବେଳକୁ କେବଳ ଶୈକ୍ଷିକ ଦୃଷ୍ଟିରୁ ସୁସଂସ୍ଥାପିତ ବହୁ–ବିଷୟକ ଏବଂ ସମନ୍ୱିତ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମଗୁଡ଼ିକ ବଳବତ୍ତର ରହିବ ।

15.4 ଯେହେତୁ ଶିକ୍ଷକ ଶିକ୍ଷା ବହୁ–ବିଷୟକ ଇନପୁଟ ଏବଂ ଉଚ୍ଚ ଗୁଣାତ୍ମକ ବିଷୟବସ୍ତୁ ଓ ଶୈକ୍ଷଣିକ କାର୍ଯ୍ୟକ୍ରମ ଆବଶ୍ୟକ କରେ, ତେଣୁ ସମସ୍ତ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ ମିଶ୍ରିତ (composite) ବହୁ–ବିଷୟକ ଅନୁଷ୍ଠାନରେ ଆୟୋଜନ କରାଯିବା ଆବଶ୍ୟକ । ଏଥିପାଇଁ, ସମସ୍ତ ବହୁ–ବିଷୟକ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଶିକ୍ଷା ବିଭାଗ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିବେ, ଯାହାକି ଶିକ୍ଷାର ବିଭିନ୍ନ ଦିଗରେ ଅତ୍ୟାଧୁନିକ ଗବେଷଣା କରିବା ବ୍ୟତୀତ ଅନ୍ୟ ସମସ୍ତ ବିଭାଗ, ଯେପରି–ମନସ୍ତତ୍ୱ, ଦର୍ଶନ, ସମାଜବିଜ୍ଞାନ, ସ୍ନାୟୁବିଜ୍ଞାନ, ଭାରତୀୟ ଭାଷା, କଳା, ସଙ୍ଗୀତ, ଇତିହାସ, ସାହିତ୍ୟ, ଶାରୀରିକ ଶିକ୍ଷା, ବିଜ୍ଞାନ ଏବଂ ଗଣିତଙ୍କ ସହଯୋଗରେ B.Ed. କାର୍ଯ୍ୟକ୍ରମ ପରିଚାଳନା କରିବେ । ଅଧିକନ୍ତୁ, ସମସ୍ତ ଏକାକୀ ଅବସ୍ଥିତ ଥିବା ଶିକ୍ଷକ ଶିକ୍ଷା ଅନୁଷ୍ଠାନକୁ 2030 ସୁଦ୍ଧା ବହୁ–ବିଷୟକ ଅନୁଷ୍ଠାନକୁ ରୂପାନ୍ତରିତ କରିବାକୁ ହେବ, କାରଣ ସେମାନଙ୍କୁ ଚାରି–ବର୍ଷିଆ ସମନ୍ୱିତ ଶିକ୍ଷକ ପ୍ରସ୍ତୁତି କାର୍ଯ୍ୟକ୍ରମ ପ୍ରଦାନ କରିବାକୁ ପଡ଼ିବ ।

15.5 ଏହି ବହୁ–ବିଷୟକ ଉଚ୍ଚ ଶିକ୍ଷା ଅନୁଷ୍ଠାନ ଦ୍ୱାରା ପ୍ରଦାନ କରାଯାଇଥିବା ଚାରି–ବର୍ଷିଆ ସମନ୍ୱିତ B.Ed. ପାଠ୍ୟକ୍ରମ 2030 ସୁଦ୍ଧା ବିଦ୍ୟାଳୟ ଶିକ୍ଷକଙ୍କ ପାଇଁ ସର୍ବନିମ୍ନ ଡିଗ୍ରୀ ଯୋଗ୍ୟତା ହେବ । ଚାରି ବର୍ଷର ସମନ୍ୱିତ B.Ed ଏକ ଦ୍ୱୈତ–ପ୍ରମୁଖ ସାମଗ୍ରୀକ ସ୍ନାତକ ଡିଗ୍ରୀ ହେବ, ଯେଉଁଥିରେ ଉଭୟ ଶିକ୍ଷା ବିଷୟ ଏବଂ ଅନ୍ୟ ଏକ ବିଶେଷ ବିଷୟ ଯଥା– ଭାଷା, ଇତିହାସ, ସଙ୍ଗୀତ, ଗଣିତ, କମ୍ପ୍ୟୁଟର ବିଜ୍ଞାନ, ରାସାୟନ ଶାସ୍ତ୍ର, ଅର୍ଥନୀତି, କଳା, ଶାରୀରିକ ଶିକ୍ଷା ଇତ୍ୟାଦି ରହିବ । ଅତ୍ୟାଧୁନିକ ଶୈକ୍ଷିକ ଶାସ୍ତ୍ରର ଶିକ୍ଷା (pedagogy) ବ୍ୟତୀତ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ ସମାଜ ବିଜ୍ଞାନ, ଇତିହାସ, ବିଜ୍ଞାନ, ମନୋବିଜ୍ଞାନ, ଆଦ୍ୟ ଶୈଶବ ଶିକ୍ଷା ଓ ଯତ୍ନ, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ, ଭାରତ ସମ୍ବନ୍ଧୀୟ ଜ୍ଞାନ ଏବଂ ଏହାର ମୂଲ୍ୟବୋଧ / ଲୋକାଚାର / କଳା / ପରମ୍ପରା ଓ ଅନ୍ୟାନ୍ୟ କ୍ଷେତ୍ର ଅନ୍ତର୍ଭୁକ୍ତ ହେବ । ଚାରି–ବର୍ଷିଆ ସମନ୍ୱିତ B.Ed. ପାଠ୍ୟକ୍ରମ ପ୍ରଦାନ କରୁଥିବା ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକ ମଧ୍ୟ ଦୁଇ–ବର୍ଷିଆ B.Ed. ପାଠ୍ୟକ୍ରମ ସେହିମାନଙ୍କ ପାଇଁ ପ୍ରଚଳନ କରିବେ, ଯେଉଁ ଶିକ୍ଷାର୍ଥୀମାନେ ପୂର୍ବରୁ ଏକ ବିଶେଷ ବିଷୟ ଉପରେ ସ୍ନାତକ ଡିଗ୍ରୀ ହାସଲ କରିଥିବେ । ଯୋଗ୍ୟ ପ୍ରାର୍ଥୀମାନଙ୍କ ପାଇଁ ଏକ–ବର୍ଷିଆ B.Ed. ପାଠ୍ୟକ୍ରମ ମଧ୍ୟ ପ୍ରଦାନ କରାଯାଇପାରିବ, ଯେଉଁମାନେ ଏକ ବିଶେଷ ବିଷୟ ଉପରେ ଚାରି ବର୍ଷର ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି । ଚାରି–ବର୍ଷିଆ, ଦୁଇ–ବର୍ଷିଆ ଓ ଏକ–ବର୍ଷିଆ B.Ed. ପାଠ୍ୟକ୍ରମରେ ମେଧାବୀ ଶିକ୍ଷାର୍ଥୀଙ୍କୁ ଆକର୍ଷିତ କରିବା ଉଦ୍ଦେଶ୍ୟରେ ଶିକ୍ଷାର୍ଥୀଙ୍କ ଛାତ୍ରବୃତ୍ତି ପ୍ରତିଷ୍ଠା କରାଯିବ ।

15.6 ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ ପ୍ରଦାନ କରୁଥିବା ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକ (HEIs) ଶିକ୍ଷା ତଥା ସମ୍ବନ୍ଧିତ ବିଷୟ ବା ବିଶେଷ ବିଷୟ ସମୂହର ବିଶେଷଜ୍ଞଙ୍କର ଉପଲବ୍ଧତାକୁ ନିଶ୍ଚିତ କରିବେ । ପ୍ରତ୍ୟେକ ଉଚ୍ଚ ଶିକ୍ଷା ଅନୁଷ୍ଠାନରେ ସରକାରୀ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକର ଏକ ସଂଯୋଜିତ ପରିଚାଳନା (ନେଟ୍‌ୱାର୍କ) ରହିବ, ଯେଉଁଠାରେ ସମ୍ଭାବ୍ୟ ଶିକ୍ଷକମାନେ ଗୋଷ୍ଠୀ ସେବା ପ୍ରୌଢ଼ଶିକ୍ଷା ଏବଂ ଧନ୍ଦାମୂଳକ ଶିକ୍ଷା ଭଳି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହିତ ଛାତ୍ର–ଶିକ୍ଷାଦାନ (student-teach) କରିବେ ।

15.7 ଶିକ୍ଷକ ଶିକ୍ଷା ପାଇଁ ସମାନ ମାନକ ବଜାୟ ରଖିବା ପାଇଁ ପ୍ରାକ-ସେବାକାଳୀନ ଶିକ୍ଷକ ପ୍ରସ୍ତୁତି କାର୍ଯ୍ୟକ୍ରମରେ ନାମଲେଖା ଜାତୀୟ ପରୀକ୍ଷଣ ସଂସ୍ଥା (National Testing Agency) ଦ୍ୱାରା ପରିଚାଳିତ ହେବ, ଯାହା ଉପଯୁକ୍ତ ବିଷୟ ଦକ୍ଷତା ସହ ଅଭିକ୍ଷମତା ପରୀକ୍ଷଣ ମାଧ୍ୟମରେ ହେବ । ଦେଶର ଭାଷାଗତ ଓ ସାଂସ୍କୃତିକ ବିବିଧତାକୁ ଦୃଷ୍ଟିରେ ରଖି ଏହାକୁ ମାନକୀକରଣ କରାଯିବ ।

15.8 ଶିକ୍ଷା ବିଭାଗର ଅଧ୍ୟାପକ / ଅଧ୍ୟାପିକାଙ୍କ ପ୍ରୋଫାଇଲ ନିଶ୍ଚିତ ରୂପେ ବିବିଧ ହେବା ପାଇଁ ଲକ୍ଷ୍ୟ ରଖିବ ଏବଂ ଏଥିରେ ଶିକ୍ଷାଦାନ / କ୍ଷେତ୍ର ଅଭିଜ୍ଞତା / ଗବେଷଣା ଅଭିଜ୍ଞତାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ । ସାମାଜିକ ବିଜ୍ଞାନ କ୍ଷେତ୍ରରେ ପ୍ରଶିକ୍ଷିତ ଅଧ୍ୟାପକ ଯାହା ବିଦ୍ୟାଳୟ ଶିକ୍ଷା (ମନସ୍ତତ୍ତ୍ୱ ବିଜ୍ଞାନ, ଶିଶୁ ବିକାଶ, ଭାଷା ବିଜ୍ଞାନ, ସମାଜ ବିଜ୍ଞାନ, ଦର୍ଶନ, ଅର୍ଥନୀତି, ରାଜନୀତି ବିଜ୍ଞାନ) ପାଇଁ ସିଧାସଳଖ ପ୍ରାସଙ୍ଗିକ ଏବଂ ବିଜ୍ଞାନ ଶିକ୍ଷା, ଗଣିତ ଶିକ୍ଷା, ସାମାଜିକ ବିଜ୍ଞାନ ଶିକ୍ଷା ଏବଂ ଭାଷା ଶିକ୍ଷା କାର୍ଯ୍ୟକ୍ରମରୁ ଶିକ୍ଷକ ଶିକ୍ଷା ଅନୁଷ୍ଠାନରେ ଆକର୍ଷିତ କରି ରଖାଯିବ । ଏହା ଶିକ୍ଷକମାନଙ୍କ ବହୁ-ବିଷୟକ ଶିକ୍ଷାକୁ ମଜବୁତ କରିବା ସହ ଧାରଣାଗତ ବିକାଶକୁ ଦୃଢ଼ତା ପ୍ରଦାନ କରିବ ।

15.9 ବିଷୟ ନିର୍ବିଶେଷରେ ସମସ୍ତ ନୂତନ ପି.ଏଚ.ଡ଼ି. ଆବେଦନକାରୀ, ସେମାନଙ୍କର ଡକ୍ଟରାଲ ପ୍ରଶିକ୍ଷଣ ଅବଧିରେ ସେମାନଙ୍କ ସ୍ଥିରୀକୃତ Ph.D ବିଷୟ ସହିତ ଜଡ଼ିତ ଶିକ୍ଷାଦାନ / ଶିକ୍ଷା / ଶିକ୍ଷାଦାନ ପ୍ରଣାଳୀ / ଲେଖାରେ କ୍ରେଡ଼ିଟ୍ ଆଧାରିତ ପାଠ୍ୟକ୍ରମ ଗ୍ରହଣ କରିବାକୁ ବାଧ୍ୟ ହେବ । ଶୈକ୍ଷଣିକ ଅଭ୍ୟାସ, ପାଠ୍ୟକ୍ରମ ପ୍ରସ୍ତୁତି, ବିଶ୍ୱସନୀୟ ମୂଲ୍ୟାୟନ ପ୍ରଣାଳୀ, ଭାବବିନିମୟ ଇତ୍ୟାଦି ସହିତ ପରିଚିତ ହେବାକୁ ନିଶ୍ଚିତ କରାଯିବ, ଯେହେତୁ ଅନେକ ଶିକ୍ଷାନବୀଶ ଗବେଷକ ସେମାନଙ୍କ ମନୋନୀତ ବିଷୟର ଅଧ୍ୟାପକ କିମ୍ବା ଜନପ୍ରତିନିଧି / ସଂପର୍କକାରୀ ହେବାକୁ ଆଗେଇ ଆସିବେ । Ph.D. ଶିକ୍ଷାନବୀଶଙ୍କୁ ଶିକ୍ଷଣ ସହାୟତା ଓ ଅନ୍ୟ ଉପାୟରେ ଏକତ୍ର କରାଯାଇଥିବା ବାସ୍ତବିକ (ପ୍ରକୃତ) ଶୈକ୍ଷିକ ଅଭିଜ୍ଞତା ଦେବା ପାଇଁ ନ୍ୟୁନତମ ସମୟ ମଧ୍ୟ ରହିବ । ଏହି ଉଦ୍ଦେଶ୍ୟ ପାଇଁ ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟରେ Ph.D. କାର୍ଯ୍ୟକ୍ରମକୁ ପୁନର୍ଗଠିତ କରାଯିବ ।

15.10 ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ଅଧ୍ୟାପକମାନଙ୍କ ପାଇଁ ସେବାକାଳୀନ ନିରନ୍ତର ବୃତ୍ତିଗତ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠାନିକ ବ୍ୟବସ୍ଥା ଓ ପ୍ରଚଳିତ ପଦକ୍ଷେପ ମାଧ୍ୟମରେ ଜାରି ରହିବ; ଗୁଣାତ୍ମକ ଶିକ୍ଷା ପାଇଁ ସମୃଦ୍ଧି ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାର ଆବଶ୍ୟକତାକୁ ପୂରଣ କରିବା ପାଇଁ ଏଗୁଡ଼ିକୁ ସୁଦୃଢ଼ କରାଯିବ ଓ ପର୍ଯ୍ୟାପ୍ତ ଭାବେ ବିସ୍ତାର କରାଯିବ । ଶିକ୍ଷକମାନଙ୍କର ଅନଲାଇନ୍ ପ୍ରଶିକ୍ଷଣ ନିମନ୍ତେ SWAYAM / DIKSHA ଭଳି ପ୍ରଯୁକ୍ତି ବିଦ୍ୟା ପ୍ଲାଟଫର୍ମର ବ୍ୟବହାରକୁ ଉତ୍ସାହିତ କରାଯିବ, ଯଦ୍ୱାରା ଅଳ୍ପ ସମୟ ମଧ୍ୟରେ ବହୁସଂଖ୍ୟକ ଶିକ୍ଷକମାନଙ୍କର ମାନକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳନା କରାଯାଇ ପାରିବ ।

15.11 ବିଶ୍ୱବିଦ୍ୟାଳୟ / ମହାବିଦ୍ୟାଳୟର ଅଧ୍ୟାପକମାନଙ୍କୁ ସ୍ୱଳ୍ପ ଓ ଦୀର୍ଘକାଳୀନ ପରାମର୍ଶ / ବୃତ୍ତିଗତ ସହାୟତା ପ୍ରଦାନ କରିବାକୁ ଇଚ୍ଛୁକ ଥିବା ଓ ଭାରତୀୟ ଭାଷାରେ ଶିକ୍ଷାଦାନ କରିବାର ସାମର୍ଥ୍ୟ ଥିବା ଅବସର ପ୍ରାପ୍ତ / ଉତ୍ତମ ବରିଷ୍ଠ ଅଧ୍ୟାପକମାନଙ୍କୁ ନେଇ ଏକ ଜାତୀୟ ପରାମର୍ଶଦାତା ମିଶନ (National Mission for Mentoring) ପ୍ରତିଷ୍ଠା କରାଯିବ ।

## 16. ଧନ୍ଦାମୂଳକ ଶିକ୍ଷାର ପୁନର୍କଳ୍ପନା

16.1 ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା (2012-2017) ଆକଳନ ଅନୁଯାୟୀ ଭାରତରେ 19 ରୁ 24 ବର୍ଷ ବୟସର କାର୍ଯ୍ୟଶକ୍ତିର କେବଳ ଏକ ଛୋଟ ପ୍ରତିଶତ (ଯାହାକି 5% ରୁ କମ୍) ଔପଚାରିକ ଧନ୍ଦାମୂଳକ ଶିକ୍ଷା ଲାଭ କରିଥାନ୍ତି, ଯେତେବେଳେ ଏହା ଯୁକ୍ତରାଷ୍ଟ୍ର ଆମେରିକା (USA)ରେ ଏହା 89%, ଜର୍ମାନୀରେ 75% ଏବଂ ଦକ୍ଷିଣ କୋରିଆରେ 96% ପର୍ଯ୍ୟନ୍ତ ଏହି ସଂଖ୍ୟା ଭାରତରେ ଧନ୍ଦାମୂଳକ ଶିକ୍ଷାର ପ୍ରସାରକୁ ତଥା ଏହାର ବ୍ୟାପକତାକୁ ଓ ତ୍ୱରାନ୍ୱିତ କରିବାର ଆବଶ୍ୟକତାକୁ ସୂଚାଉଛି ।

16.2 ଖୁବ୍ କମ୍ ସଂଖ୍ୟକ ଶିକ୍ଷାର୍ଥୀ ଧନ୍ଦାମୂଳକ ଶିକ୍ଷା ପରିସରକୁ ଆସିବାର ମୁଖ୍ୟ କାରଣ ହେଉଛି ପୂର୍ବରୁ ଏହି ଶିକ୍ଷାକୁ କେବଳ ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ ତଥା ଅଷ୍ଟମ ଓ ତା' ଉପରେ ଶ୍ରେଣୀରୁ ପାଠ ଛାଡୁଥିବା ଶିକ୍ଷାର୍ଥୀଙ୍କ ଉପରେ ଲକ୍ଷ୍ୟକେନ୍ଦ୍ରିତ ଥିଲା । ଏତତ୍ ବ୍ୟତୀତ ଯେଉଁ ଶିକ୍ଷାର୍ଥୀମାନେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ ଏହି ଧନ୍ଦାମୂଳକ ଶିକ୍ଷା ନେଇ ଉତ୍ତୀର୍ଣ୍ଣ ହେଉଥିଲେ, ଉଚ୍ଚ ଶିକ୍ଷାରେ ସେହି ବିଷୟରେ ସେମାନଙ୍କ ଭବିଷ୍ୟତ ମାର୍ଗ ସେଭଳି ଉନ୍ନତ ନ ଥିଲା । ଉଚ୍ଚଶିକ୍ଷା ବିଭାଗର ସାଧାରଣ ପ୍ରବେଶ ପ୍ରକ୍ରିୟାରେ ମଧ୍ୟ ଧନ୍ଦାମୂଳକ

ଶିକ୍ଷା ବିଷୟ ନେଇ ପଢ଼ିଥିବା ଶିକ୍ଷାର୍ଥୀମାନଙ୍କ ନିମନ୍ତେ ସେଭଳି ସୁଯୋଗ ନ ଥିଲା ଓ ସେମାନେ 'ମୁଖ୍ୟ ସ୍ରୋତ' ବା 'ଶୈକ୍ଷିକ' କ୍ଷେତ୍ରରେ ସାମିଲ ହୋଇ ନ ପାରି ପଛୁଆ ହୋଇ ରହିଯାଉଥିଲେ । ଏହା ଦ୍ୱାରା ଧନ୍ଦାମୂଳକ ଶିକ୍ଷା ଲାଭ କରିଥିବା ଶିକ୍ଷାର୍ଥୀଙ୍କ ପାଇଁ ଆଗକୁ ଯିବା ଗତିଶୀଳତାର ସଂପୂର୍ଣ୍ଣ ଅଭାବ ସୃଷ୍ଟି ହେଉଥିଲା । ଯାହା ନିକଟରେ 2013 ମସିହାରେ ଜାତୀୟ କୌଶଳ ଯୋଗ୍ୟତା ଆଧାର (National Skills Qualifications Framework-NSQF 2013)ର ଘୋଷଣା ମାଧ୍ୟମରେ ସମାଧାନ କରାଯାଇଛି ।

16.3 ଧନ୍ଦାମୂଳକ ଶିକ୍ଷାକୁ ମୁଖ୍ୟ ଧାରା ଶିକ୍ଷା ତୁଳନାରେ ନିମ୍ନ ମନେକରାଯାଉଥିଲା ଏବଂ ଏହି ଶିକ୍ଷା ଅନ୍ତର୍ଗତ ଶିକ୍ଷାର୍ଥୀମାନଙ୍କୁ ସାଧାରଣ ଶିକ୍ଷା ତୁଳନାରେ ନିମ୍ନ ମନେକରିବା ଇତ୍ୟାଦି ଭାବନା ଶିକ୍ଷାର୍ଥୀ ମନରେ ଧନ୍ଦାମୂଳକ ଶିକ୍ଷା ଚୟନ ପ୍ରତି ସଙ୍କୋଚ ସୃଷ୍ଟି କରିଥାଏ । ଭବିଷ୍ୟତରେ ଶିକ୍ଷାର୍ଥୀମାନଙ୍କୁ କିଭଳି ଏହି ଧନ୍ଦାମୂଳକ ଶିକ୍ଷା ଦିଆଯାଇପାରିବ ତା'ର ପୁନଃପରିକଳ୍ପନା ଦ୍ୱାରା ବର୍ତ୍ତମାନ ପରିସ୍ଥିତିର ଏହି ଭୟାବହ ଚିନ୍ତାକୁ ଦୂର କରାଯାଇ ପାରିବ ।

16.4 ଏହି ନୀତିର ଲକ୍ଷ୍ୟ ହେଉଛି ଧନ୍ଦାମୂଳକ ଶିକ୍ଷା ସହିତ ଜଡ଼ିତ ସାମାଜିକ ସ୍ଥିତି ଅନୁକ୍ରମକୁ ଦୂର କରିବା ଏବଂ ସମସ୍ତ ମୁଖ୍ୟ ଧାରା ଶିକ୍ଷାରେ ଧନ୍ଦାମୂଳକ ଶିକ୍ଷା କାର୍ଯ୍ୟକ୍ରମକୁ ପ୍ରତ୍ୟେକ ଶିକ୍ଷା ଅନୁଷ୍ଠାନରେ ପର୍ଯ୍ୟାୟକ୍ରମେ ସମନ୍ୱିତ କରିବା । ମାଧ୍ୟମିକ ସ୍ତରରୁ ଆରମ୍ଭକରି ଧନ୍ଦାମୂଳକ ଶିକ୍ଷାର ବିଭିନ୍ନ କାର୍ଯ୍ୟକ୍ରମକୁ ପରିଚିତ କରାଇ ଗୁଣାତ୍ମକ ଧନ୍ଦାମୂଳକ ଶିକ୍ଷାକୁ ଉଚ୍ଚ ଶିକ୍ଷାରେ ସହଜରେ ସମନ୍ୱିତ କରାଯାଇପାରିବ । ଏହାଦ୍ୱାରା ପ୍ରତ୍ୟେକ ଶିକ୍ଷାର୍ଥୀ ଅନ୍ତତଃ ଗୋଟିଏ ଧନ୍ଦାମୂଳକ ପାଠ ବିଷୟ ଅଧ୍ୟୟନ କରିବା ସହ ଅନ୍ୟ ଧନ୍ଦାମୂଳକ ପାଠ ବିଷୟ ସହ ପରିଚିତ ହେବାକୁ ସୁନିଶ୍ଚିତ କରାଯାଇ ପାରିବ । ଏହା ଦ୍ୱାରା ସବୁ ପ୍ରକାର ଶ୍ରମ ପ୍ରତି ସମ୍ମାନ ଭାବନା ବଢ଼ିବା ସହ ଭାରତୀୟ କଳା / କାରିଗରତ୍ୱ ସହ ସଂପୃକ୍ତ ହୋଇପାରିବ ।

16.5 2025 ସୁଦ୍ଧା ବିଦ୍ୟାଳୟ ଓ ଉଚ୍ଚ ଶିକ୍ଷା ବ୍ୟବସ୍ଥା ମାଧ୍ୟମରେ ଅତିକମ୍‌ରେ 50% ଶିକ୍ଷାର୍ଥୀ ଧନ୍ଦାମୂଳକ ଶିକ୍ଷା ସହ ପରିଚିତ ହୋଇ ପାରିବେ ଓ ସେଥିପାଇଁ ବିଧିବଦ୍ଧ ଭାବରେ ଉପଯୁକ୍ତ ସମୟସୀମା ମଧ୍ୟରେ ଏକ ସ୍ୱଷ୍ଟ ବ୍ୟବହାରିକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯିବ । ଏହାକୁ ନିରନ୍ତର ବିକାଶର ଲକ୍ଷ୍ୟ (Sustainable Development Goal) କରାଯାଇଛି ଯାହାକି ଭାରତର ଜନସଂଖ୍ୟା ସାମର୍ଥ୍ୟକୁ ବୁଝିବାରେ ସାହାଯ୍ୟ କରିବ । ମୋଟ ନାମ ଲେଖା ହାର (GER)ର ଲକ୍ଷ୍ୟ ପ୍ରାପ୍ତିରେ ଧନ୍ଦାମୂଳକ ଶିକ୍ଷାର ଶିକ୍ଷାର୍ଥୀମାନଙ୍କ ସଂଲଗ୍ନ ସହ 4.4 ସଂଖ୍ୟାକୁ ବିଚାରକୁ ନିଆଯିବ । ଏହି ଦିଗରେ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକ ଶିଳ୍ପ ତାଲିମ କେନ୍ଦ୍ର (ITIs), ବହୁଶିଳ୍ପ ବିଜ୍ଞାନ (Polytechnic), ସ୍ଥାନୀୟ ଉଦ୍ୟୋଗ ଇତ୍ୟାଦି ସହ ସହଯୋଗ କରିବେ । ବିଦ୍ୟାଳୟମାନଙ୍କରେ ଦକ୍ଷତାଭିତ୍ତିକ ପ୍ରୟୋଗଶାଳା ସ୍ଥାପନ କରାଯାଇ ଏହାକୁ ଏକ ଆଦର୍ଶ କେନ୍ଦ୍ର ସ୍ଥଳୀରେ ପରିଣତ କରାଯିବ, ଯାହାକି ଅନ୍ୟ ବିଦ୍ୟାଳୟମାନଙ୍କୁ ଏହି ସୁଯୋଗର ବ୍ୟବହାର ନିମନ୍ତେ ଅନୁମତି ଦେବ । ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକ ଧନ୍ଦାମୂଳକ ଶିକ୍ଷାକୁ ନିଜ ଅନୁଷ୍ଠାନରେ ବା ଅନ୍ୟ ଉଦ୍ୟୋଗ ବା NGO ସହିତ ଭାଗିଦାରୀ ମାଧ୍ୟମରେ ପ୍ରଦାନ କରିପାରିବେ । 2013 ରେ ଆରମ୍ଭ କରାଯାଇଥିବା B.Voc. ଡିଗ୍ରୀ ପାଠ୍ୟକ୍ରମ ଚାଲୁରହିବ କିନ୍ତୁ ଏହି ଧନ୍ଦାମୂଳକ ବିଷୟଗୁଡ଼ିକ 4-ବର୍ଷିଆ ବହୁ-ବିଷୟକ ସ୍ନାତକ କାର୍ଯ୍ୟକ୍ରମ ସମେତ ଅନ୍ୟ ସମସ୍ତ ସ୍ନାତକ ଡିଗ୍ରୀ କାର୍ଯ୍ୟକ୍ରମରେ ନାମଲେଖାଉଥିବା ଶିକ୍ଷାର୍ଥୀମାନଙ୍କ ପାଇଁ ଉପଲବ୍ଧ ହେବ । ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକ ବିଭିନ୍ନ ଦକ୍ଷତାଭିତ୍ତିକ ଏପରିକି ବ୍ୟବହାରିକ କୌଶଳ ଆଧାରିତ ସ୍ୱଳ୍ପ ଅବଧି କାଳୀନ ପ୍ରମାଣପତ୍ରଭିତ୍ତିକ ପାଠ୍ୟକ୍ରମ ପ୍ରଚଳିତ ନିମନ୍ତେ ଅନୁମତି ଦେଇପାରିବ । ଧନ୍ଦାମୂଳକ ଶିକ୍ଷା ସହିତ ଭାରତରେ ପ୍ରସ୍ତୁତ ଗୁରୁତ୍ୱପୂର୍ଣ୍ଣ ଧନ୍ଦାମୂଳକ କୌଶଳ ଆଧାରିତ "ଲୋକବିଦ୍ୟା"କୁ ସମନ୍ୱିତ କରି ପ୍ରତ୍ୟେକ ଶିକ୍ଷାର୍ଥୀ ନିକଟରେ ପହଞ୍ଚାଯାଇ ପାରିବ । ମୁକ୍ତ ଦୂର ଶିକ୍ଷା ମାଧ୍ୟମରେ ମଧ ଧନ୍ଦାମୂଳକ ଶିକ୍ଷା ପ୍ରଦାନ ନିମନ୍ତେ ସମ୍ଭାବନା ସୃଷ୍ଟି କରାଯିବ ।

16.6 ଆସନ୍ତା ଦଶନ୍ଧି ମଧ୍ୟରେ ଧନ୍ଦାମୂଳକ ଶିକ୍ଷାକୁ ସମସ୍ତ ବିଦ୍ୟାଳୟ ଶିକ୍ଷା ଓ ଉଚ୍ଚ ଶିକ୍ଷା ଅନୁଷ୍ଠାନରେ ପର୍ଯ୍ୟାୟକ୍ରମେ ସମନ୍ୱିତ କରିବାର ଯୋଜନା ରହିଛି । ଦକ୍ଷତା ପାର୍ଥକ୍ୟ ବିଶ୍ଳେଷଣ ଏବଂ ସ୍ଥାନୀୟ ସୁଯୋଗର ମାନଚିତ୍ରଣକୁ ଆଧାରକରି ଧନ୍ଦାମୂଳକ ଶିକ୍ଷାର ମୁଖ୍ୟ ଦିଗଗୁଡ଼ିକୁ ବଛାଯିବ । ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ (MHRD), ଧନ୍ଦାମୂଳକ ଶିକ୍ଷାର ସମନ୍ୱିତୀକରଣ ପାଇଁ ଜାତୀୟ କମିଟି (National Committee for Integration of Vocational Education - NCIVE) ଗଠନ କରିବ, ଯେଉଁଥିରେ ଧନ୍ଦାମୂଳକ ଶିକ୍ଷା ବିଶେଷଜ୍ଞ ଏବଂ ଶିଳ୍ପ ସହିତ ବିଭିନ୍ନ ମନ୍ତ୍ରାଳୟର ପ୍ରତିନିଧିମାନେ ସାମିଲ ହେବେ ।

16.7 ଯୋଜନାଗୁଡ଼ିକ ଶୀଘ୍ର କାର୍ଯ୍ୟକାରୀ କରୁଥିବା ବ୍ୟକ୍ତିଗତ ଅନୁଷ୍ଠାନଗୁଡ଼ିକ ଧନ୍ଦାମୂଳକ ଶିକ୍ଷାରେ ଉନ୍ନତମାନର ନମୁନା (ମଡ଼େଲ) ଓ ସେଗୁଡ଼ିକର କାର୍ଯ୍ୟକାରୀ ଅଭ୍ୟାସଗୁଡ଼ିକ ଅନ୍ୟମାନଙ୍କ ନିମନ୍ତେ ଉଦାହରଣ ଭାବେ ପ୍ରଦର୍ଶନ କରିବେ । ତା'ପରେ NCIVE ଦ୍ୱାରା ସ୍ଥାପିତ ବ୍ୟବସ୍ଥା ମାଧ୍ୟମରେ ଅନ୍ୟ ଅନୁଷ୍ଠାନମାନଙ୍କ ସହ ଏଗୁଡ଼ିକୁ ବାଣ୍ଟିବେ (share), ଯଦ୍ୱାରା ଧନ୍ଦାମୂଳକ ଶିକ୍ଷାର ପରିସର ଓ ବିସ୍ତାରରେ ଏହା ସହାୟକ ହେବ । ଧନ୍ଦାମୂଳକ ଶିକ୍ଷା ଓ ଏହାର ପ୍ରୟୋଗାତ୍ମକ ପ୍ରାରମ୍ଭିକ ଅଭ୍ୟାସ ପ୍ରଶିକ୍ଷଣ କାର୍ଯ୍ୟ (apprenticeship) ର ବିଭିନ୍ନ ମଡ଼େଲ ମଧ୍ୟ ଉଚ୍ଚ ଶିକ୍ଷା ଅନୁଷ୍ଠାନ ଦ୍ୱାରା ପରୀକ୍ଷା ହେବ । ଶିଳ୍ପ ସଂସ୍ଥା ସହ ସହଭାଗୀତାରେ ଉଚ୍ଚଶିକ୍ଷା ଅନୁଷ୍ଠାନରେ ଅନ୍ତର୍ନିବିଧତା କେନ୍ଦ୍ର (Incubation Centres) ସ୍ଥାପନ କରାଯିବ ।

16.8 ଜାତୀୟ କୌଶଳ ଯୋଗ୍ୟତା ଆଧାର (NSQF)କୁ ପ୍ରତ୍ୟେକ ଶୃଙ୍ଖଳା, ବୃତ୍ତି, ଧନ୍ଦା ନିମନ୍ତେ ଆହୁରି ବ୍ୟାପକ କରାଯିବ । ଏହି ଢାଞ୍ଚା (frame) ପୂର୍ବ ଶିକ୍ଷଣର ସ୍ୱୀକୃତି ପାଇଁ ଆଧାର ପ୍ରଦାନ କରିବ । ଏହା ମାଧ୍ୟମରେ ଢାଞ୍ଚାର ପ୍ରାସଙ୍ଗିକ ସ୍ତର ସହିତ ସେମାନଙ୍କର ବାସ୍ତବିକ ବ୍ୟବହାରିକ ଅଭିଜ୍ଞତାକୁ ସମନ୍ୱିତ କରି ଔପଚାରିକ ବ୍ୟବସ୍ଥାରୁ ପାଠତ୍ୟାଗୀ ହୋଇଥିବା ଶିକ୍ଷାର୍ଥୀମାନଙ୍କୁ ପୁନଃ ସମନ୍ୱିତ କରାଯିବ । କ୍ରେଡ଼ିଟ-ଆଧାରିତ ଢାଞ୍ଚା ଉଭୟ 'ସାଧାରଣ' ଏବଂ ଧନ୍ଦାମୂଳକ ଶିକ୍ଷାରେ ଗତିଶୀଳତାକୁ ସୁବିଧା ଦେବ ।

## 17. ଏକ ନୂତନ ଜାତୀୟ ଗବେଷଣା ସଂସ୍ଥା ମାଧ୍ୟମରେ ସମସ୍ତ କ୍ଷେତ୍ରରେ ଗୁଣାତ୍ମକ ଶିକ୍ଷା ଗବେଷଣା

17.1 ଏକ ବୃହତ ତଥା ଗତିଶୀଳ ଅର୍ଥ ବ୍ୟବସ୍ଥାକୁ ଆଗକୁ ବଢ଼ାଇବା ଏବଂ ବଜାୟ ରଖିବା, ସମାଜକୁ ଉନ୍ନତ କରିବା ଏବଂ ପ୍ରଗତିର ଶିଖରକୁ ଯିବାକୁ ହେଲେ ଏକ ରାଷ୍ଟ୍ରକୁ ନିରନ୍ତର ପ୍ରେରଣା ଦେବାପାଇଁ ଜ୍ଞାନର ସର୍ଜନା ଏବଂ ଗବେଷଣା ଗୁରୁତ୍ୱପୂର୍ଣ୍ଣ । ବାସ୍ତବରେ, କେତେକ ଅତ୍ୟନ୍ତ ସମୃଦ୍ଧ ସଭ୍ୟତା (ଯେପରିକି ଭାରତ, ମେସୋପଟାମିଆ, ଇଜିପ୍ଟ ଓ ଗ୍ରୀସ) ରୁ ଆଧୁନିକ ଯୁଗର (ଯେପରିକି ଯୁକ୍ତରାଷ୍ଟ୍ର, ଜର୍ମାନୀ, ଇସ୍ରାଏଲ, ଦକ୍ଷିଣ କୋରିଆ ଓ ଜାପାନ) ଶକ୍ତିଶାଳୀ ଜ୍ଞାନଯୁକ୍ତ ସମାଜ ହେଉଛି, ଯାହା ବିଜ୍ଞାନ, କଳା ଓ ସଂସ୍କୃତି କ୍ଷେତ୍ରରେ ନୂତନ ଜ୍ଞାନ ସହିତ କଳା, ଭାଷା ଓ ସଂସ୍କୃତିରେ ତଥା ମୌଳିକ ଅବଦାନ ମାଧ୍ୟମରେ କେବଳ ନିଜ ସଭ୍ୟତାରେ ନୁହେଁ ବରଂ ସମଗ୍ର ବିଶ୍ୱରେ ବୌଦ୍ଧିକ ଏବଂ ସାମଗ୍ରୀକ ସମ୍ପଦରେ ଉନ୍ନତି ହାସଲ କରିଥିଲେ ।

17.2 ଆଧୁନିକ ସମାଜରେ ଦ୍ରୁତ ପରିବର୍ତ୍ତନ ସହିତ ଗବେଷଣାକୁ ଏକ ସୁଦୃଢ଼ ପରିସ୍ଥିତିକ ପରିସ୍ଥାନ ବୋଧହୁଏ ପୂର୍ବାପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ମନେହୁଏ, ଉଦାହରଣ ସ୍ୱରୁପ-ଜଳବାୟୁ ପରିବର୍ତ୍ତନ ସହ ଜନସଂଖ୍ୟାରେ ଗତିଶୀଳତା ଏବଂ ପରିଚାଳନା, ଜୈବପ୍ରଯୁକ୍ତି, ଏକ ବିସ୍ତାରିତ ଡିଜିଟାଲ କ୍ଷେତ୍ର, ଏବଂ ମେସିନ ଶିକ୍ଷଣ ତଥା କୃତ୍ରିମ ବୁଦ୍ଧିର ବିକାଶ କ୍ଷେତ୍ରରେ । ଯଦି ଭାରତ ଏହି ସବୁ କ୍ଷେତ୍ରରେ ଅଗ୍ରଣୀ ନେତୃତ୍ୱ ହେବାକୁ ଯାଉଛି ଏବଂ ଆଗାମୀ ବର୍ଷମାନଙ୍କରେ ଓ ଦଶନ୍ଧି ମଧ୍ୟରେ ପୁନର୍ବାର ଏକ ଅଗ୍ରଣୀ ଜ୍ଞାନ ସମାଜ ହେବା ପାଇଁ ଏହାର ବିଶାଳ ପ୍ରତିଭାସମୂହଙ୍କ ସାମର୍ଥ୍ୟର ବିକାଶ କରିବାକୁ ଚାହୁଁଛି, ତେବେ ଦେଶକୁ ଏହାର ଗବେଷଣା କ୍ଷମତା ଏବଂ ଉତ୍ପାଦନର ଗୁରୁତ୍ୱପୂର୍ଣ୍ଣ ସଂପ୍ରସାରଣର ଆବଶ୍ୟକ ହେବ । ଆଜି ରାଷ୍ଟ୍ରର ଆର୍ଥିକ, ବୌଦ୍ଧିକ, ସାମାଜିକ, ପରିବେଶୀୟ ଓ ବୈଷୟିକ ସ୍ୱାସ୍ଥ୍ୟ ଓ ପ୍ରଗତି ନିମନ୍ତେ ଗବେଷଣାର ଗମ୍ଭୀରତା ପୂର୍ବାପେକ୍ଷା ବହୁତ ଅଧିକ ।

17.3 ଗବେଷଣାର ଏହି ପ୍ରମୁଖ ଗୁରୁତ୍ୱ ସତ୍ତ୍ୱେ ଭାରତରେ ଗବେଷଣା ଓ ନବାଚାରରେ ବିନିବେଶ ହେଉଛି GDP ର ମାତ୍ର 0.69%, ଯେତେବେଳେ ଏହା ଯୁକ୍ତରାଷ୍ଟ୍ର ଆମେରିକାରେ 2.8%, ଇସ୍ରାଏଲରେ 4.3% ଏବଂ ଦକ୍ଷିଣ କୋରିଆରେ 4.2% ଅଛି ।

17.4 ଆଜି ଭାରତ ଯେଉଁ ସାମାଜିକ ଆହ୍ୱାନଗୁଡ଼ିକୁ ସମାଧାନ କରିବା ଆବଶ୍ୟକ ରହିଛି (ଯେପରିକି - ସମସ୍ତ ନାଗରିକଙ୍କ ପାଇଁ ପାନୀୟଜଳ ଓ ପରିମଳ, ଗୁଣାତ୍ମକ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା, ଉନ୍ନତ ପରିବହନ, ଗୁଣବତ୍ତା ବାୟୁ ଶକ୍ତି ଏକ ଭିତ୍ତିଭୂମିର ସୁବିଧା) ସେଗୁଡ଼ିକର ସମାଧାନର ପନ୍ଥା କାର୍ଯ୍ୟକାରିତା ନିମନ୍ତେ କେବଳ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଆବଶ୍ୟକତା ପଡ଼ିବ ତାହା ନୁହେଁ, ବରଂ ସାମାଜିକ ବିଜ୍ଞାନ ଓ ମାନବିକୀ ଏବଂ ବିଭିନ୍ନ ସାମାଜିକ - ସାଂସ୍କୃତିକ ଏବଂ ପରିବେଶ ବିଷୟରେ ଗଭୀର ବୁଝାମଣାରେ ମଧ୍ୟ ମୂଳତଃ ରହିଛି । ଏହି ଆହ୍ୱାନର ସମ୍ମୁଖୀନ ହେବା ଏବଂ ସମାଧାନ କରିବା ପାଇଁ ଉଚ୍ଚମାନର ଆନ୍ତଃ-ବିଷୟକ (inter-disciplinary) ଗବେଷଣା ଆବଶ୍ୟକ ହେବ, ଯାହା ଭାରତରେ ସମ୍ପାଦନ କରାଯିବା ଉଚିତ, ଏବଂ ବିଦେଶରୁ କେବଳ ଆମଦାନୀ କରାଯାଇପାରିବ ନାହିଁ; ନିଜର ଗବେଷଣା ସଂଚାଳନ କରିବା କ୍ଷମତା ମଧ୍ୟ ଦେଶକୁ ବହୁତ ସହଜରେ ଅଧିକ ଆମଦାନୀ କରିବା ଓ ବିଦେଶରୁ ପ୍ରାସଙ୍ଗିକ ଗବେଷଣାକୁ ଅନୁକୂଳନ କରିବାରେ ସକ୍ଷମ କରିଥାଏ ।

17.5 ଅଧିକନ୍ତୁ, ସାମାଜିକ ସମସ୍ୟାର ସମାଧାନରେ ସେମାନଙ୍କର ମୂଲ୍ୟବୋଧ ସହିତ ଯେ କୌଣସି ଦେଶର ପରିଚୟ, ଆଧାତ୍ମିକ / ବୌଦ୍ଧିକ ସନ୍ତୁଷ୍ଟି, ଏବଂ ସୃଜନଶୀଳତା ଏହାର ଇତିହାସ, କଳା, ଭାଷା ଏବଂ ସଂସ୍କୃତି ମାଧ୍ୟମରେ ଏକ ପ୍ରମୁଖ ଉପାୟରେ ପ୍ରାପ୍ତ କରିହୁଏ । କଳା ଓ ମାନବିକୀ ଉପରେ ଗବେଷଣା, ବିଜ୍ଞାନ ଏବଂ ସାମାଜିକ ବିଜ୍ଞାନରେ ନବାଚାର ସହିତ ଏକ ରାଷ୍ଟ୍ରର ପ୍ରଗତି ଏବଂ ପ୍ରକୃତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

17.6 ଭାରତର ଶିକ୍ଷାନୁଷ୍ଠାନଗୁଡ଼ିକରେ ଗବେଷଣା ଏବଂ ନବାଚାର, ବିଶେଷକରି ଯେଉଁମାନେ ଉଚ୍ଚ ଶିକ୍ଷାରେ ନିୟୋଜିତ ଅଛନ୍ତି, ସେମାନଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସମ୍ପୂର୍ଣ୍ଣ ଇତିହାସରେ ଦୁନିଆର ସର୍ବଶ୍ରେଷ୍ଠ ବିଶ୍ୱବିଦ୍ୟାଳୟଗୁଡ଼ିକର ପ୍ରମାଣ ଏହା ଦର୍ଶାଇଥାଏ ଯେ, ଉଚ୍ଚ ଶିକ୍ଷା ସ୍ତରରେ ସର୍ବୋତ୍ତମ ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟା ସେହି ପରିବେଶରେ ଘଟିଥାଏ, ଯେଉଁଠାରେ ଗବେଷଣା ଓ ଜ୍ଞାନ ସର୍ଜନାର ଏକ ଦୃଢ଼ ସଂସ୍କୃତି ଥାଏ; ଅପରପକ୍ଷେ, ବିଶ୍ୱର ସର୍ବୋତ୍ତମ ଗବେଷଣାଗୁଡ଼ିକ ମୁଖ୍ୟତଃ ବହୁ-ବିଷୟକ ବିଶ୍ୱବିଦ୍ୟାଳୟମାନଙ୍କରେ ଘଟିଥିବା ଲକ୍ଷ୍ୟ କରାଯାଇଛି ।

17.7 ବିଜ୍ଞାନ ଏବଂ ଗଣିତ ଠାରୁ ଆରମ୍ଭ କରି କଳା ଏବଂ ସାହିତ୍ୟ ପର୍ଯ୍ୟନ୍ତ ଧ୍ୱନି ଶିକ୍ଷଣ, ଏବଂ, ଭାଷା ଠାରୁ ଆରମ୍ଭ କରି ଔଷଧ ଏବଂ କୃଷି ପର୍ଯ୍ୟନ୍ତ ଗବେଷଣା ଏବଂ ଜ୍ଞାନ ସର୍ଜନାର ଏକ ଦୀର୍ଘ ଐତିହାସିକ ପରମ୍ପରା ରହିଛି । ଏକବିଂଶ ଶତାବ୍ଦୀରେ ଭାରତକୁ ଗବେଷଣା ଓ ନବାଚାର ଆଡ଼କୁ ଅଗ୍ରସର କରାଇବା ପାଇଁ ଏହାକୁ ଆହୁରି ସୁଦୃଢ଼ କରାଯିବା ଆବଶ୍ୟକ । ଏକ ଶକ୍ତିଶାଳୀ ତଥା ଜ୍ଞାନଦୀପ୍ତ ସମାଜ ତଥା ବିଶ୍ୱର ତିନୋଟି ବୃହତ୍ତମ ଅର୍ଥନୀତି ମଧ୍ୟରୁ ଗୋଟିଏ ଦେଶ ହେବା ପାଇଁ ଗବେଷଣା ଓ ନବାଚାରକୁ ମଜବୁତ୍ କରାଯିବ ।

17.8 ତେଣୁ, ଏହି ନୀତି ଭାରତରେ ଗବେଷଣାର ଗୁଣାତ୍ମକତା ଏବଂ ପରିମାଣକୁ ପରିବର୍ତ୍ତନ କରିବା ପାଇଁ ବିସ୍ତୃତ ଆଭିମୁଖ୍ୟର ପରିକଳ୍ପନା କରିଛି । ବୈଜ୍ଞାନିକ ପଦ୍ଧତି ଏବଂ ମହତ୍ୱପୂର୍ଣ୍ଣ ଚିନ୍ତନ ଉପରେ ଅଧିକ ଗୁରୁତ୍ୱ ଦେଇ ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଅଧିକ କ୍ରୀଡ଼ା ଏବଂ ଆବିଷ୍କାର-ଭିତ୍ତିକ ଶିକ୍ଷଣ ଶୈଳୀରେ ପରିବର୍ତ୍ତନ ଏହାର ଅନ୍ତର୍ଭୁକ୍ତ । ଏଥିରେ ଶିକ୍ଷାର୍ଥୀଙ୍କ ଆଗ୍ରହ ଏବଂ ପ୍ରତିଭା ଚିହ୍ନଟ କରିବା, ବିଶ୍ୱବିଦ୍ୟାଳୟରେ ଗବେଷଣାକୁ ପ୍ରୋତ୍ସାହିତ କରିବା, ସମସ୍ତ ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକର(HEIs) ବହୁ-ବିଷୟକ ପ୍ରକୃତି ଏବଂ ସାମଗ୍ରୀକ ଶିକ୍ଷା ଉପରେ ଗୁରୁତ୍ୱ, ସ୍ନାତକ ପାଠ୍ୟକ୍ରମରେ ଗବେଷଣା ଏବଂ ଇଣ୍ଟର୍ଣ୍ଣସିପକୁ ଅନ୍ତର୍ଭୁକ୍ତ କରିବା, ଅଧ୍ୟାପକଙ୍କ କ୍ୟାରିଅର ପରିଚାଳନାରେ ଗବେଷଣାକୁ ଅନ୍ତର୍ଭୁକ୍ତ କରିବା, ଏବଂ ଗବେଷଣା ଓ ନବାଚାର ପରିବେଶକୁ ପ୍ରୋତ୍ସାହିତ କରିବା ନିମନ୍ତେ ପ୍ରଶାସନ ଓ ନିୟାମକ ପରିବର୍ତ୍ତନ ଅନ୍ତର୍ଭୁକ୍ତ । ଦେଶରେ ଏକ ଗବେଷଣା ମାନସିକତାର ବିକାଶ ନିମନ୍ତେ ଏହି ସମସ୍ତ ଦିଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

17.9 ଏହି ବିଭିନ୍ନ ଉପାଦାନଗୁଡ଼ିକ ଉପରେ ଏକ ସହମତିତ୍ମକ ଢଙ୍ଗରେ ନିର୍ମାଣ କରିବା ଏବଂ ଏହା ଦ୍ୱାରା ଦେଶରେ ଗୁଣାତ୍ମକ ଗବେଷଣାକୁ ପ୍ରକୃତ ପକ୍ଷେ ବଢ଼ାଇବା ଏବଂ ଉତ୍ପ୍ରେରିତ କରିବା ପାଇଁ ଏହି ନୀତିରେ ଏକ ରାଷ୍ଟ୍ରୀୟ ଗବେଷଣା ସଂସ୍ଥା (National Research Foudation - NRF) ର ପ୍ରତିଷ୍ଠା ପାଇଁ ଯୋଜନା କରାଯାଇଛି । NRF ର ମୂଳ ଲକ୍ଷ୍ୟ ହେଉଛି ଆମର ବିଶ୍ୱବିଦ୍ୟାଳୟ ମାଧ୍ୟମରେ ଗବେଷଣାର ଏକ ସଂସ୍କୃତିକୁ ସକ୍ଷମ କରିବା । ବିଶେଷ କରି, NRF ଏକ ଯୋଗ୍ୟତାଭିତ୍ତିକ କିନ୍ତୁ ନ୍ୟାୟ ସଙ୍ଗତ ସହକର୍ମୀଙ୍କ ଦ୍ୱାରା ସମୀକ୍ଷା ହେଉଥିବା ଗବେଷଣା ପାଣ୍ଠିର ଏକ ନିର୍ଭରଯୋଗ୍ୟ ଆଧାର ପ୍ରଦାନ କରିବ । ଉପଯୁକ୍ତ ପ୍ରୋତ୍ସାହନ ତଥା ସ୍ୱୀକୃତି ମାଧ୍ୟମରେ ଦେଶରେ ଗବେଷଣା ସଂସ୍କୃତିର ବିକାଶରେ ସାହାଯ୍ୟ କରିବା, ଏକ ସୀମିତ ଓ ଗବେଷଣା କ୍ଷମତା ଥିବା ରାଜ୍ୟ ବିଶ୍ୱ ବିଦ୍ୟାଳୟ ତଥା ଅନ୍ୟାନ୍ୟ ସରକାରୀ ଅନୁଷ୍ଠାନଗୁଡ଼ିକରେ ଉଲ୍ଲେଖନୀୟ ଗବେଷଣାର ମୂଳଦୁଆ ସ୍ଥାପନ କରି ତାର ବିକାଶ ନିମନ୍ତେ ପଦକ୍ଷେପ ଗ୍ରହଣ କରିବ । NRF ସମସ୍ତ ବିଭାଗରେ ପ୍ରତିଯୋଗିତାମୂଳକ ଭାବେ ଗବେଷଣାକୁ ପାଣ୍ଠି ପ୍ରଦାନ କରିବ । ସଫଳ ଗବେଷଣାକୁ ସ୍ୱୀକୃତି ପ୍ରଦାନ କରାଯିବ ଏବଂ ଯେଉଁଠାରେ ପ୍ରାସଙ୍ଗିକ, ସରକାରୀ ସଂସ୍ଥା ସହିତ ଶିଳ୍ପ ଏବଂ ବେସରକାରୀ ଓ ଜନସେବାକାରୀ ସଂଗଠନ ସହିତ ଘନିଷ୍ଠ ସଂଯୋଗ ମାଧ୍ୟମରେ କାର୍ଯ୍ୟକାରୀ ହେବ ।

17.10 ଯେଉଁ ସଂସ୍ଥାଗୁଡ଼ିକ ବର୍ତ୍ତମାନ କେତେକ ପରିମାଣରେ ଗବେଷଣା କାର୍ଯ୍ୟ ନିମନ୍ତେ ଅର୍ଥବରାଦ କରୁଛନ୍ତି, ଯେପରିକି- ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ (Department of Science and Technology - DST), ପରମାଣୁ ଶକ୍ତି ବିଭାଗ (Department of Atomic Energy - DAE), ଜୈବ ପ୍ରଯୁକ୍ତି ବିଭାଗ (Department of Bio-Technology-DBT),

ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (National Council of Agricultural Research - ICAR), ଭାରତୀୟ ଚିକିତ୍ସା ଅନୁଷ୍ଠାନ ପରିଷଦ (Indian Council of Medical Research-ICMR), ଭାରତୀୟ ଐତିହାସିକ ଅନୁସନ୍ଧାନ ପରିଷଦ (Indian Council of Historical Research - ICHR) ଏବଂ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (UGC) ସହିତ ବିଭିନ୍ନ ଜନସେବାକାରୀ ସଂଗଠନ ସ୍ୱତନ୍ତ୍ର ଭାବରେ ନିଜର ଆବଶ୍ୟକତା ଓ ପ୍ରାଥମିକତା ଅନୁସାରେ ଗବେଷଣା କାର୍ଯ୍ୟ ଜାରି ରଖିବେ । ତଥାପି, NRF ଅନ୍ୟ ପାଣ୍ଠି ପ୍ରଦାନକାରୀ ସଂସ୍ଥାଗୁଡ଼ିକ ସହିତ ଯତ୍ନର ସହ ସମନ୍ୱୟ କରିବ ଏବଂ ବିଜ୍ଞାନ, ଇଞ୍ଜିନିୟରିଂ ଏବଂ ଅନ୍ୟାନ୍ୟ ଏକାଡ଼େମୀ ସହିତ ଉଦ୍ଦେଶ୍ୟର ସମନ୍ୱୟକୁ ସୁନିଶ୍ଚିତ କରିବା ଏବଂ ପ୍ରୟାସର ପୁନରାବୃତ୍ତିକୁ ଦୂରେଇ ରଖିବା ପାଇଁ କାର୍ଯ୍ୟ କରିବ । NRF ସରକାରଙ୍କ ଠାରୁ ସ୍ୱତନ୍ତ୍ର ହୋଇ ଏକ ଘୂର୍ଣ୍ଣନ ବୋର୍ଡ଼ ଅଫ ଗଭର୍ଣ୍ଣର୍ସ ଦ୍ୱାରା ପରିଚାଳିତ ହେବ ଯାହା ବିଭିନ୍ନ କ୍ଷେତ୍ରଗୁଡ଼ିକରେ ସର୍ବୋତ୍ତମ ଗବେଷକ ଏବଂ ଅଭିନବ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ନେଇ ଗଠିତ ହେବ ।

17.11 NRF ର ପ୍ରାଥମିକ କାର୍ଯ୍ୟଗୁଡ଼ିକ ନିମ୍ନ ମତେ ହେବ :

(କ) ସମସ୍ତ ବିଭାଗରେ ସମସ୍ତ ପ୍ରକାରର ପ୍ରତିଯୋଗିତାମୂଳକ, ସହକର୍ମୀଙ୍କ ଦ୍ୱାରା ସମୀକ୍ଷା ହୋଇଥିବା ଅନୁଦାନ ପ୍ରସ୍ତାବ ପାଇଁ ପାଣ୍ଠି ପ୍ରଦାନ କରିବା;

(ଖ) ଏପରି ଶୈକ୍ଷିକ ଅନୁଷ୍ଠାନଗୁଡ଼ିକୁ ପରାମର୍ଶ ବିଶେଷ କରି ଯେଉଁ ବିଶ୍ୱବିଦ୍ୟାଳୟମାନଙ୍କରେ, ଗବେଷଣା କାର୍ଯ୍ୟ ବର୍ତ୍ତମାନ ଏକ ନୂତନ ପର୍ଯ୍ୟାୟରେ ଅଛି, ସେହି ସଂସ୍ଥାରେ ଗବେଷଣାର ମଞ୍ଜି ପୋତିବା, ତାହାକୁ ଆଗକୁ ବଢ଼େଇବା ଓ ଗବେଷଣା କାର୍ଯ୍ୟକୁ ପରାମର୍ଶ ମାଧ୍ୟମରେ ସହଜ କରିବା;

(ଗ) ଗବେଷକ ଓ ସରକାରଙ୍କ ପ୍ରାସଙ୍ଗିକ ଶାଖାଗୁଡ଼ିକ ସହିତ ଶିଳ୍ପ ମଧ୍ୟରେ ଏକ ସଂପର୍କ ସ୍ଥାପନକାରୀ ରୂପେ କାର୍ଯ୍ୟ କରିବ, ଯଦ୍ୱାରା ଗବେଷକମାନେ ସର୍ବଦା ଜରୁରୀ ଜାତୀୟ ଗବେଷଣା ପ୍ରସଙ୍ଗଗୁଡ଼ିକ ବିଷୟରେ ଅବଗତ ହୋଇ ପାରିବେ, ଏବଂ ନୀତି ନିର୍ଦ୍ଧାରଣକାରୀମାନେ କ୍ରମାଗତ ଭାବେ ସର୍ବଶେଷ ଗବେଷଣା ସଫଳତା ବିଷୟରେ ଅବଗତ ହେବେ; ଯେପରି ସଫଳତାକୁ ନୀତି ଏବଂ/କିମ୍ୱା କାର୍ଯ୍ୟାନ୍ୱୟନରେ ଉପଯୁକ୍ତ ଭାବରେ ଅଣାଯାଇ ପାରିବ; ଏବଂ

(ଘ) ଉଲ୍ଲେଖନୀୟ ଗବେଷଣା ଓ ପ୍ରଗତିକୁ ଚିହ୍ନିତ କରିବା ।

## 18. ଉଚ୍ଚ ଶିକ୍ଷାର ନିୟାମକ ବ୍ୟବସ୍ଥାରେ ପରିବର୍ତ୍ତନ

18.1 ଦଶନ୍ଧି ଧରି ଉଚ୍ଚ ଶିକ୍ଷାର ନିୟାମକ ଅତ୍ୟଧିକ ଭାରପ୍ରାପ୍ତ; ଏ କ୍ଷେତ୍ରରେ ବହୁତ କିଛି ନିୟନ୍ତ୍ରିତ କରିବାକୁ ଚେଷ୍ଟା କରାଯାଇଛି କିନ୍ତୁ ଏହାର ପ୍ରଭାବ ବହୁତ କମ । ନିୟାମକ ପ୍ରଣାଳୀର ଯାନ୍ତ୍ରିକ ଏବଂ ଅସଶକ୍ତିକରଣ ପ୍ରକୃତିରେ ଅନେକ ମୌଳିକ ସମସ୍ୟା ରହିଛି, ଯେପରିକି କିଛି ସଂସ୍ଥା ମଧ୍ୟରେ କ୍ଷମତା ବହୁଳ ଭାବରେ କେନ୍ଦ୍ରୀଭୂତ, ଏହି ସଂସ୍ଥାଗୁଡ଼ିକ ମଧ୍ୟରେ ଆଗ୍ରହର ବିବାଦ ଏବଂ ଉତ୍ତରଦାୟିତ୍ୱର ଅଭାବ । ଉଚ୍ଚ ଶିକ୍ଷା କ୍ଷେତ୍ରରୁ ପୁନଃ ଶକ୍ତି ଦେବା ପାଇଁ ଓ ଏହାକୁ ଆଗକୁ ବଢ଼ାଇବା ପାଇଁ ନିୟାମକ ବ୍ୟବସ୍ଥାରେ ସଂପୂର୍ଣ୍ଣ ସୁଧାରର ଆବଶ୍ୟକତା ଅଛି ।

18.2 ଉପରୋକ୍ତ ସମସ୍ୟାଗୁଡ଼ିକର ସମାଧାନ ପାଇଁ, ଉଚ୍ଚ ଶିକ୍ଷାର ନିୟାମକ ବ୍ୟବସ୍ଥା ଏହା ନିଶ୍ଚିତ କରିବ ଯେ, ନିୟମାବଳୀ, ମାନ୍ୟତା, ପାଣ୍ଠି ଏବଂ ଶୈକ୍ଷିକ ମାନକ ନିର୍ଦ୍ଧାରଣର ପୃଥକ କାର୍ଯ୍ୟଗୁଡ଼ିକ ସ୍ୱତନ୍ତ୍ର, ସ୍ୱାଧୀନ ଏବଂ ସଶକ୍ତ ସଂସ୍ଥା ଦ୍ୱାରା କରାଯିବ । ବ୍ୟବସ୍ଥାରେ ଯାଞ୍ଚ ଓ ସନ୍ତୁଳନ ସୃଷ୍ଟି କରିବା, ଆଗ୍ରହର ବିବାଦକୁ ହ୍ରାସ କରିବା ଓ କ୍ଷମତାର କେନ୍ଦ୍ରୀଭୂତକୁ ଦୂର କରିବା ପାଇଁ ଏହା ଅତ୍ୟାବଶ୍ୟକ ବୋଲି ବିବେଚନା କରାଯାଏ । ଏହା ସୁନିଶ୍ଚିତ କରିବାକୁ ହେବ ଯେ, ଏହି ଚାରୋଟି ସଂସ୍ଥାଗତ ଢାଞ୍ଚା ସ୍ୱାଧୀନ ଭାବେ ଏକ ସମୟରେ ଏକ ସାଧାରଣ ଲକ୍ଷ୍ୟ ଦିଗରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବେ । ଏହି ଚାରୋଟି ସ୍ୱାଧୀନ ସଂସ୍ଥାଗତ ଢାଞ୍ଚା ଗୋଟିଏ ଛାତ ତଳେ କାର୍ଯ୍ୟ କରିବେ, ଯାହା ହେଉଛି ଭାରତୀୟ ଉଚ୍ଚ ଶିକ୍ଷା ଆୟୋଗ (Higher Education Commission of India-HECI) ।

18.3 HECI ର ପ୍ରଥମ ସ୍ତମ୍ଭ ହେଉଛି ଜାତୀୟ ଉଚ୍ଚ ଶିକ୍ଷା ନିୟାମକ ପରିଷଦ (National Higher Education Regulatory Council-NHERC) । ଏହା ଶିକ୍ଷକ ଶିକ୍ଷା ସମେତ ଉଚ୍ଚଶିକ୍ଷା କ୍ଷେତ୍ର ପାଇଁ ଏକ ସାଧାରଣ ଏକକ (ଡାକ୍ତରୀ ଓ ଆଇନ ଶିକ୍ଷାକୁ ବାଦ ଦେଇ) ପଏଣ୍ଟ ନୟାମକ ଭାବରେ କାର୍ଯ୍ୟକରିବ । ବର୍ତ୍ତମାନ ସମୟରେ କାର୍ଯ୍ୟକ୍ଷମ ଥିବା ଏକାଧିକ ନିୟାମକ ସଂସ୍ଥା ଦ୍ୱାରା ନିୟାମକ ପ୍ରୟାସର ନକଲ ଏବଂ ବିଚ୍ଛିନ୍ନତାକୁ ଏହା ଦୂର କରିବ । ଏହି ଏକକ ପଏଣ୍ଟ ନିୟମାବଳୀକୁ ସକ୍ଷମ କରିବାକୁ ଏହା ପ୍ରଚଳିତ ଥିବା ଆଇନଗୁଡ଼ିକର ପୁନଃବିଚାର ଏବଂ ବାତିଲ ଏବଂ ବିଭିନ୍ନ ବିଦ୍ୟମାନ ନିୟାମକ ସଂସ୍ଥାଗୁଡ଼ିକର ପୁନଃଗଠନ ଆବଶ୍ୟକ କରିବ । NHERCକୁ 'ହାଲୁକା କିନ୍ତୁ କଠିନ' ଓ ସୁବିଧାଜନକ ଢଙ୍ଗରେ ନିୟନ୍ତ୍ରଣ କରିବା ପାଇଁ ପ୍ରତିଷ୍ଠା କରାଯିବ, ଯାହାର ଅର୍ଥ ହେଉଛି କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ, ବିଶେଷ କରି ଆର୍ଥିକ ବ୍ୟାପାର, ସୁଶାସନ ଓ ସମସ୍ତ ଅର୍ଥ, ଲେଖା ପରୀକ୍ଷା (ଅଡ଼ିଟ୍) ପ୍ରକ୍ରିୟା, ଭିତ୍ତିଭୂମିର ସଂପୂର୍ଣ ଅନଲାଇନ୍ ଓ ଅଫଲାଇନ୍ ସାର୍ବଜନୀକ ଆତ୍ମପ୍ରକାଶ, ଅଧ୍ୟାପକ/କର୍ମଚାରୀ, ପାଠ୍ୟବିଷୟ ଓ ଶିକ୍ଷାଗତ ଫଳାଫଳ ଅତ୍ୟନ୍ତ ପ୍ରଭାବଶାଳୀ ଭାବେ ନିୟନ୍ତ୍ରଣ କରାଯିବ । ଏହି ସୂଚନାଗୁଡ଼ିକ NHERC ଦ୍ୱାରା ପରିଚାଳିତ ଏକ ସାର୍ବଜନୀନ ୱେବସାଇଟ୍‌ରେ ଏବଂ ପ୍ରତ୍ୟେକ ଅନୁଷ୍ଠାନର ୱେବସାଇଟରେ ଉପଲବ୍ଧ ହେବ ଓ ସମସ୍ତ ଉଚ୍ଚ ଶିକ୍ଷା ଅନୁଷ୍ଠାନ ଦ୍ୱାରା ସୂଚନାଗୁଡ଼ିକୁ ଅଦ୍ୟତନ ଓ ଠିକ୍ ଭାବେ ଉପସ୍ଥାପନା କରାଯିବ । ସର୍ବଜନୀନ ଡୋମେନ୍‌ରେ ସ୍ଥାନିତ ସୂଚନା ସମ୍ବନ୍ଧରେ କୌଣସି ଅଂଶୀଦାରି ବା ଅନ୍ୟମାନଙ୍କ ଠାରୁ ଆପତ୍ତି ଓ ଅଭିଯୋଗ ମିଳିଲେ NHERC ଦ୍ୱାରା ସେଗୁଡ଼ିକର ବିଚାର କରାଯିବ । ପ୍ରତ୍ୟେକ ଉଚ୍ଚ ଶିକ୍ଷା ଅନୁଷ୍ଠାନରୁ ଅନିୟମିତ ନିର୍ବାଚନ କରି ବଛାଯାଉଥିବା ଶିକ୍ଷାର୍ଥୀ (ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କ ସହିତ)ଙ୍କ ଠାରୁ ଅନଲାଇନ୍‌ରେ ନିୟମିତ ବ୍ୟବଧାନରେ ମୂଲ୍ୟବାନ ମତାମତ ଦେବାକୁ ଅନୁରୋଧ କରାଯିବ ।

18.4 ଏଭଳି ନିୟମାବଳୀକୁ ସକ୍ଷମ କରିବାକୁ ପ୍ରାଥମିକ ବ୍ୟବସ୍ଥା ହେଉଛି ମାନ୍ୟତା (ସ୍ୱୀକୃତି) । ତେଣୁ HECI ର ଦ୍ୱିତୀୟ ସ୍ତମ୍ଭ ଏକ 'ମେଟା-ମାନ୍ୟତା ପ୍ରାପ୍ତ ସଂସ୍ଥା' ହେବ, ଯାହାକୁ 'ଜାତୀୟ ମାନ୍ୟତା ପରିଷଦ' (National Accreditation Council-NAC) କୁହାଯିବ । ଅନୁଷ୍ଠାନଗୁଡ଼ିକର ମାନ୍ୟତା ମୁଖ୍ୟତଃ ସାର୍ବଜନୀନ ଆତ୍ମପ୍ରକାଶ, ଉତ୍ତମ ପ୍ରଶାସନ ଓ ପରିଣାମ ଭଳି ମୌଳିକ ମାନଦଣ୍ଡ ଉପରେ ଆଧାରିତ ହେବ ଏବଂ ଏହା NAC ଦ୍ୱାରା ତଦାରଖ ଏବଂ ତଦାରଖ କରୁଥିବା ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନର ଏକ ସ୍ୱାଧୀନ ପରିସ୍ଥିତିକ ତନ୍ତ୍ର ଦ୍ୱାରା କରାଯିବ । ଏକ ଚିହ୍ନିତ ବୈଧ ମାନକ ପ୍ରାପ୍ତ ଭାବରେ କାର୍ଯ୍ୟ କରିବା ପାଇଁ NAC ଦ୍ୱାରା ଉପଯୁକ୍ତ ଅନୁଷ୍ଠାନକୁ ସମ୍ମାନିତ କରାଯିବ । ସ୍ୱଳ୍ପ ଅବଧି ମଧ୍ୟରେ, ବର୍ଗୀକୃତ ମାନ୍ୟତାର ପ୍ରଶାସନ ଏବଂ ସ୍ୱାଧୀନତାର ନିର୍ଦ୍ଦିଷ୍ଟ ସ୍ତର ହାସଲ କରିବାକୁ ସମସ୍ତ ଉଚ୍ଚ ଶିକ୍ଷା ଅନୁଷ୍ଠାନ ପାଇଁ ମାନଦଣ୍ଡ ନିର୍ଦ୍ଦିଷ୍ଟ କରିବ । ପ୍ରତି ବଦଳରେ ସମସ୍ତ ଉଚ୍ଚ ଶିକ୍ଷା ଅନୁଷ୍ଠାନ(HEIs) ସେମାନଙ୍କର ଅନୁଷ୍ଠାନ ବିକାଶ ଯୋଜନା ମାଧ୍ୟମରେ ପରବର୍ତ୍ତୀ 15 ବର୍ଷ ମଧ୍ୟରେ ସର୍ବୋଚ୍ଚ ସ୍ତରର ମାନ୍ୟତା ହାସଲ କରିବାକୁ ଲକ୍ଷ୍ୟ ରଖିବେ ଏବଂ ଶେଷରେ ସ୍ୱୟଂ-ପ୍ରଶାସକ ଡିଗ୍ରୀ ପ୍ରଦାନକାରୀ ଅନୁଷ୍ଠାନ/କ୍ଲଷ୍ଟର ଭାବରେ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖିବେ । ଦୀର୍ଘ ସମୟରେ, ବିଶ୍ୱସ୍ତରୀୟ ଅଭ୍ୟାସ ଅନୁଯାୟୀ ମାନ୍ୟତା ଏକ ଦ୍ୱି-ଆଧାରୀ ପ୍ରକ୍ରିୟାରେ ପରିଣତ ହେବ ।

18.5 HECIର ତୃତୀୟ ସ୍ତମ୍ଭ ହେଉଛି ଉଚ୍ଚ ଶିକ୍ଷା ଅନୁଦାନ ପରିଷଦ (Higher Education Grants Council-HEGC), ଯାହା ସ୍ୱଚ୍ଛ ମାନଦଣ୍ଡ ଆଧାରରେ ଓ ଅନୁଷ୍ଠାନ ଦ୍ୱାରା ପ୍ରସ୍ତୁତ ଅନୁଷ୍ଠାନ ବିକାଶ ଯୋଜନା (IDPs)ର କାର୍ଯ୍ୟକାରିତାର ଅଗ୍ରଗତି ଆଧାରରେ ଉଚ୍ଚ ଶିକ୍ଷାର ପାଣ୍ଠି ଓ ଆର୍ଥିକ ସହାୟତା କରିବ । ନୂତନ ଆଗ୍ରହ କାର୍ଯ୍ୟକ୍ରମ ଆରମ୍ଭ କରିବା ଏବଂ ଉଚ୍ଚ ଶିକ୍ଷା ଅନୁଷ୍ଠାନମାନଙ୍କରେ ବିଭିନ୍ନ ବିଷୟରେ ଗୁଣାତ୍ମକ କାର୍ଯ୍ୟକ୍ରମର ବିସ୍ତାର କରିବା ପାଇଁ HEGC କୁ ଛାତ୍ରବୃତ୍ତି ଓ ବିକାଶ ପାଣ୍ଠି ବିତରଣ କରିବାର ଦାୟିତ୍ୱ ଦିଆଯିବ ।

18.6 HECI ର ଚତୁର୍ଥ ସ୍ତମ୍ଭ ହେବ, ସାଧାରଣ ଶିକ୍ଷା ପରିଷଦ (General Education Council-GEC), ଯାହା ଉଚ୍ଚ ଶିକ୍ଷା କାର୍ଯ୍ୟକ୍ରମ ପାଇଁ ଆଶା କରାଯାଉଥିବା ଶିକ୍ଷଣ ଫଳାଫଳକୁ ପ୍ରସ୍ତୁତ କରିବ, ଯାହାକୁ "ସ୍ନାତକ ଗୁଣ" ବୋଲି ଉଲ୍ଲେଖ କରାଯାଇଛି । GEC ଦ୍ୱରା ଏକ ଜାତୀୟ ଉଚ୍ଚ ଶିକ୍ଷା ଯୋଗ୍ୟତା ଆଧାର (National Higher Education Qualifications Framework-NHEQF) ପ୍ରସ୍ତୁତ କରାଯିବ ଏବଂ ଏହା ଉଚ୍ଚ ଶିକ୍ଷାରେ ଧନ୍ଦାମୂଳକ ଶିକ୍ଷାର ଏକୀକରଣକୁ ସହଜ କରିବା ପାଇଁ ଜାତୀୟ କୌଶଳ ଯୋଗ୍ୟତା ଆଧାର (National Skills Qualifications Framework-NSQF) ସହିତ ସମନ୍ୱିତ ହେବ । NHEQF ଦ୍ୱାରା ଉଚ୍ଚ ଶିକ୍ଷା ଯୋଗ୍ୟତା ପାଇଁ ଡିଗ୍ରୀ / ଡିପ୍ଲୋମା / ସାର୍ଟିଫିକେଟ୍‌କୁ ଶିକ୍ଷଣ ଫଳାଫଳ ଅନୁଯାୟୀ ବର୍ଣ୍ଣନା କରାଯିବ । ଏହା ସହିତ GEC, NHEQF ମାଧ୍ୟମରେ ଋଣ ଟ୍ରାନ୍ସଫର, ସମାନତା ଭଳି ସମସ୍ୟାଗୁଡ଼ିକ ପାଇଁ ସୁବିଧାଜନକ ମାନଦଣ୍ଡ ପ୍ରସ୍ତୁତ

କରିବ । ଏକବିଂଶ ଶତାବ୍ଦୀ ଦକ୍ଷତା ସହିତ ଶିକ୍ଷାର୍ଥୀଙ୍କୁ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଶିକ୍ଷାର୍ଥୀମାନେ ସେମାନଙ୍କର ଶୈକ୍ଷିକ କାର୍ଯ୍ୟକ୍ରମ ସମୟରେ ନିଶ୍ଚିତ ଭାବେ ନିର୍ଦ୍ଦିଷ୍ଟ କୌଶଳ ହାସଲ କରିବେ, ଯେଉଁ କୌଶଳଗୁଡ଼ିକ GEC ନିଶ୍ଚିତ ଭାବେ ଚିହ୍ନଟ କରିବ ।

18.7 ବୃତ୍ତିଗତ ପରିଷଦ, ଯେପରି - Indical Council for Agricultural Research (ICAR), Veterinary Council of India (VCI), National Council for Teachers Education (NCTE), Council of Architecture (COA), National Council for Vocational Education and Training (NCVET) ଇତ୍ୟାଦି ବୃତ୍ତିଗତ ମାନକ ସେଟିଂ ସଂସ୍ଥା (Professional Standard Setting Bodies-PSSBs) ଭାବରେ କାର୍ଯ୍ୟ କରିବେ । ସେମାନେ ଉଚ୍ଚ ଶିକ୍ଷା ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ଓ GEC ର ସଦସ୍ୟ ହେବାକୁ ଆମନ୍ତ୍ରିତ ହେବେ । ଏହି ସଂସ୍ଥାଗୁଡ଼ିକ, PSSBs ଭାବରେ ପୁନଃଗଠିତ ହେବା ପରେ GEC ସଦସ୍ୟ ଭାବେ ପାଠ୍ୟକ୍ରମ ପ୍ରସ୍ତୁତି କରିବେ, ଶୈକ୍ଷିକ ମାନକ ସ୍ଥିର କରିବେ ଏବଂ ସେମାନଙ୍କ ପରିସର / ଅଧ୍ୟୟନର ବିଷୟ ବସ୍ତୁରେ ଶିକ୍ଷଣ, ଗବେଷଣା ଓ ସଂପ୍ରସରଣ ଶିକ୍ଷା ମଧ୍ୟରେ ସମନ୍ୱୟ ସ୍ଥାପନ କରିବେ । GEC ର ସଦସ୍ୟ ଭାବେ ସେମାନେ ପାଠ୍ୟକ୍ରମ ଆଧାର ନିର୍ଦ୍ଦିଷ୍ଟ କରିବାରେ ସାହାଯ୍ୟ କରିବେ, ଯାହାକୁ ଭିତ୍ତି କରି ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକ ନିଜସ୍ୱ ପାଠ୍ୟକ୍ରମ ପ୍ରସ୍ତୁତ କରିବେ । ତେଣୁ, PSSB ର କୌଣସି ନିୟାମକ ଭୂମିକା ନଥିଲା ବେଳେ, ତାହା ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଶିକ୍ଷଣ ଓ ଅଭ୍ୟାସ ପାଇଁ ମାନକ କିମ୍ବା ପ୍ରତ୍ୟାଶା ସ୍ଥିର କରିବ । ସମସ୍ତ HEI ଏହା ସ୍ଥିର କରିବେ ଯେ ସେମାନଙ୍କର ଶୈକ୍ଷିକ କାର୍ଯ୍ୟକ୍ରମ ଏହି ମାନକ ପ୍ରତି କିପରି ପ୍ରତିକ୍ରିୟା କରେ, ଏବଂ ଆବଶ୍ୟକ ହୁଏ ତେବେ ଏହି ମାନକ ସ୍ଥିର କରୁଥିବା ସଂସ୍ଥା ବା PSSB ରୁ ସହାୟତା ପାଇଁ ମଧ୍ୟ ପହଞ୍ଚିପାରିବେ ।

18.8 ଏପରି ଏକ ବ୍ୟବସ୍ଥା ବିଭିନ୍ନ ଭୂମିକା ମଧ୍ୟରେ ସ୍ୱାର୍ଥର ବିବାଦକୁ ଦୂର କରି କାର୍ଯ୍ୟାତ୍ମକ ପୃଥକୀକରଣର ନୀତିକୁ ସୁନିଶ୍ଚିତ କରିବ । ଏହା ମଧ୍ୟ ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିବ, ଯେ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ଉପଯୁକ୍ତ ଧ୍ୟାନ ଦିଆଯାଯାଉଛି । ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକୁ ମୁଖ୍ୟତଃ ଦାୟିତ୍ୱ ଓ ଉତ୍ତରଦାୟିତ୍ୱ ଏକ ସଙ୍ଗରେ ପ୍ରଦାନ କରାଯିବ । ଏହି କ୍ଷେତ୍ରରେ ସରକାରୀ ଓ ବେସରକାରୀ HEI ମଧ୍ୟରେ କୌଣସି ପ୍ରଭେଦ ରହିବ ନାହିଁ ।

18.9 ଏହି ପ୍ରକାରର ରୂପାନ୍ତରଣ ପାଇଁ ପ୍ରଚଳିତ ସଂରଚନା ଓ ସଂସ୍ଥାର ଆବଶ୍ୟକ ହେବ ଯେ ସେମାନେ ନିଜକୁ ସୁଦୃଢ଼ କରିବେ ଓ ପର୍ଯ୍ୟାୟକ୍ରମେ ନିଜକୁ ବିକଶିତ କରିବେ । କାର୍ଯ୍ୟଗୁଡ଼ିକର ପୃଥକତାର ଅର୍ଥ ହେବ ଯେ, HECI ମଧ୍ୟରେ ଥିବା ପ୍ରତ୍ୟେକ ସ୍ତମ୍ଭ ଏକ ନୂତନ, ଏକକ ଭୂମିକା ଗ୍ରହଣ କରିବ ଯାହା ନୂତନ ନିୟାମକ ଯୋଜନାରେ ପ୍ରାସଙ୍ଗିକ, ଅର୍ଥପୂର୍ଣ୍ଣ ଓ ଗୁରୁତ୍ୱପୂର୍ଣ୍ଣ ।

18.10. ନିୟମାବଳୀ ପ୍ରଣୟନ ପାଇଁ NHERC, ମାନ୍ୟତା ପାଇଁ NAC, ଶୈକ୍ଷିକ ମାନକ ସ୍ଥିର କରିବା ପାଇଁ GEC ଓ ଏସବୁ ଏକ ବିସ୍ତୃତ ଛାତ ତଳେ କାର୍ଯ୍ୟ କରିବା ପାଇଁ ସ୍ୱୟଂଶାସିତ ସଂସ୍ଥା HECI ଭଳି ସମସ୍ତ ସ୍ୱତନ୍ତ୍ର ସ୍ତମ୍ଭର କାର୍ଯ୍ୟକାରିତା ସ୍ୱଚ୍ଛ ପାରଦର୍ଶୀ ଆତ୍ମପ୍ରକାଶ ଉପରେ ଆଧାରିତ ହେବ ଏବଂ ମାନବୀୟ ଅନ୍ତରାପୃଷ୍ଟକୁ ହ୍ରାସ କରିବାକୁ ଓ ସେମାନଙ୍କ କାର୍ଯ୍ୟରେ ଦକ୍ଷତା ଓ ସ୍ୱଚ୍ଛତା ନିଶ୍ଚିତ କରିବାକୁ ପ୍ରଯୁକ୍ତି ବିଦ୍ୟାକୁ ବ୍ୟାପକ ଭାବେ ବ୍ୟବହାର କରିବ । ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଏହାର ମୂଳ ନୀତିଗୁଡ଼ିକ ଏକ ଫେସଲେସ୍ ଏବଂ ସ୍ୱଚ୍ଛ ନିୟାମକ ହସ୍ତକ୍ଷେପ ହେବ । ବାଧ୍ୟତାମୂଳକ କାର୍ଯ୍ୟର ମିଥ୍ୟା ପ୍ରକାଶନ ପାଇଁ ଦଣ୍ଡ ସମେତ କଠୋର କାର୍ଯ୍ୟାନୁଷ୍ଠାନ ସହିତ କଠୋର କରାଯିବ, ଯାହା ଦ୍ୱାରା ଉଚ୍ଚ ଶିକ୍ଷା ଅନୁଷ୍ଠାନମାନେ ମୌଳିକ ସର୍ବନିମ୍ନ ମାନଦଣ୍ଡ ଓ ମାନକ ହାସଲ ନିମନ୍ତେ ଚେଷ୍ଟିତ ହେବେ । HECI ନିଜେ ଚାରୋଟି ସ୍ତମ୍ଭ ମଧ୍ୟରେ ବିବାଦର ସମାଧାନ କରିବ । ପ୍ରତ୍ୟେକ ସ୍ତମ୍ଭ ଏକ ସ୍ୱାଧୀନ ସଂସ୍ଥା ହେବ, ଯେଉଁଥିରେ ସଂପୃକ୍ତ କ୍ଷେତ୍ରରେ ଉଚ୍ଚ ପାରଦର୍ଶୀତା ସହିତ ଅଖଣ୍ଡତା, ପ୍ରତିବଦ୍ଧତା ଏବଂ ଜନସେବାର ଏକ ପ୍ରଦର୍ଶନିତ ଟ୍ରାକ୍ ରେକର୍ଡ଼ ଥିବା ବିଶେଷଜ୍ଞମାନେ ସାମିଲ ହେବେ । HECI ନିଜେ ଉଚ୍ଚ ଶିକ୍ଷାରେ ବିଶିଷ୍ଟ ଜନ-ଉତ୍ସାହୀ ବିଶେଷଜ୍ଞଙ୍କ ଏକ ଛୋଟ, ସ୍ୱାଧୀନ ସଂସ୍ଥା ହେବ, ଯାହା HECI ର ଅଖଣ୍ଡତା ଏବଂ ପ୍ରଭାବଶାଳୀ କାର୍ଯ୍ୟକଳାପ ଉପରେ ନଜର ରଖିବ । ନ୍ୟାୟିକତା ସମେତ ଏହାର କାର୍ଯ୍ୟକରିବା ପାଇଁ HECI ମଧ୍ୟରେ ଉପଯୁକ୍ତ ବ୍ୟବସ୍ଥା ସୃଷ୍ଟି କରାଯିବ ।

18.11 ନୂତନ ଗୁଣବତ୍ତା ବିଶିଷ୍ଟ ଉଚ୍ଚ ଶିକ୍ଷା ଅନୁଷ୍ଠାନ (HEI) ପ୍ରତିଷ୍ଠା କରିବା ମଧ୍ୟ ନିୟାମକ ଶାସନ ଦ୍ୱାରା ଅଧିକ ସହଜ ହେବ, ଯେତେବେଳେ ଏହା ନିଶ୍ଚିତ କରାଯିବ କି, ସାର୍ବଜନୀକ ସେବା ଭାବନା ସହିତ ଓ ଦୀର୍ଘକାଳୀନ ସ୍ଥିରତା ପାଇଁ ଉପଯୁକ୍ତ ଆର୍ଥିକ ସମର୍ଥନ ସହିତ ଏହା ସ୍ଥାପନା ହୋଇଛି । ଉତ୍ତମ ଫଳାଫଳ ପ୍ରଦର୍ଶନ କରୁଥିବା ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକୁ (HEIs) ସେମାନଙ୍କର ବିସ୍ତାର ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସହାୟତା ଦେବେ । ଏହାଦ୍ୱାରା ବହୁ ସଂଖ୍ୟକ ଶିକ୍ଷାର୍ଥୀ ଅଧ୍ୟାପକଙ୍କ ସହିତ ଅଧ୍ୟୟନର

ବିଷୟ ଓ କାର୍ଯ୍ୟକ୍ରମ ମଧ୍ୟ ହାସଲ କରିବେ । ଉଚ୍ଚ-ମାନର ଉଚ୍ଚ ଶିକ୍ଷା ସୁଯୋଗ ଓ ପ୍ରବେଶକୁ ଆହୁରି ବିସ୍ତାର କରିବା ଉଦ୍ଦେଶ୍ୟରେ ଉଚ୍ଚ ଶିକ୍ଷା ଅନୁଷ୍ଠାନ (HEI) ପାଇଁ ସାର୍ବଜନୀକ ଜନସେବା ଭାଗିଦାରୀ ମଡେଲକୁ ମଧ୍ୟ ପ୍ରୋତ୍ସାହନ କରାଯାଇ ପାରିବ ।

### ଶିକ୍ଷାର ବ୍ୟବସାୟୀକରଣକୁ ରୋକିବା

18.12 ଯାଞ୍ଚ ଓ ସନ୍ତୁଳନ ସହିତ ଏକାଧିକ ବ୍ୟବସ୍ଥା ଉଚ୍ଚ ଶିକ୍ଷାର ବ୍ୟବସାୟୀକରଣକୁ ମୁକାବିଲା କରିବ ଓ ବନ୍ଦ କରିବ । ଏହା ନିୟାମକ ବ୍ୟବସ୍ଥାର ଏକ ପ୍ରମୁଖ ପ୍ରାଥମିକତା ହେବ । ସମସ୍ତ ଶିକ୍ଷାନୁଷ୍ଠାନକୁ ଅଣଲାଭକାରୀ ସଂସ୍ଥା ଭାବରେ ଅଡ଼ିଟ ଏବଂ ପ୍ରକାଶର ସମାନ ମାନଦଣ୍ଡରେ ରଖାଯିବ । ଅତିରିକ୍ତ, ଯଦି କିଛି ହୁଏ, ତାହାକୁ ଶିକ୍ଷା କ୍ଷେତ୍ରରେ ପୁନଃନିବେଶ କରାଯିବ । ସାଧାରଣ ଜନତାଙ୍କ ପାଇଁ ଅଭିଯୋଗ-ପରିଚାଳନା ବ୍ୟବସ୍ଥାର ସମାଧାନ ସହିତ ଏହି ସମସ୍ତ ଆର୍ଥିକ ବିଷୟଗୁଡ଼ିକର ସ୍ୱଚ୍ଛ ସାର୍ବଜନୀନ ପ୍ରକାଶ ହେବ । NAC ଦ୍ୱାରା ପ୍ରସ୍ତୁତ ସ୍ୱୀକୃତି ପ୍ରଣାଳୀ ଏହି ବ୍ୟବସ୍ଥା ଉପରେ ଏକ ପରିପୂରକ ଯାଞ୍ଚ ପ୍ରଦାନ କରିବ ଏବଂ NHRC ଏହାକୁ ନିୟାମକ ଉଦ୍ଦେଶ୍ୟର ଏକ ପ୍ରମୁଖ ଦିଗ ଭାବେ ବିବେଚନା କରିବ ।

18.13 ସମସ୍ତ ସରକାରୀ ଏବଂ ବେସରକାରୀ ଉଚ୍ଚ ଶିକ୍ଷା ଅନୁଷ୍ଠାନକୁ ଏହି ନିୟାମକ ବ୍ୟବସ୍ଥାରେ ସମାନ ଭାବରେ ବ୍ୟବହାର କରାଯିବ । ନିୟାମକ ବ୍ୟବସ୍ଥା ଶିକ୍ଷା କ୍ଷେତ୍ରରେ ବ୍ୟକ୍ତିଗତ ପରୋପକାରୀ ଉଦ୍ୟମକୁ ଉତ୍ସାହିତ କରିବ । ସମସ୍ତ ବିଧେୟକ ପ୍ରଣୟକ ସଂସ୍ଥାଙ୍କ ପାଇଁ ସାଧାରଣ ରାଷ୍ଟ୍ରୀୟ ନିର୍ଦ୍ଦେଶାବଳୀ ରହିବ ଯାହା ଘରୋଇ  ଉଚ୍ଚ ଶିକ୍ଷା ଅନୁଷ୍ଠାନ ଗଠନ କରାଇବ । ଏହି ସାଧାରଣ ସର୍ବନିମ୍ନ ନିର୍ଦ୍ଦେଶାବଳୀ ଏପରି ସମସ୍ତ ଆଇନକୁ ଘରୋଇ HEI ପ୍ରତିଷ୍ଠା କରିବାକୁ ସକ୍ଷମ କରାଇବ, ଯଦ୍ୱାରା ଘରୋଇ ଓ ସରକାରୀ HEI ପାଇଁ ସାଧାରଣ ମାନକ ରହିବ । ଏହି ସାଧାରଣ ନିର୍ଦ୍ଦେଶାବଳୀରେ ସୁ-ଶାସନ, ଆର୍ଥିକ ସ୍ଥିରତା ଏବଂ ସୁରକ୍ଷା, ଶିକ୍ଷାଗତ ଫଳାଫଳ ଏବଂ ପ୍ରକାଶ  ସ୍ୱଚ୍ଛତାକୁ ରହିବ ।

18.14 ଏକ ଜନହିତକାରୀ ଓ ସାର୍ବଜନୀନ ଉତ୍ସାହୀ ଉଦ୍ଦେଶ୍ୟଥିବା ଘରୋଇ HEI ମାନଙ୍କୁ ଫି (ଦେୟ)  ନିର୍ଦ୍ଧାରଣର ପ୍ରଗତିଶୀଳ ବ୍ୟବସ୍ଥା ମାଧ୍ୟମରେ ପ୍ରୋତ୍ସାହିତ କରାଯିବ । ଘରୋଇ HEI ଦ୍ୱାରା ନିର୍ଦ୍ଧାରିତ ସମସ୍ତ ଫି (ଶୁଳ୍କ) ଏବଂ ଚାର୍ଜ ପାରଦର୍ଶୀ ଓ ସଂପୂର୍ଣ୍ଣ ଭାବେ ପ୍ରକାଶ କରାଯିବ ଓ କୌଣସି ଶିକ୍ଷାର୍ଥୀର ନାମଲେଖା ଅବଧି ମଧ୍ୟରେ ଏହି ଶୁଳ୍କ / ଦେୟରେ କୌଣସି ସ୍ୱେଚ୍ଛାକୃତ ବୃଦ୍ଧି ହେବ ନାହିଁ । ଏହି ଶୁଳ୍କ ନିର୍ଦ୍ଧାରଣ ବ୍ୟବସ୍ଥା ସେମାନଙ୍କର ସାମାଜିକ ଦାୟିତ୍ୱ ନିର୍ଦ୍ଧାରଣ କରିବା ସୁନିଶ୍ଚିତ କରିବା ସହିତ ଖର୍ଚ୍ଚର ଉପଯୁକ୍ତ ପୁନରୁଦ୍ଧାର ସୁନିଶ୍ଚିତ କରିବ ।

## 19. ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକ ପାଇଁ ପ୍ରଭାବଶାଳୀ ପ୍ରଶାସନ ଓ ନେତୃତ୍ୱ

19.1 ଏହା ପ୍ରଭାବଶାଳୀ ପ୍ରଶାସନ ଏବଂ ନେତୃତ୍ୱ ଯାହା ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକରେ ଉତ୍କର୍ଷ ଏବଂ ଅଭିନବ ସଂସ୍କୃତି ସୃଷ୍ଟି କରିବାରେ ସକ୍ଷମ କରିଥାଏ । ଭାରତ ସମେତ ବିଶ୍ୱ ସ୍ତରରେ ସମସ୍ତ ବିଶ୍ୱସ୍ତରୀୟ ଅନୁଷ୍ଠାନର ସାଧାରଣ ବୈଶିଷ୍ଟ୍ୟ ବାସ୍ତବରେ ସୁଦୃଢ଼ ସ୍ୱ-ଶାସନର ଏବଂ ଅନୁଷ୍ଠାନିକ ମୁଖ୍ୟଙ୍କ ଉଲ୍ଲେଖନୀୟ ଯୋଗ୍ୟତାଭିତ୍ତିକ ନିଯୁକ୍ତିର ଅସ୍ତିତ୍ୱ ଅଟେ ।

19.2 ଶ୍ରେଣୀ ବଦ୍ଧ ମାନ୍ୟତା ଓ ଶ୍ରେଣୀବଦ୍ଧ ସ୍ୱାୟତ୍ତତାର ଏକ ଉପଯୁକ୍ତ ପ୍ରଣାଳୀ ମାଧ୍ୟମରେ ଏବଂ 15 ବର୍ଷ ମଧ୍ୟରେ ପର୍ଯ୍ୟାୟକ୍ରମେ ଭାରତର ସମସ୍ତ ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକର ଲକ୍ଷ୍ୟ ହେବ ଯେ, ସେମାନେ ନବାଚାର ଓ ଉତ୍କୃଷ୍ଟତା ପାଇଁ ସ୍ୱାଧୀନ ସ୍ୱୟଂଶାସନକାରୀ ଅନୁଷ୍ଠାନ ହୋଇପାରିବେ । ସର୍ବୋଚ୍ଚ ମାନର ନେତୃତ୍ୱ ସୁନିଶ୍ଚିତ କରିବା ଏବଂ ଉତ୍କର୍ଷର ଏକ ଆନୁଷ୍ଠାନିକ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ତ ଉଚ୍ଚ ଶିକ୍ଷା ଅନୁଷ୍ଠାନରେ ପଦକ୍ଷେପ ନିଆଯିବ । ଏହି ପ୍ରକାର ପଦକ୍ଷେପ ପାଇଁ ପ୍ରସ୍ତୁତ ଅନୁଷ୍ଠାନକୁ ପ୍ରସ୍ତୁତ ବୋଲି ବିଚାର କରୁଥିବା ଉପଯୁକ୍ତ ଗ୍ରେଡ୍ ମାନ୍ୟତା ପାଇବା ପରେ ଏକ ପରିଚାଳନା ବୋର୍ଡ଼ (BoG)କୁ ସଂପୂର୍ଣ୍ଣ କ୍ଷମତା ଦିଆଯିବ । ଏପରି ଆଇନ୍ ପ୍ରଣୟନ ହୋଇ ଯାହା ପୂର୍ବରୁ ଆଇନର ଯେକୌଣସି ବିପରୀତ ନିୟମକୁ ବଦଳାଇଦେବ ଏବଂ ସମ୍ବିଧାନ, ନିଯୁକ୍ତି, କାର୍ଯ୍ୟକାରିତା, ନିୟମ ଓ ନିୟମାବଳୀ ଏବଂ ପରିଚାଳନା ବୋର୍ଡ଼ (BoG)କୁ ଭୂମିକା ଓ ଦାୟିତ୍ୱ ପ୍ରଦାନ କରିବ । ବୋର୍ଡ଼ ଦ୍ୱାରା ନିଯୁକ୍ତ ବିଶେଷଜ୍ଞକମିଟି ଦ୍ୱାରା ବୋର୍ଡ଼ର ନୂତନ ସଦସ୍ୟମାନଙ୍କୁ ଚିହ୍ନଟ କରାଯିବ ଏବଂ ନୂତନ ସଦସ୍ୟ ଚୟନ (BoG) ନିଜେ କରିବେ । ସଦସ୍ୟ ଚୟନ କରିବା ସମୟରେ ସମତା ନୀତିକୁ ବିଚାର କରାଯିବ । ଏହା ଧାର୍ଯ୍ୟ କରାଯାଇଛି ଯେ, ଏହି ପ୍ରକ୍ରିୟା ସମୟରେ ସମସ୍ତ ଉଚ୍ଚ ଶିକ୍ଷା ଅନୁଷ୍ଠାନକୁ ଉତ୍ସାହିତ, ସମର୍ଥନ ଏବଂ ପରାମର୍ଶ କରାଯିବ ଓ 2035 ସୁଦ୍ଧା ସ୍ୱୟଂଶାସିତ ହେବ ଏବଂ ଏପରି ଏକ ସଶକ୍ତ BoG କରିବାର ଲକ୍ଷ୍ୟ ରହିଛି ।

19.3 ସମସ୍ତ ପ୍ରାସଙ୍ଗିକ ରେକର୍ଡ଼ଗୁଡ଼ିକର ପାରଦର୍ଶୀ ସ୍ୱଚ୍ଛ ଆତ୍ମପ୍ରକାଶ ମାଧ୍ୟମରେ ପରିଚାଳନା ବୋର୍ଡ଼ (BoG) ଅଂଶୀଦାରମାନଙ୍କ ପ୍ରତି ଦାୟୀ ଓ ଉତ୍ତରଦାୟୀ ହେବ । ଜାତୀୟ ଉଚ୍ଚ ଶିକ୍ଷା ନିୟାମକ ପରିଷଦ ମାଧ୍ୟମରେ HECI ଦ୍ୱାରା ନିର୍ଦ୍ଦେଶିତ ସମସ୍ତ ନିୟାମକ ନିର୍ଦ୍ଦେଶାବଳୀ ପୂରଣ କରିବା ପାଇଁ ଏହା ଦାୟୀ ରହିବ ।

19.4 ସମସ୍ତ ନେତୃତ୍ୱ ପଦବୀ ଏବଂ ଅନୁଷ୍ଠାନର ମୁଖ୍ୟ ଏପରି ବ୍ୟକ୍ତିଙ୍କୁ ପ୍ରଦାନ କରାଯିବ, ଯେଉଁମାନଙ୍କର ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ଥିବା ଏବଂ ଜଟିଳ ପରିସ୍ଥିତିକୁ ପରିଚାଳନା କରିବାର ସାମର୍ଥ୍ୟ ସହିତ ସେମାନେ ପ୍ରଶାସନିକ ଏବଂ ନେତୃତ୍ୱ ଦକ୍ଷତା ପ୍ରଦର୍ଶନ କରିଥିବେ । ଉଚ୍ଚ ଶିକ୍ଷା ଅନୁଷ୍ଠାନର ମୁଖ୍ୟମାନେ ସାମ୍ବିଧାନିକ ମୂଲ୍ୟବୋଧ ଏବଂ ଅନୁଷ୍ଠାନର ସାମଗ୍ରୀକ ଦୃଷ୍ଟିକୋଣ ସହିତ ଦୃଢ଼ଭାବେ ସଂଯୁକ୍ତ ହେବା ପ୍ରଦର୍ଶନ କରିବେ । ଏହା ସହିତ ଏକ ଦୃଢ଼ ସାମାଜିକ ପ୍ରତିବଦ୍ଧତା, ଦଳଗତ କାର୍ଯ୍ୟରେ ବିଶ୍ୱାସ, ବହୁଜନତା, ବିବିଧ ଲୋକଙ୍କ ସହ କାର୍ଯ୍ୟ କରିବାର କ୍ଷମତା ଏବଂ ଏକ ସକାରାତ୍ମକ ଦୃଷ୍ଟିକୋଣ ଭଳି ଗୁଣାବଳୀ ତାଙ୍କଠାରେ ଥିବ । ଜରୁରୀ ପରିଚାଳନା ବୋର୍ଡ଼ (BoG) ଦ୍ୱାରା ଗଠିତ ଏକ ପ୍ରତିଷ୍ଠିତ ବିଶେଷଜ୍ଞ କମିଟି (Eminent Expert Committee-EEC) ନେତୃତ୍ୱରେ ଏକ ବ୍ୟବହାରିକ, ନିରପେକ୍ଷ, ଯୋଗ୍ୟତାଭିତ୍ତିକ ଏବଂ ଦକ୍ଷତାଭିତ୍ତିକ ପ୍ରକ୍ରିୟା ମାଧ୍ୟମରେ ଏହି ଚୟନ BoG ଦ୍ୱାରା କରାଯିବ । ଅନୁଷ୍ଠାନରେ ଏକ ଉପଯୁକ୍ତ ସଂସ୍କୃତିର ବିକାଶକୁ ସୁନିଶ୍ଚିତ କରିବା ପାଇଁ ମୁଖ୍ୟଙ୍କ କାର୍ଯ୍ୟକାଳର ସ୍ଥିରତା ଗୁରୁତ୍ୱପୂର୍ଣ୍ଣ, ସେହି ସମୟରେ ମଧ୍ୟ ନେତୃତ୍ୱର ଉତ୍ତରାଧିକାର ଯତ୍ନ ସହକାରେ ଯୋଜନା କରାଯିବ ଯେପରି ନେତୃତ୍ୱର ପରିବର୍ତ୍ତନ ହେତୁ ଅନୁଷ୍ଠାନର ଭଲ କାର୍ଯ୍ୟଗୁଡ଼ିକ ବନ୍ଦ ହୋଇନଯାଏ; ସୁଗମ ପରିବର୍ତ୍ତନକୁ ନିଶ୍ଚିତ କରିବା ପାଇଁ ନେତୃତ୍ୱ ପରିବର୍ତ୍ତନ ଯଥେଷ୍ଟ ଅଧିକ୍ରମଣ ସହିତ ଆସିବ ଏବଂ ଖାଲି ରହିବ ନାହିଁ । ଅଗ୍ରଣୀ ଅନୁଷ୍ଠାନ ନେତୃତ୍ୱମାନଙ୍କୁ ଚିହ୍ନଟ କରାଯିବ ଏବଂ ଶୀଘ୍ର ବିକଶିତ କରାଯିବ ।

19.5 ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକୁ ପର୍ଯ୍ୟାୟକ୍ରମେ ପର୍ଯ୍ୟାପ୍ତ ପାଣ୍ଠି, ଆଇନଗତ ସହାୟତା ଓ ସ୍ୱାଧୀନତା ପ୍ରଦାନ କରାଯାଉଥିବା ବେଳେ, ପ୍ରତି ବଦଳରେ ସେମାନେ ଅନୁଷ୍ଠାନିକ ଉତ୍କର୍ଷତା ଓ ଉତ୍ତରଦାୟିତ୍ୱର ସର୍ବୋଚ୍ଚ ମାନଦଣ୍ଡ ପ୍ରତି ପ୍ରତିବଦ୍ଧତା ପ୍ରଦର୍ଶନ କରିବେ । ପ୍ରତ୍ୟେକ ଅନୁଷ୍ଠାନ ଏକ ବିଧିବଦ୍ଧ ଅନୁଷ୍ଠାନ ବିକାଶ ଯୋଜନା (IDP) ପ୍ରସ୍ତୁତ କରିବେ, ଯାହା ଆଧାରରେ ଅନୁଷ୍ଠାନଗୁଡ଼ିକ ପଦକ୍ଷେପ ବିକଶିତ କରିବେ, ନିଜର ଅଗ୍ରଗତିର ଆକଳନ କରିବେ ଏବଂ ଧାର୍ଯ୍ୟ ଲକ୍ଷ୍ୟରେ ପହଞ୍ଚିବେ । ପରବର୍ତ୍ତୀ ସମୟରେ ଜନସାଧାରଣ ପାଣ୍ଠି ଯୋଗାଡ଼ ପାଇଁ ଏହା ଆଧାର ଭାବେ କାର୍ଯ୍ୟ କରିପାରେ । ବୋର୍ଡ଼ ସଦସ୍ୟ, ଅନୁଷ୍ଠାନର ନେତୃତ୍ୱ, ଅଧ୍ୟାପକ/ଅଧ୍ୟାପିକା, ଶିକ୍ଷାର୍ଥୀ ଏବଂ କର୍ମଚାରୀଙ୍କ ମିଳିତ ଅଂଶଗ୍ରହଣରେ ଅନୁଷ୍ଠାନ ବିକାଶ ଯୋଜନା (IDP) ପ୍ରସ୍ତୁତ ହେବ ।

# ଭାଗ III : ଅନ୍ୟାନ୍ୟ ପ୍ରମୁଖ କ୍ଷେତ୍ରଗୁଡ଼ିକ

## 20. ବୃତ୍ତିଗତ ଶିକ୍ଷା

20.1 ବୃତ୍ତିଗତ ପ୍ରସ୍ତୁତିରେ ସର୍ବସାଧାରଣ ଉଦ୍ଦେଶ୍ୟର ନୀତି ଓ ଗୁରୁତ୍ୱ, ଶୃଙ୍ଖଳା ମଧ୍ୟରେ ଅଧ୍ୟୟନ ବିଷୟର ଶିକ୍ଷା ଏବଂ ଅଭ୍ୟାସ ପାଇଁ ଶିକ୍ଷା ସହିତ ଜଡ଼ିତ ହେବା ଉଚିତ । ଏହା କେନ୍ଦ୍ରୀୟ ଭାବରେ ଜଟିଳ ଓ ବହୁମୁଖୀ ଚିନ୍ତନ, ଆଲୋଚନା, ବିତର୍କ, ଗବେଷଣା ଓ ନବାଚାର ସହିତ ଜଡ଼ିତ । ଏହା ହାସଲ କରିବା ପାଇଁ ବୃତ୍ତିଗତ ଶିକ୍ଷା ନିଜର ବିଶେଷତାକୁ ବିବିଧ କରିବା ଉଚିତ ନୁହେଁ ।

20.2 ବୃତ୍ତିଗତ ଶିକ୍ଷା ଏହିପରି ସାମଗ୍ରିକ ଉଚ୍ଚ ଶିକ୍ଷା ବ୍ୟବସ୍ଥାର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଯାଏ । ଏକାକୀ ଅବସ୍ଥିତ କୃଷି ବିଶ୍ୱବିଦ୍ୟାଳୟ, ଆଇନ ବିଶ୍ୱବିଦ୍ୟାଳୟ, ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱ ବିଦ୍ୟାଳୟ, ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଥିବା ଏକାକୀ ଅନୁଷ୍ଠାନଗୁଡ଼ିକ ସାମଗ୍ରିକ ଏବଂ ବହୁ-ବିଷୟକ ଶିକ୍ଷା ପ୍ରଦାନ କରୁଥିବା ବହୁ-ବିଷୟକ ଅନୁଷ୍ଠାନ ହେବାକୁ ଲକ୍ଷ୍ୟ ରଖିବେ । ବୃତ୍ତିଗତ କିମ୍ବା ସାଧାରଣ ଶିକ୍ଷା ପ୍ରଦାନ କରୁଥିବା ସମସ୍ତ ଅନୁଷ୍ଠାନ 2030 ସୁଦ୍ଧା ଉଭୟ ନିରବଚ୍ଛିନ୍ନ ଏବଂ ସମନ୍ୱିତ ଢଙ୍ଗରେ ଶିକ୍ଷା ପ୍ରଦାନ କରିବା ପାଇଁ ଅନୁଷ୍ଠାନ / କ୍ଲଷ୍ଟରଗୁଡ଼ିକର ସାଙ୍ଗଠନିକ ବିକାଶ କରିବାକୁ ଲକ୍ଷ୍ୟ ରଖିବେ ।

20.3 କୃଷି ଶିକ୍ଷା ଓ ସମ୍ବନ୍ଧିତ ବିଷୟବସ୍ତୁଗୁଡ଼ିକର ପୁନରୁତ୍ଥାନ କରାଯିବ । ଯଦିଓ କୃଷି ବିଦ୍ୟାଳୟଗୁଡ଼ିକ ଦେଶର ସମସ୍ତ ବିଶ୍ୱବିଦ୍ୟାଳୟର ପ୍ରାୟ ୨% ଅଂଶବିଶେଷ, କିନ୍ତୁ କୃଷି ଓ ସହଯୋଗୀ ବିଜ୍ଞାନରେ ନାମ ଲେଖା ମୋଟ ଉଚ୍ଚ ଶିକ୍ଷାରେ ନାମଲେଖାର 1% ରୁ କମ୍ ଅଟେ । କିନ୍ତୁ ଉନ୍ନତ ଦକ୍ଷ ସ୍ନାତକ ଏବଂ ବୈଷୟିକ ଜ୍ଞାନ, ଅଭିନବ ଗବେଷଣା ଏବଂ ପ୍ରଯୁକ୍ତିବିଦ୍ୟା ଓ ଅଭ୍ୟାସ ସହ ଜଡ଼ିତ ବଜାରଭିତ୍ତିକ ସଂପ୍ରସାରଣ ମାଧ୍ୟମରେ କୃଷି ଉତ୍ପାଦନ ବୃଦ୍ଧି ପାଇଁ କୃଷି ଏବଂ ସମ୍ବନ୍ଧିତ ସହଯୋଗୀ ବିଷୟର କ୍ଷମତା ଓ

ଗୁଣବତ୍ତାରେ ଉନ୍ନତି ହେବା ଆବଶ୍ୟକ । ସାଧାରଣ ଶିକ୍ଷା ସହିତ ସମନ୍ୱିତ କାର୍ଯ୍ୟକ୍ରମ ମାଧ୍ୟମରେ କୃଷି ଓ ପ୍ରାଣୀ ଚିକିତ୍ସା ବିଜ୍ଞାନରେ ବୃତ୍ତିଗତଙ୍କ ପ୍ରସ୍ତୁତି ଦ୍ରୁତଗତିରେ ବୃଦ୍ଧି ପାଇବ । କୃଷି ଶିକ୍ଷାର ଢାଞ୍ଚା ସ୍ଥାନୀୟ ଜ୍ଞାନ, ପାରମ୍ପରିକ ଜ୍ଞାନ ଏବଂ ସମସାମୟିକ ପ୍ରଯୁକ୍ତିବିଦ୍ୟାକୁ ବୁଝିବା ଏବଂ ବ୍ୟବହାର କରିବାର ଦକ୍ଷତା ସହିତ ବୃତ୍ତିଗତ ବିକାଶ ଆଡ଼କୁ ଅଗ୍ରସର ହେବ । ଏହା ସମ୍ଭବ ହେବ ଯେତେବେଳେ ସେମାନେ କୃଷିକ୍ଷେତ୍ର ଉତ୍ପାଦକତା ହ୍ରାସ, ଜଳବାୟୁ ପରିବର୍ତ୍ତନ, ବୃଦ୍ଧିପାଉଥିବା ଜନସଂଖ୍ୟା ପାଇଁ ଖାଦ୍ୟ ପର୍ଯ୍ୟାପ୍ତତା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକୁ ହୃଦୟଙ୍ଗମ କରିପାରିବେ । କୃଷି ଶିକ୍ଷା ପ୍ରଦାନ କରୁଥିବା ଅନୁଷ୍ଠାନଗୁଡ଼ିକ ସ୍ଥାନୀୟ ସଂପ୍ରଦାୟକୁ ସିଧାସଳଖ ଲାଭାନ୍ୱିତ ପ୍ରଦାନ କରିବା ଆବଶ୍ୟକ; ପ୍ରଯୁକ୍ତିବିଦ୍ୟାର କ୍ରମାଗତ ବୃଦ୍ଧି, ପ୍ରସାର ତଥା ନିରନ୍ତର ପଦ୍ଧତିକୁ ପ୍ରୋତ୍ସାହିତ କରିବା ପାଇଁ କୃଷି ପ୍ରଯୁକ୍ତି ବିଦ୍ୟା ପାର୍କ ସ୍ଥାପନ କରାଯାଇପାରେ ।

20.4 ଆଇନ ଶିକ୍ଷା ବିଶ୍ୱସ୍ତରରେ ପ୍ରତିଯୋଗୀତାମୂଳକ ହେବା ଆବଶ୍ୟକ, ସର୍ବୋତ୍ତମ ଅଭ୍ୟାସଗୁଡ଼ିକୁ ଗ୍ରହଣ କରିବା ଏବଂ ସମୟ ଉପଯୋଗୀ ନ୍ୟାୟ ପ୍ରଦାନ ନିମନ୍ତେ ନୂତନ ଜ୍ଞାନକୌଶଳ ଆପଣେଇବା ଉଚିତ । ଏହା ସହିତ, ଏହାକୁ ନ୍ୟାୟ ଏବଂ ସାମ୍ବିଧାନିକ ମୂଲ୍ୟବୋଧ ସହିତ ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ସୂଚନା ସହ ଅର୍ଥବୋଧକ ଓ ଆଲୋକନ କରାଯିବା ଆବଶ୍ୟକ ଏବଂ ଗଣତନ୍ତ୍ର, ଆଇନର ଶାସନ ଏବଂ ମାନବିକ ଅଧିକାରର ଆଇନସଂଗତ ଚିଠା ମାଧ୍ୟମରେ ଜାତୀୟ ପୁନଃନିର୍ମାଣ ଦିଗରେ ନିର୍ଦ୍ଦେଶିତ ହେବା ଆବଶ୍ୟକ । ଆଇନ ଶିକ୍ଷା ପାଇଁ ପାଠ୍ୟକ୍ରମ ନିଶ୍ଚିତ ଭାବେ ସାମାଜିକ-ସାଂସ୍କୃତିକ ପ୍ରସଙ୍ଗଗୁଡ଼ିକ ସହ ଏକ ପ୍ରମାଣଭିତ୍ତିକ ପଦ୍ଧତି, ଆଇନଗତ ଚିନ୍ତାଧାରାର ଇତିହାସ, ନ୍ୟାୟର ନୀତି, ନ୍ୟାୟର ଅଭ୍ୟାସ ଏବଂ ଅନ୍ୟାନ୍ୟ ସମ୍ବନ୍ଧିତ ବିଷୟବସ୍ତୁକୁ ଉପଯୁକ୍ତ ଓ ପର୍ଯ୍ୟାପ୍ତ ଭାବେ ପ୍ରତିଫଳିତ କରିବା ଆବଶ୍ୟକ । ଆଇନ ଶିକ୍ଷା ପ୍ରଦାନ କରୁଥିବା ରାଜ୍ୟ ଅନୁଷ୍ଠାନଗୁଡ଼ିକ ଭବିଷ୍ୟତର ଆଇନଜୀବୀ ଏବଂ ବିଚାରପତିଙ୍କ ପାଇଁ ଦ୍ୱି-ଭାଷୀ ଶିକ୍ଷା ପ୍ରଦାନ ଉପରେ ବିଚାର କରିବା ଆବଶ୍ୟକ, ଯାହା ଇଂରାଜୀ ଓ ରାଜ୍ୟ ଭାଷାରେ ହେବ ।

20.5 ସ୍ୱାସ୍ଥ୍ୟସେବା ଶିକ୍ଷାକୁ ପୁନଃକଳ୍ପନା କରାଯିବା ଆବଶ୍ୟକ, ଯଦ୍ୱାରା ଏହି ଶୈକ୍ଷିକ କାର୍ଯ୍ୟକ୍ରମର ଅବଧି, ଗଠନ ଓ ଡିଜାଇନ୍ ସ୍ନାତକମାନଙ୍କର ଆବଶ୍ୟକତା ସହ ମେଳ ଖାଇପାରିବ । ପ୍ରାଥମିକ ଚିକିତ୍ସା ଯତ୍ନ ଓ ମାଧ୍ୟମିକ ଡାକ୍ତରଖାନାରେ କାର୍ଯ୍ୟ କରିବା ପାଇଁ ଆବଶ୍ୟକ ସ୍ପଷ୍ଟ ଭାବେ ବର୍ଣ୍ଣିତ ସୂଚକ ଆଧାରରେ ଶିକ୍ଷାର୍ଥୀମାନଙ୍କୁ ନିୟମିତ ଅବଧିରେ ମୂଲ୍ୟାୟନ କରାଯିବ । ଏହା ଲକ୍ଷ୍ୟ କରାଯାଏ ଯେ, ଲୋକମାନେ ସ୍ୱାସ୍ଥ୍ୟସେବାରେ ବହୁବିଧ ସେବାକୁ ପସନ୍ଦକରିଥାନ୍ତି, ତେଣୁ ଆମର ସ୍ୱାସ୍ଥ୍ୟ ସେବା ଶିକ୍ଷାରେ ଆୟୁର୍ବେଦ, ଯୋଗ ଏବଂ ନାଚୁରୋପାଥି, ୟୁନାନି, ସିଦ୍ଧ ଏବଂ ହୋମିଓପାଥି ଏବଂ ଏହାର ବିପରୀତ ବିଷୟରେ ମଧ୍ୟ ଏକ ମୌଳିକ ବୁଝାମଣା ରହିବା ଆବଶ୍ୟକ । ସମସ୍ତ ପ୍ରକାର ସ୍ୱାସ୍ଥ୍ୟସେବା ଶିକ୍ଷାରେ ପ୍ରତିଷେଧକ ସ୍ୱାସ୍ଥ୍ୟସେବା ଏବଂ ଗୋଷ୍ଠୀ ଔଷଧ ଉପରେ ମଧ୍ୟ ଅଧିକ ଗୁରୁତ୍ୱ ଦିଆଯିବ ।

20.6 ବୈଷୟିକ ଶିକ୍ଷାରେ ଇଂଜିନିୟରିଂ, ପ୍ରଯୁକ୍ତିବିଦ୍ୟା, ମ୍ୟାନେଜମେଣ୍ଟ, ସ୍ଥାପତ୍ୟ, ସହର ଯୋଜନା, ଫାର୍ମାସି, ହୋଟେଲ ମ୍ୟାନେଜମେଣ୍ଟ, କ୍ୟାଟରିଂ ଟେକ୍ନୋଲୋଜି ଇତ୍ୟାଦିର ଡିଗ୍ରୀ ଓ ଡିପ୍ଲୋମା କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ; ଏଗୁଡ଼ିକ ଭାରତର ସାମଗ୍ରିକ ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହି କ୍ଷେତ୍ରଗୁଡ଼ିକରେ କେବଳ ଉତ୍ତମ ଯୋଗ୍ୟ ମାନବ ସମ୍ବଳ ପାଇଁ ଚାହିଦା ରହିବ ନାହିଁ, ବରଂ ଏହା ଶିଳ୍ପ ଏବଂ ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକ ମଧ୍ୟରେ ନିବିଡ଼ତା ଏବଂ ଏହି କ୍ଷେତ୍ରରେ ଗବେଷଣା ପାଇଁ ଅଧିକ ସହଯୋଗ ଆବଶ୍ୟକ ହେବ । ଅଧିକନ୍ତୁ, ମାନବ ପ୍ରଚେଷ୍ଟା ଉପରେ ପ୍ରଯୁକ୍ତି ବିଦ୍ୟାର ମାତ୍ରାଧିକ ପ୍ରଭାବ ବୈଷୟିକ ଶିକ୍ଷା ଓ ଅନ୍ୟାନ୍ୟ ବିଭାଗ ମଧ୍ୟରେ ଥିବା ଢ଼ାଞ୍ଚାକୁ ନଷ୍ଟ କରିଦେବ ବୋଲି ଆଶା କରାଯାଏ । ବହୁ-ବିଷୟକ ଶିକ୍ଷା ଅନୁଷ୍ଠାନ ଏବଂ କାର୍ଯ୍ୟକ୍ରମ ମଧ୍ୟରେ ବୈଷୟିକ ଶିକ୍ଷା ପ୍ରଦାନ କରାଯିବାକୁ ଲକ୍ଷ୍ୟ ରଖାଯିବ ଏବଂ ଅନ୍ୟାନ୍ୟ ବିଭାଗ ସହିତ ଗଭୀରଭାବେ ଜଡ଼ିତ ହେବାର ସୁଯୋଗ ଉପରେ ମଧ୍ୟ ଧ୍ୟାନ ଦିଆଯିବ । ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ ସହିତ ଜେନୋମିକ ଅଧ୍ୟୟନ, ଜୈବ ପ୍ରଯୁକ୍ତି, ନାନୋଟେକ୍ନୋଲୋଜି, ନ୍ୟୁରୋସାଇନ୍ସ ବ୍ୟତୀତ କୃତ୍ରିମ ବୃଦ୍ଧି, 3-ଡ଼ି ମେସିନିଂ, ବୃହତ୍ତ ଡାଟା ଆନାଲିସିସ ଏବଂ ମେସିନ ଶିକ୍ଷଣ ଭଳି ଦ୍ରୁତଗତିରେ ପ୍ରସିଦ୍ଧି ହାସଲ କରିବାରେ ଭାରତ ମଧ୍ୟ ଅଗ୍ରଣୀ ଭୂମିକା ଗ୍ରହଣ କରିବା ଆବଶ୍ୟକ; ସ୍ୱାସ୍ଥ୍ୟ, ପରିବେଶ ଓ ନିରନ୍ତର ଜୀବନ ଯାପନ ପାଇଁ ଓ ଯୁବକମାନଙ୍କର ନିଯୁକ୍ତିବୃଦ୍ଧି ପାଇଁ ସ୍ନାତକ ଶିକ୍ଷାରେ ଏହାକୁ ଯୋଡ଼ା ଯାଇ ପାରିବ ।

## 21. ପୌଢ଼ ଶିକ୍ଷା ଏବଂ ଜୀବନବ୍ୟାପୀ ଶିକ୍ଷଣ

21.1 ମୌଳିକ ସାକ୍ଷରତା ହାସଲ କରିବା, ଶିକ୍ଷା ଗ୍ରହଣ କରିବା, ଏବଂ ଜୀବିକା ନିର୍ବାହ କରିବାର ସୁଯୋଗକୁ ପ୍ରତ୍ୟେକ ନାଗରିକର ମୌଳିକ ଅଧିକାର ଭାବେ ଦେଖାଯିବା ଆବଶ୍ୟକ । ସାକ୍ଷରତା ଏବଂ ମୌଳିକ ଶିକ୍ଷା ବ୍ୟକ୍ତିଗତ, ନାଗରିକ, ଆର୍ଥିକ ଏବଂ

ଜୀବନବ୍ୟାପୀ ଶିକ୍ଷଣ ସୁଯୋଗର ନୂତନ ଦୁନିଆ ଖୋଲିଥାଏ, ଯାହା ସେମାନଙ୍କୁ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଭାବେ ପ୍ରଗତି କରିବାରେ ସମର୍ଥ କରିଥାଏ । ସମାଜ ଓ ଜାତୀୟ ସ୍ତରରେ ମୌଳିକ ଶିକ୍ଷା ଓ ସାକ୍ଷରତା ଏକ ପ୍ରଚଣ୍ଡ ଶକ୍ତି ଯାହା ଅନ୍ୟ ସମସ୍ତ ବିକାଶ ମୂଳକ ପ୍ରୟାସର ସଫଳତାକୁ ଅନେକ ବୃଦ୍ଧି କରିଥାଏ । ରାଷ୍ଟ୍ରଗୁଡ଼ିକ ଉପରେ ବିଶ୍ୱବ୍ୟାପୀ ତଥ୍ୟରୁ ଜଣାପଡ଼ିଛି ଯେ, ସାକ୍ଷରତାହାର ଏବଂ ବ୍ୟକ୍ତି ପିଛା GDP ମଧ୍ୟରେ ଉଚ୍ଚ ସମ୍ପର୍କ ଅଛି ।

21.2 ଏହି ସମୟରେ ଏକ ଗୋଷ୍ଠୀର ଜଣେ ନିରକ୍ଷର ବ୍ୟକ୍ତି ହେବା ପରେ ଅସଂଖ୍ୟ ଅସୁବିଧା ରହିଥାଏ, ସେଗୁଡ଼ିକ ହେଲା : ଆଧିକ କାରବାରରେ ଅସୁବିଧା ଭୋଗିବା; ପ୍ରତ୍ୟେକ ଜିନିଷର ଗୁଣବତ୍ତା ଓ ମୂଲ୍ୟ ଅନୁସାରେ ଏହାର ନିର୍ଦ୍ଧାରିତ ଦାମ୍‌କୁ ତୁଳନା କରିବା; ଚାକିରୀ, ଋଣ ଓ ଏପରିକି ସେବା ପାଇଁ ଦରଖାସ୍ତ ଫର୍ମ ପୂରଣ କରିବା; ସାଧାରଣ ଜନତାଙ୍କ ପାଇଁ ଦରଖାସ୍ତ ଫର୍ମ ପୂରଣ କରିବା; ସାଧାରଣ ଜନତାଙ୍କ ପାଇଁ ସୂଚନା ଓ ସମ୍ବାଦପତ୍ରର ଲେଖାଗୁଡ଼ିକୁ ବୁଝିବା; ବ୍ୟବସାୟ ପରିଚାଳନା, ଯୋଗାଯୋଗ କ୍ଷେତ୍ରରେ ବୈଦ୍ୟୁତିକ ଗଣମାଧ୍ୟମ ଓ ଅନ୍ୟାନ୍ୟ ବିଶେଷ ମାଧ୍ୟମର ବ୍ୟବହାର କରିବା; ଇଣ୍ଟରନେଟ ଓ ବୈଷୟିକ କୌଶଳର ବ୍ୟବହାର କରି ନିଜ ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନକୁ ବିକଶିତ କରାଇବା; ଇଣ୍ଟରନେଟ ଓ ବୈଷୟିକ କୌଶଳର ବ୍ୟବହାର କରି ନିଜ ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନକୁ ବିକଶିତ କରାଇବା; ରାସ୍ତାର ନିରାପତ୍ତା ସମ୍ପର୍କିତ ସୂଚନା ବୁଝିବା, ବିଭିନ୍ନ ଔଷଧ ସମ୍ପର୍କରେ ସାଧାରଣ ଜ୍ଞାନ ହାସଲ କରିବା; ପିଲାମାନଙ୍କୁ ସେମାନଙ୍କ ଶିକ୍ଷାରେ ସାହାଯ୍ୟ କରିବା; ସାହିତ୍ୟ ଓ ସାହିତ୍ୟିକ ସୃଷ୍ଟିକୁ ପ୍ରଶଂସା କରିବା; ଭାରତର ନାଗରିକ ଭାବେ ଜଣେ ମୌଳିକ ଅଧିକାର ଏବଂ କର୍ତ୍ତବ୍ୟ ବିଷୟରେ ସଚେତନ ହେବା; ଓ ଏପରି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟଗୁଡ଼ିକୁ ସଫଳଭାବେ ପରିଚାଳନା କରିବାକୁ ହେବେ ପ୍ରୌଢ଼ ଶିକ୍ଷା ପାଇଁ ଅଭିନବ ପଦକ୍ଷେପ ନେବାକୁ ପଡ଼ିବ ।

21.3 ଭାରତ ଏବଂ ସାରା ବିଶ୍ୱରେ ବ୍ୟାପକ କ୍ଷେତ୍ରଅଧ୍ୟୟନ ଏବଂ ବିଶ୍ଳେଷଣରୁ ଜଣାପଡ଼େ ଯେ, ସ୍ୱେଚ୍ଛାସେବୀ କାର୍ଯ୍ୟ ଏବଂ ଗୋଷ୍ଠୀ ସଂପୃକ୍ତି ଓ ପରିଚାଳନା ହେଉଛି ସାକ୍ଷରତା କାର୍ଯ୍ୟକ୍ରମର ପ୍ରମୁଖ ସଫଳତାର କାରଣ, ଯାହା ରାଜନୈତିକ ଇଚ୍ଛାଶକ୍ତି, ବ୍ୟବସ୍ଥାଗତ ସଂରଚନା, ଉପଯୁକ୍ତ ଯୋଜନା, ପର୍ଯ୍ୟାପ୍ତ ଆର୍ଥିକ ସହାୟକ ଏବଂ ଶିକ୍ଷକ ଓ ସ୍ୱେଚ୍ଛାସେବୀମାନଙ୍କର ଦକ୍ଷତା ବୃଦ୍ଧି ସହ ସଙ୍ଗତ ଭାବେ କାର୍ଯ୍ୟକରିଥାଏ । ସଫଳ ସାକ୍ଷରତା କାର୍ଯ୍ୟକ୍ରମ କେବଳ ବୟସ୍କମାନଙ୍କ ମଧ୍ୟରେ ସାକ୍ଷରତା ବୃଦ୍ଧି ନୁହେଁ, ବରଂ ଗୋଷ୍ଠୀରେ ସମସ୍ତ ପିଲାଙ୍କ ଶିକ୍ଷା ପାଇଁ ଚାହିଦା ବୃଦ୍ଧି କରିବା ସହିତ ସକାରାତ୍ମକ ସାମାଜିକ ପରିବର୍ତ୍ତନରେ ଅଧିକ ଗୋଷ୍ଠୀ ଯୋଗଦାନକୁ ସୁନିଶ୍ଚିତ କରେ । 1988 ରେ ଯେତେବେଳେ ଏହାକୁ ଜାତୀୟ ସାକ୍ଷରତା ମିଶନ (National Literacy Mission) ଆରମ୍ଭ କରାଯାଇଥିଲା, ତାହା ମୁଖ୍ୟତଃ ଲୋକଙ୍କ ସ୍ୱେଚ୍ଛାକୃତ ସଂପୃକ୍ତି ଏବଂ ସମର୍ଥନ ଉପରେ ଆଧାରିତ ଥିଲା । ଫଳସ୍ୱରୂପ, 1991-2011 ଅବଧି ମଧ୍ୟରେ ମହିଳାମାନଙ୍କ ସମେତ ଜାତୀୟ ସାକ୍ଷରତା ହୋଇଥିଲା ହାରରେ ମହତ୍ୱପୂର୍ଣ୍ଣ ଏବଂ ଦୈନନ୍ଦିନ ଜୀବନ ଜଡ଼ିତ ସାମାଜିକ ବିଷୟବସ୍ତୁ ଉପରେ ଆଲୋଚନା ଆରମ୍ଭ କରିଥିଲେ ।

21.5 ପ୍ରଥମତଃ, NCERT ର ଏକ ନୂତନ ଏବଂ ସୁସମ୍ପର୍କିତ ଉପାଦାନ ସଂସ୍ଥା ଦ୍ୱାରା ଏକ ପ୍ରଭାବୀ ପ୍ରୌଢ଼ଶିକ୍ଷା ପାଠ୍ୟକ୍ରମ ଆଧାର ପ୍ରସ୍ତୁତ କରାଯିବ, ଯାହା ବୟସ୍କଙ୍କ ଶିକ୍ଷା ପାଇଁ ସମର୍ପିତ ହେବ । ସଂଖ୍ୟାକାର୍ଯ୍ୟ, ସାକ୍ଷରତା, ମୌଳିକ ଶିକ୍ଷା, ଧନ୍ଦାମୂଳକ କୌଶଳରେ ଉଲ୍ଲେଖନୀୟ ପାଠ୍ୟକ୍ରମ ପ୍ରସ୍ତୁତ କରିବାରେ NCERT ର ବିଶେଷଜ୍ଞତା ସହିତ ସମନ୍ୱୟ କରି ବିକାଶିତ ହେବ । ପୌଢ଼ଶିକ୍ଷା ପାଇଁ ପାଠ୍ୟକ୍ରମ ଆଧାରରେ ଅତିକମ୍‌ରେ ପାଞ୍ଚ ପ୍ରକାରର କାର୍ଯ୍ୟକ୍ରମ ସାମିଲ ହେବ, ପ୍ରତ୍ୟେକରେ ସ୍ପଷ୍ଟ ଭାବରେ ବ୍ୟାଖ୍ୟା କରାଯାଇଥିବା ଫଳାଫଳ ରହିବ (କ) ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ; (ଖ) ଗୁରୁତ୍ୱପୂର୍ଣ୍ଣ ଜୀବନ କୌଶଳ (ଆର୍ଥିକ ସାକ୍ଷରତା, ଡିଜିଟାଲ ସାକ୍ଷରତା, ବ୍ୟବସାୟିକ ଦକ୍ଷତା, ସ୍ୱାସ୍ଥ୍ୟ ସେବା ଓ ସଚେତନତା, ଶିଶୁ ଯତ୍ନ ଏବଂ ଶିକ୍ଷା ଏବଂ ପରିବାର କଲ୍ୟାଣ; (ଗ) ଧନ୍ଦାମୂଳକ କୌଶଳ ବିକାଶ (ସ୍ଥାନୀୟ ନିଯୁକ୍ତି ପାଇବା ଦିଗରେ); (ଘ) ମୌଳିକ ଶିକ୍ଷା (ପ୍ରସ୍ତୁତି, ମଧ୍ୟ ଓ ମାଧ୍ୟମିକ ପର୍ଯ୍ୟାୟ ସମେତ) ଏବଂ (ଙ) ନିରନ୍ତର ଶିକ୍ଷା (କଳା, ବିଜ୍ଞାନ, ପ୍ରଯୁକ୍ତି, ସଂସ୍କୃତିରେ ମନୋରଞ୍ଜନ ଏବଂ ଅନ୍ୟ ଆଗ୍ରହର ବିଷୟ କିମ୍ବା ସ୍ଥାନୀୟ ଶିକ୍ଷାରେ ବ୍ୟବହାର କରିବା, ଯେପରିକି ଅଧିକ ଗୁରୁତ୍ୱପୂର୍ଣ୍ଣ ଜୀବନ କୌଶଳ ଉପରେ ଉନ୍ନତ ସାମଗ୍ରୀ) । ଏହି ଆଧାର ଧ୍ୟାନରଖିବ ଯେ, ଅନେକ କ୍ଷେତ୍ରରେ ବୟସ୍କମାନେ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ହୋଇଥିବା ପଦ୍ଧତି ଅପେକ୍ଷା ଭିନ୍ନ ଶିକ୍ଷାଦାନ-ଶିକ୍ଷଣ ପଦ୍ଧତି ଓ ସାମଗ୍ରୀ ଆବଶ୍ୟକ କରନ୍ତି ।

21.6 ଦ୍ୱିତୀୟତଃ, ଉପଯୁକ୍ତ ଭିତ୍ତିଭୂମି ସୁନିଶ୍ଚିତ କରାଯିବ, ଯଦ୍ୱାରା ସମସ୍ତ ଆଗ୍ରହୀ ବୟସ୍କମାନଙ୍କ ପାଇଁ ପ୍ରୌଢ଼ଶିକ୍ଷା ଏବଂ ଜୀବନବ୍ୟାପୀ ଶିକ୍ଷା ଉପଲବ୍ଧ ହେବ । ଏହି ଦିଗରେ ଏକ ପ୍ରମୁଖ ପଦକ୍ଷେପ ହେଉଛି, ବିଦ୍ୟାଳୟ ସମୟ ପରେ ଏବଂ ସପ୍ତାହ ଶେଷରେ

ଏବଂ ପ୍ରୌଢ଼ ଶିକ୍ଷା ପାଠ୍ୟକ୍ରମ ପାଇଁ ସାର୍ବଜନୀନ ଲାଇବ୍ରେରୀ ସ୍ଥାନ ବ୍ୟବହାର କରାଯାଇ ପାରିବ । ଯଦ୍ୱାରା ଗୋଷ୍ଠୀ ପରିପୁଷ୍ଟ ହେବା ସହିତ ଏହାର ବ୍ୟବହାର ଓ ସଂପୃକ୍ତିକୁ ନିଶ୍ଚିତ କରାଯାଇପାରିବ । ବିଦ୍ୟାଳୟ, ଉଚ୍ଚ ଶିକ୍ଷା, ପ୍ରୌଢ଼ ଶିକ୍ଷା ଓ ଧନ୍ଦାମୂଳକ ଶିକ୍ଷା ଏବଂ ଅନ୍ୟ ଗୋଷ୍ଠୀ ଏବଂ ସ୍ୱେଚ୍ଛାସେବୀ କାର୍ଯ୍ୟକଳାପ ପାଇଁ ଭିତ୍ତିଭୂମିର ସହଭାଗୀତା ଉଭୟ ଶାରୀରିକ ଓ ମାନବ ସମ୍ବଳର ଦକ୍ଷ ବ୍ୟବହାର ସୁନିଶ୍ଚିତ କରିବା ସହିତ ଏହି ପାଞ୍ଚ ପ୍ରକାର ଶିକ୍ଷା ମଧ୍ୟରେ ସମନ୍ୱୟ ସୃଷ୍ଟିକରିବାରେ ଗୁରୁତ୍ୱପୂର୍ଣ୍ଣ ହେବ । ଏହି କାରଣରୁ ପ୍ରୌଢ଼ ଶିକ୍ଷା କେନ୍ଦ୍ର (Adult Education Centres - AECs) କୁ ଉଚ୍ଚ ଶିକ୍ଷା ଅନୁଷ୍ଠାନ, ଧନ୍ଦାମୂଳକ ତାଲିମ କେନ୍ଦ୍ର ଆଜି ଅନ୍ୟ ସାର୍ବଜନୀନ ଅନୁଷ୍ଠାନ, ଧନ୍ଦାମୂଳକ ତାଲିମ କେନ୍ଦ୍ର ଆଦି ଅନ୍ୟ ସାର୍ବଜନୀନ ଅନୁଷ୍ଠାନ ମଧ୍ୟରେ ମଧ୍ୟ ସାମିଲ କରାଯାଇପାରିବ ।

21.7 ତୃତୀୟତଃ, ପ୍ରଶିକ୍ଷକ / ଶିକ୍ଷକମାନେ ପ୍ରୌଢ଼ ଶିକ୍ଷା ପାଠ୍ୟକ୍ରମ ଆଧାରରେ ବର୍ଣ୍ଣନା କରାଯାଇଥିବା ପାଞ୍ଚ ପ୍ରକାରର ପ୍ରୌଢ଼ ଶିକ୍ଷା ବିଷୟବସ୍ତୁକୁ ପରିପକ୍ୱ ଶିକ୍ଷାର୍ଥୀଙ୍କ ପାଇଁ ପ୍ରଦାନ କରିବା ଆବଶ୍ୟକ ହେବ । ପ୍ରୌଢ଼ ଶିକ୍ଷା କେନ୍ଦ୍ରରେ ଶିକ୍ଷା କାର୍ଯ୍ୟକଳାପ ଆୟୋଜନ ଓ ନେତୃତ୍ୱ ନେବା ସହିତ ସ୍ୱେଚ୍ଛାସେବୀ ପ୍ରଶିକ୍ଷକଙ୍କ ସହ ସମନ୍ୱୟ କରିବା ପାଇଁ ଏହି ପ୍ରଶିକ୍ଷକମାନଙ୍କୁ ଜାତୀୟ, ରାଜ୍ୟ ଏବଂ ଜିଲ୍ଲା ସ୍ତରୀୟ ସମ୍ବଳ ସହାୟତା ଅନୁଷ୍ଠାନ ଦ୍ୱାରା ତାଲିମ ପ୍ରଦାନ କରାଯିବ ।

ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକ ମଧ୍ୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳନା କରିବା ସଙ୍ଗେସଙ୍ଗେ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ସହ ସଂଯୋଜକ ଭାବେ କାର୍ଯ୍ୟ ନିର୍ବାହ କରିବେ ଗୋଷ୍ଠୀ ର ଶିକ୍ଷିତ ବ୍ୟକ୍ତିବିଶେଷଙ୍କୁ ମଧ୍ୟ ଏହି କାର୍ଯ୍ୟ ପାଇଁ ନିମନ୍ତ୍ରିତ କରାଯିବ । ସେମାନେ ନିଜ ଗୋଷ୍ଠୀର ବୟସ୍କମାନଙ୍କୁ ଶିକ୍ଷା / ନିଯୁକ୍ତି ନିମନ୍ତେ ଅଭିପ୍ରେରିତ କରାଇ ପାରିବେ । ସ୍ୱେଚ୍ଛାସେବୀମାନଙ୍କୁ ଏହି କାର୍ଯ୍ୟ ପାଇଁ ପ୍ରଶିକ୍ଷିତ କରାଯିବ କିମ୍ବା ଜଣେ ଆଉ ଜଣଙ୍କୁ ଶିକ୍ଷିତ କରାଇବା / ଆତ୍ମନିଯୁକ୍ତି ପାଇଁ ପ୍ରସ୍ତୁତ କରାଇବ, ଯେହେତୁ ଏହା ଦେଶ ଓ ଜାତି ପାଇଁ ଏକ ମହତ ସେବା । ଏପରି ଶିକ୍ଷକ / ଶିକ୍ଷାନବୀଶମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ମହତ ସେବା ନିମନ୍ତେ ପ୍ରୋତ୍ସାହିତ କରାଯିବ । ବେସରକାରୀ ଅନୁଷ୍ଠାନ ଓ ସ୍ଥାନୀୟ ସଂସ୍ଥାମାନଙ୍କ ସହ ସମ୍ପର୍କ ସ୍ଥାପନକରି ରାଜ୍ୟ ଏହି କାର୍ଯ୍ୟ କରିବ ।

21.8 ଚତୁର୍ଥତଃ, ପ୍ରୌଢ଼ ଶିକ୍ଷାରେ ଗୋଷ୍ଠୀର ଅଂଶଗ୍ରହଣକୁ ନିଶ୍ଚିତ କରାଯିବା ପାଇଁ ସମସ୍ତ କୌଶଳ ଅବଲମ୍ବନ କରାଯିବା ସାମାଜିକ କର୍ମୀ, ସାମାଜିକ ପରାମର୍ଶଦାତା, ୱାର୍ଡ଼ସଭ୍ୟଙ୍କ ନଜରରେ ଯେତେବେଳେ ବିଦ୍ୟାଳୟରେ ନାମଲେଖାଇ ନଥିବା ଏବଂ ଅଧାରୁ ବିଦ୍ୟାଳୟ ପରିତ୍ୟାଗ କରିଥିବା ପିଲା ଆସିବେ, ସେମାନେ ଏପରି ପିଲାମାନଙ୍କ ତଥ୍ୟ ପିତାମାତା, ବୟସ୍କ ବ୍ୟକ୍ତି, ଶିକ୍ଷକ, ପ୍ରଶିକ୍ଷକଙ୍କ ଠାରୁ ସଂଗ୍ରହ କରିବେ ଏବଂ ସ୍ଥାନୀୟ ପ୍ରୌଢ଼ଶିକ୍ଷା କେନ୍ଦ୍ରରେ ଏମାନଙ୍କୁ ପହଞ୍ଚାଇବେ । ପ୍ରୌଢ଼ ଶିକ୍ଷା ସୁବିଧାସୁଯୋଗଗୁଡ଼ିକୁ ବହୁଳ ଭାବେ ପ୍ରଚାର ପ୍ରସାର କରାଯିବ । ଏଥିପାଇଁ ବିଜ୍ଞାପନ ଓ ଘୋଷଣାକୁ ବେସରକାରୀ ଅନୁଷ୍ଠାନ ଓ ସ୍ଥାନୀୟ ସଂଗଠନମାନଙ୍କ ମାଧ୍ୟମରେ ସହଭାଗିତାରେ କରାଯିବାର ବ୍ୟବସ୍ଥା ରଖାଯିବ ।

21.9 ପଞ୍ଚମରେ, ଗୋଷ୍ଠୀ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ପଢ଼ିବା ଅଭ୍ୟାସକୁ ଉଜ୍ଜିବୀତ କରିବା ପାଇଁ ପୁସ୍ତକର ଉପଲବ୍ଧତା ଓ ସେଥିରେ ଉନ୍ନତି ଆଣିବା ଜରୁରୀ । ଏହି ନୀତି ସୁପାରିଶ କରୁଛି ଯେ, ସମସ୍ତ ଗୋଷ୍ଠୀ ଏବଂ ଶିକ୍ଷା ଅନୁଷ୍ଠାନ – ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଏବଂ ସର୍ବସାଧାରଣ ପାଠାଗାରକୁ ସୁଦୃଢ଼ ଓ ଆଧୁନିକ କରାଯିବ, ଯାହା ମଧ୍ୟ ଦିବ୍ୟାଙ୍ଗ ଶିକ୍ଷାର୍ଥୀମାନଙ୍କର ଆବଶ୍ୟକତା ପୂରଣ ପାଇଁ ପର୍ଯ୍ୟାପ୍ତ ପୁସ୍ତକ ଯୋଗାଣକୁ ସୁନିଶ୍ଚିତ କରିବ । ସାମାଜିକ – ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ଅଞ୍ଚଳ ସହିତ ଗ୍ରାମୀଣ ଏବଂ ଦୁର୍ଗମ ଅଞ୍ଚଳରେ ରହୁଥିବା ଲୋକଙ୍କ ସମେତ ସମଗ୍ର ଦେଶରେ ପୁସ୍ତକ ସୁଗମ ଓ ସୁଲଭ କରିବା ସୁନିଶ୍ଚିତ କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବେ । ସମସ୍ତ ଭାରତୀୟ ଭାଷାରେ ପ୍ରକାଶିତ ପୁସ୍ତକର ଗୁଣବତ୍ତା ଏବଂ ଆକର୍ଷଣୀୟତାକୁ ଉନ୍ନତ କରିବା ପାଇଁ ଉଭୟ ସରକାରୀ ଓ ଘରୋଇ କ୍ଷେତ୍ରର ସଂସ୍ଥା / ଅନୁଷ୍ଠାନ ପଦକ୍ଷେପ ନେବେ / ଲାଇବ୍ରେରୀ ପୁସ୍ତକର ଅନଲାଇନ ଉପଲବ୍ଧତା ବୃଦ୍ଧି କରିବା ଏବଂ ଡିଜିଟାଲ ଲାଇବ୍ରେରୀକୁ ବ୍ୟାପକ କରିବା ପାଇଁ ପଦକ୍ଷେପ ନିଆଯିବ । ଗୋଷ୍ଠୀ ଏବଂ ଶିକ୍ଷାନୁଷ୍ଠାନରେ ଉନ୍ନତ ଲାଇବ୍ରେରୀ ସୁନିଶ୍ଚିତ କରିବା ପାଇଁ ପର୍ଯ୍ୟାପ୍ତ କର୍ମଚାରୀ ଉପଲବ୍ଧ କରିବା ଏବଂ ସେମାନଙ୍କର ଉପଯୁକ୍ତ ବୃତ୍ତି ମାର୍ଗ ଏବଂ CPD ପ୍ରସ୍ତୁତ କରିବା ଜରୁରୀ ହେବ । ଅନ୍ୟ ପଦକ୍ଷେପଗୁଡ଼ିକରେ ସମସ୍ତ ବିଦ୍ୟମାନ ପାଠାଗାରକୁ ସୁଦୃଢ଼ କରିବା, ଅନଗ୍ରସର ଅଞ୍ଚଳରେ ଗ୍ରାମୀଣ ପାଠାଗାର ଏବଂ ପଠନ କୋଠରୀ ପ୍ରତିଷ୍ଠା କରିବା, ଭାରତୀୟ ଭାଷାରେ ପଠନ ସାମଗ୍ରୀ ଉପଲବ୍ଧ କରିବା, ଶିଶୁ ପାଠାଗାର ଏବଂ ଭ୍ରାମ୍ୟମାଣ ପାଠାଗାର ଖୋଲିବା, ସାରା ଭାରତ ଏବଂ ବିଭିନ୍ନ ବିଷୟରେ ସାମାଜିକ ପୁସ୍ତକ କ୍ଲବ ପ୍ରତିଷ୍ଠା କରିବା ଏବଂ ଶିକ୍ଷା ଅନୁଷ୍ଠାନ ଏବଂ ପାଠାଗାର ମଧ୍ୟରେ ଅଧିକ ସହଯୋଗକୁ ପ୍ରୋତ୍ସାହିତ କରିବା ସାମିଲ ରହିଛି ।

21.10 ଶେଷରେ ଉପରୋକ୍ତ ପଦକ୍ଷେପକୁ ସୁଦୃଢ଼ କରିବା ଏବଂ ଆରମ୍ଭ କରିବା ପାଇଁ ପ୍ରଯୁକ୍ତିର ବ୍ୟବହାର କରାଯିବ । ସରକାରୀ

ଏବଂ ଜନସେବାକାରୀ ପଦକ୍ଷେପ ସହିତ କ୍ରାଉଡ୍ ସୋର୍ସିଂ ଏବଂ ପ୍ରତିଯୋଗିତା ମାଧ୍ୟମରେ ଆପ୍, ଅନଲାଇନ ପାଠ୍ୟକ୍ରମ / ପେଟିକା, ଉପଗ୍ରହ ଆଧାରିତ ଟିଭି ଚ୍ୟାନେଲ, ଅନଲାଇନ ପୁସ୍ତକ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ସଜ୍ଜିତ ପାଠାଗାର ଏବଂ ପ୍ରୌଢ଼ ଶିକ୍ଷା କେନ୍ଦ୍ର ଇତ୍ୟାଦି ଗୁଣାତ୍ମକ ପ୍ରୌଢ଼ ଶିକ୍ଷା କେନ୍ଦ୍ର ଇତ୍ୟାଦି ଗୁଣାତ୍ମକ ପ୍ରଯୁକ୍ତି ଆଧାରିତ ବିକଳ୍ପ କେନ୍ଦ୍ର ଭାବେ ବିକଶିତ ହେବ । ଅନେକ କ୍ଷେତ୍ରରେ, ଗୁଣାତ୍ମକ ପ୍ରୌଢ଼ ଶିକ୍ଷା ଏକ ଅନ୍‌ଲାଇନ ବା ମିଶ୍ରଣ ପଦ୍ଧତିରେ ପରିଚାଳନା କରାଯାଇପାରିବ ।

## 22 ଭାରତୀୟ ଭାଷା, କଳା ଓ ସଂସ୍କୃତିର ପ୍ରୋତ୍ସାହନ

22.1 ସହସ୍ର ସହସ୍ର ବର୍ଷ ଧରି ଗଢି ଉଠିଥିବା ସଂସ୍କୃତିର ଗନ୍ତାଘର ଭାରତ । କଳା, ସାହିତ୍ୟ, ପ୍ରଥା, ପରମ୍ପରା, ଭାଷାଗତ ଅଭିବ୍ୟକ୍ତି, କଳାକୃତି, ଐତିହ୍ୟ ସ୍ଥାନ ଏବଂ ଆହୁରି ଅନେକ ରୂପରେ ସ୍ୱଷ୍ଟ ଓ ଜୀବନ୍ତଭାବେ ଏହା ପ୍ରଦର୍ଶିତ ଭାରତକୁ ପରିଭ୍ରମଣ, ଭାରତୀୟ ଆତିଥେୟତାର ଅଭିଜ୍ଞତା ଅର୍ଜନ, ହସ୍ତଶିଳ୍ପ ଓ ହାତବୁଣା ପୋଷାକ କ୍ରୟ, ଭାରତୀୟ ସାହିତ୍ୟ (ପୁରାତନ ରୀତି ଆଧାରିତ) ପଠନ, ଯୋଗ ଓ ଧ୍ୟାନ ଅଭ୍ୟାସ, ଭାରତୀୟ ଦର୍ଶନଦ୍ୱାରା ଅଭିମନ୍ତ୍ରିତ,ଏହାର ବିରଳ ପର୍ବପର୍ବାଣୀରେ ଯୋଗଦାନ, ସ୍ୱତନ୍ତ୍ର ବାଦ୍ୟ, କଳା, ସିନେମା ପ୍ରଭୃତିର ଦର୍ଶନ ଓ ଶ୍ରବଣ ମାଧ୍ୟମରେ ସମଗ୍ର ପୃଥିବୀର କୋଟି କୋଟି ଜନତା ପ୍ରତ୍ୟେକ ଦିନ ଭାରତୀୟ ସାଂସ୍କୃତିକ ବିଭବକୁ ଉପଭୋଗ କରିବା ସଂଗେସଂଗେ ଲାଭବାନ ହୁଅନ୍ତି । ଏହା ବାସ୍ତବରେ ଭାରତର ସାଂସ୍କୃତିକ ତଥା ପ୍ରାକୃତିକ ସମ୍ପଦ, ଭାରତୀୟ ପର୍ଯ୍ୟଟନ ବିଭାଗର ସ୍ଲୋଗାନ "ଅତୁଲ୍ୟ ଭାରତ (Incredible India)" ବାସ୍ତବରେ ଏହା ପ୍ରତିପାଦିତ କରିପାରେ ।

22.2 ଭାରତର ସାଂସ୍କୃତିକ ବିଭବ ଜାତି ଓ ଦେଶର ପରିଚୟ ସମଗ୍ର ବିଶ୍ୱରେ ସୃଷ୍ଟ କରେ ଓ ଅର୍ଥନୈତିକ ବିକାଶରେ ସମ୍ପୂର୍ଣ୍ଣ ସହାୟକ ସାଜେ । ତେଣୁ ଏହାର ସଂରକ୍ଷଣ ତଥା ପ୍ରଚାର ପ୍ରସାର ସର୍ବାଗ୍ରେ ଉଭୟ ବ୍ୟକ୍ତି ଓ ଦେଶ ପାଇଁ ଗୁରୁତ୍ୱପୁର୍ଣ୍ଣ । ଏହା ସେମାନଙ୍କର ନିଜର ସାଂସ୍କୃତିକ ଇତିହାସ, କଳା, ଭାଷା ଏବଂ ପରମ୍ପରା ଏକ ଦୃଢ ଭାବନା ଏବଂ ଜ୍ଞାନର ବିକାଶ ମାଧ୍ୟମରେ ପିଲାଙ୍କଠାରେ ସକରାତ୍ମକ ସାଂସ୍କୃତିକ ପରିଚୟ ଓ ଆତ୍ମସମ୍ମାନ ସୃଷ୍ଟି କରେ । ତେଣୁ ସାଂସ୍କୃତିକ ସଚେତନତା ଏବଂ ଅଭିବ୍ୟକ୍ତି ବ୍ୟକ୍ତି ଓ ସମାଜ କଲ୍ୟାଣ ପାଇଁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ହେବ ।

22.3 ସଂସ୍କୃତି ପ୍ରଦାନ କରିବାପାଇଁ କଳା ଏକ ପ୍ରମୁଖ ମାଧ୍ୟମ ସୃଷ୍ଟି କରେ, କଳା-ସାଂସ୍କୃତିକ ପରିଚୟ, ସଚେତନତା ଏବଂ ଉତ୍କୃଷ୍ଟ ସମାଜକୁ ସୁଦୃଢ କରିବା ବ୍ୟତୀତ ବ୍ୟକ୍ତିମାନଙ୍କ ମଧ୍ୟରେ ଜ୍ଞାନାତ୍ମକ ଏବଂ ସୃଜନାତ୍ମକ ସାମର୍ଥ୍ୟ ବୃଦ୍ଧି କରିଥାଏ ଏବଂ ବ୍ୟକ୍ତିଗତ ସୁଖବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିଥାଏ । ବ୍ୟକ୍ତିମାନଙ୍କର ସୁଖ/ଉତ୍ତମତା, ଜ୍ଞାନଗତ ବିକାଶ ଏବଂ ସାଂସ୍କୃତିକ ପରିଚୟ ହେଉଛି ଗୁରୁତ୍ୱପୂର୍ଣ୍ଣ ତେଣୁ ଆଦି ଶୈଶବ ଯତ୍ନ ଓ ଶିକ୍ଷାଠାରୁ ଆରମ୍ଭ କରି ସମସ୍ତ ପ୍ରକାରର ଶିକ୍ଷା ସ୍ତରରେ ଭାରତୀୟ କଳାଶିକ୍ଷା ଶିକ୍ଷାର୍ଥୀମାନଙ୍କୁ ପ୍ରଦାନ କରିବାରେ ଆବଶ୍ୟକ ।

22.4 ଏହା ନିଶ୍ଚିତ ଯେ, ଭାଷା ସହିତ କଳା ଏବଂ ସଂସ୍କୃତି ଅବିବିଧ ଭାବେ ସଂପର୍କିତ । ବିଭିନ୍ନ ଭାଷା ଏବଂ ଏକ ଭାଷାର ସଂରଚନା ବିଶ୍ୱକୁ ଭିନ୍ନଭିନ୍ନ ଭାବେ ଦେଖନ୍ତି, ତେଣୁ ଜଣେ ମୂଳ ଚିନ୍ତା ଅଭିଜ୍ଞତା ଧାରଣା ନିର୍ଦ୍ଧାରଣ କରିଥାଏ, ବିଶେଷକରି, ଭାଷାଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ସଂସ୍କୃତିର ଲୋକ, ପରିବାର ସଦସ୍ୟ, ଅଧିକାରୀ ବ୍ୟକ୍ତି, ସାଥୀ ଏବଂ ଅପରିଚିତ ବ୍ୟକ୍ତିଙ୍କ ସହିତ କଥାବାର୍ତ୍ତା କରିବା ବେଳେ ପ୍ରଭାବିତ କରିଥାଆନ୍ତି ଏବଂ ବାର୍ତ୍ତାଳପର ସ୍ୱରକୁ ପ୍ରଭାବିତ କରନ୍ତି । ଏକ ସାଧାରଣ ଭାଷାର ବକ୍ତାମାନଙ୍କ ମଧ୍ୟରେ ବାର୍ତ୍ତାଳପରେ ଅର୍ନ୍ତନିହିତ ସ୍ୱର, ଅଭିଜ୍ଞତା ଏବଂ ପରିଚିତତା / ଆପଣାର ଭାବ ଏବଂ ସଂସ୍କୃତିର ପ୍ରତିଫଳନ ଏକ ରେକର୍ଡ । ଏହିପରି ଆମ ଭାଷା ମଧ୍ୟରେ ସଂସ୍କୃତି ଆବଦ୍ଧ ହୋଇ ରହିଛି । କଳାର ବିଭିନ୍ନ ରୂପ (ସାହିତ୍ୟ, ନାଟକ, ସଂଗୀତ, ଚଳଚ୍ଚିତ୍ର ଇତ୍ୟାଦି)କୁ ଭାଷାବିନା ପ୍ରଶଂସା କରାଯାଇ ପାରିବ ନାହିଁ । ସଂସ୍କୃତିକୁ ସଂରକ୍ଷତି ଏବଂ ପ୍ରୋତ୍ସାହିତ କରିବା ପାଇଁ ଭାଷାର ସଂରକ୍ଷଣ ଓ ପ୍ରୋତ୍ସାହନ ଜରୁରୀ ।

22.5 ଦୁର୍ଭାଗ୍ୟବଶତଃ, କେବଳ 50 ବର୍ଷ ମଧ୍ୟରେ ଦେଶରୁ 220ଟି ଭାଷା ଲୋପ ପାଇବା ପରେ ମଧ୍ୟ ଭାରତୀୟ ଭାଷାଗୁଡ଼ିକ ଉପରେ ଉପଯୁକ୍ତ ଧ୍ୟାନ ଓ ଯତ୍ନ ଗ୍ରହଣ କରାଯାଉନାହିଁ । UNESCO 197ଟି ଭାରତୀୟ ଭାଷାକୁ ବିପଦାପନ୍ନ ପଡ଼ିଥିବା ଭାଷା ବୋଲି ଘୋଷଣା କରିଛି । ବିଶେଷକରି ବିଭିନ୍ନ ଲିପି ନ ଥିବା ଭାଷା ବିପଦାପନ୍ନ ହେବା ଉପରେ ଅଛି । ଯେତେବେଳେ କୌଣସି ଜାତି ବା ଗୋଷ୍ଠୀରେ କଥିତ ଭାଷା ବ୍ୟବହାର କରୁଥିବା ସଦସ୍ୟମାନେ ମୃତ୍ୟୁବରଣ କରିଥାନ୍ତି, ସେମାନଙ୍କ ସହିତ ମଧ୍ୟ ସେହିଭାଷା ନଷ୍ଟ ହୋଇଯାଇଥାଏ । ପ୍ରାୟତଃ ଏହି ସମୃଦ୍ଧ ଭାଷା / ସଂସ୍କୃତର ଅଭିବ୍ୟକ୍ତିକୁ ସଂରକ୍ଷିତ କିମ୍ବା ରେକର୍ଡ଼ ରଖିବା ପାଇଁ କୌଣସି ସନ୍ତୁଳନ

କାର୍ଯ୍ୟ କିମ୍ବା ପଦକ୍ଷେପ ଗ୍ରହଣ କରାଯାଏ ନାହିଁ ।

22.6 ଏହା ବ୍ୟତୀତ, ଭାରତର ସମ୍ବିଧାନର ଅଷ୍ଟମ ସୂଚୀରେ ଥିବା 22ଟି ଭାଷା, ଯେଉଁଗୁଡ଼ିକ ଏପରି ବିପଦରେ ପଡ଼ିଥିବା ସୂଚୀରେ ନାହାନ୍ତି, ସେଗୁଡ଼ିକ ମଧ୍ୟ ଅନେକ କ୍ଷେତ୍ରରେ ଗମ୍ଭୀର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଭାରତୀୟ ଭାଷାର ଶିକ୍ଷାଦାନ ଓ ଶିକ୍ଷଣକୁ ବିଦ୍ୟାଳୟ ଓ ଉଚ୍ଚ ଶିକ୍ଷାର ପ୍ରତ୍ୟେକ ପର୍ଯ୍ୟାୟରେ ସମନ୍ୱିତ କରାଯିବା ଆବଶ୍ୟକ । ଭାଷାକୁ ପ୍ରାସଙ୍ଗିକ ଓ ଜୀବନ୍ତ ରଖିବା ପାଇଁ ଏହି ଭାଷାଗୁଡ଼ିକରେ ଉଚ୍ଚମାନର ଶିକ୍ଷା ଓ ଛାପା ସାମଗ୍ରୀର ଏକ ସ୍ଥିର ଧାରା ରହିବା ଆବଶ୍ୟକ, ଯେଉଁଥିରେ ପାଠ୍ୟପୁସ୍ତକ, ଭିଡ଼ିଓ, ନାଟକ, କବିତା, ଉପନ୍ୟାସ, ପତ୍ରିକା ଇତ୍ୟାଦି ଅନ୍ତର୍ଭୁକ୍ତ । ଭାଷାଗୁଡ଼ିକ ସେମାନଙ୍କର ଅର୍ଥଭଣ୍ଡାର ଓ ଅଭିଧାନ ପାଇଁ ନିରନ୍ତର ଭାବେ ଅଦ୍ୟତନ ହେବା ଆବଶ୍ୟକ, ଯାହା ବ୍ୟାପକ ଭାବେ ପ୍ରଚାରିତ ହେବା ଉଚିତ ଯଦ୍ଦ୍ୱାରା ଏହି ଭାଷାଗୁଡ଼ିକରେ ସବୁଠାରୁ ସାଂପ୍ରତିକ ପ୍ରସଙ୍ଗ ଏବଂ ଧାରଣା ଉପରେ ଫଳପ୍ରଦଭାବେ ଆଲୋଚନା କରାଯାଇପାରିବ । ଏପରି ଶିକ୍ଷଣ ସାମଗ୍ରୀକୁ ଅନୁବାଦକରିବା ଏବଂ ଶବ୍ଦ ଭଣ୍ଡାରକୁ ଅଦ୍ୟତନ କରିବାର ଆବଶ୍ୟକତା ଅଛି, ଯେପରି ଇଂରାଜୀ, ଫ୍ରେଞ୍ଚ, ଜର୍ମାନ, ହିବ୍ରୁ, କୋରିଆ ଏବଂ ଜାପାନୀ ଭାଷା ପାଇଁ ବିଶ୍ୱର ଅନ୍ୟ ଦେଶମାନଙ୍କ ଦ୍ୱାରା କରାଯାଏ । ତଥାପି, ଭାରତ ଏପରି ଶିକ୍ଷଣ ଓ ଛାପା ସାମଗ୍ରୀ ଏବଂ ଅଭିଧାନ ପ୍ରସ୍ତୁତରେ ବହୁତ ଧୀର ଅଗ୍ରଗତି କରୁଛି, ଯଦ୍ଦ୍ୱାରା ଏହାର ଭାଷାଗୁଡ଼ିକ ସର୍ବୋତ୍ତମ ଜୀବନ୍ତ ଏବଂ ସାମ୍ପ୍ରତିକ ଅଖଣ୍ଡତାର ସହିତ ରଖିବାରେ ସାହାଯ୍ୟ କରାଯାଇପାରିବ ।

22.7 ଏହା ବ୍ୟତୀତ, ବିଭିନ୍ନ ପଦକ୍ଷେପ ନିଆଯିବା ସତ୍ତ୍ୱେ ଭାରତରେ ଦକ୍ଷ ଭାଷା ଶିକ୍ଷକଙ୍କ ଗୁରୁତର ଅଭାବ ରହିଛି, ଭାଷା ଶିକ୍ଷାଦାନକୁ ଅଧିକ ଅଭିଜ୍ଞତାଭିତ୍ତିକ କରିବା ପାଇଁ ଏହା କେବଳ ସାହିତ୍ୟ, ଶବ୍ଦଭଣ୍ଡାର, ବ୍ୟାକରଣ ନୁହେଁ, ବରଂ ଅଧିକ ଭାବବିନିମୟ ଓ କଥାବାର୍ତ୍ତା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ । କଥାବାର୍ତ୍ତା ଏବଂ ଶିକ୍ଷାଦାନ ପାଇଁ ଭାଷାକୁ ଅଧିକ ବ୍ୟାପକ ଭାବେ ବ୍ୟବହାର କରାଯିବା ଆବଶ୍ୟକ ।

22.8 ଶିକ୍ଷାର୍ଥୀମାନଙ୍କର ଭାଷା, କଳା ଏବଂ ସଂସ୍କୃତିକୁ ପ୍ରୋତ୍ସାହନ ଦେବା ପାଇଁ ଅନେକ ପଦକ୍ଷେପ ବିଷୟରେ ଚତୁର୍ଥ ଅଧ୍ୟାୟରେ ଆଲୋଚନା କରାଯାଇଛି, ଯେଉଁଥିରେ ସମସ୍ତ ସ୍ତରର ବିଦ୍ୟାଳୟରେ ସଙ୍ଗୀତ, କଳା ଏବଂ ଶିଳ୍ପ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି । ବହୁଭାଷୀତାକୁ ପ୍ରୋତ୍ସାହିତ କରିବା ପାଇଁ ତ୍ରିଭାଷା ସୂତ୍ରର ଶୀଘ୍ର କାର୍ଯ୍ୟକାରିତା; ଯେଉଁଠାରେ ସମ୍ଭବ ଘର / ସ୍ଥାନୀୟ ଭାଷାରେ ଶିକ୍ଷାଦାନ; ଅଧିକ ଅଭିଜ୍ଞତା ଭିତ୍ତିକ ଭାଷା ଶିକ୍ଷା ପରିଚାଳନା କରିବା; ସ୍ଥାନୀୟ ବିଶେଷଜ୍ଞମାନଙ୍କୁ (କଳାକାର, ଲେଖକ, ହସ୍ତକଳା ଶିଳ୍ପୀ, ଏବଂ ଅନ୍ୟ ବିଶେଷଜ୍ଞ) ବିଦ୍ୟାଳୟକୁ ନିମନ୍ତ୍ରଣ କରିବା; ଯେଉଁଠି ସମ୍ଭବ, ମାନବିକୀ, ବିଜ୍ଞାନ, କଳା, ହସ୍ତକଳା, କ୍ରୀଡ଼ା ଇତ୍ୟାଦିରେ ଆଦିବାସୀ ଜ୍ଞାନ, ସ୍ଥାନୀୟ ଜ୍ଞାନ ସମେତ ପାରମ୍ପରିକ ଭାରତୀୟ ଜ୍ଞାନକୁ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା; ଏବଂ ପାଠ୍ୟକ୍ରମରେ, ବିଶେଷ କରି ମାଧ୍ୟମିକ ବିଦ୍ୟାଳୟ ଏବଂ ଉଚ୍ଚ ଶିକ୍ଷାରେ ଅଧିକ ନମନୀୟ, ଯାହାଦ୍ୱାରା ଶିକ୍ଷାର୍ଥୀମାନେ ନିଜର ସୃଜନଶୀଳତା, କଳାତ୍ମକ, ସାଂସ୍କୃତିକ ଏବଂ ଶିକ୍ଷାଗତ ମାର୍ଗ ବିକଶିତ କରିବା ପାଇଁ ନିଜ ପାଇଁ ପାଠ୍ୟକ୍ରମ ମଧ୍ୟରେ ଆଦର୍ଶ ସନ୍ତୁଳନ ରକ୍ଷା କରି ଚୟନ କରିପାରିବେ ।

22.9 ପ୍ରମୁଖ ପଦକ୍ଷେପକୁ କାର୍ଯ୍ୟକାରୀ କରିପାରିବା ପାଇଁ ଉଚ୍ଚ ଶିକ୍ଷା ସ୍ତରରେ ଏବଂ ବାହାରେ ଆହୁରି ଅନେକ କାର୍ଯ୍ୟ କରାଯିବ, ପ୍ରଥମେ, ଉପରୋକ୍ତ ପ୍ରକାରର ଅନେକ ପାଠ୍ୟକ୍ରମ ସୃଷ୍ଟି କରାଯିବ ଏବଂ ସେଗୁଡ଼ିକୁ ଶିକ୍ଷା ଦେବା ପାଇଁ ଶିକ୍ଷକ ଓ ଶିକ୍ଷାବିତମାନଙ୍କର ଏକ ଉତ୍କୃଷ୍ଟ ଗୋଷ୍ଠୀ ପ୍ରସ୍ତୁତ କରାଯିବ । ସମସ୍ତ ଭାରତୀୟ ଭାଷାରେ ବିଭାଗ କାର୍ଯ୍ୟକ୍ରମ, ତୁଳନାତ୍ମକ ସାହିତ୍ୟ, ସୃଜନାତ୍ମକ ଲେଖା, କଳା, ସଙ୍ଗୀତ, ଦର୍ଶନ ଇତ୍ୟାଦି ସମଗ୍ର ଦେଶରେ ଆରମ୍ଭ କରାଯିବ ଏବଂ ଏହି ସବୁ ବିଷୟରେ ଚାରି-ବର୍ଷିଆ B.Ed. ଡିଗ୍ରୀ ବିକଶିତ ହେବ । ଏହି ବିଭାଗ ଏବଂ କାର୍ଯ୍ୟକ୍ରମଗୁଡ଼ିକ, ବିଶେଷଭାବରେ ଉଚ୍ଚ-ଗୁଣାତ୍ମକ ଭାଷା ଶିକ୍ଷକମାନଙ୍କର ଏକ ବୃହତ କ୍ୟାଡ଼ର ବିକାଶ କରିବାରେ ସାହାଯ୍ୟ କରେ - ଏବଂ କଳା, ସଙ୍ଗୀତ ଦର୍ଶନ ଏବଂ ଲିଖନରେ ଶିକ୍ଷକମାନେ ମଧ୍ୟ ଏହି ନୀତି କାର୍ଯ୍ୟକାରୀ କରିବା ପାଇଁ ସାରା ଦେଶରେ ଆବଶ୍ୟକ ହେବ । NRF ଏହି ସବୁ କ୍ଷେତ୍ରରେ ଗୁଣାତ୍ମକ ଗବେଷଣା ପାଇଁ ପାଣ୍ଠି ଯୋଗାଇବ । ସ୍ଥାନୀୟ ସଙ୍ଗୀତ, କଳା, ଭାଷା ଏବଂ ହସ୍ତଶିଳ୍ପକୁ ପ୍ରୋତ୍ସାହିତ କରିବା ପାଇଁ ତଥା ଶିକ୍ଷାର୍ଥୀମାନେ ଅଧ୍ୟୟନ କରୁଥିବା ସଂସ୍କୃତି ଏବଂ ସ୍ଥାନୀୟ ଜ୍ଞାନ ବିଷୟରେ ସଚେତନ ହେବା ପାଇଁ ବିଶିଷ୍ଟ ସ୍ଥାନୀୟ କଳାକାର ଏବଂ ହସ୍ତଶିଳ୍ପ ବ୍ୟକ୍ତିମାନଙ୍କୁ ଅତିଥି ଅଧ୍ୟାପକ ଭାବେ ନିଯୁକ୍ତି ଦିଆଯିବ । ପ୍ରତ୍ୟେକ ଉଚ୍ଚ ଶିକ୍ଷା ଅନୁଷ୍ଠାନ ଏବଂ ଏପରିକି ବିଦ୍ୟାଳୟ କିମ୍ବା ବିଦ୍ୟାଳୟ ସଙ୍ଗମରେ ଶିକ୍ଷାର୍ଥୀମାନେ କଳା, ସୃଜନଶୀଳତା ଏବଂ ସେହି ଅଞ୍ଚଳ / ଦେଶର ସମୃଦ୍ଧ ସମ୍ବଳକୁ ପ୍ରକାଶ କରିବା ପାଇଁ ଲକ୍ଷ୍ୟ ରଖିବେ ।

22.10 ଅଧିକ ଉଚ୍ଚ ଶିକ୍ଷା ଅନୁଷ୍ଠାନ (HEIs) ଏବଂ ଉଚ୍ଚ ଶିକ୍ଷାରେ ଅଧିକ କାର୍ଯ୍ୟକ୍ରମ, ମାତୃଭାଷା / ସ୍ଥାନୀୟ ଭାଷାକୁ ଶିକ୍ଷାର ମାଧ୍ୟମ ଭାବେ ବ୍ୟବହାର କରିବେ, ଏବଂ / କିମ୍ବା ଦ୍ୱି-ଭାଷୀ ଭାବରେ କାର୍ଯ୍ୟକ୍ରମ ପ୍ରଦାନ କରିବେ, ଯଦ୍ୱାରା ଶିକ୍ଷା ସୁଯୋଗ ଏବଂ ପ୍ରବେଶ ତଥା GER ରେ ବୃଦ୍ଧି ହେବ ଏବଂ ସମସ୍ତ ଭାରତୀୟ ଭାଷାରେ ଶକ୍ତି, ବ୍ୟବହାର ଏବଂ ଉତ୍ସାହୀ ବୃଦ୍ଧି ହେବ । ବେସରକାରୀ ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକୁ ମଧ୍ୟ ଭାରତୀୟ ଭାଷାକୁ ଶିକ୍ଷାଦାନର ମାଧ୍ୟମଭାବରେ ବ୍ୟବହାର କରିବାକୁ ଉତ୍ସାହିତ କରାଯିବ ଏବଂ / କିମ୍ବା ଦ୍ୱି-ଭାଷୀ କାର୍ଯ୍ୟକ୍ରମ ପ୍ରଦାନ କରିବେ । ଚାରି ବର୍ଷିଆ B.Ed. କାର୍ଯ୍ୟକ୍ରମ ଦ୍ୱି-ଭାଷାରେ ମଧ୍ୟ ପ୍ରଦାନ କରାଯିବ, ଯାହା ବିଜ୍ଞାନ ଓ ଗଣିତ ଶିକ୍ଷକମାନଙ୍କୁ ତାଲିମ ଦେବାରେ ଓ ଦେଶର ବିଭିନ୍ନ ବିଦ୍ୟାଳୟରେ ଦ୍ୱି-ଭାଷୀ ବିଜ୍ଞାନ ଶିକ୍ଷା ଦେବାରେ ସାହାଯ୍ୟ କରିବ ।

22.11 ଉଚ୍ଚ ଶିକ୍ଷା ବ୍ୟବସ୍ଥାରେ ଅନୁବାଦଏବଂ ବ୍ୟାଖ୍ୟା, କଳା ଏବଂ ସଂଗ୍ରହାଳୟ ପ୍ରଶାସନ, ପ୍ରତ୍ନତତ୍ତ୍ୱ, କଳାସାମଗ୍ରୀ ସଂରକ୍ଷଣ, ଗ୍ରାଫିକ ଡିଜାଇନ ଏବଂ ୱେବ-ଡିଜାଇନରେ ଉଚ୍ଚ-ଗୁଣାତ୍ମକ କାର୍ଯ୍ୟକ୍ରମ ଓ ଡିଗ୍ରୀ ମଧ୍ୟ ସୃଷ୍ଟି ହେବ, ଏହାର କଳା ଓ ସଂସ୍କୃତିର ସଂରକ୍ଷଣ ତଥା ପ୍ରୋତ୍ସାହନ, ବିଭିନ୍ନ ଭାରତୀୟ ଭାଷାରେ ଉଚ୍ଚମାନର ସାମଗ୍ରୀ ବିକଶିତ କରିବା, କଳାକୃତି ସଂରକ୍ଷଣ କରିବା, ସଂଗ୍ରହାଳୟ ଏବଂ ଐତିହ୍ୟ କିମ୍ବା ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ପରିଚାଳନା କରିବା ପାଇଁ ଉଚ୍ଚମାନର ଯୋଗ୍ୟ ବ୍ୟକ୍ତି ପ୍ରସ୍ତୁତ କରାଯିବ, ଯାହା ପର୍ଯ୍ୟଟନ ଶିଳ୍ପକୁ ବହୁପରିମାଣରେ ମଜବୁତ କରିବ ।

22.12 ଏହି ଶିକ୍ଷାନୀତି ସ୍ପଷ୍ଟଭାବେ ସୂଚିତ କରେକି, ଭାରତର ବିଭିନ୍ନତା ଓ ବିବିଧତାର ଜ୍ଞାନ ସର୍ବାଗ୍ରେ ପିଲାମାନଙ୍କ ମଧ୍ୟରେ ନିର୍ମାଣ ହେବା ଏଥି ନିମନ୍ତେ ସହଜ ଓ ସରଳ କାର୍ଯ୍ୟକ୍ରମ ଯେପରି ଦେଶର ବିଭିନ୍ନ ଅଞ୍ଚଳକୁ ପରିଭ୍ରମଣ କରିବାର ବ୍ୟବସ୍ଥା କରାଯିବ । ଏହାଦ୍ୱାରା ପର୍ଯ୍ୟଟନ ଶିଳ୍ପର ଉନ୍ନତିହେବା ସଙ୍ଗେସଙ୍ଗେ ପିଲାମାନଙ୍କ ମନରେ ବିଭିନ୍ନତା ମଧ୍ୟରେ ଏକତା, ସଂସ୍କୃତି ଓ ପରମ୍ପରାର ଜ୍ଞାନ, ବିଭିନ୍ନ ଅଞ୍ଚଳ ସମ୍ପର୍କରେ ଧାରଣା ଓ ତର୍ଜମା କରିବାର ସୁଯୋଗ ସୃଷ୍ଟି ହେବା ଏପରି କାର୍ଯ୍ୟକ୍ରମର ଅଧୀନରେ ଶହେଟି ପର୍ଯ୍ୟଟନସ୍ଥଳୀ ଚିହ୍ନଟ ହେବା ଏଠାକୁ ଶିକ୍ଷାନୁଷ୍ଠାନମାନେ ସେମାନଙ୍କ ଶିକ୍ଷାର୍ଥୀମାନଙ୍କୁ ପ୍ରେରଣ କରିବେ । ସେହି ପର୍ଯ୍ୟଟନସ୍ଥଳୀ, ଏହାର ଐତିହ୍ୟ, ବୈଜ୍ଞାନିକ ଅବଦାନ, ପ୍ରଥା, ଦେଶୀୟ ସାହିତ୍ୟର ଅବଧାରଣା ସମ୍ପର୍କରେ ପିଲାମାନେ ପ୍ରତ୍ୟକ୍ଷ ଭାବେ ଅନୁଧ୍ୟାନକରି ଜ୍ଞାନ ନିର୍ମାଣକରିବେ ଏବଂ ସେମାନେ ଏହି ଅଞ୍ଚଳ ସମ୍ପର୍କିତ ତର୍ଜମା, ସମୀକ୍ଷା, ମତାମତ ପ୍ରଦାନ ଇତ୍ୟାଦି ମାଧ୍ୟମରେ ନିଜର ଯୁକ୍ତି ଉପସ୍ଥାପନା କରିବାରେ ସାମର୍ଥ୍ୟ ହାସଲ କରିବେ ।

22.13 ଏପରି କଳା, ଭାଷା, ମାନବିକୀ ପ୍ରଭୃତି ବିଷୟରେ ସ୍ନାତକତ୍ତର ପାଠ୍ୟକ୍ରମ ଉଚ୍ଚ ଶିକ୍ଷା ଅନୁଷ୍ଠାନମାନଙ୍କରେ ସୃଷ୍ଟି କରାଯାଇ ସମ୍ପ୍ରସାରିତ କରାଯିବ, ଯାହା ନିଯୁକ୍ତି ସୁଯୋଗ ସୃଷ୍ଟି ଉଚ୍ଚ-ମାନର କରିବା ଏହି ଶହଶହ ଅନୁଷ୍ଠାନ, ସଂଗ୍ରହାଳୟ, ଚାରୁକଳା ପ୍ରଦର୍ଶନ ଗ୍ୟାଲେରୀ, ସଂରକ୍ଷିତ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକରେ ସଂରକ୍ଷଣ, ଆଧୁନିକୀକରଣ ଓ ସୁପରିଚାଳନା ନିମନ୍ତେ ଉଚ୍ଚ ଶିକ୍ଷିତ ଉପଯୁକ୍ତ ଉପାଧିଧାରୀ ବ୍ୟକ୍ତିବିଶେଷ ଆବଶ୍ୟକ ଯେଉଁମାନେ ଏହି କାର୍ଯ୍ୟ କରିବା ସଙ୍ଗେସଙ୍ଗେ, ଭରଚୁଆଲ ସଂଗ୍ରହାଳୟ ପର୍ଯ୍ୟଟନ ସ୍ଥଳୀର ବିକାଶ ଓ ଯଦ୍ୱାରା ଓ ପ୍ରଚାର ପ୍ରସାର କରିପାରିବେ, ଆମ ସଂସ୍କୃତି ସ୍ରୋତକୁ ଉଜ୍ଜୀବିତ କରିବା ସଙ୍ଗେସଙ୍ଗେ ଭାରତୀୟ ପର୍ଯ୍ୟଟନ ଶିଳ୍ପକୁ ଏକ ନୂତନ ରୂପ ଦେଇ ବିଶ୍ୱସ୍ତରରେ ଆଦୃତ କରାଇବ ।

22.14 ବିଭିନ୍ନ ଭାରତୀୟ ଭାଷା ଓ ବିଦେଶୀ ଭାଷାର ଅନୁବାଦ, ବ୍ୟାଖ୍ୟାକରଣ କାର୍ଯ୍ୟକ୍ରମକୁ ସମ୍ପାଦନା ଓ ସମ୍ପ୍ରସାରିତ କରିବାକୁ ଗୁରୁତ୍ୱ ପ୍ରଦାନ କରାଯିବ । ଉଚ୍ଚମାନର ଶିକ୍ଷଣ ସମଗ୍ରି, ଅନ୍ୟାନ୍ୟ ଲିଖିତ ତଥା କଥିତ ସାମଗ୍ରୀ ସର୍ବସାଧାରଣଙ୍କ ନିମନ୍ତେ ଉପଲବ୍ଧ ହେବ, ଫଳତଃ ଏହା ଲୋକାଭିମୁଖୀ ହୋଇପାରିବ । ଏଥିପାଇଁ ଭାରତୀୟ ଅନୁବାଦ ଓ ବ୍ୟାଖ୍ୟା ପ୍ରତିଷ୍ଠାନ (Indian Institute of Transition and Interpretation - IITI) ପ୍ରତିଷ୍ଠା ହେବା ବାସ୍ତବରେ ଏହି ପ୍ରତିଷ୍ଠାନ ଦେଶର ବହୁବିଜ୍ଞ / ପ୍ରାଜ୍ଞ ଭାଷାବିତ୍‌ମାନଙ୍କୁ ନିଯୁକ୍ତି ଦେବା ଦେଶକୁ ଏକ ଗୁରୁତ୍ୱପୂର୍ଣ୍ଣ ସେବା ଯୋଗାଇବା ବିଜ୍ଞ ପ୍ରବୀଣ ଅନୁବାଦକ / ବ୍ୟାଖ୍ୟାକାରୀଙ୍କ ଦ୍ୱାରା ଭାରତୀୟ ଭାଷାର ପ୍ରଚାରପ୍ରସାର ହୋଇ ଲୋକପ୍ରିୟତା ବଢ଼ିବା ଅନୁବାଦ ଓ ବ୍ୟାଖ୍ୟାନ ପରି କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବା ନିମନ୍ତେ ବୈଷୟିକ ଓ ପ୍ରଯୁକ୍ତି ବିଦ୍ୟାର ବହୁଳ ବ୍ୟବହାର କରାଯିବ । ସମୟକ୍ରମେ ଭାରତୀୟ ଅନୁବାଦ ଓ ବ୍ୟାଖ୍ୟା ପ୍ରତିଷ୍ଠାନ (IITI) ସ୍ୱାଭାବିକ ବିକାଶ ହେବ ଏବଂ ଦେଶର ବିଭିନ୍ନ ସ୍ଥାନରେ ଥିବା ଉଚ୍ଚ ଶିକ୍ଷା ଅନୁଷ୍ଠାନମାନଙ୍କରେ ଏହାର ଶାଖା ଖୋଲାଯାଇ ଅନ୍ୟାନ୍ୟ ଗବେଷଣା ବିଭାଗ ସହ ମିଳିତ ସହଯୋଗରେ ଉଚ୍ଚ ଶିକ୍ଷିତମାନଙ୍କ ସଂଖ୍ୟା ବୃଦ୍ଧି କରାଯିବ ।

22.15 ସଂସ୍କୃତ ଏକ ବିଶେଷ ପ୍ରକାରର ସାହିତ୍ୟ । ଏହାର ସାଂସ୍କୃତିକ ଗୁରୁତ୍ୱ, ବୈଜ୍ଞାନିକ ପ୍ରକୃତି ଦୃଷ୍ଟି କୋଣରୁ ଏହା କେବଳ

ସଂସ୍କୃତ ପାଠଶାଳା ଓ ବିଶ୍ୱବିଦ୍ୟାଳୟ ସ୍ତରରେ ସୀମିତ ନ ରହି ଏକ ପରିବ୍ୟାପ୍ତ ମୁଖ୍ୟ ସ୍ରୋତରେ ସାମିଲ ହେବାର ବ୍ୟବସ୍ଥା ରଖାଯିବ । ଏହାକୁ ତ୍ରି-ଭାଷୀୟ ଭାଷା ବ୍ୟବସ୍ଥାର ସବୁ ସ୍ତରରେ ଶିକ୍ଷାବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରାଯିବ । ଏହା ଏକାନ୍ତବାସର ଶିକ୍ଷା ନହୋଇ କୌତୁହଳଜନକ ଓ ନୂତନ ପ୍ରକାରେ ଶିକ୍ଷଣ ଓ ଶିକ୍ଷାଦାନ କରାଯିବ । ଗଣିତ, ଜ୍ୟୋତିଷଶାସ୍ତ୍ର ଦର୍ଶନ, ଭାଷା ସାହିତ୍ୟ, ନାଟକ, ଯୋଗ ଇତ୍ୟାଦି ପାଠ ସହ ସାମଞ୍ଜସ୍ୟ ରକ୍ଷା କରି ଏହାକୁ ଏକ ଭାଷାରୂପେ ଅତ୍ୟନ୍ତ ଗମ୍ଭିରତାର ସହ ବିବେଚନା କରାଯିବ । ଏହି ଶିକ୍ଷା ନୀତି ଅନୁଯାୟୀ ସଂସ୍କୃତ ବହୁ-ବିଷୟକ ବିଶ୍ୱବିଦ୍ୟାଳୟ କ୍ରମେ ଉଚ୍ଚ ଶିକ୍ଷା ଅନୁଷ୍ଠାନର ପରିଣତ ହେବା ଦିଗରେ ଅଗ୍ରସର ହେବେ । ଅନୁଷ୍ଠାନମାନଙ୍କରେ ସଂସ୍କୃତ ଜ୍ଞାନ ବିଭାଗ (Sanskrit Knowledge System) ପ୍ରତିଷ୍ଠା ହେବ । ଏହି ବିଭାଗରେ ଚାରି-ବର୍ଷିଆ ଶିକ୍ଷା ଓ ସଂସ୍କୃତର ଦ୍ୱୈତ-ସ୍ନାତକ ପାଠ୍ୟକ୍ରମ ମାଧ୍ୟମରେ ବହୁସଂଖ୍ୟାରେ ଉଚ୍ଚଶିକ୍ଷିତ ତଥା ସମର୍ପିତ ସଂସ୍କୃତ ଶିକ୍ଷକ ସୃଷ୍ଟି କରାଯାଇପାରିବ ।

22.16 ଆଜି ପର୍ଯ୍ୟନ୍ତ ଦୃଷ୍ଟି ଆଢୁଆଳରେ ଥିବା ହଜାର ହଜାର ପାରମ୍ପାରିକ ଭାଷା, ସାହିତ୍ୟ, ପାଣ୍ଡୁଲିପିଗୁଡ଼ିକର ସଂଗ୍ରହ-ସଂରକ୍ଷଣ-ଅନୁବାଦ, ବ୍ୟାଖ୍ୟା ଓ ପାଠ କରିବା କାର୍ଯ୍ୟକୁ ଦୃଢ଼ ଇଚ୍ଛାଶକ୍ତି ସହ ସମ୍ପର୍କିତଭାବେ ସମ୍ପାଦନା କରୁଥିବା ଦେଶର ଶିକ୍ଷା ସଂସ୍ଥା, ବିଶ୍ୱବିଦ୍ୟାଳୟମାନଙ୍କୁ କେନ୍ଦ୍ର ସରକାର ସମ୍ପ୍ରସାରିତ କରିବେ । ସମଗ୍ର ଦେଶରେ ସଂସ୍କୃତ ଓ ଅନ୍ୟ ଭାରତୀୟ ଭାଷା ପ୍ରତିଷ୍ଠାନ ଓ ବିଭାଗଗୁଡ଼ିକରେ ଅଧିକରୁ ଅଧିକ ପ୍ରଶିକ୍ଷଣ ବିଶେଷ କରି ବହୁସଂଖ୍ୟକ ପାଣ୍ଡୁଲିପି ଓ ଅନ୍ୟ ବିଷୟଗୁଡ଼ିକ ସହିତ ଏଗୁଡ଼ିକର ସମ୍ପର୍କ ସମ୍ବନ୍ଧୀୟ ଅଧ୍ୟୟନ ପାଇଁ ବହୁସଂଖ୍ୟକ ପିଲାଙ୍କୁ ସୁଯୋଗ ମିଳିବା ପ୍ରାଚୀନ ଭାଷା ପ୍ରତିଷ୍ଠାନଗୁଡ଼ିକୁ ସେମାନଙ୍କ ସ୍ୱୟଂକ୍ରିୟତା ବଜାୟରଖି ବିଶ୍ୱବିଦ୍ୟାଳୟ ସହ ମିଶ୍ରଣ କରାଯିବ । ସମ୍ପୃକ୍ତ ବିଭାଗ ବଳିଷ୍ଠ ଓ ନିୟମିତ ବ୍ୟବସ୍ଥା ରଖିବେ । ବହୁ-ବିଷୟକ କାର୍ଯ୍ୟକ୍ରମରେ ଭାଷା ପ୍ରତି ସମର୍ପିତ ବିଶ୍ୱବିଦ୍ୟାଳୟମାନେ ନିଜର ଶ୍ରେଷ୍ଠତା ଓ ଉପଯୁକ୍ତତା ବଳରେ ଶିକ୍ଷା ଓ ଅନ୍ୟ ଏକ ଭାଷାରେ ଶିକ୍ଷା ସ୍ନାତକ / ଦ୍ୱୈତ ସ୍ନାତକ ପାଠ୍ୟକ୍ରମ ପ୍ରଦାନ କରିବେ, ଯାହାଦ୍ୱାରା ସେହି ଭାଷାରେ ପ୍ରସ୍ତୁତ ହେବେ ଭାଷା ଶିକ୍ଷକ । ପୁନଶ୍ଚ ଏହା ମଧ୍ୟ ପ୍ରସ୍ତାବ ଅଛିଯେ ବିଶ୍ୱବିଦ୍ୟାଳୟ ପରିସରରେ ନୂତନ ଭାଷା ପ୍ରତିଷ୍ଠାନ ପ୍ରତିଷ୍ଠା ହେବ ଯେଉଁଠାରେ ପାଲି, ପର୍ସିଆନ, ପ୍ରାକୃତ ଇତ୍ୟାଦି ଶିକ୍ଷଣ ଓ ଶିକ୍ଷାଦାନ ସହିତ ଉଚ୍ଚ ଗବେଷଣା ମଧ୍ୟ ସମ୍ପାଦିତ ହେବ । ଭାରତୀୟ କଳା ସଂସ୍କୃତି ଓ ଇତିହାସ ବିଷୟରେ ଶିକ୍ଷଣ ଶିକ୍ଷାଦାନ କରୁଥିବା ଅନ୍ୟ ଅନୁଷ୍ଠାନମାନଙ୍କରେ ମଧ୍ୟ ଏପରି ବ୍ୟବସ୍ଥା କରାଯାଇପାରିବ । ଏପରି କ୍ଷେତ୍ରରେ ଉଚ୍ଚମାନର ଉଲ୍ଲେଖନୀୟ ଗବେଷଣା ନିମନ୍ତେ ରାଷ୍ଟ୍ରୀୟ ଗବେଷଣା ଅନୁଷ୍ଠାନ (NRF) ସହାୟତା ପ୍ରଦାନ କରିବେ ।

22.17 ବିପଦାପନ୍ନ ପ୍ରାଚୀନ ଆଦିବାସୀ ଭାଷା ସମେତ ସମସ୍ତ ଭାରତୀୟ ଭାଷାର ସଂରକ୍ଷଣ ଓ ପ୍ରସାରଣର ବ୍ୟବସ୍ଥାକୁ ସଶକ୍ତ କରାଯିବ । ଏହି ପ୍ରୟାସରେ ଜନସାଧାରଣଙ୍କ ଓ ଅଂଶଗ୍ରହଣ ଓ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ ।

22.18 ଭାରତୀୟ ସମ୍ବିଧାନର ଅଷ୍ଟମ ଅଧିସୂଚୀରେ ବର୍ଣ୍ଣିତ ପ୍ରତ୍ୟେକ ଭାଷା ପାଇଁ ବିଜ୍ଞ, ପ୍ରାଜ୍ଞ ବ୍ୟକ୍ତି ଓ ବକ୍ତାମାନଙ୍କୁ ନେଇ ନୂତନ ଶିକ୍ଷା ପ୍ରତିଷ୍ଠାନ ପ୍ରତିଷ୍ଠା କରାଯିବ, ଯାହାର ମୁଖ୍ୟ କାର୍ଯ୍ୟ ହେବ ସରଳ ଓ ଅବିକଳ ଭାବେ ଶବ୍ଦଭଣ୍ଡାର ଓ ଶବ୍ଦକୋଷର ପରିପ୍ରକାଶ । କ୍ରମେ ଅନୁରୂପ ସଫଳ ପଦକ୍ଷେପ ମଧ୍ୟ ପୃଥିବୀର ଅନ୍ୟ ଭାଷା ପାଇଁ ଗ୍ରହଣ କରାଯିବ । ଭାଷାକୋଷ ନିର୍ମାଣ ନିମନ୍ତେ ପାରସ୍ପରିକ ଆଲୋଚନା, ସର୍ବସାଧାରଣରୁ ପରାମର୍ଶ ସଂଗ୍ରହ କ୍ରମେ ଯେତେଦୂର ସମ୍ଭବ ସାଧାରଣ ଶବ୍ଦଗୁଡ଼ିକ ସ୍ଥାନ ପାଇବ । ଏପରି ଶବ୍ଦକୋଷକୁ ବ୍ୟାପକଭାବେ ଜନସାଧାରଣଙ୍କ ମଧ୍ୟରେ ଉପଲବ୍ଧ କରାଯିବ । ଶିକ୍ଷା, ସାମ୍ବାଦିକତା, ଲିଖନ, ବକ୍ତୃତା ପ୍ରସ୍ତୁତି ପ୍ରଭୃତି କାର୍ଯ୍ୟରେ ଏହାର ବହୁଳ ବ୍ୟବହାର ହେବାକୁ ଗୁରୁତ୍ୱ ଦିଆଯିବ । ଏପରି ଅନୁଷ୍ଠାନ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ପ୍ରୟାସରେ ପ୍ରତିଷ୍ଠା ହେବ । ଅନ୍ୟ ବହୁଳ କଥିତ ଭାଷା ନିମନ୍ତେ ମଧ୍ୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମ୍ମିଳିତ ଉଦ୍ୟମରେ ସମଧର୍ମୀ ଅନୁଷ୍ଠାନ ପ୍ରତିଷ୍ଠା ହେବ ।

22.19 ଭାରତର ସମସ୍ତ ଭାଷା ଏବଂ କଳା ସଂସ୍କୃତର ଲିଖିତ ଦଲିଲ ପ୍ରସ୍ତୁତ ହେବ । ଏଗୁଡ଼ିକ ମଧ୍ୟ ୱେବ ଆଧାରିତ ମଞ୍ଚରେ, ପୋର୍ଟାଲରେ (Portal), wiki ରେ ପ୍ରଦର୍ଶିତ ହେବ । ଏଥି ସହିତ ସମ୍ପର୍କିତ ଉନ୍ନତମାନର ସ୍ଥାନୀୟ କଳା, ସଂସ୍କୃତି ସହାୟତାରେ ଦେଶର ସମସ୍ତ ବିଲୁପ୍ତପ୍ରାୟ ଭାଷା ସଂରକ୍ଷିତ ହେବ । ଏପରି ସଂରକ୍ଷଣ ଓ ପ୍ରସାର ମଞ୍ଚରେ (platform) ଶବ୍ଦକୋଷ, ଚଳଚ୍ଚିତ୍ର (video), ଅଭିଲେଖ (recording) ଇତ୍ୟାଦି ସାମିଲ ହେବେ । ଉପରୋକ୍ତ ମଞ୍ଚରେ ସମ୍ପର୍କିତ ତଥ୍ୟ ପଞ୍ଜିକରଣ କରିବାକୁ ସମଗ୍ର ଦେଶର ଉପଯୁକ୍ତ ବ୍ୟକ୍ତିଗଣଙ୍କୁ ଆହ୍ୱାନ / ନିମନ୍ତ୍ରଣ କରାଯିବ । ବିଶ୍ୱବିଦ୍ୟାଳୟ ଓ ତାର ଗବେଷକ, ବିଭିନ୍ନ ଗୋଷ୍ଠୀଙ୍କ ସହାୟତାରେ ଏପରି ମଞ୍ଚକୁ ସୁଦୃଢ଼ / ପରିପୁଷ୍ଟ କରିବେ । ଇତିହାସ, ପ୍ରତ୍ନତତ୍ତ୍ୱ, ଭାଷା ସାହିତ୍ୟ ଇତ୍ୟାଦିର ସଂରକ୍ଷଣ ପ୍ରୟାସ ତଥା ଗବେଷଣାକୁ ରାଷ୍ଟ୍ରୀୟ ଗବେଷଣା ଅନୁଷ୍ଠାନ (NRF) ଆର୍ଥିକ ସହାୟତା ପ୍ରଦାନ କରିବ ।

22.20 ସ୍ଥାନୀୟ ବିଜ୍ଞ ବ୍ୟକ୍ତିବିଶେଷଙ୍କ ସମେତ ସମସ୍ତ ବୟସର ଆଗ୍ରହୀ ବ୍ୟକ୍ତିଙ୍କ ପାଇଁ ଭାରତୀୟ ଭାଷା, କଳା, ସଂସ୍କୃତି ସମ୍ପର୍କିତ ଉଚ୍ଚଶିକ୍ଷା ଓ ଗବେଷଣା ପାଇଁ ବୃତ୍ତି ବ୍ୟବସ୍ଥା ରହିବ । ଭାରତୀୟ ଭାଷାଗୁଡ଼ିକୁ ବହୁଳ ଓ ନିୟମିତଭାବେ ବ୍ୟବହାର କରିବା ସହ ବିଶେଷ ଭାବେ ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟାରେ ବ୍ୟବହାର କରି ଏହାକୁ ଉଜ୍ଜୀବିତ କରାଯିବା ସଙ୍ଗେସଙ୍ଗେ ପ୍ରଚାର ପ୍ରସାର ହୋଇପାରିବ । ସମସ୍ତ ଭାରତୀୟ ଭାଷାର ଲୋକପ୍ରିୟତା ପାଇଁ ଗଦ୍ୟ ସାହିତ୍ୟ ଉତ୍ସାହୀ ପଦ୍ୟ ସାହିତ୍ୟ, ଉପନ୍ୟାସ, ସର୍ବସାଧାରଣରେ ଗ୍ରହଣୀୟ ପୁସ୍ତକ, ପାଠ୍ୟପୁସ୍ତକ, ସାମ୍ବାଦିକତା ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ପ୍ରୋତ୍ସାହନ ରାଶି ତଥା ପୁରସ୍କାର ବ୍ୟବସ୍ଥା ରହିବ । ଚାକିରୀ କ୍ଷେତ୍ରରେ ମଧ୍ୟ ଭାରତୀୟ ଭାଷାମାନଙ୍କ ଉପରେ ଦକ୍ଷତା ଓ ପାରଦର୍ଶିତା ଯୋଗ୍ୟତାର ଏକ ଦିଗରୂପେ ବିବେଚିତ ହେବ ।

## 23. ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଏବଂ ସମନ୍ୱିତୀକରଣ

23.1 ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତି ବିଦ୍ୟା ତଥା ମହାକାଶ ପରି ଅନ୍ୟ ଅତ୍ୟାଧୁନିକ କ୍ଷେତ୍ରରେ ଭାରତ ବିଶ୍ୱ ନେତୃତ୍ୱ ନେଉଛି । ଡିଜିଟାଲ ଇଣ୍ଡିଆ ଅଭିଯାନ ସମଗ୍ର ଦେଶକୁ ଏକ ସଶକ୍ତ ସମାଜ ଏବଂ ଜ୍ଞାନ ଆଧାରିତ ଅର୍ଥ ବ୍ୟବସ୍ଥାରେ ପରିଣତ କରିବାରେ ସାହାଯ୍ୟ କରୁଛି । ଯେତେବେଳେ ଏହି ପରିବର୍ତ୍ତନରେ ଶିକ୍ଷା ଏକ ଗୁରୁତ୍ୱପୁର୍ଣ୍ଣ ଭୁମିକା ଗ୍ରହଣ କରିବ, ତେଣୁ ସମସ୍ତ ସ୍ତରରେ ପ୍ରଯୁକ୍ତି ବିଦ୍ୟା ଏବଂ ଶିକ୍ଷା ମଧ୍ୟରେ ସଂପର୍କ ଦ୍ୱିଦିଗିକ ।

23.2 ପ୍ରଯୁକ୍ତି ବିଦ୍ୟା ବିକାଶର ବିସ୍ଫୋରକ ଗତିକୁ ଦୃଷ୍ଟିରେ ରଖି ଛାତ୍ର ଉଦ୍ୟୋଗମାନଙ୍କ ସମେତ ବୈଷୟିକ ଜ୍ଞାନକୁଶଳୀ ଶିକ୍ଷକ ଏବଂ ଉଦ୍ୟୋଗୀଙ୍କ ସୃଜନଶୀଳତା ସହିତ ଜଡିତ ପ୍ରଯୁକ୍ତି ବିଦ୍ୟା ଏକାଧିକ ଉପାୟରେ ଶିକ୍ଷା ପ୍ରଭାବିତ କରିବ; ଯାହା ମଧ୍ୟରେ କେତେକକୁ ବର୍ତ୍ତମାନ ସମୟରେ ପୂର୍ବାନୁମାନ କରାଯାଇପାରେ । ନୂତନ କୃତ୍ରିମ ବୁଦ୍ଧିମତା, ମେସିନ୍, ଶିକ୍ଷଣ,ବ୍ଲକ ଚେନ୍,ସ୍ମାର୍ଟ ବୋର୍ଡ, ହ୍ୟାଣ୍ଡହେଲ୍ଡ, କମ୍ପ୍ୟୁଟିଂ ଡିଭାଇସ୍, ଶିକ୍ଷାର୍ଥୀଙ୍କ ବିକାଶ ପାଇଁ ବିକଶିତ କମ୍ପ୍ୟୁଟର ପରୀକ୍ଷା ଏବଂ ଅନ୍ୟାନ୍ୟ ଶିକ୍ଷାଗତ ସଫ୍ଟୱେର ଏବଂ ହାର୍ଡୱେର ଦ୍ୱାରା ଶିକ୍ଷାର୍ଥୀମାନେ ଶ୍ରେଣୀଗୃହରେ ଯାହା ଶିଖନ୍ତି ତାହା ପରିବର୍ତ୍ତନ କରିବ ନାହିଁ ବରଂ ସେମାନେ କିପରି ଶିଖନ୍ତି, ସେଥିରେ ପରିବର୍ତ୍ତନ ହେବ । ତେଣୁ ଏହି କ୍ଷେତ୍ର ମଧ୍ୟରେ ଏବଂ ତାର ପରିସର ବାହାରେ ଉଭୟ ପ୍ରଯୁକ୍ତି ଏବଂ ଶିକ୍ଷାଗତ କ୍ଷେତ୍ରରେ ବ୍ୟାପକ ଗବେଷଣାର ଆବଶ୍ୟକତା ରହିବ ।

23.3 ଶିକ୍ଷାର ଏକାଧିକ ଦିଗକୁ ଉନ୍ନତ କରିବାପାଇଁ ପ୍ରଯୁକ୍ତିର ବ୍ୟବହାର ଏବଂ ଏକୀକରଣକୁ ସମର୍ଥନ କରାଯିବ ଏବଂ ଗ୍ରହଣ କରାଯିବ, ଯଦି ଏହି ହସ୍ତକ୍ଷେପଗୁଡ଼ିକୁ ବୃଦ୍ଧି କରିବା ପୂର୍ବରୁ ପ୍ରାସଙ୍ଗିକ ପରିସ୍ଥିତିରେ କଠୋର ଏବଂ ପାରଦର୍ଶୀ ଭାବରେ ମୂଲ୍ୟାଙ୍କନ କରାଯାଏ । ରାଷ୍ଟ୍ରୀୟ ଶିକ୍ଷା ପ୍ରଯୁକ୍ତି ବିଦ୍ୟା ଫୋରମ୍ (National Educational Technology Forum- NETF) ନାମକ ଏକ ସ୍ୱୟଂଶାସିତ ସଂସ୍ଥା ଗଠନ କରାଯିବ, ଯାହା ଶିକ୍ଷା, ମୂଲ୍ୟାୟନ, ଯୋଜନା ଓ ପ୍ରଶାସନର ବିକାଶ ନିମନ୍ତେ ପ୍ରଯୁକ୍ତି ବିଦ୍ୟା ବ୍ୟବହାର ସମ୍ବନ୍ଧୀୟ ବିନା ଦେୟରେ ଭାବବିନିମୟ ପାଇଁ ଏକ ପ୍ଲାଟଫର୍ମ ଯୋଗାଇବ, ଏହା ଉଭୟ ବିଦ୍ୟାଳୟ ଶିକ୍ଷା ଓ ଉଚ୍ଚ ଶିକ୍ଷା କ୍ଷେତ୍ରରେ କାର୍ଯ୍ୟ କରିବ । ଶିକ୍ଷାନୁଷ୍ଠାନ, ରାଜ୍ୟ ତଥା କେନ୍ଦ୍ର ସରକାର ଏବଂ ଅନ୍ୟାନ୍ୟ ଅଂଶୀଦାରଙ୍କ ନେତୃତ୍ୱ, ଗବେଷଣା ତଥା ସର୍ବୋତ୍ତମ ଅଭ୍ୟାସକୁ ପରାମର୍ଶ ଏବଂ ଅଂଶୀଦାର କରିବାକୁ ସୁଯୋଗ ପ୍ରଦାନ କରି ପ୍ରଯୁକ୍ତି ବିଦ୍ୟାର ଯୋଗଦାନ, ନିଯୁକ୍ତି ଏବଂ ବ୍ୟବହାର ଉପରେ ନିଷ୍ପତ୍ତି ନେବାରେ ସହାୟତା କରିବା, NETF ର ଉଦ୍ଦେଶ୍ୟ ହେବ । NETF ରେ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ହେବ:

(କ) ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସଂସ୍ଥାକୁ ସ୍ୱାଧୀନ ପ୍ରମାଣ ଆଧାରିତ ପରାମର୍ଶ ପ୍ରଦାନ କରିବା;

(ଖ) ଶୈକ୍ଷିକ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ବୌଦ୍ଧିକ ଏବଂ ଆନୁଷ୍ଠାନିକ କ୍ଷମତା ନିର୍ମାଣ;

(ଗ) ଏହି କ୍ଷେତ୍ରରେ ରଣନୀତି ସ୍ୱରୁପ ଅତ୍ୟନ୍ତ ପ୍ରଭାବୀ କାର୍ଯ୍ୟର ପରିକଳ୍ପନା; ଏବଂ

(ଘ) ଗବେଷଣା ଏବଂ ନବାଚାର କ୍ଷେତ୍ରରେ ନୂତନ ଦିଗଗୁଡ଼ିକୁ ସ୍ପଷ୍ଟ କରିବା ।

23.4 ଶୈକ୍ଷିକ ପ୍ରଯୁକ୍ତି ବିଦ୍ୟାର ଦ୍ରୁତ ପରିବର୍ତ୍ତନଶୀଳ କ୍ଷେତ୍ରରେ ପ୍ରାସଙ୍ଗିକ ରହିବା ପାଇଁ NETF ପ୍ରଯୁକ୍ତି ଜ୍ଞାନକୌଶଳ ଉଦ୍ଭାବକ ଏବଂ ପ୍ରଯୋଜକମାନଙ୍କ ସମେତ ଏକାଧିକ ଉତ୍ସରୁ ପ୍ରାମାଣିକ ତଥ୍ୟର ନିୟମିତ ପ୍ରବାହ ବଜାୟ ରଖିବା ଏବଂ ତଥ୍ୟକୁ ବିଶ୍ଳେଷଣ କରିବା ପାଇଁ ବିଭିନ୍ନ ଗବେଷକମାନଙ୍କ ସହିତ ଜଡ଼ିତ ହେବ । ଜ୍ଞାନ ଏବଂ ଅଭ୍ୟାସର ଏକ ଜୀବନ୍ତ ସଂସ୍ଥାର ବିକାଶକୁ ସମର୍ଥନ କରିବା

ପାଇଁ NETF ଏକାଧିକ ଆଞ୍ଚଳିକ ତଥା ଜାତୀୟ ସମ୍ମିଳନୀ, କର୍ମଶାଳା ଇତ୍ୟାଦି ଆୟୋଜନ କରିବ ଏବଂ ଜାତୀୟ ତଥା ଆନ୍ତର୍ଜାତୀୟ ଶିକ୍ଷା ପ୍ରଯୁକ୍ତି ବିଦ୍ୟା ଗବେଷକ, ଉଦ୍ୟୋଗୀ ଏବଂ ପ୍ରୟୋଗକର୍ତ୍ତାଙ୍କଠାରୁ ସୂଚନା ଗ୍ରହଣ କରିବେ।

23.5 ଶିକ୍ଷାଦାନ-ଶିକ୍ଷଣ ଏବଂ ମୂଲ୍ୟାୟନ ପ୍ରକ୍ରିୟାରେ ଉନ୍ନତି ଆଣିବା, ଶିକ୍ଷକ ପ୍ରସ୍ତୁତି ଏବଂ ବୃତ୍ତିଗତ ବିକାଶକୁ ସମର୍ଥନ କରିବା, ଶିକ୍ଷା ସୁଯୋଗକୁ ବଢାଇବା ଏବଂ ନାମଲେଖା, ଉପସ୍ଥାନ, ମୂଲ୍ୟାୟନ ସମ୍ବନ୍ଧୀୟ ପ୍ରକ୍ରିୟା ସହିତ ଶୈକ୍ଷିକ ଯୋଜନା, ପରିଚାଳନା ଏବଂ ପ୍ରଶାସନକୁ ସୁଦୃଢ କରିବା ଉଦ୍ଦେଶ୍ୟରେ ପ୍ରଯୁକ୍ତିଗତ ହସ୍ତକ୍ଷେପର ଗୁରୁତ୍ୱ ରହିଛି।

23.6 ଉପରୋକ୍ତ ସମସ୍ତ ଉଦ୍ଦେଶ୍ୟ ପାଇଁ ଏକ ସମୃଦ୍ଧ ଶିକ୍ଷାଗତ ସଫ୍ଟୱେର ବିକଶିତ ହେବ ଯାହା ସମସ୍ତ ସ୍ତରରେ ଶିକ୍ଷାର୍ଥୀ ଏବଂ ଶିକ୍ଷକଙ୍କ ପାଇଁ ଉପଲବ୍ଧ ହେବ । ଏହିପରି ସମସ୍ତ ସଫ୍ଟୱେର ସମସ୍ତ ପ୍ରମୁଖ ଭାରତୀୟ ଭାଷାରେ ଉପଲବ୍ଧ ହେବ, ଦୁର୍ଗମ ଅଞ୍ଚଳର ଶିକ୍ଷାର୍ଥୀ ଏବଂ ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କ ସମେତ ବିଭିନ୍ନ ଉପଭୋକ୍ତାଙ୍କ ପାଇଁ ମଧ୍ୟ ଉପଲବ୍ଧ ହେବ। ଶିକ୍ଷାଦାନ ଶିକ୍ଷଣ ପାଇଁ ଇ-ବିଷୟବସ୍ତୁ ସମସ୍ତ ଆଞ୍ଚଳିକ ଭାଷାରେ ସମସ୍ତ ରାଜ୍ୟ ପ୍ରସ୍ତୁତ କରିବା ସହିତ NCERT, CIET, CBSE, NIOS ଏବଂ ଅନ୍ୟାନ୍ୟ ସଂସ୍ଥା / ଅନୁଷ୍ଠାନ ଦ୍ୱାରା ଇ-ବିଷୟବସ୍ତୁ ବିକଶିତ ଜାରି ରହିବ ଏବଂ ଏଗୁଡ଼ିକୁ DIKSHA ପ୍ଲାଟଫର୍ମରେ ଅପଲୋଡ୍ କରାଯିବ। ଇ-ବିଷୟବସ୍ତୁ ମାଧ୍ୟମରେ ଶିକ୍ଷକଙ୍କ ବୃତ୍ତିଗତ ବିକାଶ ପାଇଁ ଏହି ପ୍ଲାଟଫର୍ମକୁ ବ୍ୟବହାର କରାଯାଇପାରିବ। DIKSHA ଓ ଅନ୍ୟାନ୍ୟ ଶିକ୍ଷା ପ୍ରଯୁକ୍ତି ପଦକ୍ଷେପକୁ ପ୍ରୋତ୍ସାହନ ଏବଂ ବିସ୍ତାର ପାଇଁ CIET କୁ ସୁଦୃଢ କରାଯିବ। ବିଦ୍ୟାଳୟରେ ଶିକ୍ଷକମାନଙ୍କୁ ଉପଯୁକ୍ତ ଉପକରଣ ଉପଲବ୍ଧ କରାଯିବ, ଯଦ୍ୱାରା ଶିକ୍ଷକମାନେ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟା ଅଭ୍ୟାସରେ ଇ-ବିଷୟବସ୍ତୁ ଉପଯୁକ୍ତ ଉପକରଣ ଉପଲବ୍ଧି କରାଯିବ, ଯଦ୍ୱାରା ଶିକ୍ଷକମାନେ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟା ଅଭ୍ୟାସରେ ଇ-ବିଷୟବସ୍ତୁକୁ ଉପଯୁକ୍ତ ଭାବରେ ସମନ୍ୱିତ କରିପାରିବେ। DIKSHA / SWAYAM ଭଳି ପ୍ରଯୁକ୍ତି ଆଧାରିତ ଶିକ୍ଷା ପ୍ଲାଟଫର୍ମ ଉଭୟ ବିଦ୍ୟାଳୟ ଏବଂ ଉଚ୍ଚ ଶିକ୍ଷାରେ ସମନ୍ୱିତ ହେବ ଏବଂ ଉପଭୋକ୍ତାମାନଙ୍କ ଦ୍ୱାରା ଭେଟିଂ ଓ ସମୀକ୍ଷା ଅନ୍ତର୍ଭୁକ୍ତ ହେବ, ଯାହାଦ୍ୱାରା ବିଷୟବସ୍ତୁ ପ୍ରସ୍ତୁତକାରୀମାନେ ଉପଭୋକ୍ତା ଅନୁଷ୍ଠାନ ଗୁଣାତ୍ମକ ବିଷୟବସ୍ତୁ ସୃଷ୍ଟି କରିବାକୁ ସକ୍ଷମ ହେବେ।

23.7 ଉଦୀୟମାନ ବିପଦଜନକ ପ୍ରଯୁକ୍ତି ବିଦ୍ୟା ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ, ଯାହା ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବ। ଯେତେବେଳେ 1986/1992 ଜାତୀୟ ଶିକ୍ଷାନୀତି ପ୍ରସ୍ତୁତ ହେଲା, ଇଣ୍ଟରନେଟ୍ ଆଣିଥିବା ବ୍ୟାଘାତକାରୀ ପ୍ରଭାବକୁ ପୂର୍ବାନୁମାନ କରିବା କଷ୍ଟସାଧ ଥିଲା। ଆମର ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାର ଏହି ଦୃତ ଏବଂ ବିପଦଜନକ ପରିବର୍ତ୍ତନଗୁଡ଼ିକର ମୁକାବିଲା କରିବାର ଅସମର୍ଥତା ଆମକୁ ବ୍ୟକ୍ତିଗତ ତଥା ଜାତୀୟ ସ୍ତରର ଏକ ପ୍ରତିଯୋଗୀତାମୂଳକ ଦୁନିଆରେ ବିପଦପୂର୍ଣ୍ଣ ଅବସ୍ଥାରେ ରଖୁଛି। ଉଦାହରଣ ସ୍ୱରୁପ, ଯେତେବେଳେ କମ୍ପ୍ୟୁଟର ବ୍ୟାପକଭାବେ ପ୍ରକୃତ ଏବଂ ପ୍ରକ୍ରିୟାଗତ ଜ୍ଞାନକୁ ବ୍ୟବହାର କରିବାରେ ମାନବକୁ ଅତିକ୍ରମ କରିସାରିଛି, ସେତେବେଳେ ଆମର ସମସ୍ତ ଶିକ୍ଷା ସେମାନଙ୍କ ଉଚ୍ଚସ୍ତରର ଦକ୍ଷତା ବିକଶିତ କରିବା କ୍ଷେତ୍ରରେ ଏପରି ଜ୍ଞାନ ଥିବା ଶିକ୍ଷାର୍ଥୀଙ୍କୁ ଅତ୍ୟଧିକ ବୋଝ ଦେଇଥାଏ।

23.8 ଏହି ନୀତି ଏପରି ଏକ ସମୟରେ ପ୍ରସ୍ତୁତ କରାଯାଇଛି, ଯେତେବେଳେ ଏକ ଅନିଶ୍ଚିତ ବ୍ୟାଘାତକାରୀ କୃତିମ ବୁଦ୍ଧି (Artificial Intelligence-AI) 3D/7D ଭର୍ଚୁଆଲ୍ ରିଅଲିଟି – ଉତ୍ପନ୍ନ ହୋଇଛି ଯେହେତୁ AI-ଆଧାରିତ ପୂର୍ବାନୁମାନ ମୂଲ୍ୟ ହ୍ରାସ ପାଇଥାଏ, AI ସହ ମେଳ ଖାଉଥିବା କିମ୍ବା ପୂର୍ବାଭାସ କରିବାରେ ସକ୍ଷମ ହେବ ଏବଂ କେତେକ ଭବିଷ୍ୟବାଣୀ କାର୍ଯ୍ୟରେ ଡାକ୍ତରଙ୍କ ଭଳି ଦକ୍ଷ ପେଶାଦାରଙ୍କ ପାଇଁ ଏହା ଏକ ମୁଲ୍ୟବାନ ସହାୟତା ହେବ। କର୍ମକ୍ଷେତ୍ରରେ AI ର ବ୍ୟଘାତକ ସମ୍ଭାବନା ସ୍ପଷ୍ଟ ଏବଂ ଶିକ୍ଷା ବ୍ୟବସ୍ଥା ଶୀଘ୍ର ପ୍ରତିକ୍ରିୟା ଦେବାପାଇଁ ପ୍ରସ୍ତୁତ ହେବା ଆବଶ୍ୟକ। NETF ର ଗୋଟିଏ ସ୍ଥାୟୀ କାର୍ଯ୍ୟ ହେଉଛି ସମ୍ଭାବ୍ୟ ତଥା ବ୍ୟାଘାତ ପାଇଁ ଆନୁମାନିକ ସମୟ ସୀମା ଆଧାରରେ ଉଦୀୟମାନ ପ୍ରଯୁକ୍ତି ବିଦ୍ୟାକୁ ଶ୍ରେଣୀଭୁକ୍ତ କରିବା ଏବଂ ପର୍ଯ୍ୟାୟକ୍ରମେ ଏହି ବିଶ୍ଳେଷଣକୁ MHRD ନିକଟରେ ଉପସ୍ଥାପନ କରିବା। ଏହି ଇନପୁଟ୍ ଆଧାରରେ MHRD ଔପଚାରିକ ଭାବରେ ସେହି ପ୍ରଯୁକ୍ତି ବିଦ୍ୟାଗୁଡ଼ିକୁ ଚିହ୍ନଟ କରିବ ଯାହାର ସୃଷ୍ଟି ଶିକ୍ଷା ବ୍ୟବସ୍ଥାର ପ୍ରତିକ୍ରିୟା ଦାବି କରିବ।

23.9 MHRD ର ଔପଚାରିକ ସ୍ୱୀକୃତି ଆଧାରରେ ଏକ ନୂତନ ବ୍ୟାଘାତକାରୀ ପ୍ରଯୁକ୍ତିବିଦ୍ୟା, ଜାତୀୟ ଗବେଷଣା କେନ୍ଦ୍ର ଫାଉଣ୍ଡେସନ୍ (National Reseach Foundation-NRF) ରେ ଗବେଷଣା ପ୍ରୟାସ ଆରମ୍ଭ କିମ୍ବା ବିସ୍ତାର କରିବ। AI ପ୍ରସଙ୍ଗରେ, NRF ଏକ ତ୍ରି- ଆଂଶିକ ଉପାୟକୁ ବିଚାର କରିପାରେ : (କ) ମୂଳ AI ଗବେଷଣାକୁ ଆଗକୁ ବଢ଼ାଇବା (ଖ) ପ୍ରୟୋଗ ଆଧାରିତ ଗବେଷଣାର ବିକାଶ ଏବଂ ନିୟୋଜନ କରିବା, ଏବଂ AI କୁ ବ୍ୟବହାର କରି ସ୍ୱାସ୍ଥ୍ୟ ସେବା, କୃଷି, ଜଳବାୟୁ ପରିବର୍ତ୍ତନ

ଭଳି କ୍ଷେତ୍ରରେ ବୈଶ୍ୱିକ ଆହ୍ୱାନର ମୁକାବିଲା ପାଇଁ ଆନ୍ତର୍ଜାତୀୟ ଗବେଷଣା ପ୍ରୟାସକୁ ଆଗକୁ ବଢ଼ାଇବ।

23.10 ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକ (HEIs) କେବଳ ବ୍ୟାଘାତକାରୀ ପ୍ରଯୁକ୍ତି ବିଦ୍ୟା ଉପରେ ଗବେଷଣା କରିବାରେ ନୁହେଁ ବରଂ ଅତ୍ୟାଧୁନିକ କ୍ଷେତ୍ରରେ/ ଡୋମେନ୍‌ରେ ଅନଲାଇନ୍ ପାଠ୍ୟକ୍ରମ ସହିତ ଶିକ୍ଷାଦାନ ସାମଗ୍ରୀ ଏବଂ ପାଠ୍ୟକ୍ରମର ପ୍ରାରମ୍ଭିକ ସଂସ୍କରଣ ସୃଷ୍ଟି କରିବା ଏବଂ ବୃତ୍ତିଗତ ଶିକ୍ଷା ପରି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଏହାର ପ୍ରଭାବ ଆକଳନ କରିବାରେ ମଧ୍ୟ ସକ୍ରିୟ ଭୂମିକା ଗ୍ରହଣ କରିବେ। ଥରେ ପ୍ରଯୁକ୍ତିବିଦ୍ୟା ପରିପକ୍ୱତା ସ୍ତର ହାସଲ କରିବା ପରେ, ହଜାର ହଜାର ଶିକ୍ଷାର୍ଥୀଙ୍କ ସହିତ HEIମାନଙ୍କୁ ଆଦର୍ଶ ଭାବେ ଶିକ୍ଷାଦାନ ଓ ଦକ୍ଷତା ପ୍ରୟାସକୁ ବୃଦ୍ଧି କରିବା ପାଇଁ ସ୍ଥାପନ କରାଯିବ, ଯେଉଁଥିରେ ଚାକିରି ପାଇଁ ଲକ୍ଷ୍ୟବଦ୍ଧ ତାଲିମ ଅନ୍ତର୍ଭୁକ୍ତ ହେବ। ବ୍ୟାଘାତକାରୀ ପ୍ରଯୁକ୍ତି ବିଦ୍ୟା କେତେକ କାର୍ଯ୍ୟକୁ ଅନାବଶ୍ୟକ କରିଥାଏ ଏବଂ ଉଭୟ ଦକ୍ଷତା ଏବଂ ଅଣଦକ୍ଷତା ପାଇଁ ଅଭିମୁଖ୍ୟ ଦକ୍ଷ କରାଇ ନିଯୁକ୍ତି ସୃଷ୍ଟିକୁ ନିଶ୍ଚିତ କରିଥାଏ ଏବଂ ଏହାକୁ ବଜାୟ ରଖିବାପାଇଁ ଗୁଣବତ୍ତାକୁ ବୃଦ୍ଧି ପାଇବ। ଏହିଭଳି ତାଲିମ ପ୍ରଦାନ ପାଇଁ ସଂସ୍ଥାଗତ ଏବଂ ଅଣ-ସଂସ୍ଥାଗତ ସହଯୋଗୀମାନଙ୍କୁ ଅନୁମୋଦନ କରିବା ପାଇଁ ଅନୁଷ୍ଠାନଗୁଡ଼ିକର ସ୍ୱାଧୀନତା ରହିବ, ଯାହା କୌଶଳ ଏବଂ ଉଚ୍ଚ ଶିକ୍ଷା ଢାଞ୍ଚା ( framework) ସହିତ ସମନ୍ୱିତ ହେବ।

23.11 ବିଶ୍ୱବିଦ୍ୟାଳୟଗୁଡ଼ିକ ମେସିନ୍ ଲର୍ଣ୍ଣି ଭଳି ମୂଳ ବିଷୟରେ ଓ ମାଷ୍ଟର କାର୍ଯ୍ୟକ୍ରମ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିବେ। ଶିକ୍ଷା ଏବଂ ବହୁମୁଖୀ କ୍ଷେତ୍ର “AI+ X” ଏବଂ ସ୍ୱାସ୍ଥ୍ୟ ସେବା, କୃଷି ଏବଂ ଆଇନ ପରି ବୃତ୍ତିଗତ କ୍ଷେତ୍ରଗୁଡ଼ିକରେ ମଧ୍ୟ ଏହି କାର୍ଯ୍ୟକ୍ରମ ପ୍ରଦାନ କରାଯିବ। ସେମାନେ ମଧ୍ୟ SWAYAM ପରି ପ୍ଲାଟଫର୍ମ ମାଧ୍ୟମରେ ଏହି ବିଷୟଗୁଡ଼ିକର ପାଠ୍ୟକ୍ରମ ବିକାଶ ଏବଂ ପ୍ରଚାର କରିପାରିବେ। ଶୀଘ୍ର ଗ୍ରହଣ ପାଇଁ, HEI ସ୍ନାତକ ଏବଂ ଧନ୍ଦାମୂଳକ କାର୍ଯ୍ୟକ୍ରମରେ ପାରମ୍ପରିକ ଶିକ୍ଷାଦାନ ସହିତ ଏହି ଅନ୍‌ଲାଇନ୍ ପାଠ୍ୟକ୍ରମକୁ ମିଶ୍ରଣ କରିପାରିବେ। AI ର ମୂଲ୍ୟ ଶୃଙ୍ଖଳା, ଯେପରି ଡାଟା ଟିପ୍ପଣୀ, ପ୍ରତିଛବି ବର୍ଗୀକରଣ ଏବଂ ବକ୍ତବ୍ୟ ଅନୁକ୍ରମଣକୁ ସମର୍ଥନ କରିବା ପାଇଁ HEIs କମ୍ ବିଶେଷଜ୍ଞତା କାର୍ଯ୍ୟରେ ଲକ୍ଷ୍ୟବଦ୍ଧ ତାଲିମ ପ୍ରଦାନ କରିପାରେ। ବିଦ୍ୟାଳୟ ଶିକ୍ଷାର୍ଥୀମାନଙ୍କୁ ଭାଷା ଦେବାର ପ୍ରୟାସକୁ ଭାରତର ବିଭିନ୍ନ ଭାଷା ପାଇଁ ପ୍ରାକୃତିକ ଭାଷା ପ୍ରକ୍ରିୟାକରଣକୁ ବୃଦ୍ଧି କରିବା ପାଇଁ ପ୍ରୟାସ ସହ ଏକତ୍ରିତ କରାଯିବ।

23.12 ଯେହେତୁ ବ୍ୟାଘାତକାରୀ ପ୍ରଯୁକ୍ତି ବିଦ୍ୟା ଉତ୍ପନ୍ନ ହୁଏ, ବିଦ୍ୟାଳୟ ଶିକ୍ଷା ଏବଂ ନିରନ୍ତର ଶିକ୍ଷା ସାଧାରଣ ଜନତାଙ୍କ ସମ୍ଭାବ୍ୟ ବ୍ୟାଘାତକାରୀ ପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରିବାରେ ସାହାଯ୍ୟ କରିବ ଏବଂ ଏହା ସମ୍ବନ୍ଧୀୟ ସମସ୍ୟାର ମଧ୍ୟ ସମାଧାନ କରିବ। ଏହି ପ୍ରଯୁକ୍ତି ସମ୍ବନ୍ଧୀୟ ବିଷୟଗୁଡ଼ିକ ଉପରେ ଜନସାଧାରଣଙ୍କ ସମ୍ମତି ସୂଚିତ କରିବା ପାଇଁ ସଚେତନତା ଆବଶ୍ୟକ। ବିଦ୍ୟାଳୟରେ ସାମ୍ପ୍ରତିକ ବ୍ୟାପାର ଏବଂ ନୈତିକ ପ୍ରସଙ୍ଗର ଅଧ୍ୟୟନରେ NETF/MHRD ଦ୍ୱାରା ଚିହ୍ନିତ ବ୍ୟାଘାତକାରୀ ପ୍ରଯୁକ୍ତିବିଦ୍ୟା ଉପରେ ଏକ ଆଲୋଚନା ଅନ୍ତର୍ଭୁକ୍ତ ହେବ। ଶିକ୍ଷା ଜାରି ରଖିବାକୁ ଉପଯୁକ୍ତ ନିର୍ଦ୍ଦେଶାବଳୀ ଏବଂ ଆଲୋଚନା ସାମଗ୍ରୀ ମଧ୍ୟ ପ୍ରସ୍ତୁତ କରାଯିବ।

23.13 AI-ଆଧାରିତ ପ୍ରଯୁକ୍ତି ପାଇଁ ତଥ୍ୟ ଏକ ପ୍ରମୁଖ ଇନ୍ଧନ, ତଥ୍ୟ ପରିଚାଳନା ଏବଂ ତଥ୍ୟ ସୁରକ୍ଷା ଇତ୍ୟାଦି ସହିତ ଜଡ଼ିତ ଗୋପନୀୟତା ଆଇନ ଏବଂ ମାନକ ଉପରେ ସଚେତନତା ସୃଷ୍ଟି କରିବା ଗୁରୁତ୍ୱପୂର୍ଣ୍ଣ ଅଟେ। AI-ଆଧାରିତ ପ୍ରଯୁକ୍ତି ବିକାଶ ଏବଂ ନିୟୋଜନକୁ ନେଇ ନୈତିକ ପ୍ରସଙ୍ଗଗୁଡ଼ିକ ମଧ୍ୟ ଆଲୋକିତ କରିବା ଆବଶ୍ୟକ। ଏହି ସଚେତନତା ବୃଦ୍ଧି ପ୍ରୟାସରେ ଶିକ୍ଷା ପ୍ରମୁଖ ଭୂମିକା ଗ୍ରହଣ କରିବ। ଅନ୍ୟ ବ୍ୟାଘାତକାରୀ ପ୍ରଯୁକ୍ତି ଯାହା ଆମ ଜୀବନ ଶୈଳୀରେ ପରିବର୍ତ୍ତନ କରିବ ବୋଲି ଆଶା କରାଯାଏ ଏବଂ ଆମେ ଶିକ୍ଷାର୍ଥୀଙ୍କୁ ଶିକ୍ଷିତ କରିବାର ଶୈଳୀରେ ପରିବର୍ତ୍ତନ କରିପାରିବୁ, ଯାହା ସ୍ୱଚ୍ଛ ଏବଂ ଅକ୍ଷୟ ଶକ୍ତି, ଜଳ ସଂରକ୍ଷଣ, ସ୍ଥାୟୀ କୃଷି, ପରିବେଶ ସଂରକ୍ଷଣ ଏବଂ ଅନ୍ୟାନ୍ୟ ସବୁଜ ପଦକ୍ଷେପ ସହିତ ଜଡ଼ିତ ; ଏଗୁଡ଼ିକୁ ଶିକ୍ଷା କ୍ଷେତ୍ରରେ ପ୍ରାଥମିକତା ପ୍ରଦାନ କରିବେ।

## 24. ଅନଲାଇନ୍ ଏବଂ ଡିଜିଟାଲ ଶିକ୍ଷା : ପ୍ରଯୁକ୍ତିର ସମାନ ବ୍ୟବହାର ନିଶ୍ଚିତ କରିବା

24.1 ନୂତନ ପରିସ୍ଥିତି ଏବଂ ବାସ୍ତବତା ପାଇଁ ନୂତନ ପଦକ୍ଷେପ ଆବଶ୍ୟକ। ସାଂପ୍ରତିକ ପରିସ୍ଥିତିରେ ମହାମାରୀ ବୃଦ୍ଧି ବେଳେ ଯେତେବେଳେ ପାରମ୍ପାରିକ ତଥା ବ୍ୟକ୍ତିଗତ ଶିକ୍ଷା ବ୍ୟବସ୍ଥା ସମ୍ଭବ ନୁହେଁ, ସେତେବେଳେ ଆମେ ଗୁଣାତ୍ମକ ଶିକ୍ଷାର ବିକଳ୍ପ ବ୍ୟବସ୍ଥା ସହ ଆମେ ପ୍ରସ୍ତୁତ। ଏହି ପରିପ୍ରେକ୍ଷୀ, ଜାତୀୟ ଶିକ୍ଷା ନୀତି 2020 ଏହାର ସମ୍ଭାବ୍ୟ କ୍ଷତି ଏବଂ ବିପଦକୁ ସ୍ୱୀକାର କରିବା ସହ ପ୍ରଯୁକ୍ତି ବିଦ୍ୟାର ଲାଭକୁ ଉପଯୋଗ କରିବାର ଗୁରୁତ୍ୱକୁ ସ୍ୱୀକାର କରେ। ଏହା ନିର୍ଣ୍ଣୟ କରିବା ସମୟରେ ଅନଲାଇନ୍ / ଡିଜିଟାଲ ଶିକ୍ଷା ଲାଭ କିପରି ହାସଲ କରାଯାଇପାରିବ, ତାହା ସ୍ଥିର କରିବା ପାଇଁ ଏହା ଯତ୍ନର ସହିତ ପରିକଳ୍ପିତ ଏବଂ ଉପଯୁକ୍ତ ଭାବରେ ମପାଯାଇଥିବା

ପାଇଲଟ୍ ଅଧ୍ୟୟନର ଆବଶ୍ୟକତା ଅଛି । ଏହି ସମୟରେ ବର୍ତ୍ତମାନ ଡିଜିଟାଲ ପ୍ଲାଟଫର୍ମ ଏବଂ ଚାଲୁଥିବା ICT - ଆଧାରିତ ଶିକ୍ଷାଗତ ପଦକ୍ଷେପଗୁଡ଼ିକୁ ଅନୁକୂଳ ଏବଂ ବିସ୍ତାର କରାଯିବ, ଯଦ୍ଵାରା ସମସ୍ତଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାରେ ବର୍ତ୍ତମାନ ଏବଂ ଭବିଷ୍ୟତର ଆହ୍ୱାନ ପୂରଣ କରାଯାଇପାରିବ ।

24.2 ତଥାପି, ଡ଼ିଜିଟାଲ୍ ଇଣ୍ଡିଆ ଅଭିଯାନ ଏବଂ ସୁଲଭ କମ୍ପ୍ୟୁଟିଙ୍ଗ ଉପକରଣର ଉପଲବ୍ଧତା ଭଳି ସମନ୍ୱିତ ପ୍ରୟାସ ଦ୍ୱାରା ଡିଜିଟାଲ ବିଭାଜନ ଦୂର ନ ହେବା ପର୍ଯ୍ୟନ୍ତ ଅନଲାଇନ୍ / ଡିଜିଟାଲ ଶିକ୍ଷାର ଲାଭକୁ ବ୍ୟବହାର କରାଯାଇପାରିବ ନାହିଁ । ଅନଲାଇନ୍ ଏବଂ ଡିଜିଟାଲ୍ ଶିକ୍ଷା ପାଇଁ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଶିକ୍ଷାରେ ସମତା ଚିନ୍ତାଧାରାକୁ ସୂଚାଏ ।

24.3 ଅନଲାଇନ୍ ଶିକ୍ଷାବିତ୍ ହେବା ପାଇଁ ଶିକ୍ଷକମାନେ ଉପଯୁକ୍ତ ପ୍ରଶିକ୍ଷଣ ଏବଂ ବିକାଶ ଆବଶ୍ୟକ କରନ୍ତି । ଏହା ଅନୁମାନ କରାଯାଇପାରିବ ନାହିଁ ଯେ ପାରମ୍ପରିକ ଶ୍ରେଣୀଗୃହର ଜଣେ ଭଲ ଶିକ୍ଷକ ଆପେ ଆପେ ଅନଲାଇନ୍ ଶ୍ରେଣୀ ପାଇଁ ଜଣେ ଭଲ ଶିକ୍ଷକ ହେବେ । ଶୈକ୍ଷଣିକ ଶାସ୍ତ୍ରରେ ପରିବର୍ତ୍ତନକୁ ନେଇ ଅନଲାଇନ୍ ମୂଲ୍ୟାୟନ ମଧ୍ୟ ଏକ ଭିନ୍ନ ଆଭିମୁଖ୍ୟ ଆବଶ୍ୟକ କରେ । ଅନଲାଇନ୍ ପରୀକ୍ଷା କରିବାରେ ଅନେକଗୁଡିଏ ଆହ୍ୱାନ ରହିଛି, ଯେପରି ଅନଲାଇନ୍ ପରିବେଶରେ ପ୍ରଶ୍ନର ପ୍ରକାର ଉପରେ ସୀମା ନିର୍ଦ୍ଧାରଣ, ପରିଚାଳନା ନେଟୱାର୍କ ଏବଂ ବିଦ୍ୟୁତ ବ୍ୟଘାତକୁ ନିୟନ୍ତ୍ରଣ କରିବା ଏବଂ ଅନୈତିକ ଅଭ୍ୟାସକୁ ରୋକିବା ଇତ୍ୟାଦି । କେତେକ ପାଠ୍ୟକ୍ରମ / ବିଷୟ ଯେପରିକି ପ୍ରଦର୍ଶନ କଳା ଏବଂ ବିଜ୍ଞାନ ପ୍ରାକ୍ଟିକାଲ କାର୍ଯ୍ୟ ଆଦି ଅନଲାଇନ୍/ଡିଜିଟାଲ ଶିକ୍ଷା କ୍ଷେତ୍ରରେ ସୀମିତତା ଅଛି, ଯାହା ଅଭିନବ ପଦକ୍ଷେପ ସହିତ ଆଂଶିକ ପରିମାଣରେ ଦୂର କରାଯାଇପାରିବ । ଅଧିକନ୍ତୁ, ଯଦି ଅନଲାଇନ୍ ଶୀକ୍ଷା ଅଭିଜ୍ଞତା ଏବଂ କାର୍ଯ୍ୟକଳାପ- ଆଧାରିତ ଶିକ୍ଷଣ ସହିତ ମିଶ୍ରିତ ନ ହୁଏ, ତେବେ ଏହା ଏକ ସ୍କ୍ରିନ ଆଧାରିତ ଶିକ୍ଷାରେ ପରିଣତ ହେବ, ଯେଉଁଥିରେ ଶିକ୍ଷଣର ସାମାଜିକ, ଆବେଗିକ ଓ କ୍ରିୟାତ୍ମକ ଦିଗ ଉପରେ ସୀମିତ ଧ୍ୟାନ ରହେ ।

24.4 ବିଦ୍ୟାଳୟରୁ ଉଚ୍ଚ ଶିକ୍ଷା ପର୍ଯ୍ୟନ୍ତ ସମସ୍ତ ସ୍ତରର ଶିକ୍ଷାଦାନ-ଶିକ୍ଷଣ ପାଇଁ ପ୍ରଯୁକ୍ତି ବିଦ୍ୟା ଉଦ୍ଦେଶ୍ୟ ସାଧନର ଉପାୟକୁ ଦୃଷ୍ଟିରେ ରଖି ଏହି ନୀତି ନିମ୍ନଲିଖିତ ପ୍ରମୁଖ ପଦକ୍ଷେପଗୁଡ଼ିକୁ ସୁପାରିଶ କରୁଛି :

(କ) ଅନଲାଇନ୍ ଶିକ୍ଷା ପାଇଁ ପାଇଲଟ୍ ଅଧ୍ୟୟନ : ଅନଲାଇନ୍ ଶିକ୍ଷାରେ ସାଧାରଣ ଶିକ୍ଷାର ସମନ୍ୱୟକୁ ମୂଲ୍ୟାୟନ କରିବା ପାଇଁ ସମାନ୍ତରାଳ ଭାବରେ ଅନେକ ପାଇଲଟ୍ ଅଧ୍ୟୟନର ପରିଚାଳନା କରିବା ପାଇଁ NETF, CIET, NIOS, IGNOU, IITs, NIT ଭଳି ଉପଯୁକ୍ତ ସଂସ୍ଥାଗୁଡ଼ିକୁ ଚିହ୍ନଟ କରାଯିବା ସହ ଅନଲାଇନ୍ ଶିକ୍ଷାର ନକରାତ୍ମକ ଦିଗକୁ ହ୍ରାସ  କରିବା ପାଇଁ ଛାତ୍ର ଉପକରଣ ନିଶା, ଇ-ବିଷୟବସ୍ତୁର ଅଧିକାଂଶ ପସନ୍ଦର ଫର୍ମାଟ ଇତ୍ୟାଦିକୁ ଅଧ୍ୟୟନ କରିବାକୁ ହେବ । ଏହି ପାଇଲଟ୍ ଅଧ୍ୟୟନର ଫଳାଫଳକୁ ସର୍ବସାଧାରଣରେ ପ୍ରକାଶ କରାଯିବ ଏବଂ ନିରନ୍ତର ଉନ୍ନତି ପାଇଁ ବ୍ୟବହାର କରାଯିବ ।

(ଖ) **ଡିଜିଟାଲ୍ ଭିତ୍ତିଭୂମି :** ଶିକ୍ଷା କ୍ଷେତ୍ରରେ ଖୋଲା ଆନ୍ତଃ ପ୍ରଗତିଶୀଳ, ବିକଶିତ ସାର୍ବଜନୀନ ଡିଜିଟାଲ ଭିତ୍ତିଭୂମି ସୃଷ୍ଟିରେ ନିବେଶର ଆବଶ୍ୟକତା ଅଛି ଯାହା ଭାରତର ମାପ, ବିବିଧତା, ଜଟିଳତା ଏବଂ ଉପକରଣ ଆଧାରରେ ଏକାଧିକ ପ୍ଲାଟଫର୍ମ ଦ୍ୱାରା ବ୍ୟବହାର କରାଯାଇପାରିବ । ଏହା ନିଶ୍ଚିତ କରିବ ଯେ ପ୍ରଯୁକ୍ତି କ୍ଷେତ୍ରରେ ଦୃତ ଅଗ୍ରଗତି ସହିତ ପ୍ରଯୁକ୍ତି ଆଧାରିତ ସମାଧାନ ପୁରୁଣା ହେବ ନାହିଁ ।

(ଗ) **ଅନଲାଇନ୍ ଶିକ୍ଷାଦାନ ପ୍ଲାଟଫର୍ମ ଏବଂ ସାଧନ :** ଶିକ୍ଷାର୍ଥୀମାନଙ୍କ ଉପରେ ଦୃଷ୍ଟି ଦେବା ପାଇଁ ଶିକ୍ଷକମାନଙ୍କୁ ଏକ ସଂରଚନା, ଉପଭୋକ୍ତା -ଅନୁକୂଳ, ସମୃଦ୍ଧ ସହାୟକ ଉପକରଣ ପ୍ରଦାନ କରାଯିବା ସହିତ SWAYAM, DIKSHA ପରି ଉପଯୁକ୍ତ ଇ- ଶିକ୍ଷଣ ପ୍ଲାଟଫର୍ମକୁ ବିସ୍ତାର କରାଯିବ । ବର୍ତ୍ତମାନ ମାହାମାରୀ ଆମକୁ ଜଣାଇଛି ଯେ, ଅନଲାଇନ୍ କ୍ଲାସ କରିବା ପାଇଁ ଦୁଇ- ମାର୍ଗ ଭିଡିଓ ଏବଂ ଦୁଇ-ମାର୍ଗ ଅଡିଓ ବ୍ୟବସ୍ଥା ହେଉଛି ସର୍ବୋତ୍କୃଷ୍ଟ ସାଧନା ।

(ଘ) **ବିଷୟବସ୍ତୁ ପ୍ରସ୍ତୁତି, ଡିଜିଟାଲ୍ ଭଣ୍ଡାର ଏବଂ ପ୍ରସାର :** ପ୍ରଭାବଶାଳୀତା ଓ ଗୁଣବତ୍ତା ଉପରେ ଉପଭୋକ୍ତାଙ୍କ ଦ୍ୱାରା ମୂଲ୍ୟାୟନ ପାଇଁ ଏକ ସ୍ୱଚ୍ଛ ସାର୍ବଜନୀନ ବ୍ୟବସ୍ଥା ସହିତ ପାଠ୍ୟକ୍ରମର ନିର୍ମାଣ, ଶିକ୍ଷଣ ଉପଯୋଗୀ ଖେଳ ଏବଂ ସିମୁଲେସନ୍ , ଅଗମେଣ୍ଟେଡ୍ ରିଅଲିଟି ଏବଂ ଭର୍ଚୁଆଲ ରିଅଲିଟି ସହିତ ବିଷୟବସ୍ତୁର ଏକ ଡିଜିଟାଲ ଭଣ୍ଡାର ବିକଶିତ କରାଯିବ । ମଜା ଆଧାରିତ ଶିକ୍ଷଣ ନିମନ୍ତେ ଶିକ୍ଷାର୍ଥୀଙ୍କୁ ସୁହାଇବା ପରି ସାଧନୀ, ଯେପରି -

ଆପ୍ (APP), ଭାରତୀୟ କଳା ଏବଂ ସଂସ୍କୃତିର ଗେମିଫିକେସନ, ସ୍ୱଚ୍ଛ ପରିଚାଳନା ନିର୍ଦ୍ଦେଶାବଳୀ, ଏକାଧିକ ଭାଷାରେ ସୃଷ୍ଟି ହେବ। ଶିକ୍ଷାର୍ଥୀଙ୍କ ଇ-ବିଷୟବସ୍ତୁର ବ୍ୟାପକ ପ୍ରଚାର କରିବା ନିମନ୍ତେ ଏକ ବିଶ୍ୱସନୀୟ ବ୍ୟବସ୍ଥା ପ୍ରଦାନ କରାଯିବ।

(ଙ) **ଡିଜିଟାଲ୍ ବିଭାଜନକୁ ସମାଧାନ କରିବା :** ଜନସଂଖ୍ୟାର ଏକ ପର୍ଯ୍ୟାପ୍ତ ବର୍ଗ ରହିଛି, ଯାହାର ଡିଜିଟାଲ୍ ବ୍ୟବହାରର ଖୁବ୍ ସୀମିତ, ବର୍ତ୍ତମାନର ଗଣମାଧ୍ୟମ, ଯେପରିକି-ଟେଲିଭିଜନ୍, ରେଡିଓ ଏବଂ କମ୍ୟୁନିଟି ପ୍ରସାରଣ ବ୍ୟାପକଭାବେ କରାଯିବ। ଶିକ୍ଷାର୍ଥୀଙ୍କ ବିଭିନ୍ନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହିପରି ଶିକ୍ଷାଗତ କାର୍ଯ୍ୟକ୍ରମ ବିଭିନ୍ନ ଭାଷାରେ 24/7 ପାଇଁ ଉପଲବ୍ଧ ହେବ। ସମସ୍ତ ଭାରତୀୟ ଭାଷାରେ ବିଷୟବସ୍ତୁ ଉପରେ ବିଶେଷ ଧ୍ୟାନ ଦିଆଯିବ ଏବଂ ଡିଜିଟାଲ୍ ବିଷୟବସ୍ତୁ ଶକ୍ଷକ ଏବଂ ଶିକ୍ଷାର୍ଥୀମାନଙ୍କୁ ଯଥାସମ୍ଭବ ସେମାନଙ୍କର ଶିକ୍ଷାଦାନ ମାଧ୍ୟମରେ ଉପଲବ୍ଧ ହେବା ଆବଶ୍ୟକ।

(ଚ) **ଭର୍ଚୁଆଲ ପ୍ରୟୋଗଶାଳା :** DIKSHA, SWAYAM, SWAYAMPRABHA ଭଳି ଇ-ଶିକ୍ଷଣ ପ୍ଲାଟଫର୍ମଗୁଡ଼ିକୁ ମଧ୍ୟ ଭର୍ଚୁଆଲ ପ୍ରୟୋଗଶାଳା ସୃଷ୍ଟିକରିବା ପାଇଁ ବ୍ୟବହାର କରାଯିବ, ଯଦ୍ୱାରା ସମସ୍ତ ଶିକ୍ଷାର୍ଥୀଙ୍କ ପାଖରେ ଗୁଣାତ୍ମକ ବ୍ୟବହାରିକ ପରୀକ୍ଷଣ ଭିତ୍ତିକ ଶିକ୍ଷଣ ଅଭିଜ୍ଞତା ଉପଲବ୍ଧ ହେବ। ଉପଯୁକ୍ତ ଡିଜିଟାଲ ଉପକରଣ ମାଧ୍ୟମରେ SEDG ଛାତ୍ର ଏବଂ ଶିକ୍ଷକମାନଙ୍କୁ ପର୍ଯ୍ୟାପ୍ତ ସୁଯୋଗ ଯୋଗାଇବାର ସମ୍ଭାବନାକୁ ବିଚାର କରାଯିବ ଏବଂ ବିକଶିତ କରାଯିବ।

(ଛ) **ଶିକ୍ଷକମାନଙ୍କ ପାଇଁ ପ୍ରଶିକ୍ଷଣ ଏବଂ ପ୍ରୋତ୍ସାହନ :** ଶିକ୍ଷକମାନେ ଶିକ୍ଷାର୍ଥୀ – କେନ୍ଦ୍ରିକ ଶିକ୍ଷା ଶାସ୍ତ୍ରରେ ଯୋଗ୍ୟତା ଏବଂ ଅନଲାଇନ୍ ଶିକ୍ଷାଦାନ ପ୍ଲାଟଫର୍ମ ଏବଂ ସାଧନୀ ବ୍ୟବହାର କରି କିପରି ଉଚ୍ଚ-ଗୁଣାତ୍ମକ ଅନଲାଇନ୍ ବିଷୟବସ୍ତୁ ନିର୍ମାତା ହୋଇପାରିବେ ସେ ସମ୍ବନ୍ଧରେ କଠୋର ତାଲିମ ଗ୍ରହଣ କରିବେ। ବିଷୟବସ୍ତୁ ସହିତ ଶିକ୍ଷାର୍ଥୀମାନଙ୍କର ସକ୍ରିୟ ସଂପର୍କକୁ ସୁଗମ କରିବାରେ ଶିକ୍ଷକଙ୍କ ଭୂମିକା ଉପରେ ଗୁରୁତ୍ୱ ପ୍ରଦାନ କରାଯିବ।

(ଜ) **ଅନଲାଇନ୍ ମୂଲ୍ୟାୟନ ଏବଂ ପରୀକ୍ଷା :** ଉପଯୁକ୍ତ ସଂସ୍ଥା, ଯେପରିକି– ପ୍ରସ୍ତାବିତ ଜାତୀୟ ମୂଲ୍ୟାୟନ କେନ୍ଦ୍ର (National Assessment Centre) କିମ୍ବା (PARAKH), ସ୍କୁଲ୍ ବୋର୍ଡ, NTA ଏବଂ ଅନ୍ୟାନ୍ୟ ଚିହ୍ନଟ ହୋଇଥିବା ସଂସ୍ଥାଗୁଡ଼ିକ ଦକ୍ଷତା, ପୋର୍ଟଫୋଲିଓ, ରୁବ୍ରିକ୍ସ ର ମାନକ, ମୂଲ୍ୟାୟନ ପଦ୍ଧତିଗୁଡ଼ିକ ଡିଜାଇନ୍‌କୁ ଅନ୍ତର୍ନିଯୋଗ କରି ମୂଲ୍ୟାୟନ ଢାଞ୍ଚା ପ୍ରସ୍ତୁତ କରିବେ ଏବଂ କାର୍ଯ୍ୟକାରୀ କରିବେ। ଏକବିଂଶ ଶତାବ୍ଦୀର ଦକ୍ଷତା ଉପରେ ଧ୍ୟାନ କେନ୍ଦ୍ରିତ କରି ଶିକ୍ଷା ପ୍ରଯୁକ୍ତିର ବ୍ୟବହାର କରି ମୂଲ୍ୟାୟନର ନୂତନ ଉପାୟଗୁଡ଼ିକୁ ସ୍ଥିର କରିବା ପାଇଁ ଅଧ୍ୟୟନ କରାଯିବ ।

(ଝ) **ଶିକ୍ଷଣ ମିଶ୍ରିତ ମଡ଼େଲ :** ଡିଜିଟାଲ୍ ଶିକ୍ଷଣ ଏବଂ ଶିକ୍ଷାକୁ ପ୍ରୋତ୍ସାହିତ କରିବା ବେଳେ, ମୁହାଁମୁହିଁ ବ୍ୟକ୍ତିଗତ ଶିକ୍ଷାର ଗୁରୁତ୍ୱ ସମ୍ପୂର୍ଣ୍ଣ ଭାବରେ ସ୍ୱୀକୃତି ପାଇଥାଏ। ସେହି ଅନୁଯାୟୀ, ମିଶ୍ରିତ ଶିକ୍ଷାର ବିଭିନ୍ନ ପ୍ରଭାବଶାଳୀ ମଡେଲଗୁଡ଼ିକ ବିଭିନ୍ନ ବିଷୟ ପାଇଁ ଚିହ୍ନଟ କରାଯିବ।

(ଞ) **ମାନଦଣ୍ଡ ସ୍ଥିର କରିବା :** ଅନଲାଇନ୍ / ଡିଜିଟାଲ ଶିକ୍ଷା ଉପରେ ଗବେଷଣା ଆରମ୍ଭ ହେବା ପରେ, NETF ଏବଂ ଅନ୍ୟାନ୍ୟ ଉପଯୁକ୍ତ ସଂସ୍ଥା ଅନଲାଇନ୍/ ଡିଜିଟାଲ୍ ଶିକ୍ଷାଦାନ-ଶିକ୍ଷଣ ପାଇଁ ବିଷୟବସ୍ତୁ, ପ୍ରଯୁକ୍ତି ଏବଂ ଶିକ୍ଷାଦାନ ମାନକ ସ୍ଥିର କରିବେ। ଏହି ମାନକଗୁଡ଼ିକ ରାଜ୍ୟ, ବୋର୍ଡ଼, ବିଦ୍ୟାଳୟ ଏବଂ ବିଦ୍ୟାଳୟ ସଙ୍ଗମ, HEIs ଇତ୍ୟାଦି ଦ୍ୱାରା ଇ-ଶିକ୍ଷଣ ପାଇଁ ମାର୍ଗଦର୍ଶିକା ପ୍ରସ୍ତୁତ କରିବାରେ ସାହାଯ୍ୟ କରିବ।

### 24.5 ବିଶ୍ୱ ସ୍ତରୀୟ, ଡିଜିଟାଲ୍ ଭିତ୍ତିଭୂମି, ଶିକ୍ଷାଗତ ଡିଜିଟାଲ୍ ବିଷୟବସ୍ତୁ ଏବଂ ଦକ୍ଷତା ନିର୍ମାଣ ପାଇଁ ଏକ ସମର୍ପିତ ୟୁନିଟ୍ ସୃଷ୍ଟି କରିବା

ଶିକ୍ଷାକ୍ଷେତ୍ରରେ ପ୍ରଯୁକ୍ତି ହେଉଛି ଏକ ଯାତ୍ରା ଏବଂ ଲକ୍ଷ୍ୟଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ଭିନ୍ନଭିନ୍ନ ପରିବେଶର ବ୍ୟକ୍ତିମାନଙ୍କୁ ଯୋଜନା କରିବା ପାଇଁ ଏକ ଲକ୍ଷ୍ୟସ୍ଥଳ ଓ କ୍ଷମତାର ଆବଶ୍ୟକତା ହେବ। ଉଦ୍ଦେଶ୍ୟ ପାଇଁ ଏକ ଉତ୍ସର୍ଗୀକୃତ ଏକକ। ଡିଜିଟାଲ ଭିତ୍ତିଭୂମି ନିର୍ମାଣ, ଡିଜିଟାଲ ବିଷୟବସ୍ତୁ ଓ ଦକ୍ଷତା ନିର୍ମାଣ ପାଇଁ ଏକ ସର୍ମପିତ ୟୁନିଟ୍ ହେବ। ଉଭୟ ବିଦ୍ୟାଳୟ ଓ ଉଚ୍ଚଶିକ୍ଷାର ଇ-

ଶିକ୍ଷଣ ଆବଶ୍ୟକତାକୁ ଲକ୍ଷ୍ୟ କରିବା ପାଇଁ ମନ୍ତ୍ରାଳୟରେ ଏହାକୁ ସୃଷ୍ଟି କରାଯିବ । ଯେହେତୁ ପ୍ରଯୁକ୍ତି ଦ୍ରୁତ ଗତିରେ ବିକଶିତ ହେଉଛି ଏବଂ ଉଚ୍ଚମାନର ଇ-ଶିକ୍ଷଣ ପ୍ରଦାନ ପାଇଁ ବିଶେଷଜ୍ଞଙ୍କ ଆବଶ୍ୟକତା ରହିଛି, ତେଣୁ ଏକ ଜୀବନ୍ତ ଇକୋସିଷ୍ଟମର ସମାଧାନ ସୃଷ୍ଟି କରିବାକୁ ଉତ୍ସାହିତ କରିବାକୁ ହେବ, ଯାହା କେବଳ ଭାରତର ମାପ, ବିବିଧତା, ସମାନତା,ଆହ୍ୱାନର ସମାଧାନ ନୁହେଁ ବରଂ ପ୍ରଯୁକ୍ତିର ଦ୍ରୁତ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ବିକଶିତ ହେବ, ଯାହାର ଅଧା ଜୀବନ ପ୍ରତ୍ୟେକ ବର୍ଷ ମଧ୍ୟରେ ହ୍ରାସ ପାଇଥାଏ । ତେଣୁ ଏହି କେନ୍ଦ୍ରରେ ପ୍ରଶାସନ, ଶିକ୍ଷା, ଶୈକ୍ଷିକ ପ୍ରଯୁକ୍ତି ବିଦ୍ୟା, ଡିଜିଟାଲ ଶିକ୍ଷା ବିଜ୍ଞାନ, ମୂଲ୍ୟାୟନ, ଇ-ପ୍ରଶାସନ ଇତ୍ୟାଦି କ୍ଷେତ୍ରରୁ ବିଶେଷଜ୍ଞ ସାମିଲ ହେବେ ।

# ଭାଗ IV : ଏହାକୁ ସମ୍ଭବ କରିବା

## 25. କେନ୍ଦ୍ରୀୟ ଶିକ୍ଷା ପରାମର୍ଶଦାତା ବୋର୍ଡ଼ (CBSE)ର ସୁଦୃଢ଼ୀକରଣ

25.1 ଏହି ଶିକ୍ଷାନୀତିର ସଫଳ କାର୍ଯ୍ୟାନ୍ୱୟନ ନିମନ୍ତେ ଏକ ଦୀର୍ଘମିଆଦି ପୁରୋଦୃଷ୍ଟି ନିରନ୍ତର ଆଧାରରେ ଜ୍ଞାନର ଉପଲବ୍ଧତା ଏବଂ ଜାତୀୟ, ରାଜ୍ୟ, ଅନୁଷ୍ଠାନ ତଥା ବ୍ୟକ୍ତିଗତ ସ୍ତରରେ ନିଆଯିବାକୁ ଥିବା ସମସ୍ତ କାର୍ଯ୍ୟ ମିଳିତ ଭାବେ ସଂପାଦନ କରିବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ କରେ । ଏହି ପରିପ୍ରେକ୍ଷୀରେ ଶିକ୍ଷାନୀତି କେନ୍ଦ୍ରୀୟ ଶିକ୍ଷା ପରାମର୍ଶଦାତା ବୋର୍ଡ଼କୁ (CBSE) ମଜବୁତ ଓ ସଶକ୍ତ କରିବା ପାଇଁ ସୁପାରିଶ କରୁଛି, ଯାହା କେବଳ ଶୈକ୍ଷିକ ଓ ସାଂସ୍କୃତିକ ବିକାଶ ସମ୍ବନ୍ଧିତ ବିଷୟଗୁଡ଼ିକର ବ୍ୟାପକ ଆଲୋଚନା ଓ ପରୀକ୍ଷା ନିରୀକ୍ଷା ପାଇଁ ଏକ ମଞ୍ଚ ନୁହେଁ ବରଂ ଯେଉଁଥିରେ ଅଧିକରୁ ଅଧିକ ଜନାଦେଶ ରହିବ । କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ଏବଂ ରାଜ୍ୟଗୁଡ଼ିକର ସଂପୃକ୍ତ ସର୍ବୋଚ୍ଚ ସଂସ୍ଥାଗୁଡ଼ିକର ସହଯୋଗରେ ନିରନ୍ତର ଭାବେ ଦେଶର ଶିକ୍ଷାର ଦୃଷ୍ଟିକୋଣର ବିକାଶ ସ୍ୱଷ୍ଟୀକରଣ, ମୂଲ୍ୟାୟନ ଏବଂ ପୁନଃବିଚାର ପାଇଁ କେନ୍ଦ୍ରୀୟ ଶିକ୍ଷା ପରାମର୍ଶଦାତା ବୋର୍ଡ଼ (CBSE) ଦାୟୀ ରହିବ । ଏହା ମଧ୍ୟ ଆନୁଷ୍ଠାନିକ ଢାଞ୍ଚା ସୃଷ୍ଟି କରିବ ଓ ନିରନ୍ତର ସମୀକ୍ଷା କରିବ ଯାହା ଶିକ୍ଷାର ପୁରୋଦୃଷ୍ଟି (vision) ହାସଲ କରିବାରେ ସାହାଯ୍ୟ କରିବ ।

25.2 ଶିକ୍ଷା ଓ ଶିକ୍ଷଣ ଉପରକୁ ଧ୍ୟାନ ଫେରାଇ ଆଣିବା ପାଇଁ ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ (MHRD)କୁ ଶିକ୍ଷା ମନ୍ତ୍ରାଳୟ (MoE) ଭାବେ ପୁନଃନାମିତ କରାଯିବ ।

## 26. ଆର୍ଥିକ ସହାୟତା : ସମସ୍ତଙ୍କ ପାଇଁ ସୁଲଭ ଓ ଗୁଣାତ୍ମକ ଶିକ୍ଷା

26.1 ଆମର ଯୁବ ପିଢ଼ୀମାନଙ୍କର ଉଚ୍ଚମାନର ଶିକ୍ଷା ତୁଳନାରେ ସମାଜର ଭବିଷ୍ୟତ ପ୍ରତି କୌଣସି ଭଲ ବିନିଯୋଗ (investment) ହୋଇନଥିବାରୁ ଏହି ଶିକ୍ଷାନୀତିରେ ପୁଞ୍ଜି ବିନିଯୋଗକୁ ଯଥେଷ୍ଟ ବୃଦ୍ଧି କରିବା ପାଇଁ ପ୍ରତିଶ୍ରୁତି ବଦ୍ଧ । ଦୁର୍ଭାଗ୍ୟବଶତଃ, 1968 ନୀତି ଦ୍ୱାରା ପରିକଳ୍ପନା କରାଯାଇଥିବା ଅନୁଯାୟୀ ଶିକ୍ଷା ଉପରେ ସାଧାରଣ ଖର୍ଚ୍ଚ ମୋଟ ଘରୋଇ ଉତ୍ପାଦ (GDP)ର ଉପରେ 6% ସୁପାରିଶ ସ୍ତରର ନିକଟତର ହୋଇପାରିନାହିଁ, ଯାହା 1986 ନୀତିରେ ଦୋହରା ଯାଇଥିଲା ଏବଂ ଏହାକୁ 1992 ରେ ନୀତିର ସମୀକ୍ଷାରେ ପୁନଃ ସୁନିଶ୍ଚିତ କରାଯାଇଥିଲା । ବର୍ତ୍ତମାନ ଶିକ୍ଷାପାଇଁ ସାଧାରଣ (କେନ୍ଦ୍ର ଓ ରାଜ୍ୟ ସରକାରଙ୍କ) ବ୍ୟୟ GDP ର ପ୍ରାୟ 4.43% (Analysis of Budgeted of Expenditure 2017-2018) ଓ ଶିକ୍ଷା ପାଇଁ ମୋଟ ସରକାରୀ ଖର୍ଚ୍ଚ ପ୍ରାୟ 10% ଅଟେ (Economic Survey 2017-2018) । ଅଧିକାଂଶ ବିକଶିତ ଓ ବିକାଶଶୀଳ ଦେଶ ତୁଳନାରେ ଏହି ସଂଖ୍ୟା ବହୁତ କମ୍ ଅଟେ ।

26.2 ଉତ୍କର୍ଷତା ସହିତ ଶିକ୍ଷାର ଲକ୍ଷ୍ୟ ପ୍ରାପ୍ତି ପାଇଁ ଓ ଏହି ରାଷ୍ଟ୍ର ପାଇଁ ଅନୁରୂପ ବହୁବିଧ ଲାଭ ହାସଲ କରିବାକୁ, ଏହି ଶିକ୍ଷା ନୀତି ଏକତରଫା ଭାବେ ଉଭୟ କେନ୍ଦ୍ର ସରକାର ଓ ସମସ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ଶିକ୍ଷା କ୍ଷେତ୍ରରେ ସାର୍ବଜନୀନ ବିନିବେଶରେ ଯଥେଷ୍ଟ ବୃଦ୍ଧି ହେବାର ଯୋଜନା ରହିଛି । ଶିକ୍ଷା କ୍ଷେତ୍ରରେ ସାଧାରଣ ପୁଞ୍ଜି ବିନିଯୋଗକୁ GDP ର 60% ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମାନେ ମିଳିତ ଭାବେ କାର୍ଯ୍ୟ କରିବେ । ଉଚ୍ଚମାନର ତଥା ସମାନ ଭାବ ସାର୍ବଜନୀକ ଶିକ୍ଷା ବ୍ୟବସ୍ଥା ହାସଲ ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ, ଯାହା ଭାରତର ଭବିଷ୍ୟତର ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ, ବୌଦ୍ଧିକ ଏବଂ ବୈଷୟିକ ପ୍ରଗତି ଏବଂ ଅଭିବୃଦ୍ଧି ପାଇଁ ପ୍ରକୃତପକ୍ଷେ ଆବଶ୍ୟକ ।

26.3 ବିଶେଷ କରି, ଶିକ୍ଷାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଏବଂ ବିଭାଗଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରାଯିବ, ଯେପରିକି ସାର୍ବଜନୀନ ଶିକ୍ଷା ସୁଯୋଗ, ଶିକ୍ଷଣ ସମ୍ବଳ, ପୋଷଣର ସହାୟତା, ଶିକ୍ଷାର୍ଥୀଙ୍କ ସୁରକ୍ଷା ଓ ସୁସ୍ଥତା, ପର୍ଯ୍ୟାପ୍ତ ସଂଖ୍ୟକ ଶିକ୍ଷକ ଓ କର୍ମଚାରୀ, ଶିକ୍ଷକ ବିକାଶ, ଏବଂ ବଞ୍ଚିତ ତଥା ସାମାଜିକ ଅର୍ଥନୈତିକ ଅନଗ୍ରସର ଗୋଷ୍ଠୀ ପାଇଁ ଉଚ୍ଚମାନର ଶିକ୍ଷା ଦିଗରେ ସମସ୍ତ ପ୍ରମୁଖ ପଦକ୍ଷେପ ପାଇଁ ସହାୟତାର ବ୍ୟବସ୍ଥା କରାଯିବ ।

26.4 ମୁଖ୍ୟତଃ ଭିତ୍ତିଭୂମି ଓ ସମ୍ବଳ ସହ ଜଡ଼ିତ ଏକକାଳୀନ ଖର୍ଚ୍ଚ ବ୍ୟତୀତ, ଏହି ଶିକ୍ଷା ନୀତି ଏକ ଶିକ୍ଷା ବ୍ୟବସ୍ଥାର ବିକାଶ ନିମନ୍ତେ ଆର୍ଥିକ ସହାୟତା ପାଇଁ ନିମ୍ନଲିଖିତ ମହତ୍ୱପୂର୍ଣ୍ଣ ଦୀର୍ଘକାଳୀନ ପ୍ରମୁଖ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରେ:

- କ) ଗୁଣାତ୍ମକ ପ୍ରାକ-ଶୈଶବ ଶିକ୍ଷା ଓ ଯତ୍ନ ନିମନ୍ତେ ସାର୍ବଜନୀନ ବ୍ୟବସ୍ଥା;
- ଖ) ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ;
- ଗ) ବିଦ୍ୟାଳୟ ସଂଗମ/ଅଞ୍ଚଳ ନିମନ୍ତେ ପର୍ଯ୍ୟାପ୍ତ ଓ ଉପଯୁକ୍ତ ସମ୍ବଳର ବ୍ୟବସ୍ଥା କରିବା;
- ଘ) ଖାଦ୍ୟ ଓ ପୋଷଣ (ସକାଳ ଜଳଖିଆ ଓ ମଧ୍ୟାହ୍ନ ଭୋଜନ);
- ଙ) ଶିକ୍ଷକ ଶିକ୍ଷାରେ ନିବେଶ କରିବା ଏବଂ ଶିକ୍ଷକମାନଙ୍କର ବୃତ୍ତିଗତ ବିକାଶ ଜାରି ରଖିବା;
- ଚ) ଉତ୍କର୍ଷତାର ବିକାଶ ପାଇଁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମାନଙ୍କର ନବୀକରଣ;
- ଛ) ଗବେଷଣା କରିବା; ଏବଂ
- ଜ) ପ୍ରଯୁକ୍ତି ବିଦ୍ୟାର ବହୁଳ ବ୍ୟବହାର ଓ ଅନଲାଇନ୍ ଶିକ୍ଷା

26.5 ଏପରିକି ଭାରତରେ ଶିକ୍ଷାକ୍ଷେତ୍ରରେ କମ୍ ପରିମାଣର ଅର୍ଥଯୋଗାଣ ହେଉଥିଲେ ବି, ଜିଲ୍ଲା / ଅନୁଷ୍ଠାନ ସ୍ତରରେ ଏହା ଠିକ୍ ସମୟରେ ଖର୍ଚ୍ଚ ହୁଏନାହିଁ, ଏହି ଅର୍ଥର ସୁଗମ, ସମୟାନୁବର୍ତ୍ତୀ ଏବଂ ଉପଯୁକ୍ତ ପ୍ରବାହ ଏବଂ ସମ୍ଭାବ୍ୟତା ସହିତ ସେମାନଙ୍କର ବ୍ୟବହାର ଉପରେ ଆର୍ଥିକ ଶାସନ ଏବଂ ପରିଚାଳନା ଧ୍ୟାନ ଦେବ; ପ୍ରଶାସନିକ ପ୍ରକ୍ରିୟାକୁ ସଂଶୋଧନ ଓ ସୁବ୍ୟବସ୍ଥିତ କରାଯିବ, ଯଦ୍ୱାରା ବିତରଣ ପ୍ରଣାଳୀରେ ଅଧିକ ପରିମାଣର ଅର୍ଥ ବିନିଯୋଗ ନହୋଇ ବଳିପଡ଼ିବ ନାହିଁ । ସରକାରୀ ସଂସ୍ଥାଗୁଡ଼ିକରେ ପାଣ୍ଠିର କୁଶଳ ବିନିଯୋଗ ଓ ପାଣ୍ଠିର ବ୍ୟବହାର ନକରି ପକାଇ ରଖିବାକୁ ଏଡ଼ାଇବ ପାଇଁ କାର୍ଯ୍ୟକାରୀ ସଂସ୍ଥାଗୁଡ଼ିକୁ GFR, PFMS, 'Just in Time' ରିଲିଜ ବ୍ୟବସ୍ଥା ପାଳନ କରାଯିବ । ରାଜ୍ୟ ଓ ଉଚ୍ଚ ଶିକ୍ଷା ଅନୁଷ୍ଠାନ (HEIs)ଗୁଡ଼ିକ ପାଇଁ କାର୍ଯ୍ୟଦକ୍ଷତା ଭିତ୍ତିରେ ପାଣ୍ଠି ଯୋଗାଣର ପ୍ରକ୍ରିୟା ପ୍ରସ୍ତୁତ କରାଯାଇପାରେ । ସେହିଭଳି, SEDGs ପାଇଁ ନିର୍ଦ୍ଦିଷ୍ଟ ପାଣ୍ଠିର ସର୍ବୋତ୍ତମ ଆବଣ୍ଟନ ଏବଂ ଉପଯୋଗ ପାଇଁ ଫଳପ୍ରଦ ବ୍ୟବସ୍ଥାକୁ ନିଶ୍ଚିତ କରାଯିବ । ନୂତନ ପ୍ରସ୍ତାବିତ ନିୟାମକ ବ୍ୟବସ୍ଥା, ଭୂମିକାଗୁଡ଼ିକର ସ୍ପଷ୍ଟ ପୃଥକତା ଓ ପାରଦର୍ଶୀ ଆତ୍ମପ୍ରକାଶ, ଅନୁଷ୍ଠାନଗୁଡ଼ିକରେ ସଶକ୍ତିକରଣ ଏବଂ ସ୍ୱୟଂଚଳତା ଏବଂ ନେତୃତ୍ୱ ପଦବୀରେ ଉଲ୍ଲେଖନୀୟ ତଥା ଯୋଗ୍ୟ ବିଶେଷଜ୍ଞଙ୍କ ନିଯୁକ୍ତି ଦ୍ୱାରା ପାଣ୍ଠିର ଅଧିକ ସହଜ, ଶୀଘ୍ର ଓ ସ୍ୱଚ୍ଛ ଅର୍ଥ ପ୍ରବାହକ ସକ୍ଷମ କରିବାରେ ସହାୟତା ହେବ ।

26.6 ଶିକ୍ଷା କ୍ଷେତ୍ରରେ ବେସରକାରୀ ଜନସେବାକରୀ କାର୍ଯ୍ୟକଳାପ ପାଇଁ ନବୀକରଣ, ସକ୍ରିୟ ପଦୋନ୍ନତି ଏବଂ ସମର୍ଥନ ପାଇଁ ଏହି ଶିକ୍ଷା ନୀତି ଆହ୍ୱାନ କରେ । ବିଶେଷ ଭାବରେ, ସର୍ବସାଧାରଣ ବଜେଟ୍ ସହାୟତା ବ୍ୟତୀତ, ଯେ କୌଣସି ସରକାରୀ ଅନୁଷ୍ଠାନ ଶିକ୍ଷାଗତ ଅନୁଭବକୁ ଆଗକୁ ବଢ଼ାଇବାକୁ ନିଜ ତରଫରୁ ଧନରାଶି ଯୋଗାଡ଼ କରିବା ପାଇଁ ପଦକ୍ଷେପ ନେଇ ପାରିବେ ।

26.7 ଶିକ୍ଷାର ବ୍ୟବସାୟୀକରଣ ବିଷୟଟିକୁ ଏହି ନୀତି ଦ୍ୱାରା ଏକାଧିକ ପ୍ରାସଙ୍ଗିକ ମୋର୍ଚ୍ଚା ମାଧ୍ୟମରେ ମୁକାବିଲା କରାଯାଉଛି, 'ହାଲୁକା କିନ୍ତୁ କଠୋର' ନିୟାମକ ଆଭିମୁଖ୍ୟ, ଯାହା ଅର୍ଥ, ପ୍ରଣାଳୀ, ପାଠ୍ୟକ୍ରମ ଏବଂ କାର୍ଯ୍ୟକ୍ରମ ପ୍ରଦାନ ଏବଂ ଶୈକ୍ଷିକ ଫଳାଫଳର ସଂପୂର୍ଣ୍ଣ ସାର୍ବଜନୀନ ପ୍ରକାଶକୁ ବାଧ୍ୟତାମୂଳକ କରେ; ଜନ ଶିକ୍ଷା ପାଇଁ ପର୍ଯ୍ୟାପ୍ତ ବିନିବେଶ କରେ, ସରକାରୀ, ଘରୋଇ ଅନୁଷ୍ଠାନମାନଙ୍କର ସୁଶାସନ ପାଇଁ କୌଶଳ ନିରୂପଣ କରେ । ସେହିଭଳି, ଅଧିକ ଖର୍ଚ୍ଚ ପୁନରୁଦ୍ଧାର ପାଇଁ ସୁଯୋଗକୁ ପ୍ରଭାବିତ ନ କରି ଆବଶ୍ୟକତା ଉପରେ ଧ୍ୟାନ ଦିଆଯିବ ।

## 27. କାର୍ଯ୍ୟାନ୍ୱୟନ

27.1 ଯେ କୌଣସି ଏକ ନୀତିର ପ୍ରଭାବ ଓ ଫଳପ୍ରଦତା ଏହାର କାର୍ଯ୍ୟାନ୍ୱୟନ ଉପରେ ନିର୍ଭର କରେ । ଏହି କାର୍ଯ୍ୟାନ୍ୱୟନ ପାଇଁ ଏକାଧିକ ପଦକ୍ଷେପ ଏବଂ କାର୍ଯ୍ୟ ଆବଶ୍ୟକ ହେବ, ଯାହାକୁ ଏକାଧିକ ସଂସ୍ଥାଙ୍କ ଦ୍ୱାରା ଏକ ସମନ୍ୱିତ ଓ ବ୍ୟବସ୍ଥିତ ଢଙ୍ଗରେ ଗ୍ରହଣ କରିବାକୁ ପଡ଼ିବ । ତେଣୁ MHRD, CABE, କେନ୍ଦ୍ର ଓ ରାଜ୍ୟ ସରକାର ମାନେ ଶିକ୍ଷା ସମ୍ବନ୍ଧିତ ସମସ୍ତ ମନ୍ତ୍ରାଳୟ, ରାଜ୍ୟ ଶିକ୍ଷା ବିଭାଗ, ବୋର୍ଡ଼, NTA, ବିଦ୍ୟାଳୟ ଶିକ୍ଷା ଓ ଉଚ୍ଚଶିକ୍ଷାର ସମସ୍ତ ନିୟାମକ ସଂସ୍ଥା, ସମସ୍ତ SCERT, ବିଦ୍ୟାଳୟ ଏବଂ ଉଚ୍ଚ ଶିକ୍ଷା ଅନୁଷ୍ଠାନମାନେ (HEIs) ନିର୍ଦ୍ଦିଷ୍ଟ ସମୟସୀମା ଏବଂ ସମୀକ୍ଷା ପାଇଁ ଏକ ଯୋଜନା ସହିତ, ଶିକ୍ଷା ସହିତ ଜଡ଼ିତ ଏହି ସମସ୍ତ ସଂସ୍ଥାଗୁଡ଼ିକର ଯୋଜନା ଏବଂ ସମନ୍ୱୟ ମାଧ୍ୟମରେ ଏହି ନୀତି ଏହାର ଭାବନା ଓ ଉଦ୍ଦେଶ୍ୟରେ କାର୍ଯ୍ୟକାରୀ ହେଉଛି କି ନାହିଁ ତାହା ନିଶ୍ଚିତ କରିବେ ।

27.2 କାର୍ଯ୍ୟାନ୍ୱୟନ ନିମ୍ନଲିଖିତ ସିଦ୍ଧାନ୍ତ ଦ୍ୱାରା ପରିଚାଳିତ ହେବ । ପ୍ରଥମତଃ, ନୀତିର ଭାବନା ଓ ଉଦ୍ଦେଶ୍ୟର କାର୍ଯ୍ୟାନ୍ୱୟନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେବ । ଦ୍ୱିତୀୟତଃ, ପର୍ଯ୍ୟାୟକ୍ରମେ ନୀତିଗତ ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରିବା ଜରୁରୀ ଅଟେ, ଯେହେତୁ ପ୍ରତ୍ୟେକ ନୀତିର କାର୍ଯ୍ୟକାରିତାରେ ଅନେକ ପଦକ୍ଷେପ ସଂପୃକ୍ତ ଥାଏ, ଯାହାର ପ୍ରତ୍ୟେକଟି ପୂର୍ବ ପଦକ୍ଷେପର ସଫଳତାର ସହ କାର୍ଯ୍ୟକାରୀ କରିବାକୁ ଆବଶ୍ୟକ କରେ । ତୃତୀୟତଃ, ନୀତିର ମୁଖ୍ୟ ବିନ୍ଦୁଗୁଡ଼ିକର ବୈକଳ୍ପିକ କ୍ରମକୁ ସୁନିଶ୍ଚିତ କରିବାକୁ ପ୍ରାଥମିକତା ଦିଆଯିବ ଏବଂ ପ୍ରଥମେ ଗୁରୁତ୍ୱପୂର୍ଣ୍ଣ ଏବଂ ଜରୁରୀ ବିନ୍ଦୁ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଯାହା ଏକ ଦୃଢ଼ ଆଧାର ସୃଷ୍ଟି କରିବାରେ ସକ୍ଷମ ହେବ । ଚତୁର୍ଥତଃ, କାର୍ଯ୍ୟାନ୍ୱୟନରେ ବିସ୍ତୃତତା ଗୁରୁତ୍ୱପୂର୍ଣ୍ଣ ହେବ, ସେହେତୁ ଏହି ନୀତି ସାମଗ୍ରୀକ ଓ ପରସ୍ପର ସହିତ ସଂଯୁକ୍ତ । ଖଣ୍ଡବିଖଣ୍ଡିତ କାର୍ଯ୍ୟକାରିତା ନହୋଇ କେବଳ ଏକ ପୂର୍ଣ୍ଣ କାର୍ଯ୍ୟକାରିତା ହିଁ ଇପ୍‌ସିତ ଲକ୍ଷ୍ୟକୃତିକୁ ହାସଲ କରିବା ନିଶ୍ଚିତ କରିବ । ପଞ୍ଚମତଃ, ଯେହେତୁ ଶିକ୍ଷା ଏକ ଯୁଗ୍ମ ତାଲିକାଭୁକ୍ତ ବିଷୟ, ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଯତ୍ନଶୀଳ ଯୋଜନା, ମିଳିତ ତଦାରଖ ଏବଂ ସହଯୋଗୀ କାର୍ଯ୍ୟାନ୍ୱୟତା ଆବଶ୍ୟକ । ଷଷ୍ଠତଃ, ନୀତିର ସନ୍ତୋଷଜନକ କାର୍ଯ୍ୟାନ୍ୱୟନ ପାଇଁ କେନ୍ଦ୍ର ଓ ରାଜ୍ୟ ସ୍ତରରେ ଆବଶ୍ୟକ ସମ୍ବଳ (ମାନବ, ଭିତ୍ତିଭୂମି ଏବଂ ଆର୍ଥିକ) ଠିକଣା ସମୟରେ ଉପଲବ୍ଧ ହେବା ଜରୁରୀ । ଶେଷରେ, ସମସ୍ତ ପଦକ୍ଷେପଗୁଡ଼ିକୁ ପ୍ରଭାବଶାଳୀ ଢ଼ଙ୍ଗରେ ଲାଗୁ କରିବା ପାଇଁ ସମାନ୍ତରାଳ କାର୍ଯ୍ୟାନ୍ୱୟନ ପଦକ୍ଷେପ ମଧ୍ୟରେ ସଂପର୍କକୁ ଯତ୍ନର ସହ ବିଶ୍ଳେଷଣ ଓ ସମୀକ୍ଷା କରିବା ଆବଶ୍ୟକ । ଏହା ମଧ୍ୟରେ କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟରେ ପ୍ରାରମ୍ଭିକ ବିନିଯୋଗ (ଯେପରିକି ବାଲ୍ୟାବସ୍ଥା ଯତ୍ନ ଓ ଶିକ୍ଷା ଭିତ୍ତିଭୂମି ପ୍ରତିଷ୍ଠା) ସାମିଲ ହେବ ଯାହା ପରବର୍ତ୍ତୀ ସମସ୍ତ କାର୍ଯ୍ୟକ୍ରମ ପାଇଁ ଏକ ଦୃଢ଼ ଆଧାର ଦେବା ସହ କାର୍ଯ୍ୟଗୁଡ଼ିକର ସୁଗମ ପ୍ରଗତି ନିଶ୍ଚିତ କରିବା ପାଇଁ ଜରୁରୀ ଅଟେ ।

27.3 ଉଭୟ କେନ୍ଦ୍ର ଓ ରାଜ୍ୟ ସ୍ତରରେ ଅନ୍ୟ ସଂପୃକ୍ତ ମନ୍ତ୍ରାଳୟ ସହିତ ପରାମର୍ଶ କରାଯାଇ ବିଶେଷଜ୍ଞମାନଙ୍କର ବିଷୟଭିତ୍ତିକ କାର୍ଯ୍ୟକାରୀ କମିଟି ଗଠନ କରାଯିବ । ଏହି କମିଟି ଏହି ଶିକ୍ଷା ନୀତିର ଲକ୍ଷ୍ୟଗୁଡ଼ିକୁ ହାସଲ କରିବା ପାଇଁ ଉପରୋକ୍ତ ସିଦ୍ଧାନ୍ତ ଅନୁଯାୟୀ ବିସ୍ତୃତ କାର୍ଯ୍ୟାନ୍ୱୟନ ଯୋଜନା ପ୍ରସ୍ତୁତ କରିବ, ଯାହା ସ୍ୱଷ୍ଟ ଓ ପର୍ଯ୍ୟାୟଭିତ୍ତିକ ହେବ । ନୀତିର କାର୍ଯ୍ୟାନ୍ୱୟନର ଅଗ୍ରଗତିର ବାର୍ଷିକ ମିଳିତ ସମୀକ୍ଷା, ପ୍ରତ୍ୟେକ କାର୍ଯ୍ୟ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ଅନୁଯାୟୀ MHRD ଏବଂ ରାଜ୍ୟ ଦ୍ୱାରା ଗଠିତ ନର୍ଦ୍ଧାରିତ ଦଳ ଦ୍ୱାରା ପରିଚାଳିତ ହେବ ଏବଂ ସମୀକ୍ଷା ବିବରଣୀ କୁ CABE ସହ ଅଂଶୀଦାର କରାଯିବ । 2030-40 ଦଶନ୍ଧିରେ, ସମଗ୍ର ନୀତି ଏକ ପରିଚାଳନା ପଦ୍ଧତିରେ ରହିବ, ଯାହା ପରେ ଏହାର ବ୍ୟାପକ ସମୀକ୍ଷା କରାଯିବ ।

*******

# ସଂକ୍ଷିପ୍ତ ଶବ୍ଦଗୁଡ଼ିକର ତାଲିକା

| | |
|---|---|
| ABC | Academic Bank of Credit |
| AI | Artificial Intelligence |
| AC | Autonomous degree-granting College |
| AEC | Adult Education Centre |
| API | Application Programming Interface |
| AYUSH | Ayurveda, Yoga and Naturopathy, Unani, Siddha and Homeopathy |
| B.Ed. | Bachelor of Education |
| BEO | Block Education Officer |
| BITE | Block Institute of Teacher Education |
| BoA | Board of Assessment |
| BoG | Board of Governors |
| BRC | Block Resource Centre |
| B.Voc | Bachelor of Vocational Education |
| CABE | Central Advisory Board of Education |
| CBCS | Choice Based Credit System |
| CBSE | Central Board of Secondary Education |
| CIET | Central Institute of Educational Technology |
| CMP | Career Management and Progression |
| CoA | Council of Architecture |
| CPD | Continuous Professional Development |
| CRC | Cluster Resource Centre |
| CWSN | Children With Special Needs |
| DAE | Department of Atomic Energy |
| DBT | Department of Biotechnology |
| DEO | District Education Officer |
| DIET | District Institute of Education and Training |
| DIKSHA | Digital Infrastructure for Knowledge Sharing |
| DSE | Directorate of School Education |
| DST | Department of Science and Technology |
| ECCE | Early Childhood Care and Education |
| EEC | Eminent Expert Committee |
| GCED | Global Citizenship Education |
| GDP | Gross Domestic Product |
| GEC | General Education Council |
| GER | Gross Enrolment Ratio |
| GFR | General Financial Rule |
| HECI | Higher Education Commission of India |
| HEGC | Higher Education Grants Council |
| HEI | Higher Education Institutions |
| ICAR | Indian Council of Agricultural Research |
| ICHR | Indian Council of Historical Research |
| ICMR | Indian Council of Medical Research |
| ICT | Information and Communication Technology |
| IDP | Institutional Development Plan |
| IGNOU | Indira Gandhi National Open University |
| IIM | Indian Institute of Management |
| IIT | Indian Institute of Technology |
| IITI | Indian Institute of Translation and Interpretation |
| ISL | Indian Sign Language |

| | |
|---|---|
| ITI | Industrial Training Institute |
| M.Ed. | Master of Education |
| MBBS | Bachelor of Medicine and Bachelor of Surgery |
| MERU | Multidisciplinary Education and Research Universities |
| MHFW | Ministry of Health and Family Welfare |
| MHRD | Ministry of Human Resource Development |
| MoE | Ministry of Education |
| MOOC | Massive Open Online Course |
| MOU | Memorandum of Understanding |
| M. Phil | Master of Philosophy |
| MWCD | Ministry of Women and Child Development |
| NAC | National Accreditation Council |
| NAS | National Achievement Survey |
| NCC | National Cadet Corps |
| NCERT | National Council of Educational Research and Training |
| NCF | National Curriculum Framework |
| NCFSE | National Curriculum Framework for School Education |
| NCFTE | National Curriculum Framework for Teacher Education |
| NCIVE | National Committee for the Integration of Vocational Education |
| NCPFECCE | National Curricular and Pedagogical Framework for Early Childhood Care and Education |
| NCTE | National Council for Teacher Education |
| NCVET | National Council for Vocational Education and Training |
| NETF | National Educational Technology Forum |
| NGO | Non-Governmental Organization |
| NHEQF | National Higher Education Qualifications Framework |
| NHERC | National Higher Education Regulatory Council |
| NIOS | National Institute of Open Schooling |
| NIT | National Institute of Technology |
| NITI | National Institution for Transforming India |
| NPE | National Policy on Education |
| NPST | National Professional Standards for Teachers |
| NRF | National Research Foundation |
| NSQF | National Skills Qualifications Framework |
| NSSO | National Sample Survey Office |
| NTA | National Testing Agency |
| OBC | Other Backward Classes |
| ODL | Open and Distance Learning |
| PARAKH | Performance Assessment, Review and Analysis of Knowledge for Holistic development |
| PCI | Pharmacy Council of India |
| PFMS | Public Financial Management System |
| Ph.D. | Doctor of Philosophy |
| PSSB | Professional Standard Setting Body |
| PTR | Pupil Teacher Ratio |
| R&I | Research and Innovation |
| RCI | Rehabilitation Council of India |
| RPWD | Rights of Persons with Disabilities |
| SAS | State Achievement Survey |
| SC | Scheduled Caste(s) |
| SCDP | School Complex/Cluster Development Plans |

| | |
|---|---|
| SCERT | State Council of Educational Research and Training |
| SCF | State Curricular Framework |
| SCMC | School Complex Management Committee |
| SDG | Sustainable Development Goal |
| SDP | School Development Plan |
| SEDG | Socio-Economically Disadvantaged Group |
| SEZ | Special Education Zone |
| SIOS | State Institutes of Open Schooling |
| SMC | School Management Committee |
| SQAAF | School Quality Assessment and Accreditation Framework |
| SSA | Sarva Shiksha Abhiyan |
| SSS | Simple Standard Sanskrit |
| SSSA | State School Standards Authority |
| ST | Scheduled Tribe(s) |
| STEM | Science, Technology, Engineering, and Mathematics |
| STS | Sanskrit Through Sanskrit |
| SWAYAM | Study Webs of Active Learning for Young Aspiring Minds |
| TEI | Teacher Education Institution |
| TET | Teacher Eligibility Test |
| U-DISE | Unified District Information System for Education |
| UGC | University Grants Commission |
| UNESCO | United Nations Educational, Scientific and Cultural Organization |
| UT | Union Territory |
| VCI | Veterinary Council of India |

*****